# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ଅଗଷ୍ଟ ୨୩/୨୦୧୮ (୧୬ ପୃଷ୍ଠା+ ମନ୍‌ମିଜାଜ୍) Sambalpur, Thursday, August 23/ 2018 ★★

୧୪ଶ ଭାଗ ୨୪୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-







ଆତଙ୍କବାଦର ଶିକାର ହୋଇଥିବା ପୀଡ଼ିତଙ୍କୁ ସମସ୍ତେ ସହାୟତାର ହାତ ବଢ଼ାଇବା ଉଚିତ। ଏହାଦ୍ୱାରା ସେମାନଙ୍କ ନୈତିକ ମନୋବଳ ବୃଦ୍ଧି ପାଇବା ସହ ଘୃଣା ବସ୍ତାର ପାଇଁ ଆତଙ୍କବାଦୀଙ୍କ ଉଦ୍ୟମ ଭଣ୍ଡୁର ହେବ।

- ଆଣ୍ଟୋନିଓ ଗୁଟେରେସ୍, ଜାତିସଂଘ ମହାସଚିବ

## ସଂକ୍ଷେପରେ

### ଏଏପିରୁ ଆଶିଷ ଖେତାନ୍‌ଙ୍କ ଇସ୍ତଫା



**ନୂଆଦିଲ୍ଲୀ, ୨୨।୮(ପି.ଟି.):** ଆଶୁତୋଷଙ୍କ ପରେ ଏବେ ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ହାତ ଛାଡ଼ିଲେ ଆଶିଷ ଖେତାନ୍। ଦିଲ୍ଲୀର ଶାସକ ଦଳରୁ ସେ ଇସ୍ତଫା ଦେଇଥିବା ବୁଧବାର ଜଣାପଡ଼ିଛି। ଇସ୍ତଫା ଖବରକୁ ମଧ ଆଶିଷ ଖଣ୍ଡନ କରିନାହାନ୍ତି। ସକ୍ରିୟ ରାଜନୀତିରେ ନ ଥିଲେ ବୋଲି ସେ କହିଛନ୍ତି। ଏଏପି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଅଗଷ୍ଟ ୧୫ରେ ଦଳର ମୁଖ୍ୟ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ୍ କେଜ୍‌ରିଓ୍ୱାଲଙ୍କ ନିକଟକୁ ଆଶିଷ ଇସ୍ତଫାପତ୍ର ପଠାଇଥିଲେ। ଏଏପି ସହ ସମ୍ପର୍କ ତୁଟାଇଥିବା ସେହିଦିନ ଆଶୁତୋଷ ମଧ ଘୋଷଣା କରିଥିଲେ। ତେବେ ଉଭୟଙ୍କ ଇସ୍ତଫାକୁ କେଜ୍‌ରିଓ୍ୱାଲ ଗ୍ରହଣ କରିନାହାନ୍ତି। ଏମାନଙ୍କୁ ମନାଇବା ପାଇଁ ସେ ପ୍ରୟାସ ଚଳାଇଥିବା କୁହାଯାଉଛି।

### ଫେବୃୟାରୀରେ ଆଇସିଜେ ରାୟ



**ଇସ୍‌ଲାମାବାଦ, ୨୨।୮(ପି.ଟି.):** ଗୁପ୍ତଚରଗିରି ଅଭିଯୋଗରେ ପୂର୍ବତନ ଭାରତୀୟ ନୌସେନା ଅଧିକାରୀ କୁଲଭୂଷଣ ଯାଦବଙ୍କୁ ପାକିସ୍ତାନ ସାମରିକ କୋର୍ଟ ମୃତ୍ୟୁ ଦଣ୍ଡାଦେଶ ଶୁଣାଇବା ପରେ ଏହାକୁ ଇଣ୍ଟରନ୍ୟାଶନାଲ କୋର୍ଟ ଅଫ୍ ଜଷ୍ଟିସ୍ (ଆଇସିଜେ)ରେ ଚ୍ୟାଲେଞ୍ଜ କରାଯାଇଛି। ବିଶ୍ୱର ସର୍ବୋଚ୍ଚ ନ୍ୟାୟାଳୟରେ ବିଚାରାଧୀନ ଏହି ମାମଲାର ଶୁଣାଣି ଆସନ୍ତାବର୍ଷ ଫେବୃୟାରୀରେ ହେବ। ସପ୍ତାହେବ୍ୟାପୀ ବିଚାର ଚାଲିବା ପରେ କୁଲଭୂଷଣଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ ବୋଲି ଜିଓ ଟିଭି ରିପୋର୍ଟରୁ ଜଣାପଡ଼ିଛି। ଆଇସିଜେଙ୍କ ଚୂଡ଼ାନ୍ତ ରାୟ ଉପରେ ତାଙ୍କ ଜୀବନ ଓ ମରଣ ନିର୍ଭର କରୁଛି। ପ୍ରକାଶ ଯେ, ୨୦୧୬ ମାର୍ଚ୍ଚରେ କୁଲଭୂଷଣଙ୍କୁ ଗିରଫ କରିଥିଲା ପାକିସ୍ତାନ। ବେଲୁଚିସ୍ତାନ ପ୍ରଦେଶରୁ ତାଙ୍କୁ ଧରିଥିବା ପଡ଼ୋଶୀ ରାଷ୍ଟ୍ର ଦାବି କରିଥିଲା। ପାକିସ୍ତାନ ବିରୋଧରେ ସେ ଗୁପ୍ତଚରଗିରି କରୁଥିଲେ ବୋଲି ଅଭିଯୋଗ ଆଣିବା ସହ ଗତବର୍ଷ ଏପ୍ରିଲରେ ତାଙ୍କୁ ମୃତ୍ୟୁଦଣ୍ଡାଦେଶ ଦିଆଯାଇଥିଲା। ରାୟକୁ ଚ୍ୟାଲେଞ୍ଜ କରି ଭାରତ ଗତବର୍ଷ ମେ'ରେ ଆଇସିଜେର ଦ୍ୱାରସ୍ଥ ହୋଇଥିଲା। କିଛିଦିନର ଶୁଣାଣି ପରେ ଅନ୍ତିମ ରାୟ ଆସିବା ଯାଏ ଆଇସିଜେ କୁଲଭୂଷଣଙ୍କ ଦଣ୍ଡ ଉପରେ ରହିତାଦେଶ ଜାରି କରିଥିଲେ।

# ବିଶ୍ୱବିଦ୍ୟାଳୟ, କଲେଜ କ୍ୟାମ୍ପସ୍‌ରେ ବିକ୍ରି ହେବନି ଜଙ୍କ୍ ଫୁଡ୍

**ନୂଆଦିଲ୍ଲୀ, ୨୨।୮(ପି.ଟି.)**

ବିଶ୍ୱବିଦ୍ୟାଳୟ ଓ ଉଚ୍ଚ ଶିକ୍ଷାନୁଷ୍ଠାନ ଗୁଡ଼ିକର କ୍ୟାମ୍ପସ୍ ଭିତରେ ଏଣିକି ଜଙ୍କ୍ ଫୁଡ୍ ବିକ୍ରି ହେବ ନାହିଁ। ଏନେଇ କଟକଣା ଜାରି କରିଛନ୍ତି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)। ଜଙ୍କ୍ ଫୁଡ୍ ବିକ୍ରି ନିଷେଧ କରିବା ଲାଗି ବିଶ୍ୱବିଦ୍ୟାଳୟ ଏବଂ କଲେଜଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି।

ଜଙ୍କ୍ ଫୁଡ୍ ସ୍ୱାସ୍ଥ୍ୟ ପାଇଁ ହାନିକାରକ। ଏହା ଜାଣି ସୁଦ୍ଧା ପିଲା ଓ ଯୁବପିଢ଼ିମାନେ ଏସବୁକୁ ଖାଇ ବିଭିନ୍ନ ରୋଗରେ ପୀଡ଼ିତ ହେଉଛନ୍ତି। ତେଣୁ ଛାତ୍ରୀଛାତ୍ରଙ୍କୁ ସୁସ୍ଥ ରଖିବା ପାଇଁ ୟୁଜିସି ଉପରୋକ୍ତ ନିର୍ଦ୍ଦେଶନାମା ଜାରି କରିଛନ୍ତି। କଲେଜଗୁଡ଼ିକରେ ଜଙ୍କ୍ ଫୁଡ୍ ବିକ୍ରି ନ ହେଲେ ଛାତ୍ରୀଛାତ୍ରମାନେ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବେ ଏବଂ ଉତ୍ତମ ଜୀବନ ନିର୍ବାହ କରିବେ। ଫଳରେ ପିଲାମାନେ ଭଲ ପାଠପଢ଼ିବା ସହ ମୋଟାପଣରୁ ମୁକ୍ତି ପାଇବେ। ଖରାପ ଜୀବନଶୈଳୀ ଯୋଗୁ ସୃଷ୍ଟି ହେଉଥିବା ରୋଗ ମଧ ସେମାନଙ୍କୁ ଛୁଇଁପାରିବ ନାହିଁ ବୋଲି ୟୁଜିସି ପକ୍ଷରୁ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଅବଗତ କରାଯାଇଛି। ଯୁବପିଢ଼ିଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବା ପାଇଁ ମାନବ ସମ୍ବଳ ବିକାଶ (ଏଚ୍‌ଆର୍‌ଡି) ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଆସିବା ପରେ ୟୁଜିସି ଏହି କଟକଣା ଲଗାଇଛନ୍ତି।

ପୂର୍ବରୁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ପକ୍ଷରୁ ମଧ ସମାନ ପଦକ୍ଷେପ ଗ୍ରହଣ କରାଯାଇଥିଲା। ସମସ୍ତ ସହବନ୍ଧିତ ସ୍କୁଲର କ୍ୟାଣ୍ଟିନ୍ ମେନୁରୁ ଜଙ୍କ୍ ଫୁଡ୍ ବାଦ୍ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଖାଲି ସେତିକି ନୁହେଁ, କିଛି ଛାତ୍ରୀଛାତ୍ର ଟିଫିନ୍ ବକ୍ସରେ ଘରୁ ଜଙ୍କ୍ ଫୁଡ୍ ନେଇଯାଆନ୍ତି। ତେଣୁ ସ୍କୁଲ ପିଲାଙ୍କ ଟିଫିନ୍ ବକ୍ସ ଯାଞ୍ଚ କରିବାକୁ କର୍ତ୍ତୃପକ୍ଷଙ୍କୁ କୁହାଯାଇଥିଲା।

**ନିର୍ଦ୍ଦେଶ ଜାରି କଲା ୟୁଜିସି**



# ଇଦ୍‌ରେ ବି ଛାଡ଼ିଲେନି

**ଶ୍ରୀନଗର, ୨୨।୮(ପି.ଟି.)**

### କଶ୍ମୀରରେ ଆତଙ୍କବାଦୀଙ୍କ ବର୍ବରତା

- ନମାଜ ପଢ଼ି ଫେରୁଥିବା ପୋଲିସ କନଷ୍ଟେବଲଙ୍କୁ ହତ୍ୟା
- ମିଳିଲା ଆଉ ଜଣେ ପୋଲିସ କର୍ମୀଙ୍କ ଗୁଳିବିଦ୍ଧ ମୃତଦେହ
- ଭାଜପା ନେତା ଶବିର ଅହମ୍ମଦଙ୍କୁ ଅପହରଣ ପରେ ହତ୍ୟା



ପବିତ୍ର ଇଦ୍-ଅଲ୍-ଆଧା ପର୍ବକୁ ସାରା ବିଶ୍ୱର ମୁସଲମାନ ସମ୍ପ୍ରଦାୟ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରୁଛନ୍ତି। କିନ୍ତୁ ଜମ୍ମୁ-କଶ୍ମୀରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ସ୍ଥାନୀୟ ଆତଙ୍କବାଦୀମାନେ ପୁଲଓ୍ୱାମା ଓ କୁଲଗାମ୍ ଜିଲାରେ ବର୍ବରତାର ସୀମା ଲଂଘିଛନ୍ତି। ସେମାନେ ଜଣେ ଭାଜପା ନେତାଙ୍କୁ ଅତି ନିର୍ମମ ଭାବେ ହତ୍ୟାକରିବା ପରେ ୨ ପୋଲିସ କର୍ମଚାରୀଙ୍କ ମୁଣ୍ଡ ନେଇଛନ୍ତି। ଆତଙ୍କବାଦୀଙ୍କ ହିଂସା ଇଦ୍ ଉତ୍ସବକୁ ଫିକା କରିଦେଇଛି। ଉପତ୍ୟକାରେ ଅଶାନ୍ତି ଓ ଅସ୍ଥିରତା ସୃଷ୍ଟି ପାଇଁ ପାକିସ୍ତାନ ଷଡ଼ଯନ୍ତ୍ର ରଚୁଥିବାବେଳେ ଏଥିରେ ସ୍ଥାନୀୟ ଲୋକଙ୍କ ସମ୍ପୃକ୍ତି ସ୍ଥିତିକୁ ଅଧିକ ସଙ୍ଗିନ କରିଛି। ଜମ୍ମୁ-କଶ୍ମୀରସ୍ଥିତ କୁଲଗାମ୍ ଜିଲାର ଜଜ୍‌ରିପୋରା ଗ୍ରାମର ବାସିନ୍ଦା ଫୟାଜ୍ ଅହମ୍ମଦ ଶାହ (୩୪) ରାଜ୍ୟ ପୋଲିସରେ କନଷ୍ଟେବଲ ଭାବେ କାର୍ଯ୍ୟ କରୁଥିଲେ। ସେ ଇଦ୍ ପାଇଁ ତଲଓ୍ୱାରା ଟ୍ରେନିଙ୍ଗ୍ କ୍ୟାମ୍ପରୁ ପରିବାର ସହ ଛୁଟି କାଟିବାକୁ ଘରକୁ ଆସିଥିଲେ। ଫୟାଜ୍ ବୁଧବାର ମଣିଗାମ୍‌ରେ ଇଦ୍ ପାଇଁ ନଓ୍ୱାଜ୍ ପାଠ କରି ଘରକୁ ଫେରୁଥିବାବେଳେ ଅଗାମ୍‌ରେ ଆତଙ୍କବାଦୀମାନେ ତାଙ୍କୁ ଟାର୍ଗେଟ କରିଥିଲେ। ଆତଙ୍କବାଦୀଙ୍କ ଗୁଳିମାଡ଼ରେ ଟଳିପଡ଼ିଥିଲେ ଫୟାଜ୍। ସେହିପରି ଅନ୍ୟ ଆତଙ୍କବାଦୀମାନେ ଜଣେ ସ୍ପେଶାଲ ପୋଲିସ ଅଫିସର ମହମ୍ମଦ ୟାକୁବ୍ ଶାହଙ୍କୁ ପୁଲଓ୍ୱାମା ଜିଲାରେ ଗୁଳିକରିଛନ୍ତି। ତାଙ୍କୁ ହସ୍ପିଟାଲକୁ ଅଣାଯିବା ପରେ ଡାକ୍ତର ମୃତ ଘୋଷଣା କରିଛନ୍ତି। ପୋଲିସ ମହାନିର୍ଦ୍ଦେଶକ ଏସ୍.ପି. ବୈଦ୍ ଏହାକୁ ଆତଙ୍କବାଦୀଙ୍କ ଭୀରୁ କାର୍ଯ୍ୟ ବୋଲି ଅଭିହିତ କରିଛନ୍ତି। ଏହା ପୂର୍ବରୁ ମଙ୍ଗଳବାର ରାତିରେ କୁପଓ୍ୱାଡ଼ା ଜିଲାର ରଖ-ଇ-ଲିଟେର ଅଞ୍ଚଳରେ ଭାଜପା ନେତା ଶବିର ଅହମ୍ମଦ ଭଟ୍ଟଙ୍କୁ ଆତଙ୍କବାଦୀମାନେ ଅପହରଣ କରିନେଇ ହତ୍ୟା କରିଥିଲେ। ଶବିରଙ୍କ ମୃତଦେହ ବୁଧବାର ସକାଳେ ଉଦ୍ଧାର ହୋଇଛି। ଏହାକୁ ନେଇ ଭାଜପା ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ କହିଛନ୍ତି, ଆତଙ୍କବାଦୀମାନେ ଉପତ୍ୟକାର ଯୁବକମାନଙ୍କୁ ଉନ୍ନତ ଭବିଷ୍ୟତ ବାଛିବାକୁ ଅଟକାଇ ପାରିବେନାହିଁ। କଶ୍ମୀରରେ ହିଂସା ଅଧିକ ଦିନ ତିଷ୍ଠି ରହିବ ନାହିଁ। ଶବିରଙ୍କ ତ୍ୟାଗ ବେକାର ଯିବନାହିଁ। ଏହି ଦୁଃଖଦ ସମୟରେ ଭାଜପା ତାଙ୍କ ପରିବାର ସହିତ ଅଛି ବୋଲି ଶାହ ସାନ୍ତ୍ୱନା ଦେଇଛନ୍ତି।

# ପରଲୋକରେ ଗୁରୁଦାସ୍ କାମାଥ

**ନୂଆଦିଲ୍ଲୀ, ୨୨।୮(ପି.ଟି.)**



ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ମହାରାଷ୍ଟ୍ରର ବରିଷ୍ଠ କଂଗ୍ରେସ ନେତା ଗୁରୁଦାସ୍ କାମାଥଙ୍କ ବୁଧବାର ହୃଦ୍‌ଘାତରେ ପରଲୋକ ହୋଇଛି। ତାଙ୍କୁ ୬୩ ବର୍ଷ ହୋଇଥିଲା। ସକାଳ ପ୍ରାୟ ୭ଟାରେ ଶ୍ୱାସକ୍ରିୟାରେ ଅସୁବିଧା ହେବାରୁ କାମାଥଙ୍କୁ ନୂଆଦିଲ୍ଲୀସ୍ଥିତ ଏକ ହସ୍ପିଟାଲକୁ ନିଆଯାଉଥିଲା। ହେଲେ ବାଟରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା ବୋଲି ପାରିବାରିକ ସୂତ୍ରରୁ ପ୍ରକାଶ।

କାମାଥ ବସନ୍ତ ଏନ୍‌କ୍ଲେଭ୍ ବାସଭବନରେ ବୁଧବାର ସକାଳେ ଚା ପିଉଥିବାବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କ ଡ୍ରାଇଭର ଚାଣକ୍ୟପୁରୀସ୍ଥିତ ପ୍ରାଇମସ୍ ହସ୍ପିଟାଲକୁ ନେଇଥିଲେ। ହସ୍ପିଟାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କାମାଥଙ୍କ ପରଲୋକ ଖବର ପାଇ ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ ତାଙ୍କର ଶେଷଦର୍ଶନ କରିଥିଲେ। ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ, ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ, କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ଏନ୍‌ସିପି ଅଧ୍ୟକ୍ଷ ଶରଦ ପାଓ୍ୱାରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ଏକ ଜେଟ୍ ଏୟାର୍‌ୱେଜ୍ ବିମାନରେ କାମାଥଙ୍କ ମରଶରୀରକୁ ମୁମ୍ବାଇକୁ ନିଆଯିବା ପରେ ଗୁରୁବାର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ଜଣାପଡ଼ିଛି। କାମାଥ ମଙ୍ଗଳବାର ରାତି ୧୧ଟା ୪୪ରେ 'ଇଦ୍ ମୁବାରକ୍' ବୋଲି ଟୁଇଟ୍ କରିଥିଲେ। ଇଦ୍-ଅଲ୍-ଆଧା ଅବସରରେ ଏହା ଥିଲା ତାଙ୍କ ଜୀବନର ଶେଷ ଟୁଇଟ୍। ମୁମ୍ବାଇରୁ ଲୋକ ସଭାରେ ୫ଥର ପ୍ରତିନିଧିତ୍ୱ କରିଥିବା କାମାଥ ୨୦୦୯ରୁ ୨୦୧୧ ପର୍ଯ୍ୟନ୍ତ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଥିଲେ। ଏହାସହ ତାଙ୍କୁ ଯୋଗାଯୋଗ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟର ଅତିରିକ୍ତ ଦାୟିତ୍ୱ ମଧ ଦିଆଯାଇଥିଲା। ୨୦୧୧ରେ ସେ ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଇଥିଲେ।

# ଆଇଏସ୍ ପତାକା ଦେଖାଇ ଟେକାମାଡ଼

**ଶ୍ରୀନଗର, ୨୨।୮(ପି.ଟି.)**

ଇଦ୍-ଅଲ୍-ଆଧା ପାଳନ ବେଳେ ଶ୍ରୀନଗର ସମେତ ଉପତ୍ୟକାର ବିଭିନ୍ନ ସ୍ଥାନରେ ସ୍ଥାନୀୟ ଲୋକେ ସେନା ଉପରକୁ ଟେକାମାଡ଼ କରିଛନ୍ତି। ବିକ୍ଷୋଭକାରୀଙ୍କୁ ଘଉଡ଼ାଇବାକୁ ଯାଇ ସୁରକ୍ଷା ବଳ ଲୁହବୁହା ବାଷ୍ପ ପ୍ରୟୋଗ କରିଛି। ଅନନ୍ତନାଗ, ସୋପୋର ଓ କୁପ୍‌ଓ୍ୱାଡ଼ାରେ ମଧ ଅନୁରୂପ ସ୍ଥିତି ଦେଖିବାକୁ ମିଳିଛି। ଶ୍ରୀନଗରର ଏକ ମସ୍‌ଜିଦ୍‌ରେ ଶ୍ରଦ୍ଧାଳୁମାନେ ସକାଳ ନମାଜ ପାଠ ପାଇଁ ଅପେକ୍ଷା କରିଥିବାବେଳେ କେତେଜଣ ଯୁବକ ସୁରକ୍ଷା ବଳକୁ ଟାର୍ଗେଟ କରିଥିଲେ। ସେମାନେ 'ମୁସା ଆର୍ମି' (କଶ୍ମୀରରେ ଅଲ୍-କାଏଦା ମୁଖ୍ୟ ଜାକିର ମୁସାଙ୍କ ଗୋଷ୍ଠୀ) ବ୍ୟାନରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଟେକାମାଡ଼ରେ କେତେଜଣ ଯବାନ ଆହତ ହୋଇଛନ୍ତି।

# ନାବାଳିକାଙ୍କୁ ୧୧ ମାସ ବଳାତ୍କାର

**ବାଲିଆ, ୨୨।୮(ପି.ଟି.)**

ଉତ୍ତରପ୍ରଦେଶରେ ଆଉ ଏକ ଲଜ୍ଜା ସାମ୍ନାକୁ ଆସିଛି। ବାଲିଆ ଜିଲାର ସୁଖପୁରା ଥାନା ଅନ୍ତର୍ଗତ ଏକ ଗ୍ରାମରେ ଜଣେ ନାବାଳିକାଙ୍କୁ ୧୧ ମାସ ବଳାତ୍କାର କରାଯାଇଛି। ୧୫ ବର୍ଷୀୟା ପୀଡ଼ିତାଙ୍କୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ତାଙ୍କ ପ୍ରେମିକ ଦୀର୍ଘଦିନ ଯୌନ ଶୋଷଣ କରିଛନ୍ତି। ଏନେଇ ଅଭିଯୋଗ ହେବା ପରେ ଅଭିଯୁକ୍ତ ଅବିନିଶ୍ ସିଂ (୨୪)ଙ୍କୁ ଗିରଫ କରାଯାଇଛି।

## ଫୁର୍‌ସତ

# ଗୁରୁ କହନ୍ତି 'ସଲାମ୍', ଛାତ୍ର-'ଜୟ ଶ୍ରୀରାମ'



**କରାଚି:** ପାକିସ୍ତାନର କରାଚି ନଗରୀ ଅନ୍ତର୍ଗତ ଶାନ୍ତି ଏରିଆରେ ଏକ ହିନ୍ଦୁ ମନ୍ଦିର ଅଛି। ସେଠାରେ ଜଣେ ମୁସଲମାନ ଶିକ୍ଷୟିତ୍ରୀ ଅନୁମ ଆଘା ପାରମ୍ପରିକ ପୋଷାକ ହିଜାବ ପରିଧାନ କରି 'ସଲାମ୍' କହି ଅଭିବାଦନ କରିବା ବେଳେ ହିନ୍ଦୁ ଛାତ୍ରୀଛାତ୍ରମାନେ 'ଜୟ ଶ୍ରୀରାମ' କହି ସ୍ୱାଗତ କରିଥାଆନ୍ତି। ଅନୁମ ଏଠାରେ ଥିବା ବସ୍ତି ଅଞ୍ଚଳରେ ଏକ ସ୍କୁଲ ଖୋଲି ପିଲାଙ୍କୁ ଶିକ୍ଷାଦାନ କରନ୍ତି। କିନ୍ତୁ ଏହି ସଂଖ୍ୟାଲଘୁ ସମ୍ପ୍ରଦାୟର ପିଲାମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ମୌଳିକ ଅଧିକାର ସମ୍ପର୍କରେ ସଚେତନ କରାଇବାକୁ ଅନୁମ ପ୍ରତିଶ୍ରୁତିବଦ୍ଧ। ଏହି ବସ୍ତି ଅଞ୍ଚଳରେ ୮୦ରୁ ୯୦ ହିନ୍ଦୁ ପରିବାର ବାସ କରନ୍ତି। ବିଗତ ବର୍ଷେ ହେଲା ସେ ଏକ ମନ୍ଦିର ବେଢ଼ା ଭିତରେ ପିଲାଙ୍କୁ ଶିକ୍ଷା ଦିଅନ୍ତି। ୬୦ଦଶକରେ ସିନ୍ଧର ଘୋଟକି ଅଞ୍ଚଳରୁ କେତେକ ହିନ୍ଦୁ ପରିବାର ପଳାଇ ଆସି ଏଠାରେ ବସତି ସ୍ଥାପନ କରିଥିଲେ। ନିକଟରେ ବିଭାଗୀୟ କର୍ତ୍ତୃପକ୍ଷ ଉକ୍ତ ବସ୍ତିରୁ ଜଳ ଓ ବିଦ୍ୟୁତ୍ ସଂଯୋଗ ଛିନ୍ନ କରିଛନ୍ତି। କିଛିବର୍ଷ ତଳେ ଜଣେ ମୁସଲମାନ ଯୁବକ ସେହି ଅଞ୍ଚଳରେ ମସ୍‌ଜିଦ୍ ସ୍ଥାପନ ପାଇଁ ଜିଦ୍ ଧରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଅନୁମ ଅନୁସୂଚିତ ବର୍ଗର ଏହି ହିନ୍ଦୁ ପରିବାର ପିଲାଙ୍କୁ ପାଠ ପଢ଼ାଇବା ଏବଂ ସେହି ସମ୍ପ୍ରଦାୟ ସହିତ ସମ୍ପର୍କ ରଖୁଥିବାରୁ କେତେକ ମୁସଲମାନ ପସନ୍ଦ କରନ୍ତି ନାହିଁ। ମୁଁ ପିଲାଙ୍କୁ 'ସଲାମ' କହିବା ବେଳେ ସେମାନେ ମୋତେ 'ଜୟ ଶ୍ରୀରାମ' କହିଥାଆନ୍ତି ବୋଲି ଅନୁମ୍ ପ୍ରକାଶ କରିଛନ୍ତି। ମୁସଲମାନ ବହୁଳ ରାଷ୍ଟ୍ରରେ ଏକ ଭିନ୍ନ ସମ୍ପ୍ରଦାୟ ପ୍ରତି କିପରି ସମ୍ମାନ ପ୍ରଦର୍ଶନ କରଯାଏ ଏହି ସ୍କୁଲ୍ ତାହାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ବୋଲି ସେ ପ୍ରକାଶ କରିଛନ୍ତି।

# ଜିପିଏସ୍ ଉଦ୍ଭାବନ କଲେ ଛାତ୍ରୀ

**କୋଟା(ରାଜସ୍ଥାନ):** ଦ୍ୱାଦଶ ଶ୍ରେଣୀର ଛାତ୍ରୀ ଏକ ଅଭିନବ ଉପକରଣ ବିକଶିତ କରିଛନ୍ତି। ଏହାକୁ ମହିଳା ହାତଘଣ୍ଟାରେ ସଂଲଗ୍ନ କରିପାରିବେ। ଇଣ୍ଟରନେଟ୍ ବିନା ବିପଦ ସମୟରେ ପରିବାର ସଦସ୍ୟଙ୍କ ପାଖକୁ ଜରୁରୀ ଖବର ପଠାଇ ଦିଆଯାଇ ପାରିବ। ଭବ୍ୟା ଅଗ୍ରଓ୍ୱାଲ୍ ନାମ୍ନୀ ଏହି ଛାତ୍ରୀ ତାଙ୍କ ବିଜ୍ଞାନଭିତ୍ତିକ ପ୍ରକଳ୍ପର ବିସ୍ତୃତ ବିବରଣୀ ନମୋ ଆପ୍ (ପ୍ରଧାନମନ୍ତ୍ରୀଙ୍କ ସରକାରୀ ଆପ୍)ରେ ଅପଲୋଡ୍ କରିଛନ୍ତି। କାରଣ ଏହି ଯନ୍ତ୍ରକୁ କ୍ଷୁଦ୍ର ଆକୃତିର କରିବା ପାଇଁ ସେ ପାଣ୍ଠି ଆବଶ୍ୟକ କରନ୍ତି। ବର୍ତ୍ତମାନ ଏହି ଡିଭାଇସ୍‌ର ଓଜନ ୫୦୦ଗ୍ରାମ୍। ଗଣିତ ଓ ବିଜ୍ଞାନ ବିଷୟ ପ୍ରତି ଶ୍ରଦ୍ଧାଶୀଳ ଭବ୍ୟା(୧୭) କହନ୍ତି, ମହିଳାଙ୍କ ଉପରେ ବୃଦ୍ଧି ପାଉଥିବା ଅତ୍ୟାଚାର ମୋତେ ଏଭଳି ଯନ୍ତ୍ରାଂଶ ବିକାଶ କରିବାକୁ ପ୍ରେରଣା ଯୋଗାଇଥିଲା। ଏହି ଡିଭାଇସ୍ ଦ୍ୱାରା ସେମାନେ ତତ୍କାଳ ସହାୟତା ପାଇପାରିବେ।

**ମହିଳାଙ୍କ ପାଇଁ ସୁରକ୍ଷା କବଚ**



## ଇତିହାସର ଆଇନାରେ

### ଅଗଷ୍ଟ ୨୩ର ପ୍ରମୁଖ ଘଟଣା

୨୦୧୦ ଅଗଷ୍ଟ ୨୩ରେ ଏକ ବଡ଼ଧରଣର ପଣବନ୍ଦୀ ସଙ୍କଟର ସାମ୍ନା କରିଥିଲା ମାନିଲା। ଏହାକୁ ରିଜାଲ୍ ପାର୍କ ପଣବନ୍ଦୀ ସଙ୍କଟ ବୋଲି କୁହାଯାଏ। ମାନିଲା ପୋଲିସ ଜିଲାର ଜଣେ ଅସନ୍ତୁଷ୍ଟ ପୂର୍ବତନ ବରିଷ୍ଠ ପୋଲିସ ଇନ୍ସପେକ୍ଟର ରୋଲାଣ୍ଡୋ ମେଣ୍ଡୋଜା ରିଜାଲ ପାର୍କରୁ ଏକ ପର୍ଯ୍ୟଟକ ବସ୍‌କୁ ଅପହରଣ କରି ନେଇଥିଲେ। ବସ୍‌ରେ ପ୍ରାୟ ୨୧ ଜଣ ହଂକଂ ଏବଂ ୪ ଜଣ ଫିଲିପାଇନ୍ସର ନାଗରିକ ଥିଲେ। ନିଜ ଚାକିରି ଫେରିପାଇବା ଲାଗି ରୋଲାଣ୍ଡୋ ଏଭଳି କାଣ୍ଡ କରିଥିଲେ। ତାଙ୍କୁ ବେଆଇନ ତଥା ଏକତରଫା ଭାବେ ଚାକିରିରୁ ନିଲମ୍ବିତ କରାଯାଇଛି ବୋଲି ସେ ଦର୍ଶାଇଥିଲେ।

୧୯୯୧ ଅଗଷ୍ଟ ୨୩ରେ ଓ୍ୱାର୍ଲ୍ଡ ଓ୍ୱାଇଡ୍ ଓ୍ୱେବ୍ ବା ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ ସାର୍ବଜନୀନ ହୋଇଥିଲା। ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ ହେଉଛି ଏକ ସୂଚନାସ୍ଥଳୀ ଯେଉଁଠାରେ ୟୁନିଫର୍ମ ରିସୋର୍ସ ଲୋକେଟର୍ସ (ୟୁଆର୍‌ଏଲ୍) ଜରିଆରେ ନଥିପତ୍ର ଏବଂ ଅନ୍ୟାନ୍ୟ ସମ୍ବଳ ଚିହ୍ନଟ କରାଯାଇଥାଏ। ଏହା ହାଇପରଟେକ୍ସ ଲିଙ୍କ୍ ସହ ସଂଯୋଗ ହୋଇଥାଏ ଏବଂ ଇଣ୍ଟରନେଟ୍ ଜରିଆରେ ବ୍ୟବହାରକାରୀ ଏହାର ସୁବିଧା ପାଇପାରିଥାନ୍ତି। ୧୯୮୯ରେ ଇଂଲିଶ୍ ବୈଜ୍ଞାନିକ ଟିମ୍ ବର୍ନର୍ସ-ଲି ପ୍ରଥମେ ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁର ଉଦ୍ଭାବନ କରିଥିଲେ।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଅଞ୍ଚଳରେ ବର୍ଷା ହେବା ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ଥରେ କିମ୍ବା ଦୁଇଥର ବର୍ଷା ହୋଇପାରେ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୨ | ୨୫.୩ |
| ଚାନ୍ଦବାଲି | ୩୩.୪ | ୨୫.୬ |
| କଟକ | ୩୧.୮ | ୨୫.୪ |
| ପାରାଦ୍ୱୀପ | ୩୨.୯ | ୨୭.୩ |
| ଭୁବନେଶ୍ୱର | ୩୨.୭ | ୨୬.୦ |
| ଗୋପାଳପୁର | ୩୬.୨ | ୨୭.୮ |
| ପୁରୀ | ୩୪.୬ | ୨୫.୬ |
| ଅନୁଗୋଳ | ୩୦.୧ | ୨୩.୦ |
| ବାରିପଦା | ୩୨.୨ | ୨୬.୬ |
| ଝାରସୁଗୁଡ଼ା | ୨୮.୦ | ୨୪.୪ |
| କେନ୍ଦୁଝର | ୨୮.୧ | ୨୨.୯ |
| ସମ୍ବଲପୁର | ୨୮.୬ | ୨୨.୯ |
| ସୁନ୍ଦରଗଡ଼ | ୩୨.୦ | ୧୮.୦ |
| ହୀରାକୁଦ | ୨୯.୫ | ୨୧.୨ |
| ତାଳଚେର | ୩୩.୧ | ୨୫.୪ |
| ଭବାନୀପାଟଣା | ୩୧.୬ | ୨୪.୮ |
| ବଲାଙ୍ଗୀର | ୨୯.୫ | ୨୫.୦ |
| କୋରାପୁଟ | ୨୬.୦ | ୧୯.୮ |
| ଫୁଲବାଣୀ | ୨୮.୨ | ୨୧.୬ |
| ଟିଟିଲାଗଡ଼ | ୩୧.୦ | ୨୨.୦ |
| ମାଲକାନଗିରି | ୩୦.୦ | ୨୩.୮ |
| ସୋନପୁର | ୩୦.୦ | ୨୩.୨ |
| ଦାରିଙ୍ଗିବାଡ଼ି | ୨୫.୦ | ୧୮.୦ |
| ଢେଙ୍କାନାଳ | ୩୦.୬ | ୨୪.୮ |

ଡିଗ୍ରୀ ସେଲ୍‌ସିୟସ୍

# 'ଲଭ୍ ସୋନିଆ' ପାଇଁ ପ୍ରତିବନ୍ଧକ ଦୂର ହେବ



ମନୋଜ ବାଜପେୟୀ

**ମୁମ୍ବାଇ:** ମହିଳା ଚୋରାଚାଲାଣ ଉପରେ ଆଧାରିତ ଫିଲ୍ମ 'ଲଭ୍ ସୋନିଆ'ର କୌଣସି ଅଂଶ ନ କାଟି ଏହାର ରିଲିଜ୍ ପାଇଁ ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେଶନ୍ (ସିବିଏଫ୍‌ସି) ପଥ ପରିଷ୍କାର କରିବ ବୋଲି ଅଭିନେତା ମନୋଜ ବାଜପେୟୀ ଆଶାୟୀ ଅଛନ୍ତି। ତାଙ୍କ କହିବାନୁଯାୟୀ, ଲଭ୍ ସୋନିଆ ମହିଳା ଚୋରାଚାଲାଣ ପ୍ରସଙ୍ଗକୁ ନେଇ ଗଢ଼ିଉଠିଛି। ସେନ୍‌ସର ବୋର୍ଡ ସମ୍ଭବତଃ ଖୁବ୍‌ଶୀଘ୍ର ଏହାକୁ ପାସ୍ କରାଇବେ। ତେବେ ଏହାର କୌଣସି ଭାଗ ନ କାଟିବାକୁ ସେ ଅନୁରୋଧ କରିଛନ୍ତି। କାରଣ ମହିଳା ଚୋରା ଚାଲାଣ ଆମ ସମାଜର ଏକ ବଡ ସମସ୍ୟା ଏବଂ ଭୟଙ୍କର ଅପରାଧ। ଏପରି କି ବାଳିକାମାନେ ମଧ ଏହାଦ୍ୱାରା ଯୌନ ଶୋଷଣର ଶିକାର ହେଉଛନ୍ତି। ଇଣ୍ଟରନ୍ୟାଶନାଲ୍ ଫିଲ୍ମ ଫେଷ୍ଟିଭାଲ୍‌ରେ ଏହାକୁ ଅନେକ ଦର୍ଶକ ଦେଖି ପ୍ରଶଂସା କରିଥିବା ମନୋଜ କହିଛନ୍ତି। ସୋନିଆ ହେଉଛି ଭାରତର ଗ୍ରାମୀଣ ସଭ୍ୟତାରେ ବଢ଼ିଥିବା ଜଣେ ଯୁବତୀ। ସେ ନିଷ୍ଠୁର ଅନ୍ତର୍ଜାତୀୟ ଦେହ ବ୍ୟବସାୟ ନେଟଓ୍ୱାର୍କରେ ଫସିଯିବା ପରେ ଜୀବନରେ ପରିବର୍ତ୍ତନ ଦେଖାଦେଇଛି।



**ଦିଶାଙ୍କୁ ଜଣା ଚର୍ଚ୍ଚାରେ ରହିବାର କାଇଦା**

ବଲିଉଡ ଅଭିନେତ୍ରୀ ଦିଶା ପଟାନିଙ୍କୁ ଘାରିଛି ବିକିନି ନିଶା। ବିକିନି ପିନ୍ଧି ସେ ବିଭିନ୍ନ ପୋଜ୍‌ର ଫଟୋ ନିଜ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ୧୦

୧୨ **ଶୁଟିଂରେ ସର୍ନୋବତଙ୍କୁ ସ୍ୱର୍ଣ୍ଣ**

ପ୍ରଥମ ଭାରତୀୟ ମହିଳା ଶୁଟର ଭାବେ ରାହି ସାର୍ନୋବତ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ରଚିଛନ୍ତି।





Arindam Roy
Actor
PLEDGE 'PLASTIC-FREE' ODISHA
#PlasticFreeOdisha
ଧରିତ୍ରୀ TEAM
02 OCTOBER


■ଫସଲ କ୍ଷତି ସହ ଋଣ ଭାର ଅସହ୍ୟ ହେଲା

# କୀଟନାଶକ ପିଇ ୨ ଚାଷୀଙ୍କ ଆତ୍ମହତ୍ୟା

**ମାନେଶ୍ୱର/କଣ୍ଟାବାଞ୍ଜି, ୨୨।୮(ଡି.ଏନ୍.ଏ.)**

ବାରମ୍ବାର ଫସଲ ଉଜୁଡ଼ିଲା । ଚାଷ ପାଇଁ ଆଣିଥିବା ଋଣ ଭାର ଅସହ୍ୟ ହେଲା । ଋଣ ପରିଶୋଧ ପାଇଁ ଅନ୍ୟ କୌଣସି ଉପାୟ ବି ନ ଥିଲା । ଶେଷରେ କୀଟନାଶକ ପିଇ ଆତ୍ମହତ୍ୟାର ବାଟ ବାଛି ନେଲେ ୨ ଚାଷୀ । ମୃତ ଚାଷୀଦ୍ୱୟ ହେଲେ ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଅନ୍ତର୍ଗତ ଖୁଲିଆ ଗ୍ରାମର ଲଳିତ ବାରିକ(୬୦) ଓ ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ କମେଇମୁଣ୍ଡା ଗ୍ରାମର ଶରତ ମାଝି(୪୫) । ଏହି ଘଟଣା ସାରା ପଶ୍ଚିମ ଓଡ଼ିଶାରେ ଆଲୋଡ଼ନ ସୃଷ୍ଟି କରିଛି।

ପରିବାର ସଦସ୍ୟଙ୍କ କହିବା ଅନୁଯାୟୀ, ଲଳିତଙ୍କ ନିଜର ୧୦ ଏକର ଜମି ରହିଛି । ସେ ଆଉ ୧୫ ଏକର ଜମି ଭାଗରେ ନେଇ ଖରିଫ ଧାନ ଚାଷ

## କ୍ଷତିପୂରଣ ଦାବିରେ ରାସ୍ତାରୋକୋ

କରିଥିଲେ । ଆଶା ଥିଲା ଏଥର ଭଲ ଫସଲ ହେବ । ସେ ପର୍ଯ୍ୟାପ୍ତ ଲାଭ ପାଇବେ । ହେଲେ ରୋଗ ପୋକ ଯୋଗୁ ତାଙ୍କ ଫସଲ ନଷ୍ଟ ହୋଇଯାଇଥିଲା। ଏହା ପରେ ଲଳିତ ଗାଁ ଜମିଦାର ଓ ବ୍ୟାଙ୍କରୁ ଋଣ କରି ପୁଣି ଥରେ ରବି ଫସଲ କରିଥିଲେ । ହେଲେ ଲଗାଣ ବର୍ଷାରେ ତାଙ୍କର ଫସଲ ଉଜୁଡି ଯାଇଥିଲା । ଦୁଇଥର ଫସଲ କ୍ଷତି ଯୋଗୁ ସେ ଭାଙ୍ଗି ପଡିଥିଲେ । ଋଣ ଶୁଝିବା ଚିନ୍ତା ତାଙ୍କୁ ବ୍ୟତିବ୍ୟସ୍ତ କରିଥିଲା। ଶେଷରେ ସେ ମାନସିକ ଭାରସାମ୍ୟ ହରାଇ ମଙ୍ଗଳବାର ସନ୍ଧ୍ୟାରେ ଘରେ ଥିବା କୀଟନାଶକ ପିଇ ଦେଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ତୁରନ୍ତ ☞ପୃଷ୍ଠା-୨

# ନୂଆ ଯୋଜନା ପାଇଁ ପୁରୁଣା ଅଡୁଆ

**ଅନିଲ ଦାସ**
ଭୁବନେଶ୍ୱର,୨୨।୮(ବ୍ୟୁରୋ)

- ପକ୍କାଘର ପାଇବାରୁ ବାଦ ପଡ଼ିବେ ୫୦ ହଜାର ଆଇଏୱାଇ ହିତାଧିକାରୀ
- କିସ୍ତି ନ ଫେରାଇଲେ ହେବ ମାମଲା



କେନ୍ଦ୍ରରେ ସରକାର ବଦଳିଲା। କଂଗ୍ରେସ ପରିଚାଳିତ ଉପା ସରକାର ବିଦା ହୋଇ ଭାଜପା ନେତୃତ୍ୱାଧୀନ ଏନଡିଏ ସରକାର କ୍ଷମତାସୀନ ହୋଇଛନ୍ତି। ପୂର୍ବ ସରକାରଙ୍କ ବିଭିନ୍ନ ଯୋଜନାର ନାମ ମଧ୍ୟ ପରିବର୍ତ୍ତନ ହୋଇଛି। ଗ୍ରାମାଞ୍ଚଳ ଲୋକମାନଙ୍କୁ ପକ୍କାଘର ଯୋଗାଇ ଦେବାକୁ କାର୍ଯ୍ୟକାରୀ ହେଉଥିବା ଇନ୍ଦିରା ଆବାସ ଯୋଜନା(ଆଇଏୱାଇ) ବଦଳରେ ଏବେ କାର୍ଯ୍ୟକାରୀ ହେଉଛି ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ(ପିଏମଏୱାଇ-ଜି)। ତେବେ ଆଇଏୱାଇ ସମୟରେ ପକ୍କାଘର ପାଇଥିବା ୪୮ ହଜାର ୪୯୦ ହିତାଧିକାରୀ କେନ୍ଦ୍ର ସରକାରଙ୍କ ପିଏମଏୱାଇ-ଜିରୁ ବାଦ୍ ପଡ଼ିବେ। ୨୦୧୩-୧୪ରୁ ୨୦୧୫-୧୬ରେ ମଧ୍ୟ ଉକ୍ତ ହିତାଧିକାରୀମାନଙ୍କୁ ପକ୍କାଘର ନିର୍ମାଣ ପାଇଁ ୱାର୍କ ଅର୍ଡର(କାର୍ଯ୍ୟାଦେଶ) ଦିଆଯାଇଥିଲା। ସେମାନେ ଗୋଟିଏ କିମ୍ବା ଦୁଇଟି କିସ୍ତି ନେଇ ଘର ଅଧାକରି ଛାଡ଼ି ଦେଇଛନ୍ତି। ଦୀର୍ଘ ୫ ବର୍ଷ ପରେ ମଧ୍ୟ ରାଜ୍ୟର ବିଭିନ୍ନ ଜିଲାରେ ଥିବା ଏହି ହିତାଧିକାରୀମାନେ ଗୃହ ନିର୍ମାଣ ଶେଷ କରୁନାହାନ୍ତି। ଏହାକୁ ନେଇ ରାଜ୍ୟ ସରକାର ଚିନ୍ତାରେ ପଡିଛନ୍ତି। ୨୦୧୯ ସୁଦ୍ଧା ରାଜ୍ୟରେ କୌଣସି ଗରିବ ଲୋକର କଚାଘର ରହିବ ନାହିଁ ବୋଲି କେନ୍ଦ୍ର ସରକାର ଯେଉଁ ଟାର୍ଗେଟ ଦେଇଛନ୍ତି ସେହି ଲକ୍ଷ୍ୟ ପୂରଣ ନେଇ ମଧ୍ୟ ଆଶଙ୍କା ଦେଖାଦେଇଛି।

ପଞ୍ଚାୟତିରାଜ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ଆଇଏୱାଇ ରେ ସାମିଲ ହୋଇଥିବା ୪୮,୪୯୦ ହିତାଧିକାରୀ ଏବେ ତ୍ରିଶଙ୍କୁ ଅବସ୍ଥାରେ ରହିଛନ୍ତି। ୨୦୧୩-୧୪ରେ ରାଜ୍ୟର ବିଭିନ୍ନ ଜିଲାରେ ୮୩୨୨ ଜଣ ହିତାଧିକାରୀ କିସ୍ତି ନେଇ ଘର ନିର୍ମାଣ କରି ନ ଥିବା ବେଳେ ୨୦୧୪-୧୫ରେ ୧୫ ହଜାର ୧୬୩ ଏବଂ ୨୦୧୫-୧୬ରେ ୨୫ ହଜାର ୦୦୫ କିସ୍ତି ନେଇ ଘର ନିର୍ମାଣ ସମ୍ପୂର୍ଣ୍ଣ କରିନାହାନ୍ତି। ଦୀର୍ଘବର୍ଷ ହେବ ସେହି ଘରଗୁଡିକ ଅଧାପନ୍ତରିଆ ହୋଇ ପଡିରହିଛି। ଇତିମଧ୍ୟରେ ଯୋଜନା ନାମ ବଦଳିବା ସହ ଗୃହ ନିର୍ମାଣ ମୂଲ୍ୟ(ୟୁନିଟ୍ କଷ୍ଟ) ମଧ୍ୟ ଦ୍ୱିଗୁଣିତ ହୋଇଗଲାଣି। ୨୦୧୩-୧୪ରେ ଆଇଏୱାଇ ଯୋଜନାରେ ୟୁନିଟ ମୂଲ୍ୟ ଇଣ୍ଟିଗ୍ରେଟେଡ ଆକ୍ସନ ପ୍ଲାନ(ଆଇଏପି) ଅନ୍ତର୍ଭୁକ୍ତ ଏସ୍‌ସି/ଏସ୍‌ଟି ବହୁଳ ଓ ପଛୁଆ ଜିଲାଗୁଡିକ ପାଇଁ ୭୫ ହଜାର ଟଙ୍କା ଥିବା ବେଳେ ନନ୍ ଆଇଏପି ଜିଲା ପାଇଁ ୭୦ ହଜାର ଟଙ୍କା ଥିଲା। ପିଏମଏୱାଇ-ଜି କାର୍ଯ୍ୟକାରୀ ହେବା ପରେ ୟୁନିଟ ମୂଲ୍ୟ ଆଇଏପି ଅଞ୍ଚଳରେ ୧ ଲକ୍ଷ ୩୦ ହଜାର ଟଙ୍କା ଓ ଅଣ ଆଇଏଏପିରେ ୟୁନିଟ ପିଛା ୧ ଲକ୍ଷ ୨୦ ହଜାର ଟଙ୍କା ହୋଇଛି। ଏହାଛଡା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମଜିଏନଆରଇଜିଏସ)ରେ ଯଥାକ୍ରମେ ୯୫ ଓ ୯୦ ଦିନର ମଜୁରି ବାବଦରେ ୧୫ ହଜାରରୁ ୧୬ ହଜାର ଟଙ୍କା ଏବଂ ପାଇଖାନା ତିଆରି କରିବାକୁ ସ୍ୱଚ୍ଛ ଭାରତ ମିଶନରେ ପାଇଖାନା ନିର୍ମାଣ ପାଇଁ ଅତିରିକ୍ତ ୧୨ ହଜାର ଟଙ୍କା ପ୍ରଦାନ କରାଯାଉଛି। ଏ ସବୁକୁ ମିଶାଇଲେ ଘର ନିର୍ମାଣ ମୂଲ୍ୟ ଦେଢଲକ୍ଷକୁ ଟପି ଯାଉଛି। ଏହାଛଡା ପକ୍କାଘର ନିର୍ମାଣକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ପ୍ରୋତ୍ସାହନ ବ୍ୟବସ୍ଥା ମଧ୍ୟ କରିଛନ୍ତି। ଯେଉଁ ହିତାଧିକାରୀ ୪ ମାସରେ ଘର ଶେଷ କରିବେ ତାଙ୍କୁ ପ୍ରୋତ୍ସାହନ ରାଶି ବାବଦରେ ୨୦ ହଜାର ଓ ୬ ମାସରେ ଶେଷ କଲେ ୧୦ ହଜାର ଟଙ୍କା ଦେବାର ☞ପୃଷ୍ଠା-୨



ଆପଣଙ୍କ ଏହି କପି ସହିତ ପାଇବେ ମନ୍ ମିଜାଜ୍
ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


■ଦାମ୍ପତ୍ୟ କଳହ ମାମଲା

## ପ୍ରମାଣ ନ ଥିଲେ ସ୍ୱାମୀଙ୍କ ପରିବାର ଲୋକଙ୍କ ନାଁରେ ହେବନି ମାମଲା



**ନୂଆଦିଲ୍ଲୀ, ୨୨।୮(ପି.ଟି.)**

ପ୍ରଚଳିତ ଆଇନ ଅନୁଯାୟୀ ଦାମ୍ପତ୍ୟ କଳହ ଏବଂ ଯୌତୁକଜନିତ ହତ୍ୟା ମାମଲାରେ ସ୍ୱାମୀଙ୍କ ସହିତ ତାଙ୍କ ପରିବାର ଲୋକଙ୍କୁ ଆଇନର କାଠଗଡ଼ାକୁ ଟଣାଯାଉଛି। କିନ୍ତୁ ଆଉ ସେଭଳି ଘଟିବ ନାହିଁ। ନିର୍ଦ୍ଦିଷ୍ଟ ପ୍ରମାଣ ନ ଥିଲେ ସ୍ୱାମୀଙ୍କ ପରିବାର ଲୋକଙ୍କ ନାଁରେ ମାମଲା ରୁଜୁ ହୋଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ମହିଳାମାନେ ସ୍ୱାମୀଙ୍କ ଦୂର ସମ୍ପର୍କୀୟଙ୍କ ବିରୋଧରେ ମଧ୍ୟ ନିର୍ଯାତନା ଅଭିଯୋଗ ଆଣୁଛନ୍ତି। ଏଭଳି ମାମଲାର ବିଚାର କରିବା ବେଳେ କୋର୍ଟଗୁଡ଼ିକୁ ଅଧିକ ଯତ୍ନବାନ ହେବାକୁ ପଡ଼ିବ ବୋଲି ମଧ୍ୟ ସର୍ବୋଚ୍ଚ ଅଦାଲତ ସତର୍କ କରାଇଛନ୍ତି। ଜଷ୍ଟିସ୍ ଏସ୍.ଏ. ବୋବ୍‌ଦେ ଏବଂ ଏଲ୍. ନାଗେଶ୍ୱର ରାଓଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂକ୍ରାନ୍ତ ଏକ ମାମଲାର ଶୁଣାଣି କରି ଉପରୋକ୍ତ ରାୟ ଦେଇଛନ୍ତି।

## କୋଠାରେ ନିଆଁ: ୪ ଦଗ୍ଧ

**ମୁମ୍ବାଇ,୨୨।୮(ପି.ଟି.):** ମୁମ୍ବାଇର ଏକ ବହୁତଳ ବିଶିଷ୍ଟ ଆବାସିକ କୋଠାରେ ବୁଧବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୬ ଆହତ ହୋଇଛନ୍ତି। ମୁମ୍ବାଇର ପାରେଲରେ ୧୭ ମହଲା ବିଶିଷ୍ଟ କ୍ରିଷ୍ଟାଲ ଟାୱାର ବିଲ୍ଡିଂ ଅବସ୍ଥିତ। ସକାଳ ୮ଟା ୩୦ରେ ଏହାର ଦ୍ୱାଦଶ ମହଲାରେ ନିଆଁ ଲାଗିଯାଇଥିଲା। ଅଗ୍ନିଶମ ବାହିନୀ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ଫସିରହିଥିବା ଶତାଧିକ ଲୋକଙ୍କୁ ସେମାନେ ଉଦ୍ଧାର କରିଥିଲେ। ହେଲେ ସେତେବେଳ ଯାଏ ନିଆଁରେ ୪ ଜଣ ଜୀବନ୍ତ ଦଗ୍ଧ ହୋଇସାରିଥିଲେ। ଉଦ୍ଧାର କାର୍ଯ୍ୟ ବେଳେ ଜଣେ ଅଗ୍ନିଶମ କର୍ମଚାରୀ ଆହତ ହୋଇଛନ୍ତି। ସେହିପରି ଅନ୍ୟ ୯ ପୁରୁଷ ଓ ୬ ମହିଳା ମଧ୍ୟ କିଛି ମାତ୍ରାରେ ପୋଡ଼ିଯାଇଛନ୍ତି। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ଏହାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।



ମୁମ୍ବାଇର ପାରେଲସ୍ଥିତ କ୍ରିଷ୍ଟାଲ ଟାୱାର ବିଲ୍ଡିଂରେ ନିଆଁ।

■ପ୍ରେମିକା ପକ୍ଷ ନେଇ ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ ମହଙ୍ଗା ପଡ଼ିଲା

# ଟିମନ କୁମ୍ଭାର ପୁଣି ଗିରଫ

**ବଲାଙ୍ଗୀର ଅଫିସ,୨୨।୮**

ପ୍ରେମିକା ପକ୍ଷ ନେଇ ନିଜ ସ୍ତ୍ରୀଙ୍କୁ ନିର୍ଯାତନା ଓ ହତ୍ୟା ଉଦ୍ୟମ କରିବା ଜମି ମାଫିଆ ଟିମନ କୁମ୍ଭାରଙ୍କୁ ମହଙ୍ଗା ପଡ଼ିଛି। ସ୍ତ୍ରୀଙ୍କ ଅଭିଯୋଗକୁ ଭିତ୍ତିକରି ବଲାଙ୍ଗୀର ଟାଉନ୍ ଥାନା ପୋଲିସ ଟିମନଙ୍କୁ ପୁଣି ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଜମି ଜାଲିଆତି, ଦାଦାଗିରି, ମାରପିଟ ଘଟଣାରେ ପୂର୍ବରୁ ଗିରଫ ହୋଇ ଜେଲ ଯାଇଥିବା ଟିମନ ଏବେ ସ୍ତ୍ରୀଙ୍କ ଅଭିଯୋଗରେ ଛନ୍ଦିହୋଇ ବିଚାର ବିଭାଗୀୟ ହାଜତକୁ ଯିବା ଘଟଣା ଅଞ୍ଚଳରେ ପୁଣି ଚର୍ଚ୍ଚାର ବିଷୟ ହୋଇଛି। ପୋଲିସ ସୂଚନା ମୁତାବକ, ଗତ ଜୁଲାଇ ୧୬ରେ ଟିମନଙ୍କ ସ୍ତ୍ରୀ ପୁନମ ସ୍ୱାମୀଙ୍କ ବିରୋଧରେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଟିମନ ପୁନମଙ୍କୁ ହତ୍ୟା ଉଦ୍ୟମ ସହ ମରଣାନ୍ତକ ଆକ୍ରମଣ, ଶାରୀରିକ, ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଥିଲା। ପୁନମଙ୍କ ଅଭିଯୋଗ ପରେ ଟିମନ ଫେରାର ହୋଇଯାଇଥିଲେ। ପ୍ରାୟ ମାସେ କାଳ ଫେରାର ଥିବାବେଳେ ମଙ୍ଗଳବାର ବଲାଙ୍ଗୀର ଫେରିଥିବା ଖବର ପାଇ ପୋଲିସ ତାଙ୍କୁ ଗିରଫ କରିବାକୁ ଯୋଜନା ପ୍ରସ୍ତୁତ କରିଥିଲା। ଥାନା ଏସ୍‌ଆଇ ବିଜୟ କେତନ ବେହେରା ମଙ୍ଗଳବାର ରାତି ପ୍ରାୟ ୧୦ଟାରେ ପୋଲିସ ଟିମ୍ ସହ ଚଢ଼ାଉ କରି ଶାନ୍ତିପଡ଼ାରୁ ଟିମନଙ୍କୁ ଗିରଫ କରିଥିଲେ। କିଛିମାସ ପୂର୍ବରୁ ଏକ ଘରୋଇ ହସ୍ପିଟାଲରେ ଟିମନ ଚିକିତ୍ସିତ ହେଉଥିବାବେଳେ ପୁନମ ତାଙ୍କୁ ଦେଖିବାକୁ ଯାଇଥିଲେ। ସେଠାରେ ଟିମନଙ୍କ ସହ ଜଣେ ମହିଳା ଥିବା ପୁନମ ଦେଖିବାକୁ ପାଇଥିଲେ। ଏହାକୁ ନେଇ ପୁନମ ଏବଂ ସମ୍ପୃକ୍ତ ମହିଳାଙ୍କ ମଧ୍ୟରେ ପାଟିତୁଣ୍ଡ ଓ ମାରପିଟ ଭଳି ଘଟଣା ଘଟିଥିଲା। ଏଥିରେ ଟିମନ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

## ନିଷିଦ୍ଧ ଆଣ୍ଟିବାୟୋଟିକ୍ସ

**ଆଜିର ମନ୍ତବ୍ୟ**

" କୋଳାକୋଳି ପୁଞ୍ଜିବାଦକୁ ପ୍ରଶ୍ରୟ ଦେଇ କେନ୍ଦ୍ରରେ 'ସୁଟ୍-ବୁଟ୍-ଲୁଟ୍' ସରକାର ଚାଲିଛି ।

-ଜୟରାମ ରମେଶ, କଂଗ୍ରେସ ନେତା


BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 30,500/- 10gm.
Gold 22 CT - ₹ 29,500/- 10gm.
Silver Rate - ₹ 380/- / 10gm.
Making Charge - ₹100/- onwards / 1gm.
Condition Apply
Lowest gold Rate & Making Charges



NECC NATIONAL EGG CO-ORDINATION COMMITTEE
22.08.2018
Vencobb FRESH CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 62 | 109 | 119 |
| CTC | 62 | 109 | 119 |
| DKL | 62 | 109 | 119 |
| BDK | 62 | 109 | 119 |
| BLS | 62 | 109 | 119 |
| ANG | 62 | 109 | 119 |

*Conditions Apply
Eggs Retail Price- 43/-Dozen
Issued in the Interest of Consumers


■ବଂଶାନୁକ୍ରମିକ ରୋଗର ନିରାକରଣ ଲାଗି କେନ୍ଦ୍ରର ନୂଆ ନୀତି

# ବାଧ୍ୟତାମୂଳକ ହେବ ଗର୍ଭବତୀଙ୍କ ଜେନେଟିକ୍ ସ୍କ୍ରିନିଂ

**ନୂଆଦିଲ୍ଲୀ, ୨୨।୮(ପି.ଟି.)**

ଥାଲାସେମିଆ ଏବଂ ସିକଲ୍ ସେଲ୍ ଆନିମିଆ ଭଳି ବଂଶାନୁକ୍ରମିକ ରୋଗରେ ଅନେକେ ପୀଡ଼ିତ ହେଉଛନ୍ତି। ଏହି ପ୍ରାଣଘାତୀ ସ୍ୱାସ୍ଥ୍ୟ ସମସ୍ୟାରୁ ମୁକ୍ତି ଦେବା ଲାଗି କେନ୍ଦ୍ର ସରକାର ଏକ ଚିଠାନୀତି ନିର୍ଦ୍ଧାରଣ କରିଛନ୍ତି। ପ୍ରସ୍ତାବ ଅନୁଯାୟୀ ଏଣିକି ସମସ୍ତ ଗର୍ଭବତୀ ମହିଳାଙ୍କ ଜେନେଟିକ୍ ସ୍କ୍ରିନିଂ ପରୀକ୍ଷା ହେବ। ଏହାକୁ ବାଧ୍ୟତାମୂଳକ କରିବା ଲାଗି ଡ୍ରାଫ୍ଟ ପଲିସିରେ ସରକାର ଯୋଜନା କରିଛନ୍ତି। ଥାଲାସେମିଆ ରୋଗୀଙ୍କ ଚିକିତ୍ସା ପାଇଁ ଆଧୁନିକ ପଦ୍ଧତି ଅବଲମ୍ବନ ହେବ ବୋଲି ମଧ୍ୟ ଜଣାପଡ଼ିଛି।

ନୂଆ ନୀତି ଅନୁଯାୟୀ ରକ୍ତଜନିତ ବଂଶାନୁକ୍ରମିକ ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ ଗରିବ ରୋଗୀଙ୍କୁ ମାଗଣାରେ ମେଡିସିନ୍ ଓ ଅନ୍ୟାନ୍ୟ ଚିକିତ୍ସା ସୁବିଧା ଯୋଗାଇଦିଆଯିବ। 'ମେକ୍ ଇନ୍ ଇଣ୍ଡିଆ' ଆଧାରରେ ମଧ୍ୟ ଦେଶରେ ଥାଲାସେମିଆ ଏବଂ ସିକଲ୍ ସେଲ୍ ଆନିମିଆ ରୋଗର ଚିକିତ୍ସା ସାମଗ୍ରୀ ଓ ରସାୟନ ଉତ୍ପାଦନ ଲାଗି ପ୍ରୋତ୍ସାହନ ମିଳିବ। ସେହିପରି ଗରିବ ରୋଗୀଙ୍କ ପରିବାରକୁ ଆର୍ଥିକ ବୋଝରୁ ମୁକ୍ତି ଦେବା ଲାଗି ଚିକିତ୍ସା ସାମଗ୍ରୀ ଉପରେ ଦ୍ରବ୍ୟ ଓ ସେବା କର (ଜିଏସ୍‌ଟି) ଏବଂ ସୀମା ଶୁଳ୍କ ଛାଡ଼ କରାଯିବ। କେନ୍ଦ୍ରର ଏହି ପ୍ରସ୍ତାବିତ ନୀତିକୁ 'ପଲିସି ଫର୍ ପ୍ରିଭେନ୍‌ଶନ୍ ଆଣ୍ଡ କଣ୍ଟ୍ରୋଲ୍ ଅଫ୍ ହେମୋଗ୍ଲୋବିନୋପାଥିସ୍-ଥାଲାସେମିଆ, ସିକଲ୍ ସେଲ୍ ଡିଜିଜ୍ ଆଣ୍ଡ ଭେରିଆଣ୍ଟ ହେମୋଗ୍ଲୋବିନ୍ସ ଇନ୍ ଇଣ୍ଡିଆ' ଭାବେ ନାମିତ କରାଯାଇଛି। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ୱେବ୍‌ସାଇଟ୍‌ରେ ସୂଚନା ପ୍ରଦାନ କରାଯାଇଛି। ଅଗଷ୍ଟ ୩୦ ସୁଦ୍ଧା ବିଭିନ୍ନ ପକ୍ଷ କେନ୍ଦ୍ରର ପ୍ରସ୍ତାବ ଉପରେ ସୁଚିନ୍ତିତ ମତ ଓ ପରାମର୍ଶ ☞ପୃଷ୍ଠା-୨

# ହକି: ଭାରତର ସର୍ବବୃହତ୍ ବିଜୟ

**ଜାକର୍ତ୍ତା,୨୨।୮(ପି.ଟି.)**

ହକି ଇତିହାସରେ ଭାରତ ଏହାର ସର୍ବବୃହତ୍ ବିଜୟ ହାସଲ କରିଛି। ଏସିଆନ୍ ଗେମ୍ସରେ ପୁଲ ବି'ର ଦ୍ୱିତୀୟ ମ୍ୟାଚ୍‌ରେ ଭାରତୀୟ ଦଳ ବୁଧବାର ୨୬-୦ ଗୋଲରେ ହଂକଂ ଚାଇନାକୁ ପରାସ୍ତ କରିଛି। ଏଥିସହ ଭାରତର ୮୬ ବର୍ଷର ପୁରୁଣା ରେକର୍ଡ ଭାଙ୍ଗିଛି। ୧୯୩୨ ଲସ ଏଞ୍ଜେଲ୍ସ ଅଲିମ୍ପିକ୍ସରେ ଭାରତ ୨୪-୧ ଗୋଲ ବ୍ୟବଧାନରେ ଆମେରିକାକୁ ପରାସ୍ତ କରିଥିଲା। କିମ୍ବଦନ୍ତୀ ଖେଳାଳି ଧ୍ୟାନ ଚାନ୍ଦ, ରୂପ ସିଂ ଓ ଗୁରମିତ ସିଂ ପ୍ରମୁଖ ସେହି ଦଳର ସଦସ୍ୟ ଥିଲେ। ଏହା ଏପର୍ଯ୍ୟନ୍ତ ଭାରତୀୟ ଦଳର ସର୍ବବୃହତ୍ ବିଜୟ ରେକର୍ଡ ହୋଇ ରହିଥିଲା। ଅନ୍ତର୍ଜାତୀୟ ହକିରେ କିନ୍ତୁ ସର୍ବବୃହତ୍ ବିଜୟ ରେକର୍ଡ ଏବେ ମଧ୍ୟ ନ୍ୟୁଜିଲାଣ୍ଡ ନାମରେ ରହିଛି। ୧୯୯୪ରେ ନ୍ୟୁଜିଲାଣ୍ଡ ୩୬-୧ ଗୋଲରେ ସାମୋଆକୁ ପରାସ୍ତ କରିଥିଲା।

ହଂକଂ ବିପକ୍ଷ ମ୍ୟାଚଟି ଏକତରଫାଭାବେ ଶେଷ ହୋଇଥିଲା। ଏଥିରେ ୧୪ ଜଣ ଭାରତୀୟ ଖେଳାଳି ଗୋଲ ଦେଇଥିଲେ। ମ୍ୟାଚ୍ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ନିମ୍ନ ର୍ୟାଙ୍କଧାରୀ ହଂକଂ (୪୫ତମ ର୍ୟାଙ୍କ୍) ଦଳ ଉପରେ ଭାରତ(୫ମ ର୍ୟାଙ୍କ୍) ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଏମିତି କି ମ୍ୟାଚ୍‌ର ଅନ୍ତିମ ୭ ମିନିଟ୍ ଗୋଲକିପରଙ୍କ ବିନା ଖେଳିଥିଲା। ଏହା ସତ୍ତ୍ୱେ ହଂକଂ ଚାଇନା ଗୋଟିଏ ହେଲେ ଗୋଲ ପରିଶୋଧ କରିପାରି ନ ଥିଲା। ଭାରତ ପକ୍ଷରୁ ରୁପିନ୍ଦର ପାଲ ସିଂ ୩, ୫, ୩୦, ୪୫ ଓ ୫୯ତମ ମିନିଟ୍‌ରେ ସର୍ବାଧିକ ୫ଟି ଗୋଲ ଦେଇଥିଲେ। ତାଙ୍କ ବ୍ୟତୀତ ହରମନପ୍ରିତ ସିଂ (୨୯, ୫୨, ୫୩ ଓ ୫୪ତମ) ୪ଟି ଓ ଆକାଶଦୀପ ସିଂ (୨, ୩୨ ଓ ୩୫ତମ) ୩ ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନପ୍ରିତ ସିଂ (୩ ଓ ୧୭ତମ), ଲଳିତ ଉପାଧ୍ୟାୟ (୧୭ ଓ ୧୯ତମ) ☞ପୃଷ୍ଠା-୨



ବୁଧବାର ଭାରତ ଓ ହଂକଂ ଚାଇନା ମଧ୍ୟରେ ଅନୁଷ୍ଠିତ ମ୍ୟାଚ।



ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଉଥାଏ। ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।

- ମିଲଟନ



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ: ......................................

ଜନ୍ମ ତାରିଖ: ..............................



ଓମ୍
ପରିବାରବର୍ଗ



ସାଇ
ପରିବାରବର୍ଗ



କବିତା
ପରିବାରବର୍ଗ



ଅନୁଭବ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# Classified

real estate

## SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 9439444251. D-63587

Yellowzone ଘରବାରି boundary corner immediate construction at Jagannathvihar. Contact: 8480447967. D-63039

ଭୁବନେଶ୍ୱରର **IIT** ଅରଗୁଳଠାରେ ପିଚୁରୋଡକୁ ଲାଗିକରି ଘରବାରି ପ୍ଲଟ କିଣନ୍ତୁ ଓ ନିଜ ସ୍ୱପ୍ନର ଗୃହ ନିର୍ମାଣ କରନ୍ତୁ। **Akshya: 8327748629.** D-63583

2BHK flat sale at SBI Colony, Kesura & କେସୁରାରେ ଘରବାରି ପ୍ଲଟ ପିଚୁ ରୋଡ୍‌କୁ ଲାଗି ମିଳୁଛି। 8480447967. D-63040

Immediate ready for construction land at Rasulgarh near Hitech square (NH-5) @16,20,000/- 9437976031. D-63576

ମେହେରପଲ୍ଲୀ ମୌଜାରେ ରାସ୍ତା ନ ଥିବା plot କେସୁରା highway ପାଖରେ ସୁଲଭ ମୂଲ୍ୟରେ ମିଳୁଛି। 8480447967. D-63041

Gharabari Boundary Plot Infront Krapujal Engineering College, Bhubaneswar: 9090899281, 8908805482. D-63474

ଭୁବନେଶ୍ୱର ପିତାପଲ୍ଲୀ NH-5ରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି। 9583032439. D-63588

Bhubaneswar low cost plot Pitapalli NH side, investment Barakuda 110/-. 7437853535. D-63591

Chakeisianiରେ yellowzone ଘରବାଡ଼ି boundary corner plot ମିଳୁଛି। Contact: 8480447967. D-63042

## ACCOMMODATION

ଯାଜପୁର ରେଲୱେ ଷ୍ଟେଶନ ଅଥବା ଦାନଗଦି (ଯାଜପୁର ଷ୍ଟେଶନ ନିକଟସ୍ଥ)ରେ ଦୁଇ ବଖରା ବିଶିଷ୍ଟ ଫ୍ଲାଟ/ ଘର ଛୋଟ ପରିବାର ରହିବା ପାଇଁ ଭଡ଼ା ନେବି। ଘର ମାଲିକ ଯୋଗାଯୋଗ କରନ୍ତୁ। **6370728412.** D-7988

healthcare

Madam Monalisa massage club-50% discount full body massage by hiprofile smart lady therapist. 9708545108. D-7948

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LOST

ମୁଁ ବିଶ୍ୱନାଥ ଶବର ମୋର ସ୍କୁଲ ସାର୍ଟିଫିକେଟ ଉଇଖାଇ ସମ୍ପୂର୍ଣ୍ଣଭାବେ ନଷ୍ଟ ହୋଇଯାଇଛି। ଗୁଡାରୀ। ଧ-୭୯୯୧

ଆମ୍ଭେ ଜଗବନ୍ଧୁ ମହାରୀ, ରଘୁନାଥ ମହାରୀ ଜଣାଉଛୁ ଯେ ମୋର ସେଲଡିଡ୍ ନଂ- ୫୫୦୩, ମୌଜା- ସତ୍ୟଭାମାପୁର, ଥାନା- ବାଲିଅନ୍ତା, ଖାତା ନଂ- ୧୯୫, ପ୍ଲଟ ନଂ- ୧୪୨, ଏରିଆ- ୦.୧୪୦, ୧୬ ଜୁଲାଇରୁ କେଉଁଆଡେ ହଜିଯାଇଛି। ଯଦି କେହି ସହୃଦୟ ବ୍ୟକ୍ତି ପାଆନ୍ତି ତେବେ ଜଣାଇବାକୁ ଅନୁରୋଧ। 9776994301. D-7990

## AFFIDAVIT

I Subhasri Tripathy, W/o- Narayan Das Panda, BBSR henceforth be known as Lakshmipriya Panda for all purpose vide Notary affidavit-31AA228630. D-62122

### ୩ୟ ଜନ୍ମଦିନ ଶୁଭେଚ୍ଛା



(Tisu)

**Akshita Ananya**

ରଘୁନାଥପୁର, ନନ୍ଦନକାନନ

ଅନେକ ଅନେକ ଶୁଭେଚ୍ଛା ସହ ଈଶ୍ୱରଙ୍କୁ ପ୍ରାର୍ଥନା କରୁଛୁ, ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହିତ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ। ଶୁଭେଚ୍ଛା ସହ: ଜେଜେ ବାପା, ଜେଜେ ମା, ବାବା, ମାମା, ଅଜା, ଆଈ, ମିକୁନି ମାଉସୀ, ବନ୍ଧୁ ଓ ପରିବାରବର୍ଗ। ଧ-୭୯୯୫

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### ଜନ୍ମଦିନ ଶୁଭେଚ୍ଛା



**ସାଇ ସୁମନ ବେଉରା**

ଟଙ୍କପାଣି ରୋଡ୍, ଭୁବନେଶ୍ୱର

ଶୁଭ ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା। ଶୁଭେଚ୍ଛା ସହ: ଜେଜେବାପା, ଜେଜେମା, ବାବା, ମମି, ଅପା, ଗୁଡ଼ିଆ ଦିଦି, ପିଉସା, ପିଉସୀ, ଲାଡ୍‌ଲୀ ଦିଦି ଏବଂ ବବ୍‌ଲି, ବନ୍ଧୁ ଓ ପରିବାରବର୍ଗ। ଧ-୭୯୫୦

### Birthday Wish



**Shiney**

Shower of blessing for you Shiney on your 3rd birthday anniversary. May God bless you to shine in your life. Aja, Aai, Jejemaa, Papa, Munmum, Mamu, Maai and all well wishers.

D-7922

## ୨୫ରେ ଏମସ୍ ସାଟେଲାଇଟ୍ ସେଣ୍ଟର ବହିର୍ବିଭାଗର ଶିଳାନ୍ୟାସ

ବାଲେଶ୍ୱର ଅଫିସ,୨୨।୮

ବାଲେଶ୍ୱର ଜିଲା ଜାତୀୟ ରାଜପଥ ସମଲପୁର ଓ ବାମପଦା ମୌଜା ନିକଟରେ ୩୦୦ ଶଯ୍ୟା ବିଶିଷ୍ଟ ଏମସ୍ ସାଟେଲାଇଟ୍ ସେଣ୍ଟର ବହିର୍ବିଭାଗ ପ୍ରତିଷ୍ଠା ହେବାକୁ ଯାଉଛି। ରାଜ୍ୟ ସରକାର ଏଥିପାଇଁ ୨୫ ଏକର ଜମି ଯୋଗାଇ ଦେଇଛନ୍ତି। ଆସନ୍ତା ୨୫ ତାରିଖରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିବା କାର୍ଯ୍ୟକ୍ରମ ରହିଛି।

# ମନେ ପଡ଼ନ୍ତି

### ଦ୍ୱାଦଶାହ ଉପଲକ୍ଷେ



**ସ୍ୱର୍ଗତ ବିଜୟଶଙ୍କର ମିଶ୍ର**

ଭକ୍ତମଧୁନଗର, ଭୁବନେଶ୍ୱର

ଆବିର୍ଭାବ: ୦୪।୦୪।୧୯୫୧

ତିରୋଧାନ: ୧୨।୦୮।୨୦୧୮

ଦ୍ୱାଦଶାହରେ ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ସ୍ତ୍ରୀ- ରଞ୍ଜୁ, ପୁଅ- ଅଭିଷେକ, ଝିଅ- ଅମୃତା, ଭାଇ- ବିକ୍ରମ୍, ବିଶ୍ୱଜିତ୍, ଭଉଣୀ- ବିଦ୍ୟୁତ୍‌ପ୍ରଭା, ବିଷ୍ଣୁପ୍ରିୟା, ସଂଯୁକ୍ତା, ଜ୍ୱାଇଁ- ପ୍ରଜ୍ଞାମୟ, ବୋହୂ- ସସ୍ମିତା, ନାତୁଣୀ- ଲିହାନା, ଆହ୍ନବୀ, ବନ୍ଧୁ ଓ ପରିବାରବର୍ଗ।

ଧ-୫୮୬୯

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ରେଣୁକା ପଟ୍ଟନାୟକ**

ସ୍ୱାମୀ: ୰ଭୁବନ ମୋହନ ପଟ୍ଟନାୟକ

ଆବିର୍ଭାବ: ତା୧୯.୦୪.୧୯୨୭

ତିରୋଧାନ: ତା୧୩.୦୮.୨୦୧୮

ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଭଲପାଇବା, କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କ ପାଇଁ ଚିରସ୍ମରଣୀୟ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆମ୍ଭେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଶ୍ରଦ୍ଧାଞ୍ଜଳି ସହ:
ଅରୂପ ମୋହନ ପଟ୍ଟନାୟକ
ସନ୍ଦୀପ ପଟ୍ଟନାୟକ ଏବଂ
ଶୋକାକୁଳ ପରିବାରବର୍ଗ

ଧ-୭୯୯୭

### ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ନଟବର ମହାନ୍ତି**

ଆବିର୍ଭାବ: ୧୪।୦୨।୧୯୧୨

ତିରୋଧାନ: ୨୪।୦୮।୧୯୯୯

ଆପଣଙ୍କର ଆଦର୍ଶ, ଶ୍ରଦ୍ଧା, ସ୍ୱାଭିମାନ, କର୍ତ୍ତବ୍ୟନିଷ୍ଠା, ପରୋପକାରିତା ଆମ ଜୀବନର ପାଥେୟ ହେଉ। ଆପଣଙ୍କର ଅମରାତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା। ପରିବାରବର୍ଗ, ବନ୍ଧୁପରିଜନ ଓ ଛାତ୍ରଛାତ୍ରୀବୃନ୍ଦ। ଧ-୭୯୮୯

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଅନ୍ତର୍ଯ୍ୟାମୀ ମିଶ୍ର**

ତୀର୍ଥରେଣୁ, କେଦାର ଲେନ୍,
ପୁରୁଣା ଭୁବନେଶ୍ୱର

ଆପଣଙ୍କ ପୁଣ୍ୟ ଶ୍ରାଦ୍ଧବାର୍ଷିକୀ ଅବସରରେ ଆମମାନଙ୍କର ଆନ୍ତରିକ ଭକ୍ତି, ଶ୍ରଦ୍ଧା ଓ ନୈବେଦ୍ୟ ଆପଣଙ୍କର ଆଶୀର୍ବାଦ ଓ ଅମୃତ ଦୃଷ୍ଟି ସମସ୍ତଙ୍କ ଉପରେ କୃପା ଥାଉ। ବନ୍ଧୁ ଓ ପରିବାରବର୍ଗ।

ଧ-୭୯୬୮

## ଆକାଉଣ୍ଟାଣ୍ଟ ପରୀକ୍ଷା ସମସ୍ତ ୮ ହଜାର ଆବେଦନକାରୀ ଫେଲ୍

ପଣଜୀ୨୨।୮(ପି.ଟି.)

ଗୋଆ ସରକାରଙ୍କ ବିଭିନ୍ନ ବିଭାଗରେ ଖାଲିପଡ଼ିଥିବା ୮୦ ଆକାଉଣ୍ଟାଣ୍ଟ ପଦବୀ ପାଇଁ ହୋଇଥିବା ପରୀକ୍ଷାରେ ସମସ୍ତ ୮ ହଜାର ଆବେଦନକାରୀ ଅକୃତକାର୍ଯ୍ୟ ହୋଇଛନ୍ତି। ଆକାଉଣ୍ଟାଣ୍ଟ ପରୀକ୍ଷାରେ ୧୦୦ ମାର୍କର ପ୍ରଶ୍ନ ପଡ଼ିଥିଲା। ଉତ୍ତୀର୍ଣ୍ଣ ହେବା ପାଇଁ ସେଥିରୁ ୫୦ ନମ୍ବର ଆଣିବା ଜରୁରୀ ଥିଲା। ହେଲେ ସମସ୍ତ ପରୀକ୍ଷାର୍ଥୀ ସ୍ନାତକ ହୋଇଥିଲେ ମଧ୍ୟ କେହି ପାସ୍ କରିନାହାନ୍ତି ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଡାଇରେକ୍ଟୋରେଟ୍ ଅଫ୍ ଅକାଉଣ୍ଟସ ପକ୍ଷରୁ ୮୦ ଆକାଉଣ୍ଟାଣ୍ଟ ପଦବୀ ପାଇଁ ଗତବର୍ଷ ଅକ୍ଟୋବରରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଗତ ଜାନୁୟାରୀ ୭ରେ ୫ ଘଣ୍ଟା ଧରି ପରୀକ୍ଷା ହୋଇଥିଲା। ଏଥିରେ ଇଂଲିଶ୍, ସାଧାରଣ ଜ୍ଞାନ ଓ ଆକାଉଣ୍ଟ ସମ୍ପର୍କିତ ୧୦୦ ନମ୍ବରର ପ୍ରଶ୍ନ କରାଯାଇଥିଲା। ଯେଉଁ ପ୍ରାର୍ଥୀମାନେ ସଫଳ ହୋଇଥାନ୍ତେ ସେମାନଙ୍କୁ ଚୂଡ଼ାନ୍ତ ଚୟନ ପୂର୍ବରୁ ମୌଖିକ ସାକ୍ଷାତ୍‌କାର ଦେବାକୁ ପଡ଼ିଥାନ୍ତା।

# ଖଟିରେ ଖଟିରେ...

## ଖାଲି କଳି

**ପା**ପୁଲି ଦଳ ଏବେ ଭାରି ସକ୍ରିୟ। ଖଣି ନେତା ଯେତେବେଳେ ଦଳ ମୁଖିଆ, ସକ୍ରିୟ ହେବାଟା ସ୍ୱାଭାବିକ। ହେଲେ ଢୋଲ ଭିତରେ ମୂଷା ଭଳି କଥା ଶୁଣିବାକୁ ମିଳିଛି। ଖଟିରେ ଏବେ ପାପୁଲି ଦଳର ଭିତିରି କଥା ଆଲୋଚନା। ମୁଖିଆ କୁଆଡେ ନୂଆ କମିଟି ବୈଠକ ଶେଷରେ ଯୋଡହସ୍ତ ହୋଇଥିଲେ। କହିଥିଲେ, ତାଙ୍କର କୁଆଡେ ମୁଖିଆ ହେବାର ଇଚ୍ଛା ନ ଥିଲା। ହାଇକମାଣ୍ଡ ବି ଚାହୁଁ ନ ଥିଲେ। ଦଳୀୟ ଲୋକଙ୍କ ଚାପରେ ପଦ ମିଳିଛି। ତେଣୁ ତାଙ୍କୁ ସହଯୋଗ କରାଯାଉ। ଏହିକଥା କିନ୍ତୁ ତାଙ୍କ ପାଖ ଲୋକମାନଙ୍କୁ ଅଡୁଆ ଅଡୁଆ ଲାଗିଛି। ପାପୁଲି ଦଳର ଯେଉଁମାନେ ଖଣି ନେତାଙ୍କ ପାଇଁ ପୂର୍ବରୁ ଲବି କରୁଥିଲେ, ସେମାନଙ୍କୁ ଏତେଟା ମୁଖିଆ ଲୋଡୁନାହାନ୍ତି। ଆଲୋଚନାରେ ଭାଗନେଇ ଖଟିର ଚା ଦୋକାନୀ କହିଲା, ସେ କାଳ ପଖାଳ ଗଲାଣି। ପାପୁଲି ଉଠିବ, ଆଉ ତାଳି ବାଜିବ, ତାହା ସମ୍ଭବ ନୁହେଁ। ଶଙ୍ଖ, ଫୁଲ କୋଳାକୋଳି... ପାପୁଲି ଦଳରେ ଖାଲି କଳି।

## କୁନ୍ଥୁ କୁନ୍ଥୁ ହୋଇ ଦେଲେ

**ଇ**ଲୋ ବାପା, ତାଙ୍କଠାରୁ ତୁମେ କିଛି ଗୋଟେ କ'ଣ ମାଗିକି ଆଣିଦେଇ ପାରିବ, ଏଇଟା କଷ୍ଟକର। ତାଙ୍କୁ ଯଦି ତୁମେ ଟଙ୍କା ମାଗିଦେଲ ତେବେ ସରିଗଲା କଥା। ଏମିତି କଥା ଶୁଣେଇବେ ଯେମିତି ସ୍ୱୟଂ ଭଗବାନ ରାମଚନ୍ଦ୍ର କହୁଛନ୍ତି। ପୁରୀର ଗଡ ଅଞ୍ଚଳ ମାନ୍ୟବର ନିଜ ଘରେ ବସି ଲୋକମାନଙ୍କୁ ଏମିତି କଥା ଶୁଣାଉ ଥାଆନ୍ତି। ପୁଣି କହିଲେ, ଆଜ୍ଞା ଶୁଣନ୍ତୁ, ଦୁଇ ହଜାର ମସିହା ପୂର୍ବର କଥା, ରାଜ୍ୟର ଚକ୍ରାନ୍ତ ଭାଇ କେନ୍ଦ୍ରରେ ପଦବୀରେ ଥାଆନ୍ତି। ମୁଁ ଆଉ ଆଇନ ମାନ୍ୟବର ସେତେବେଳେ ଦିଲ୍ଲୀ ଯାଇ ଚକ୍ରାନ୍ତ ଭାଇଙ୍କୁ ଭେଟିଥିଲୁ। କିଛି ସମୟ କଥା ହେଲା ପରେ ଆମେ ଦୁହେଁ ଦୁଇଟି ବିମାନ ଟିକଟ ଲାଗି ତାଙ୍କୁ କହିଦେଲୁ। ସେଇଠୁ କ'ଣ କାହା ସହିତ କଥା ହେଲେ କେଜାଣି କହିଲେ, ଆରେ ଦୁଇଟା ଯାକ ତ ଭେଣ୍ଡା ଟୋକା ହେଇଛ ରେଳରେ ପଳଉନ। ସେଇଠୁ ପାଖରେ ବସିଥିବା ଜଣେ ବାବୁ ପଚାରିଲେ ତେବେ ଶେଷରେ ଆପଣ ରେଳରେ ଫେରିଲେ। ସେଇଠୁ ଗଡ ଏରିଆ ମାନ୍ୟବର ଜଣକ କହିଲେ, ବହୁ ଏପଟ ସେପଟ କଥା କହିଲା ପରେ କୁନ୍ଥୁ କୁନ୍ଥୁ ହୋଇ ଦେଲେ।

## କିଛି ତଥ୍ୟ

୧୯୯୩-୯୪ରେ ଭାରତରେ ଜେଣ୍ଡର ୱେଜ୍ ଗ୍ୟାପ୍( ପୁରୁଷ ମାନଙ୍କ ତୁଳନାରେ ନାରୀମାନଙ୍କୁ କମ୍ ମଜୁରି ପ୍ରଦାନ)ର ମାତ୍ରା ୪୮% ଥିବା ବେଳେ ୨୦୧୧-୧୨ରେ ଏହା ୩୪%କୁ ହ୍ରାସ ପାଇଛି।

-ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନ

# ପ୍ରଥମ ପୃଷ୍ଠାରୁ...

## ନୂଆ ଯୋଜନା ପାଇଁ ପୁରୁଣା...

ବ୍ୟବସ୍ଥା ରହିଛି। ୨୦୧୮-୧୯ରେ ସମୁଦାୟ ୭ ଲକ୍ଷ ଘର ନିର୍ମାଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେଥିରୁ ୨ ଲକ୍ଷ ୧୬ ହଜାର ଘର ନିର୍ମାଣ ଶେଷ ହୋଇଛି। ଅବଶିଷ୍ଟ ଗୃହ ୨୦୧୯ ମାର୍ଚ୍ଚ ୩୧ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିବା ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ତେବେ ପୁରୁଣା ହିତାଧିକାରୀ ଘର ନିର୍ମାଣ ଶେଷ କରୁନାହାନ୍ତି କିମ୍ବା ନୂଆ ଯୋଜନାରେ ସାମିଲ ହୋଇ ପାରୁ ନାହାନ୍ତି। ଏହାକୁ ନେଇ ସରକାର ଅଡୁଆରେ ପଡିଛନ୍ତି। ପୁରୁଣା ଯୋଜନା ଅନୁଯାୟୀ ଗୃହ ନିର୍ମାଣ ଶେଷ କଲେ ହିତାଧିକାରୀଙ୍କୁ ସେହି ପୁରୁଣା କିସ୍ତି ଅନୁଯାୟୀ ଅବଶିଷ୍ଟ ଅର୍ଥ ମିଳିବ। ବର୍ତ୍ତମାନ ଗୃହ ନିର୍ମାଣ ସାମଗ୍ରୀ ବୃଦ୍ଧି ହୋଇଥିବାରୁ ପୁରୁଣା ଯୋଜନା ଅନୁଯାୟୀ ଘର ଶେଷ କରିବା ସମ୍ଭବ ନୁହେଁ। ଏଥିଯୋଗୁ ହିତାଧିକାରୀ ଅଧା ପଡିଥିବା ଘର କାମକୁ ସମ୍ପୂର୍ଣ୍ଣ କରିବାକୁ ଆଗ୍ରହ ଦେଖାଉ ନାହାନ୍ତି। ଅନ୍ୟ ପକ୍ଷରେ ପିଏମଏୱାଇ-ଜିରେ ସାମିଲ ହୋଇପାରୁ ନ ଥିବାରୁ ନୂତନ ବ୍ୟବସ୍ଥା ଅନୁଯାୟୀ ଅର୍ଥ ପାଇପାରୁ ନାହାନ୍ତି। ସେହି ହିତାଧିକାରୀମାନଙ୍କୁ ଚିହ୍ନଟ କରି ପୁରୁଣା କିସ୍ତି ଫେରାଇ ନୂଆ ଯୋଜନାରେ ସାମିଲ କରିବାକୁ ପଞ୍ଚାୟତିରାଜ ବିଭାଗ ବାରମ୍ବାର ନୋଟିସ ଦେଉଥିଲେ ମଧ କୌଣସି ଉତ୍ତର ମିଳୁନାହିଁ। ବାଧହୋଇ ସେହି ହିତାଧିକାରୀଙ୍କ ବିରୋଧରେ ସାର୍ଟିଫିକେଟ ମାମଲା ରୁଜୁ କରିବାକୁ ବିଡିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ପଞ୍ଚାୟତିରାଜ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

## କୀଟନାଶକ ପିଇ...



ଶରତଙ୍କ ମୃତଦେହ ରଖି ରାସ୍ତାରୋକୋ କରାଯାଇଛି।

ବୁର୍ଲା ମେଡିକାଲରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସକାଳେ ତାଙ୍କ ମୃତ୍ୟୁ ଘଟିଥିଲା । ଲଳିତଙ୍କ ପୁଅ ସରୋଜ ବାରିକ କହିଛନ୍ତି, ତାଙ୍କ ବାପା ପ୍ରାୟ ୧୭ ଲକ୍ଷ ଟଙ୍କା ଋଣ କରିଥିଲେ । ଫସଲ ବୀମା କରିଥିଲେ ମଧ୍ୟ ତାଙ୍କୁ ସେ ବାବଦରେ କୌଣସି କ୍ଷତିପୂରଣ ମିଳି ନ ଥିଲେ । ଶେଷରେ ସେ ଏପରି ପନ୍ଥା ବାଛି ନେଇଥିଲେ । ସେହିପରି ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ କମେଇମୁଣ୍ଡା ଗ୍ରାମର ଚାଷୀ ଶରତ ମାଝି ଓରଫ ଚିତ୍ରୁ ମଙ୍ଗଳବାର ସନ୍ଧ୍ୟାରେ ନିଜ ଚାଷ ଜମିକୁ ଯାଇଥିଲେ। ବର୍ଷା ଅଭାବରୁ ତାଙ୍କ ଫସଲ ସମ୍ପୂର୍ଣ୍ଣ ଉଜୁଡି ଯାଇଥିବା ଦେଖି ସେ ମାନସିକ ଭାରସାମ୍ୟ ହରାଇ ବସିଥିଲେ । ନିଜ ଚାଷ ଜମିରେ ହିଁ ସେ କୀଟନାଶକ ପିଇଦେଇଥିଲେ। ଖବର ପାଇ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କଣ୍ଟାବାଞ୍ଜି ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମିଳିଥିବା ସୂଚନା ଅନୁଯାୟୀ, ଶରତଙ୍କ ୧ ଏକର ଚାଷ ଜମି ଅଛି। ସେ ବିଭିନ୍ନ ସୂତ୍ରରୁ ଋଣ କରି ଚାଷ କରିଥିଲେ । ସେ ବି ଚଳିତ ବର୍ଷ ଭଲ ଫସଲ ହେବ ବୋଲି ଆଶା କରିଥିଲେ । ହେଲେ ଆବଶ୍ୟକ ଅନୁଯାୟୀ ବର୍ଷା ନ ହେବାରୁ ତାଙ୍କ ଫସଲ ସମ୍ପୂର୍ଣ୍ଣ ଉଜୁଡି ଯାଇଥିଲା। ଫସଲ କ୍ଷତି ସହିତ ଋଣ ଚିନ୍ତା ତାଙ୍କୁ ଆତ୍ମହତ୍ୟା କରିବାକୁ ବାଧ୍ୟ କରିଥିବା ଗ୍ରାମବାସୀ କହିଛନ୍ତି । ବୁଧବାର ସକାଳେ ଶରତଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା । ପରିବାର ଲୋକେ କ୍ଷତିପୂରଣ ଦାବିରେ ମୃତଦେହକୁ ସ୍ଥାନୀୟ ଚୈତନ୍ୟ ପ୍ରଧାନ ଛକର ତିନିକୋଣିଆ ରାସ୍ତାରେ ରଖି ଦିନ ସାଢେ ୧୧ରୁ ରାସ୍ତା ଅବରୋଧ କରିଥିଲେ। ଫଳରେ ଷ୍ଟେଶନ ରୋଡ,ତୁରେକେଲା ରାସ୍ତା ଏବଂ ସହରକୁ ସଂଯୋଗ କରିଥିବା ଏନଏସି ରାସ୍ତାରେ ଶହ ଶହ ଗାଡି ଅଟକି ରହିଥିଲା । ଖବରପାଇ ଏସ୍‌ଡିପିଓ ପ୍ରଫୁଲ୍ଲ କୁମାର ମିଶ୍ର ଓ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ତଥା ତହସିଲଦାର ସୁବାସ ଚନ୍ଦ୍ର ସେଠିଆ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ । ଅପରାହ୍ନ ପ୍ରାୟ ୨ଟା ବେଳେ ବିଡିଓ ରାମଦତ୍ତ ଭୋଇ ପହଞ୍ଚି ଆବଶ୍ୟକ ତଦନ୍ତ ପରେ ଶରତଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ଏହି ଆନ୍ଦୋଳନରେ ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶିବାଜୀ ମହାନ୍ତି, କାର୍ଯ୍ୟକାରିଣୀ ସଭ୍ୟ ରାଷ୍ଟ୍ରପତି ବେହେରା,ପରମାନନ୍ଦ ହାତୀ,ଭାଜପା ଜିଲା ଉପସଭାପତି ଲକ୍ଷ୍ମଣ ବାଗ,ଅଶୋକ ଦାସ, କାଉନସିଲର କାଳିଆ ସୁନା,ମହିଳା ମୋର୍ଚ୍ଚା ନେତ୍ରୀ ରୀନା ବାରିକଙ୍କ ସହ ଭାଜପାର ଶତାଧିକ କର୍ମୀ ସାମିଲ ହୋଇଛନ୍ତି । ସୂଚନାଯୋଗ୍ୟ, ଗତ ୫ ତାରିଖ ଦିନ କଳାହାଣ୍ଡି ଜିଲା ମାଡ଼ିଗୁଡ଼ା ଗ୍ରାମର ଜଣେ କପା ଚାଷୀ ଫସଲ କ୍ଷତି ଯୋଗୁ ବିଷ ପିଇ ଆତ୍ମହତ୍ୟା କରିଥିଲେ ।

## ବାଧ୍ୟତାମୂଳକ ହେବ ଗର୍ଭବତୀଙ୍କ...

ଦେଇପାରିବେ। ଚିକିତ୍ସା ସୁବିଧା ଯୋଗାଇବା ସହିତ ଥାଲାସେମିଆ ଏବଂ ସିକଲ୍ ସେଲ୍ ଆନିମିଆ ଭଳି ବଂଶଗତ ରୋଗର ନିରାକରଣ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଏଭଳି ସ୍ୱାସ୍ଥ୍ୟ ସମସ୍ୟା ରହିଛି କି ନା, ତାହା ଶିଶୁ ମାତୃଗର୍ଭରେ ଥିବାବେଳେ ଜଣାପଡ଼ିଯିବ। ତେଣୁ ଗର୍ଭବତୀ ମହିଳା ଏବଂ ଆବଶ୍ୟକ ସ୍ଥଳେ ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ଜେନେଟିକ୍ ସ୍କ୍ରିନିଂ ପରୀକ୍ଷା ବାଧ୍ୟତାମୂଳକ କରାଯିବ। ଗର୍ଭସ୍ଥ ଶିଶୁ ରକ୍ତଜନିତ ସମସ୍ୟାରେ ପୀଡ଼ିତ ନ ଥିଲେ ଚିନ୍ତାର ବିଷୟ ନୁହେଁ। ଏହାଦ୍ୱାରା ଆଉ ଅଧିକ ସଂଖ୍ୟକ ପିଲାଙ୍କୁ ଜନ୍ମଲାଭ ପରେ ବର୍ଷ ବର୍ଷ ଧରି ମୃତ୍ୟୁ ସହ ସଂଗ୍ରାମ କରିବାକୁ ପଡ଼ିବ ନାହିଁ। ପରୀକ୍ଷା ପରେ ଦମ୍ପତିଙ୍କୁ ଏକ କାର୍ଡ ଦିଆଯିବ। ଏକ ରିପୋର୍ଟ ମୁତାବକ, ଦେଶରେ ୩.୬ରୁ ୩.୯ କୋଟି ଲୋକ ବି-ଥାଲାସେମିଆରେ ପୀଡ଼ିତ। ପ୍ରତିବର୍ଷ ବି-ଥାଲ୍‌ସାମିଆରେ ପୀଡ଼ିତ ୧୦,୦୦୦ରୁ ୧୫,୦୦୦ ଶିଶୁ ଜନ୍ମଗ୍ରହଣ କରୁଛନ୍ତି। ସେହିପରି ୨୫,୦୦,୦୦୦ ଲୋକ ସିକଲ୍ ସେଲ୍ ରୋଗରେ ପୀଡ଼ିତ ଅଛନ୍ତି।

## ହକି: ଭାରତର ସର୍ବବୃହତ୍...

ଓ ବରୁଣ କୁମାର (୨୩ ଓ ୩୦ତମ) ଦୁଇଟି ଲେଖାଏ ଗୋଲ ଦେଇଥିଲେ। ସେହିଭଳି ଏସ୍. ଭି. ସୁନୀଲ (୭ମ), ବିବେକ ସାଗର ପ୍ରସାଦ (୧୪ତମ), ମନଦୀପ ସିଂ (୨୧ତମ), ଓଡ଼ିଶାର ଅମିତ ରୋହିଦାସ (୨୭ତମ), ଦିଲପ୍ରିତ ସିଂ (୪୮ତମ), ଚିଙ୍ଗଲେନ୍‌ସାନା ସିଂ (୫୧ତମ), ସିମରନ ସିଂ (୫୩ତମ) ଓ ସୁରେନ୍ଦର କୁମାର (୫୫ତମ) ଗୋଟିଏ ଲେଖାଏ ଗୋଲ କରିଥିଲେ। ଚଳିତ ପ୍ରତିଯୋଗିତାରେ ଏହା ଭାରତୀୟ ଦଳର କ୍ରମାଗତ ୨ୟ ବୃହତ୍ ବିଜୟ। ପ୍ରଥମ ମ୍ୟାଚ୍‌ରେ ଇଣ୍ଡୋନେସିଆକୁ ୧୭-୦ ଗୋଲରେ ଭାରତ ହରାଇଥିଲା। ଭାରତ ଶୁକ୍ରବାର ଆଗାମୀ ମ୍ୟାଚ୍‌ରେ ଜାପାନକୁ ଭେଟିବ।

## ଟିମନ କୁମ୍ଭାର...



ଟାଉନ୍ ପୋଲିସ ଟିମନ୍‌ଙ୍କୁ କୋର୍ଟ ଚାଲାଣ କରୁଛି।

ଉତ୍କ୍ଷିପ୍ତ ହୋଇ ପୁନମ୍‌ଙ୍କୁ ଗାଲିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ପୁନମ ଟାଉନ ଥାନାରେ ପହଞ୍ଚି ଟିମନ ଏବଂ ସମ୍ପୃକ୍ତ ମହିଳାଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଏହି ଘଟଣାକୁ ନେଇ ଟିମନ ପୁନମଙ୍କୁ ନିର୍ଯାତନା ଦେବା ସହ ପ୍ରେମିକା ନାଁରେ କାହିଁକି ଥାନାରେ ଅଭିଯୋଗ କଲେ ବୋଲି କହି ଗାଲିଗୁଲଜ କରିଆସୁଥିଲେ। ଗତ ଜୁଲାଇ ମାସରେ ଏହି ଘଟଣାକୁ ନେଇ ଟିମନ ପୁନମଙ୍କୁ ହତ୍ୟା ଉଦ୍ୟମ କରିବା ସହ ନିର୍ଯାତନା ଦେଉଥିବା ଅଭିଯୋଗ କରିଥିଲେ। ସେହିଦିନରୁ ଟିମନ ଫେରାର ହୋଇଯାଇଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଆଜିର ଯାତ୍ରା, ବନ୍ଧୁ ସମ୍ପର୍କ, ବ୍ୟବସାୟ, ବାଣିଜ୍ୟ କ୍ଷେତ୍ର ବହୁତ ଭଲ ରହିବ। ଆପଣ ବନ୍ଧୁଙ୍କ ଅନୁରୋଧକୁ ଉପେକ୍ଷା ନ କରି ପଡୋଶୀ ଲୋକଟିକୁ ସାହାଯ୍ୟ କରି ପ୍ରଶଂସିତ ହେବେ। ପୂର୍ବ ନିର୍ଦ୍ଧାରିତ ନୂତନ କର୍ମାରମ୍ଭ ପ୍ରୀତିପଦ ହେବ ଓ ମାନସିକ ସ୍ତରରେ ଖୁସିରହିବେ। ସାହିତ୍ୟ, ସଭାସମିତି କ୍ଷେତ୍ରରେ ବିଶିଷ୍ଟବ୍ୟକ୍ତିଙ୍କ ଠାରୁ ସମ୍ମାନ ପାଇବେ।

**ବୃଷ**

କର୍ମକ୍ଷେତ୍ରରେ ସାହାଯ୍ୟ ଓ ସହଯୋଗର ସୁଅ ଆପଣଙ୍କ ପାଖକୁ ଆପଣାଛାଏଁ ମାଡି ଆସିବ। ସକାଳ ସମୟଟି ଭଲ, କିନ୍ତୁ କାମ ହାସଲ ସକାଶେ ବେଶି ଧାଁ ଧଉଡ କରିବାକୁ ପଡିପାରେ। ଅପେକ୍ଷା କରିଥିବା କାମରେ ନାସ୍ତି ସୂଚକ ସୂଚନା ପାଇଲେ ମଧ୍ୟ କାମ କରି ଚାଲନ୍ତୁ, କୃତକାର୍ଯ୍ୟ ହେବେ। ବନ୍ଧୁମହଲରେ ସମ୍ମାନିତ ହେବାର ସୂଚନା ରହିଛି।

**ମିଥୁନ**

ଦୀର୍ଘଦିନରୁ ଅଟକି ରହିଥିବା କାମଟି ବନ୍ଧୁଙ୍କ ମାଧ୍ୟମରେ ହାସଲ କରାଇବାରେ ସମର୍ଥ ହେବେ। ଆନୁଷ୍ଠାନିକ କାମରେ ପୁରସ୍କୃତ ହେବାର ସୌଭାଗ୍ୟ ଜୁଟିବ, ଯାହାକି ଆଦୌ ଆଶା କରି ନ ଥିବେ। ପାରିବାରିକ କ୍ଷେତ୍ରରେ ଜାଣିଶୁଣି ନୀରବ ରହିବାକୁ ବାଧ୍ୟ ହେବେ। ବ୍ୟବସାୟୀମାନଙ୍କ ପାଇଁ ଦିନଟି ଭଲ।

**କର୍କଟ**

କର୍ମକ୍ଷେତ୍ରରେ ଅଭିଳଷିତ କାର୍ଯ୍ୟ ସାଧନ ନିମିତ୍ତ ଅନୁକୂଳ ବାତାବରଣ ସୃଷ୍ଟି ହେବ। ପାରିବାରିକ ଘଟଣାରେ ମନ୍ଥର ଗତି ଅବଲମ୍ବନ କରିବା ଭଲ। ଅସମର୍ଥିତ ସୂତ୍ରରୁ କୌଣସି ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। କଳା, କ୍ରୀଡା, ସାହିତ୍ୟ, ପ୍ରକାଶନ ଓ ପ୍ରଶାସନ, ଆଇନ, ସଭାସମିତିରେ ଲକ୍ଷ୍ୟ ପୂରଣ ହେବ।

**ସିଂହ**

ପ୍ରତ୍ୟେକ ସ୍ତରରେ ନିଜକୁ ସୁହାଇଲା ଭଳି କଥା କହିଲେ ମଧ୍ୟ ଅନ୍ୟମାନେ ଆପଣଙ୍କୁ ଆଉ୍‌ଜଷ୍ଟ କରିପାରିବେ ନାହିଁ। ଉପରିସ୍ଥ କର୍ମଚାରୀଙ୍କ ଅନୁକମ୍ପା ଲାଭକରି ବିଭିନ୍ନ ପ୍ରକାର ପ୍ରତିବନ୍ଧକ ଦୂରେଇବାରେ ସମର୍ଥ ହେବେ। ପରିବାରରେ ଭୁଲ୍ ବୁଝାମଣାରୁ ସ୍ତ୍ରୀଙ୍କ ସହ ଅଶାନ୍ତିକର ପରିସ୍ଥିତି ସୃଷ୍ଟି ହେବାର ସୂଚନା ରହିଛି। ସ୍ୱାସ୍ଥ୍ୟ ଭଲ ରହିବ ।

**କନ୍ୟା**

ଆବଶ୍ୟକତା ପୂରଣ କରିବା ସକାଶେ ଅର୍ଥ ଲାଭ କରି ପାରନ୍ତି। ବ୍ୟବସାୟ, ପରିବହନ, ହୋଟେଲ, ରେଷ୍ଟୁରାଣ୍ଟ, ଠିକାଦାରି କ୍ଷେତ୍ରରେ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। ଗୃହନିର୍ମାଣ, ଜମି କିଣାବିକା, ଗାଡିମୋଟର ସମ୍ପର୍କିତ ଦୁଶ୍ଚିନ୍ତା ଆସିବ। ହସ୍ତାନକ୍ଷତ୍ର ଯେକୌଣସି ପ୍ରକାରେ କାମ ହାସଲ କରିବାରେ ତତ୍ପରତା ପ୍ରକାଶ କରିବେ।

**ତୁଳା**

ପୂର୍ବ ସମସ୍ୟାକୁ କେନ୍ଦ୍ରକରି ପାରିବାରିକ କ୍ଷେତ୍ରରେ ମନ ଭଲ ଲାଗିବ ନାହିଁ କିନ୍ତୁ କିଛି କରିବାର ଉପାୟ ନ ଥିବ। ଅଫିସ୍‌ରୁ ବିଭ୍ରାନ୍ତିକର ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଅବଶ୍ୟ ହିତୈଷୀ କିମ୍ବା ସହକର୍ମୀଙ୍କ ପରାମର୍ଶରେ ସାମୟିକ ସାନ୍ତ୍ୱନା ମିଳିବ। ଗତ କିଛି ଦିନ ହେଲା କିଣି ଆଣିଥିବା ଜିନିଷ ବଦଳାଇବା ପାଇଁ କଷ୍ଟକର ହୋଇପାରେ।

**ବିଛା**

କେତେକ ଅପୂରଣୀୟ କାର୍ଯ୍ୟ ସକାଶେ ସାମୟିକ ଭାବେ ମନରେ ଭାବାନ୍ତର ସୃଷ୍ଟି ହୋଇପାରେ। ଯେତେ ଚେଷ୍ଟା କଲେ ମଧ ଯୋଜନାଗୁଡିକ ଠିକ୍ ଭାବେ କାର୍ଯ୍ୟକାରୀ ହେବା କଷ୍ଟକର ହେବ। ପ୍ରତିହିଂସା ପରାୟଣ ହୋଇ କିମ୍ବା ଜିଦ୍‌ରେ ଅଟଳ ରହି ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି। ବ୍ୟବସାୟିକ ସଫଳତା ହାସଲ କରିବେ।

**ଧନୁ**

ଆନୁଷଙ୍ଗିକ ସାହାଯ୍ୟ ପାଇ ପ୍ରତ୍ୟେକ କାମରେ ଆଶାନୁରୂପକ ସଫଳତା ହାସଲ କରିବେ। ନିଜ ଲୋକମାନେ ଦୂରେଇ ଯିବା କାରଣରୁ କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ କରନ୍ତୁ, ନତୁବା ଅସୁବିଧାର ସମ୍ମୁଖୀନ ହେବେ। ନିଜର କୃତି ଓ କୃତିତ୍ୱ ସକାଶେ ସଭାସମିତିରେ ପ୍ରଶଂସିତ ହୋଇପାରନ୍ତି।

**ମକର**

କର୍ମକ୍ଷେତ୍ରରେ କେତେକ ଗୁରୁତ୍ୱପୂର୍ଣ୍ଣ କାମ ଅଟକି ରହିଥିବା ସକାଶେ ଅନୁତାପ କରିବାକୁ ପଡିବ। ଈର୍ଷାପରାୟଣ ବନ୍ଧୁମାନଙ୍କ ଅସହିଷ୍ଣୁ ମନୋଭାବରୁ ମାନସିକ ଶାନ୍ତି ବ୍ୟାହତ ହୋଇପାରେ। ସ୍ୱାର୍ଥସାଧନର କ୍ଷୀଣ ଆଶା ଦେଖି ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ବିଶେଷ କିଛି ଅସୁବିଧା ହେବନାହିଁ।

**କୁମ୍ଭ**

ଆଜି ପ୍ରତ୍ୟେକ କ୍ଷେତ୍ରରେ ସତର୍କତାର ସହ ସମସ୍ତ କାମ କରିବା ଭଲ ଅନ୍ୟଥା ଆକସ୍ମିକ ସମସ୍ୟାରେ ଛନ୍ଦି ହୋଇପାରନ୍ତି। ପରୋକ୍ଷ ଶତ୍ରୁତା କରୁଥିବା ଅନେକ ଲୋକ ଆପଣଙ୍କ ପଛରେ, କିନ୍ତୁ ବିଶେଷ କିଛି ଅସୁବିଧା ହେବନାହିଁ। ତଥାପି କୌଣସି କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ଚିନ୍ତାଧାରା ପୋଷଣ କଲେ ଅସୁବିଧାରେ ପଡିବେ।

**ମୀନ**

ଆଶା କରୁଥିବା ବନ୍ଧୁଙ୍କ ଠାରୁ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ଆଜିର ଯାତ୍ରା ସମୟରେ ଅଜଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଭୁଲ୍ ବୁଝାମଣା କାରଣରୁ ପାରିବାରିକ କ୍ଷେତ୍ରରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ପିଲାମାନଙ୍କର ଆରୋଗ୍ୟ ଲାଭ ସକାଶେ ଚିନ୍ତିତ ରହିପାରନ୍ତି।

ଆଜି ଶ୍ରାବଣ ଶୁକ୍ଳ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ଗୁରୁବାର, ଶ୍ରୀବିଷ୍ଣୁ ପବିତ୍ରାରୋପଣ, ଆଖେଟକ ପର୍ବ, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ଅଗଷ୍ଟ ୨୩ ତାରିଖ , ରାଶି ନକ୍ଷତ୍ର-ଉତରାଷାଢା/ଧନୁ, ଦିବା ଘ୧୧।୧୨ମି. ଗତେ ମକର ଚନ୍ଦ୍ର, ତ୍ରୟୋଦଶୀର ଏକୋଦ୍ଦିଷ୍ଟଶ୍ରାଦ୍ଧ, ଦିବା ଘ୧୧।୦୮ମି. ଗତେ ଘ୧୨।୪୭ମି. ମଧ୍ୟେ, ଘ୨।୨୬ମି. ଗତେ ଘ୪।୦୫ମି. ମଧ୍ୟେ ଅମୃତ ବେଳା । ସକାଳ ଘ୬।୫୦ମି. ମଧ୍ୟେ ଘ୨।୨୬ମି. ଗତେ ଘ୩।୦୫ମି. ମଧ୍ୟେ ମାହେନ୍ଦ୍ରବେଳା । ଅପରାହ୍ନ ଘ୧।୨୪ମି. ଗତେ ଘ୨।୫୮ମି. ମଧ୍ୟେ ରାହୁକାଳ।


ସଫଳତା ହିଁ ଅନେକ ବିରାଟ ପ୍ରମାଦକୁ ଘୋଡ଼ାଇ ପକାଏ।
- ଜର୍ଜ ବର୍ଣ୍ଣାଡ ଶ'




# ୨୬ରେ ଆଉ ଏକ ଲଘୁଚାପ

## ■ କୌଣସି ବ୍ଲକରେ ମରୁଡ଼ି ପରିସ୍ଥିତି ନାହିଁ: ଏସ୍‌ଆର୍‌ସି

ଭୁବନେଶ୍ୱର, ୨୨।୮(ବ୍ୟୁରୋ)

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ପୁଣି ଏକ ଲଘୁଚାପ ଦାନା ବାନ୍ଧୁଛି। ଆସନ୍ତା ୨୬ ତାରିଖ ବେଳକୁ ଏହା ଘନୀଭୂତ ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ଉତ୍ତର ଏବ ଉପକୂଳ ଓଡିଶାରେ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଲଘୁଚାପର ପ୍ରଭାବ କେତେ ରହିବ ସେନେଇ ପାଣିପାଗ ବିଭାଗ ପକ୍ଷରୁ କିଛି ସ୍ପଷ୍ଟ କରାଯାଇ ନାହିଁ। ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ଏ ନେଇ ସ୍ପଷ୍ଟ ଚିତ୍ର ଜଣାପଡିବ। ମୌସୁମୀ ସକ୍ରିୟ ରହିଥିବାରୁ ରାଜ୍ୟର କେତେକ ସ୍ଥାନରେ ବର୍ଷା ହେଉଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅଳ୍ପ କେତେକ ସ୍ଥାନରେ ଘଡଘଡି ସହ ବର୍ଷା ହେବାର ଆଶଙ୍କା ରହିଛି।

ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ମାତ୍ର ୪.୯ ମି.ମି. ବର୍ଷା ହୋଇଥିବା ସ୍ୱତନ୍ତ୍ର ରିଲିଫ କମିଶନର(ଏସଆରସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ୫ଟି ଜିଲାରେ ହାରାହାରି ୧୦ ମିଲିମିଟର ବର୍ଷା ହୋଇଛି। ଖୋର୍ଦ୍ଧାରେ ୧୯.୬ ମି.ମି. ବର୍ଷା ରେକର୍ଡ କରାଯାଇଥିବା ବେଳେ ଯାଜପୁର ୧୮.୩, ଜଗତ୍‌ସିଂହପୁର ୧୭.୫, କଟକ ୧୩ ଏବଂ କେନ୍ଦୁଝରରେ ୧୨.୬ ମି.ମି. ବର୍ଷା ରେକର୍ଡ କରାଯାଇଛି। ତେବେ ଏହି ସମୟରେ ୧୯ଟି ଜିଲାରେ ହାରାହାରି ବର୍ଷା ଅନୁପାତ ୧୦ ମି.ମି.ଠାରୁ କମ ରହିଛି। ୬ଟି ଜିଲା ବଲାଙ୍ଗୀର, ବୌଦ୍ଧ, ଦେବଗଡ, ଗଜପତି, ନୂଆପଡା ଓ ସୁବର୍ଣ୍ଣପୁରରେ ଆଦୌ ବର୍ଷା ହୋଇନାହିଁ। ସେହିପରି ୩ଟି ବ୍ଲକରେ ୫୦ ମି.ମି.ରୁ ଅଧିକ ବର୍ଷା ହୋଇଛି। ଜଗତ୍‌ସିଂହପୁର ଜିଲାର ଏରସମା ବ୍ଲକରେ ସର୍ବାଧିକ ୮୫ ମି.ମି. ବର୍ଷା ହୋଇଥିବାବେଳେ ଯାଜପୁରର ଦଶରଥପୁର ୬୨, ଗଞ୍ଜାମର ଜଗନ୍ନାଥ ପ୍ରସାଦ ବ୍ଲକରେ ୬୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଜୁନ ପହିଲାରୁ ଏ ପର୍ଯ୍ୟନ୍ତ ରାଜ୍ୟରେ ୧୦.୪% ଅଧିକ ବର୍ଷା ହୋଇଛି। ୯ଟି ଜିଲାରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଥିବା ବେଳେ ୨୦ ଜିଲାରେ ସ୍ୱାଭାବିକ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଦେବଗଡ ଜିଲା ୧୯.୧% କମ ବର୍ଷା ହୋଇଛି। ବ୍ଲକକୁ ଯଦି ହିସାବକୁ ନିଆଯାଏ, ତେବେ ୧୦୧ ବ୍ଲକରେ ୧୯%ରୁ ଅଧିକ ବର୍ଷା ହୋଇଥିବା ବେଳେ ୧୭୬ ବ୍ଲକରେ ସ୍ୱାଭାବିକ ଓ ୩୦ ବ୍ଲକ ଅନାବୃଷ୍ଟି କବଳିତ ହୋଇଛି। ୭ଟି ବ୍ଲକରେ ଭୟଙ୍କର ଭାବେ ବର୍ଷା କମ୍ ହୋଇଛି। କୌଣସି ବ୍ଲକରେ ମରୁଡି ଭଳି ପରିସ୍ଥିତି ସୃଷ୍ଟି ହୋଇନାହିଁ ବୋଲି ଏସ୍‌ଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

# ଯାଞ୍ଚ ବେଳେ ନାଟମଣ୍ଡପରୁ ଖସିଲା ପଥର

ପୁରୀ ଅଫିସ, ୨୨।୮



■ ଫାଟ ଅନୁଧ୍ୟାନ କରିବ ମାଡ୍ରାସ ଆଇଆଇଟି
■ ଠଣାରୁ ଖୋଲାଯିବ ପ୍ଲାଏ
■ ୩ ମାସ ମଧ୍ୟରେ ସବୁ ବିମ୍ ସ୍ଥିତି ଯାଞ୍ଚ ହେବ

ବିଶେଷଜ୍ଞଙ୍କ ଦ୍ୱାରା ତିନିଦିନ ଧରି ଚାଲିଥିବା ନାଟମଣ୍ଡପ ଯାଞ୍ଚ ବୁଧବାର ଶେଷ ହୋଇଛି। ୪ଟି ମୁଖ୍ୟ କଲମ(ସ୍ତମ୍ଭ)ର କ୍ୟାପିଟାଲ (ସ୍ତମ୍ଭ ଶୀର୍ଷ ଭାଗରେ ରହିଥିବା ବର୍ଗାକୃତି ଅଂଶ) ଯାଞ୍ଚ ବେଳେ ଖସିଛି ପଥର। ଦୁଇଟି କଲମର କ୍ୟାପିଟାଲରୁ ଦୁଇଖଣ୍ଡ ପଥର ଖସିଛି। ଉକ୍ତ ପଥରକୁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ଖୁବ୍‌ଶୀଘ୍ର ଖସିଥିବା ସ୍ଥାନରେ ଲଗାଇବ ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡିଛି।

ଗତ ତିନିଦିନ ଧରି ନାଟମଣ୍ଡପର ପ୍ରତିଟି ଅଂଶକୁ ତନ୍ନତନ୍ନ କରି ଯାଞ୍ଚ କରିଛନ୍ତି ଆଇଆଇଟି ମାଡ୍ରାସ ଏବଂ ଖଡଗପୁରର ବିଶେଷଜ୍ଞ। ଏମାନଙ୍କ ସହିତ ଶ୍ରୀଜଗନ୍ନାଥ ମନ୍ଦିର ବୈଷୟିକ ପରାମର୍ଶଦାତା କୋର୍ କମିଟି, ଏଏସ୍‌ଆଇ ଏବଂ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ବି ସାମିଲ ଥିଲେ। ବୁଧବାର ଯାଞ୍ଚର ତୃତୀୟ ଦିନରେ ବିଶେଷଜ୍ଞ ଟିମ୍ ଭାରା ଉପରେ ଚଢି କଲମ ଏବଂ ବିମ୍‌ର ସ୍ଥିତି ଅନୁଧ୍ୟାନ କରୁଥିଲେ। କଲମର କ୍ୟାପିଟାଲ ଯାଞ୍ଚ ବେଳେ ଦୁଇଖଣ୍ଡ ପଥର ଖସିଥିଲା। ଗୋଟିଏ ଢେଲା ଆକୃତିର ହୋଇଥିବା ବେଳେ ଅନ୍ୟଟି ତା' ଠାରୁ ସାମାନ୍ୟ ବଡ଼ ଥିଲା। କ୍ୟାପିଟାଲରେ ଯେଉଁ ଫାଟ ରହିଛି ତାହା ବହୁ ପୁରୁଣା। ଖସିଥିବା ପଥରକୁ ପୁଣି ଲଗାଇବାକୁ ଏଏସ୍‌ଆଇକୁ ପରାମର୍ଶ ଦିଆଯାଇଛି। ଅନ୍ୟପକ୍ଷରେ ୪ଟି ଯାକ ମୁଖ୍ୟ କଲମ ବଙ୍କା ହୋଇନାହିଁ କିମ୍ବା କୌଣସି ପାର୍ଶ୍ୱକୁ ଢଳି ନାହିଁ ବୋଲି ଜଣେ ବିଶେଷଜ୍ଞ ଧରିତ୍ରୀକୁ ସୂଚନା ଦେଇଛନ୍ତି।

ଯାଞ୍ଚ ସରିବା ପରେ ପାନ୍ଥନିବାସରେ ବିଶେଷଜ୍ଞମାନଙ୍କ ବୈଠକ ବସିଥିଲା। ଏଥିରେ ନାଟମଣ୍ଡପ ସ୍ଥିତିକୁ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ନାଟମଣ୍ଡପ ପ୍ରତି ତତ୍କାଳ ବିପଦ ନାହିଁ। ଦୁଇଟି ପଥର ବିମ୍ ଏବଂ ୩ଟି କ୍ୟାପିଟାଲରେ ଫାଟ ରହିଛି। ଏହି ଫାଟ ନୂଆ କି ପୁରୁଣା, ଏହାର କାରଣ ଏବଂ ଏହା ମେଲୁଛି କି ନାହିଁ ଏସବୁକୁ ଅନୁଧ୍ୟାନ କରାଯିବ। ୩ ମାସ ଧରି ମାଡ୍ରାସ ଆଇଆଇଟି ଏହାକୁ ଅନୁଧ୍ୟାନ କରିବ। ଏହି ୩ ମାସ ମଧ୍ୟରେ ନାଟମଣ୍ଡପର ସମସ୍ତ କଲମ ଓ ବିମ୍‌ର ସ୍ଥିତି ଅନୁଧ୍ୟାନ କରାଯିବ। ନାଟମଣ୍ଡପର ଛାତ ପଥରରେ ନିର୍ମିତ। ବହୁବର୍ଷ ପୂର୍ବେ ଛାତ ଉପରେ ଚୂନ ଓ ଗୋଡ଼ିର ମିଶ୍ରିତ ଆସ୍ତରଣ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଛାତର ଦକ୍ଷିଣ ଓ ପଶ୍ଚିମ ପାର୍ଶ୍ୱରେ ସିମେଣ୍ଟ କଂକ୍ରିଟ ଗ୍ରେଡିଂ କରାଯାଇଥିଲା। ବର୍ତ୍ତମାନ ଛାତର କେନ୍ଦ୍ରସ୍ଥଳ (ସେଣ୍ଟର) ଉପଯୁକ୍ତ ସ୍ଥିତିରେ ଅଛି। କିନ୍ତୁ ଉତ୍ତର ଓ ଦକ୍ଷିଣ ପାର୍ଶ୍ୱରୁ ପାଣି ଗଳୁଥିବା ଜଣାପଡିଛି। ତେଣୁ ପାଣି ନ ଗଳିବା ପାଇଁ ଛାତର ପ୍ଲାଷ୍ଟରକୁ ଉଠାଯାଇ ଉପଯୁକ୍ତ ସଂରକ୍ଷଣ ବ୍ୟବସ୍ଥା କରାଯିବ। କିନ୍ତୁ ଏହା ପୂର୍ବରୁ ନାଟମଣ୍ଡପ ଛାତର ମୋଟେଇର ସ୍ଥିତି ଅନୁଧ୍ୟାନ ସହ ଏହାର ଡ୍ରଇଂ ଏଏସ୍‌ଆଇ ପ୍ରସ୍ତୁତ କରିବ। ଛାତର ସ୍ଥିତି ଅନୁଧ୍ୟାନରେ ଖଡଗପୁର ଆଇଆଇଟି ଏଏସ୍‌ଆଇକୁ ଆବଶ୍ୟକ ପରାମର୍ଶ ଯୋଗାଇଦେବ। ସେହିପରି ନାଟମଣ୍ଡପର ଠଣା(ପକେଟ୍)ଗୁଡ଼ିକରେ ପ୍ଲାଏ ଦିଆଯାଇ ଆବଦ୍ଧ କରାଯାଇଛି। ବାୟୁ ଚଳାଚଳ ହୋଇପାରୁ ନ ଥିବାରୁ ଏହା ନାଟମଣ୍ଡପ ପ୍ରତି ବିପଦ ସୃଷ୍ଟି କରୁଛି। ତେଣୁ ଠଣାଗୁଡ଼ିକରୁ ପ୍ଲାଏ ହଟାଇବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି। କିନ୍ତୁ ପାରା ପଶିବା ସମ୍ଭାବନା ଥିବାରୁ ଠଣାରେ ଜାଲି ଲଗାଯିବାକୁ ନିଷ୍ପତ୍ତି ହୋଇଛି।

ସୂଚନାଯୋଗ୍ୟ, ଜଗମୋହନ ମରାମତି ସରିବା ପରେ ନାଟମଣ୍ଡପ ସ୍ଥିତି ଯାଞ୍ଚ କରି ଜଣାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଗତ ୨୦ ତାରିଖରୁ ନାଟମଣ୍ଡପ ଯାଞ୍ଚ ଆରମ୍ଭ ହୋଇଥିଲା।

# ଡିଗ୍ରୀ, ସ୍ୱୟଂଶାସିତ କଲେଜରେ ବଢ଼ିବ ସିଟ୍

ଭୁବନେଶ୍ୱର, ୨୨।୮(ବ୍ୟୁରୋ)

■ ୨୫ରୁ ୪ର୍ଥ ପର୍ଯ୍ୟାୟ ନାମଲେଖା ଫର୍ମ ଆବେଦନ
■ ୨୯ରେ ମେରିଟ୍ ଲିଷ୍ଟ, ୩୦ରେ ନାମଲେଖା

ରାଜ୍ୟରେ ଥିବା ଡିଗ୍ରୀ ଏବଂ ସ୍ୱୟଂଶାସିତ କଲେଜର ଯୁକ୍ତ୩ କଳା, ବିଜ୍ଞାନ ଏବଂ ବାଣିଜ୍ୟ ବିଭାଗର ବିଭିନ୍ନ ବିଷୟରେ ସିଟ୍ ବୃଦ୍ଧି କରାଯିବ। ଯେଉଁ କଲେଜଗୁଡ଼ିକରେ ଚଳିତବର୍ଷ ସିଟ୍ ପୂରଣ ହୋଇଛି ସେହି କଲେଜରେ ସିଟ ବୃଦ୍ଧି କରାଯିବ। ବିଷୟର ମୋଟ ସିଟ୍ ଉପରେ ୭.୫% ହାରରେ ସିଟ୍ ବୃଦ୍ଧି କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ବିଭାଗ ଏକ ବିଜ୍ଞପ୍ତି ପ୍ରକାଶ କରି ସମସ୍ତ ଡିଗ୍ରୀ ଏବଂ ସ୍ୱୟଂଶାସିତ କଲେଜ ଅଧ୍ୟକ୍ଷଙ୍କୁ ନୋଟିସ ମାଧ୍ୟମରେ ଜଣାଇଛି। ଏଥିସହ ବର୍ଦ୍ଧିତ ସିଟ୍ ପୂରଣ କରିବା ପାଇଁ ବିଭାଗ ୪ର୍ଥ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା ଆରମ୍ଭ କରିବାକୁ ଯାଉଛି ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି।

ସରକାରୀ ଏବଂ ଅନୁଦାନପ୍ରାପ୍ତ ଡିଗ୍ରୀ କଲେଜଗୁଡିକରେ ସିଟ୍ ବଢିବ। ସେଲ୍‌ଫ ଫାଇନାନ୍ସିଂ କଲେଜଗୁଡିକରେ ସିଟ୍ ବଢିବ ନାହିଁ। ବର୍ଦ୍ଧିତ ସିଟ୍‌ରେ ନାମଲେଖାବେଳେ ସଂରକ୍ଷଣ ବ୍ୟବସ୍ଥା ଲାଗୁ ହେବ। ଅର୍ଥାତ ବର୍ଦ୍ଧିତ ସିଟ୍ ଉପରେ ଅନୁସୂଚିତ ଜାତି ଏବଂ ଜନଜାତି ବର୍ଗଙ୍କ ପାଇଁ ସଂରକ୍ଷଣ ରହିବ। ସିଟ୍ ବୃଦ୍ଧି ବେଳେ ଅନର୍ସ ହେଉ କିମ୍ବା ପାସ୍ ବିଷୟର ମୋଟ ସିଟ୍ ଉପରେ ୭.୫% ବୃଦ୍ଧି କରାଯିବ। ଉଦାହରଣ ସ୍ୱରୂପ, ଗୋଟିଏ କଲେଜରେ ପଦାର୍ଥ ବିଜ୍ଞାନ ଅନର୍ସରେ ୩୨ ସିଟ୍ ରହିଛି। ଏସବୁ ସିଟ୍ ପୂରଣ ହୋଇସାରିଛି। ତେବେ ବିଷୟର ମୋଟ୍ ୩୨ ସିଟ୍ ଉପରେ ୭.୫% ବଢିବ। ଏସବୁ ସିଟ୍ ପୂରଣ କରିବା ପାଇଁ ୪ର୍ଥ ପର୍ଯ୍ୟାୟ ନାମଲେଖା ବିଜ୍ଞପ୍ତି ପ୍ରକାଶ ପାଇଛି। ଅଗଷ୍ଟ ୨୫ରୁ ୨୮ ତାରିଖ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ କଲେଜକୁ ଯାଇ ଅଫଲାଇନ୍‌ରେ ନାମଲେଖା ଫର୍ମ ଆବେଦନ କରିବେ। ୨୯ ତାରିଖ ଅପରାହ୍ଣ ୫ଟାରେ କଲେଜ ନୋଟିସ୍ ବୋର୍ଡରେ ମେରିଟ ଲିଷ୍ଟ ପ୍ରକାଶ ପାଇବ। ୩୦ ତାରିଖରେ ଛାତ୍ରୀଛାତ୍ରମାନେ କଲେଜକୁ ଯାଇ ନାମ ଲେଖାଇବେ। ୩୧ରେ କଲେଜ କର୍ତ୍ତୃପକ୍ଷ ନାମଲେଖା ତଥ୍ୟକୁ କଲେଜ ଇ-ସ୍ପେଶ୍‌ରେ ଅପଲୋଡ୍ କରିବେ।

ଅପରପକ୍ଷରେ ଚଳିତବର୍ଷ ରାଜ୍ୟରେ ଅନେକ ଡିଗ୍ରୀ କଲେଜରେ ସିଟ୍ ପୂରଣ ହୋଇପାରି ନାହିଁ। ଫଳରେ ପର୍ଯ୍ୟାୟ ପରେ ପର୍ଯ୍ୟାୟ ନାମଲେଖା ବିଜ୍ଞପ୍ତି ପ୍ରକାଶ କରାଯାଉଛି। ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପର୍ଯ୍ୟାୟ ନାମଲେଖା ପରେ ବି ଅନେକ କଲେଜରେ ସିଟ୍ ଖାଲିପଡିଛି। ପ୍ରଥମ ପର୍ଯ୍ୟାୟ ନାମଲେଖାରେ ସିଟ୍ ପୂରଣ ହୋଇପାରୁ ନ ଥିବାରୁ ବିଭାଗର ଚିନ୍ତା ବଢିଯାଉଛି। ଫଳରେ ବାରମ୍ବାର ନାମଲେଖା ପ୍ରକ୍ରିୟା ଆରମ୍ଭ କରୁଛି। ବିଭାଗ କାହିଁକି ସିଟ୍ ବୃଦ୍ଧି କରୁଛି ତାହାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଆଜି ଯୁକ୍ତ୩ ତୃତୀୟ ପର୍ଯ୍ୟାୟ ନାମଲେଖା

ଭୁବନେଶ୍ୱର, ୨୨।୮(ବ୍ୟୁରୋ)

ଯୁକ୍ତ୩ ତୃତୀୟ ପର୍ଯ୍ୟାୟ ନାମଲେଖା ଗୁରୁବାର ଅନୁଷ୍ଠିତ ହେବ। ଯେଉଁସବୁ ଡିଗ୍ରୀ ଏବଂ ସ୍ୱୟଂଶାସିତ କଲେଜରେ ସିଟ୍ ଖାଲି ପଡିଛି ସେହି କଲେଜଗୁଡିକରେ ଛାତ୍ରୀଛାତ୍ରଙ୍କ ନାମ ଲେଖାଯିବ। ନାମଲେଖା ପ୍ରକ୍ରିୟା ପୂର୍ବାହ୍ଣ ସାଢେ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ଚାଲିବ। ୫ଟା ପରେ କଲେଜର ଇ-ସ୍ପେଶରେ ନାମଲେଖା ତଥ୍ୟକୁ କଲେଜ କର୍ତ୍ତୃପକ୍ଷ ଅପ୍‌ଡେଟ କରିବେ। ଏ ସଂକ୍ରାନ୍ତରେ ସମସ୍ତ ଡିଗ୍ରୀ ଏବଂ ସ୍ୱୟଂଶାସିତ କଲେଜ ଅଧ୍ୟକ୍ଷଙ୍କୁ ଉଚ୍ଚଶିକ୍ଷା ବିଭାଗ ଯୁଗ୍ମ ସଚିବ ପରମେଶ୍ୱର ବି. ଚିଠି ଲେଖି ପରାମର୍ଶ ଦେଇଥିଲେ।

ପ୍ରଥମ ଏବଂ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପରେ ରାଜ୍ୟରେ ଥିବା ଅନେକ ଡିଗ୍ରୀ ଏବଂ ସ୍ୱୟଂଶାସିତ କଲେଜର କଳା, ବିଜ୍ଞାନ ଏବଂ ବାଣିଜ୍ୟ ବିଭାଗର ଅନର୍ସ ଏବଂ ପାସ୍‌ରେ ଥିବା ବିଭିନ୍ନ ବିଷୟରେ ସିଟ୍ ଖାଲିପଡିଛି। ସିଟ୍ ପୂରଣ ପାଇଁ ଉଚ୍ଚଶିକ୍ଷା ବିଭାଗ ତୃତୀୟ ପର୍ଯ୍ୟାୟ ନାମଲେଖା ନିମନ୍ତେ ବିଜ୍ଞପ୍ତି ପ୍ରକାଶ କରିଥିଲା। ସିଟ୍ ଖାଲି ପଡ଼ିଥିବା କଲେଜକୁ ଛାତ୍ରୀଛାତ୍ରମାନେ ଯାଇ ଅଫ୍‌ଲାଇନରେ ଫର୍ମ ଆବେଦନ କରିଥିଲେ। ୨୧ ତାରିଖରେ କଲେଜ ନୋଟିସ୍ ବୋର୍ଡରେ ମେରିଟ୍ ଲିଷ୍ଟ ପ୍ରକାଶ ପାଇଛି। ମନୋନୀତ ଛାତ୍ରୀଛାତ୍ରମାନେ ୨୩ ତାରିଖରେ କଲେଜକୁ ଯାଇ ନାମ ଲେଖାଇବେ।

ADMISSION OPEN 2018-20
B.Ed, B.P.Ed, B.H.Ed.
10th, +2, +3 (UG, PG, All stream)
BCA, MCA, BLib, PGDCA, MSW, BBA, MEd., MPhil,
At Regular & Distance at lower rate Approved by UGC, NCTE & Equivalent to Odisha Board University
ADHYAN INSTITUTE OF EDUCATION
Jharsuguda, Sundargarh, Sambalpur, Deogarh, Boudh
Mob: 9937693353, 7008624254, 9337325436

## ବଜ୍ରପାତ ନୁହେଁ, ନିମୋନିଆରେ ହାତୀ ଛୁଆ ମୃତ

ଅମ୍ବାଭୋନା, ୨୨।୮(ଡି.ଏନ.ଏ.)

ବରଗଡା ଜିଲା ଭଟଲି ରେଞ୍ଜ ଅନ୍ତର୍ଗତ ଲାଉନସରା ଗ୍ରାମ ନିକଟସ୍ଥ ମହାନଦୀ ତଲଗି ଘାଟ ନିକଟରେ ଗତ ମଙ୍ଗଳବାର ୫ମାସର ଏକ ହାତୀ ଛୁଆ ମୃତ୍ୟୁବରଣ କରିଥିଲା। ଖବରପାଇ ରେଞ୍ଜ ଅଧିକାରୀ ରାଜେନ୍ଦ୍ର ଭୋଇ, ଡୁଙ୍ଗୁରୀ ଫରେଷ୍ଟର ଘାସିବାର ବିଭାର ସେଠାକୁ ପହଞ୍ଚି ଶବ ଜବତ କରିଥିଲେ । ବଜ୍ରପାତ ଯୋଗୁ ଏହି ହାତୀଛୁଆର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଥିଲା । ତେବେ ଅମ୍ବାଭୋନା ପ୍ରାଣୀଧନ ଚିକିତ୍ସାଧିକାରୀ ଶ୍ରୀକାନ୍ତ ପରିଡା ଶବ ବ୍ୟବଚ୍ଛେଦ କରିବା ପରେ ନିମୋନିଆରେ ତାର ମୃତ୍ୟୁ ହୋଇଥିବା ରିପୋର୍ଟ ଦେଇଛନ୍ତି । ଏ ନେଇ ବନ ବିଭାଗ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଏ ସମ୍ପର୍କରେ ଭଟଲି ରେଞ୍ଜର ଭୋଇଙ୍କୁ ପଚରାଯିବାରୁ ନିମୋନିଆରେ ଆକ୍ରାନ୍ତ ହୋଇ ହାତୀଛୁଆର ମୃତ୍ୟୁ ଘଟିଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡିଛି । ବନ ବିଭାଗ ତରଫରୁ ହାତୀଛୁଆର କୌଣସି ଚିକିତ୍ସା କରାଯାଇ ନ ଥିବା ସେ ପ୍ରକାଶ କରିଥିଲେ ।

IDBI BANK SUVIDHA HOME LOAN
ସୁବିଧାଜନକ । ପ୍ରତିଯୋଗିତାମୂଳକ । ପାରଦର୍ଶୀ ।
15 bps ପର୍ଯ୍ୟନ୍ତ ଛାଡ଼ ଉଚ୍ଚ କ୍ରେଡିଟ୍ ସ୍କୋର୍ ଥିବା ଗ୍ରାହକମାନଙ୍କ ପାଇଁ
ଜମା ଅନ୍ତରଣ ପାଇଁ କୌଣସି ପ୍ରୋସେସିଂ ଚାର୍ଜେସ୍ ନାହିଁ
ମହିଳା ଏବଂ ବେତନଭୋଗୀ ଗ୍ରାହକମାନଙ୍କ ପାଇଁ ବିଶେଷ ଛାଡ଼
IDBI BANK
Bank Aisa Dost Jaisa
CIN: L65190MH2004GOI148838
www.idbi.com

On the Occasion of Dasara, Hastashilpi presents
Opening Tomorrow
ହସ୍ତଶିଳ୍ପୀ
ସିଲ୍କ ଇଣ୍ଡିଆ™ 2018
10 Days Only
ପିଓର ସିଲ୍କ ଶାଢ଼ୀ ଏବଂ ସମଗ୍ର ଦେଶର ସିଲ୍କ ଉତ୍ପାଦଗୁଡିକର ପ୍ରଦର୍ଶନୀ ସହ ବିକ୍ରି
24th Aug. to 2nd Sept. 2018 | 10.30 am to 8.30 pm
ସ୍ଥାନ: ଦ ନ୍ୟୁ ମ୍ୟାରିଅନ
ଜନପଥ, ରାମ ମନ୍ଦିର ସାମ୍ନା, ଭୁବନେଶ୍ୱର
ଉତ୍ପାଦର ପ୍ରଦର୍ଶନ:
ବିହାର: ଅର୍ଗାନିକ୍ ପ୍ୟୋର ସିଲ୍କ ଶାଢୀ, ସୁଟ୍ ଏବଂ ଷ୍ଟୋଲ୍
କର୍ଣ୍ଣାଟକ: କ୍ରିପ୍ ସିଲ୍କ, ଜର୍ଜେଟ୍ ସିଲ୍କ, ଅରିଜିନାଲ ସିଲ୍କ ଏବଂ ପ୍ରିଣ୍ଟେଡ୍ ଶାଢୀ
ତାମିଲନାଡୁ: କାଞ୍ଚିଭରମ୍ ସିଲ୍କ ଶାଢୀ ଏବଂ ଡିଜାଇନର୍ ଫ୍ୟାନ୍ସୀ ଶାଢୀ
ଆନ୍ଧ୍ରପ୍ରଦେଶ: ଧର୍ମାଭାର, ଉପଡା, ଗଦୱାଲ, ମଙ୍ଗଲଗିରୀ ଏବଂ ପୋଚମ୍‌ପଲ୍ଲୀ ଶାଢୀ
ଉତ୍ତରପ୍ରଦେଶ: ଲକ୍ଷ୍ନୌ ଚିକନ୍, ମଲବେରୀ ସିଲ୍କ, ଜାମଦାନୀ, ଜାମୱାର୍ ସିଲ୍କ ଏବଂ ସିଫନ୍ ସିଲ୍କ
ମହାରାଷ୍ଟ୍ର: ପୈଥାନୀ ଶାଢୀ, ଡିଜାଇନର ଡ୍ରେସ୍ ମ୍ୟାଟେରିଆଲ୍ସ
ପଞ୍ଜାବ: ଫୁଲ୍କାରୀ ଡ୍ରେସ୍ ମ୍ୟାଟେରିଆଲ୍ସ
ଓଡିଶା: ସମ୍ବଲପୁରୀ, ଇକ୍କଟ, ବମ୍ଫାଇ ଶାଢୀ, ହ୍ୟାଣ୍ଡଲୁମ୍ ସିଲ୍କ କଟନ
ଛତିଶଗଡ: ଏକ୍ସକ୍ଲୁସିଭ୍ ରସିଲ୍କ ଶାଢୀ, କୋଷା ସିଲ୍କ, ପ୍ୟୋର ସୁଟ୍ ଏବଂ ଦୁପଟ୍ଟା
ମଧ୍ୟପ୍ରଦେଶ: ମାହେଶ୍ୱରୀ, ଚାନ୍ଦେରୀ ସିଲ୍କ ଶାଢୀ ଏବଂ ସୁଟ୍
ୱେଷ୍ଟ ବେଙ୍ଗଲ: ବାଲୁଚାରୀ, ଢାକା ମସ୍‌ଲୀ, ଟିଙ୍ଗା, ବୁଟିକ୍ ଓ କନ୍ଥା ଶାଢୀ, ଜୋର୍ଜେଟ୍
ଆସାମ୍: ମୁଗା ଏବଂ ଏରୀ ସିଲ୍କ ଶାଢୀ
ଜାମ୍ମୁ ଓ କାଶ୍ମୀର: କାଶ୍ମୀର ସିଲ୍କ, ପଶ୍ମିନା ଶାଲ୍ ଏବଂ ସୁଟ୍
ରାଜସ୍ଥାନ: କୋଟା ସିଲ୍କ, ହ୍ୟାଣ୍ଡ ବ୍ଲକ ପ୍ରିଣ୍ଟ ଡ୍ରେସ୍ ଏବଂ ଶାଢୀ
ଏବଂ ଆହୁରି ଅନେକ....
All Credit & Debit Cards Accepted | Contact : +91 - 85534 16929 / +91 - 89717 57606
(Registered with O/o D C (H), Ministry of Textiles, Govt. of India)
Organised by : hastashilpi



The Great Kalamandir Annual SALE is now on!
UP TO 50% OFF
World class fashion at amazing prices!
Set a trend everyday! Choose from the widest range of fashion for the entire family at prices you would just love.
kalamandir କଳାମନ୍ଦିର
ODISHA'S MOST POPULAR FASHION SHOP
ଓଡ଼ିଶାର ସବୁଠୁ ଲୋକପ୍ରିୟ ଫ୍ୟାଶନ ଶପ୍
Shop with a smile.
3, Western Market, Bhubaneswar 751009
Benarasis | Kanjeevarams | Odissis | Printed Silks | Brocades | Jamevars | South Silks | Gadwals
Fancy Sarees | Lehengas | Suitings | Shirtings | Suits | Jackets | Kurta Pyjamas
Sherwanis | Exclusive Readymades | Women's Wear | Kidswear | Furnishings | Dress Materials
R K SWAMY BBDO KALA 2863/18

JAJPUR CEMENTS PRIVATE LIMITED
Kalinga Nagar Industrial Complex, Jajpur
LAYING OF FOUNDATION STONE
by
Shri Naveen Patnaik
Hon'ble Chief Minister
on 23rd August 2018
PROJECT DETAILS
0.5 MTPA CEMENT GRINDING UNIT
At Kalinga Nagar Industrial Complex
ODISHA NEW OPPORTUNITIES
Make in Odisha

ପ୍ରଭୁ ! ଆପଣଙ୍କର ଦିବ୍ୟଶାନ୍ତି- ଦିବ୍ୟମୁକ୍ତି ଓ ଦିବ୍ୟ ଐକ୍ୟ ହିଁ କେବଳ ଏ ବିଶ୍ୱର ଅନ୍ଧ ହିଂସା, ଛଳନା ଏବଂ ମିଥ୍ୟାଚାର ଉପରେ ବିଜୟ ଲାଭ କରିବ।
–ଶ୍ରୀମା

# ନିଷିଦ୍ଧ ଆଣ୍ଟିବାୟୋଟିକ୍ସ



## ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ପ୍ରିନ୍ସଟନ୍ ବିଶ୍ୱବିଦ୍ୟାଳୟର ଏକ ଅନୁଧ୍ୟାନ ଅନୁସାରେ ଗତ ୧୦ ବର୍ଷ ଭିତରେ ଭାରତ ଛଡ଼ା ପୃଥିବୀର ଅନ୍ୟ ଦେଶଗୁଡ଼ିକରେ ଆଣ୍ଟିବାୟୋଟିକ୍ସର ବ୍ୟବହାର ୩୬% ଏବଂ ଭାରତରେ ତାହା ୬୨% ବୃଦ୍ଧିପାଇଛି, ଯାହା ବିଶ୍ୱରେ ସର୍ବାଧିକ। ଭାରତରେ ଯେତେ ଆଣ୍ଟିବାୟୋଟିକ୍ସ ବିକ୍ରି ହେଉଛି, ତା'ର ୭୦ ଭାଗ ରୋଗଣା କୁକୁଡ଼ାଙ୍କୁ ଖୁଆଯାଉଛି, ଯେଉଁମାନଙ୍କ ମାଂସ ଓ ଅଣ୍ଡାକୁ ପରେ ଭାରତୀୟମାନେ ଖାଉଛନ୍ତି।

ଯଦି ଜଣେ ଦୀର୍ଘଦିନ ଧରି ଆଣ୍ଟିବାୟୋଟିକ୍ସ ବ୍ୟବହାର କରେ, ତେବେ ତା' ଶରୀରରେ ପ୍ରତିରୋଧ (resistance) ବୃଦ୍ଧି ପାଇବାକୁ ଲାଗେ। ଯଦି ଜଣେ ଲୋକ ନିୟମିତ କୁକୁଡ଼ା ମାଂସ ଓ ଅଣ୍ଡା ମାଧ୍ୟମରେ ଆଣ୍ଟିବାୟୋଟିକ୍ସ ଖାଏ, ତେବେ ଯେତେବେଳେ ସେହି ଲୋକଟି ରୋଗରେ ପଡ଼ିବ, ସେ ଆଣ୍ଟିବାୟୋଟିକ୍ସ ଆଉ ତା' ଦେହରେ କାମ ଦେବ ନାହିଁ। ତା' ଦେହ ସୁପରବଗ୍ ଦ୍ୱାରା ସଂକ୍ରମିତ ହେବ, ଯାହାକୁ ଆଣ୍ଟିବାୟୋଟିକ୍ସ ଦ୍ୱାରା ଭଲ କରାଯାଇପାରିବ ନାହିଁ। ଏ ପରିସ୍ଥିତିରେ ଜଣେ ଲୋକ ସାଧାରଣ ଥଣ୍ଡାକାଶରେ ବି ମୃତ୍ୟୁବରଣ କରିପାରେ।

ଗବେଷକମାନଙ୍କ ପୂର୍ବାନୁମାନ ଅନୁସାରେ ଆଣ୍ଟିବାୟୋଟିକ୍ସ ପ୍ରତିରୋଧୀ ବୀଜାଣୁ କିଛିବର୍ଷ ଭିତରେ ସାରା ବିଶ୍ୱରେ ଏକ କୋଟି ଲୋକଙ୍କୁ ମାରିଦେଇ ପାରିବେ, ଯେଉଁମାନଙ୍କ ମଧ୍ୟରେ ୪୭ ଲକ୍ଷ ଲୋକ ଏସିଆର। ଭାରତରେ ଅନେକ ଆଣ୍ଟିବାୟୋଟିକ୍ସ ଆଉ ଲୋକଙ୍କ ଦେହରେ କାମ କରୁନାହିଁ। ରୋଗ ଭଲ କରିବା ପାଇଁ ନୂଆ ଆଣ୍ଟିବାୟୋଟିକ୍ସ ଦରକାର ପଡୁଛି। କିନ୍ତୁ ଏତେ ନୂଆ ଆଣ୍ଟିବାୟୋଟିକ୍ସ ଆବିଷ୍କାର କରିବା ସହଜ ନୁହେଁ। ଗତ ୧୦ ବର୍ଷ ଭିତରେ ମାତ୍ର ଦୁଇଟି ଆଣ୍ଟିବାୟୋଟିକ୍ସକୁ ବ୍ୟବହାର ପାଇଁ ଅନୁମତି ମିଳିଛି। ସେଥିମଧ୍ୟରୁ ଗୋଟିଏ ହେଉଛି ସେଫ୍‌ଟାରୋଲିନ୍, ଯାହା ବ୍ୟବହାରର ପ୍ରଥମ ବର୍ଷରେ ହିଁ ପ୍ରତିରୋଧ ସମସ୍ୟାର ସମ୍ମୁଖୀନ ହୋଇଛି।

ଡାକ୍ତରମାନେ ବାଧ୍ୟ ହୋଇ ୫୦ ବର୍ଷ ତଳୁ ପ୍ରତ୍ୟାଖ୍ୟାତ ଆଣ୍ଟିବାୟୋଟିକ୍ସ ପୁଣି ବ୍ୟବହାର କରିବାକୁ ବ୍ୟବସ୍ଥାପତ୍ର ଲେଖୁଛନ୍ତି। ପ୍ରବଳ ପାର୍ଶ୍ୱପ୍ରତିକ୍ରିୟା ଯୋଗୁ ଏଗୁଡ଼ିକୁ ଅତୀତରେ ପ୍ରତ୍ୟାଖ୍ୟାନ କରାଯାଇଥିଲା। ଡାକ୍ତରମାନେ ଅନ୍ୟ ବିକଳ୍ପ ନ ପାଇ ଏହାକୁ ବ୍ୟବହାର ପାଇଁ ପରାମର୍ଶ ଦେଉଛନ୍ତି କାରଣ ଏଗୁଡ଼ିକ ଜୀବାଣୁ-ପ୍ରତିରୋଧୀ ହୋଇ ନ ଥିଲା। ଏପରି ଗୋଟିଏ ଆଣ୍ଟିବାୟୋଟିକ୍ସ ହୋଇଛି କୋଲିଷ୍ଟିନ୍। କୋଲିଷ୍ଟିନ୍ ବା ପଲିମାଇକ୍ସିନ୍ ଇ ହେଉଛି ଏକ ଆଣ୍ଟିବାୟୋଟିକ୍ସ ଯାହା ପିନିବାସିଲସ୍ ପଲିମାଇକ୍ସା ବୀଜାଣୁଙ୍କ କିଛି ପ୍ରଜାତିକୁ ନେଇ ପ୍ରସ୍ତୁତ ହୋଇଛି। ଅଧିକାଂଶ ଗ୍ରାମ୍-ନେଗେଟିଭ୍ ବାସିଲି ବୀଜାଣୁଙ୍କ ପାଇଁ କୋଲିଷ୍ଟିନ୍ ଭଲ କାମ କରେ।

କୋଲିଷ୍ଟିନ୍ ପ୍ରଥମେ ୧୯୫୯ ମସିହାରେ ବଜାରକୁ ଆସିଥିଲା। କିନ୍ତୁ କିଡ୍‌ନୀ ଅଚଳ ହେବା ଓ ସ୍ନାୟବିକ ଦୁର୍ବଳତା ପରି ପାର୍ଶ୍ୱପ୍ରତିକ୍ରିୟା ସୃଷ୍ଟି କରୁଥିବା ଯୋଗୁ ୧୯୮୦ ଦଶକ ପ୍ରାରମ୍ଭରେ ଏହାକୁ ବର୍ଜନ କରାଯାଇଥିଲା। ଏହାଦ୍ୱାରା ଶ୍ୱାସକ୍ରିୟା ବନ୍ଦ ହୋଇଯିବା ପରି ସମସ୍ୟା ମଧ୍ୟ ଦେଖାଯାଇଥିଲା। ଏହାଦ୍ୱାରା ବିଭିନ୍ନ ସ୍ନାୟବିକ ସମସ୍ୟା ଯଥା ବଧିରା ଲାଗିବା, ଚର୍ମ କୁଣ୍ଡେଇ ହେବା, ମୁଣ୍ଡ ବୁଲେଇବା ପ୍ରଭୃତି ସମସ୍ୟା ମଧ୍ୟ ଉପୁଜୁଥିଲା। ତେଣୁ ବିକଳ୍ପ ଅଭାବରୁ କୋଲିଷ୍ଟିନ୍‌କୁ ଅତି ସତର୍କତାର ସହ କେବଳ ଜଟିଳ ପରିସ୍ଥିତିରେ ହିଁ ବ୍ୟବହାର କରାଯାଉଛି। ଏହା ଯେପରି ପ୍ରତିରୋଧୀ ନ ହେବ ସେଥିପ୍ରତି ଦୃଷ୍ଟି ଦିଆଯାଉଛି। କିନ୍ତୁ ତାହା ସତ୍ତ୍ୱେ ଏହା ଜୀବାଣୁ-ପ୍ରତିରୋଧୀ ହୋଇସାରିଲାଣି। ଦିଲ୍ଲୀ ଓ ପୁଣେଠାରେ ଥିବା ହସ୍ପିଟାଲଗୁଡ଼ିକରେ କରାଯାଇଥିବା ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ଗୁରୁତର ସଂକ୍ରମଣ ପାଇଁ ହସ୍ପିଟାଲକୁ ଆସିଥିବା ୫% ରୋଗୀଙ୍କଠାରେ କୋଲିଷ୍ଟିନ୍ ଜୀବାଣୁ-ପ୍ରତିରୋଧୀ ହୋଇସାରିଲାଣି। ତେବେ ତାହା ହେଲା କେମିତି? ନିକଟରେ ଘଟିଥିବା ଚାଇନାର ଏକ ଉଦାହରଣରୁ ତାହା ସ୍ପଷ୍ଟ ହୋଇଯିବ।

୨୦୧୫ରେ କାର୍ଡିଫ ବିଶ୍ୱବିଦ୍ୟାଳୟର ମାଇକ୍ରୋବାୟୋଲୋଜି ପ୍ରଫେସର ଟିମୋଥି ୱାଲ୍‌ଶ୍ ଓ ତାଙ୍କ ଦଳ ଚାଇନାର ଏକ ଘୁଷୁରିଠାରେ କୋଲିଷ୍ଟିନ୍-ପ୍ରତିରୋଧୀ ଜିନ୍ ଆବିଷ୍କାର କରିଛନ୍ତି। ଏହା ବିଶ୍ୱ ମେଡିକାଲ ସମ୍ପ୍ରଦାୟରେ ଆତଙ୍କ ଖେଳାଇ ଦେଇଥିଲା, କାରଣ ଏହି ଜିନ୍ (mcr-1) ବ୍ୟାପକ ଭାବେ ଚିକିତ୍ସା କରାଯାଇପାରୁ ନ ଥିବା ସଂକ୍ରମଣର ପ୍ରସାର ଘଟାଇପାରିବ। ଚାଇନାର ପ୍ରାଣୀ ଫାର୍ମଗୁଡ଼ିକରେ ବ୍ୟାପକଭାବେ କୋଲିଷ୍ଟିନ୍ ଆଣ୍ଟିବାୟୋଟିକ୍ସ ବ୍ୟବହାର କରାଯିବା ଯୋଗୁ ଏହି ଜିନ୍‌ର ପ୍ରସାର ଘଟିଥିବା ଜଣାପଡ଼ିଛି। ଆହୁରି ଉଦ୍‌ବେଗର ବିଷୟ ହେଉଛି, ଚାଇନାରୁ ଘୁଷୁରି ମାଂସ ରପ୍ତାନି କରାଯାଉଥିବା ୩୦ରୁ ଅଧିକ ଦେଶରେ ମଣିଷ ଓ ପ୍ରାଣୀଙ୍କଠାରେ ଏହି ଜିନ୍ ମିଳିଛି।

ଭାରତରେ ମଧ୍ୟ ଅନୁରୂପ ଘଟଣା ଘଟିଛି। ୧୯୮୦ ଦଶକରେ ମଣିଷଙ୍କଠାରେ କୋଲିଷ୍ଟିନ୍‌ର ବ୍ୟବହାରକୁ ନିଷିଦ୍ଧ କରାଯିବା ପରେ ଏହାକୁ ଉତ୍ପାଦନ କରୁଥିବା କମ୍ପାନୀମାନେ ଚାଇନାର ଘୁଷୁରି ଫାର୍ମ ଓ ଭାରତର କୁକୁଡ଼ା ଫାର୍ମଗୁଡ଼ିକୁ ବିକ୍ରି କରିବାକୁ ଆରମ୍ଭ କଲେ। ପାଶ୍ଚାତ୍ୟ ଦେଶଗୁଡ଼ିକରେ କୋଲିଷ୍ଟିନ୍ ନିଷିଦ୍ଧ ହୋଇଥିବାରୁ କମ୍ପାନୀମାନେ ଏସିଆକୁ ଟାର୍ଗେଟ୍ କରିଥିଲେ। ପ୍ରାଣୀମାନଙ୍କଠାରେ ବ୍ୟବହାର ପାଇଁ ଟନ୍ ଟନ୍ କୋଲିଷ୍ଟିନ୍ ପ୍ରତି ବର୍ଷ ଭାରତ, ଭିଏତ୍‌ନାମ, ଦକ୍ଷିଣ କୋରିଆ ଓ ରୁଷିଆକୁ ରପ୍ତାନି କରାଗଲା। ଭାରତର ପାଞ୍ଚଟି ଔଷଧ କମ୍ପାନୀ ଖୋଲାଖୋଲି ଭାବେ କୋଲିଷ୍ଟିନ୍ ଥିବା ଔଷଧକୁ ପ୍ରାଣୀମାନଙ୍କ ଗ୍ରୋଥ୍ ପ୍ରମୋଟର ଭାବେ ବିଜ୍ଞାପନ ଦେଉଛନ୍ତି। ଦୁଇଟି କମ୍ପାନୀ ସ୍ଥାନୀୟ ଭାବେ କୋଲିଷ୍ଟିନ୍ ଉତ୍ପାଦନ କରୁଛନ୍ତି। ପ୍ରତିବର୍ଷ ଆମେ ୧୫୦ ଟନ୍‌ରୁ ଅଧିକ କୋଲିଷ୍ଟିନ୍ ଆମଦାନି କରୁଛୁ। ଭାରତର କୁକୁଡ଼ା ଫାର୍ମଗୁଡ଼ିକ ବ୍ୟାପକ କୋଲିଷ୍ଟିନ୍ ବ୍ୟବହାର କରୁଛନ୍ତି, ଯାହାକୁ ତଦାରଖ କରାଯାଉ ନାହିଁ। ସେମାନେ ଏତେ ଖରାପ ପରିବେଶରେ ଛୋଟ ପିଞ୍ଜରାଗୁଡ଼ିକରେ କୁକୁଡ଼ାମାନଙ୍କୁ ରଖୁଛନ୍ତି ଯେ, ମରାହେବା ପୂର୍ବରୁ ତାଙ୍କ ଜୀବନ ବଞ୍ଚେଇବା ପାଇଁ ଆଣ୍ଟିବାୟୋଟିକ୍ସ ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ଯେତେବେଳେ କୁକୁଡ଼ାମାନଙ୍କ ଦେହରେ ଅନ୍ୟ ସରଳ ଆଣ୍ଟିବାୟୋଟିକ୍‌ଗୁଡ଼ିକ ଆଉ କାମ କରୁନାହିଁ, ସେମାନେ ଅଧିକରୁ ଅଧିକ ଶକ୍ତିଶାଳୀ ଏବଂ କୋଲିଷ୍ଟିନ୍ ପରି ମାରାତ୍ମକ ଆଣ୍ଟିବାୟୋଟିକ୍ସ ବ୍ୟବହାର କରୁଛନ୍ତି। ଏହି ଆଣ୍ଟିବାୟୋଟିକ୍ସ ପରୋକ୍ଷରେ କୁକୁଡ଼ା ମାଂସ ଓ ଅଣ୍ଡା ଖାଉଥିବା ମଣିଷଙ୍କ ଦେହକୁ ଯାଉଛି।

ଉକ୍ତ କୋଲିଷ୍ଟିନ୍-ରେଜିଷ୍ଟାଣ୍ଟ ଜିନ୍ କେବଳ କୁକୁଡ଼ା ଓ ଘୁଷୁରି ମାଂସ ଖାଉଥିବା ଲୋକଙ୍କ ଦେହକୁ ଯାଉନାହିଁ, ଏହା ନାନା ବାଟରେ ଅନ୍ୟ ମଣିଷଙ୍କ ଦେହକୁ ବି ଯାଉଛି। ଏହି ଜିନ୍ ଥିବା ବୀଜାଣୁ କୁକୁଡ଼ା ଫାର୍ମ ଅଞ୍ଚଳର ବାୟୁମଣ୍ଡଳରେ ଉଡ଼ି ବୁଲନ୍ତି। ଏହା ବାୟୁ ମାଧ୍ୟମରେ ଏକ କୁକୁଡ଼ା ଫାର୍ମରେ କାମ କରୁଥିବା ଲୋକଙ୍କ ମାଧ୍ୟମରେ ଅନ୍ୟ ମଣିଷଙ୍କ ଦେହକୁ ଯାଇପାରନ୍ତି। କୁକୁଡ଼ାଙ୍କ ମଳରେ ବସୁଥିବା ମାଛି ବି ବହୁ ଦୂର ଯାଏ ଏହି ଜୀବାଣୁଙ୍କୁ ବୋହି ନେଇଯାନ୍ତି। କୁକୁଡ଼ା ମଳ ଆଖପାଖର ମାଟି ଓ ଜଳଭଣ୍ଡାରକୁ ବି ପ୍ରଦୂଷିତ କରେ ଏବଂ ତାହା ମାଧ୍ୟମରେ ଅନ୍ୟ କୃଷି ଉତ୍ପାଦ ବି ପ୍ରଦୂଷିତ ହୋଇପାରେ।

ଲୋକମାନେ ପ୍ରତିବାଦ କରୁ ନ ଥିବାରୁ ସରକାର ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। କୁକୁଡ଼ା ଫାର୍ମଗୁଡ଼ିକ ଉପରେ ଚଢ଼ାଉ କରାଯାଉ ନାହିଁ। ନିଷିଦ୍ଧ ଔଷଧ ବିକ୍ରି କରୁଥିବା କୌଣସି କମ୍ପାନୀକୁ ବନ୍ଦ କରାଯାଉ ନାହିଁ। ତିନୋଟି ମନ୍ତ୍ରଣାଳୟ ଏଥିପାଇଁ ଦାୟୀ। ପ୍ରଥମ ପଶୁପାଳନ ମନ୍ତ୍ରଣାଳୟ, ଯାହାର ଇନ୍ସପେକ୍ଟରମାନେ ଦୁର୍ନୀତିଗ୍ରସ୍ତ ଓ ଅଳସୁଆ ଏବଂ ସେମାନେ କୁକୁଡ଼ା ପାଳନକୁ ଉପାର୍ଜନର ଏକ ଉତ୍ସଭାବେ ବିଚାର କରନ୍ତି। ଦ୍ୱିତୀୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ, ଯିଏ କୋଲିଷ୍ଟିନ୍‌ର ବ୍ୟବହାରକୁ ବନ୍ଦ କରିବା ପାଇଁ କୌଣସି ପଦକ୍ଷେପ ନେଉ ନାହିଁ। ତୃତୀୟ ପରିବେଶ ମନ୍ତ୍ରଣାଳୟ, ଯିଏ କୁକୁଡ଼ା ଫାର୍ମଜନିତ ପରିବେଶ ପ୍ରଦୂଷଣକୁ ରୋକିବା ପାଇଁ କିଛି ବି କରୁନାହିଁ। ତେଣୁ କୋଲିଷ୍ଟିନ୍ ଦ୍ୱାରା ଆପଣମାନେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ କ୍ଷତିଗ୍ରସ୍ତ ହେଉଛନ୍ତି। କିଡ୍‌ନୀ ଅଚଳ ହେବାଠାରୁ ଆରମ୍ଭ କରି ଚର୍ମ କୁଣ୍ଡେଇ ହେବା, ରକ୍ତହୀନତା ଓ ସ୍ନାୟୁ ସମସ୍ୟା ପରି ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଆଉ ଆପଣ ଯେତେବେଳେ ଅସୁସ୍ଥ ହେଉଛନ୍ତି ସେତେବେଳେ କୋଲିଷ୍ଟିନ୍ ପରି ଆଣ୍ଟିବାୟୋଟିକ୍ସ ଆପଣଙ୍କର କୌଣସି କାମରେ ଆସୁନାହିଁ କାରଣ ଆପଣଙ୍କ ଶରୀର ଏହାର ପ୍ରତିରୋଧୀ ହୋଇସାରିଛି। ଭାରତ ପରି ଜନବହୁଳ ଦେଶରେ ଆଣ୍ଟିବାୟୋଟିକ୍ସ-ପ୍ରତିରୋଧୀ ସଂକ୍ରମଣ ମହାମାରୀରେ ପରିଣତ ହୋଇପାରେ। ଏଣୁ ଖାଉଟିଙ୍କ ମଧ୍ୟରେ କୋଲିଷ୍ଟିନ୍‌ର ବିପଦ ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବା ଜରୁରୀ। ସରକାର ଏହା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ। କୁକୁଡ଼ା ଫାର୍ମଗୁଡ଼ିକରେ କୋଲିଷ୍ଟିନ୍ ତଥା ଅନ୍ୟ କୌଣସି ପ୍ରକାର ଆଣ୍ଟିବାୟୋଟିକ୍ସର ବ୍ୟବହାରକୁ ବନ୍ଦ କରାଯିବା ଉଚିତ। ଚାଇନା କୋଲିଷ୍ଟିନ୍‌କୁ ନିଷିଦ୍ଧ କରିସାରିଲାଣି। ଇଂଲଣ୍ଡର ଚିଫ୍ ମେଡିକାଲ ଅଫିସର ସାରା ବିଶ୍ୱରେ କୁକୁଡ଼ା ଫାର୍ମଗୁଡ଼ିକରେ ଗ୍ରୋଥ୍ ପ୍ରମୋଟର ହିସାବରେ ଆଣ୍ଟିବାୟୋଟିକ୍ସର ବ୍ୟବହାରକୁ ନିଷିଦ୍ଧ କରିବାକୁ ଆହ୍ୱାନ ଦେଇଛନ୍ତି। ୟୁରୋପୀୟ ସଂଘରେ ୨୦୦୬ରୁ ଏବଂ ଆମେରିକାରେ ୨୦୧୭ରୁ ଏହା ନିଷିଦ୍ଧ। ଭାରତ ତାହା ନିଷିଦ୍ଧ କରିବାକୁ ଚାହୁଁନାହିଁ, କାରଣ ଲୋକଙ୍କ ସ୍ୱାସ୍ଥ୍ୟ ଅପେକ୍ଷା ଆର୍ଥିକ ଲାଭ ଅର୍ଜନକୁ ଏହା ଅଧିକ ଗୁରୁତ୍ୱ ଦେଉଛି।

Email: gandhim@nic.in

## ଏଇ ଭାରତରେ

ମୁମ୍ବାଇର ଜଣେ ସ୍କୁଲ୍ ଛାତ୍ରୀ ପଢ଼ିଥିବା ବିଷୟକୁ ଅଗ୍ନିକାଣ୍ଡ ବେଳେ ପ୍ରୟୋଗ କରିବାରୁ ଅନେକଙ୍କ ଜୀବନରକ୍ଷା ହୋଇପାରିଛି। ବୁଧବାର ସକାଳେ କେନ୍ଦ୍ରୀୟ ମୁମ୍ବାଇର ପାରେଲ ଅଞ୍ଚଳର ଏକ ୧୭ମହଲା ବିଶିଷ୍ଟ କ୍ରିଷ୍ଟାଲ ଟାୱାର ବିଲ୍‌ଡିଂରେ ହଠାତ୍ ନିଆଁ ଲାଗିଯାଇଥିଲା। ୧୦ବର୍ଷ ବୟସ୍କ ଜେନ୍ ସଦାବର୍ତ୍ତେ ତାଙ୍କର ଉପସ୍ଥିତି ବୁଦ୍ଧି ଖଟାଇ ନିରାପଦ ଉପାୟ ବତାଇ ଦେଇଥିଲେ। ଏହାଦ୍ୱାରା ତାଙ୍କ ପରିବାର ଏବଂ ପଡୋଶୀଙ୍କ ଜୀବନରକ୍ଷା ହୋଇପାରିଥିଲା। ଜେନ୍ ଏବଂ ତାଙ୍କ ପରିବାର ୧୬ ମହଲାରେ ରୁହନ୍ତି। ଷଷ୍ଠ ଶ୍ରେଣୀର ଏହି ଛାତ୍ରୀ ସ୍କୁଲ୍ ପ୍ରୋଜେକ୍ଟରୁ ଶିକ୍ଷାକରିଥିବା ଅଗ୍ନିକାଣ୍ଡ ନିରାପତ୍ତା ବିଷୟ ମନେପକାଇଥିଲେ। ସକାଳୁ ସମଗ୍ର ଫ୍ଲାଟ୍ ଧୂଆଁମୟ ହୋଇଯାଇଥିଲା। ସମସ୍ତେ ଆତଙ୍କିତ ହୋଇପଡିଥିଲେ। ଆଦୌ ବିଚଳିତ ନ ହୋଇ ନୀରବ ରହିବାକୁ ଜେନ୍ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ତୁଳା, ପାଣି ଓ କପଡା ସହାୟତାରେ ଏକ ପ୍ରକାର ବିଶୋଧକ ପ୍ରସ୍ତୁତ କରାଯାଇ ସମସ୍ତଙ୍କୁ ନାକ ଓ ପାଟିରେ ଦେବାକୁ ସେ ପରାମର୍ଶ ଦେଇଥିଲେ। ଫଳରେ ସେମାନେ ଧୂଆଁ ଦ୍ୱାରା ଅଣନିଃଶ୍ୱାସୀ ହୋଇ ନ ଥିଲେ। ଏହି ବିଷୟ ସେ ସ୍କୁଲ୍ ପ୍ରୋଜେକ୍ଟରୁ ଶିକ୍ଷା କରିଥିଲେ ବୋଲି ପ୍ରକାଶ କରିଛନ୍ତି। ଅଗ୍ନିଶମ କର୍ମଚାରୀ ଆସିବା ପର୍ଯ୍ୟନ୍ତ ଏହି ସ୍କୁଲ ଛାତ୍ରୀ ନିଜର ଉପସ୍ଥିତ ବୁଦ୍ଧି ଖଟାଇ ନିଜ ପରିବାର ଏବଂ ପଡୋଶୀଙ୍କ ଜୀବନରକ୍ଷା କରିପାରିଥିଲେ।

## ଚିରନ୍ତନୀ

ଯିବାକୁ ଉଠି ସତ୍ୱର ପ୍ରସାରଇଁ ଦୁଇ କର
ନାହିଁ ନାହିଁ କରି ଫେରି ଚଳଇ ପବନ
ତା' ବ୍ୟଥାରେ ବଥାଏ ନୟନ ।
(ବ୍ୟବଧାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 5 | | 6 | | | E | | | | A | | | |
| | | 3 | | A | | | 1 | | B | 2 | C | | E | |
| | 7 | | | | 0 | | | D | | | | C | 2 | |
| E | | A | 9 | | | 0 | 8 | | | | | | | |
| 0 | D | 6 | | | | 4 | | | | E | | | 1 | |
| | | | | | | | 2 | | A | | | | 6 | |
| | | | B | D | 4 | | | | | 6 | | 3 | | 1 |
| | E | 9 | | | | | | 5 | 7 | | | | | |
| | | | 7 | | | | D | | | 9 | | | 5 | |
| | | | | | 6 | | | 7 | | 0 | 1 | 9 | | A |
| | 9 | | 3 | | | 8 | | | 5 | | 2 | 1 | 4 | |
| | | | 6 | 0 | 9 | 7 | 4 | B | | | | 8 | | 3 |
| 7 | | | | | D | | | 6 | | | | E | | |
| | B | | | C | A | | 3 | | | | | | | |
| | 4 | | 1 | | 2 | | C | | | 3 | | | D | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 2 | B | 0 | C | 3 | 5 | 1 | E | 8 | 4 | A | 6 | 7 | D |
| 4 | 7 | E | B | 6 | 1 | 2 | A | 3 | D | 5 | 9 | C | 0 | 8 |
| D | 8 | 3 | 5 | 2 | 9 | 0 | 4 | 7 | 1 | 6 | C | B | A | E |
| A | 6 | 0 | 8 | 4 | E | C | B | D | 7 | 2 | 3 | 1 | 5 | 9 |
| C | 1 | 5 | D | A | 7 | 9 | 8 | 6 | E | B | 0 | 3 | 4 | 2 |
| 3 | C | 9 | 6 | E | 2 | 4 | D | B | 0 | 7 | 1 | 5 | 8 | A |
| 6 | 0 | A | 3 | B | D | 7 | E | 5 | 4 | 9 | 8 | 2 | C | 1 |
| 1 | D | 2 | 7 | 5 | 4 | 8 | 9 | C | 3 | A | E | 0 | 6 | B |
| 5 | 4 | 8 | 1 | 0 | C | 3 | 2 | A | B | D | 6 | 9 | E | 7 |
| E | B | 7 | A | 9 | 8 | 6 | 0 | 1 | 2 | C | 5 | D | 3 | 4 |
| 2 | 9 | 6 | 4 | 1 | B | E | 5 | 0 | A | 3 | 7 | 8 | D | C |
| B | 5 | D | C | 7 | 0 | A | 3 | 8 | 9 | 1 | 4 | E | 2 | 6 |
| 0 | A | C | 9 | 8 | 5 | 1 | 7 | 2 | 6 | E | D | 4 | B | 3 |
| 7 | E | 1 | 2 | 3 | 6 | D | C | 4 | 5 | 8 | B | A | 9 | 0 |
| 8 | 3 | 4 | E | D | A | B | 6 | 9 | C | 0 | 2 | 7 | 1 | 5 |

ଗତକାଲିର ଉତ୍ତର

# ସହରୀ ବନ୍ୟା



ବିଚିତ୍ର ବିଶ୍ୱାଳ

ଆମେ ପିଲାଦିନରୁ ଝିଣ୍ଟିକା ଓ ପିମ୍ପୁଡ଼ିର ଗପ ଶୁଣିଛେ। ପିମ୍ପୁଡ଼ି ବର୍ଷାଦିନ ପାଇଁ ଖାଦ୍ୟ ସଞ୍ଚୟ କରି ରଖିବା ନିମନ୍ତେ କଠିନ ପରିଶ୍ରମ କରୁଥିବା ବେଳେ ଅଳସୁଆ ଝିଣ୍ଟିକା ବର୍ଷାଦିନ କଥା ନ ଭାବି ମଉଜ ମସ୍ତିରେ ମାତିଥିଲା। ପରିଣାମ ସ୍ୱରୂପ ବର୍ଷାଦିନ ଆସିବାରୁ ଝିଣ୍ଟିକା କ୍ଷୁଧାରେ ଛଟପଟ ହେଲା ଓ ବାକି କାହାଣୀ ଆମେ ଜାଣିଛେ। ସମ୍ପ୍ରତି ଆମ ଦେଶର ବଡ଼ ବଡ଼ ସହରଗୁଡ଼ିକର ଅବସ୍ଥା ସେହି ଅଳସୁଆ ଝିଣ୍ଟିକା ପରି ହୋଇଛି। ଏହି ସବୁ ବଡ଼ ବଡ଼ ସହର ବର୍ଷାଦିନ ପାଇଁ ଯୋଜନା ନ କରି କେବଳ ରାସ୍ତାଘାଟ, କୋଠାବାଡ଼ି, ମଲ୍, ମଲ୍‌ଟିପ୍ଲେକ୍ସ ଆଦି ବଢ଼େଇ ଚାଲିଛନ୍ତି। ପରିଣାମ କ'ଣ ହେଉଛି ଆମେ ଦେଖୁଛେ। ଅସରାଏ ଦି' ଅସରା ବର୍ଷାରେ ସହର ଜଳାର୍ଣ୍ଣବ ହୋଇଯାଉଛି।

ବିକାଶ ପ୍ରକ୍ରିୟାରେ ସାମିଲ ହେବା ପାଇଁ ଲକ୍ଷ ଲକ୍ଷ ଲୋକ ଗାଁ ଛାଡ଼ି ସହରାଭିମୁଖୀ ହେବାରେ ଲାଗୁଛନ୍ତି। ଗାଁରେ ରହିବା ପାଇଁ ଆଉ କାହାର ବି ଇଚ୍ଛା ନାହିଁ। ତେଣୁ ସାରା ଦେଶରେ ବଡ଼ ବଡ଼ ସହରଗୁଡ଼ିକରେ ଲୋକସଂଖ୍ୟା ଦ୍ରୁତଗତିରେ ବଢ଼ିଚାଲୁଛି। ସହର ହିଁ ସାମ୍ପ୍ରତିକ ସମୟରେ ବିକାଶର ପ୍ରତୀକ ସାଜିଛି। କିନ୍ତୁ ଅନ୍ୟପକ୍ଷରେ ଦେଖାଯାଉଛି ଯେ, ବିକାଶର ପ୍ରତୀକ ସାଜିଥିବା ଦେଶର ବଡ଼ ବଡ଼ ସହରଗୁଡ଼ିକ ବର୍ଷାଦିନେ ଭୀଷଣ ବିପତ୍ତିର ସମ୍ମୁଖୀନ ହେଉଛନ୍ତି। ଆଗରୁ ବର୍ଷାଦିନେ ନଦୀ ତଳି ଅଞ୍ଚଳଗୁଡ଼ିକର ଯେପରି ଅବସ୍ଥା ହେଉଥିଲା ଏବେ ଦେଶର ମେଟ୍ରୋ ସହରର ସେହିପରି ଅବସ୍ଥା ହେଉଛି। ଅଦିନିଆ ବନ୍ୟା ଦେଖାଦେଉଛି ସହରଗୁଡ଼ିକରେ।

ଚଳିତ ବର୍ଷ ଆମ ରାଜ୍ୟର ରାଜଧାନୀ ଭୁବନେଶ୍ୱର ଯେଭଳି ଭାବେ ବର୍ଷା ଯୋଗୁ ବିପତ୍ତିର ସମ୍ମୁଖୀନ ହେଲା, ରାଜଧାନୀବାସୀ ତାହା ଅଙ୍ଗେ ନିଭେଇଲେ। ଚାରି ପାଞ୍ଚଦିନ କ୍ରମାଗତ ବର୍ଷା ଯୋଗୁ ରାଜଧାନୀର ଏକାଧିକ ଅଞ୍ଚଳ ଜଳମଗ୍ନ ହୋଇଗଲା। ରାସ୍ତା ଉପରେ ଗାଡ଼ି ମୋଟର ଚାଲିବା ଅସମ୍ଭବ ହୋଇପଡ଼ିଲା। ସମ୍ପ୍ରତି କେରଳରେ ଦେଖାଦେଇଥିବା ଭୟଙ୍କର ବନ୍ୟା ପରିସ୍ଥିତି ବି ଆମ ଦେଶର ସହରଗୁଡ଼ିକର ଦୁର୍ଭାଗ୍ୟଜନକ ସ୍ଥିତିକୁ ସୂଚାଉଛି। କେରଳର ବନ୍ୟାକୁ କେନ୍ଦ୍ର ସରକାର ଗୁରୁତର ବିପର୍ଯ୍ୟୟର ନାଁ ଦେଇଛନ୍ତି। ଲକ୍ଷାଧିକ ଲୋକ ବେଘର ହୋଇ ଆଶ୍ରୟସ୍ଥଳରେ ଜୀବନଯାପନ କରୁଛନ୍ତି। ଗୋଟିଏ ପଟେ ଆମେ ସହରକୁ ବିକାଶର କେନ୍ଦ୍ରସ୍ଥଳ ରୂପେ ବର୍ଣ୍ଣନା କରୁଥିବା ବେଳେ ବର୍ଷାଦିନେ ସହରଗୁଡ଼ିକର ଏପରି ଅବସ୍ଥାକୁ ଆମ ବିକାଶ ପ୍ରକ୍ରିୟାର ଅସହାୟ ଦିଗକୁ ଦର୍ଶାଉନାହିଁ କି? କେବଳ ଭୁବନେଶ୍ୱର କି କେରଳ ନୁହେଁ, ଆମ ଦେଶର ମେଟ୍ରୋ ସହରଗୁଡ଼ିକ ଯଥା ଦିଲ୍ଲୀ, ଚେନ୍ନାଇ, ମୁମ୍ବାଇ ଓ କୋଲକାତା ବି ବର୍ଷାଦିନେ ଜଳାର୍ଣ୍ଣବ ହୋଇଯାଉଛି।

ଗତ ଅଗଷ୍ଟ ୯ ତାରିଖରେ କେରଳରେ ଭୀଷଣ ବର୍ଷା ଯୋଗୁ ପ୍ରସିଦ୍ଧ କୋଚି ସହର ଜଳାର୍ଣ୍ଣବ ହୋଇଗଲା। ରାଜ୍ୟ ସରକାରଙ୍କୁ ପ୍ରାୟ ଚାରି ହଜାର ଲୋକଙ୍କୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରିବାକୁ ପଡ଼ିଲା। ଗତ ଜୁଲାଇ ୧୩ ତାରିଖରେ ଦେଶର ରାଜଧାନୀ ଦିଲ୍ଲୀରେ ପ୍ରବଳ ବର୍ଷା ଯୋଗୁ ଦିଲ୍ଲୀ ପରିବହନ ନିଗମର ଏକ ଯାତ୍ରୀବାହୀ ବସ୍ ଅଧା ବୁଡ଼ିଗଲା। ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କୁ ଆସି ଯାତ୍ରୀମାନଙ୍କୁ ଉଦ୍ଧାର କରିବାକୁ ପଡ଼ିଲା। ଭିକାଜୀ କାମା ମେଟ୍ରୋ ଷ୍ଟେଶନ ବି ପାଣିରେ ଭରିଗଲା। ଏହା ହେଉଛି ବର୍ଷାଦିନେ ରାଜଧାନୀ ଦିଲ୍ଲୀର ଅବସ୍ଥା। ଗତବର୍ଷ ପ୍ରବଳ ବର୍ଷା ଯୋଗୁ ମୁମ୍ବାଇର ରାସ୍ତାଘାଟ ଏପରି ପାଣିରେ ବୁଡ଼ି ରହିଲା ଯେ, ଜଣେ ଲୋକ ମ୍ୟାନ୍‌ହୋଲ୍‌ରେ ପଡ଼ି ମୃତ୍ୟୁବରଣ କଲେ। ଅନ୍ଧେରିର ଗୋଟେ ପାଦଚଲା ପୋଲ ଭୁଶୁଡ଼ି ପଡ଼ିଲା। ପାଖାପାଖି ସହରର ୪୩ଟି ଅଞ୍ଚଳରେ ଘର ବି ଭୁଶୁଡ଼ି ପଡ଼ିଥିବା ରିପୋର୍ଟ ଆସିଲା।

ଚଳିତ ବର୍ଷ ଦେଶର ଅନ୍ୟତମ ମେଟ୍ରୋ ସହର ଚେନ୍ନାଇର ପରିସ୍ଥିତି ବର୍ଷାରେ ଅତ୍ୟନ୍ତ ସଙ୍ଗିନ ହୋଇଯାଇଥିଲା। ସହରର କେତେକ ଅଞ୍ଚଳର ଲୋକେ ତିନି ଚାରିଦିନ ପାଇଁ ଘର ଭିତରୁ ବାହାରି ପାରିଲେ ନାହିଁ। ବନ୍ୟା ସ୍ଥିତି ସୃଷ୍ଟି ହୋଇଥିଲା ସାରା ସହରରେ। ୨୦୧୫ରେ ମଧ୍ୟ ବର୍ଷା ଯୋଗୁ ଏହାଠାରୁ ଅତ୍ୟନ୍ତ ଖରାପ ପରିସ୍ଥିତି ସୃଷ୍ଟି ହୋଇଥିଲା ଚେନ୍ନାଇରେ। ଗତ ଜୁଲାଇର ଚତୁର୍ଥ ସପ୍ତାହରେ କୋଲକାତାରେ ପ୍ରବଳ ବର୍ଷା ଯୋଗୁ ସହରବାସୀ ବି ଅତ୍ୟନ୍ତ ନାହିଁ ନ ଥିବା ପରିସ୍ଥିତିର ସମ୍ମୁଖୀନ ହେଲେ। ବର୍ଷାଜଳ ସହରରୁ ବାହାରକୁ ନିଷ୍କାସନ ନ ହୋଇପାରିବାରୁ ଓ ଅନ୍ୟପଟେ ଗଙ୍ଗାନଦୀ ଫୁଲିକରି ରହିଥିବା ଯୋଗୁ ସହରର କେତେକ ଅଞ୍ଚଳ କିଛିଦିନ ପାଇଁ ବନ୍ୟା ସ୍ଥିତିକୁ ସାମ୍ନା କଲା। ଡ୍ରେନ୍ ପାଣି ରାସ୍ତା ଉପରକୁ ମାଡ଼ିଆସିଲା।

ସହରଗୁଡ଼ିକରେ ଏପରି ମୌସୁମୀ ବିପର୍ଯ୍ୟୟର ମୁଖ୍ୟ କାରଣ ହେଉଛି, ସହରରେ ହୁ ହୁ ହୋଇ ବଢୁଥିବା ଅନିୟନ୍ତ୍ରିତ ଘରବାଡ଼ି। ମୁମ୍ବାଇ, ଦିଲ୍ଲୀ, ଚେନ୍ନାଇ, କୋଲକାତା ଓ ବେଙ୍ଗାଲୁରୁ ଭଳି ପାଞ୍ଚୋଟି ମୁଖ୍ୟ ମେଟ୍ରୋ ସହରର ଜନସଂଖ୍ୟା ପ୍ରାୟ ୩୭ କୋଟି ଓ ପ୍ରତିଦିନ ଏହା ବଢ଼ିବାରେ ଲାଗୁଛି। ସହରର କ୍ଷମତାଠାରୁ ଅଧିକ ଲୋକ ବାସ କରିବାରୁ ଓ ଘର ନିର୍ମାଣ ତଥା ଅନେକ ବେଆଇନ ନିର୍ମାଣ ହେଉଥିବାରୁ ବର୍ଷାପାଣି ସହରରୁ ବାହାରକୁ ଯାଇପାରୁନାହିଁ। ଏପରି କି ସହର ପାଖରେ ଥିବା ନଦୀଗୁଡ଼ିକର ଶଯ୍ୟା କ୍ରମାଗତ ଭାବେ ପୋତିହୋଇ ପଡୁଥିବାରୁ ସହରରୁ ବାହାରୁଥିବା ପାଣି ନଦୀକୁ ଯାଇପାରୁନାହିଁ। ଏହା ଅଦିନିଆ ବନ୍ୟା ପରିସ୍ଥିତି ସୃଷ୍ଟି କରୁଛି। ବିକାଶର ଧ୍ୱଜା ଉଡ଼ାଉଥିବା ଆମ ଦେଶର ସହରଗୁଡ଼ିକର ଏପରି ଅବସ୍ଥା ବାସ୍ତବିକ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଦୁଇ ଅସରା ବର୍ଷାକୁ ସହି ନ ପାରିବାର ଶକ୍ତି ଯଦି ଆମ ସହରଗୁଡ଼ିକର ନାହିଁ, ତେବେ ଆମ ବିକାଶ ଯୋଜନା କେତେ ପରିପକ୍ୱ, ଏଥିରୁ ବୁଝିହେଉଛି। ପରିସ୍ଥିତିକୁ ଲକ୍ଷ୍ୟ କରି ସହରଗୁଡ଼ିକ ପାଇଁ ଦୀର୍ଘମିଆଦୀ ଓ ସନ୍ତୁଳିତ ଯୋଜନା କରିବାକୁ ପଡ଼ିବ।

bichitrabiswal@gmail.com

## ପାଠକ ଶ୍ରେଷ୍ଠ ବିଚାରକ

### ହକି ବିଶ୍ୱକପ୍

ମହାଶୟ,

ଆମ୍ଭ ରାଜ୍ୟ ଦ୍ୱାରା ଭୁବନେଶ୍ୱରରେ ଥିବା କଳିଙ୍ଗ ଷ୍ଟାଡିୟମ୍‌ରେ ନିକଟ ଭବିଷ୍ୟତରେ ହକି ବିଶ୍ୱକପ୍‌ର ଆୟୋଜନ କରାଯିବ। ବିଶ୍ୱର ୧୬ଟି ଶ୍ରେଷ୍ଠ ହକି ଦଳକୁ ନେଇ ଏହି ସମରସଜ୍ଜା ହେବ। ଏଥିପାଇଁ ସାରା ଓଡ଼ିଶା ବିଶ୍ୱ ହକି ମାନଚିତ୍ରରେ ଏକ ଅତି ବିଶିଷ୍ଟ ସ୍ଥାନ ଭାବେ ପରିଚିତ ହେବ। ଆମ୍ଭେ ଏଥିପାଇଁ ଗର୍ବିତ ହେବା ଦରକାର। ଖବରକାଗଜ ରିପୋର୍ଟ ଅନୁଯାୟୀ ପ୍ରାୟ ୧୧,୦୦୦ ହୋଟେଲ ରୁମ୍ ଦରକାର ହେବ। କିନ୍ତୁ ଭୁବନେଶ୍ୱର ରାଜଧାନୀ ହୋଇଥିବା ସତ୍ତ୍ୱେ ଖୁବ୍ ବେଶିରେ ୫୦୦୦ ହୋଟେଲ ରୁମ୍ ମିଳିପାରିବ। ଅବଶିଷ୍ଟ ପୁରୀରେ ଯୋଗାଡ଼ ହୋଇସାରିଛି ଏବଂ ଅତିରିକ୍ତ ୫୦୦ ହୋଟେଲ ରୁମ୍ କଟକରୁ ବୁକ୍ ହୋଇଛି। ୩୦ ଓ ୬୦ କି.ମି. କଟକ ଓ ପୁରୀକୁ ଯିବାଆସିବା ବିଶେଷ କିଛି ଅସୁବିଧା ହେବ ନାହିଁ ବୋଲି ମୋର ମନେ ହୁଏ।

ପ୍ରଫୁଲ୍ଲ କୁମାର ନାୟକ, ବୋଷ୍ କଲୋନୀ, କଟକ

### ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ କୋର୍ଟ ସ୍ୱାଗତଯୋଗ୍ୟ

ସମ୍ପ୍ରତି ଦେଶର ବିଭିନ୍ନ ପ୍ରାନ୍ତରେ ଶିଶୁ ଓ ମହିଳାମାନଙ୍କ ପ୍ରତି ଅମାନୁଷିକ ଅତ୍ୟାଚାର ହେଉଛି। ଅନେକ ସମୟରେ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ଦୋଷୀ ଦଣ୍ଡ ପାଇପାରୁ ନାହିଁ। ନ୍ୟାୟିକ ପ୍ରକ୍ରିୟାରେ ବହୁ ବିଳମ୍ବ ଘଟୁଛି। ପୀଡିତାଙ୍କୁ ଉପଯୁକ୍ତ ନ୍ୟାୟ ମିଳୁନାହିଁ। କେନ୍ଦ୍ର ସରକାର ବହୁ ଡେରିରେ ହେଲେ ମଧ୍ୟ ଏଭଳି ଘଟଣାର ତ୍ୱରିତ ବିଚାର ପାଇଁ ଫାଷ୍ଟଟ୍ରାକ୍ କୋର୍ଟ ପ୍ରତିଷ୍ଠା କରାଇବା ସ୍ୱାଗତଯୋଗ୍ୟ ପଦକ୍ଷେପ। ପୂର୍ବରୁ ନାବାଳିକାଙ୍କ ପ୍ରତି ହେଉଥିବା ଅତ୍ୟାଚାରର ପୋକ୍ସୋ ଆକ୍ଟକୁ ସଂଶୋଧନ କରି ୧୨ବର୍ଷରୁ କମ୍ ବୟସର ଝିଅମାନଙ୍କ ବଳାତ୍କାରୀଙ୍କୁ ଫାଶୀଦଣ୍ଡ ଓ ତା'ଠାରୁ ଅଧିକା ବୟସ୍କାଙ୍କ ପ୍ରତି ହେଉଥିବା ଅତ୍ୟାଚାର ପାଇଁ ଦୋଷୀଙ୍କୁ ମୃତ୍ୟୁ ପର୍ଯ୍ୟନ୍ତ କାରାଦଣ୍ଡ ପ୍ରଦାନ- ଏହି ନିୟମ କଡାକଡି ଭାବେ ପାଳନ ସହ ଘଟଣା ଘଟିବାର ୨ ମାସ ମଧ୍ୟରେ ସ୍ୱତନ୍ତ୍ର କୋର୍ଟରେ ଫଇସଲା ହେବା ଜରୁରୀ।

ବିନୋଦ ଚନ୍ଦ୍ର ଜେନା, ପାରଳାଖେମୁଣ୍ଡି, ଗଜପତି

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଭଡ଼ାରେ ମାତୃତ୍ୱ



ଅଲେଖ ଚନ୍ଦ୍ର ମିଶ୍ର

ଭଡ଼ାରେ ମାତୃତ୍ୱ (ସରୋଗେସି) ଚିକିତ୍ସା ବିଜ୍ଞାନ ଦ୍ୱାରା ସ୍ୱୀକୃତ ଏକ ପ୍ରଜନନ ପ୍ରକ୍ରିୟା, ଯାହାଦ୍ୱାରା ଗର୍ଭଧାରଣ ପାଇଁ ଅକ୍ଷମ ଜଣେ ମହିଳାଙ୍କ ଲାଗି ଅନ୍ୟଜଣେ ମହିଳା ଗର୍ଭଧାରଣ କରନ୍ତି ଏବଂ ଜନ୍ମିତ ସନ୍ତାନକୁ ଅକ୍ଷମ ମହିଳାଙ୍କୁ ହସ୍ତାନ୍ତର କରନ୍ତି। ସନ୍ତାନପ୍ରାପ୍ତିର ଅନ୍ୟ ଏକ ବିକଳ୍ପ ଆଇଭିଏଫ୍ (ଇନ୍‌ଭର୍ଟୋ ଫର୍ଟିଲିଟି) ପ୍ରଣାଳୀଠାରୁ ଏହା ଅଧିକ ଉପାଦେୟ, କାରଣ ଏହାଦ୍ୱାରା ନିଜ ଔରସର ସନ୍ତାନପ୍ରାପ୍ତି ସମ୍ଭବ ହୋଇଥାଏ। ତେଣୁ ଏହି ପଦ୍ଧତି ଏତେ ଲୋକପ୍ରିୟ ହୋଇଯାଇଛି ଯେ ସାରା ପୃଥିବୀର କୋଟି କୋଟି ଲୋକ ଏହାର ଆଶ୍ରୟ ନେଉଛନ୍ତି। ବିଶ୍ୱବ୍ୟାପୀ କେତେ ହତାଶ ଦମ୍ପତି ଆଶାର ଆଲୋକ ଦେଖୁଛନ୍ତି।

ମାତ୍ର ଗଭୀର ପରିତାପର ବିଷୟ, ଏଭଳି ଏକ ଜନହିତକାରୀ କର୍ମର ଲୋକପ୍ରିୟତାକୁ ଆଧାର କରି ଅନେକ ଅସାଧୁ ବ୍ୟକ୍ତି ଓ ସଂସ୍ଥା ଏଥିରୁ ବ୍ୟବସାୟିକ ଫାଇଦା ଉଠେଇବା ପାଇଁ ତତ୍ପର ହୋଇପଡିଛନ୍ତି। ବିଶ୍ୱବ୍ୟାପୀ ଏଥିପାଇଁ ଅନ୍ୟୂନ ୨ ବିଲିୟନ ଡଲାରର କାରବାର ଚାଲିଛି। ପ୍ରତିଯୋଗିତାମୂଳକ ବ୍ୟବସାୟ ଯୋଗୁ ସେମାନେ ଭୁଲିଯାଉଛନ୍ତି ଯେ ସରୋଗେଟ୍ ମଦର ହୁଏତ ଥରେ ଦୁଇଥର ଗର୍ଭଧାରଣ କରିବା ପରେ ତା'ର ପ୍ରଜନନ କ୍ଷମତାକୁ ହରେଇପାରେ ଏବଂ ଜନ୍ମିତ ସନ୍ତାନର ଭବିଷ୍ୟତ ଅନିଶ୍ଚିତ ହୋଇପାରେ। ସୁତରାଂ ଏହି ପ୍ରକ୍ରିୟାର ଦୁରୁପଯୋଗ ସମ୍ପ୍ରତି ବିଶ୍ୱସ୍ତରୀୟ ଚିନ୍ତାର କାରଣ ପାଲଟିଛି। ସେଥିପାଇଁ ରୁଷିଆ, ୟୁକ୍ରେନ୍ ଓ ଆମେରିକାର କେତେକ ରାଜ୍ୟକୁ ବାଦ୍ ଦେଲେ ଅନ୍ୟ ସମସ୍ତ ଦେଶରେ ବ୍ୟବସାୟିକ ସରୋଗେସିକୁ ନିଷିଦ୍ଧ କରାଯାଇଛି।

ଏ କ୍ଷେତ୍ରରେ ଭାରତର ସ୍ଥିତି ବି ଉଦ୍‌ବେଗଜନକ। କାରଣ ବିଦେଶର ପ୍ରାୟ ୮୦ ଭାଗ ସଂସ୍ଥା ଭାରତୀୟ ନାରୀଙ୍କ ଦାରିଦ୍ର୍ୟର ସୁଯୋଗ ନେଇ ସେମାନଙ୍କୁ ଶୋଷଣ କରୁଛନ୍ତି। ସାମାନ୍ୟ ଧନର ଲୋଭ ଦେଖାଇ ଅନେକ ମହିଳାଙ୍କ ଜୀବନ ବିପନ୍ନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ନିମ୍ନଲିଖିତ ଦୁଇଟି ଦୃଷ୍ଟାନ୍ତରୁ ଘଟଣାର ଗମ୍ଭୀରତା ଅନୁମେୟ। ୨୦୦୮ ମସିହାରେ ଏକ ଜାପାନୀ ଡାକ୍ତର ଦମ୍ପତି ଗୁଜରାଟର ଏକ ଛୋଟ ସହରରେ ରହୁଥିବା ଜଣେ ଗରିବ ମହିଳାଙ୍କୁ ପ୍ରଲୋଭିତ କରି ସରୋଗେସି ମାଧ୍ୟମରେ ଗର୍ଭାଧାନ କରାଇଲେ। ସେଥିରୁ ଏକ ସୁନ୍ଦର ସୁସ୍ଥ କନ୍ୟା ସନ୍ତାନ ଜନ୍ମ ନେଲା। କିନ୍ତୁ ସେତେବେଳକୁ ସମ୍ପୃକ୍ତ ଜାପାନୀ ଦମ୍ପତି ପରସ୍ପରକୁ ଛାଡପତ୍ର ଦେଇସାରିଥିଲେ ଏବଂ ଝିଅଟିକୁ ଗ୍ରହଣ କଲେନାହିଁ। ମାତ୍ର ସେମାନଙ୍କର ମା' (ଝିଅଟିର ବୁଢ଼ୀମା) ତାକୁ ଗ୍ରହଣ କଲା। ହେଲେ ଜାପାନରେ ସରୋଗେସି ବେଆଇନ ହେତୁ ଝିଅଟିକୁ ଜାପାନର ନାଗରିକତ୍ୱ ଦିଆଯାଇନାହିଁ। ଝିଅଟି କେଉଁ କୂଳର ହେଲାନି। ସେହିପରି ୨୦୧୨ ମସିହାରେ ଅଷ୍ଟ୍ରେଲିଆର ଏକ ଦମ୍ପତି ଚେନ୍ନାଇର ଏକ ମହିଳାଙ୍କଠାରେ ସରୋଗେସି ମାଧ୍ୟମରେ ଗର୍ଭ ସଞ୍ଚାର କରାଇଲେ। ମହିଳା ଜଣକ ଯାଆଁଳା ଶିଶୁ ଜନ୍ମ ଦେଲେ, ଯେଉଁଥିରୁ ସେମାନେ କେବଳ ଜଣକୁ ଗ୍ରହଣ କଲେ। ଅନ୍ୟ ସନ୍ତାନଟିର ଭବିଷ୍ୟତ ଅନିଶ୍ଚିତତା ଭିତରକୁ ଠେଲି ହୋଇଗଲା।

ଏପରି ଅନେକ ଘଟଣା ପରେ ଭାରତ ସରକାର ଏହାର ସମାଧାନ ପନ୍ଥା ନିର୍ଣ୍ଣୟ ପାଇଁ ଲ' କମିଶନକୁ ଦାୟିତ୍ୱ ଦେଇଥିଲେ। କମିଶନଙ୍କ ରିପୋର୍ଟରେ କମର୍ସିଆଲ ସରୋଗେସିକୁ ତୁରନ୍ତ ବନ୍ଦ କରାଯିବା ଉଚିତ ବୋଲି ସୁପାରିସ କରାଯାଇଛି। ଏହି ସୁପାରିସ ଏବଂ ଆବଶ୍ୟକ ଜନମତ ସଂଗ୍ରହ ପରେ ସରୋଗେସି ରେଗୁଲେଶନ ବିଲ୍ ୨୦୧୬ ପାର୍ଲାମେଣ୍ଟରେ ଉପସ୍ଥାପିତ ହୋଇ ବିଚାରାଧୀନ ରହିଛି। ଏହି ବିଲ୍‌ରେ ଥିବା ବିଭିନ୍ନ ବ୍ୟବସ୍ଥା ମଧ୍ୟରୁ କେତେକ ନିମ୍ନରେ ପ୍ରଦତ୍ତ ହେଲା–

ଏହା କେବଳ ସେହି ଭାରତୀୟ ଦମ୍ପତିଙ୍କ ପାଇଁ ପ୍ରଯୁଜ୍ୟ, ଯାହାର ସନ୍ତାନ ଜନ୍ମ କରିବାର ଶାରୀରିକ ଅକ୍ଷମତା ଥିବ ଏବଂ ସେମାନଙ୍କ ପାଖରେ ଅନ୍ୟ କୌଣସି ବିକଳ୍ପ ନ ଥିବ।

ତାଙ୍କ ତରଫରୁ ଗର୍ଭଧାରଣ କରୁଥିବା ମହିଳା ସେମାନଙ୍କର ଅତି ଆପଣାର ସମ୍ପର୍କୀୟ ହୋଇଥିବେ। ସରୋଗେଟ୍ ସନ୍ତାନ ଜନ୍ମିତ ସନ୍ତାନ ଭଳି ସମସ୍ତ ସୁବିଧା ସୁଯୋଗ ଓ ସମ୍ପତ୍ତିର ଅଧିକାର ପାଇବ।

ଯେଉଁ ଭାରତୀୟ ଦମ୍ପତିଙ୍କର ବୟସ ୨୩ରୁ ୫୦ (ମହିଳା) ଏବଂ ୨୬ରୁ ୫୫ (ପୁରୁଷ) ହୋଇଥିବ ଏବଂ ସେମାନଙ୍କ ବିବାହକୁ ଅନ୍ୟୂନ ୫ବର୍ଷ ପୂରିଥିବ ଅଥଚ ତାଙ୍କର କୌଣସି ସନ୍ତାନ ଜୀବିତ ନ ଥିବ ସେଇମାନେ ହିଁ ଏହି ସୁବିଧାର ହକ୍‌ଦାର ହେବେ।

ସରୋଗେଟ୍ ମଦରର ବୟସ ୨୫ରୁ ୩୫ବର୍ଷ ମଧ୍ୟରେ ହୋଇଥିବ ଏବଂ ଜୀବନକାଳରେ ସେ ମାତ୍ର ଥରକ ପାଇଁ ସରୋଗେଟ୍ ମଦର ହୋଇପାରିବ।

ଯେଉଁ ବ୍ୟକ୍ତି ବା ସଂସ୍ଥା ଏଥିରେ ଖିଲାପ କରିବେ ତାଙ୍କୁ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଓ ୧୦ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ଭୋଗିବାକୁ ପଡିବ। ପଞ୍ଜୀକୃତ ସରୋଗେସି କ୍ଲିନିକ୍ ସମସ୍ତ ରେକର୍ଡପତ୍ର ଠିକ୍‌ଭାବରେ ତିଆରି କରିବେ ଏବଂ ସେ ସବୁକୁ ଅନ୍ତତଃ ୨୫ବର୍ଷ ପର୍ଯ୍ୟନ୍ତ ସାଇତି ରଖିବେ।

ଏ ଆଇନଗତ ବ୍ୟବସ୍ଥାରେ ଯାହା ଅଭାବ ରହିଛି ତାହା ହେଲା ସରୋଗେସି ଚାହୁଁଥିବା ଅନେକ ଲୋକ ଏହି ଆଇନର ପରିସରଭୁକ୍ତ ହୋଇପାରିନାହାନ୍ତି। ସେମାନେ ହେଲେ ଅବିବାହିତ ସ୍ତ୍ରୀ କିମ୍ବା ପୁରୁଷ, ଛାଡପତ୍ର ଦେଇଥିବା ସ୍ତ୍ରୀ କିମ୍ବା ପୁରୁଷ, ବିଧବା, ମୃତଦାର, କିନ୍ନର, ଲିଭ୍ ଇନ୍ ରିଲେଶନଶିପ୍‌ରେ ଥିବା ଲୋକ, ସମଲିଙ୍ଗୀ, ବିଦେଶୀ, ଏନ୍‌ଆର୍‌ଆଇ, ପିଆଇଓ ଏବଂ ଓସିଆଇ କାର୍ଡ ଅଧିକାରୀ ଇତ୍ୟାଦି। ଏ ଦିଗରେ ଧ୍ୟାନ ଦିଆଯାଇ ଆଇନ ପ୍ରଣୀତ ହେବା ବାଞ୍ଛନୀୟ।

ସାରଦାଶ୍ରୀ, ୯୦୪ ଶାସ୍ତ୍ରୀନଗର, ୟୁନିଟ ୪, ଭୁବନେଶ୍ୱର, ମୋ: ୯୪୩୮୬୭୩୮୯୮

## ୨୫ ବର୍ଷ ତଳର ଧରିତ୍ରୀ

୨୩ ଅଗଷ୍ଟ ୧୯୯୩

- ଆଲଜେରିଆର ପୂର୍ବତନ ପ୍ରଧାନମନ୍ତ୍ରୀ କାସଦି ମେରବାଙ୍କୁ କେତେଜଣ ଅଜ୍ଞାତ ବନ୍ଧୁକଧାରୀ ତାଙ୍କ ବାସଭବନରେ ଗୁଳିକରି ହତ୍ୟା କରିଛନ୍ତି।
- ରୁଷିଆ ଲିଥୁଆନିଆରୁ ନିଜର ସୈନ୍ୟ ପ୍ରତ୍ୟାହାର କରିନେବା ସଂକ୍ରାନ୍ତରେ ଚଳାଇଥିବା କଥାବାର୍ତ୍ତାରୁ ଓହରିଯାଇଛି।
- ଆନ୍ଧ୍ରପ୍ରଦେଶର ଏକ ବସ୍ ହୁସେନସାଗର ହ୍ରଦ ମଧ୍ୟକୁ ଖସିପଡିବା ଫଳରେ ୨୮ ଜଣ ଯାତ୍ରୀଙ୍କ ମୃତ୍ୟୁ।
- ସୁନାଖଣିର ଅନୁସନ୍ଧାନ ଚଳାଇଥିବା ହିଂସ୍ର ଲୋକମାନଙ୍କ ଆକ୍ରମଣରେ ଆମାଜନ ଅବବାହିକାର ଘଞ୍ଚ ଜଙ୍ଗଲ ମଧ୍ୟରେ ୭୩ ଜଣ ଆଦି ଭାରତୀୟ ନିହତ।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ଅଗଷ୍ଟ ୨୩/୨୦୧୮



ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ

### 'ସୁନ୍ଦରୀ' ଉତ୍ତେଜନା, ଏସିଏଫ୍‌ଙ୍କୁ ଘେରାଉ

ବନ୍ତଲା, ୨୨।୮(ଡି.ଏନ.ଏ.):ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରେ ଗତ ୧୭ ତାରିଖରେ ଛଡା ଯାଇଥିବା ମଧ୍ୟପ୍ରଦେଶର ବାଘୁଣୀ 'ସୁନ୍ଦରୀ'ର କଟରଙ୍ଗା ଗ୍ରାମ ନିକଟରେ ଉପସ୍ଥିତିକୁ ନେଇ ବୁଧବାର ଉତ୍ତେଜନା ପ୍ରକାଶ ପାଇଛି। ମଙ୍ଗଳବାର ବାଘୁଣୀକୁ ଗ୍ରାମ ସ୍କୁଲ ପାଖ ବୁଦାମୂଳେ ଯୋଗୀନାଥ ପଧାନ, ପ୍ରାଣବନ୍ଧୁ ପ୍ରଧାନ, ବିରାଜ ଯାନୀ, ବିକାଶ ବେହେରା, କେଦାର ବେହେରା, ମନୋଜ ଯାନୀ ପ୍ରମୁଖ ଦେଖିବାକୁ ପାଇବା ପରେ ଗ୍ରାମରେ ଆତଙ୍କ ଖେଳିଯାଇଥିଲା। ଭୟରେ ଲୋକେ ରାତିସାରା ଠେଙ୍ଗାବାଡି ଧରି ଜଗି ବସିଥିଲେ। ଖବରପାଇ ବୁଧବାର ଏସିଏଫ୍ ଶୁଭେନ୍ଦୁ ବେହେରା ଓ ଟିମ୍ ସେଠାରେ ପହଞ୍ଚି ବାଘ ଉପରେ ନଜର ରଖିଥିଲେ। ଏଥିସହ ଜଙ୍ଗଲ ଭିତରକୁ ନ ଯିବା ପାଇଁ ଗ୍ରାମବାସୀଙ୍କୁ ସତର୍କ କରାଇଥିଲେ। ତେବେ ରାତି ସୁଦ୍ଧା ବାଘୁଣୀ ଗ୍ରାମ ନିକଟରୁ ନ ଯିବାରୁ ଲୋକେ ଉତ୍ତେଜିତ ହୋଇ ଏସିଏଫ୍ ଓ ବନ କର୍ମଚାରୀଙ୍କୁ ଘେରାଉ କରିଥିଲେ। ପରେ ଗ୍ରାମ କୋଠଘରେ ଏ ନେଇ ଆଲୋଚନା ହୋଇଥିଲା। ବାଘୁଣୀଙ୍କୁ ଗ୍ରାମ ନିକଟରୁ ଘଉଡାଇବା ସହ ଗ୍ରାମ ରାସ୍ତା ନିର୍ମାଣ, ପାନୀୟ ଜଳ ଯୋଗାଣ ସମସ୍ୟାର ସମାଧାନ କ୍ଷେତ୍ରରେ ବନ ବିଭାଗ ସହଯୋଗ କରୁ ନ ଥିବା ଗ୍ରାମବାସୀ ଅଭିଯୋଗ ଉଠାଇଥିଲେ। ବର୍ଷା ଛାଡିଲେ ଗାଁକୁ ନଳକୂପ ଗାଡି ଆସିବା ସହ ବାଘୁଣୀ ଯୋଗୁ କୌଣସି କ୍ଷତି ହେଲେ ସମସ୍ତ କ୍ଷତିପୂରଣ ବହନ କରାଯିବ ବୋଲି ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ରାତି ଭିତରେ ବାଘୁଣୀ ଗାଁରୁ ନ ଗଲେ ସେଥିପାଇଁ ବ୍ୟବସ୍ଥା କରାଯିବା ଓ ଗ୍ରାମବାସୀଙ୍କୁ ଆବଶ୍ୟକ ସୁରକ୍ଷା ଯୋଗାଯିବାକୁ କହିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏ ବିଷୟରେ ସାତକୋଶିଆ ଡିଏଫ୍‌ଓ ଏସ୍‌ଏମ୍‌ଟି ରହମାନ କୁହନ୍ତି, ବାଘୁଣୀ କଟରଙ୍ଗାରେ ଦୁଇ ଦିନ ହେଲା ଅଛି। ଏସିଏଫ୍‌ଙ୍କ ସହିତ ଟିମ୍ ସେଠାରେ ନଜର ରଖିଛନ୍ତି। କୋର ଜଙ୍ଗଲ ଭିତରକୁ ନ ପଶିବା ପାଇଁ ଗ୍ରାମବାସୀଙ୍କୁ ସତର୍କ କରାଯାଇଛି।

# ଚାକିରି ଦେବା ଆଳରେ ଯୁବକଙ୍କୁ ପଣବନ୍ଦୀ

- ୨ଦିନ ପରେ ମୁକ୍ତ ହେଲେ
- ଜାଲରେ ଫସିଛନ୍ତି ଅନେକ ଯୁବତୀ ଯୁବକ
- ପୋଲିସର ତନାଘନା ଆରମ୍ଭ

ବରଗଡ଼ ଅଫିସ,୨୨।୮

ବରଗଡ଼ ସହରରେ ଛତୁ ଫୁଟିଲା ଭଳି ଠକସଂସ୍ଥା ଗଢ଼ି ଉଠିଛି । ଉକ୍ତ ଠକସଂସ୍ଥାର ଜାଲରେ ପଡ଼ି ବହୁ ବେକାର ଯୁବତୀ ଯୁବକ ଶୋଷିତ ହେଉଛନ୍ତି । ସେମାନଙ୍କ ଭବିଷ୍ୟତ ମଧ୍ୟ ଅନ୍ଧାର ମୁହଁକୁ ଠେଲି ହୋଇଯାଉଛି। ମଙ୍ଗଳବାର ଏଭଳି ଅଭିଯୋଗ ସାମ୍ନାକୁ ଆସିଛି । ଏମିତି ଏକ ଅଭିଯୋଗକୁ ଭିତ୍ତିକରି ଏଠାରେ ଥିବା ଏକ ଠକସଂସ୍ଥାର ୪ କର୍ମଚାରୀ ଜେଲ୍ ଯାଇଥିବାବେଳେ ବୁଧବାର ଆଉ ଏକ ଠକସଂସ୍ଥା ବିରୋଧରେ ଅଭିଯୋଗ ହୋଇଛି । ଚାକିରି ଦେବା ଆଳରେ ଏହି ସଂସ୍ଥାର କର୍ତ୍ତୃପକ୍ଷ ଜିଲା ତଥା ଜିଲା ବାହାର ବେକାର ଯୁବତୀ ଯୁବକଙ୍କୁ ଆଣି ପଣବନ୍ଦୀ କରି ରଖିଥିବା ଅଭିଯୋଗ ହୋଇଛି। ଭଦ୍ରକ ଜିଲା ତିହିଡ଼ି ଥାନା ବିଲଣା ଗ୍ରାମର ସଦାନନ୍ଦ ଜେନାଙ୍କ ଏକମାତ୍ର ପୁଅ ରତିକାନ୍ତ ଜେନାଙ୍କୁ ସମ୍ପୃକ୍ତ ଠକସଂସ୍ଥା ଏଭଳି ପଣବନ୍ଦୀ କରି ରଖିଥିବା ନେଇ ଏତଲା ଦେବା ପରେ ପୋଲିସ ଏହାକୁ ଗୁରୁତ୍ୱର ସହିତ ନେଇଛି। ସଂସ୍ଥାର ୨ କର୍ମଚାରୀଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରିବା ସହିତ ପୋଲିସ ପଣବନ୍ଦୀ ଥିବା ରତିକାନ୍ତଙ୍କୁ ମୁକ୍ତ କରିଛି ।

ବରଗଡ଼ ଘରୋଇ ବସ୍‌ଷ୍ଟାଣ୍ଡ ଓ ଗୁରୁଦ୍ୱାରା ଛକ ନିକଟ ଏକ ଭଡ଼ାଘରେ ବାଲାଜୀ କମ୍ପାନୀ ନାମରେ ଏକ ସଂସ୍ଥା ରହିଛି । ଉକ୍ତ ସଂସ୍ଥା କର୍ତ୍ତୃପକ୍ଷ ଜିଲା ତଥା ଜିଲା ବାହାର ବେକାର ଯୁବତୀ ଯୁବକଙ୍କୁ ଚାକିରି ଯୋଗାଇ ଦେବା ଆଳରେ ଏଠାକୁ ଆଣି ସେମାନଙ୍କ ଅଭିଭାବକଙ୍କଠାରୁ ୬ରୁ ୧୨ହଜାର ଟଙ୍କା ପର୍ଯ୍ୟନ୍ତ ନେଉଛନ୍ତି । ଏହି କ୍ରମରେ ରତିକାନ୍ତ ସଂସ୍ଥାର ଜଣେ କର୍ମଚାରୀଙ୍କ ଜାଲରେ ପଡ଼ିଥିଲେ । ସଂସ୍ଥାର ସମ୍ପୃକ୍ତ କର୍ମଚାରୀଙ୍କ ସହିତ ରତିକାନ୍ତଙ୍କ ଆଗରୁ ପରିଚୟ ଥିଲା । ସେହି କର୍ମଚାରୀ ଜଣକ ଗତ ୧୯ତାରିଖରେ ରତିକାନ୍ତଙ୍କ ଘରକୁ ଯାଇଥିଲେ ଏବଂ ଚାକିରି ଯୋଗାଇଦେବେ କହି ତାଙ୍କୁ ସାଙ୍ଗରେ ବରଗଡ଼ ସହରକୁ ଆଣିଥିଲେ । ପୁଅ ଚାକିରି ପାଇବ ଭାବି ଖୁସିରେ ପରିବାର ଲୋକେ ମଧ୍ୟ ଟଙ୍କା ପଇସା ଦେଇ ରତିକାନ୍ତଙ୍କୁ ସେହି କର୍ମଚାରୀଙ୍କ ସହିତ ବରଗଡ଼ ପଠାଇଥିଲେ ।

୨୦ ତାରିଖରେ ରତିକାନ୍ତ ବରଗଡ଼ରେ ପହଞ୍ଚିବା ପରେ ତାଙ୍କୁ ଚାକିରି ମିଳିବା ତ ଦୂରର କଥା ଭଡ଼ାଘରେ ଚାଲିଥିବା ସେହି ସଂସ୍ଥାର ଏକ କୋଠରିକୁ ନେଇ ସମ୍ପୃକ୍ତ କର୍ମଚାରୀ ଓ ଅନ୍ୟମାନେ ତାଙ୍କୁ ପଣବନ୍ଦୀ କରି ରଖିଥିବା ଅଭିଯୋଗ ହୋଇଛି । ବାହାରକୁ ଛାଡ଼ିବାକୁ ଯେତେ କାକୁତିମିନତି ହେଲେ ମଧ୍ୟ ସେମାନେ କୋଠରିର ତାଲା ଖୋଲି ନ ଥିଲେ । ଅନ୍ୟପଟେ ରତିକାନ୍ତଙ୍କ ପାଖରେ ଥିବା ୬ହଜାର ଟଙ୍କା ସଂସ୍ଥା କର୍ମଚାରୀ ନେଇ ଯାଇଥିଲେ ଏବଂ ଫୋନ କରିବାର ସୁଯୋଗ ମଧ୍ୟ ଦେଉ ନ ଥିଲେ ବୋଲି ଅଭିଯୋଗ ହୋଇଛି । ତେବେ ପାଖରେ ମୋବାଇଲ ଥିବାରୁ ରତିକାନ୍ତ କୌଶଳକ୍ରମେ ତାଙ୍କର ଜଣେ ସାଙ୍ଗଙ୍କ ମୋବାଇଲକୁ ମେସେଜ (ଏସଏମଏସ) କରି ଘଟଣା ସମ୍ପର୍କରେ ଜଣାଇଥିଲେ । ପରିବାର ଲୋକେ ତାହା ଜାଣିବା ପରେ ଚିନ୍ତାରେ ପଡ଼ିଥିଲେ । ମଙ୍ଗଳବାର ତିହିଡ଼ି ଥାନାକୁ ଯାଇଥିଲେ । ବରଗଡ଼ ଟାଉନ ଥାନାରେ ଏତଲା କରିବାକୁ ତିହିଡ଼ି ଥାନା ପୋଲିସ ପରାମର୍ଶ ଦେଇଥିଲା । ଫଳରେ ରତିକାନ୍ତଙ୍କ ମା, ବାପା ଓ ଅନ୍ୟ ସମ୍ପର୍କୀୟ ବରଗଡ଼ ଆସି ସ୍ଥାନୀୟ ଟାଉନ ଥାନାରେ ଏତଲା ଦେଇଥିଲେ। କେବଳ ରତିକାନ୍ତ ନୁହେଁ, ରାଜ୍ୟ ତଥା ରାଜ୍ୟ ବାହାରର ଅନେକ ଯୁବତୀ ଯୁବକ, ନାବାଳିକା, ନାବାଳକଙ୍କୁ ଚାକିରି ଦେବା ପ୍ରଲୋଭନରେ ସହରର ବିଭିନ୍ନ ସ୍ଥାନରେ ପୃଥକ୍ ନାମରେ ସଂସ୍ଥା ଖୋଲି ରଖାଯାଇଥିବା ସୂଚନା ମିଳିଛି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗୁଣୀ କି ଗୁଣ ଚିହ୍ନେ**
**ଧୂଆଁ ପତରକୁ ମୁଣି ଚିହ୍ନେ,**
**ପୁରୁଣା ଚୋରକୁ ଚଉକିଆ ଚିହ୍ନେ ।**

ଗୁଣୀ ବ୍ୟକ୍ତି ଗୁଣର ମହତ୍ତ୍ୱକୁ ଠିକ୍ ଚିହ୍ନିଥାନ୍ତି। ଧୂଆଁପତ୍ର ସେବନକାରୀ ବା ସେଥିରେ ଅଭ୍ୟସ୍ତ ଥିବା ବ୍ୟକ୍ତି ଧୂଆଁପତ୍ର ରଖାଯାଉଥିବା ମୁଣି ସହ ବେଶ୍ ଭଲଭାବେ ପରିଚିତ ହୋଇଥାନ୍ତି। ସେହିପରି ପୁରୁଣାରୁ ପୁରୁଣା ଚୋରକୁ କେବଳ ପୋଲିସ ହିଁ ସହଜରେ ଚିହ୍ନିପାରୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଗାଁ ମୁଣ୍ଡ ଘର ଚୋରକୁ**
**ବୁଢ଼ା କାଳ ବିଭା ପରକୁ ।**

ସାଇପଡ଼ିଶା ପାଖ ଛାଡ଼ି ଗାଁ ମୁଣ୍ଡର ଏକୁଟିଆ ସ୍ଥାନରେ ଘର କରି ରହିଲେ ମନ ମଧ୍ୟରେ ଚୋରି ଯିବାର ଭୟ ଦେଖାଦେଇଥାଏ। ସେହିପରି ବୃଦ୍ଧକାଳେ ତରୁଣୀଟିଏ ବାହାହେଲେ ସେ ସ୍ତ୍ରୀ ଭବିଷ୍ୟତରେ ପରପୁରୁଷର ପ୍ରୀତିରେ ଯେ ମଜ୍ଜି ନ ରହିବ ଏ ପ୍ରକାରର ଆଶଙ୍କା ସର୍ବଦା ମନକୁ ଆନ୍ଦୋଳିତ କରି ବସୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

### ମାଲେସିଆ ଅନ୍ତର୍ଜାତୀୟ ଓପନ ଟାଏକୋଣ୍ଡୋ ପ୍ରତିଯୋଗିତା

# ଭାରତୀୟ ଦଳରେ କଳାହାଣ୍ଡିର ସ୍ୱୟଂଶିବ

ଜୁନାଗଡ,୨୨।୮(ଡି.ଏନ.ଏ.)

ଆସନ୍ତା ୨୩ରୁ ୨୬ ମାଲେସିଆଠାରେ ହେବାକୁ ଥିବା ଅନ୍ତର୍ଜାତୀୟ ଓପନ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଭାରତ ଦଳ ପକ୍ଷରୁ କଳାହାଣ୍ଡି ଜିଲା ଜୁନାଗଡର ସ୍ୱୟଂଶିବ ସାହୁ ଭାଗ ନେବେ। ସେ ସେଠାରେ ୩ଟି ପ୍ରତିଯୋଗିତାରେ ଭାଗନେବେ ବୋଲି ଜଣାପଡିଛି। ଏହା ପୂର୍ବରୁ ସ୍ୱୟଂଶିବ ବିଭିନ୍ନ ସମୟରେ ହୋଇଥିବା ଜାତୀୟ, ଆର୍ନ୍ତଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗୀତାରେ ଯୋଗଦେଇ କୃତିତ୍ୱ ଲାଭ କରି ସଫଳତା ଆଣି ସମଗ୍ର ଜିଲା ପାଇଁ ଗୌରବ ଆଣିଛନ୍ତି। ବର୍ତ୍ତମାନ ପୁଣି ମାଲେସିଆରେ ହେବାକୁ ଥିବା ଆର୍ନ୍ତଜାତୀୟ ଟାଏକୋଣ୍ଡା ପ୍ରତିଯୋଗୀତାରେ ଯୋଗଦେବାକୁ ନେଇ ଜିଲାର ବିଭିନ୍ନ ମହଲରୁ ସ୍ୱୟଂଶିବଙ୍କୁ ଶୁଭେଚ୍ଛା ବାର୍ତ୍ତା ସୁଅ ଛୁଟିଛି।




ଭାରତୀୟ ଦଳରେ ସ୍ୱୟଂଶିବ ।

### ସାପ କାମୁଡ଼ାରେ ଯୁବକ ମୃତ

ବଡ଼ସାହି,୨୨।୮(ସ୍ୱ.ପ୍ର): ବଡ଼ସାହି ଥାନା ଅଧୀନ ପ୍ରତାପପୁର ପଞ୍ଚାୟତ ସାନନୂଆଗାଁ ଗ୍ରାମର ହିରନ ବେହେରା(୪୫)ଙ୍କୁ ସାପ କାମୁଡି ଦେବାରୁ ମଙ୍ଗଳବାର ତାଙ୍କର ମୃତ୍ୟୁ ହୋଇଛି । ଏ ସଂକ୍ରାନ୍ତରେ ମୃତକଙ୍କ ପୁଅ ପପୁଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ ୨୫/୧୮) ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ସୋମବାର ବିଳମ୍ବିତ ରାତିରେ ହିରନଙ୍କ କାନକୁ ଏକ ବିଷଧର ସାପ କାମୁଡି ଦେଇଥିଲ । ପରିବାର ଲୋକେ ତାଙ୍କୁ ପ୍ରଥମେ ପିଆରଏମ ମେଡିକାଲ କଲେଜ ଓ ପରେ କଟକ ମେଡିକାଲ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

**IN THE DEBTS RECOVERY TRIBUNAL AT CUTTACK**
**C-71, Sector-7, CDA, Cuttack-753014 (Odisha)**
**O.A. No.: 173/2018**

**Utkal Grameen Bank, Godbhaga Branch** ...Applicant
-Versus-
**Uma Singh & Others** ...Defendants

**To,**

**Defendant No.1: Uma Singh,** S/o: Late Kumardip @ Kumardev Singh, At: Gourtikra, P.O: Silat, P.S: Attabira, Dist.: Bargarh, PIN-768111;
**Defendant No.2: Akhoj Mahakur,** S/o: Late Palau Mahakur, At/P.O: Lahanda, P.S: Attabira, Dist.: Bargarh, PIN-768111;
**Defendant No. 3: Tankadhar Kheti,** S/o: Late Jadaba Kheti, At: Gourtikra, P.O: Silat, P.S: Attabira, Dist.: Bargarh, PIN-768111;

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEFS PRAYED FOR SHOULD NOT BE GRANTED**

Take notice that the Applicant has instituted the aforesaid Original Application before this Tribunal for recovery of **₹10,98,533.00** only together with current and future interest, cost and other reliefs.

You are therefore hereby directed to appear before this Tribunal in person or through authorized agent, in support of your defence to show cause within **30 days** from the date of publication or on **28th day of September, 2018 at 10.30 A.M.** as to why the reliefs prayed for should not be granted.

Take notice that in case of default the Application will be heard and determined in your absence.

Given under my hand and seal of this Tribunal, on this **14th day of August, 2018.**

**Sd/- (Srikanta Kumar Maikap), Registrar**
**Debts Recovery Tribunal, Cuttack**

# ନିର୍ମାଣ ଶ୍ରମିକ କାର୍ଡ ନାଁରେ ଠକେଇ, ୩ ଗିରଫ



ନିର୍ମାଣ ଶ୍ରମିକ କାର୍ଡ଼ ଠକେଇ ଅଭିଯୋଗରେ ଗିରଫ ୩ ଅଭିଯୁକ୍ତ ।

ବରଗଡ଼ ଅଫିସ୍,୨୨।୮

ବରଗଡ଼ ଜିଲା ଅମ୍ବାଭୋନା ଅଞ୍ଚଳରେ ନିରୀହ ଲୋକଙ୍କୁ ନିର୍ମାଣ ଶ୍ରମିକ କାର୍ଡ଼ କରାଇଦେବା ନାଁରେ ଠକି ଚାଲିଥିବା ଏକ ଗ୍ୟାଙ୍ଗର ୩ଜଣଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି । ଅଭିଯୁକ୍ତମାନେ ହେଲେ ଅତାବିରାର ରସୁଲ ଖାଁ, ବରଗଡ଼ ନିଗମାନନ୍ଦ ବିହାରର ଅଶ୍ୱିନୀ ପ୍ରଧାନ ଏବଂ ଅମ୍ବାଭୋନା ଥାନା ଲଖନପୁରର ରବୀନ୍ଦ୍ର ସେଠ। ସେମାନଙ୍କ ବିରୋଧରେ ଅମ୍ବାଭୋନା ଥାନା ପୋଲିସ ଏକ ମାମଲା(ନଂ. ୯୩/୧୮) ରୁଜୁ କରିଛି । ଗତ ୧୮ତାରିଖରେ ଅଭିଯୁକ୍ତମାନେ ଅମ୍ବାଭୋନା ତିଲେଇମାଲ ଗ୍ରାମର ରାମକୃଷ୍ଣ ଭୁଏ, ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ସମେତ ୬ଜଣ ଶ୍ରମିକଙ୍କ ନାମରେ ନିର୍ମାଣ ଶ୍ରମିକ କାର୍ଡ଼ କରାଇଦେବା କରି ୪୦୦ ଟଙ୍କା ଲେଖାଏଁ ଅସୁଲି କରିଥିଲେ । ତିଲେଇମାଲ ଗ୍ରାମର ଲଳିତ ଖମାରୀ ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ମାଡ଼ ମାରିଥିଲେ । ଫଳରେ ଲଳିତ ଏ ନେଇ ଅମ୍ବାଭୋନା ଥାନାରେ ଏତଲା ଦେଇଥିଲେ । ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରିବା ସହିତ ସେମାନଙ୍କୁ ଗିରଫ କରିଥିଲା । ଏହାସହିତ ଅଭିଯୁକ୍ତଙ୍କ ପାଖରୁ ୯ସେଟ୍ ନିର୍ମାଣ ଶ୍ରମିକ କାର୍ଡ଼ ଆବେଦନ ଫର୍ମ ଏବଂ ନଗଦ ୨୭୦୦ ଟଙ୍କା ଜବତ କରାଯାଇଛି । ଏ ନେଇ ପୋଲିସ ଅଧିକ ତଦନ୍ତ ଚଳାଇଛି ।

### ହାସ୍ୟ ଅଭିନେତା ଜୟୀରାମ ସାମଲ ଅସୁସ୍ଥ



କଟକ ଅଫିସ, ୨୨।୮

ହାସ୍ୟ ଅଭିନେତା ଜୟୀରାମ ସାମଲ ଅସୁସ୍ଥ। ହୃଦ୍ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ବୁଧବାର ଭୁବନେଶ୍ୱରସ୍ଥିତ କିମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେଠାରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିବା ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ଅସ୍ତ୍ରୋପଚାର ପରେ ତାଙ୍କୁ ଆଇସିୟୁରେ ଅବଜରଭେଶନରେ ରଖାଯାଇଛି। କିଛିଦିନ ମଧ୍ୟରେ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯିବେ ବୋଲି ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର କହିଛନ୍ତି। ସୂଚନାଯୋଗ୍ୟ, ଗତ କିଛିଦିନ ହେବ ଜୟୀରାମ ହୃଦ୍ ଯନ୍ତ୍ରଣା ଅନୁଭବ କରୁଥିଲେ। ତେବେ ମଙ୍ଗଳବାର ରାତିରେ ସେ ଗୁରୁତର ଅସୁସ୍ଥ ହୋଇପଡିଥିଲେ। ହସ୍ପିଟାଲରେ ତାଙ୍କ ପରିବାର ସଦସ୍ୟ, ବନ୍ଧୁବାନ୍ଧବ ଓ ଅତ୍ମୀୟମାନେ ରହି ଦେଖାଶୁଣା କରୁଛନ୍ତି।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ

ସୋହେଲା/ ପାଇକମାଲ, ୨୨।୮ (ଡି.ଏନ.ଏ.)

ବରଗଡ଼ ଜିଲାରେ ବୁଧବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨ ଜଣଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ସୋହେଲା ଥାନା ଚେପଟିବାହାଲ ଗ୍ରାମର ଗୁରୁଦେବ ସାହୁ(୩୫) ଏବଂ ପାଇକମାଳ ଥାନା କେଛୋଦାଦର ଗ୍ରାମର ଦିବାକର ଲୁହା(୨୫) । ଏ ନେଇ ପୋଲିସ ଦୁଇଟି ପୃଥକ୍ ଅପମୃତ୍ୟୁ ମାମଲା ରୁଜୁ କରିଛି ।

ସୂଚନା ଅନୁସାରେ, ଗୁରୁଦେବ ସାହୁ ୱେସକୋ ବିଭାଗ ଲାଇନମ୍ୟାନଙ୍କ ସହଯୋଗୀ ଭାବେ କାମ କରୁଥିଲେ। ବୁଧବାର ଅପରାହ୍ଣରେ ସେ ଚାଷୀ ସୁବାଷ ବାରିକଙ୍କ କ୍ଷେତରେ ଥିବା ଟ୍ରାନ୍ସଫର୍ମରକୁ ମରାମତି କରୁଥିବାବେଳେ ହଠାତ ବିଦ୍ୟୁତ୍ ଚାର୍ଜ ହେବାରୁ ସେ ଛିଟିକି ତଳେ ପଡିଯାଇଥିଲେ ଏବଂ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକ ଗୁରୁଦେବଙ୍କୁ ବିଦ୍ୟୁତ ବିଭାଗର କିଛି କର୍ମଚାରୀ ସ୍ଥାୟୀ ଚାକିରୀ କରାଇ ଦେବାକୁ ଲାଳସା ଦେଖାଇ କାମ ହାସଲ କରୁଥିଲେ । ଏହି ଘଟଣା ଘଟିବା ପରେ ତାଙ୍କୁ ସାଙ୍ଗରେ ନେଇ କାମ କରୁଥିବା ବିଦ୍ୟୁତ୍ ବିଭାଗର ଲାଇନମ୍ୟାନଙ୍କ ପତ୍ତା ମିଳୁନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଏପରି ବ୍ୟକ୍ତି(ଗୁରୁଦେବ)ଙ୍କୁ ଜାଣି ନ ଥିବା କହି କଥାକୁ ଏଡାଇ ଦେବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ମୃତକଙ୍କ ପରିବାର ଲୋକଙ୍କୁ କ୍ଷତି ପୂରଣ ନ ଦେବା ଯାଏ ଶବ ବ୍ୟବଚ୍ଛେଦ ପାଇଁ ଛଡାଯିବ ନାହିଁ ବୋଲି ଗ୍ରାମବାସୀ ଅଡି ବସିଛନ୍ତି । ସୋହେଲା ପୋଲିସ ଘଟଣାସ୍ଥଳକୁ ଯାଇ ଲୋକଙ୍କୁ ବୁଝାସୁଝା କରୁଥିଲେ ମଧ୍ୟ ଖବର ଲେଖା ହେବା ପର୍ଯ୍ୟନ୍ତ ଗ୍ରାମବାସୀ ଶବ ଛାଡିନାହାନ୍ତି । ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୯/୧୮) ରୁଜୁ କରିଛି । ସେହିପରି ପାଇକମାଳ ଥାନା ହିରାପୁର ଗ୍ରାମ ନିକଟରେ ବୈଦପାଲି ଗ୍ରାମର ଏକ ଟ୍ରାକ୍ଟର ରାସ୍ତା କଡ କ୍ଷେତକୁ ଖସିଯାଇଥିଲା । ଉକ୍ତ ଟ୍ରାକ୍ଟରକୁ କେଛୋଦାଦର ଗ୍ରାମର ଅନ୍ୟ ଏକ ଟ୍ରାକ୍ଟର ଟୋଚନ ଟାଣି ରାସ୍ତା ଉପରକୁ ଉଠାଇଥିଲା । ଟୋଚନ ରଡ ଖୋଲିବା ସମୟରେ ରଡ୍‌ଟି ଉପରେ ଥିବା ୧୧ କେଭି ଲାଇନରେ ଲାଗିଯିବାରୁ ଘଟଣାସ୍ଥଳରେ ଦିବାକରଙ୍କ ମୃତ୍ୟୁ ଘଟିଥିଲା। ବୈଦପାଲି ଗ୍ରାମର ପ୍ରଶାନ୍ତ ବରିହା ଆହତ ହୋଇ ପଦ୍ମପୁର ଡାକ୍ତରଖାନରେ ଚିକିତ୍ସିତ ହେଉଛନ୍ତି । ଏ ନେଇ ପାଇକମାଳ ପୋଲିସ ଏକ ମାମଲା (ନଂ ୧୫/୧୮) ରୁଜୁ କରିଛି । ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି ।

## ଆଲ୍ଲାହାବାଦ ବ୍ୟାଙ୍କ

ମଣ୍ଡଳ କାର୍ଯ୍ୟାଳୟ : ୩/୧ବି, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୫,
ଫୋନ୍ - (୦୬୭୪) ୨୩୬୨୩୪୨, ୨୩୬୦୪୩୩, ଫ୍ୟାକ୍ସ - ୨୩୬୨୮୩୬

### ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନୁଯାୟୀ ବ୍ୟାଙ୍କ ତରଫରୁ ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଗୁଡିକର ବିକ୍ରୟ ନିମନ୍ତେ ବିଜ୍ଞପ୍ତି ଜାରି କରାଯାଉଛି । ଆଲ୍ଲାହାବାଦ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରୀଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ,୨୦୦୨ ଧାରା ୧୩(୨) ଅନୁଯାୟୀ ନୋଟିସ ଜାରି ପରେ ନିମ୍ନଲିଖିତ ଆକାଉଣ୍ଟଗୁଡିକର ସମ୍ପତ୍ତିଗୁଡିକୁ ଦଖଲ କରିଛନ୍ତି । ବକେୟା ଋଣ ପରିଶୋଧ ନକରିବା ହେତୁ ନିମ୍ନ ସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪)ଅନୁସାରେ କ୍ଷମତା ପ୍ରୟୋଗକରି ନିମ୍ନ ଦର୍ଶିତ ବକେୟା ରାଶି ସହିତ ସୁଧ ଆଦାୟ କରିବା ନିମନ୍ତେ "ଯେଉଁଠାରେ ଯେପରି ଅଛି ଭିତ୍ତିରେ" ଉକ୍ତ ସମ୍ପତ୍ତି ଗୁଡିକୁ ବିକ୍ରୟ କରିବାକୁ ଅଧୀକାର ପାଇଛନ୍ତି । ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ୱେବସାଇଟ **https://allahabadbank.auctiontiger.net** ରେ ପ୍ରଦତ୍ତ ପଦ୍ଧତି ମାଧ୍ୟମରେ ଇ-ନିଲାମ ଦ୍ୱାରା ଉକ୍ତ ସମ୍ପତ୍ତି ଗୁଡିକୁ ବିକ୍ରୟ କରାଯିବ ।

**ଇ-ନିଲାମ ତାରିଖ ଓ ସମୟ: ତା ୨୬.୦୯.୨୦୧୮ ରିଖ (ବୁଧବାର) ପୂର୍ବାହ୍ନ ୧୧.୦୦ଘଟିକାରୁ ଅପରାହ୍ନ ୧.୦୦ ଘଟିକା**

**ପ୍ରସ୍ତାବ/ଇ - ନିଲାମ ପ୍ରକ୍ରିୟା ସମ୍ବନ୍ଧିୟ ଫର୍ମ ଏବଂ ଅମାନତ ଜମା ଦାଖଲର ଅନ୍ତିମ ତାରିଖ ଓ ସମୟ: ତା ୨୪.୦୯.୨୦୧୮ ରିଖ ଅପରାହ୍ନ ୫.୦୦ ଘଟିକା**

| ଶାଖାର ନାମ / ଋଣଗ୍ରହୀତା/ ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ)ଡିମାଣ୍ଡ ନୋଟିସ୍ ତାରିଖ, (ଖ)ଦଖଲନୋଟିସ୍ ତାରିଖ, (ଗ)ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ରାଶି | ସମ୍ପତ୍ତିର ବିବରଣୀ | କ)ସଂରକ୍ଷିତ ମୂଲ୍ୟ ଖ)ଅମାନତ ରାଶି ଗ)ବର୍ଦ୍ଧିତ ବିଡ୍ ପରିମାଣ |
|---|---|---|---|
| **ଖୋର୍ଦ୍ଧା ଶାଖା** **ଋଣଗ୍ରହୀତା: ମେସର୍ସ ପ୍ରିମିୟର ଏଜୁକେସନ ଆଣ୍ଡ ଚାରିଟେବୁଲ୍ ଟ୍ରଷ୍ଟ,** ସା: ବିସିଆପଡ଼ା, ତିରିମାଲ, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା-୭୫୨୦୫୦, **ଶ୍ରୀ ଜିତେନ୍ଦ୍ର ପାତ୍ର,** ପିତା- ଶ୍ରୀ ଯୁଧିଷ୍ଠୀର ପାତ୍ର, ପ୍ରିମିୟର ଏଜୁକେସନ ଆଣ୍ଡ ଚାରିଟେବୁଲ୍ ଟ୍ରଷ୍ଟର ସଭାପତି, **ଜାମିନ୍‌ଦାର: (୧) ଶ୍ରୀ ଯୁଧିଷ୍ଠୀର ପାତ୍ର,** ପିତା- ୰ବାନାମ୍ବର ପାତ୍ର, **(୨) ଶ୍ରୀ ପ୍ରତାପ କିଶୋର ପାତ୍ର,** ପିତା- ଶ୍ରୀ ଯୁଧିଷ୍ଠୀର ପାତ୍ର, **(୩) ଶ୍ରୀ ଧିରେନ୍ଦ୍ର ପାତ୍ର,** ପିତା- ଶ୍ରୀ ଯୁଧିଷ୍ଠୀର ପାତ୍ର, ସମସ୍ତଙ୍କ ଠିକଣା: ସା- ବିସିଆପଡ଼ା, ତିରିମାଲ୍, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା-୭୫୨୦୫୦। | କ)୨୪.୦୮.୨୦୧୫ ଖ)୨୬.୧୦.୨୦୧୫ ଗ)୨୪.୦୮.୨୦୧୫ ରିଖ ସୁଦ୍ଧା ଟ.୧,୫୨,୩୬,୧୭୧/- +୨୪.୦୮.୨୦୧୫ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | **(୧)ପ୍ରିମିୟର ଏଜୁକେସନ୍ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ** ନାମରେ ଥିବା ସ୍ଥାବର ସମ୍ପତ୍ତି (ଜମି ଏବଂ ଗୃହ) ଯାହା ସା-ବିସିଆପଡ଼ା, ମୌଜା- ଦେଉଳବସ୍ତ, ତିରିମାଲ, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା,ପିନ୍- ୭୫୨୦୫୦, ଖାତା ନଂ.- ୧୧୫, ପ୍ଲଟ ନଂ.- ୫୮୬, ଏରିଆ- ଏକର ୦.୫୨୫ ଡ଼ିସିମିଲି ଏବଂ ଖାତା ନଂ.- ୧୬୬, ପ୍ଲଟ ନଂ.- ୫୮୭, ଏରିଆ- ଏକର୦.୫୫୫ ଡ଼ିସିମିଲିରେ ଅବସ୍ଥିତ। | କ) ଟ.୨,୦୫,୧୮,୦୦୦/- ଖ) ଟ.୨୦,୫୧,୮୦୦/- ଗ) ଟ.୫୦,୦୦୦/- |
| **(୨) ପ୍ରିମିୟର ଏଜୁକେସନ୍ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ** ନାମରେ ଥିବା ସ୍ଥାବର ସମ୍ପତ୍ତି (ଖାଲି ଜମି ) ଯାହା ସା-ବିସିଆପଡ଼ା, ମୌଜା- ଦେଉଳବସ୍ତ, ତିରିମାଲ୍, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୨୦୫୦, ଖାତା ନଂ.-୩୪୯, ପ୍ଲଟ ନଂ.-୮, ଏରିଆ- ଏକର ୦.୦୫୦ ଡ଼ିସିମିଲି ଏବଂ ଖାତା ନଂ.- ୨୮୮, ପ୍ଲଟ ନଂ.- ୧୧, ଏରିଆ- ଏକର ୦.୨୬୦ ଡ଼ିସିମିଲିରେ ଅବସ୍ଥିତ। | | | କ) ଟ.୮,୯୩,୦୦୦/- ଖ) ଟ.୮୯,୩୦୦/- ଗ) ଟ.୧୦,୦୦୦/- |
| **(୩) ଶ୍ରୀ ଯୁଧିଷ୍ଠୀର ପାତ୍ରଙ୍କ** ନାମରେ ଥିବା ସ୍ଥାବର ସମ୍ପତ୍ତି (ଜମି ଓ ଗୃହ) ଯାହା ସା-ବିସିଆପଡ଼ା, ମୌଜା- ଦେଉଳବସ୍ତ, ତିରିମାଲ୍, ଥାନା- ଜଟଣୀ, ଜିଲ୍ଲା-ଖୋର୍ଦ୍ଧା, ପିନ୍- ୭୫୨୦୫୦, ଖାତା ନଂ.-୨୮୭, ପ୍ଲଟ ନଂ.-୪୪ /୧୪୦୨, ଏରିଆ- ଏକର ୦.୦୨୫ ଡ଼ିସିମିଲିରେ ଅବସ୍ଥିତ। | | | କ) ଟ.୭,୭୬,୦୦୦/- ଖ) ଟ.୭୭,୬୦୦/- ଗ) ଟ.୧୦,୦୦୦/- |
| **କଟକ ନୟାସଡ଼କ ଶାଖା** **ଋଣଗ୍ରହୀତା: ମେସର୍ସ ଭାରତ ଟ୍ରାନ୍ସପୋର୍ଟ ଆଣ୍ଡ ମିନେରାଲ୍ସ, ସତ୍ତ୍ୱାଧିକାରୀ: ମିର୍ଜା ଆକ୍ବିବ ଅଲି ବାଇଗ୍,** ପିତା- ମିର୍ଜା ଅଫସର୍ ଅଲି ବାଇଗ୍, ପଞ୍ଜିକୃତ କାର୍ଯ୍ୟାଳୟ: ଜୋବ୍ରା ମେନ୍ ରୋଡ଼, ଦସ ସାହି, ଗୀତା ମେମୋରିଆଲ ହସ୍ପିଟାଲ ସମ୍ମୁଖ, **ଜାମିନ୍‌ଦାର: ମିର୍ଜା ଅଫସର୍ ଅଲି ବାଇଗ୍,** ପିତା- ୰ମିର୍ଜା ଅହମଦ୍ ଅଲି ବାଇଗ୍, ସା: ପ୍ଲଟ ନଂ.-୮୨୪/୧୪୪୪, କଟକ ଟାଉନ୍, ୟୁନିଟ୍ ନଂ.-୨୫, ଜୋବ୍ରା ଚୁନାବତୀ ରୋଡ଼, ମାଛ ମାର୍କେଟ ନିକଟ, ପୋ-କଲେଜ ଛକ, ଥାନା-ମାଲ୍‌ଗୋଦାମ, ଜିଲ୍ଲା-କଟକ-୭୫୩୦୦୩। | କ)୨୯.୦୭.୨୦୧୭ ଖ)୧୨.୧୦.୨୦୧୭ ଗ)୨୮.୦୭.୨୦୧୭ ରିଖ ସୁଦ୍ଧା ଟ.୭୯,୫୮,୮୨୧/- +୨୮.୦୭.୨୦୧୭ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | **ମିର୍ଜା ଅଫସର୍ ଅଲୀ ବାଇଗ,** ପିତା- ମିର୍ଜା ଅହମଦ୍ ଅଲୀ ବାଇଗଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତି (ଜମି ଏବଂ ଗୃହ) ଯାହା ପ୍ଲଟ ନଂ.- ୮୨୪/୧୪୪୪, ଖାତା ନଂ.- ୧୪, ଏରିଆ-ଏକର ୦.୦୪୦ ଡ଼ିସିମିଲି, ମୌଜା- କଟକ ଟାଉନ୍, ୟୁନିଟ୍ ନଂ-୨୫, ଜୋବ୍ରା-୧, ଚୁନାବତୀ ରୋଡ଼, ମାଛ ମାର୍କେଟ ନିକଟ, ପୋ- କଲେଜ ଛକ, ଥାନା- ମାଲଗୋଦାମ, ଜିଲ୍ଲା-କଟକରେ ଅବସ୍ଥିତ। ଚଉହଦି: ଉତର- ପୂର୍ଣ୍ଣଚନ୍ଦ୍ର ସାହୁ ଏବଂ ରାସ୍ତା, ଦକ୍ଷିଣ- ମିର୍ଜା ଅଖତର ଅଲ୍ଲୀ, ପୂର୍ବ- ମନ୍‌ସୁର ଖାନ୍, ପଶ୍ଚିମ- ପୂର୍ଣ୍ଣଚନ୍ଦ୍ର ସାହୁ। | କ) ଟ.୫୯,୦୫,୦୦୦/- ଖ) ଟ.୫,୯୦,୫୦୦/- ଗ) ଟ.୨୫,୦୦୦/- |
| **ବଡ଼ବିଲ୍ ଶାଖା** **ଋଣଗ୍ରହୀତା: ମେସର୍ସ ମନୋଜ ହ୍ୟାଣ୍ଡଲୁମ୍, ସତ୍ତ୍ୱାଧିକାରୀ: ଶ୍ରୀ ମନୋଜ ଚୌଧୁରୀ,** ପିତା- ୰ମହେଶ ଚନ୍ଦ୍ର ଚୌଧୁରୀ, ସା-ଇଣ୍ଡିଆନ୍ ଗ୍ୟାସ ଗୋଦାମ ନିକଟ, ବଡ଼ବିଲ୍, ଜିଲ୍ଲା- କେନ୍ଦୁଝର, ପିନ୍- ୭୫୮୦୩୫, **ଜାମିନ୍‌ଦାର: ଶ୍ରୀମତୀ ଫୁଲିଆ ଦେବୀ,** ସ୍ୱା- ୰ମହେଶ ଚନ୍ଦ୍ର ଚୌଧୁରୀ, ମୁନିସିପାଲିଟି କାର୍ଯ୍ୟାଳୟ ନିକଟ, ୱାର୍ଡ଼ ନଂ.-୧୦, ଘର ନଂ.-୧୧୦, ବଡ଼ବିଲ୍, କେନ୍ଦୁଝର-୭୫୮୦୩୫ | କ)୨୧.୦୬.୨୦୧୬ ଖ)୦୬.୦୪.୨୦୧୭ ଗ)୨୧.୦୬.୨୦୧୬ ରିଖ ସୁଦ୍ଧା ଟ.୧୨,୭୦,୪୧୮/- +୨୧.୦୬.୨୦୧୬ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | **ଶ୍ରୀମତୀ ଫୁଲିଆ ଦେବୀ,** ସ୍ୱା- ୰ମହେଶ ଚନ୍ଦ୍ର ଚୌଧୁରୀଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତି (ଜମି ଏବଂ ଗୃହ) ଯାହା ସୁନ୍ଦରା ମୌଜା, ୟୁନିଟ୍ ନଂ.-୧୩, ପ୍ଲଟ ନଂ.-୧୪୧, ଖାତା ନଂ.-୪୫, ଏରିଆ-ଏକର୦.୦୪୦ ଡ଼ିସିମିଲି, ଥାନା/ ତହସିଲି/ଏସ୍‌ଆରଓ- ବଡ଼ବିଲ, ଜିଲ୍ଲା-କେନ୍ଦୁଝରରେ ଅବସ୍ଥିତ। ପ୍ଲଟର ଚଉହଦି: ପୂର୍ବ- ପ୍ରମୋଦ ଜଇସୱାଲ୍, ପଶ୍ଚିମ- ମୁନିସିପାଲିଟି ରାସ୍ତା, ଉତ୍ତର- ବିଜୟ କୁମାର ଚୌଧୁରୀ, ଦକ୍ଷିଣ- ନୀଲମ୍ ଜିଇସୱାଲ୍ ଏବଂ ପ୍ରମଦ ଜଇସୱାଲ୍। | କ) ଟ.୪୧,୪୦,୦୦୦/- ଖ) ଟ.୪,୧୪,୦୦୦/- ଗ) ଟ.୧୦,୦୦୦/- |
| **ସହୀଦ ନଗର ଶାଖା, ଭୁବନେଶ୍ୱର** **ଋଣଗ୍ରହୀତା: ମେସର୍ସ ତାଜ୍ ସୁଜ୍,** ପ୍ଲଟ ନଂ.-୧୩୫, ଅଶୋକ ନଗର, ଭୁବନେଶ୍ୱର, ପିନ୍- ୭୫୧୦୦୯, **ପାର୍ଟନରସ୍: ଶ୍ରୀ ଅରୁଣ କୁମାର ଜେନା ଏବଂ ଶ୍ରୀମତୀ ପ୍ରଭାତ ନଳିନୀ ମହାନ୍ତି,** ସ୍ୱା- ଶ୍ରୀ ପ୍ରେମାନନ୍ଦ ପଟ୍ଟନାୟକ, **ଜାମିନ୍‌ଦାର: ଶ୍ରୀ ପ୍ରେମାନନ୍ଦ ପଟ୍ଟନାୟକ,** ପିତା- ନାରାୟଣ ପଟ୍ଟନାୟକ, ସମସ୍ତଙ୍କ ଘର ନଂ.-୩, ଶ୍ରାବଣୀ ଏନ୍‌କ୍ଲେଭ, ଫେଜ୍-୨, ଏକାମ୍ର ମହାବିଦ୍ୟାଳୟ ନିକଟ, ଭୁବନେଶ୍ୱର- ୭୫୧୦୦୨। | କ)୨୫.୦୫.୨୦୧୬ ଖ)୨୦.୦୮.୨୦୧୬ ଗ)୨୫.୦୫.୨୦୧୬ ରିଖ ସୁଦ୍ଧା ଟ.୪୫,୮୦,୦୨୬/- +୨୫.୦୫.୨୦୧୬ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | **ଶ୍ରୀ ପ୍ରେମାନନ୍ଦ ପଟ୍ଟନାୟକ ଏବଂ ଶ୍ରୀମତୀ ପ୍ରଭାତ ନଳିନୀ ମହାନ୍ତିଙ୍କ** ନାମରେ ଥିବା ସ୍ଥାବର ସମ୍ପତ୍ତି (ଜମି ଏବଂ ଗୃହ) ଯାହା ମୌଜା- ଭୁବନେଶ୍ୱର ସହର, ୟୁନିଟ୍ ନଂ.-୨୩, କାଳିପ୍ରସାଦ, ଖାତା ନଂ.- ୮୮୪/୩୭୪, ପ୍ଲଟ ନଂ.- ୯୯୮/୩୧୭୮, ମ୍ୟୁଟେଟେଡ୍ ଖାତା ନଂ.- ୮୮୪/୬୪୬, ପ୍ଲଟ ନଂ.- ୯୯୮/୩୧୭୮/୩୮୩୯, ଏରିଆ-ଏକର୦.୦୩୧ ଡ଼ିସିମିଲି, ଶ୍ରାବଣୀ ଏନ୍‌କ୍ଲେଭ, ଡୁପ୍ଲେକ୍ସ ଘର ନଂ.-୩, ଏକାମ୍ର ମହାବିଦ୍ୟାଳୟ ନିକଟ, ସୁନ୍ଦରପଦା, ଭିମଟାଙ୍ଗୀ, ତହସିଲି- ଭୁବନେଶ୍ୱର-୨, ଜିଲ୍ଲା- ଖୋର୍ଦ୍ଧାରେ ଅବସ୍ଥିତ। | କ) ଟ.୪୦,୭୮,୦୦୦/- ଖ) ଟ.୪,୦୭,୮୦୦/- ଗ) ଟ.୧୦,୦୦୦/- |
| **ଅଶୋକ ନଗର ଶାଖା, ଭୁବନେଶ୍ୱର** **ଋଣଗ୍ରହୀତା: ମେସର୍ସ ସନ୍ ସାଇ, ସତ୍ତ୍ୱାଧିକାରୀ: ଶ୍ରୀ ଶଙ୍କର ପ୍ରତାପ ରାଉତ ସାମନ୍ତ,** ପିତା-ଶ୍ରୀ ଅଲେଖ ବିହାରୀ ରାଉତ ସାମନ୍ତ, ସା: ଦୋକାନ ନଂ.-୩, ଶ୍ରୀ ସାଇ ଚୈତନ୍ୟ କମ୍ପ୍ଲେକ୍ସ, ଲୁଇସ୍ ରୋଡ଼, ଭୁବନେଶ୍ୱର, ବାସସ୍ଥାନ: ଇଏ-୧୧, ବଡ଼ଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର-୭୫୧୦୧୮, **ଜାମିନ୍‌ଦାର: (୧)ଶ୍ରୀ ରମେଶ ଚନ୍ଦ୍ର ଜେନା,** ପିତା- ଶ୍ରୀ ଧ୍ରୁବ ଚନ୍ଦ୍ର ଜେନା, ଗ୍ରାମ- ନୂଆଗାଁ, ପୋ-ଇତିପୁର, ଥାନା- ଲିଙ୍ଗରାଜ, ଜିଲ୍ଲା- ଖୋର୍ଦ୍ଧା-୭୫୧୦୦୨, **(୨) ଶ୍ରୀ ଦୁର୍ଗା ମାଧବ ପଟ୍ଟନାୟକ,** ପିତା- ଶ୍ରୀ ସାରଥୀ ପଟ୍ଟନାୟକ, ପ୍ଲଟ ନଂ.-୪୧/୪୪/୧୩, ରବି ଟକିଜ୍ ରାସ୍ତା, ଓଲ୍ଡ ଟାଉନ୍, ଭୁବନେଶ୍ୱର-୭୫୧୦୦୨। | କ)୩୦.୦୧.୨୦୦୯ ଖ)୦୩.୧୧.୨୦୧୧ ଗ)୩୧.୧୨.୨୦୦୮ ରିଖ ସୁଦ୍ଧା ଟ.୫,୬୯,୯୫୮/- +୩୧.୧୨.୨୦୦୮ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | **ଶ୍ରୀ ରମେଶ ଚନ୍ଦ୍ର ଜେନାଙ୍କ** ନାମରେ ଥିବା ସ୍ଥାବର ସମ୍ପତ୍ତି (ଜମି ଏବଂ ଗୃହ) ଯାହା ଜିଲ୍ଲା-ଖୋର୍ଦ୍ଧା, ମୌଜା- ନୂଆଗାଁ, ଥାନା- ଲିଙ୍ଗରାଜ, ଭୁବନେଶ୍ୱର, ଖାତା ନଂ.- ୧୩୯, ପ୍ଲଟ ନଂ.- ୭୦୯, ଏରିଆ- ଏକର ୦.୦୭୦ ଡ଼ିସିମିଲିରେ ଅବସ୍ଥିତ। ଚଉହଦି: ପୂର୍ବ- ନେତ୍ରାନନ୍ଦ, ପଶ୍ଚିମ- ଶ୍ୟାମ ବିଶ୍ୱାଳ, ଉତ୍ତର- କେନାଲ, ଦକ୍ଷିଣ- ରାସ୍ତା। | କ) ଟ.୧୬,୮୬,୦୦୦/- ଖ) ଟ.୧,୬୮,୬୦୦/- ଗ) ଟ.୧୦,୦୦୦/- |
| **ଭଦ୍ରକ କଲେଜ ଶାଖା** **ଋଣଗ୍ରହୀତା: ମେସର୍ସ ଶ୍ରୀ କ୍ରୀଷ୍ଣା ସେଲ୍‌ସ, ସତ୍ତ୍ୱାଧିକାରୀ: ଶ୍ରୀ କିଶୋର କୁମାର କୋଧୀଆର,** ପିତା- ଦେବରନ କୋଧୀଆର, **ଜାମିନ୍‌ଦାର: ଶ୍ରୀମତୀ ହିନା କୋଧୀଆର,** ସ୍ୱା-ଶ୍ରୀ କିଶୋର କୁମାର କୋଧୀଆର, ଉଭୟଙ୍କ ଠିକଣା: ବାବୁସାହୀ, ପୁରୁଣା ବଜାର, ପୋ/ ଜିଲ୍ଲା- ଭଦ୍ରକ, ପିନ୍- ୭୫୬୧୦୦। | କ)୨୫.୦୮.୨୦୧୬ ଖ)୦୭.୦୭.୨୦୧୮ ଗ)୨୫.୦୮.୨୦୧୬ ରିଖ ସୁଦ୍ଧା ଟ.୨୨,୪୬,୪୦୯/- +୨୫.୦୮.୨୦୧୬ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | **ଶ୍ରୀ କିଶୋର କୁମାର କୋଧୀଆରଙ୍କ** ନାମରେ ଥିବା ସ୍ଥାବର ସମ୍ପତ୍ତି (ଖାଲିଜମି) ଯାହା ମିର୍ଜାପୁର ମୌଜା, ତହସିଲି/ ଜିଲ୍ଲା- ଭଦ୍ରକ, ପ୍ଲଟନଂ.-୨୭୨୬, ଖାତା ନଂ- ୯୯୬/୮୬୧, ଏରିଆ- ଏକର ୦.୦୧୧୦ ଡ଼ିସିମିଲିରେ ଅବସ୍ଥିତ। ପ୍ଲଟର ଚଉହଦି: ପୂର୍ବ- ପ୍ଲଟ ନଂ.୨୭୨୭, ପଶ୍ଚିମ- ପ୍ଲଟ ନଂ.୨୭୨୪, ଦକ୍ଷିଣ- ଗ୍ରାମ ବେକ ଚଉହଦି ଲାଇନ୍, ଉତ୍ତର- ପ୍ଲଟ ନଂ.୨୭୨୫ ଏବଂ ୨୭୨୮। | କ) ଟ.୫,୭୨,୦୦୦/- ଖ) ଟ.୫୭,୨୦୦/- ଗ) ଟ.୧୦,୦୦୦/- |
| **ଯାଜପୁର ରୋଡ଼ ଶାଖା** **ଋଣଗ୍ରହୀତା: ମେସର୍ସ ମହାଲକ୍ଷ୍ମୀ ଷ୍ଟୋର, ସତ୍ତ୍ୱାଧିକାରୀ: ଶ୍ରୀ ଅଶୋକ କୁମାର ବାରିକ,** ସା-ଲକ୍ଷ୍ମୀ ମାର୍କେଟ, ଯାଜପୁର ରୋଡ଼, ଜିଲ୍ଲା-ଯାଜପୁର, ପିନ୍- ୭୫୫୦୧୯, **ଜାମିନ୍‌ଦାର: ଶ୍ରୀମତୀ ମିଠି ଓରଫ ମାଳତୀ ପରିଡ଼ା,** ସ୍ୱା-୰ବାବାଜୀ ଚରଣ ପରିଡ଼ା, ଗ୍ରାମ-ଯୋଡ଼ାବର, ପୋ-ଫେରୋକ୍ରୋମ ପ୍ଲାଣ୍ଟ, ଯାଜପୁର ରୋଡ଼, ଜିଲ୍ଲା- ଯାଜପୁର, ପିନ୍- ୭୫୫୦୨୦। | କ)୧୭.୧୧.୨୦୧୫ ଖ)୦୧.୦୩.୨୦୧୬, ଗ)୧୭.୧୧.୨୦୧୫ ରିଖ ସୁଦ୍ଧା ଟ.୬,୫୭,୮୨୫/- +୧୭.୧୧.୨୦୧୫ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | **ଶ୍ରୀମତୀ ମିଠି ଓରଫ ମୋତି ପରିଡ଼ା,** ସ୍ୱା- ୰ବାବାଜୀ ଚରଣ ପରିଡ଼ାଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତି ଯାହା ଯୋଡ଼ାବର ମୌଜା, ୟୁନିଟ୍-୧୬, ଥାନା-ଯାଜପୁର ରୋଡ଼, ଜିଲ୍ଲା-ଯାଜପୁର, ପ୍ଲଟ ନଂ.-୬୨୦/୮, ଖାତା ନଂ.-୧୧୮/୨, ଏରିଆ-ଏକର ୦.୧୨ ଡ଼ିସିମିଲିରେ ଅବସ୍ଥିତ। ପ୍ଲଟର ଚଉହଦି: ଉତର- ଶ୍ରୀ ବାବାଜୀ ଚରଣ ପରିଡ଼ା, ଦକ୍ଷିଣ-ରାସ୍ତା, ପୂର୍ବ-ବାବୁ ପରିଡ଼ା, ପଶ୍ଚିମ- ସୁକଦେବ ପରିଡ଼ା। | କ) ଟ.୪,୮୦,୦୦୦/- ଖ) ଟ.୪୮,୦୦୦/- ଗ) ଟ.୧୦,୦୦୦/- |

**ଇ-ନିଲାମ ତାରିଖ ଓ ସମୟ: ତା ୨୮.୦୯.୨୦୧୮ ରିଖ (ଶୁକ୍ରବାର) ପୂର୍ବାହ୍ନ ୧୧.୦୦ଘଟିକାରୁ ଅପରାହ୍ନ ୧.୦୦ ଘଟିକା**

**ପ୍ରସ୍ତାବ/ଇ - ନିଲାମ ପ୍ରକ୍ରିୟା ସମ୍ବନ୍ଧିୟ ଫର୍ମ ଏବଂ ଅମାନତ ଜମା ଦାଖଲର ଅନ୍ତିମ ତାରିଖ ଓ ସମୟ: ତା ୨୬.୦୯.୨୦୧୮ ରିଖ ଅପରାହ୍ନ ୫.୦୦ ଘଟିକା**

| ଶାଖାର ନାମ / ଋଣଗ୍ରହୀତା/ ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ)ଡିମାଣ୍ଡ ନୋଟିସ୍ ତାରିଖ, (ଖ)ଦଖଲନୋଟିସ୍ ତାରିଖ, (ଗ)ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ରାଶି | ସମ୍ପତ୍ତିର ବିବରଣୀ | କ)ସଂରକ୍ଷିତ ମୂଲ୍ୟ ଖ)ଅମାନତ ରାଶି ଗ)ବର୍ଦ୍ଧିତ ବିଡ୍ ପରିମାଣ |
|---|---|---|---|
| **ଟେମ୍ପୁଲ୍ ମାର୍ଗ ଶାଖା, ଭୁବନେଶ୍ୱର** **ଋଣଗ୍ରହୀତା: ମେସର୍ସ ଗ୍ଲୋବାଲ ମଲ୍ଟି ରିଟେଲ୍ସ,** ସା-ଏ/ଏମ୍-୩୭, ଭିଏସ୍‌ଏସ୍ ନଗର, ଥାନା- ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭, **ଜାମିନ୍‌ଦାର ଓ ପରିଚାଳନା ପାର୍ଟନର: ଶ୍ରୀ ସରୋଜ କୁମାର ନନ୍ଦ,** ପିତା-ଶ୍ରୀ ଶରତ ଚନ୍ଦ୍ର ନନ୍ଦ, ସା-୨୦୫୦/୨୭୬୨, ସାମନ୍ତପୁର, ଭୁବନେଶ୍ୱର-୭୫୧୦୦୨, ସ୍ଥାୟୀ ଠିକଣା: ସା-ଦାଣ୍ଡମୁକୁନ୍ଦପୁର, ପିପିଲି, ଜିଲ୍ଲା- ପୁରୀ, ପିନ୍-୭୫୨୧୦୪, **ଜାମିନ୍‌ଦାର ଓ ପାର୍ଟନର: ଶ୍ରୀ ମୀନକେତନ ଶତପଥୀ,** ପିତା-ଦୁର୍ଯ୍ୟୋଧନ ଶତପଥୀ, ପ୍ଲଟ ନଂ.-୧୨୫୨, ଶିଖରପୁର ମାଲଗୋଦାମ, କଟକ-୭୫୩୦୦୩, **ଜାମିନ୍‌ଦାର: ଶ୍ରୀମତୀ ଦମୟନ୍ତୀ ଶତପଥୀ,** ସ୍ୱା: ଶ୍ରୀ ମୀନକେତନ ଶତପଥୀ, ପ୍ଲଟ ନଂ.-୧୨୫୨, ଶିଖରପୁର ମାଲଗୋଦାମ, କଟକ-୭୫୩୦୦୩। | କ)୦୫.୧୨.୨୦୧୭ ଖ)୨୨.୦୨.୨୦୧୮ ଗ)୦୫.୧୨.୨୦୧୭ ରିଖ ସୁଦ୍ଧା ଟ.୧,୨୯,୭୪,୭୭୬/- +୦୫.୧୨.୨୦୧୭ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | **ଶ୍ରୀମତୀ ଦମୟନ୍ତୀ ଶତପଥୀ**ଙ୍କ ନାମରେ ଥିବା ଜମି ଓ ଗୃହ ଯାହା ଖାତା ନଂ.-୫୩୬/୪୦୫, ପ୍ଲଟ ନଂ.-୧୨୫୨, ଏରିଆ-ଏକର୦.୧୮ ଡ଼ିସିମିଲି, ମୌଜା-କଟକ ସହର, ୟୁନିଟ୍-୨୫, ଜୋବ୍ରା, ଥାନା-ମାଲଗୋଦାମ, ଥାନା ନଂ.-୨, ତହସିଲି/ଜିଲ୍ଲା-କଟକରେ ଅବସ୍ଥିତ। ଚଉହଦି: ଉତର-ପ୍ରଶନ୍ନ ପରିଡ଼ା, ଦକ୍ଷିଣ-ଜୋବ୍ରା ଶିଖରପୁର ରାସ୍ତା, ପୂର୍ବ-୰କୁଳମଣୀ ଶତପଥୀ, ପଶ୍ଚିମ-ଜିତେନ୍ଦ୍ର ଶତପଥୀ। | କ) ଟ.୨,୨୬,୯୯,୦୦୦/- ଖ) ଟ.୨୨,୬୯,୯୦୦/- ଗ) ଟ.୫୦,୦୦୦/- |

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ :**

**୧)** ଇ - ନିଲାମ ପ୍ଲାଟଫର୍ମ **(https://allahabadbank.auctiontiger.net)** ଆମର ଇ - ନିଲାମ ସେବା ପ୍ରଦାନକାରୀ ମେସର୍ସ ଇ - ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜି ଲିଃ (ଅକ୍ସନ ଟାଇଗର), ପଞ୍ଜିକୃତ କାର୍ଯ୍ୟାଳୟ : ଅହମ୍ମଦାବାଦ, **ଯୋଗାଯୋଗ ନଂ. : ୦୭୯-୪୦୨୩୦୮୨୪/୮୨୩/୮୨୧ ଏବଂ ମୋବାଇଲ୍ ନଂ. ଶ୍ରୀ ରାମ ଶର୍ମା କିମ୍ବା ଶ୍ରୀ ରାକେଶ ନାୟକ -୦୮୦୦୦୦୨୩୨୯୭, ୦୯୯୩୭୬୨୨୦୩୧୯** ଦ୍ୱାରା ପ୍ରଦାନ କରାଯିବ । ଆବଶ୍ୟକମତେ, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ **EMD** ଜମା କରିଥିଲେ ଏହି ସେବା ପ୍ରଦାନକାରୀ ମଧ୍ୟ ଇ - ନିଲାମ ତାଲିମ ଏବଂ ଡ଼େମୋନଷ୍ଟ୍ରେସନ ପ୍ରଦାନ କରିପାରିବେ ।

**୨)** ଇ - ନିଲାମରେ ଅଂଶ ଗ୍ରହଣ କରିବାକୁ ଚାହୁଁଥିବା ଅଂଶଗ୍ରହଣକାରୀମାନେ ସେବାପ୍ରଦାନକାରୀଙ୍କ ଉପରୋକ୍ତ ୱେବସାଇଟରୁ ବିନା ଶୁଳ୍କରେ ବିକ୍ରୟ ନୋଟିସ୍, ନିୟମ ଏବଂ ସର୍ତ୍ତାବଳୀ, ଇ - ନିଲାମ କାର୍ଯ୍ୟକାରୀ ପ୍ରକ୍ରିୟା ମାର୍ଗଦର୍ଶିକା ପୁସ୍ତିକା ଏବଂ ଇ - ନିଲାମ ସମ୍ବନ୍ଧୀୟ ଅନ୍ୟାନ୍ୟ ଆନୁସଙ୍ଗିକ ଫର୍ମ ଯାହାକି ଉପଦର୍ଶିତ ଇ - ନିଲାମ ସେବା ପ୍ରଦାନକାରୀ ମେସର୍ସ ଇ - ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜି ଲିଃ (ଅକ୍ସନ ଟାଇଗର) ଅହମ୍ମଦାବାଦ, ଇଣ୍ଟରନେଟରୁ ଡାଉନଲୋଡ କରିପାରିବେ ।

**୩) ଇଚ୍ଛୁକ ନିଲାମଧାରୀମାନେ ଇ - ନିଲାମ ସେବା ପ୍ରଦାନକାରୀଙ୍କ ୱେବସାଇଟ https://allahabadbank.auctiontiger.net ଦ୍ୱାରା ଇ - ନିଲାମରେ ଅଂଶଗ୍ରହଣ କରିପାରିବେ । ନିୟମ ଏବଂ ସର୍ତ୍ତାବଳୀର ସବିଶେଷ ବିବରଣୀ ପାଇଁ ତା ୨୩.୦୮.୨୦୧୮ ରିଖ ପରଠାରୁ www.tenders.gov.in and https://allahabadbank.auctiontiger.net ଦେଖନ୍ତୁ ।**

**ଦ୍ରଷ୍ଟବ୍ୟ: ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା / ଜାମିନଦାର /ବନ୍ଧକଦାତାମାନଙ୍କୁ ଜଣାଇ ଦିଆଯାଉଛି କି ଉପରବର୍ଣ୍ଣିତ ତାରିଖରେ ନିଲାମ ବିକ୍ରୟ ସମ୍ପନ୍ନ ହେବ ।**

**ସ୍ଥାନ-ଭୁବନେଶ୍ୱର, ତାରିଖ- ୧୬.୦୮.୨୦୧୮** **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ**

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୨୩ ଅଗଷ୍ଟ, ୨୦୧୮



ଅନ୍ୟର ମଙ୍ଗଳ ପାଇଁ ନିଜେ ଦୁଃଖ ସହିବାର ଇଚ୍ଛା,
ଏହାର ଅନ୍ୟନାମ ହେଉଛି ମହତ ପଣିଆ।
- ହର୍‌ବର୍ଟ ସ୍ପେନ୍‌ସର୍



**ସଂକ୍ଷେପରେ**

## ଶସ୍ୟ ବୀମା କ୍ଷତିପୂରଣ ଦାବି, ରାସ୍ତାରୋକୋ ଚେତାବନୀ

ନାକଟିଦେଉଳ,୨୨।୮(ଡି.ଏନ.ଏ.) : ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଗିରିଶ୍ଚନ୍ଦ୍ରପୁର ଗ୍ରାମପଞ୍ଚାୟତର ବୀମାଭୁକ୍ତ ଚାଷୀମାନଙ୍କୁ ଶସ୍ୟ ବୀମା କ୍ଷତିପୂରଣ ପ୍ରଦାନ ଦାବିରେ ରାସ୍ତାରୋକୋ ଚେତାବନୀ ଦିଆଯାଇଛି। ଆସନ୍ତା ୩୦ ତାରିଖରେ ସକାଳ ୬ରୁ ସନ୍ଧ୍ୟା ୬ଘଟିକା ପର୍ଯ୍ୟନ୍ତ ୧୨ ଘଣ୍ଟା ଧରି ୫୫ ନମ୍ବର ଜାତୀୟ ରାଜପଥର ରେଢ଼ାଖୋଲ ଭୀମଭୋଇ କଲେଜ ଛକଠାରେ ରାସ୍ତା ଅବରୋଧ କରାଯିବ ବୋଲି ଗିରିଶ୍ଚନ୍ଦ୍ରପୁର ଗ୍ରାମପଞ୍ଚାୟତ କୃଷକ ସଙ୍ଗଠନ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ସମ୍ବଲପୁର ଜିଲାପାଳ, ଉପଜିଲାପାଳ ରେଢ଼ାଖୋଲ, ବିଡିଓ ନାକଟିଦେଉଳ, ଜିଲା କୃଷି ଅଧିକାରୀ, ବିଧାୟକ ରୋହିତ ପୂଜାରୀଙ୍କୁ ଲିଖିତ ଆକାରରେ ଜଣାଇ ଦିଆଯାଇଛି । ପଞ୍ଚାୟତର ବୀମାଭୁକ୍ତ ଚାଷୀମାନଙ୍କୁ ୨୦୧୭-୧୮ ବର୍ଷର ମରୁଡିଜନିତ ବୀମା ସହାୟତା ରାଶି ପ୍ରଦାନ କରାଯିବାକୁ ସଙ୍ଗଠନ ପକ୍ଷରୁ ଗତ ୮ ତାରିଖରେ ଜିଲାପାଳଙ୍କଠାରେ ଅଭିଯୋଗ କରାଯାଇଥିଲା। ଏହାକୁ ୧୨ ଦିନ ଅତିକ୍ରାନ୍ତ ହୋଇଥିଲେ ମଧ ପ୍ରଶାସନ ନୀରବ ବସି ରହିଛି। ଏଣୁ ରାସ୍ତା ଅବରୋଧ କରିବାକୁ ନିଷ୍ପତ୍ତି ନେଇଛୁ ବୋଲି ସଙ୍ଗଠନର ସଭାପତି ବିପିନ ବିହାରୀ ପ୍ରଧାନ ଜଣାଇଛନ୍ତି ।

### ଫ୍ଲୋରାଇଡ୍ ଗ୍ୟାସଜନିତ କ୍ଷୟକ୍ଷତି ଭରଣା ମାମଲା

# ହିଣ୍ଡାଲ୍‌କୋକୁ ୫୦ ଲକ୍ଷ ଜରିମାନା

ସମ୍ବଲପୁର,୨୨।୮(ବ୍ୟୁରୋ)
ଫ୍ଲୋରାଇଡ୍ ଗ୍ୟାସ୍‌ଜନିତ ପ୍ରଦୂଷଣ ଓ ତତ୍‌ଜନିତ କ୍ଷୟକ୍ଷତି ଭରଣା ନେଇ ଗ୍ରୀନ୍ ଟ୍ରିବ୍ୟୁନାଲ୍‌ରେ ବିଚାରାଧୀନ ଥିବା ମାମଲାର ରାୟ ପ୍ରକାଶ ପାଇଛି। ହିଣ୍ଡାଲ୍‌କୋ କମ୍ପାନୀକୁ ୫୦ ଲକ୍ଷ ଟଙ୍କା ଜରିମାନା ଆଦେଶ ହୋଇଛି। ଏହି ଦଣ୍ଡିତ ଅର୍ଥ ରାଶିରେ କ୍ଷତିଗ୍ରସ୍ତ ଚାଷୀଙ୍କ କ୍ଷତିପୂରଣ ଭରଣା ସହ ଜିଲାପ୍ରଶାସନ ଓ କମ୍ପାନୀର ମିଳିତ ଆଲୋଚନା କ୍ରମେ ପାରିପାର୍ଶ୍ୱିକ ଉନ୍ନତିମୂଳକ କାର୍ଯ୍ୟ କରାଯିବ। କମ୍ପାନୀକୁ ଗ୍ରୀନ ଟ୍ରିବ୍ୟୁନାଲ ନିୟମ ପାଳନ କରିବାକୁ ଉକ୍ତ ପ୍ରକାଶିତ ରାୟରେ ନିର୍ଦ୍ଦେଶ ହୋଇଛି। ତଦନୁଯାୟୀ, କମ୍ପାନୀ ତା'ର ଚତୁଃପାର୍ଶ୍ୱରେ ୩୩ ପ୍ରତିଶତ ସୁବଜ ବଳୟ ସୃଷ୍ଟି କରିବ। ପ୍ରଦୂଷଣ ରୋକିବା ପାଇଁ ଗଛ ଲଗାଇବା ସହ ଆବଶ୍ୟକ ପଦକ୍ଷେପ ନେବ। ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ଆବାହକ ଅଶୋକ ପ୍ରଧାନ ଏହି ସୂଚନା ଦେଇଛନ୍ତି।

ଏହି ନ୍ୟାୟିକ ଲଢ଼େଇ ଉପରେ ସେ କହିଛନ୍ତି ଯେ, ହିଣ୍ଡାଲକୋ କମ୍ପାନୀରୁ ନିର୍ଗତ ଫ୍ଲୋରାଇଡ୍ ଗ୍ୟାସରେ ଦୀର୍ଘ ୧୫ବର୍ଷ ଧରି ପାରିପାର୍ଶ୍ୱିକ ଗ୍ରାମଗୁଡ଼ିକ ପ୍ରଦୂଷିତ ହେବା ସହ ଚାଷୀମାନେ କ୍ଷତିଗ୍ରସ୍ତ ହେଉଥିଲେ। ଏହାର ପ୍ରତିବଦଳରେ କମ୍ପାନୀ ଅଳ୍ପ କିଛି ପରିମାଣରେ କ୍ଷତିପୂରଣ ଭରଣା କରୁଥିଲା। କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ ପ୍ରାପ୍ୟ ମିଳୁ ନ ଥିଲା। ଏପରି କି କମ୍ପାନୀ ସାମାଜିକ ଦାୟିତ୍ୱବୋଧରୁ ଦୂରେଇ ଯାଇ ପାରିପାର୍ଶ୍ୱିକ ଉନ୍ନତି କାର୍ଯ୍ୟ କରିବାକୁ ପଛଘୁଞ୍ଚା ଦେଇଆସୁଥିଲା। ଫଳରେ ଆନ୍ଦୋଳନର ଦାନା ବାନ୍ଧିଥିଲା। ଜୁଲାଇ ମାସରେ ଫ୍ଲୋରାଇଡ ଗ୍ୟାସରେ ମହମ୍ମଦପୁର ଡେଙ୍ଗିମଚା ଗ୍ରାମରେ ପ୍ରାୟ ଧାନ ପଲ୍ଲା ନଷ୍ଟ ହୋଇଥିଲା। ମାତ୍ର କମ୍ପାନୀ ତରଫରୁ ଏ ବାବଦରେ ଉପଯୁକ୍ତ କ୍ଷତିପୂରଣ ଦିଆଯାଇନଥିଲା। ଫଳରେ ଗ୍ରାମର ଚାଷୀ ଜି. ସିନୁ, ସିଲିପଥର ଗ୍ରାମର ଭୈରବ ପ୍ରଧାନ ଗ୍ରୀନ ଟ୍ରିବ୍ୟୁନାଲରେ ମାମଲା ରୁଜୁ କରିଥିଲେ। ଆଡ଼ଭୋକେଟ ବିଶ୍ୱରଞ୍ଜନ ପରମଗୁରୁ ଏହି ମାମଲାର ପରିଚାଳନା କରିଥିଲେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି ମୁରାରି ପୁରୋହିତ, ଉପସଭାପତି ହରିଶଙ୍କର ପୁରୋହିତ, ସମ୍ପାଦକ ବ୍ୟୋମକେଶ ଠାକୁର, ସଦସ୍ୟ ବିଭୂ ପଟ୍ଟନାୟକ, ନାଟୁ ବିହାରୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



ବୁଧବାର ଖବରଦାତା ସମ୍ମିଳନୀରେ ଚାଷୀନେତା ଅଶୋକ ପ୍ରଧାନ ସୂଚନା ଦେଉଛନ୍ତି ।

## ଅତର୍କିତ ଚଢ଼ାଉ : ବୁର୍ଲାରେ ୪ ବେଆଇନ ପାଥୋକ୍ଲିନିକ ସିଲ୍

- ଚଢ଼ାଉ ଭୟରେ ଅନେକ କ୍ଲିନିକ ବନ୍ଦ

ସମ୍ବଲପୁର,୨୨।୮(ବ୍ୟୁରୋ)
ସମ୍ବଲପୁର ଜିଲାରେ ବେଆଇନ ପାଥୋକ୍ଲିନିକ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହି ପାଥୋକ୍ଲିନିକ୍ ବ୍ୟବସାୟ ସହ ମେଡିକାଲ କର୍ମଚାରୀଙ୍କ ସହିତ ଡାକ୍ତରମାନେ ସମ୍ପୃକ୍ତ ରହିଥିବା ଅଭିଯୋଗ ହୋଇ ଆସୁଥିଲା। ବୁଧବାର ଜିଲା ସ୍ୱାସ୍ଥ୍ୟ ଅଧିକାରୀ କଲ୍ୟାଣ କୁମାର ଗୁପ୍ତା ଏକ ଟିମ ଗଠନ କରି ବୁର୍ଲାରେ ଏ ନେଇ ଚଢ଼ଉ କରିଥିଲେ। ବିନା ପଞ୍ଜିକରଣ ଓ କାଗଜପତ୍ରରେ ଚାଲୁଥିବା ୪ ପାଥୋକ୍ଲିନିକ୍ ଜ୍ୟୋତି, ସମ୍ପଦ, କଙ୍କଟ ଓ ଆପୋଲୋକୁ କୁ ସିଲ୍ କରି ଦିଆଯାଇଛି। କ୍ଲିନିକ ମାଲିକମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ସନ୍ତୋଷଜନକ ଉତ୍ତର ନ ମିଳିଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଡିଏମଓ ଗୁପ୍ତା କହିଛନ୍ତି। ଏହି ଘଟଣା ପରେ ଏବେ ବେଆଇନ ଭାବେ ଚାଲୁଥିବା ପାଥୋକ୍ଲିନିକଗୁଡିକ ମଧ୍ୟରେ କୋକୁଆ ଭୟ ଖେଳିଯାଇଛି । ଅତର୍କିତ ଚଢ଼ାଉ ଭୟରେ ଅନେକ ପାଥୋକ୍ଲିନିକ ବନ୍ଦ ରହିଥିବା ଦେଖାଯାଇଛି।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଶ୍ରମିକ ମୃତ

ସମ୍ବଲପୁର,୨୨।୮(ବ୍ୟୁରୋ)
ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଧୁଡ଼ିପାଲି ଗ୍ରାମପଞ୍ଚାୟତ ଲୁଧାପୋଷି ଗ୍ରାମରେ ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ଶ୍ରମିକ ମୃତ ହୋଇଛନ୍ତି। ମୃତକଙ୍କ ନାମ ମହେନ୍ଦ୍ର ବଢ଼େଇ। ଘର ସୁନ୍ଦରଗଡ଼ ଜିଲାର ବୋଲି ଜଣାପଡ଼ିଛି। ସେ ସୃଷ୍ଟି କନଷ୍ଟ୍ରକସନ୍ ନାମକ କମ୍ପାନୀ ଅଧୀନରେ ଉକ୍ତ ଗ୍ରାମରେ ନୂତନ ବିଦ୍ୟୁତ ଖୁଣ୍ଟ ପୋତା କାମରେ ନିୟୋଜିତ ଥିଲେ। ବୁଧବାର ସକାଳେ ମହେନ୍ଦ୍ର ଅନ୍ୟ ଶ୍ରମିକମାନଙ୍କ ସହିତ କାର୍ଯ୍ୟସ୍ଥଳକୁ ଆସିଥିଲେ। ବିଦ୍ୟୁତ ଖୁଣ୍ଟ ପୋତିବା ସମୟରେ ଖୁଣ୍ଟରେ ଲାଗିଥିବା ଏକ ଲୁହା ରଡ ୧୧କେଭି ତାର ସଂସ୍ପର୍ଶରେ ଆସିଥିଲା। ଏଥିରେ ଝଟ୍‌କା ଖାଇ ମହେନ୍ଦ୍ର ସେହିଠାରେ ଟଳି ପଡ଼ିଥିଲେ। ତାଙ୍କୁ ସହକର୍ମୀମାନେ କୁଚିଣ୍ଡା ଡାକ୍ତରଖାନାକୁ ନେଇଥିଲେ । ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ ।

ବିଦ୍ୟୁତ ବିଭାଗ ଓ ଉକ୍ତ ଠିକା କମ୍ପାନୀର ଅବହେଳା ଯୋଗୁ ଏହି ଦୁର୍ଘଟଣା ଘଟିଥିବା ଅଭିଯୋଗ ହୋଇଛି। ଏ ନେଇ କୁଚିଣ୍ଡା ପୋଲିସ ଏକ ଅପମୃତ୍ୟୁ ମାମଲା ୨୯/୧୮ ରୁଜୁ କରି ତଦନ୍ତ ଚଳାଇଛି।

### ନିଶାମୁକ୍ତ ଲରିଆପାଲି ପଞ୍ଚାୟତରୁ ପ୍ରେରଣା

## ଶପଥ ନେଲେ ଜରାବଗାର ମହିଳା ଗୋଷ୍ଠୀ

ବାମରା, ୨୨।୮ (ସ୍ୱ.ପ୍ର.)
ସମ୍ବଲପୁର ଜିଲା ବାମରା ବ୍ଲକ ଲରିଆପାଲି ପଞ୍ଚାୟତ ନିକଟରେ ଦେଶର ଶ୍ରେଷ୍ଠ ନିଶାମୁକ୍ତ ପଞ୍ଚାୟତ ଭାବେ ରାଷ୍ଟ୍ରପତି ପୁରସ୍କାର ପାଇଛି। ଏହା ରାଜ୍ୟ ପାଇଁ ଗର୍ବିତ ଓ ଚର୍ଚ୍ଚିତ। ଏଥିରୁ ପ୍ରେରଣା ପାଇ ନିକଟସ୍ଥ ଜରାବଗା ପଞ୍ଚାୟତର ମହିଳାମାନେ ମଙ୍ଗଳବାର ଏକ ବୈଠକ କରିଛନ୍ତି। ଜରାବଗା ପଞ୍ଚାୟତକୁ ଅନୁରୂପ ଭାବେ ନିଶାମୁକ୍ତ କରିବାକୁ ସ୍ଥିର କରି ଏକ ଶୋଭାଯାତ୍ରାରେ ବାହାର କରିଥିଲେ । ଏଥିରେ ମିଳିତ ଓଡିଶା ନିଶା ନିବାରଣ ଅଭିଯାନର ସମ୍ବଲପୁର ଜିଲା ସଭାପତି ସୁବାସଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନେତୃତ୍ୱ ନେଇଥିଲେ। ମୁଖ୍ୟବକ୍ତା ଭାବେ ଅଭିଯାନର ଉପଖଣ୍ଡ ସଂଯୋଜକ ତଥା କୁଚିଣ୍ଡା ବ୍ଲକ ପୂର୍ବତନ ଅଧ୍ୟକ୍ଷ କରୁଣାକର କିଷାନ ଏବଂ ସମ୍ମାନୀୟ ଅତିଥି ଭାବେ ବ୍ଲକ ସମ୍ପାଦକ ରବୀନ୍ଦ୍ର କୁମାର ଦାସ ଯୋଗ ଦେଇଥିଲେ। ସ୍ଥାନୀୟ ରଙ୍ଗବତୀ ବିଲୁଙ୍ଗ କଲ୍ୟାଣ ମଣ୍ଡପରେ ନାରୀନେତ୍ରୀ ସୁଷମା ପଟେଲଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା ସଭାରେ ଅଭିଯାନର ସଭ୍ୟା ତାରାବତୀ ନାଏକ, ରୀନା ଭଞ୍ଜ, ସୁକାନ୍ତ ଗୌଡ, ସତ୍ୟଭାମା ନାଏକ, ଯଶୋବନ୍ତୀ ନାଏକ, ଖୋଲଣା ଗୌନ୍ତିଆ, ପଦ୍ମିନୀ ଭୋଇ ଏବଂ ସତ୍ୟବ୍ରତ ଗୌନ୍ତିଆ, ସୁରଜ ପଟେଲ ପ୍ରମୁଖ ଅଭିଭାଷଣ ପ୍ରଦାନ କରିଥିଲେ। ଶତାଧିକ ମହିଳା ସାମିଲ ହୋଇ ପଞ୍ଚାୟତକୁ ସଂପୂର୍ଣ୍ଣ ନିଶାମୁକ୍ତ କରିବାକୁ ଶପଥ ନେଇଥିଲେ । ଶେଷରେ ପ୍ରଭାତି ପଟେଲ ଧନ୍ୟବାଦ ଦେଇଥିଲେ।




ରଙ୍ଗବତୀ ବିଲୁଙ୍ଗ କଲ୍ୟାଣ ମଣ୍ଡପରେ ମହିଳାମାନେ ସଭାରେ ବସିଛନ୍ତି ।

## ଟ୍ରେନ ଲାଇନରୁ ଶିକ୍ଷକଙ୍କ ମୃତଦେହ ଉଦ୍ଧାର

ରେଢ଼ାଖୋଲ,୨୨।୮(ଡି.ଏନ.ଏ.)
ଚାରମାଳ ପୋଲିସ ବୁଧବାର ଅପରାହ୍ନ ୪ଟାରେ ତାଳଚେର-ସମ୍ବଲପୁର ରେଳପଥର ମୋଚିବାହାଳ ନିକଟ ରେଳଧାରଣାରୁ ଜଣେ ଶିକ୍ଷକଙ୍କ ମୃତଦେହ ଉଦ୍ଧାର କରିଛି। ମୃତ ଶିକ୍ଷକଜଣକ ହେଲେ ମୋଚିବାହାଳ ଗ୍ରାମର ଖଗେଶ୍ୱର ବିଞ୍ଝାଲ(୩୫)। ସେ ଚାରମାଳ ନିକଟ ବଡ଼ମୁଗପାଳ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ପୋଲିସ ସୂଚନାନୁଯାୟୀ, ବୁଧବାର ଅପରାହ୍ନରେ ରେଳଲାଇନକୁ ଚାଲିଯାଇଥିବା ତାଙ୍କ ବଳଦକୁ ଘଉଡ଼ାଇବାକୁ ଯାଇଥିଲେ। ଏହି ସମୟରେ ଆସୁଥିବା ଏକ ଟ୍ରେନ ତାଙ୍କୁ ଧକ୍କା ଦେଇଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଗୁରୁବାର ରେଢ଼ାଖୋଲ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ବସନ୍ତ ଦଳାଇ କହିଛନ୍ତି। ଶିକ୍ଷକଙ୍କ ସ୍ତ୍ରୀ ଓ ୨ ପୁଅ ଝିଅ ରହିଛନ୍ତି।

### ପବିତ୍ର ଇଦ-ଉଲ୍ ଜୁହାରେ ସାମୂହିକ ନମାଜ ପାଠ

## କେରଳ ବନ୍ୟା ବିପନ୍ନଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା

ସମ୍ବଲପୁର,୨୨।୮(ବ୍ୟୁରୋ)
ପବିତ୍ର ଇଦ୍-ଉଲ୍ ଜୁହା ବୁଧବାର ସହରରେ ପାଳିତ ହୋଇଯାଇଛି। ସକାଳ ସାଢ଼େ ୭ଟାରେ ଇସଲାମ୍ ଧର୍ମାବଲମ୍ବୀମାନେ ସାକ୍ଷୀପଡ଼ା ଇଦ୍‌ଗାଠାରେ ସାମୂହିକ ନମାଜ୍ ପାଠ କରିଥିଲେ। ବିଶ୍ୱରେ ଶାନ୍ତି ପ୍ରତିଷ୍ଠା, ଭାରତର ବିକାଶ ଏବଂ କେରଳ ବନ୍ୟା ବିପନ୍ନଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା କରିଥିଲେ। ଏଥି ସହ ବନ୍ୟା ବିପନ୍ନଙ୍କ ଲାଗି ଅର୍ଥ ସଂଗ୍ରହ କରାଯାଇଛି। ଗୁରୁବାର ସଂଗୃହୀତ ଅର୍ଥ ଜିଲାପାଳ ସମର୍ଥ ବର୍ମାଙ୍କୁ ପ୍ରଦାନ କରାଯିବ ବୋଲି ଇଦ୍‌ଗା କମିଟି ସଭାପତି ଜୁଲଫିକର୍ ଅଲ୍ଲି ଭୁଟ୍ଟୋ ସୂଚନା ଦେଇଛନ୍ତି। ସମ୍ପାଦକ ଶେଖ ସେଖାୱାଦ୍ ଉଲ୍ଲା, ଯୁଗ୍ମ ସମ୍ପାଦକ ମହମ୍ମଦ ଜୁବେର ଓ ମହମ୍ମଦ ହସିମ୍, କୋଷାଧ୍ୟକ୍ଷ ହାଜି ସୟଦ୍ ଆରିଫ୍ ହୁସେନ୍, ଉପସଭାପତି ହାଜି ମହମ୍ମଦ ମୁଜାଫର ଓ ମହମ୍ମଦ ଆସ୍ରଫ୍ ଖାନ୍, ସଭ୍ୟ ମହମ୍ମଦ ନବାବ୍ କାଦ୍ରି, ମହମ୍ମଦ ସଫି ଆସ୍ରଫି, ମହମ୍ମଦ ଅବଦୁଲ ସୁଭାନ୍, ଶେଖ ଲାୟକ୍ ଅଲ୍ଲି, ମହମ୍ମଦ ଶେଖ ନିଜାମୁଦ୍ଦିନ, ମହମ୍ମଦ ଅମିନ୍ ଖାନ୍, ଅବଦୁଲ୍ ରହିମ୍, ମହମ୍ମଦ ଆସର୍ଦ ୱାରସି, ଶେଖ ସୁଲେମାନ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସମ୍ବଲପୁର, ରେଙ୍ଗାଲି, ହୀରାକୁଦ, ବୁର୍ଲା, ଗୋଡ଼ଭଗା, ଅତାବିରା, ମାନେଶ୍ୱର, ଧମା, ଚିପିଲିମା, ସିନ୍ଦୁରପଙ୍କ, ଯୁଯୁମୁରା ଅଞ୍ଚଳରୁ ଇସ୍‌ଲାମ୍ ଧର୍ମବଲମ୍ବୀମାନଙ୍କ ସମାଗମ ହୋଇଥିଲା। ସ୍ଥାନାଭାବରୁ ସାକ୍ଷୀପଡ଼ା ରାସ୍ତାରେ ନମାଜ୍ ପାଠ କରାଯାଇଥିଲା। ଏତଦ୍‌ବ୍ୟତୀତ ପେନ୍‌ସନପଡ଼ା ପଲଟନ ମସଜିଦ, ସୁନାପାଲି ନୁରାନି ମସଜିଦ୍, ଭୁତାପଡ଼ା ରିସାଲା ମସ୍‌ଜିଦ୍, କ୍ଷେତିପଡ଼ା ଗୌସିଆ ମସଜିଦ୍, ବଡ଼ବଜାର ମଦେନା ମସଜିଦ୍, ମୋତିଝରନ ନୁରି ମସ୍‌ଜିଦ୍, ଦଲେଇପଡ଼ା ସଦର ମସଜିଦ, ହୀରାକୁଦ କଲୋନୀ ଜମା ମସଜିଦ୍, ସାନ ସଡ଼କ ଅହମ୍ମଦ ଖାନ୍ ମସଜିଦ୍, ରାଜନଗର ରାଜା ମସଜିଦ୍‌ଠାରେ ଇଦ୍-ଉଲ୍ ଜୁହା ସାମୂହିକ ନମାଜ ପାଠ କରାଯାଇଥିଲା।



ବୁଧବାର ସମ୍ବଲପୁର ପବିତ୍ର ଇଦ୍- ଉଲ୍ ଜୁହାରେ ଦୁଇ ବାଳକ ପରସ୍ପରକୁ ଆଲିଙ୍ଗନ କରି ଶୁଭେଚ୍ଛା ଜଣାଉଛନ୍ତି ।

# ଗ୍ରାମ ଉନ୍ନୟନ କମିଟି ସାଧାରଣ ସଭା

ଜମନକିରା,୨୨।୮(ଡି.ଏନ୍.ଏ)
ସମ୍ବଲପୁର ଜିଲା ଜମନକିରା ଗ୍ରାମ ଉନ୍ନୟନ କମିଟିର ସାଧାରଣ ସଭା ବୁଧବାର ଅପରାହ୍ନ ସାଢ଼େ ୩ଟା ସମୟରେ ଅସ୍ଥାୟୀ ସଭାପତି ଗୋକୁଳାନନ୍ଦ ଦାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗାଁର ଶତାଧିକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ମା' ଦୁର୍ଗାଙ୍କ ଶାରଦୀୟ ପୂଜା, ମା'ସମଲେଇ ପୂଜା, ରଥଯାତ୍ରା, ମକରଯାତ୍ରା ସହ ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମ ଉପରେ ସଭାରେ ଆଲୋଚନା ହୋଇଥିଲା। ଗତବର୍ଷ ଗ୍ରାମ ଉନ୍ନୟନ କମିଟିର ସଭାପତି ସରୋଜ କୁମାର ପଟ୍ଟନାୟକଙ୍କ ସମୟରେ ସମ୍ପୂର୍ଣ୍ଣ ଓ ଅସମ୍ପୂର୍ଣ୍ଣ ରହିଥିବା ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଅସ୍ଥାୟୀ ସଭାପତି ଦାନୀ ସୂଚନା ଦେଇଥିଲେ। ବିଭିନ୍ନ ଆଜେଣ୍ଡା ଉପରେ ଆଲୋଚନା କରିବା ପାଇଁ କହିଥିଲେ। ସମ୍ପାଦକ ଆଦି ପ୍ରସାଦ ମହାକୁଳ ପୂର୍ବ ବର୍ଷର ବିବରଣୀ ଓ ଆୟ ବ୍ୟୟ ପାଠ କରିଥିଲେ। ପରେ ଉନ୍ନୟନ କମିଟିର ନୂତନ କମିଟି ଗଠନ କରାଯାଇଥିଲା। ସର୍ବସମ୍ମତିକ୍ରମେ ସ୍ନେହାଶୀଷ ପଟ୍ଟନାୟକଙ୍କୁ ସଭାପତି ମନୋନୟନ କରାଯାଇଥିଲା। ସଭାରେ ପଟ୍ଟନାୟକଙ୍କୁ ଅନ୍ୟ କର୍ମକର୍ତ୍ତାଙ୍କୁ କମିଟିକୁ ମନୋନୀତ କରିବାକୁ କୁହାଯାଇଥିଲା। ଏଣୁ ସେ ସୁବ୍ରତ କୁମାର ବଢ଼େଇଙ୍କୁ ସାଧାରଣ ସମ୍ପାଦକ, ବିକ୍ରାନ୍ତ ପଟେଲ ଉପ-ସଭାପତି, ରବୀନ୍ଦ୍ର ନାଥ ସାହୁ ସହସମ୍ପାଦକ ଓ ଅମିତ ଅଗ୍ରୱାଲଙ୍କୁ କୋଷାଧ୍ୟକ୍ଷ ଚୟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭାରେ ସନ୍ତୋଷ ପଟ୍ଟନାୟକ, ଅରବିନ୍ଦ ଖୁଣ୍ଟିଆ, ନବୀନ କୁମାର ପଟେଲ, ଶିଶିର ପଟ୍ଟନାୟକ, ଦିଲୀପ ବହିଦାର, ପିଛାଲୁ ଭୋଇ, ଅମରେଶ୍ୱର ସ୍ୱାଇଁ, ଆଦିପ୍ରସାଦ ମହାକୁଳ, ରବୀନ୍ଦ୍ର ପ୍ରସାଦ ଦାନୀ, ରବୀନ୍ଦ୍ର ମଲ୍ଲିକ, ପ୍ରଶାନ୍ତ ପଣ୍ଡା, ଅଶୋକ କୁମାର ଦାନୀ, ନନ୍ଦଲାଲ ସାହୁ ପ୍ରମୁଖ ବହୁ ଗ୍ରାମବାସୀ ଆଲୋଚନାରେ ନିଜସ୍ୱ ମତ ରଖିଥିଲେ।



ଜମନକିରା ଗ୍ରାମ ଉନ୍ନୟନ କମିଟିର ସାଧାରଣ ସଭାରେ ଉପସ୍ଥିତ କର୍ମକର୍ତ୍ତା, ଗ୍ରାମବାସୀ ।

## ବିଜୁ ବାହିନୀ କର୍ମକର୍ତ୍ତାଙ୍କ ବୈଠକ

ମାନେଶ୍ୱର,୨୨।୮(ଡି.ଏନ.ଏ.)
ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ନୂଆ ବରଙ୍ଗାମାଲ ପଞ୍ଚାୟତ ବିଜୁ ବାହିନୀ କର୍ମକର୍ତ୍ତାଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କଳେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ସଭାରେ ସଭାପତି ରାହାସ ବିହାରୀ ନାୟକ ଅଧ୍ୟକ୍ଷତା କରିଥିଲେ। ଉପସ୍ଥିତ ସମସ୍ତ ସଭ୍ୟମାନେ ଗ୍ରାମର ବିକାଶ ଦିଗରେ ମତ ପ୍ରକାଶ କରିଥିଲେ। ନୂଆଁ ବରଙ୍ଗାମାଲ ଯୁବକମାନଙ୍କ ପାଇଁ ବିଭିନ୍ନ ଖେଳ ସାମଗ୍ରୀ କିଣିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏଥି ସହ ପଞ୍ଚାୟତସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଆୟୋଜନ କରି ବିଭିନ୍ନ ଦଳକୁ ସାମଗ୍ରୀ ବଣ୍ଟନ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯିବାକୁ ମଧ ସଭାରେ ଆଲୋଚନା ହୋଇଛି। ରାଜୁ ଓରାମ, ହେମନ୍ତ ରଣା, ଅଶୋକ ସାହୁ, ରାଜୁ ମିର୍ଦ୍ଧା, ରାମ ଓରାମ, ମନୋଜ ବିଶି, ରିଣ୍ଟୁ ବଡପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଖୁବେଲରେ କଳାକାରଙ୍କର ମହାମିଲନ୍

ରେଢ଼ାଖୋଲ,୨୨।୮(ଡିଏନଏ)
ପଶ୍ଚିମ ଓଡ଼ିଶାର କଳା ଆର୍ ସଁସ୍‌କୁରତିକେ ବଁଚେଇ ରଖିବାର ଉଧେ ରେଢ଼ାଖୋଲ ବ୍ଲକ୍ ଚାରମାଳର ଖୁବେଲ ଦେଉଳ ପରିସରରେ ବୁଧୁବାର କଳାକାରମାନ୍‌କର ଗୁଟେ ମହାମିଲନ୍ କାଯ୍‌କରମ୍ ଅନୁଷ୍‌ଠିତ୍ ହେଇଯାଇଛେ। ଜିଲାର ଭିନେ ଭିନେ ଅଂଚଲରୁ କଳାକାରମାନେ ଆସି ଇ କାଯ୍‌କରମ୍‌ରେ ଯୋଗ୍ ଦେଇଥିଲେ। ଖୁବେଲର ବାବା କପିଳେଶ୍ୱର କଳା ସାଂସ୍କୃତିକ ସେବା ସଂଘ ତର୍‌ଫୁ ଅନୁଷ୍‌ଠିତ୍ ଇ କାଯ୍‌କରମ୍‌ରେ ମୁଖିଆ କୁନୁଆଁ ହିସାବେ ଜିଲାପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ ଉଦ୍‌ଘାଟନ କରିଥିଲେ। ଚାରମାଳ ସରପଁଚ୍ ସୁପ୍ରଭା ପ୍ରଧାନ, ସମିତି ସଭ୍ୟ ବ୍ରଜ କିଶୋର ପ୍ରଧାନ, ଗରଗଡ଼ବାହାଲ ସରପଁଚ୍ ଦିପ୍ତୀମୟୀ ଗଡ଼ନାୟକ, ଭରତାପୁର ସରପଁଚ୍ ଦୁଃଖବନ୍ଧୁ ପ୍ରଧାନ, ଭାଜପା ନେତା ଗୋବିନ୍ଦ ଅଗ୍ରୱାଲ ପରମୁଖ୍ ସନ୍‌ମାନୀତ କୁନୁଆଁ ହିସାବେ ଯୋଗ୍ ଦେଇଥିଲେ। ଅଂଚଲ୍‌ର ଲୋକ୍‌କଳା ଆର୍ ସଁସ୍‌କୁରତିକେ ବଁଚେଇ ରଖିବାକେ ହେଲେ କଳାକାରମାନ୍‌କର ଏନ୍‌ତା ସମାବେଶ ଆୟୋଜନ୍ ନିହାତି ଜରୁରୀ ବଲି କୁନୁଆଁମାନେ ମତ୍ ରଖିଥିଲେ। କାଯ୍‌କରମ୍‌ରେ ରେଢ଼ାଖୋଲ, ବ୍ରହ୍ମପୁରା, ଝାଙ୍କରପଡ଼ା, ଚାରମାଳ, ମୋଚିବାହାଳର କୃଷ୍ଣଗୁରୁ ଦଳ, ସାନ ହିନ୍ଦୋଳ, କଉଡ଼ିଆପାଲି, ଖୁବେଲ, ସେନାଘଟି, ଡିମିରିମୁଣ୍ଡାର ଦଁଡ୍‌ନାଚ୍ ଆର୍ ଜମନକିରା ବ୍ଲକ୍ ସରେଇପାଲିର ଭାଗବତ ଲେଖେନ୍ ୭୦ଟା ଦଲ୍ ଭାଗ୍ ନେଇ ନିଜର ନିଜର କଳା ପରିବେଷନ୍ କରିଥିଲେ। ପାଖାପାଖି ୨ ହଜାରରୁ ଅଧିକା କଳାକାର ଆର୍ ଜନସାଧାରନ୍ ଠୋଲ୍ ହେଇଥିଲେ। ବାବାକପିଳେଶ୍ୱର କଳା ସାଂସ୍କୃତିକ ସେବା ସଂଘର ସଭାପତି କରୁଣାକର ପ୍ରଧାନ, ସଂପାଦକ ସାଳେଗ୍ରାମ ନାୟକ କାଯ୍‌କରମ୍‌ର ଆୟୋଜନ୍‌ରେ ମୁଖିଆ ଭୂମିକା ନିଭେଇ ଥିଲେ।



ଖୁବେଲରେ ଠୋଲ୍ ହେଇଥିବାର ଭିନେ ଭିନେ ସାଁସ୍କୁରତିକ୍ ଦଲର କଳାକାରମାନେ।

## ଭିସୁଟରେ ପ୍ରଶିକ୍ଷଣ ଶିବିର

ସମ୍ବଲପୁର,୨୨।୮(ବ୍ୟୁରୋ)
ବୀରସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ) ଆଇଡିଆ ଇନୋଭେଟିଭ୍‌ସେଲ୍ ଆୟୋଜିତ ପ୍ରଶିକ୍ଷଣ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଡିନ୍ ଷ୍ଟୁଡେଣ୍ଟ ୱେଲଫେୟାର ପ୍ରଫେସର ଦେବଦତ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ବୈଷୟିକ ସୋସାଇଟି ଉପସଭାପତି ଡ. ଜ୍ଞାନରଞ୍ଜନ ବିଶ୍ୱାଳ, ଉପଦେଷ୍ଟା ବନ୍ଦନା ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମେଘାଳୟ ଏନଆଇଟି ନିର୍ଦ୍ଦେଶକ ପ୍ରଫେସର ବିଭୁତି ଭୂଷଣ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ନବାଗତ ଛାତ୍ରୀଛାତ୍ରଙ୍କୁ ବୈଷୟିକ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ହଜାର ଛାତ୍ରୀଛାତ୍ର ସାମିଲ ଥିଲେ ।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୨୩ ଅଗଷ୍ଟ, ୨୦୧୮



ଯେଉଁ ଲୋକ ତା'ର କର୍ତ୍ତବ୍ୟ ନିଷ୍ଠାପର ଭାବେ କରିଯାଉଛି, ତାହାର ଅନ୍ୟ ବିରୋଧରେ ଅଭିଯୋଗ ରହି ନ ପାରେ।
- ପିଥାଗୋରାସ୍



## ସଂକ୍ଷେପରେ



### କେରଳ ବନ୍ୟା ବିପନ୍ନଙ୍କୁ ଆର୍ଥିକ ସହାୟତା

ସମ୍ବଲପୁର,୨୨।୮(ବ୍ୟୁରୋ)
କେରଳ ବନ୍ୟା ପରିସ୍ଥିତି ହୃଦୟବିଦାରକ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଦେଶର ବିଭିନ୍ନ ଅଞ୍ଚଳରୁ ଆର୍ଥିକ ସହଯୋଗ ଯୋଗାଇ ଦିଆଯାଉଛି। ଏହି କ୍ରମରେ ବୁଧବାର ସମ୍ବଲପୁର ସମାଜବାଦୀ ପାର୍ଟି କର୍ମକର୍ତ୍ତା ରିଲିଫ୍ ପାଣ୍ଠି ପାଇଁ ଅର୍ଥ ସଂଗ୍ରହ କରିଛନ୍ତି। ସମ୍ବଲପୁର ଜିଲା ଶାଖା ସଭାପତି ଅନୀଲ କୁମାର ଯାଦବଙ୍କ ପରିଚାଳନାରେ ଏହା ହୋଇଥିଲା। ରାଜ୍ୟ ସମ୍ପାଦକ ସୁଦର୍ଶନ ପ୍ରଧାନ ଓ ଛାତ୍ର ନେତା ପ୍ରଦୀପ ମିଶ୍ର ରିଲିଫ ସଂଗ୍ରହ ଅଭିଯାନରେ ସାମିଲ ଥିଲେ ।

# ହୀରାକୁଦ ଡ୍ୟାମ ଜଳସ୍ତର ୬୨୦.୨୭ ଫୁଟ

## ୨ ସ୍ଲୁଇସ୍ ଗେଟରୁ ଜଳ ନିଷ୍କାସନ

ସମ୍ବଲପୁର,୨୨।୮(ବ୍ୟୁରୋ)

ହୀରାକୁଦ ଡ୍ୟାମର ଜଳସ୍ତର ବୁଧବାର ରାତି ୯ଟା ସୁଦ୍ଧା ୬୨୦.୨୭ ଫୁଟ ରହିଛି। ଉପରମୁଣ୍ଡରେ ବର୍ଷା ପରିମାଣରେ ବୃଦ୍ଧି ହୋଇଛି। ତେଣୁ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧,୦୬,୯୪୯ କ୍ୟୁସେକ୍ ଜଳ ପ୍ରବେଶ କରୁଛି। କିନ୍ତୁ ଜଳ ଭଣ୍ଡାର କର୍ତ୍ତୃପକ୍ଷ ସକାଳ ୬ଟା ପର୍ଯ୍ୟନ୍ତ ଖୋଲାଥିବା ୭ ଗେଟରୁ ପର୍ଯ୍ୟାୟ କ୍ରମେ ୫ ଗେଟ୍‌କୁ ବନ୍ଦ କରିଛନ୍ତି। ବାମ ପାର୍ଶ୍ୱ ଓ ଡାହାଣ ପାର୍ଶ୍ୱର ଗୋଟିଏ ଲେଖାଏଁ ସ୍ଲୁଇସ୍ ଗେଟ ଖୋଲିଛନ୍ତି। ଜଳ ଭଣ୍ଡାରରୁ ପ୍ରତି ସେକେଣ୍ଡରେ ୨ଟି ସ୍ଲୁଇସ ଗେଟ୍ ସହ ବରଗଡ, ଶାସନ, ସମ୍ବଲପୁର ଡିଷ୍ଟ୍ରିବ୍ୟୁଟାରୀ, ପାୱାର ଚ୍ୟାନେଲ ମାଧ୍ୟମରେ ୪୫,୫୯୯ କ୍ୟୁସେକ୍ ଜଳ ନିଷ୍କାସନ କରାଯାଉଛି । ଗତ ୨୪ ଘଣ୍ଟା ମଧ୍ୟରେ ସମ୍ବଲପୁର ଜିଲାରେ ୧୬.୫ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଧନକଉଡ଼ାରେ ୩.୨, ମାନେଶ୍ୱରରେ ୬.୦, ରେଙ୍ଗାଲି ୨.୨, ବାମରାରେ ୫.୦ ମିମି ବର୍ଷା ରେକର୍ଡ ହୋଇଛି। ଜିଲାର ଯୁଯୁମୁରା, କୁଚିଣ୍ଡା, ଜମନକିରା, ରେଢ଼ାଖୋଲ, ନାକଟିଦେଉଳ ବ୍ଲକ ଅଞ୍ଚଳରେ ବର୍ଷା ହୋଇ ନାହିଁ। ସମ୍ବଲପୁର, ବୁର୍ଲା, ହୀରାକୁଦ ସହରରେ ସନ୍ଧ୍ୟାରେ ଝିପିଝିପି ବର୍ଷା ହୋଇଥିବା ବୁର୍ଲାସ୍ଥିତ ମୁଖ୍ୟ କଣ୍ଟ୍ରୋଲ ରୁମ ପକ୍ଷରୁ ସୂଚିତ କରାଯାଇଛି । ସୂଚନାଯୋଗ୍ୟ ଯେ, ଖଇରମାଲରେ ୨, ୪୧, ୫୦୦, ବାରମୂଲାରେ ୨,୨୩,୩୭୫ ଏବଂ ମୁଣ୍ଡୁଲିରେ ୩ ଲକ୍ଷ ୪ହଜାର ୮୯୫ ଜଳ ପ୍ରବାହିତ ହେଉଛି ।



ହୀରାକୁଦ ଜଳଭଣ୍ଡାରର ସ୍ଲୁଇସ୍ ଗେଟ ।

# ବ୍ରହ୍ମପୁରା ମନ୍ଦିରରେ ଝୁଲଣ ଯାତ୍ରା

## ଆଜି ଠାରୁ ସଞ୍ଚାର କାର୍ଯ୍ୟକ୍ରମ

ସମ୍ବଲପୁର,୨୨।୮(ବ୍ୟୁରୋ)

ଝାଡୁଆପଡ଼ା ବ୍ରହ୍ମପୁର ମନ୍ଦିର ପରିସରରେ ବୁଧବାର ସନ୍ଧ୍ୟାରୁ ଝୁଲଣ ଯାତ୍ରା ଆରମ୍ଭ ହୋଇଛି। ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଝୁଲଣ ମଣ୍ଡପରେ ରାଧାକୃଷ୍ଣ ଭକ୍ତଙ୍କୁ ଦର୍ଶନ ଦେବେ। ଏଥିପାଇଁ ବ୍ରହ୍ମପୁର ଟ୍ରଷ୍ଟ ବୋର୍ଡ ପକ୍ଷରୁ ସୁସଜ୍ଜିତ ମଣ୍ଡପ ତିଆରି ହୋଇଛି। ଗୁରୁବାର ସନ୍ଧ୍ୟାରୁ ଓଡ଼ିଶା ଓ ଛତିଶଗଡ଼ ସଞ୍ଚାର କଳାକାରମାନେ ସଞ୍ଚାର ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି। ମଙ୍ଗଳବାର ମଧ୍ୟରାତ୍ରିରେ ଠାକୁରଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ଝୁଲଣ ମଣ୍ଡପ ପ୍ରତିଷ୍ଠା ହୋଇଥିଲା। ଏହାପରେ ଝୁଲଣ ମଣ୍ଡପରେ ବିଗ୍ରହଙ୍କୁ ଉପବିଷ୍ଟ କରାଯାଇଥିଲା। ପରମ୍ପରା, ରୀତିନୀତି ଅନୁସାରେ ମନ୍ଦିର ପୂଜକ ସନ୍ତୋଷ କୁମାର ପଣ୍ଡା ପୂଜାର୍ଚ୍ଚନା କରିଥିଲେ। ସେହିପରି ଝାଡୁଆପଡ଼ା ଶିଳ୍ପୀ ଧିନା ପ୍ରଧାନ ଝୁଲଣ ମଣ୍ଡପ ତିଆରି କରିଥିଲେ।



ବୁଧବାର ସମ୍ବଲପୁର ଝାଡୁଆପଡା ବ୍ରହ୍ମପୁର ମଣ୍ଡପ ପରିସରରେ ଝୁଲଣମଣ୍ଡପରେ ଠାକୁର।

# ସମୟ ଚକ୍ରରେ ବଦଳୁଛି ରାକ୍ଷୀ ପରମ୍ପରା

## ଗ୍ରାହକଙ୍କ ପସନ୍ଦ ଷ୍ଟୋନ୍ ରାକ୍ଷୀ

ସମ୍ବଲପୁର,୨୨।୮(ବ୍ୟୁରୋ)

ରକ୍ଷା ବନ୍ଧନ ପବିତ୍ର, ସ୍ନେହ ଓ ପ୍ରେମର ବନ୍ଧନ ଅଟେ। ଏହା ଭଉଣୀ ଓ ଭାଇ ମଧ୍ୟରେ ଥିବା ସମ୍ପର୍କକୁ ନିବିଡ କରିଥାଏ। ପରମ୍ପରାନୁସାରେ ଶ୍ରାବଣ ପୂର୍ଣ୍ଣିମା ତୀଥିରେ ଭଉଣୀ ଦୀପ ଜାଳି ଭାଇର ଆସିବା ବାଟକୁ ଚାହିଁ ରହିଥାଏ। ଦୂରଦୂରାନ୍ତରେ ଥିବା ଭାଇ ଘରକୁ ଆସିବାପରେ ଭଉଣୀଟି ଖୁସିରେ ଆତ୍ମହରା ହୋଇଥାଏ। ସେ ଭାଇକୁ ଜଳୁଥିବା ଦୀପ ସମ୍ମୁଖରେ ବସାଇ ସ୍ନେହ ଓ ଶ୍ରଦ୍ଧାରେ ରାକ୍ଷୀ ବାନ୍ଧିଥାଏ। ଭଉଣୀର ସୁଖ ଦୁଃଖରେ ସମଭାଗୀ ହେବାକୁ ଭାଇ ବ୍ରଜ ଶପଥ ନେଇଥାଏ। ଏହି ପରମ୍ପରା ପୌରାଣିକ ଯୁଗରେ ଆରମ୍ଭ ହୋଇଛି। ଉତ୍ତର ଭାରତରେ ବହୁଳ ଭାବେ ରକ୍ଷା ବନ୍ଧନ ପରମ୍ପରା ଦେଖିବାକୁ ମିଳିଥାଏ। ସମୟକ୍ରମେ ରକ୍ଷାବନ୍ଧନ ପରମ୍ପରା ଦେଶର ବିଭିନ୍ନ ଅଞ୍ଚଳରେ ପର୍ବ ଭାବେ ପାଳନ କରାଯାଉଛି। ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରେ ମଧ୍ୟ ଏହି ପରମ୍ପରାର ଝଲକ ଅଧିକ ଦେଖିବାକୁ ମିଳିଛି। ୧୦ ବର୍ଷ ତଳେ ସମ୍ବଲପୁର ସହରରେ ହାତ ଗଣତି ରାକ୍ଷୀ ଦୋକାନ ଥିଲା। ସମ୍ପ୍ରତି ଏହା ଶହେରୁ ଉର୍ଦ୍ଧ୍ୱରେ ପହଞ୍ଚିଛି। ଗୋଲବଜାର, ଗଙ୍ଗାଧର ମେହେର କଲେଜ ଛକ, ଫାଟକ, ବୁଢ଼ାରଜା, ଅଇଁଠାପାଲି ଛକ, ମୁଦିପଡ଼ା, ଗୋବିନ୍ଦତୋଳା, ଫାର୍ମ ରୋଡ଼, ବଡ଼ବଜାର, କମଳିବଜାର, ଧନୁପାଲି, ସାକ୍ଷୀପଡ଼ା, କ୍ଷେତରାଜପୁର ସମେତ ବିଭିନ୍ନ ଗଳିକନ୍ଦିରେ ସୁସଜ୍ଜିତ ରାକ୍ଷୀ ଦୋକାନ ଖୋଲାଯାଇଛି। ୧ଟଙ୍କାରୁ ଆରମ୍ଭ କରି ୨୯୫ ଟଙ୍କା ପର୍ଯ୍ୟନ୍ତ ବିଭିନ୍ନ ଆକର୍ଷଣୀୟ ଷ୍ଟୋନ ଖଞ୍ଜିତ ରାକ୍ଷୀର ବିଶେଷ ଚାହିଦା ରହିଛି।

ମୁଖ୍ୟତଃ ଲୁମା ରାକ୍ଷୀ, ଷ୍ଟୋନ ରାକ୍ଷୀ, ଫ୍ୟାନ୍ସି ରାକ୍ଷୀ, ବ୍ୟାଟେରୀ ଚାଳିତ ରାକ୍ଷୀ, ମୟୁରଚୂଳ, ଡୋରା, କାର୍ଟୁନ୍ ଡିଜାଇନ୍ ଭଳି ରାକ୍ଷୀ ଗ୍ରାହକଙ୍କୁ ଆକୃଷ୍ଟ କରିଛି। ବର୍ଷା ସତ୍ତ୍ୱେ ଦୋକାନଗୁଡ଼ିକରେ ଭଉଣୀମାନଙ୍କର ଭିଡ଼ ବୁଧବାର ଦେଖିବାକୁ ମିଳିଥିଲା। ଇଣ୍ଟରନେଟ୍, ହ୍ୱାଟସ୍‌ଆପ୍, ମେସେନ୍‌ଜର୍, ଭିଡିଓ କଲିଂ, ଡାକ ମାଧ୍ୟମରେ ଭଉଣୀମାନେ ଭାଇ ପାଖକୁ ରାକ୍ଷୀ ପଠାଉଛନ୍ତି। ଏଣୁ ପବିତ୍ର ରକ୍ଷା ବନ୍ଧନ ସମୟଚକ୍ରରେ ଆଧୁନିକତାକୁ ଆପଣାଇ ନେଇଛି। ପରମ୍ପରା, ଐତିହ୍ୟ ଓ ସଂସ୍କୃତିକୁ ମନେପକାଇ ରକ୍ଷା ବନ୍ଧନ ପାଳନ କରାଯାଉଛି ସତ, କର୍ମ ବ୍ୟସ୍ତତା ଓ ଦୂରପଥକୁ ଆଧାର କରି ଭାଇମାନେ ଭଉଣୀ ପାଖକୁ ରାକ୍ଷୀ ବାନ୍ଧିବାକୁ ଆସି ପାରୁନାହାନ୍ତି । ସେମାନେ ସୋସିଆଲ୍ ମିଡିଆ ମାଧ୍ୟମରେ ଶୁଭ କାମନା ବାର୍ତ୍ତା ଦେଉଛନ୍ତି। ଅପରପକ୍ଷେ, ଅତ୍ୟାଧୁନିକ ଓ ବିକାଶକୁ ଦ୍ୱାହି ଦେଇ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଗ୍ରାମ୍ୟ ଜଙ୍ଗଲ କଟା ଯାଇ କଳକାରଖାନା ଗଢ଼ି ଉଠିଛି । ପରିବେଶ ପ୍ରଦୂଷିତ ହେଉଛି । ଏହି କ୍ରମରେ ସମ୍ବଲପୁର ଓ ଝାରସୁଗୁଡା ଜିଲାରେ ପରିବେଶ ସୁରକ୍ଷାକୁ ନେଇ ପରିବେଶ କର୍ମୀମାନେ ବୃକ୍ଷକୁ ରାକ୍ଷୀ ବାନ୍ଧୁଛନ୍ତି। ଏଥିରେ ଶିଶୁ, ମହିଳା, ଯୁବତୀ, ବାଳକମାନେ ସାମିଲ ହେଉଛନ୍ତି। ପ୍ରକୃତ ପକ୍ଷେ ସମୟର ରଥ ଚକ୍ରରେ ରକ୍ଷା ବନ୍ଧନ ପରମ୍ପରା ବଦଳୁଛି । ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇରେ ଜନସାଧାରଣ ହଳ ଲଙ୍ଗଳ, ଗୋରୁ ଗାଈ, ସିନ୍ଦୁକ, ଘର ଦ୍ୱାରବନ୍ଧ, ଯାନବାହାନଗୁଡ଼ିକରେ ରାକ୍ଷୀ ବାନ୍ଧୁଥିବା ପରମ୍ପରା ବହୁ ପୁରୁଣା ଅଟେ। ଭଉଣୀମାନେ ଦଶହରା ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ନିର୍ଜଳା ଉପବାସ କରି ଭାଇଁଜୁଇନ୍ତିଆ ବ୍ରତ ପାଳନ କରନ୍ତି। ଏହାଦ୍ୱାରା ଭାଇମାନେ ସୁସ୍ଥ ଓ ଦୀର୍ଘାୟୁ ହୋଇଥିବା ବିଶ୍ୱାସ ରହିଛି । ଅତଏବ, ପଶ୍ଚିମ ଓଡ଼ିଶାରେ ରକ୍ଷା ବନ୍ଧନ ପରମ୍ପରା ନ ଥିଲା । ସମୟକ୍ରମରେ ସମତାଳ ଦେଇ ପଶ୍ଚିମ ଓଡ଼ିଶାର ପୁରପଲ୍ଲୀ ପର୍ଯ୍ୟନ୍ତ ଶ୍ରାବଣ ପୂର୍ଣ୍ଣିମା ତୀଥିରେ ରକ୍ଷା ବନ୍ଧନ ପର୍ବ ପାଳିତ ହେଉଛି।



# ଗ୍ରୀଡ କାର୍ଯ୍ୟକ୍ଷମ ଦାବିରେ ଭାଜପାର ବିକ୍ଷୋଭ

ସମ୍ବଲପୁର,୨୨।୮(ବ୍ୟୁରୋ)

ସମ୍ବଲପୁର ଜିଲା ପରମାଣପୁରଠାରେ ନିର୍ମାଣାଧିନ ଗ୍ରୀଡ଼ କାର୍ଯ୍ୟକ୍ଷମ ଦାବିରେ ଭାଜପା ପକ୍ଷରୁ ପରମାଣପୁର ଛକରେ ବିକ୍ଷୋଭ କରାଯାଇଥିଲା। ପରମାଣପୁର ମଣ୍ଡଳ ସଭାପତି ସଞ୍ଜୀବ ବାରିକଙ୍କ ତତ୍ତ୍ୱାବଧାନରେ ଏହା ହୋଇଥିଲା। ୨୦୧୭ରୁ ଏହି ଗ୍ରୀଡ଼ କାର୍ଯ୍ୟକ୍ଷମ ହେବାକୁ ଧାର୍ଯ୍ୟ ହୋଇଥିଲା। ସେଥିରେ ପ୍ରାୟ ୧ ବର୍ଷ ବିଳମ୍ବ ହୋଇଛି। ଅଞ୍ଚଳରେ ଗ୍ରୀଡ ହେଲେ ଲୋ ଭୋଲଟେଜ ସମସ୍ୟା ସହିତ ନିରବଚ୍ଛିନ୍ନ ଭାବେ ଉପଭୋକ୍ତା ବିଦ୍ୟୁତ ସେବା ପାଇବେ। ଅପରାହ୍ନ ୧୧ଟାରୁ ୩ ଘଟିକା ପର୍ଯ୍ୟନ୍ତ ଧାରଣା ଜାରି ରହିଥିଲା। ରେଙ୍ଗାଲି ବିଜୁଳି ବିଭାଗ ଯନ୍ତ୍ରୀ ଓ ପୋଲିସ ପ୍ରଶାସନ ଘଟଣାସ୍ଥଳକୁ ଆସି ଆଲୋଚନା କରିଥିଲେ। ସେପ୍ଟେମ୍ବର ୧୨ ତାରିଖ ସୁଦ୍ଧା ଗ୍ରୀଡ଼ କାର୍ଯ୍ୟକ୍ଷମ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ମାନେଶ୍ୱର ବ୍ଲକ ଅଧ୍ୟକ୍ଷା ସୁରେଶ୍ୱରୀ ଓରାମ, ରେଙ୍ଗାଲି ବିଧାନସଭା ମଣ୍ଡଳ ପ୍ରଭାରୀ ଯୁଗଳ ଅଗ୍ରୱାଲ, ଚନ୍ଦ୍ରଶେଖର ପଣ୍ଡା, ନରେନ୍ଦ୍ର ମିଶ୍ର,ସୁରେନ୍ଦ୍ର ପ୍ରଧାନ, ପର୍ଶୁରାମ ଖମାରୀ, ପ୍ରକାଶ ପ୍ରଧାନ, ବିଶିକେଶନ ପଣ୍ଡା, ଭବାନୀ ସୋହେଲା, କିଶୋର ମହାକୁଡ, ମନୋଜ ବାରିକ, ସୁରେନ୍ଦ୍ର ବାରିକ, ପ୍ରଫୁଲ୍ଲ ବେହେରା, ଶୈଳେନ୍ଦ୍ରୀ ପ୍ରଧାନ, ପୂର୍ଣ୍ଣବାସୀ ଷଣ୍ଢ, ତିଳୋତ୍ତମା କଠାରଙ୍କ ସମେତ ପୂର୍ବତନ ଜିଲା ସଭାପତି ନାଉରୀ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ ।


## ଓଡ଼ିଶା ସରକାର

904/29.6.2018

# କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଅଧିସୂଚନା

LA Case No-

FIle No. 23/2017 Dated..........

**No.V-38:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲାର ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପର କେନାଲ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା-ବୁଢ଼ାବଣ, ଥାନା-ପାଟଣା ନଂ-୨୦୭, ତହସିଲ-ସାହାରପଡ଼ା, ଜିଲ୍ଲା-କେନ୍ଦୁଝରରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୧୨.୬୬ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩( RFCTLAR & R ACT, 2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧ (୧)ର ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ--ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପର ନିର୍ମାଣ ନିମନ୍ତେ।
୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ନିର୍ବାହୀ ଯନ୍ତ୍ରୀ, ଦେଓ କେନାଲ ଡିଭିଜନ।
୩- କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ-......./ ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସନଙ୍କ ବିବରଣୀ-ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନର୍ବସତି ଅଧିକାରୀ, ମୟୂରଭଞ୍ଜ, କରଞ୍ଜିଆ।
୬- ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| କେନ୍ଦୁଝର | ସାହାରପଡା | ବୁଢାବଣ | | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୪୬.୨୮ | ଏ.୧୨.୬୬ | ଏଥିସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ........ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।
ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ ଭୂ-ଅର୍ଜନ ଓ ପୁନର୍ବସତି ଅଧିକାରୀ, ମୟୂରଭଞ୍ଜ, କରଞ୍ଜିଆଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଜିଲ୍ଲାପାଳ**

### LAND SCHEDULE FOR PERMANENT ACQUISTION OF LAND

ମୌଜା-ବୁଢାବଣ, ଥାନା-ପାଟଣା, ନମ୍ବର-୨୦୭, ତହସିଲ-ସାହାରପଡା, ଜିଲ୍ଲା-କେନ୍ଦୁଝର

| କ୍ରମିକ ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅଧିଗୃହୀତ ରକବା | କିସମ | ପ୍ରଜାଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧. | ୪ | ୬୨୩ | ୦.୭୧ | ୦.୩୦ | ବାଜେଫ ସଲ ଦୁଇ | ଅର୍ଜୁନ ନାଏକ, ରୂପା ନାଏକ, ପି: ଜୟଦେବ ନାଏକ, ଜା: ଗଣ୍ଡ, ବା: ନିଜଗାଁ | |
| | | ୬୨୨/୮୦୭ | ୦.୨୫ | ୦.୦୭ | ଘରବାରୀ | | |
| ୨. | ୮ | ୫୯୬ | ୦.୨୦ | ୦.୦୧ | ବାଜେଫ ସଲ ଦୁଇ | ଅହିରାମ ମହାନ୍ତ, ପି: ଦୁବରାଜ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| | | ୬୧୯ | ୦.୫୯ | ୦.୦୫ | ଶାରଦ ତିନି | | |
| | | ୬୫୦ | ୦.୬୮ | ୦.୨୩ | ବାଜେଫ ସଲ ଦୁଇ | | |
| | | ୬୬୧ | ୦.୩୯ | ୦.୦୨ | ଶାରଦ ତିନି | | |
| | | ୬୬୫ | ୦.୭୧ | ୦.୧୭ | ବାଜେଫ ସଲ ଦୁଇ | | |
| | | ୬୮୪ | ୦.୨୧ | ୦.୦୧ | ଶାରଦ ତିନି | | |
| | | ୬୯୧ | ୦.୭୮ | ୦.୪୯ | ବାଜେଫ ସଲ ଦୁଇ | | |
| ୩. | ୯ | ୨୩୪ | ୦.୩୦ | ୦.୦୧ | ଶାରଦ ଦୁଇ | ଆନନ୍ଦ ମହାନ୍ତ, ପି: ସୀତାରାମ ମହାନ୍ତ, ଯାତ୍ରୀ ମହାନ୍ତ, ସ୍ୱା: ସୀତାରାମ୍ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୪. | ୧୦ | ୫୧୯ | ୦.୨୭ | ୦.୦୮ | ଶାରଦ ତିନି | ଓକିଲ ପାତ୍ର, ପି: ବଳ ପାତ୍ର, ଜା: ପାଣ, ବା: ସଞ୍ଜୁଆ | |
| | | ୫୧୮/୮୮୯ | ୦.୧୫ | ୦.୦୩ | ଶାରଦ ତିନି | | |
| ୫. | ୧୧ | ୫୦୪ | ୦.୨୪ | ୦.୦୧ | ତଲଳା ଏକ | କଣ୍ଡ ପାତ୍ର, ପି-ଜଗନ୍ନାଥ ପାତ୍ର, ତିର ପାତ୍ର, ପି: ପୁରନ୍ଦର ପାତ୍ର, ଜା: ପାଣ, ବା: ନିଜଗାଁ | |
| | | ୫୧୮ | ୩.୨୫ | ୦.୨୦ | ଶାରଦ ତିନି | | |
| ୬. | ୩୨ | ୬୪୯ | ୦.୮୪ | ୦.୩୫ | ବାଜେଫ ସଲ ଦୁଇ | ଦଲ ଗଞ୍ଜନ ମହାନ୍ତ, ପି: ଦୁବରାଜ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| | | ୬୭୯ | ୦.୩୫ | ୦.୦୧ | ଶାରଦ ତିନି | | |
| | | ୬୮୫ | ୦.୨୨ | ୦.୧୬ | ଶାରଦ ତିନି | | |
| | | ୬୩୫/୭୪୨ | ୦.୧୭ | ୦.୧୪ | ବାଜେଫ ସଲ ଦୁଇ | | |
| ୭. | ୩୦ | ୨୩୨ | ୦.୪୦ | ୦.୨୧ | ଶାରଦ ଦୁଇ | ଜାଉରା ମୁଣ୍ଡା, ମାଧ ମୁଣ୍ଡା, ବୁଟି ମୁଣ୍ଡା, ଘନ ମୁଣ୍ଡା, ପି: ରାଇଁସିଂ ମୁଣ୍ଡା, ବିରିସିଂ ମୁଣ୍ଡା, ମଧୁ ମୁଣ୍ଡା, ପି: କାଉଁରା ମୁଣ୍ଡା, ଜା: କୋହ୍ଲ, ବା: ନିଜଗାଁ | |
| | | ୩୧୩ | ୦.୨୦ | ୦.୦୧ | ଶାରଦ ଦୁଇ | | |
| | | ୩୧୪ | ୦.୩୩ | ୦.୧୯ | ଶାରଦ ତିନି | | |
| ୮. | ୩୪ | ୬୭୭ | ୧.୦୨ | ୦.୭୯ | ବାଜେ ଫସଲ ଦୁଇ | ଦୀର୍ଘା ମାଝୀ, ଲଛୁ ମାଝୀ, ପି: ଗୋରା ମାଝୀ, ମଙ୍ଗଲା ମାଝୀ, ମାତାଲ ମାଝୀ, ପି: କାନ୍ଦ୍ରା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| | | ୬୭୮ | ୦.୮୨ | ୦.୫୭ | ଶାରଦ ତିନି | | |
| | | ୬୯୨ | ୧.୩୫ | ୦.୭୭ | ବାଜେ ଫସଲ ଦୁଇ | | |
| ୯. | ୪୧ | ୬୩୫ | ୧.୮୫ | ୦.୫୦ | ବାଜେ ଫସଲ ଦୁଇ | ଧନୁ ମହାନ୍ତ, ପି: ଆଶାରାମ ମହନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୧୦. | ୪୬ | ୩୨୬ | ୦.୫୧ | ୦.୦୬ | ଶାରଦ ଦୁଇ | ବଣ୍ଣୁ କୋହ୍ଲ, ପି: ଡୁରୀ କୋହ୍ଲ, ଜା: କୋହ୍ଲ, ବା: ନିଜଗାଁ | |
| ୧୧. | ୪୭ | ୩୨୪ | ୦.୬୧ | ୦.୧୨ | ଶାରଦ ଦୁଇ | ବୁଶୁ କୋହ୍ଲ, ରାଇସିଂ କୋହ୍ଲ, ବସେନ କୋହ୍ଲ, ପି: ମରା ରାମ କୋହ୍ଲ, ଲାଲଦୁ କୋହ୍ଲ, ପି: ମାଙ୍ଗତା କୋହ୍ଲ, ଜା: କୋହ୍ଲ, ବା: ନିଜଗାଁ | |
| ୧୨. | ୪୯ | ୬୨୬ | ୧.୦୦ | ୦.୨୩ | ବାଜେ ଫସଲ ଦୁଇ | ବହ୍ଲି ମାଝୀ, ପି: ଲକ୍ଷ୍ମଣ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| | | ୬୨୬/୮୧୦ | ୨.୧୮ | ୦.୪୨ | ବାଜେ ଫସଲ ଦୁଇ | | |
| ୧୩ | ୫୧ | ୬୩୬ | ୧.୫୯ | ୦.୫୨ | ବାଜେ ଫସଲ ଦୁଇ | ବାଉଦି ମହାରଣା, ପି: ଚନ୍ଦରୁ ମହାରଣା, ଜା: ମହାରଣା, ବା: ନିଜଗାଁ | |
| | | ୬୭୦ | ୧.୩୯ | ୦.୫୦ | ବାଜେ ଫସଲ ଦୁଇ | | |
| ୧୪. | ୫୨ | ୫୧୮/୮୭୮ | ୦.୨୮ | ୦.୦୮ | ଶାରଦ ତିନି | ବାସୁଦେବ ପାତ୍ର, ବିଦ୍ୟାଧର ପାତ୍ର, ବାମଦେବ ପାତ୍ର, ଦିନବନ୍ଧୁ ପାତ୍ର, ମଧୁସୂଦନ ପାତ୍ର, ପି : ବିଶୁନୁ ପାତ୍ର, ଜା: ପାଣ, ବା: ନିଜଗାଁ | |
| ୧୫. | ୫୬ | ୨୩୩ | ୦.୪୫ | ୦.୧୮ | ଶାରଦ ଦୁଇ | ବାହାଦୁଲା ମହାନ୍ତ, ଜିତୁ ମହାନ୍ତ, ପି: ଶାମ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୧୬ | ୫୮ | ୫୯୧ | ୦.୭୨ | ୦.୨୧ | ଘରବାରି | ବିଭୀଷଣ ନାଏକ, ପି: ଅଙ୍କୁର ନାଏକ, ଶଙ୍କର ନାଏକ, ଗୁରୁଚରଣ ନାଏକ, ପି: ନେତ୍ରା ନାଏକ, ଜା: ଗଣ୍ଡ, ବା: ନିଜଗାଁ | |
| | | ୬୨୧ | ୦.୩୪ | ୦.୦୮ | ଶାରଦ ତିନି | | |
| ୧୭ | ୬୪ | ୫୯୫ | ୦.୨୬ | ୦.୦୨ | ବାଜେ ଫସଲ ଦୁଇ | ଭାରତ ଚନ୍ଦ୍ର ମହାନ୍ତ, ପି: ଦୁବରାଜ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| | | ୬୪୮ | ୦.୨୦ | ୦.୧୦ | ବାଜେ ଫସଲ ଦୁଇ | | |
| | | ୬୬୩ | ୦.୯୬ | ୦.୪୦ | ବାଜେ ଫସଲ ଦୁଇ | | |
| | | ୬୭୧ | ୦.୭୧ | ୦.୦୧ | ବାଜେ ଫସଲ ଦୁଇ | | |
| | | ୬୮୬ | ୧.୦୦ | ୦.୩୯ | ବାଜେ ଫସଲ ଦୁଇ | | |
| | | ୬୮୦ | ୦.୯୨ | ୦.୦୧ | ଜଳଶୟ ଦୁଇ | | |
| ୧୮ | ୫୯ | ୫୯୦ | ୨.୩୨ | ୦.୩୬ | ଦିଆଳି | ବିଭୀଷଣ ନାଏକ, ପି: ଅଙ୍କୁର ନାଏକ, ଶଙ୍କର ନାଏକ, ଗୁରୁଚରଣ ନାଏକ, ପି: ନେତ୍ରା ନାଏକ, ଫକିରା ନାଏକ, ଦିବାକର ନାଏକ, ଗୋବରା ନାଏକ, ପି: ପଦୁ ଚରଣ ନାଏକ, ଗୁରୁ ଚରଣ ନାଏକ, ପି: ବନମାଳୀ ନାଏକ, ମହେଶ୍ୱର ନାଏକ, ଗଦାଧର ନାଏକ, ପି: ବଳି ନାଏକ, ମହେନ୍ଦ୍ର ନାଏକ, ଅନାଦୀ ନାଏକ, ପି: ଶୁକେବ ନାଏକ, ଗଦା ନାଏକ, ପି: ଫଗୁ ନାଏକ, ଜା: ବାଥୁଡି, ବା: ନିଜଗାଁ | |
| | | ୬୨୦ | ୨.୭୦ | ୦.୪୬ | ବାଜେ ଫସଲ ଦୁଇ | | |
| ୧୯. | ୬୬ | ୩୨୧ | ୦.୮୦ | ୦.୨୦ | ବାଜେ ଫସଲ ଦୁଇ | ଭୀମ ନାଏକ, ପି: ପବିତ୍ର ନାଏକ, ଜା: ଗଣ୍ଡ, ବା: ନିଜଗାଁ | |
| ୨୦. | ୬୭ | ୨୩୦ | ୦.୧୪ | ୦.୧୦ | ଶାରଦ ଦୁଇ | ଭୁଟୁ ମହାନ୍ତ, ରଜ ମହାନ୍ତ, ଚମ୍ପା ମହାନ୍ତ, ପି: ରଥୁ ମହାନ୍ତ, ଅଲତା ମହାନ୍ତ, ସ୍ୱା: ରଥୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୨୧. | ୭୫ | ୬୨୪ | ୧.୪୫ | ୦.୧୦ | ଘରବାରି | ମକୁରୁ ମହାନ୍ତ, ଶଙ୍କୁରୁ ମହାନ୍ତ, କାଞ୍ଚନ ମହାନ୍ତ, ପି: ହୀରା ମହାନ୍ତ, ସନୁ ମହାନ୍ତ, ଉପେନ୍ଦ୍ର ମହାନ୍ତ, ପି: ବନ୍ଧୁଆ ମହାନ୍ତ, ଦୟା ମହାନ୍ତ, ମୁଟୁ ମହାନ୍ତ, ଚେମୁଟୁ ମହାନ୍ତ, ପି: ଚନ୍ଦ୍ର ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୨୨. | ୭୭ | ୬୭୬ | ୦.୮୬ | ୦.୨୪ | ବିଆଳି | ମଙ୍ଗଲା ମାଝୀ, ମାତାଲ ମାଝୀ, ପି- କାନ୍ଦ୍ରା ମାଝୀ, ଜା- ସାନ୍ତାଳ, ବା- ନିଜଗାଁ | |
| | | ୬୯୩ | ୧.୧୮ | ୦.୫୧ | ଘରବାରୀ | | |
| | | ୬୯୪ | ୦.୦୮ | ୦.୦୮ | ବାଜେ ଫସଲ ଦୁଇ | | |
| ୨୩. | ୮୦ | ୭୦୮ | ୦.୨୭ | ୦.୦୧ | ରାସ୍ତା | ମଧୁ ମହାନ୍ତ, ପି- ଘାସିଆ ମହାନ୍ତ, ବାହାଦୁଲା ମହାନ୍ତ, ଜିତୁ ମହାନ୍ତ, ପି- ଶିବ ମହାନ୍ତ, ରଜନୀ ମହାନ୍ତ, ସ୍ୱା- ଶାମ ମହାନ୍ତ, ଆନନ୍ଦ ମହାନ୍ତ, ପି- ସୀତାରାମ ମହାନ୍ତ, ଯାତ୍ରୀ ମହାନ୍ତ, ସ୍ୱା- ସୀତାରାମ ମହାନ୍ତ, ଜା- କୁଡୁମି, ବା- ନିଜଗାଁ | |
| ୨୪. | ୮୪ | ୩୦୯ | ୧.୨୨ | ୦.୧୬ | ଶାରଦ ଦୁଇ | ମହେଶ୍ୱର ମହାନ୍ତ, ପି- ଶିବ ମହାନ୍ତ, ଲେମ୍ବୁ ମହାନ୍ତ, ପି- ପରମେଶ୍ୱର ମହାନ୍ତ, ଦେବେନ୍ଦ୍ର ମହାନ୍ତ, ପି- ବିଶ୍ୱମ୍ବର ମହାନ୍ତ, ଜା- କୁଡୁମି, ବା- ନିଜଗାଁ | |
| ୨୫. | ୮୬ | ୬୩୩ | ୦.୫୩ | ୦.୦୫ | ବାଜେ ଫସଲ ଦୁଇ | ମହେଶ୍ୱର ଦଣ୍ଡପାଟ, ପି- କୃପାସିନ୍ଧୁ ଦଣ୍ଡପାଟ, ଜା- ସାଉନ୍ତି, ବା- ନିଜଗାଁ | |
| ୨୬. | ୮୯ | ୬୬୪ | ୦.୫୦ | ୦.୦୭ | ବାଜେ ଫସଲ ଦୁଇ | ମାନୁଧର ବରଡୁହା, ବୈଶାଖୁ ବରଡୁହା, ପି- ଗୁରୁ ଚରଣ ବରଡୁହା, ଜା- ସାଉଁନ୍ତି, ବା- ନିଜଗାଁ | |
| ୨୭. | ୯୦ | ୩୧୬ | ୦.୭୦ | ୦.୧୬ | ଘରବାରୀ | ମେଞ୍ଚ କୋହ୍ଲ, ପି- ଜେନା କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| ୨୮. | ୯୨ | ୩୦୯/୭୭୮ | ୦.୩୨ | ୦.୦୫ | ଶାରଦ ଦୁଇ | ରଣଜିତ ମହାନ୍ତ, ପି- କର୍ମୁ ମହାନ୍ତ, ଜା- କୁଡୁମି, ବା- ମଣ୍ଡୁଆ, ଜି- ମୟୂରଭଞ୍ଜ | |
| ୨୯. | ୧୦୦ | ୬୨୫ | ୦.୨୭ | ୦.୧୦ | ଘରବାରୀ | ଲକ୍ଷ୍ମୀଧର ବରଡୁହା, ଉପେନ୍ଦ୍ର ବରଡୁହା, ପି- ବୁଧିଆ ବରଡୁହା, ଜା- ସାଉଁନ୍ତି, ବା- ନିଜଗାଁ | |
| ୩୦. | ୧୦୨ | ୬୨୬/୮୦୯ | ୧.୩୨ | ୦.୨୪ | ବାଜେ ଫସଲ ଦୁଇ | ଲାଲ ମୋହନ ନାଏକ, ପି- ଭଗବାନ ନାଏକ, ଜା- ବାଥୁଡି, ବା- ଗୋରାଣ୍ଡିଯୋଡି | |
| ୩୧. | ୧୦୭ | ୨୩୧ | ୦.୧୪ | ୦.୧୪ | ଶାରଦ ଦୁଇ | ସଭା ମହାନ୍ତ, ପି- ରେଙ୍ଗୁ ମହାନ୍ତ, ଜା- କୁଡୁମି, ବା- ନିଜଗାଁ | |
| ୩୨. | ୭୯ | ୬୯୮ | ୦.୪୪ | ୦.୧୩ | ବାଜେ ଫସଲ ଦୁଇ | ମଧୁ ମହାନ୍ତ, ପି- ଘାସିଆ ମହାନ୍ତ, ଜା- କୁଡୁମି, ବା- ନିଜଗାଁ | |
| ୩୩. | ୧୨୪/୧୬ | ୫୧୮/୯୨୩ | ୦.୭୪ | ୦.୦୯ | ଶାରଦ ତିନି | ବାମଦେବ ପାତ୍ର, ପି- ବିଶୁନୁ ପାତ୍ର, ଜା- ପାଣ, ବା- ସଞ୍ଜୁଆ | |
| ୩୪. | ୧୨୪/୨୨ | ୩୨୪/୯୨୦ | ୦.୨୦ | ୦.୧୬ | ଶାରଦ ଦୁଇ | ନାରାୟଣ ଗଡସରା, ପି- ମରା କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| ୩୫. | ୧୨୪/୧୯ | ୮୦୯/୯୦୯ | ୦.୪୦ | ୦.୨୪ | ବାଜେ ଫସଲ ଦୁଇ | ଦେବେନ୍ଦ୍ର ମହାନ୍ତ, ପି- ବିଶମ୍ବର ମହାନ୍ତ, ଜା- କୁଡୁମି, ବା- ନିଜଗାଁ | |
| ୩୬. | ୧୨୪/୧୦ | ୫୧୮/୯୦୦ | ୦.୬୦ | ୦.୧୫ | ଶାରଦ ତିନି | ବାମଦେବ ପାତ୍ର, ପି- ବିଶୁନୁ ପାତ୍ର, ଜା- ପାଣ, ବା- ନିଜଗାଁ | |
| ୩୭. | ୧୨୪/୨୧ | ୫୧୮/୯୧୧ | ୦.୬୦ | ୦.୧୦ | ଶାରଦ ତିନି | ପରମେଶ୍ୱର ପାତ୍ର, ପି- ଦାରୋଗା ପାତ୍ର, ଜା- ପାଣ, ବା- ନିଜଗାଁ | |
| | ମୋଟ | ୬୪ | ୪୬.୨୮ | ୧୨.୬୬ | | | |

24045/14/0031/1819

# ଭୁବନେଶ୍ୱରରେ ପହଞ୍ଚିଲା ବାଜପେୟୀଙ୍କ ଅସ୍ଥିକଳସ

ଭୁବନେଶ୍ୱର, ୨୨।୮ (ବ୍ୟୁରୋ)

- ଆଜି ମହୋଦଧିରେ ବିସର୍ଜନ କରାଯିବ
- ୨୪ରେ ସର୍ବଦଳୀୟ ପ୍ରାର୍ଥନା ସଭା

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଅସ୍ଥି କଳସ ବୁଧବାର ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିଛି। ଦଳର ରାଜ୍ୟ ସଭାପତି ବସନ୍ତ ପଣ୍ଡା ଦିଲ୍ଲୀରୁ ଅସ୍ଥି କଳସ ଗ୍ରହଣ କରିଥିଲେ। ଏହି ଅସ୍ଥି କଳସକୁ ଦଳୀୟ କାର୍ଯ୍ୟାଳୟରେ ରଖାଯାଇଛି । ରାତି ସାରା ସେଠାରେ ସଂକୀର୍ତ୍ତନ ଚାଲିଛି । ଗୁରୁବାର ସକାଳ ୮ଟା ପର୍ଯ୍ୟନ୍ତ ଦଳର ବହୁ ନେତା ଓ କର୍ମୀ ସେହି କଳସକୁ ଦର୍ଶନ କରିବାର ବ୍ୟବସ୍ଥା କରାଯାଇଛି। ଏହାପରେ ଦଳୀୟ ନେତୃବୃନ୍ଦ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମଙ୍କ ସମେତ ଭାଜପା ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂଦେଓ ଏବଂ ଅନ୍ୟ ବରିଷ୍ଠ ନେତା, କର୍ମୀମାନେ ବାଜପେୟୀଙ୍କ ଅସ୍ଥି କଳସକୁ ନେଇ ପୁରୀ ଅଭିମୁଖେ ଯାତ୍ରା କରିବେ। ଶ୍ରୀମନ୍ଦିର ସମ୍ମୁଖରୁ ସମୁଦ୍ର କୂଳ ଅଭିମୁଖେ ଯାଇ ସେଠାରେ ଅସ୍ଥି ବିସର୍ଜନ କରାଯିବ ବୋଲି ଦଳର ଉପ ସଭାପତି ସମୀର ମହାନ୍ତି କହିଛନ୍ତି।

ଏହି ଅବସରରେ ଆସନ୍ତା ୨୪ରେ ଭୁବନେଶ୍ୱର ପ୍ରଦର୍ଶନୀ ପଡିଆରେ ସାର୍ବଜନୀନ ଓ ସର୍ବଦଳୀୟ ପ୍ରାର୍ଥନା ସଭା ଅନୁଷ୍ଠିତ ହେବ। ଏହି ସଭାରେ ବହୁ ବୁଦ୍ଧିଜୀବୀ ଏବଂ ସମସ୍ତ ଦଳର ନେତା ଏବଂ କର୍ମୀଙ୍କୁ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିରୋଧୀ ଦଳ ନେତା ନରସିଂହ ମିଶ୍ର ଏବଂ ସମସ୍ତ ବିଧାୟକ ଓ ଏମ୍‌ପିମାନଙ୍କୁ ଏହି ସଭାକୁ ନିମନ୍ତ୍ରଣ କରାଯାଇଛି। ଏହି ସଭାରେ ସମସ୍ତ ଦଳର ନେତାମାନେ ଯୋଗଦେବାକୁ ଆଗ୍ରହ ପ୍ରକାଶ କରିଥିବା ଉପସଭାପତି ମହାନ୍ତି କହିଛନ୍ତି ।



ବାଜପେୟୀଙ୍କ ଅସ୍ଥିକଳସ ଧରି ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଛନ୍ତି।

# ଶୁକ୍ରବାର ହେବ ବିଜେଡି ମହିଳା ଜନତା ଦଳର କାର୍ଯ୍ୟକାରିଣୀ

ଭୁବନେଶ୍ୱର, ୨୨।୮ (ବ୍ୟୁରୋ)

**ଉଦ୍‌ବୋଧନ ଦେବେ ମୁଖ୍ୟମନ୍ତ୍ରୀ**

ବିଜୁ ମହିଳା ଜନତା ଦଳର କାର୍ଯ୍ୟକାରିଣୀ ଶୁକ୍ରବାର ଅନୁଷ୍ଠିତ ହେବ। ଏହାର ଦୁଇଦିନ ପୂର୍ବରୁ ଦଳୀୟ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେବା ସହ ସଭାକୁ ସମ୍ବୋଧିତ କରିବେ। ମହିଳା ଜନତା ଦଳର ସଭାନେତ୍ରୀ ତଥା ବିଧାୟିକା ପ୍ରମିଳା ମଲ୍ଲିକ, ସୁଲତା ଦେଓ, ସୁଲୋଚନା ଦାସ ଏବଂ କେ. ଶାନ୍ତି ପ୍ରମୁଖ ଏହି ବୈଠକରେ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏନେଇ ସୁଲତା ଦେଓ କହିଛନ୍ତି ଯେ, ମହିଳା କାର୍ଯ୍ୟକାରିଣୀ ଶୁକ୍ରବାର ଦିନ ବ୍ୟାପୀ ଚାଲିବ। ପୂର୍ବାହ୍ନରୁ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମରେ ବିଭିନ୍ନ ଜିଲାର ପ୍ରତିନିଧି ବକ୍ତବ୍ୟ ରଖିବେ। ରାଜ୍ୟରେ ମହିଳାଙ୍କୁ ଆହୁରି ସଶକ୍ତୀକରଣ କରିବା ପାଇଁ କିଛି ପ୍ରସ୍ତାବ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବ। ସେହିପରି ନିର୍ବାଚନ ବର୍ଷ ହୋଇଥିବାରୁ ରାଜ୍ୟ ସରକାରଙ୍କ ଜନହିତକର କାର୍ଯ୍ୟ କିପରି ଭାବେ ତୃଣମୂଳରେ ପହଞ୍ଚିବ, ସେଥିଲାଗି ମହିଳା କର୍ମକର୍ତ୍ତାଙ୍କୁ ନେଇ ରୋଡ୍ ମ୍ୟାପ ପ୍ରସ୍ତୁତ କରାଯିବ ବୋଲି ସୁଲତା କହିଛନ୍ତି।

# ହାଜର ହେଉନାହାନ୍ତି ତଦନ୍ତକାରୀ ଅଧିକାରୀ

କଟକ ଅଫିସ, ୨୨।୮

**କୋର୍ଟ ନିୟମକୁ ଅବମାନନା**

- ଏଣିକି ଅବହେଳାକାରୀଙ୍କ ଉପରେ ହେବ କାର୍ଯ୍ୟାନୁଷ୍ଠାନ
- କୋର୍ଟରେ ରହିବ ମେଲ୍ ଆଇଡି, ମୋବାଇଲ ନମ୍ବର
- ସମସ୍ତ ଏସ୍‌ପି, ଏସ୍‌ଡିପିଓ, ଡିସିପିଙ୍କୁ ନିର୍ଦ୍ଦେଶ ଦେଲେ ଡିଜିପି

ରାଜ୍ୟରେ ଅପରାଧ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଗୋଟିଏ ପଟେ ଆବଶ୍ୟକ ସଂଖ୍ୟକ ବିଚାରପତି ନ ଥିବାବେଳେ ଅନ୍ୟପଟେ ପୋଲିସ ଅଧିକାରୀଙ୍କ ଅସହଯୋଗ ଯୋଗୁ ମାମଲାର ବିଚାର ଆଗେଇ ପାରୁନି। ଅଧିକାଂଶ କ୍ଷେତ୍ରରେ ତଦନ୍ତକାରୀ ଅଧିକାରୀମାନେ କୋର୍ଟରେ ହାଜର ହେଉନାହାନ୍ତି। ଫଳରେ କୋର୍ଟରେ ପଡ଼ି ରହୁଥିବା ମାମଲା ସଂଖ୍ୟା ବଢ଼ି ଚାଲିଛି। ଲୋକେ ମଧ୍ୟ ତ୍ୱରିତ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ କଡ଼ା ଆଭିମୁଖ୍ୟ ଗ୍ରହଣ କରିବାକୁ ଯାଉଛି ରାଜ୍ୟ ପୋଲିସ ବିଭାଗ। କୋର୍ଟ ନିୟମକୁ ଅବମାନନା କରୁଥିବା ଅଧିକାରୀମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ନିର୍ଦ୍ଦେଶ ଦେଇଛନ୍ତି। ଏନେଇ କ୍ରାଇମବ୍ରାଞ୍ଚ ପକ୍ଷରୁ ସମସ୍ତ ଜିଲା ଏସ୍‌ପି, ଏସ୍‌ଡିପିଓ ଏବଂ ଡିସିପିମାନଙ୍କୁ ନୋଟିସ ଜାରି କରାଯାଇଛି।

ମିଳିଥିବା ସୂଚନାନୁସାରେ, ଏକ ମାମଲାରେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରୁଛି। କୋର୍ଟରେ ମାମଲା ବିଚାରାଧୀନ ଥିବାବେଳେ ତଦନ୍ତକାରୀ ଅଧିକାରୀଙ୍କ ଅନ୍ୟ ଜିଲାକୁ ବଦଳି ହେଉଛି। ପରବର୍ତ୍ତୀ ଶୁଣାଣିରେ କୋର୍ଟଙ୍କ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ଉକ୍ତ ଅଧିକାରୀମାନେ ହାଜର ହେଉନାହାନ୍ତି। ଫଳରେ ମାମଲାର ବିଚାର ହୋଇପାରୁ ନାହିଁ। ତେଣୁ କ୍ରାଇମବ୍ରାଞ୍ଚ ନିର୍ଦ୍ଦେଶ ଅନୁଯାୟୀ, ତଦନ୍ତକାରୀ ଅଧିକାରୀମାନେ ଏଣିକି ସେମାନଙ୍କ ବ୍ୟକ୍ତିଗତ ଫୋନ ନମ୍ବର ଏବଂ ମେଲ୍ ଆଇଡି କୋର୍ଟରେ ଦାଖଲ କରିବେ। ମାମଲାର ବିଚାର ପାଇଁ କୋର୍ଟ ଏହା ମାଧ୍ୟମରେ ସମ୍ପୃକ୍ତ ତଦନ୍ତକାରୀ ଅଧିକାରୀଙ୍କୁ ଯୋଗାଯୋଗ କରିପାରିବେ। ଯେଉଁ ତଦନ୍ତକାରୀ ଅଧିକାରୀଙ୍କ ଅନ୍ୟ ଜିଲାକୁ ବଦଳି ହେଉଛି ସେମାନଙ୍କର ସମସ୍ତ ସୂଚନା କ୍ରାଇମବ୍ରାଞ୍ଚକୁ ପଠାଇବାକୁ ମଧ୍ୟ ଏସ୍‌ପି, ଏସ୍‌ଡିପିଓ ଓ ଡିସିପିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ପୃକ୍ତ ଅଧିକାରୀମାନେ କେଉଁ ଜିଲା ଓ ଥାନାରେ ଥିଲେ, କେଉଁଠିକୁ ବଦଳି ହେଉଛନ୍ତି, ତଦନ୍ତ କରିଥିବା ମାମଲାର ନମ୍ବର ଆଦି ତଥ୍ୟ କ୍ରାଇମବ୍ରାଞ୍ଚକୁ ପଠାଇବାକୁ କୁହାଯାଇଛି। ଯଦି କୌଣସି ତଦନ୍ତକାରୀ ଅଧିକାରୀ ନିର୍ଦ୍ଧାରିତ ତାରିଖରେ କୋର୍ଟରେ ହାଜର ହେବାରେ କୌଣସି ସମସ୍ୟା ହେଉଛି, ତେବେ ସେ ସଂକ୍ରାନ୍ତରେ ଏସ୍‌ପି, ଏସ୍‌ଡିପିଓ କିମ୍ବା ଡିସିପିମାନଙ୍କୁ ପୂର୍ବରୁ ଅବଗତ କରାଇବେ। ବିନାନୁମତିରେ କୋର୍ଟ ନିର୍ଦ୍ଦେଶକୁ ଅବମାନନା କରିପାରିବେ ନାହିଁ। ଏଥିସହିତ କୋର୍ଟରେ ସରକାରଙ୍କ ତରଫରୁ ନିଯୁକ୍ତ ଆସିଷ୍ଟାଣ୍ଟ ପବ୍ଲିକ୍ ପ୍ରୋସିକ୍ୟୁଟର (ଏପିପି)ମାନଙ୍କୁ ଯୋଗାଯୋଗ ରଖାଯିବ। ମାସକୁ ଦୁଇଥର ଏପିପିମାନଙ୍କୁ ଭେଟି କୋର୍ଟ କାର୍ଯ୍ୟରେ ସହଯୋଗ କରିବା ସହ ବିଚାରାଧୀନ ମାମଲାଗୁଡିକର ସ୍ଥିତି ସମ୍ପର୍କରେ ତର୍ଜମା କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି।

## ■ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଆନ୍ଦୋଳନ

# ଆଜି ପୁଣି ବସିପାରେ ମନ୍ତ୍ରୀସ୍ତରୀୟ ବୈଠକ

ଭୁବନେଶ୍ୱର, ୨୨।୮ (ବ୍ୟୁରୋ)

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଆନ୍ଦୋଳନ ଗଣଶିକ୍ଷା ଏବଂ ଉଚ୍ଚଶିକ୍ଷା ବିଭାଗର ମୁଣ୍ଡ ବିନ୍ଧା ଆରମ୍ଭ କରିଦେଇଛି। ସତ୍ୟପାଠ ଦାଖଲ କରିବା ଲାଗି ସରକାର ଶିକ୍ଷକଙ୍କ ଉପରେ ଚାପ ପକାଉଥିବାବେଳେ ଏହା ପ୍ରତିବାଦରେ ଶିକ୍ଷକଙ୍କ ପକ୍ଷରୁ ୪ମାସ ତଳେ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ସୋମବାର ହାଇକୋର୍ଟରେ ଉକ୍ତ ମାମଲାର ଶୁଣାଣି ହୋଇଥିଲା। ରାୟ ଶିକ୍ଷକଙ୍କ ସପକ୍ଷରେ ଯାଇଛି। ଫଳରେ ଶିକ୍ଷକଙ୍କ ଦାବି ପୂରଣ ନେଇ ସରକାରଙ୍କ ଉପରେ ଓଲଟା ଚାପ ପଡିଛି। ଶିକ୍ଷକମାନେ ଲୋୟର ପିଏମ୍‌ଜିରେ ଅହୋରାତ୍ର ଧାରଣାରେ ବସିଥିବାବେଳେ ଗୁରୁବାର ପୁଣି ମନ୍ତ୍ରୀସ୍ତରୀୟ ବୈଠକ ବସି ଆଲୋଚନା ହେବାର ସମ୍ଭାବନା ରହିଛି। ଅନ୍ୟପଟେ ୨୫ ତାରିଖ ଭିତରେ ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ମିଳିତ ମଞ୍ଚର ଆବାହକ ପ୍ରକାଶ ଚନ୍ଦ୍ର ମହାନ୍ତି, ଗୋଲକ ନାୟକ ଏବଂ ପବିତ୍ର ମହାଲା ସରକାରଙ୍କୁ ଚେତାବନୀ ଦେଇଛନ୍ତି।

୬୬୨ ବର୍ଗ କଲେଜ ଶିକ୍ଷକ ସଂଘର କୋଷାଧ୍ୟକ୍ଷ ରଞ୍ଜନ କୁମାର ପ୍ରଧାନ କୁହନ୍ତି, ଚାକିରି ସର୍ତ୍ତାବଳୀ, ପୂର୍ଣ୍ଣ ଅନୁଦାନ ଏବଂ ଅବସର ବୟସ ୬୨ବର୍ଷକୁ ବୃଦ୍ଧି କରିବା ଦାବିରେ ମିଳିତ ମଞ୍ଚ ଆନ୍ଦୋଳନକୁ ଓହ୍ଲାଇଛି। ଏହି ଦାବି ପୂରଣ କରିବା ଲାଗି ସରକାର ଶିକ୍ଷକମାନଙ୍କୁ ବହୁଥର ପ୍ରତିଶ୍ରୁତି ଦେଇଛନ୍ତି। ହେଲେ କେବେ ପୂରଣ କରିନାହାନ୍ତି। ସତ୍ୟପାଠ ଦାଖଲ ଉପରେ ଚାଲିଥିବା ମାମଲାର ଶୁଣାଣି ସୋମବାର ହାଇକୋର୍ଟରେ ହୋଇଛି। ସରକାର କାହାକୁ କୋର୍ଟ ଯିବାକୁ ରୋକିପାରିବେ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଏହା ହେଉଛି ସମସ୍ତଙ୍କ ମୌଳିକ ଅଧିକାର। ଫଳରେ ଶିକ୍ଷକମାନେ ସତ୍ୟପାଠ ଦାଖଲ କରିବା ଲାଗି ସରକାର ଯେଉଁ ସର୍ତ୍ତ ରଖୁଛନ୍ତି ସେଥିରେ ପୂର୍ଣ୍ଣଚ୍ଛେଦ ପଡିବାକୁ ଯାଉଛି। ତେଣୁ ସରକାର ଶିକ୍ଷକଙ୍କ ଦାବିକୁ ତୁରନ୍ତ ପୂରଣ କରନ୍ତୁ ବୋଲି ପ୍ରଧାନ କହିଛନ୍ତି।

ଶିକ୍ଷକଙ୍କ ଦାବି ପୂରଣ ନେଇ ସୋମବାର ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରାଙ୍କ ଅଧ୍ୟକ୍ଷତାରେ ମନ୍ତ୍ରୀସ୍ତରୀୟ ବୈଠକ ବସିଥିଲା। ବୈଠକରେ ବିଦ୍ୟାଳୟ ଏବଂ ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ, ଅର୍ଥ ବିଭାଗ ସଚିବ ତୁହିନକାନ୍ତ ପାଣ୍ଡେ, ଗଣଶିକ୍ଷା ସଚିବ ପ୍ରଦୀପ୍ତ ମହାପାତ୍ର ଏବଂ ଉଚ୍ଚଶିକ୍ଷା ସଚିବ ବିଷ୍ଣୁପଦ ସେଠୀଙ୍କ ସହିତ ୩ ବିଭାଗର ନିର୍ଦ୍ଦେଶକ ଉପସ୍ଥିତ ଥିଲେ। ଦାବି ପୂରଣ ନେଇ ଆଲୋଚନା ହୋଇଥିଲେ ମଧ୍ୟ କିଛି ନିର୍ଯ୍ୟାସ ବାହାରି ପାରିନାହିଁ। ଶିକ୍ଷକଙ୍କ ଆନ୍ଦୋଳନ ଜାରି ରହିଥିବାରୁ ଗୁରୁବାର ପୁଣି ଥରେ ମନ୍ତ୍ରୀସ୍ତରୀୟ ବୈଠକ ବସିବାର ସମ୍ଭାବନା ରହିଥିବା ଜଣାପଡିଛି। ଧାରଣାରେ ୪୮୮ବର୍ଗ କଲେଜ ଶିକ୍ଷକ ସଂଘର କାର୍ଯ୍ୟକାରୀ ସଭାପତି ବିଭୁପ୍ରସାଦ ରଥ ଏବଂ ୬୬୨ ବର୍ଗ କଲେଜ ଶିକ୍ଷକ ସଂଘର ଉପସଭାପତି ପ୍ରଣବ କୁଅଁରଙ୍କ ସହିତ ଶତାଧିକ ଶିକ୍ଷୟିତ୍ରୀଶିକ୍ଷକ ସାମିଲ ଅଛନ୍ତି।

# ଜନ୍ମମାଟିରେ ଯଦୁନାଥଙ୍କ ଶେଷକୃତ୍ୟ ସମ୍ପନ୍ନ

ସୋର, ୨୨।୮ (ଡି.ଏନ.ଏ.)

ପୂର୍ବତନ ମନ୍ତ୍ରୀ ତଥା ବିଶିଷ୍ଟ ସାହିତ୍ୟିକ ଯଦୁନାଥ ଦାସ ମହାପାତ୍ରଙ୍କ ମରଶରୀରକୁ ବୁଧବାର ସକାଳେ ତାଙ୍କ ଜନ୍ମମାଟି ସୋରସ୍ଥିତ କୁଡ଼େଇ ଗ୍ରାମକୁ ଅଣାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତା, କର୍ମୀ ଓ ଅଞ୍ଚଳବାସୀ ଅନ୍ତିମ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପୋଲିସ ପ୍ରଶାସନ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ବଡ଼ପୁଅ ଡାକ୍ତର ବିଶ୍ୱଜିତ ଦାସ ମହାପାତ୍ର ମୁଖାଗ୍ନି ଦେଇଥିଲେ । ଅନ୍ୟ ୩ ପୁଅ ସୁରଜିତ ଦାସ ମହାପାତ୍ର, ଅଜିତ ଦାସ ମହାପାତ୍ର, ସତ୍ୟଜିତ ଦାସ ମହାପାତ୍ର ଓ ସାନଭାଇ ଗୋଲେକ ଦାସ ମହାପାତ୍ରଙ୍କ ସମେତ ନାତି ନାତୁଣୀ ଓ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ। ଅନ୍ତ୍ୟେଷ୍ଟିକ୍ରିୟା ସମୟରେ ସୋର ତହସିଲଦାର ଦେବୀପ୍ରସାଦ ଦାଶ, ପୂର୍ବତନ ଜିଲା ପରିଷଦ ସଭାପତି ଗିରୀଶ ଚନ୍ଦ୍ର ଦାଶ ଓ ରାକେଶ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

ବୁଧବାର ସକାଳେ ତାଙ୍କ ମରଶରୀର ସୋରକୁ ଅଣାଯାଇଥିଲା। ସ୍ଥାନୀୟ କଲେଜ ଛକରେ ମରଶରୀର ପହଞ୍ଚିବା ପରେ ଉପେନ୍ଦ୍ରନାଥ ମହାବିଦ୍ୟାଳୟ ପରିସରକୁ ନିଆଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ପାଢୀ, ମହାବିଦ୍ୟାଳୟର ସଭାପତି ତଥା ସୋର ବିଧାୟକ ପର୍ଶୁରାମ ଧଡ଼ା, ଅଧ୍ୟାପକ, କର୍ମଚାରୀ, ଛାତ୍ରୀଛାତ୍ର ଓ ଅନ୍ୟ ବହୁ ବିଶିଷ୍ଟ ବ୍ୟକ୍ତି ଶେଷଦର୍ଶନ କରିଥିଲେ। ପରେ ସୋର ବଜାର ପରିକ୍ରମା କରାଯାଇ ରାଧାନାଥ ପାଠାଗାର ନିକଟକୁ ଅଣାଯାଇଥିଲା। ଯଦୁନାଥ ରାଧାନାଥ ପାଠାଗାରର ପ୍ରତିଷ୍ଠାତା ସଭାପତି ଥିଲେ। ପାଠାଗାର ତରଫରୁ ସମ୍ପାଦକ ସୁଧୀର କୁମାର ଦାସ, ଶ୍ରୀଧର ପତ୍ରୀ, ଅନାଦି ଜେନା, ଦାମୋଦର ଦାସ ମହାପାତ୍ର, ଅଶୋକ ମହାନ୍ତି, ଚକ୍ରଧର ପାଢୀ, ବିଷ୍ଣୁଚରଣ ପଣ୍ଡା ପ୍ରମୁଖ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଉତ୍କଳ ସମ୍ମିଳନୀ ସୋର ଶାଖା ତରଫରୁ ବିଜୟ କୁମାର ଦାସ, ମହେଶ୍ୱର ପଟ୍ଟନାୟକ ସେଠାରେ ଉପସ୍ଥିତ ଥିଲେ। ସୋର କଂଗ୍ରେସ ଭବନକୁ ମରଶରୀରକୁ ନିଆଯାଇଥିଲା। ଗାଁ ମଜଲିସ ସାହିତ୍ୟ ସଂସଦ ଏବଂ ଅବସରପ୍ରାପ୍ତ କର୍ମଚାରୀ ସଂଘ ତରଫରୁ ପୁଷ୍ପଗୁଚ୍ଛ ଅର୍ପଣ କରାଯାଇଥିଲା। କୁଡ଼େଇ ମହିଳା ମହାବିଦ୍ୟାଳୟ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କୁଡ଼େଇ ବାସଭବନ ମରଶରୀର ପହଞ୍ଚିବା ପରେ ଗ୍ରାମବାସୀ ଓ ଆତ୍ମୀୟ ସ୍ୱଜନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶେଷଦର୍ଶନ କରିଥିଲେ। ଅପରାହ୍ନରେ ଅନ୍ତ୍ୟେଷ୍ଟିକ୍ରିୟା କରାଯିବା ବେଳେ ତାଙ୍କୁ ଗାର୍ଡ଼ ଅଫ ଅନର ପ୍ରଦାନ କରାଯାଇଥିଲା।

# 'ଭାରତୀୟ ଶାସ୍ତ୍ରୀୟ ଭାଷାରେ ମହାଭାରତ' ଶୀର୍ଷକ ଆଲୋଚନାଚକ୍ର

ନୂଆଦିଲ୍ଲୀ, ୨୨।୮

ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ଭାରତୀୟ ଭାଷା କେନ୍ଦ୍ରରେ ଆଦିକବି ସାରଳା ଦାସ ଓଡ଼ିଆ ଚେୟାର ଏବଂ କନ୍ନଡ ଚେୟାର ମିଳିତ ଉଦ୍ୟମରେ ଭାରତୀୟ ଶାସ୍ତ୍ରୀୟ ଭାଷାରେ ମହାଭାରତ ଶୀର୍ଷକ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ କୁଳପତି ପ୍ରଫେସର ଏମ୍. ଜଗଦେଶ କୁମାର ଉଦ୍‌ଘାଟନ କରି ସାଂପ୍ରତିକ ସମାଜରେ ମହାଭାରତର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ରେକ୍ଟର ପ୍ରଫେସର ଚିନ୍ତାମଣି ମହାପାତ୍ର ମହାଭାରତର ମୂଲ୍ୟବୋଧ ପ୍ରତି ଦୃଷ୍ଟିପାତ କରିଥିଲେ । ଓଡ଼ିଆ ଚେୟାର ପ୍ରଫେସର ଉଦୟନାଥ ସାହୁ ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ ଏହି ଆଲୋଚନାର ଉଦ୍ଦେଶ୍ୟ ସୂଚାଇଥିଲେ । ଭାରତୀୟ ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତ ଭାଷା ଯଥା ସଂସ୍କୃତ, ତାମିଲ, ତେଲୁଗୁ, ମାଲୟାଲମ, କନ୍ନଡ ଏବଂ ଓଡିଆ ଭାଷାରେ ମହାଭାରତର ପରମ୍ପରା ଉପରେ ଆଲୋକପାତ କରାଯାଇଥିଲା।




ମହାଭାରତ ଉପରେ ଆଧାରିତ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ରମେଶ ଭରଦ୍ୱାଜ, କନ୍ନଡ ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର ବି.ଏ. ବିବେକରାୟ, ପ୍ରଫେସର ଉଦୟ ନାଥ ସାହୁ, ଚେନ୍ନାଇର ବିଶିଷ୍ଟ ସାମ୍ବାଦିକ ଏମ୍.ଭି. ନାରାୟଣନ୍, ଶ୍ରୀ ଭେଙ୍କଟେଶ୍ୱର ମହାବିଦ୍ୟାଳୟ ପ୍ରଫେସର ଇ. ମୁରଲୀଧର ରାଓ ଏବଂ ଇଣ୍ଡିଆନ ଲିଟରେଚରର ପୂର୍ବତନ ସମ୍ପାଦକ ଏ.ଜେ. ଥୋମାସ୍ ଯଥାକ୍ରମେ ସଂସ୍କୃତ, କନ୍ନଡ, ଓଡ଼ିଆ, ତାମିଲ, ତେଲୁଗୁ ଓ ମାଲୟାଲମ ଭାଷାରେ ମହାଭାରତ ପରମ୍ପରା ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରଫେସର ଉଦୟନାଥ ସାହୁ ଏବଂ ଡକ୍ଟର ସତ୍ୟବ୍ରତ ଦାସଙ୍କ ଦ୍ୱାରା ରଚିତ 'Reflections of the Great Indian Epic: Mahabharat in odisha, Bengal and Assam' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଡିନ୍ ପ୍ରଫେସର ରାନ୍ଦ୍ରେ ଡେଙ୍ଗଲେ ମହାଭାରତର ବିଭିନ୍ନ ଦିଗ ପ୍ରତି ଆଲୋକପାତ କରିଥିଲେ । ଭାରତୀୟ ଭାଷା କେନ୍ଦ୍ରର ଅଧ୍ୟକ୍ଷ ପ୍ରଫେସର ଗୋବିନ୍ଦ ପ୍ରସାଦ ସଭାପତିତ୍ୱ କରିଥିଲେ। ଏବଂ କନ୍ନଡ ଚେୟାରର ପ୍ରଫେସର ପୁରୁଷୋତ୍ତମ ବିଲ୍‌ମିଲେ ଧନ୍ୟବାଦ ଦେଇଥିଲେ। ଏହି ଆଲୋଚନାଚକ୍ରକୁ କୁମାରୀ ଆସ୍ଥା ପରିଚାଳନା କରିଥିଲେ।


## ଓଡ଼ିଶା ସରକାର

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଅଧିସୂଚନା

No.- RDM-LAA-MBJ-0004-2018/24833/R&DM  Dated: 7 Jul 2018

No.: XXI-51: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୂରଭଞ୍ଜ ଜିଲାର ଦେଓ ଜଳସେଚନ ପ୍ରକଳ୍ପର ସିଙ୍ଗଡ଼ା ମାଇନର ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା- ସିଙ୍ଗଡ଼ା, ଥାନା- କରଞ୍ଜିଆ ସଂ. ୧୪୯, ତହସିଲ- କରଞ୍ଜିଆ, ଜିଲ୍ଲା- ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୫.୩୧ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ - ୨୦୧୩ (RFCTLAR & R Act. 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍ - ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ:**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ଦେଓ ଜଳସେଚନ ପ୍ରକଳ୍ପର ସିଙ୍ଗଡ଼ା ମାଇନର ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ନିର୍ବାହୀ ଯନ୍ତ୍ରୀ, ଦେଓ ଜଳସେଚନ ପ୍ରକଳ୍ପ, କରଞ୍ଜିଆ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନଃ ବସତି ଅଧିକାରୀଙ୍କ କାର୍ଯ୍ୟାଳୟ, କରଞ୍ଜିଆ, ମୟୂରଭଞ୍ଜ।
୬. ଜମିର ବିବରଣୀ :

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | କରଞ୍ଜିଆ | ସିଙ୍ଗଡ଼ା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୩୦.୧୬ | ଏ.୫.୩୧ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନଃ ବସତି ଅଧିକାରୀ, କରଞ୍ଜିଆ, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- (ଅଭୟ କୁମାର ନାୟକ), ଯୁଗ୍ମ ଶାସନ ସଚିବ

## ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନଃ ବସତି ଅଧିକାରୀ, ଦେଓ ଜଳ ପ୍ରକଳ୍ପ, ମୟୂରଭଞ୍ଜ, କରଞ୍ଜିଆ

## ମୌଜା- ସିଙ୍ଗଡ଼ା, କରଞ୍ଜିଆ ଥାନା ନଂ.- ୧୪୯

| କ୍ର.ନଂ. | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅଧିଗୃହୀତ ରକବା | କିସମ | ପ୍ରଜାଙ୍କ ନାମ ଓ ଧାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୧ | ୨୬୫ | ୦.୪୫ | ୦.୦୮ | ଶାରଦ ଦୁଇ | ଅର୍ଜୁନ ମହାନ୍ତ, ରେଙ୍ଗୁ ମହାନ୍ତ, ସାଗରମ ମହାନ୍ତ, ସମି ମହାନ୍ତ, ଯଶମତୀ ମହାନ୍ତ, ଜିରା ମହାନ୍ତ, ପି.-ଶମ୍ଭୁ ମହାନ୍ତ, ରୁଜନ ମହାନ୍ତ, ସ୍ୱା.- ଶମ୍ଭୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| | | ୪୧୩ | ୦.୨୪ | ୦.୦୧ | ଶାରଦ ଦୁଇ | | |
| | | ୫୬୧ | ୦.୬୨ | ୦.୧୯ | ଶାରଦ ତିନି | | |
| | | ୫୬୨ | ୦.୬୭ | ୦.୨୨ | ଶାରଦ ତିନି | | |
| ୨ | ୧୨ | ୩୬୬ | ୦.୬୩ | ୦.୨୭ | ଶାରଦ ତିନି | କୃଷ୍ଣ ନାୟକ, ରାଧୁ ନାଏକ, ମାଟା ନାଏକ, ପି.- ନାଣ୍ଟୁ ନାଏକ, କୌତୁକ ନାଏକ, ପି.- ଝଟା ନାଏକ, ପାଟ ନାଏକ, ସ୍ୱା.- ଝଟା ନାଏକ, ଗୁରା ନାଏକ, ମୁରା ନାଏକ, ପି.- ସଦା ନାଏକ, ମୁରା ନାଏକ, ପି.- ସଦା ନାଏକ, ଜା: ବାଥୁଡ଼ି, ବା: ନିଜଗାଁ | |
| | | ୫୩୫ | ୦.୫୦ | ୦.୦୨ | ଶାରଦ ତିନି | | |
| | | ୬୫୧ | ୦.୧୦ | ୦.୦୭ | ଘରବାରି | | |
| | | ୬୫୩ | ୦.୨୪ | ୦.୦୧ | ଘରବାରି | | |
| | | ୬୪୨ | ୦.୧୪ | ୦.୦୧ | ଘରବାରି | | |
| | | ୫୭୬ | ୧.୮୪ | ୦.୦୩ | ଶାରଦ ତିନି | | |
| ୩ | ୧୬ | ୩୮୯ | ୦.୧୦ | ୦.୦୪ | ଶାରଦ ଦୁଇ | ଗୋକୁଳ ନାଏକ, ପି.- ଚାନ୍ଦ ନାରଙ୍ଗ ପାଳିଆ, ଜା: ବାଥୁଡ଼ି, ବା: ନିଜଗାଁ | |
| | | ୪୦୦ | ୦.୪୭ | ୦.୦୪ | ଶାରଦ ଦୁଇ | | |
| | | ୬୫୦ | ୧.୫୭ | ୦.୩୪ | ଘରବାରି | | |
| | | ୫୮୨ | ୧.୯୦ | ୦.୪୫ | ଶାରଦ ତିନି | | |
| ୪ | ୧୮ | ୨୬୧ | ୦.୧୪ | ୦.୦୧ | ଶାରଦ ଦୁଇ | ଗୌରହରି ମହାନ୍ତ, ପରାସରି ମହାନ୍ତ, ପି.- ଶିବ ମହାନ୍ତ, ଲକ୍ଷ୍ମୀ ମହାନ୍ତ, ସ୍ୱା.- ଶିବ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| | | ୨୬୨ | ୦.୭୮ | ୦.୦୯ | ଶାରଦ ଦୁଇ | | |
| ୫ | ୧୯ | ୩୮୭ | ୦.୦୩ | ୦.୦୧ | ଶାରଦ ଦୁଇ | ଗୌରହରି ମହାନ୍ତ, ବାଡ଼ି ମହାନ୍ତ, କଳମଣି ମହାନ୍ତ, ପି.- ମୋହନ ମହାନ୍ତ, ଜଗବନ୍ଧୁ ମହାନ୍ତ, ପି.- ଚୈତନ୍ୟ ମହାନ୍ତ, ରବତୀ ମହାନ୍ତ, ସ୍ୱା.- ମୋହନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୬ | ୨୪ | ୩୮୮ | ୦.୧୨ | ୦.୦୬ | ଶାରଦ ଦୁଇ | ଯଶୋଦା ମହାନ୍ତ, ସ୍ୱା.- ବନମାଳୀ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୭ | ୨୭ | ୬୨୯ | ୦.୮୨ | ୦.୨୨ | ଶାରଦ ତିନି | ଦୟା ନାଏକ, ପି.- ନାରଣ ନାଏକ, ଅନାଦି ନାଏକ, ପବନା ନାଏକ, ପି.- ବନ ନାଏକ, ଶିର ନାଏକ, ସ୍ୱା.- ରଣ ନାଏକ, ପୁରନ୍ଦର ନାଏକ, ରେଞ୍ଜା ନାଏକ, ପି.- ସୁଦ ନାଏକ, ଜେମା ନାଏକ, ସ୍ୱା.- ସୁଦ ନାଏକ, ଜା: ବାଥୁଡ଼ି, ବା: ନିଜଗାଁ | |
| | | ୬୫୭ | ୦.୪୩ | ୦.୦୮ | ଶାରଦ ତିନି | | |
| | | ୬୫୮ | ୦.୬୦ | ୦.୧୨ | ଶାରଦ ତିନି | | |
| | | ୫୭୭ | ୧.୨୦ | ୦.୦୩ | ଶାରଦ ତିନି | | |
| ୮ | ୨୯ | ୩୫୭ | ୦.୮୭ | ୦.୧୯ | ଶାରଦ ଦୁଇ | ଦଶରଥ ମହାନ୍ତ, ପି.- ଧନିରାମ ମହାନ୍ତ, ଜା: କୁଡୁମି, ବା: କୋଳିପୋଷି | |
| | | ୩୬୩ | ୦.୫୮ | ୦.୨୦ | ଶାରଦ ଦୁଇ | | |
| ୯ | ୩୪ | ୩୯୯ | ୦.୨୩ | ୦.୦୫ | ଶାରଦ ଦୁଇ | ଧନଞ୍ଜୟ ମହାନ୍ତ, ରାଧାକୃଷ୍ଣ ମହାନ୍ତ, ଆଲଣ ମହାନ୍ତ, ଚୁଡ଼ା ମହାନ୍ତ, ହୀରା ମହାନ୍ତ, ଅହଲ୍ୟା ମହାନ୍ତ, ଚଂଚଳା ମହାନ୍ତ, ପି.- ତିଳକ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| | | ୫୬୫ | ୦.୩୬ | ୦.୦୯ | ଶାରଦ ତିନି | | |
| | | ୫୬୬ | ୦.୪୧ | ୦.୦୧ | ଶାରଦ ତିନି | | |
| ୧୦ | ୬୧ | ୨୩୬ | ୪.୯୩ | ୦.୦୩ | ଶାରଦ ଦୁଇ | ମୁଚିରାମ ମହାନ୍ତ, ପି.- ସମା ମହାନ୍ତ, ଜା: କୁଡୁମି, ବା: କାଦଡିହା | |
| ୧୧ | ୩୨ | ୫୭୪ | ୦.୨୪ | ୦.୦୧ | ଶାରଦ ତିନି | ଦୁର ଦେହୁରୀ, ବିମଳା ଦେହୁରୀ, ଗୁଲା ଦେହୁରୀ, ଖଇର ଦେହୁରୀ, ପି.- ଟିମା ଦେହୁରୀ, ଜା: ବାଥୁଡ଼ି, ବା: ନିଜଗାଁ | |
| ୧୨ | ୮୪/୧୮ | ୫୭୪/୮୯୨ | ୦.୨୩ | ୦.୧୦ | ଶାରଦ ତିନି | ଗୋବର୍ଦ୍ଧନ ନାଏକ, ପି.- ଝାଡ଼େଶ୍ୱର ନାଏକ, ଜା: ବାଥୁଡ଼ି, ବା: ସିଙ୍ଗଡ଼ା | |
| ୧୩ | ୮୪/୧୯ | ୫୭୪/୮୯୮ | ୦.୨୩ | ୦.୦୩ | ଶାରଦ ତିନି | ଉପେନ୍ଦ୍ର ନାଥ ନାଏକ, ପି.- ଝାଡ଼େଶ୍ୱର ନାଏକ, ଜା: ବାଥୁଡ଼ି, ବା: ସିଙ୍ଗଡ଼ା | |
| ୧୪ | ୮୪/୧୭ | ୫୭୫/୮୮୬ | ୦.୫୫ | ୦.୨୯ | ଶାରଦ ତିନି | ପରମେଶ୍ୱର ନାଏକ, ପି.- ବିଭୀଷଣ ନାଏକ, ଜା: ବାଥୁଡ଼ି, ବା: ନିଜଗାଁ | |
| ୧୫ | ୪୬ | ୨୬୩ | ୦.୩୮ | ୦.୦୬ | ଶାରଦ ଦୁଇ | ବରୁଣ ମହାନ୍ତ, ପି.- ଅର୍ଜୁନ ମହାନ୍ତ, ହରି ମହାନ୍ତ, ପି.- ଦେବୁ ମହାନ୍ତ, କୁନ୍ଦର ମହାନ୍ତ, ସ୍ୱା.- ଅର୍ଜୁନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| | | ୫୫୦ | ୦.୫୫ | ୦.୦୩ | ଶାରଦ ତିନି | | |
| ୧୬ | ୫୪ | ୪୦୪ | ୦.୧୮ | ୦.୧୧ | ଶାରଦ ଦୁଇ | ବୁଧୁ ମହାନ୍ତ, ପି.- ଭୁଷୁ ମହାନ୍ତ, ମହେନ୍ଦ୍ର ମହାନ୍ତ, ଘନଶ୍ୟାମ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୧୭ | ୫୭ | ୩୯୩ | ୦.୯୭ | ୦.୦୬ | ଶାରଦ ଦୁଇ | ପି.- ଜଗନ୍ନାଥ ମହାନ୍ତ, ଜା: କୁଡୁମି, ବା: କୁନ୍ଦରସାହି | |
| | | ୪୧୨ | ୨.୦୦ | ୦.୧୬ | ଶାରଦ ତିନି | | |
| ୧୮ | ୫୯ | ୨୬୪ | ୦.୪୧ | ୦.୧୦ | ଶାରଦ ଦୁଇ | ମାଗୁଣି ମହାନ୍ତ, ଶୁକଦେବ ମହାନ୍ତ, ସାବିତ୍ରୀ ମହାନ୍ତ, ପି.- ମୁଚିରାମ ମହାନ୍ତ, ସୁଫଳ ମହାନ୍ତ, ପି.- ପୁରଣ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| | | ୬୩୦ | ୦.୨୭ | ୦.୦୧ | ଶାରଦ ତିନି | | |
| ୧୯ | ୭୬ | ୨୩୭ | ୦.୫୮ | ୦.୧୧ | ଶାରଦ ଦୁଇ | ସାବିତ୍ରୀ ନାଏକ, ପି.- ଗୁରା ନାଏକ, ଜା: ବାଥୁଡ଼ି, ବା: ନିଜଗାଁ | |
| | | ୬୫୨ | ୦.୨୧ | ୦.୧୨ | ଘରବାରି | | |
| | | ୨୩୮/୮୧୧ | ୦.୩୦ | ୦.୦୧ | ଶାରଦ ଦୁଇ | | |
| ୨୦ | ୮୪/୩ | ୪୦୧ | ୧.୨୦ | ୦.୦୭ | ଶାରଦ ଦୁଇ | ଗ୍ରାମଦେବତୀ ନାକଟି ପାଟ ଠାକୁରାଣୀ ବିଜେ ନିଜଗାଁ ମାର୍ଫତ ଅନାମ ଦେହୁରୀ, ପି.- ଦିନୁ ଦେହୁରୀ, ଜା: ବାଥୁଡ଼ି, ବା: ନିଜଗାଁ | |
| ୨୧ | ୮୪ | ୫୭୫ | ୦.୦୯ | ୦.୦୧ | ଶାରଦ ତିନି | ହରେକୃଷ୍ଣ ମହାନ୍ତ, ପି.- ସାନ କର୍ମୁ ମହାନ୍ତ, କାନ୍ଦୁରୁ ମହାନ୍ତ, ପି.- ବିଶୁ ମହାନ୍ତ, ମୁଟୁକୁ ମହାନ୍ତ, ପି.- ମକୁରୁ ମହାନ୍ତ, ଜୟମଣି ମହାନ୍ତ, ସ୍ୱା.- ମକୁରୁ ମହାନ୍ତ, ଜା: କୁଡୁମି, ବା: କୋଳିପୋଷି | |
| ଗୋଚର ପ୍ରତିବଦଳ | | | | | | | |
| ୨୨ | ୭୬ | ୫୭୬/୮୩୯ | ୦.୮୦ | ୦.୦୮ | ଡାହି ଦୁଇ | ସାବିତ୍ରୀ ନାଏକ, ପି.- ଗୁରା ନାଏକ, ଜା: ବାଥୁଡ଼ି, ବା: ନିଜଗାଁ | |
| ୨୩ | ୧୨ | ୫୭୬ | ୧.୮୪ | ୦.୨୬ | ଶାରଦ ତିନି | କୃଷ୍ଣ ନାଏକ, ରାଧୁ ନାଏକ, ମାଟା ନାଏକ, ପି.- ନାଣ୍ଟୁ ନାଏକ, କୌତୁକ ନାଏକ, ପି.- ଝାଟା ନାଏକ, ପାଟ ନାଏକ, ସ୍ୱା.- ଝାଟା ନାଏକ, ଗୁରା ନାଏକ, ମୁରା ନାଏକ, ପି.- ସଦା ନାଏକ, ଜା: ବାଥୁଡ଼ି, ବା: ନିଜଗାଁ | |
| | ମୋଟ | ୪୫ | ୩୦.୮୧ | ୫.୩୧ | | | |

24001/14/0234/1819

## ବଞ୍ଚିଥିବା ଯାଏ କଳା ସେବା କରୁଥିବି



ପରଦା ପଛରେ
ବିରଞ୍ଚି ନାରାୟଣ ମହାପାତ୍ର

"ମୋତେ ଯେମିତି ଲାଗେ କଳା ପାଇଁ ମୋର ଜନ୍ମ ହୋଇଛି। ନିଜେ ଅଭିନୟ କରିବାର ମଜା ତ ଅଲଗା, ହେଲେ କଳାକାରଙ୍କୁ ଐତିହାସିକ, ପୌରାଣିକ ନାଟକ ବେଶଭୂଷାରେ ସଜାଇବା, ସେମାନଙ୍କ ପାଇଁ ମୁକୁଟ, ପୋଷାକ ତିଆରି କରିବା ମୋତେ ଯେଉଁ ଆନନ୍ଦ ଦେଇଛି ତାହାକୁ ମୁଁ ବର୍ଣ୍ଣନା କରିପାରିବି ନାହିଁ। ବଞ୍ଚିଥିବା ଯାଏ କଳା ସେବା କରୁଥିବି ବୋଲି କହନ୍ତି ବିରଞ୍ଚି। ଏହି ମେକଅପ ମ୍ୟାନ୍‌ଙ୍କ

**ସେ ଏକାଧାରରେ ଅଭିନେତା, ମେକ୍‌ଅପମ୍ୟାନ୍, ପେଣ୍ଟର। କଳାକାରଙ୍କୁ ବିଭିନ୍ନ ରୂପରେ ସଜାଇବାରେ ତାଙ୍କୁ ମିଳେ ଅପାର ଆନନ୍ଦ, ଯାହା ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି। ସେ ହେଲେ ବିରଞ୍ଚି ନାରାୟଣ ମହାପାତ୍ର..**

ଜନ୍ମ ନୟାଗଡ ଜିଲା ଗୋପାଳପୁର ଅନ୍ତର୍ଗତ ରଣପୁର ଗାଁରେ। ତାଙ୍କର ବାପା ଭିକାରୀ ମହାପାତ୍ର ରାମଲୀଳାରେ ଅଭିନୟ କରୁଥିଲେ। ସେ ଚାହୁଁଥିଲେ ତାଙ୍କ ପରି ପୁଅ ମଧ୍ୟ ଅଭିନେତା ହେଉ। ପ୍ରଥମେ ଶିଶୁ କଳାକାର ଭାବରେ ବିରଞ୍ଚିଙ୍କ ଅଭିନୟ ଜୀବନ ଆରମ୍ଭ ହୋଇଥିଲା। କିନ୍ତୁ ଗ୍ରୀନ ରୁମ୍‌ରେ କଳାକାରଙ୍କ ବେଶଭୂଷା, ମେକଅପ ଦେଖି ସେ ସେଥିପ୍ରତି ଆଗ୍ରହ ପ୍ରକାଶ କରିଥିଲେ। ନିଜର ପ୍ରଚେଷ୍ଟା ବଳରେ ସେ ସ୍ଥାପନ କରିଥିଲେ ରଶ୍ମିତା ଚିତ୍ରାଳୟ। ହେଲେ ସମୟକ୍ରମେ ଏହା ସ୍ଥାଣୁ ହୋଇଯାଇଥିଲେ ମଧ୍ୟ ୬୨ବର୍ଷ ବୟସ୍କ ବିରଞ୍ଚି ଏବେ ଜନତା ଚିତ୍ରାଳୟରେ କାର୍ଯ୍ୟରତ। ପୌରାଣିକ, ଐତିହାସିକ, ସାମାଜିକ ନାଟକରେ ସେ କଳାକାରଙ୍କୁ ଏପରି ସଜାଇ ଦିଅନ୍ତି ସତେ ଯେମିତି ଚରିତ୍ରଗୁଡିକ ସେମାନଙ୍କ ମୁହଁରେ ଫୁଟିଉଠନ୍ତି। କେବଳ ଓଡିଶା ନୁହେଁ, ଭାରତର ବିଭିନ୍ନ ସ୍ଥାନରେ ନିଜର ମେକଅପ, ଡ୍ରେସିଂ ଏବଂ ପେଣ୍ଟିଂରେ ପ୍ରଶଂସିତ ତଥା ପୁରସ୍କୃତ ହୋଇଛନ୍ତି।

### ଅତୀତରୁ...

- ଶଶୀ କପୁର ଏବଂ ଅମିତାଭ ବଚ୍ଚନଙ୍କୁ ନେଇ ବେଶ୍ କେତୋଟି ହିଟ୍ ଫିଲ୍ମ ପ୍ରସ୍ତୁତ ହୋଇଛି। 'ସିଲସିଲା', 'ଦିୱାର', 'ସୁହାଗ', 'ଦୋ ଔର ଦୋ ପାଞ୍ଚ', 'ନମକ ହଲାଲ୍'କୁ ଏହାର ଉଦାହରଣ ଭାବରେ ନିଆଯାଇପାରେ। ହେଲେ କେବଳ 'ସିଲସିଲା'ରେ ଅମିତାଭଙ୍କ ବଡ ଭାଇ ଭୂମିକାରେ ଶଶୀ ଅଭିନୟ କରିଛନ୍ତି। ଅନ୍ୟ ଚଳଚ୍ଚିତ୍ରରେ ଶଶୀଙ୍କର ବଡ ଭାଇ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ଅମିତାଭ।
- ଲୋକପ୍ରିୟ ଗାୟକ ମହମ୍ମଦ ରଫି ଥିଲେ ବକ୍ସିଂ ପ୍ରିୟ ଆଉ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବକ୍ସର ମହମ୍ମଦ ଅଲ୍ଲୀଙ୍କର ବଡ ପ୍ରଶଂସକ। ଥରେ ରଫି ଚିକାଗୋ ଯାଇଥିଲେ। ସେଠାରେ ସେ ଅଲ୍ଲୀଙ୍କୁ ଭେଟିବାକୁ ଚାହିଁଲେ। କିନ୍ତୁ ତାଙ୍କୁ ଯୋଗାଯୋଗ କରିବା ପୂର୍ବରୁ ଖୋଦ୍ ବକ୍ସର ଆସି ରଫି ରହୁଥିବା ହୋଟେଲରେ ପହଞ୍ଚି ଯାଇଥିଲେ।
- ୧୯୬୦ରେ ନିର୍ମିତ ହୋଇଥିଲା 'ଦିଲ ଭି ତେରେ ହମ୍ ଭି ତେରେ', ଯାହାର ମେଲ୍ ଲିଡ୍‌ରେ ଅଭିନୟ କରିଥିଲେ ଧର୍ମେନ୍ଦ୍ର। ଏହି ଫିଲ୍ମ ପାଇଁ ତାଙ୍କୁ ପାରିଶ୍ରମିକ ଆକାରରେ ମିଳିଥିଲା ମାତ୍ର ୫୧ ଟଙ୍କା।

## [illegible]

***ପାଠପଢ଼ା ଆଉ ଅଭିନୟ କ୍ୟାରିୟର। ଏହି ଦୁଇଟି ଜିନିଷକୁ ବେଶ୍ ସମାନ୍ତରାଳ ଭାବରେ ନେଇ ଆଗେଇ ଚାଲିଛନ୍ତି ନବାଗତା ଆହାନା। ଡେବ୍ୟୁ ଫିଲ୍ମ 'ଭୈରବ' ପରେ ଏବେ ତାଙ୍କ ଅଭିନୀତ ଅନ୍ୟତମ ଫିଲ୍ମ 'ବ୍ଲାକ୍‌ମେଲ୍' ରିଲିଜ ଅପେକ୍ଷାରେ ରହିଛି। ତାଙ୍କର ରିଲ୍ ଏବଂ ରିୟଲ ଲାଇଫ ସମ୍ପର୍କରେ ପାଞ୍ଚଟି କଥା...***



ପାଞ୍ଚଟି କଥା
ଆହାନା

***ଅବସର କିପରି କଟେ ?***

ଓ ହୋ, ଅବସର ! କୁହନ୍ତୁନି। ବର୍ତ୍ତମାନ ମୋର ଟାଇଟ ସିଡ୍ୟୁଲ। ପାଠପଢ଼ା ଚାଲିଛି ପୁଣି ତା' ସହ ଆକ୍ଟିଂ। ପୁଣି ନିଜକୁ ଫିଟ୍ ରଖିବାକୁ ପ୍ରତିଦିନ ଏକ୍ସରସାଇଜ। ଯେତେବେଳେ ମୋତେ ଅବସର ମିଳେ ମୁଁ ଶୋଇବାକୁ ପସନ୍ଦ କରେ। କିଛି ସମୟ ଶୋଇ ପଡିଲେ କି ଶାନ୍ତି। ଅନ୍ୟପକ୍ଷରେ ଅବସର ମିଳିଲେ ମୁଁ ୟୁ ଟ୍ୟୁବ୍‌ରେ ଭଲ ଭଲ ମେକ୍‌ଅପ ଷ୍ଟାଇଲ, ପେଣ୍ଟିଂ, ଡେୟାରଡେଭିଲ ଗେମ୍ ଦେଖିଥାଏ। ସବୁଠାରୁ ଖାସ୍ କଥା ହେଲା ସମୟ ମିଳିଲେ ମୁଁ ଲଙ୍ଗ୍ ଡ୍ରାଇଭରେ ବାହାରିଯାଏ। ଏକୁଟିଆ ରାସ୍ତାରେ ମନ ପସନ୍ଦର ଗୀତ ଶୁଣି ଗାଡି ଚଳାଇବାର ମଜା ନିଆରା।

***କେବେ ମିଛ କହିଛନ୍ତି ?***

ଇସ୍, ମିଛ କହିବା ପିଲାଦିନେ ମୋର ଏକ ଅଭ୍ୟାସ ଥିଲା। କେଉଁଠି ଭୁଲ କରିଥିବି ତାକୁ ଲୁଚାଇବାକୁ ମିଛ କହେ। ଲୁଚାଇ କିଛି ଖାଇଦେଇଥିବି, ମୋତେ ପଚାରିଲେ ମୁଁ କୁହେ-ମୁଁ ଖାଇନି କି ଜାଣନି। ତା' ପରେ କେତେ ଥର ପରିସ୍ଥିତିର ସାମନା କରି ମିଛ କହିଛି। ହେଲେ ବଡ଼ ହେବା ପରେ ଜାଣିପାରିଲି ଯେ ମିଛ କହିବା ସବୁଠାରୁ ବଡ ଭୁଲ। ଏବେ ଆଉ ମିଛ କହୁନି ଆଉ ମିଛ କହୁଥିବା ଲୋକଙ୍କୁ ମୁଁ ଆଦୌ ପସନ୍ଦ କରେନା।

***ଏ ପର୍ଯ୍ୟନ୍ତ ମନରେ କିଛି ଅବସୋସ ରହିଛି କି ?***

ଅବସୋସ ତ ନିଶ୍ଚୟ ରହିଛି। ମୋ ଆକ୍ଟିଂ ଲାଇଫକୁ ନେଇ ବଡ଼ ଆଶା ରହିଛି। କେବଳ ଓଡ଼ିଆ ସିନେମା ନୁହେଁ, ହିନ୍ଦୀ କିମ୍ବା ଅନ୍ୟ ପ୍ରାନ୍ତୀୟ ଭାଷାରେ ନିର୍ମିତ ହେଉଥିବା ଚଳଚ୍ଚିତ୍ରରେ ମୋତେ ଯଦି ସେପରି ଭଲ ସୁଯୋଗ ମିଳେ ତେବେ ତାହାକୁ କେବେ ହାତଛଡା କରିବି ନାହିଁ। ମୁଁ ନିଜକୁ କେବଳ ରୋମାଣ୍ଟିକ ରୋଲ୍‌ରେ ସୀମିତ କରି ରଖିବାକୁ ଚାହେଁନା। ମୁଁ ଅପରାଜିତା, ମହାଶ୍ୱେତାଙ୍କ ପରି ଭିନ୍ନ ଭିନ୍ନ ଭୂମିକାରେ ଅଭିନୟ କରିବାକୁ ଚାହେଁ, ଯାହାକୁ ଦର୍ଶକ ସବୁବେଳେ ମନେରଖିବେ।

***ଅଭିନେତ୍ରୀ ହେବାର ନିଷ୍ପତ୍ତି କେତେ ଦୂର ଠିକ୍ ବୋଲି ଭାବୁଛନ୍ତି ?***

ମୋର ଏଭଳି ଡିସିସନ୍‌ରେ ମୁଁ ହଣ୍ଡ୍ରେଡ୍ ପର୍‌ସେଣ୍ଟ ସନ୍ତୁଷ୍ଟ। ଏବେ ତ ପାଠପଢ଼ା ଚାଲିଛି। ତେଣୁ ମୋତେ ବାଲାନ୍ସ କରି ଚଳିବାକୁ ପଡୁଛି। ଏପରି କି ପାଠପଢ଼ା ପାଇଁ କେତୋଟି ଭଲ ଅଫର ହାତଛଡା କରିଛି।

***କିପରି ବ୍ୟକ୍ତିଙ୍କୁ ଜୀବନସାଥୀ ଭାବରେ ଚଏସ୍ କରିବେ ?***

ସତରେ, ମୋତେ ପୂରା ଅଡୁଆରେ ପକାଇଦେଲେ। କାରଣ ଏକଥା ଏବେ ମୁଁ ଚିନ୍ତା କରିନି। ଯେତେବେଳେ ସମୟ ଆସିବ, ତାହା ମୁଁ ସମ୍ପୂର୍ଣ୍ଣ ଭାବରେ ମୋ ମା-ବାପାଙ୍କ ଉପରେ ଛାଡିଦେଇଛି। ତଥାପି ସେହି ବ୍ୟକ୍ତି, ଯାହାଙ୍କ ସହ ମୁଁ ବାକି ଜୀବନ କଟାଇବି, ସେ ପ୍ରଥମେ ଭଦ୍ର, ନମ୍ର ସ୍ୱଭାବ ତଥା ସୋବର ପର୍ସନାଲିଟିର ହୋଇଥିବ। ମୋତେ ଖୁସିର ମାହୋଲରେ ରଖିପାରୁଥିବ।

## ବିକିନି ନିଶା



ଦିଶା ପଟାନି

କିପରି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିବାକୁ ପଡେ ତାହାର କାଇଦା ଦିଶା ପଟାନିଙ୍କୁ ଭଲ ଭାବରେ ଜଣା। ଦେଖୁନାହାନ୍ତି ସେ କେମିତି ଭଳିକି ଭଳି ଫଟୋ ସେଶନ କରିଚାଲିଛନ୍ତି। ଆଉ ଏହି ସମୟରେ ସେ ଗୋଟିଏ ପ୍ରକାର କଷ୍ଟ୍ୟୁମକୁ ଅଧିକ ଅଗ୍ରାଧିକାର ଦେଉଛନ୍ତି। ତାହା କ'ଣ ଜାଣନ୍ତି ? ବିକିନି। ପୁଣି ପଚାରିଲେ କହୁଛନ୍ତି, 'ମୋତେ ଏହି ଗେଟଅପରେ ଅଧିକ କମ୍ଫର୍ଟ ଲାଗିଥାଏ। ବିକିନି ପିନ୍ଧି ସେ ବିଭିନ୍ନ ପୋଜ୍‌ର ଫଟୋ ନିଜ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ତାହାକୁ ନେଇ କେହି କମେଣ୍ଟ କଲେ ତାହାର ଉତ୍ତର ମଧ୍ୟ ଦେଉଛନ୍ତି। ବର୍ତ୍ତମାନ ମୁଁ ଅଲ୍ଲୀ ଆବାସ ଜାଫରଙ୍କ 'ଭାରତ'ରେ ଅଭିନୟ କରୁଛି। ଏଥିରେ ମୋତେ ମିଳିଛି ଗ୍ଲାମର ଭୂମିକା। ହେଲେ ତାହାର ଏହି ଫଟୋ ସେଶନ ସହ କୌଣସି ରିଲେଶନ ନାହିଁ। ମୋ ମନ ହେଲା ଫଟୋ ସେଶନ କରିବାକୁ ତେଣୁ ସେଥିରେ ବ୍ୟସ୍ତ ଅଛି। ହେଲେ ମୋ ବିକିନି ପିନ୍ଧାକୁ ନେଇ ଅଧିକ ଆଲୋଚନା ନ ହେବା ଭଲ ବୋଲି କହି ବୁଲୁଛନ୍ତି ଦିଶା।

### ଅପେରା ହାଲ୍‌ଚାଲ୍

## ନୂଆ ରୂପରେ ଯାତ୍ରା ସଚ୍ଚିଦାନନ୍ଦମ୍

ଚଳିତ ଯାତ୍ରା ସିଜନରେ ନୂଆ ରୂପରେ ମଇଦାନକୁ ଓହ୍ଲାଉଛି ଯାତ୍ରା ସଚ୍ଚିଦାନନ୍ଦମ୍। ଅଲଟ୍ରାମଡର୍ନ ଲାଇଟ, ସାଉଣ୍ଡ ଏବଂ ଷ୍ଟେଜ ସହ ମଲ୍‌ଟି ଷ୍ଟାରର କଳାକାର ଏହି ପାର୍ଟିର ମୁଖ୍ୟ ଆକର୍ଷଣ ସାଜିବେ। ଓଡ଼ିଆ ସିନେମାର କମେଡିଆନ୍ ଗୁଲ୍ଟୁ ପ୍ରଥମ ଥର ପାଇଁ ଏହି ପାର୍ଟିରେ ଅଭିନୟ କରିବେ। ରୋମାଣ୍ଟିକ ଯୋଡି ଚନ୍ଦନ-ତୁଳସୀ, ଜଲିଉଡ୍‌ର ନାମୀ ଖଳନାୟକ ସଞ୍ଜୟ ଭୋଳଙ୍କ ଦମ୍‌ଦାର ଡାଏଲଗକୁ ହୃଦୟସ୍ପର୍ଶୀ ଅଭିନୟ,



ସୁଜୟ-ମୀନୁ

ନିଆରା ଅଭିନୟ ପାଇଁ ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିବା ଭର୍ସାଟାଇଲ ଯୋଡି ସୁଜୟ-ମିନୁଙ୍କ ବ୍ୟତୀତ ଆଗଧାଡିର ଅନ୍ୟତମ ଚରିତ୍ର ଅଭିନେତା ରମାକାନ୍ତ, ରୀନା-ତପନ, ରାଜୁ- ରୀନା, ବାବୁଲି, ଗୁଲ୍ଟୁ ଏବଂ କଣ୍ଢେଇ କଟକ କଲ୍ୟାଣନଗରସ୍ଥିତ ଏହି ପାର୍ଟିରେ ସାମିଲ ହୋଇଛନ୍ତି। ଏହି ସିଜନରେ ଚାରୋଟି ନାଟକକୁ ନେଇ ପାର୍ଟି ଅପେରା ପରିବେଷଣ କରିବ। ନିହାର ମହାନ୍ତିଙ୍କ ରଚିତ ତଥା ଗିମିକ ମାଷ୍ଟର ଲାଲା ବୀରେନ୍ ରାୟଙ୍କ ନିର୍ଦ୍ଦେଶିତ 'ଗାୟତ୍ରୀ ଅପାର ଗୋପନ କଥା' ବ୍ୟତୀତ ମନୁ ଭାଇଙ୍କ 'ମଝିଆ ପୁଅ କାହାର ନୁହଁ'କୁ ନିର୍ଦ୍ଦେଶନା ଦେଇଛନ୍ତି ଆଗଧାଡିର ନିର୍ଦ୍ଦେଶକ ତାପସ ସ୍ୱାଇଁ। ଏହି ନାଟକଦ୍ୱୟ ଚଳିତ ଯାତ୍ରା ସିଜନରେ ଦର୍ଶକଙ୍କୁ ନିଶ୍ଚୟ ଫୁଲ୍ ଏଣ୍ଟରଟେନମେଣ୍ଟ ଦେବ ବୋଲି ପାର୍ଟିର ସ୍ୱତ୍ୱାଧିକାରୀ ବିପିନ ବିହାରୀ ଭୋଳ ଆଶା ରଖିଛନ୍ତି। ଏହା ବ୍ୟତୀତ 'ରେପ୍ ଆଣ୍ଡ ମର୍ଡର ପାଇଁ ଦାୟୀ କିଏ' ଏବଂ 'ତୁଳସୀ ମଥାରେ ଚନ୍ଦନ ଟିପା'ର ପ୍ରସ୍ତୁତି ଚାଲୁରହିଛି।



ଶ୍ରଦ୍ଧା କପୁର

## ଭୂତ ଡରୁଛି ଭୂତକୁ

ଶ୍ରଦ୍ଧା କପୁର ନିଜେ ନିଜକୁ ଡରୁଛନ୍ତି। ଆରେ ଇଏ କେମିତିକା କଥା ? ଜଣେ ପୁଣି ନିଜକୁ ଡରିବ ! କଥାଟି ଏକଦମ୍ ସତ। ନିକଟରେ ଶ୍ରଦ୍ଧା ଏକ ହରର ଫିଲ୍ମ ସାଇନ୍ କରିଛନ୍ତି। ଏଥିରେ ତାଙ୍କୁ ଭୂତ ଭୂମିକାରେ ଅଭିନୟ କରିବାକୁ ପଡିବ। ଏହି ଗେଟ୍‌ଅପ କିପରି ହେବ ସେ ନେଇ ନିର୍ଦ୍ଦେଶକଙ୍କ କହିବା ଅନୁଯାୟୀ ସେ ମେକ୍‌ଅପ ନେଲେ। ମେକ୍‌ଅପ୍ ଶେଷ ହେବା ପରେ ସେ ଯେତେବେଳେ ଆଇନା ସମ୍ନାରେ ଛିଡା ହେଲେ ନିଜକୁ ଦେଖି ନିଜେ ଡରିଗଲେ। ସେ ଏମିତି ଚିତ୍କାର କଲେ ଯେ ବାହାରେ ବସିଥିବା ନିର୍ଦ୍ଦେଶକ ମେକ୍‌ଅପ ରୁମ ଭିତରକୁ ପଶିଆସିଥିଲେ। କିଛି ସମୟ ପରେ ସେ ସାଧାରଣ ଅବସ୍ଥାକୁ ଆସିଲେ, ହେଲେ ମନରୁ ସେହି ଭୂତ ଭୟ ଦୂର ହୋଇ ନ ଥିଲା। ସେଦିନ ରାତିରେ ଶୋଇଥିବା ବେଳେ 'ଭୂତ ଭୂତ' କହି ସେ ଚିତ୍କାର କରିଉଠିଥିଲେ ବୋଲି କହିଛନ୍ତି। ସେ ଅଭିନୟ କରିବାକୁ ଯାଉଥିବା ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ।

"୨୦୧୮-୧୯ ଆର୍ଥିକ ବର୍ଷ ଶେଷ ବେଳକୁ ଭାରତରେ ମୋବାଇଲ ଫୋନ ଆମଦାନୀ ପ୍ରାୟ ୫ରୁ ୭% ହ୍ରାସ ପାଇବା।
– ପଙ୍କଜ ମହିନ୍ଦ୍ରୁ, ଅଧ୍ୟକ୍ଷ, ଆଇସିଇଏ



"ପ୍ରତିଯୋଗିତା, ଏୟାରପୋର୍ଟ ୟୁଜର ଚାର୍ଜେସ୍ ଏବଂ ସୁଧ ହାର ବୃଦ୍ଧି ଇତ୍ୟାଦି ଏୟାର ଇଣ୍ଡିଆ କ୍ଷତିର ପ୍ରମୁଖ କାରଣ।
– ସୁରେଶ ପ୍ରଭୁ, ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ



## ସଂକ୍ଷେପରେ

### ପାଇଲଟଙ୍କ ଭତ୍ତା ମଞ୍ଜୁର କଲା ଏୟାର ଇଣ୍ଡିଆ



**ନୂଆଦିଲ୍ଲୀ,୨୨-୮(ପି.ଟି):** ରାଷ୍ଟ୍ରାୟତ୍ତ ଏୟାର ଇଣ୍ଡିଆ ଏହାର ପାଇଲଟଙ୍କ ଜୁନ୍ ମାସର ବକେୟା ଭତ୍ତାକୁ ମଞ୍ଜୁର କରିଛି। ଭତ୍ତା ନ ମିଳିଲେ ଉଡାଣ ବନ୍ଦ କରିଦେବାକୁ ପାଇଲଟଙ୍କ କେତେକ ଗୋଷ୍ଠୀ ଗତ ସପ୍ତାହରେ କମ୍ପାନୀକୁ ଚେତାବନୀ ଦେଇଥିଲେ। ଏହା ପରେ କମ୍ପାନୀ ଏଭଳି ପଦକ୍ଷେପ ଗ୍ରହଣ କରିଛି। ଜୁନ ମାସର ଭତ୍ତା ଅଗଷ୍ଟ ୨୦ ତାରିଖରେ ପ୍ରଦାନ କରାଯାଇଥିବା କମ୍ପାନୀର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଦୁଇ ମାସ ପରେ ଉଡାଣ ଭତ୍ତା କମ୍ପାନୀ ପ୍ରଦାନ କରିଛି। ଜୁନ୍ ମାସର ଭତ୍ତା ଅଗଷ୍ଟ ପହିଲାରେ ମିଳିବାକୁ ନିୟମ ରହିଥିବା ବେଳେ ଏଥିରେ ବିଳମ୍ବ ଘଟିଛି ବୋଲି ଅନ୍ୟ ଜଣେ କର୍ମଚାରୀ କହିଛନ୍ତି।

### କ୍ରିପ୍ଟୋଜ୍ୟାକିଂ ମାଧ୍ୟମ ପାଲଟିଛି ସ୍ମାର୍ଟଫୋନ୍

**ପ୍ୟାରିସ୍,୨୨-୮:** କ୍ରିପ୍ଟୋ କରେନ୍ସି କାରବାରକୁ ଅଧିକ ସକ୍ରିୟ କରିବା ପାଇଁ ହ୍ୟାକରମାନେ ସ୍ମାର୍ଟଫୋନ୍ ଉପରେ ଆଖି ପକାଇଛନ୍ତି। ବିନା କୌଣସି କାରଣରେ ଯଦି ଆପଣଙ୍କ ସ୍ମାର୍ଟଫୋନ୍ ଫଙ୍କ୍‌ସନିଂରେ ମନ୍ଥର ହେଉଛି ତେବେ ଏହା ହ୍ୟାକରମାନଙ୍କ ନଜରରେ ଥିବା ଆଶଙ୍କା କରାଯାଇ ପାରେ। କ୍ରିପ୍ଟୋ କରେନ୍ସି ଉପାର୍ଜନ ପାଇଁ ହ୍ୟାକରମାନେ ଏଭଳି କରିଥାଇ ପାରନ୍ତି। ହ୍ୟାକରମାନଙ୍କ ଏଭଳି ଚକ୍ରାନ୍ତକୁ ସିକ୍ୟୁରିଟି ଏକ୍ସପର୍ଟମାନେ କ୍ରିପ୍ଟୋଜ୍ୟାକିଂ ନାମ ଦେଇଛନ୍ତି। ଏ ସମ୍ପର୍କରେ ୱେଭ୍‌ଷ୍ଟୋନ୍ ନାମକ ଏକ ଆଇଟି ସର୍ଭିସ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀର ବିଶେଷଜ୍ଞ ଜି. ବିଲୋଇସ୍ କହିଛନ୍ତି, କ୍ରିପ୍ଟୋକରେନ୍ସି କାରବାରକୁ ବଢାଇବା ପାଇଁ ହ୍ୟାକରମାନେ ପର୍ସନାଲ୍ କମ୍ପ୍ୟୁଟର, ସ୍ମାର୍ଟଫୋନ୍ ଭଳି ଡିଭାଇସ୍‌କୁ ଟାର୍ଗେଟ୍ କରିଛନ୍ତି।

### ପ୍ରଭାବିତ ହେବନାହିଁ ଭାରତର ସୋଭରେନ୍ ରେଟିଂ: ଫିଚ୍

**ମୁମ୍ବାଇ,୨୨-୮:** ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ହ୍ରାସ ହେବା ଦ୍ୱାରା ଏହା ଦେଶର ସୋଭରେନ୍ ରେଟିଂକୁ ପ୍ରଭାବିତ କରିବ ନାହିଁ। ବିଶ୍ୱର ପ୍ରମୁଖ ରେଟିଂ ଏଜେନ୍ସି ଫିଚ୍ ବୁଧବାର ଏଭଳି କହିଛି। ଡଲାର ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ ଗତ ସପ୍ତାହରେ ୭୦ ଟଙ୍କା ୧୫ ପଇସାକୁ ଖସି ଆସିଥିବା ବେଳେ ଏହା ଭାରତ ପାଇଁ ଏକ ବିରାଟ ବଡ଼ ଚିନ୍ତାର ବିଷୟ ନୁହେଁ ବୋଲି ଫିଚ୍ ଦର୍ଶାଇଛି। କିନ୍ତୁ ଏହା ଦେଶର କର୍ପୋରେଟ ଏବଂ ବ୍ୟାଙ୍କିଙ୍ଗ୍ ଉଦ୍ୟୋଗ ପାଇଁ ଚିନ୍ତାର ବିଷୟ ହୋଇ ପାରେ। ଭାରତର ବୈଦେଶିକ ଋଣଭାର ଅଧିକ ନ ଥିବାରୁ ଏ କ୍ଷେତ୍ରରେ ଏହା ସହାୟ ହେବ ବୋଲି ଫିଚ୍ ପ୍ରକାଶ କରିଛି।

# ଅଡୁଆରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସିଇଓ

**ନୂଆଦିଲ୍ଲୀ,୨୨-୮(ପିଟି)**

■ ହେବ କଡ଼ା କାର୍ଯ୍ୟାନୁଷ୍ଠାନ
■ ୧୨ କମ୍ପାନୀକୁ ମଗାଯାଇଛି ୫ ବର୍ଷର କାରବାର ରେକର୍ଡ
■ ନଜରରେ ୫୦ କୋଟିରୁ ଅଧିକ ଋଣକ୍ରେତା




ରାଷ୍ଟ୍ରାୟତ୍ତ ବ୍ୟାଙ୍କର ସିଇଓ (ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ)ମାନଙ୍କୁ ଅର୍ଥମନ୍ତ୍ରଣାଳୟ କଡ଼ା ନିର୍ଦ୍ଦେଶ ଜାରି କରିଛି। ଯେଉଁ କମ୍ପାନୀ, ସଂସ୍ଥା ବା ବ୍ୟକ୍ତିବିଶେଷ ବ୍ୟାଙ୍କରୁ ୫୦ କୋଟି ଟଙ୍କାରୁ ଅଧିକ ଋଣ ନେଇ ପରିଶୋଧ କରୁ ନାହାନ୍ତି ସେମାନଙ୍କୁ ଯେନତେନ ପ୍ରକାରେ ଧରିବା ପାଇଁ ମନ୍ତ୍ରଣାଳୟ ଶୁଣାଇ ଦେଇଛି। କିନ୍ତୁ ଏତେ ମାତ୍ରାରେ ଋଣ ନେଇ ଯେଉଁମାନେ ଜାଲିଆତି କରିଛନ୍ତି ସେମାନଙ୍କୁ କାବୁ କରିବାରେ ବ୍ୟାଙ୍କ ଯଦି ସଫଳ ନ ହୁଏ ତେବେ ବ୍ୟାଙ୍କ ଅଧିକାରୀମାନେ ହିଁ ହରଡ଼ ଘଣାରେ ପଡ଼ିବେ। ଏଭଳି କ୍ଷେତ୍ରରେ ବ୍ୟାଙ୍କ ଅଧିକାରୀମାନଙ୍କ ନାମରେ ଆପରାଧିକ ଷଡ଼ଯନ୍ତ୍ର ମାମଲା ରୁଜୁହୋଇ ପାରେ। ଅର୍ଥମନ୍ତ୍ରଣାଳୟର ଏଭଳି ନିଷ୍ପତ୍ତି ସମ୍ପର୍କରେ ଖବର ରଖିଥିବା ଜଣେ ବରିଷ୍ଠ ଅଧିକାରୀ ଏହି ସୂଚନା ଦେଇଛନ୍ତି।

ଖବର ଅନୁସାରେ ଭାରତୀୟ ପିଙ୍ଗଳ କୋଡ(ଆଇପିସି) ଧାରା ୧୨୦ବି ଆଧାରରେ ବ୍ୟାଙ୍କ ଅଧିକାରୀଙ୍କ ନାମରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବ୍ୟାଙ୍କ ଅଧିକାରୀ ଯଦି ଜାଲିଆତି ସମ୍ପର୍କରେ ଆଗୁଆ ଖବର ନ ଦିଅନ୍ତି ଏବଂ ତାହା ତଦନ୍ତକାରୀ ସଂସ୍ଥାଦ୍ୱାରା ଖୋଳତାଡ଼ ପରେ ଜଣାପଡେ ତେବେ ବ୍ୟାଙ୍କ ଅଧିକାରୀ ହିଁ ଅଡୁଆରେ ପଡିବେ।

ବର୍ତ୍ତମାନ ଏକାଧିକ କମ୍ପାନୀ ଏହିଭଳି ଋଣ ଜାଲିଆତି କରିଥିବା ଖବର ସାମ୍ନାକୁ ଆସିଛି। ବିଶେଷ କରି ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ରୁ ହୀରାଗହଣା ବ୍ୟବସାୟୀ ନୀରବ ମୋଦି ଏବଂ ତାଙ୍କ ମାମୁ ମେହୁଲ ଚୋକ୍‌ସୀ ବେଆଇନ ଭାବେ ପ୍ରାୟ ୧୪୦୦୦ କୋଟି ଟଙ୍କା ଋଣ ନେଇ ଫେରାର୍ ହେବା ଘଟଣା ପଦାକୁ ଆସିବା ପରେ ଗୋଟେ ପରେ ଗୋଟେ ଏଭଳି ଘଟଣା ସାମ୍ନାକୁ ଆସୁଛି।

ଏନପିଏ ସମସ୍ୟା ବଢିଚାଲିଥିବା ବେଳେ ସାରା ଦେଶରେ କେବଳ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏନ୍‌ପିଏ ପରିମାଣ ୮ ଲକ୍ଷ କୋଟି ଟଙ୍କା ଅତିକ୍ରମ କରି ସାରିଲାଣି। ଅଧିକାରୀ ଜଣଙ୍କ ଆହୁରି ମଧ୍ୟ କହିଛନ୍ତି ଯେ, ଇସ୍ପାତ ଏବଂ ରିୟଲ ଇଷ୍ଟେଟ୍ ବ୍ୟବସାୟରେ ଜଡ଼ିତ ଥିବା ପ୍ରାୟ ୧୦ରୁ ୧୨ କମ୍ପାନୀ ଏଭଳି ଜାଲିଆତି କରିଥିବା ଖବର ସରକାର ଜାଣିବାକୁ ପାଇଛନ୍ତି।

ଖାଲି ସେତିକି ନୁହେଁ କେତୋଟି ନିର୍ଦ୍ଦିଷ୍ଟ କମ୍ପାନୀକୁ ସେମାନଙ୍କର ଗତ ୫ ବର୍ଷର କାରବାର ରେକର୍ଡ ସମ୍ପର୍କିତ ତଥ୍ୟ ମଗାଯାଇଛି। ସୂଚନାଯୋଗ୍ୟ ୨୦୧୭ ଜୁନ୍‌ରେ ଭାରତୀୟ ରିଜର୍ଭ ବ୍ୟାଙ୍କ ୧୨ଟି ବୃହତ ଏନ୍‌ପିଏ ଆକାଉଣ୍ଟ ସମ୍ପର୍କରେ ସୂଚନା ଦେଇଥିଲା। ଏମାନଙ୍କ ଉପରେ ଜଣେକା ୫ ହଜାର କୋଟିରୁ ଅଧିକ ଋଣ ଥିବାବେଳେ ମୋଟ ଏନ୍‌ପିଏର ୨୫% ଏମାନେ ଅକ୍ତିଆର କରିଥିଲେ।

# ବନ୍ୟା ବିପନ୍ନଙ୍କୁ ପତଞ୍ଜଳିର ସହାୟତା

**ନୂଆଦିଲ୍ଲୀ,୨୨-୮**

ପ୍ରମୁଖ ଆୟୁର୍ବେଦ ତଥା ଏଫ୍‌ଏମ୍‌ସିଜି କମ୍ପାନୀ ପତଞ୍ଜଳି କେରଳ ଓ କର୍ଣାଟକର ବନ୍ୟା ବିପନ୍ନଙ୍କୁ ସହାୟତାର ହାତ ବଢାଇଛି। କମ୍ପାନୀ କେରଳର ବନ୍ୟା ପ୍ରଭାବିତ ଅଞ୍ଚଳକୁ ୫୦ ଲକ୍ଷ ଟଙ୍କାର ରିଲିଫ୍ ସାମଗ୍ରୀ ପଠାଇଥିବା ଜଣାପଡ଼ିଛି। ସେହିଭଳି ଅଧିକ ୧.୫ କୋଟି ଟଙ୍କାର ସହାୟତା ପ୍ରଦାନ କରାଯିବ ବୋଲି କମ୍ପାନୀ ସୂଚନା ଦେଇଛି। ଅସୁବିଧାରେ ରହିଥିବା ଲୋକଙ୍କ ଉଦ୍ଧାରକାର୍ଯ୍ୟ ପାଇଁ ସୁରକ୍ଷା ବଳର କାର୍ଯ୍ୟକୁ ପତଞ୍ଜଳି ପ୍ରତିଷ୍ଠାତା ଯୋଗ ଗୁରୁ ବାବା ରାମଦେବଙ୍କ ପ୍ରଶଂସା କରିଛନ୍ତି। ବନ୍ୟା ବିପନ୍ନଙ୍କୁ ସହାୟତା କରିବା ଲାଗି ଦେଶବାସୀ ଆଗେଇ ଆସିବା ଦରକାର ବୋଲି କମ୍ପାନୀ ଆହ୍ୱାନ ଜଣାଇଛି। ସମଗ୍ର ଦେଶକୁ ଏକ ପରିବାର ମାନି ଲୋକଙ୍କୁ ସହାୟତା ଲାଗି କମ୍ପାନୀ ଆଗେଇ ଆସିଛି ବୋଲି ପତଞ୍ଜଳିର ସିଇଓ ଆଚାର୍ଯ୍ୟ ବାଲକ୍ରିଷ୍ଣା ସୂଚନା ଦେଇଛନ୍ତି। ପତଞ୍ଜଳି ପକ୍ଷରୁ ଶତାଧିକ କାର୍ଯ୍ୟକର୍ତ୍ତା କେରଳର ବନ୍ୟା ଅଞ୍ଚଳରେ ଉଦ୍ଧାର ସମେତ ଅନ୍ୟାନ୍ୟ କାର୍ଯ୍ୟରେ ସାମିଲ ହୋଇ ଥିବା ବାଲକ୍ରିଷ୍ଣା କହିଛନ୍ତି। କମ୍ପାନୀ ପକ୍ଷରୁ ପାନୀୟ ଜଳ, ଟୁଥପେଷ୍ଟ ଭଳି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିବା ସୂଚନା ରହିଛି।



**ସୁରକ୍ଷା ବଳର କାର୍ଯ୍ୟକୁ ପତଞ୍ଜଳି ପ୍ରତିଷ୍ଠାତା ଯୋଗ ଗୁରୁ ବାବା ରାମଦେବଙ୍କ ପ୍ରଶଂସା**

## ଅର୍ଥର ଅର୍ଥ

# ଋଣ କରିବା ଅପେକ୍ଷା ସଞ୍ଚୟ ଯଥେଷ୍ଟ ଭଲ



Rupkumar Pradhan
CERTIFIED FINANCIAL PLANNER[CM]
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**ପ୍ର: ମୋର ବୟସ ୨୯ ବର୍ଷ ଏବଂ ମୁଁ ବିବାହିତ । ମୋର ୧ ବର୍ଷର ଝିଅଟିଏ ଅଛି। ଏଯାଏଁ ବିଶେଷ କିଛି ସଞ୍ଚୟ କରି ନାହିଁ। ଅନ୍ୟ ପକ୍ଷରେ ମୋର ସୀମିତ ଆୟରେ ଘର ଖର୍ଚ୍ଚ ବାଦ୍ ସଞ୍ଚୟ କରିବା ସମ୍ଭବ ହେଉ ନାହିଁ। ଆଜିକାଲି ବ୍ୟାଙ୍କ ଋଣ ସହଜରେ ମିଳୁଛି ବୋଲି ମୋର ଧାରଣା। ତେଣୁ ମୋ ଝିଅର ପାଠପଢ଼ା ଖର୍ଚ୍ଚ ତୁଲାଇବା ପାଇଁ ଭବିଷ୍ୟତରେ ଋଣ ଉପରେ ନିର୍ଭର କରିବି ବୋଲି ଭାବୁଛି। ଋଣକରି ଝିଅକୁ ପାଠ ପଢ଼ାଇବା ଠିକ୍ ହେବ ନା ଏବେଠାରୁ ଯଥାସାଧ୍ୟ ସଞ୍ଚୟ କରିବା ଠିକ୍ ହେବ? ଏ ବିଷୟରେ ଆପଣଙ୍କ ପରାମର୍ଶ ଦେବା ପାଇଁ ଅନୁରୋଧ।**
**– ସୁବ୍ରତ ମାଝୀ, ବାଲେଶ୍ୱର**

ଉ: ପ୍ରଥମତଃ ସଞ୍ଚୟ କାହିଁକି କରିବା ? ଏହି ପ୍ରଶ୍ନର ମୁଖ୍ୟ ଉତ୍ତର ହେଉଛି ଭବିଷ୍ୟତ ସମ୍ପର୍କରେ ଆମେ କେହି ଜାଣିନେ। ଆଗକୁ କ'ଣ ହେବ ବା କ'ଣ ଘଟିବ କେହି ବି ଠିକ୍ ରେ କହିପାରିବେ ନାହିଁ। ତେଣୁ ଭବିଷ୍ୟତର ଆର୍ଥିକ ଆବଶ୍ୟକତା ପୂରଣ ପାଇଁ ଯଦି ଆପଣଙ୍କ ମାସିକ ଆୟର କିଛି ଟଙ୍କା ସଞ୍ଚୟ କରିଥିବେ ତେବେ ଆପଣଙ୍କୁ ଏହା ସୁରକ୍ଷା ପ୍ରଦାନ କରିବ। ଏହା ସହିତ ଯଦି କୌଣସି ପ୍ରକାର ଆକସ୍ମିକ ଖର୍ଚ୍ଚ ଆବଶ୍ୟକ ପଡେ ଯାହାକି ଆପଣଙ୍କ କଳ୍ପନା ବାହାରେ ସେ ସମୟରେ ଏହି ସଞ୍ଚିତ ସମ୍ବଳ ହିଁ ଆପଣଙ୍କୁ ସାହାଯ୍ୟ କରିବ।

ଆପଣ ନିଜକୁ ପ୍ରଶ୍ନ ପଚାରି ପାରନ୍ତି ଯେ ସଞ୍ଚୟ କରିବା ପାଇଁ ଏତେ ଚାପ କାହିଁକି? ଯଦି ଆପଣଙ୍କ ପାଖରେ ଯଥେଷ୍ଟ ଅର୍ଥ ଅଛି ହୁଏତ ସଞ୍ଚୟ କରିବାର ଆବଶ୍ୟକତା ନ ଆସିପାରେ। ଜୀବନରେ ଭବିଷ୍ୟତ ଆର୍ଥିକ ଲକ୍ଷ୍ୟସବୁ ହାସଲ କରିବା ପାଇଁ ସଞ୍ଚୟ କରିବା ଉଚିତ୍। ଯଦି ଋଣ କରି ସବୁ କିଛି କରିବେ ଋଣ ପରିଶୋଧ କରିବାରେ ଆପଣଙ୍କୁ ସୁଧ ପଇଠ କରିବାକୁ ପଡିବ। ଉଦାହରଣ ସ୍ୱରୂପ ଯଦି ଆପଣ ୬୦ ଲକ୍ଷ ଟଙ୍କାର ଏକ ଗୃହଋଣ କରିଛନ୍ତି ଏବଂ ଏଥିରେ ବାର୍ଷିକ ୮.୩୫% ସୁଧ ହାର ହିସାବରେ ୨୦ ବର୍ଷ ପାଇଁ ପରିଶୋଧ କରିବେ ତେବେ ଆପଣଙ୍କୁ ମାସିକ କିସ୍ତି ଆକାରରେ ୫୧,୫୦୧ ଟଙ୍କା ବହନ କରିବାକୁ ପଡିବ। ଆସନ୍ତା ୨୦ ବର୍ଷରେ ସମୁଦାୟ ୧,୨୩,୬୦,୨୮୩ ଟଙ୍କା (୫୧୫୦୧ ମାସିକ କିସ୍ତି x ୨୪୦ ମାସ) ପଇଠ କରିବେ। ଏଥି ମଧ୍ୟରୁ ୬୩,୬୦,୨୮୩ ଟଙ୍କା କେବଳ ସୁଧ ଗଣିବେ। ଆମର ଆଶା ଆପଣ ଏବେ ବୁଝି ପାରୁ ଥିବେ ଯେ, ଋଣ କରି ଆର୍ଥିକ ଲକ୍ଷ୍ୟ ହାସଲ କରିବା ଅପେକ୍ଷା ସଞ୍ଚୟ କରିବା ଶ୍ରେୟସ୍କର ଏବଂ ବୁଦ୍ଧିମାନର କର୍ତ୍ତବ୍ୟ।

### ସଞ୍ଚୟ କରିବାର ୧୦ ପ୍ରମୁଖ କାରଣ

୧. ସଞ୍ଚୟ ଦ୍ୱାରା ଆପଣ ନିଜର ଆର୍ଥିକ ସ୍ୱାଧୀନତା ହାସଲ କରିପାରିବେ।
୨. ଅବସରକାଳୀନ ପାଣ୍ଠି ଗଠନ କରିପାରିବେ।
୩. ସୁନ୍ଦର ଘରଟିଏ ନିର୍ମାଣ କରିପାରିବେ।
୪. ଆମୋଦ ପ୍ରମୋଦ ପାଇଁ ବିଦେଶ ଭ୍ରମଣ କରିପାରିବେ।
୫. ଝିଅପୁଅଙ୍କ ପାଠ ପଢା ଖର୍ଚ୍ଚ ତଥା ବିବାହ ଖର୍ଚ୍ଚ ଉଠାଇ ପାରିବେ।
୬. ସଞ୍ଚୟ କରିଥିଲେ ଜରୁରିକାଳୀନ ସମୟରେ କାହାପାଖରେ ହାତ ପାତିବେନି।
୭. କିଛି ଅର୍ଥ ସଞ୍ଚୟ କରିଥିଲେ ପରେ ଅଧିକ ଉପାର୍ଜନ ପାଇଁ ଏହାକୁ ନିବେଶ କରିପାରିବେ। ବୃହତ୍ ପରିମାଣର ସମ୍ପତ୍ତି ସୃଷ୍ଟି କରିପାରିବେ।
୮. ଆର୍ଥିକ ସଙ୍କଟ ସମୟରେ ନିଜକୁ ସୁରକ୍ଷିତ ରଖିପାରିବେ।
୯. ସଞ୍ଚୟ କଲେ ସଞ୍ଚୟ କରିବାର ଭଲ ଅଭ୍ୟାସ ଫାସରେ ପଡ଼ିବେ।
୧୦. ମାନସିକ ଶାନ୍ତି ଲାଭ କରିବେ।

**ପ୍ର: ମୁଁ ଗତ ଆର୍ଥିକ ବର୍ଷରେ ଏକ ଫ୍ଲାଟ୍ ବିକ୍ରି କରିଛି। ମୋର ଆୟକର ସ୍ତର ହେଉଛି ୩୦%। ଏହି ଟଙ୍କା ଉପରେ କ'ଣ ଆୟକର ଦେବାକୁ ପଡିବ କି ?**
**– ମୋହନ ସାହୁ, ସମ୍ବଲପୁର**

ଉ: ଆପଣଙ୍କ ଏହି ଫ୍ଲାଟ୍ ବିକ୍ରି ଉପରେ ଯେଉଁ ଅର୍ଥ ପାଇଛନ୍ତି ସେଥିରେ କ୍ୟାପିଟାଲ ଗେନ୍ ଟ୍ୟାକ୍ସ ଲାଗୁ ହେବ। ଆମର ପରାମର୍ଶ ଏ ବିଷୟରେ ଭଲ ଭାବରେ ବୁଝି ନିଜର ଆୟକର ରିଟର୍ନ ଦାଖଲ କରନ୍ତୁ ।

**ପ୍ର: ଯଦି ମାସିକ ୫୦୦୦ଟଙ୍କା ମ୍ୟୁଚୁଆଲ ଫଣ୍ଡରେ ଏସ୍‌ଆଇପି ମାଧ୍ୟମରେ ୨୫ ବର୍ଷ ସଞ୍ଚୟ କରାଯାଏ ତେବେ କେତେ ଟଙ୍କା ହେବ? ଏହା ମୋ ଅବସରକାଳୀନ ପାଣ୍ଠି ପାଇଁ ଯଥେଷ୍ଟ ହେବ କି? ପରାମର୍ଶ ଲେଖିବା ପାଇଁ ଅନୁରୋଧ।**
**–ସାଗରିକା ସ୍ୱାଇଁ, ବ୍ରହ୍ମପୁର**

ଉ: ଆସନ୍ତା ୨୫ ବର୍ଷ ପାଇଁ ମାସିକ ୫୦୦୦ଟଙ୍କା ଲେଖାଏଁ ଆପଣ ଯଦି ସଞ୍ଚୟ କରିବେ ତେବେ– ବାର୍ଷିକ ୧୨% ସୁଧହାର ହିସାବରେ ୫୬,୯୨,୯୦୫ ଟଙ୍କାର ଏକ ପାଣ୍ଠି ଗଠନ କରି ପାରିବେ। ଯଦି ବାର୍ଷିକ ୧୩% ସୁଧ ଧରିନିଆଯାଏ ତେବେ ୬୮,୧୪,୩୦୫ ଟଙ୍କାର ପାଣ୍ଠି ଗଠନ କରି ପାରିବେ।

*ଆପଣଙ୍କ ପରବର୍ତ୍ତୀ ପ୍ରଶ୍ନ ହେଲା ଏହି ପାଣ୍ଠି ମୋର ଅବସରକାଳୀନ ଖର୍ଚ୍ଚ ପାଇଁ ଯଥେଷ୍ଟ ହୋଇପାରିବ କି?*

ଆପଣଙ୍କୁ ଜାଣି ରଖିବାକୁ ହେବ ଯେ, ଅବସରକାଳୀନ ପାଣ୍ଠି ଗଠନ ଯୋଜନା ଏକ ବିବିଧ ବିଷୟ। ଏହା ବିଭିନ୍ନ ଦିଗକୁ ଦୃଷ୍ଟି ଦେଇ ହିସାବ କରାଯାଇଥାଏ। ଆପଣ ଅବସର ପରେ ମାସିକ କେତେ ଟଙ୍କା ହେଲେ ଆପଣଙ୍କ ଷ୍ଟାଣ୍ଡାର୍ଡ ଅଫ୍ ଲିଭିଂ ପୂରଣ କରିପାରିବେ ତାହା ଆପଣଙ୍କ ଉପରେ ନିର୍ଭର କରେ। ଆମର ପରାମର୍ଶ ଜଣେ ସାର୍ଟିଫାଏଡ୍ ଫାଇନାନସିଆଲ ପ୍ଲାନର (ସିଏଫ୍‌ପି)ଙ୍କ ପରାମର୍ଶ ନେଇ ନିଜ ପାଇଁ ସ୍ୱତନ୍ତ୍ର ଅବସରକାଳୀନ ପାଣ୍ଠି ଗଠନ ଯୋଜନା ପ୍ରସ୍ତୁତ କରନ୍ତୁ।

**ପ୍ର: ମୁଁ ବାର୍ଷିକ ପାଖାପାଖି ୫ ଲକ୍ଷ ଟଙ୍କା ପେନସନ ପାଉଛି। ମୋର ମାସିକ ପେନସନ ରାଶି କ'ଣ ଆୟକର ଅନ୍ତର୍ଭୁକ୍ତ ହେବ?**
**– ସମରେନ୍ଦ୍ର ମାଝି, ସମ୍ବଲପୁର**

ଉ– ହଁ, ଆପଣ ବାର୍ଷିକ ପେନସନ ରାଶି ଆୟକର ଅନ୍ତର୍ଭୁକ୍ତ ହେବ। ଆମର ପରାମର୍ଶ ଆୟକର ଛାଡ଼ ସୁବିଧା ପାଇଁ ଏବେ ଠାରୁ ଆୟକର ଯୋଜନା ପ୍ରସ୍ତୁତ କରି ନିବେଶ କରନ୍ତୁ।

**ଆମ ଠିକଣା**
ବିଜ୍‌ନେସ ଧରିତ୍ରୀ
ଧରିତ୍ରୀ, ବି-୧୫, ରସୁଲଗଡ
ଶିଳ୍ପାଞ୍ଚଳ, ଭୁବନେଶ୍ୱର – ୧୦

# ବଜାରରେ ସାମ୍‌ସଙ୍ଗର ଗାଲାକ୍ସି ନୋଟ୍ ୯

**ନୂଆଦିଲ୍ଲୀ,୨୨-୮**



ପ୍ରମୁଖ ସ୍ମାର୍ଟଫୋନ ନିର୍ମାତା ସାମ୍‌ସଙ୍ଗ ଇଣ୍ଡିଆ ପକ୍ଷରୁ ବଜାରକୁ ଆସିଛି ନୂଆ ନୋଟ୍ ୯ ମଡେଲ। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସାମ୍‌ସଙ୍ଗ ଇଲେକଟ୍ରୋନିକ୍ସର ଆଇଟି ଓ ମୋବାଇଲ୍ ଯୋଗାଯୋଗ ଡିଭିଜନ୍ ସଭାପତି ତଥା ସିଇଓ ଡି.ଜେ. କୋହ ନୂଆ ମଡେଲକୁ ବଜାର ପ୍ରବେଶ କରାଇଛନ୍ତି। ସାରା ଦେଶରୁ ଚୟନ କରାଯାଇଥିବା କିଛି ନୋଟ୍ ପ୍ରେମୀଙ୍କୁ କୋହ ନୂଆ ମଡେଲ ହସ୍ତାନ୍ତର କରିଥିଲେ। ରିମୋଟ କଣ୍ଟ୍ରୋଲ ଥିବା ନୂଆ ଏସ୍ ପେନ୍ ସୁବିଧା ଏଥିରେ ଦିଆଯାଇଛି। ଏହା ଫୋନ୍‌କୁ ସହଜରେ ପରିଚାଳନା କରିବାକୁ ସୁବିଧା ଦେବ। ସେଲ୍ଫି ପାଇଁ ଏଥିରେ ଉନ୍ନତ ସୁବିଧା ରହିଛି। ଅପରପକ୍ଷରେ ଅତ୍ୟାଧୁନିକ କ୍ୟାମେରା, ସାମ୍‌ସଙ୍ଗ ଡେକ୍ସ, ଏଚ୍‌ଡିଏମ୍‌ଆଇ କେବୁଲ ସହ ଏହା ପିସି ଭଳି ଅନୁଭୂତି ପ୍ରଦାନ କରିବାକୁ ସକ୍ଷମ ହେବ। ୧୯୯୫ରେ ଘରୋଇ ବଜାରରେ ସାମ୍‌ସଙ୍ଗ ପ୍ରବେଶ କରିବା ପରଠାରୁ ଭାରତ ସହ ଏକତ୍ରିତ ହୋଇ ଆଗକୁ ବଢି ଚାଲିଛୁ ବୋଲି କୋହ ସୂଚନା ଦେଇଛନ୍ତି। ଏଥିରେ ଲାପ୍‌ଟପର ଶକ୍ତି, ମିଡିଆ ଷ୍ଟ୍ରିମିଂ ଉପକରଣ, ପାୱାର ବ୍ୟାଙ୍କ, ବାହ୍ୟ ହାର୍ଡ ଡ୍ରାଇଭ, ଗେମିଂ କନ୍‌ସୋଲ୍, ଡିଏସ୍‌ଏଲ୍‌ଆର୍ କ୍ୟାମେରା ଭଳି ଅତ୍ୟାଧୁନିକ ବୈଶିଷ୍ଟ୍ୟ ରହିଥିବା ସାମ୍‌ସଙ୍ଗ ଇଣ୍ଡିଆର ମୋବାଇଲ ବ୍ୟବସାୟ ବରିଷ୍ଠ ଉପସଭାପତି ଅସିମ ୱାରସୀ ସୂଚନା ଦେଇଛନ୍ତି। ଅଗଷ୍ଟ ୨୪ ପରଠାରୁ ଏହା ଭାରତରେ ଉପଲବ୍ଧ ହେବ। ୧୨୮ ଜିବି ମଡେଲର ମୂଲ୍ୟ ୬୭,୯୦୦ ଟଙ୍କା ରହିଥିବା ବେଳେ ୫୧୨ ଜିବି ମଡେଲର ମୂଲ୍ୟ ୮୪,୯୦୦ ଟଙ୍କା ରହିଛି। ଏହା ମିଡ୍ ନାଇଟ ବ୍ଲାକ୍ ଏବଂ ମେଟାଲିକ୍ କପର ରଙ୍ଗରେ ଉପଲବ୍ଧ। ଭୋଡାଫୋନ୍, ଆଇଡିଆ ଏବଂ ଜିଓ ଗ୍ରାହକଙ୍କ ପାଇଁ ଗାଲାକ୍ସି ନୋଟ୍ ୯ ସ୍ୱତନ୍ତ୍ର ଅଫରରେ ଉପଲବ୍ଧ ଥିବା ଜଣାଯାଉଛି।

**ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ, ଭଦ୍ରକ**
**ଟେଣ୍ଡର ଆହ୍ୱାନ ନୋଟିସ**
ଆଗାମୀ ସାଧାରଣ ନିର୍ବାଚନ–2019 ପାଇଁ ବିଭିନ୍ନ ସାମଗ୍ରୀ ସହ ମୁଦ୍ରଣ/ ଭିଡିଓ ରେକର୍ଡିଙ୍ଗ/ ୱେବ୍ କାଷ୍ଟିଙ୍ଗ୍ ଏବଂ ସି.ସି. କ୍ୟାମେରା ଇତ୍ୟାଦି ଯୋଗାଇଦେବା ପାଇଁ ଜିଲ୍ଲାପାଳ, ଭଦ୍ରକ ଜଉମୁଦ ଟେଣ୍ଡର ଆହ୍ୱାନ କରୁଅଛନ୍ତି। ସବିଶେଷ ତଥ୍ୟ ୱେବସାଇଟ www.bhadrak.nic.in ରେ ଉପଲବ୍ଧ।
**ସ୍ୱା./- ଜିଲ୍ଲା ନିର୍ବାଚନ ଅଧିକାରୀ-**
**ତଥା-ଜିଲ୍ଲାପାଳ, ଭଦ୍ରକ**

**OFFICE OF THE ASSISTANT COMMISSIONER,**
**CENTRAL GST & CENTRAL EXCISE, ANGUL DIVISION**
1st Lane, Similipada, Near Nigamananda Matha,
Angul- 759122
Sl. No. 02/2018-2019 Date : 21.08.2018
**TENDER CALL NOTICE**
Sealed tender duly suprescribed "Quotation for supply of Security Personnel" as per Annexure-A, Annexure-B, Annexure-C & Annexure-D are invited from the Security Agency having valid GSTIN. The quotation should reach to the undersigned on or before 17.09.2018 at 16.00 hrs in the prescribed format. The quotation will be opened on 18.09.2018 at 16.00 hrs in the office of the Assistant Commissioner, Central GST & Central Excise, Similipada, Angul in presence of the applicants or their authorized agents. For details please visit the CBIC website i.e. www.cbic.gov.in (Tender & Quotations)
**Sd./- Assistant Commissioner**
**CGST & Central Excise, Angul Division, Angul**

**Government of Odisha**
**Higher Education Department**
**4th Phase Admission in Degree/ Autonomous Colleges for the Session 2018-19**
**No.31-N:-** Government of Odisha in the Higher Education Department have been pleased to increase 7.5 % of seats over and above the sanctioned strength of seats in Honours as well as General (Pass) subjects, where 100% seats have been filled up by the end of 3rd Phase of admission into +3 1st Year Classes of Degree/Autonomous Colleges. The admission in to this 4th phase shall be held as per the following guidelines for Academic Session 2018-19 and all the processes should be completed by 31-08-2018 in offline mode.
**Eligibility:**
(1) This increase of seats shall not be applicable where there is vacancy.
(2) The vacant seats in the subjects of the Colleges (if any), may also be filled up during this phase.
(3) There will be no increase of seats in Self-Financing Colleges/Courses even if NIL vacancy exits.
(4) There will be reservation as per the rules in this phase. If there are no applicants, then the seats can be allotted to others.

| SL# | Items | Timeline |
|---|---|---|
| 1 | Availability of CAF in the college level | 25th-Aug-2018 |
| 2 | Last date of applying CAF offline | 28th-Aug-2018 (05:00 PM) |
| 3 | Publication of 4th Phase selection merit list in the College Notice Board. | 29th-Aug-2018 (05:00 PM) |
| 4 | Admission of 4th Phase Selected Applicants | 30th-Aug-2018 |
| 5 | 4th Phase admission data Updation in e-Space by colleges | 31st-Aug-2018 (05:00 PM) |

**For more details please contact**
**e-Admission Helpdesk @ (Toll Free) Number 155335, 1800-345-6770**
Sd./-
11001/11/0024/1819 **Joint Secretary to Government**

GOVERNMENT OF ODISHA
**OFFICE OF THE EXECUTIVE ENGINEER**
**KALAHANDI RWS&S DIVISION, BHAWANIPATNA**
e-mail: eerwss_kld@nic.in, eerwsskld@gmail.com, Phone No: 06670-230784
INVITATION OF BID THROUGH e-TENDERING
No.616-O:- Bid Identification No-09/EE/RWSS/2018-19/Bpt Dated. 16.08.2018
01. Name of the work : Annexure - A - Attached.

| Procurement Oficer | Bid identification No | Availability of tener online for bidding on office hour only. From | Availability of tener online for bidding on office hour only. To | Last date for submission of bid security and bid cost in original | Last date and time of seeking tender clarifiatino | Date of opening (technical Bid) | Date of opening financial bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| Executive Engineer, Kalahandi RWS&S Division, Bhawanipatna | 09/EE/ RWSS/2018-19/ Bpt Dated-16.08.2018 | 24.08.2018 | 07.09.2018 | Up to 11.09.2018 at 11.00 A.M. | 05.09.2018 | 11.09.2018 at 11.30 A.M. | 15.09.2018 at 11.30 A.M. |

Cost of tender paper & payment of EMD to be made online payment system.
Further details can be seen from the e-procurement portal http://tenderodisha.gov.in.
25005/11/0017/1819 **Sd./- Executive Engineer, Kalahandi RWS&S Division, Bhawanipatna**

GOVERNMENT OF ODISHA
OFFICE OF THE MUNICIPAL COUNCIL, SUNDARGARH
**SUNDARGARH MUNICIPALITY**
e-mail: sngmunicipality@gmail.com
COMPETITIVE BIDDING THROUGH e-Procurement
Government of Odisha 'e' Procurement Notice
Bid Identification No.

| | | | |
|---|---|---|---|
| 1. | Name of the work. | : | "SUPPLY OF SKID STEER LOADER BOBCAT MACHINE FOR GARBAGE LIFTING, DRAIN CLEANING & ROAD SWEEPING" |
| 2. | Period of Supply | : | One Month |
| 3. | Date & time of availability of bid document in the portal | : | 23.08.2018 at 11.00 A.M. |
| 4. | Last date and time of receipt of bid in the portal | | 01.09.2018 upto 5.00 P.M. |
| 5. | Date of Opening of Bid | : | 04.09.2018 at 11.30 A.M. |
| 6. | Name and address of the Officer Inviting Bid | : | Executive Officer, Sundargarh Municipality, Sundargarh |

Further details can be seen from the e-procurement portal "http://tendersodisha.gov.in.
**Sd./- Executive Officer, Sundargarh Municipality**



# ଶୁଟିଂରେ ସର୍ନୋବତଙ୍କୁ ସ୍ୱର୍ଣ୍ଣ

ପାଲେମବାଙ୍ଗ, ୨୨।୮(ପି.ଟି.)

ମହାରାଷ୍ଟ୍ର କୋହ୍ଲାପୁରର ରାହି ସର୍ନୋବତ ପ୍ରଥମ ଭାରତୀୟ ମହିଳା ଶୁଟର ଭାବେ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ବୁଧବାର ଅନୁଷ୍ଠିତ ୨୫ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ୨୭ ବର୍ଷୀୟ ରାହି ଏହି ସଫଳତା ଅର୍ଜନ କରିଛନ୍ତି। ଫାଇନାଲରେ ଦୁଇଟି ଶୁଟ୍- ଅଫ୍ସରେ ସେ ସ୍ୱର୍ଣ୍ଣ ପଦକ ଜିତିବା ସ୍ପଷ୍ଟ ହୋଇଥିଲା।

କୋହ୍ଲପୁରର ଡେପୁଟି କଲେକ୍ଟର ଭାବେ କାର୍ଯ୍ୟ କରୁଥିବା ରାହି ସଂଘର୍ଷପୂର୍ଣ୍ଣ ଫାଇନାଲରେ ଥାଇଲାଣ୍ଡର ନାଫାସୱାନ ୟାଙ୍ଗପାଇବୁନଙ୍କୁ ପଛରେ ପକାଇ ଶେଷରେ ବାଜି ମାରିଥିଲେ। ୫ ଶଟ୍ ବିଶିଷ୍ଟ ୧୦ଟି ସିରିଜ ଶେଷ ହେବ ପରେ ଉଭୟେ ସମାନ ୩୪ ପଏଣ୍ଟ ପାଇ ସମାନ ସ୍ଥିତିରେ ଥିଲେ। ଯାହା ଫଳରେ ଶୁଟ- ଅଫ୍ର ସହାୟତା ନିଆଯାଇଥିଲା। ପ୍ରଥମ ଶଟ୍- ଅଫ୍ରେ ଉଭୟେ ଟାର୍ଗେଟ୍କୁ ସଫଳ ଭାବେ ଲକ୍ଷ୍ୟ ଭେଦ କରିଥିଲେ। ଏହାପରେ ଅନ୍ୟ ଶଟ୍- ଅଫ୍ରେ ରାହି ୩ଥର ସଫଳତାର ସହ ଶୁଟ୍ କରିଥିଲେ। କିନ୍ତୁ ନାଫାସୱାନ ଦୁଇଥର ଶଟ୍ କରିବାକୁ ସକ୍ଷମ ହୋଇଥିଲେ। ଫଳରେ ଶେଷରେ ରାହି ବାଜି ମାରି ଭାରତ ପାଇଁ ଐତିହାସିକ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଥିଲେ।

ଫାଇନାଲରେ ଅଧିକାଂଶ ସମୟରେ ରହି ଅଗ୍ରଣୀ ରହିଥିଲେ। ପ୍ରଥମ ୧୦ଟି ଶଟ୍ରେ ସେ ସମସ୍ତଙ୍କଠାରୁ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ଏପରିକି ଷଷ୍ଠ ସିରିଜ୍ରେ ସେ ୫ରୁ ୫ ପଏଣ୍ଟ ହାସଲ କରିଥିଲେ।

ଏଥି ସହ ରାହି ଶୁଟିଂରେ ଭାରତ ପାଇଁ ଦ୍ୱିତୀୟ ଖେଳାଳିଭାବେ ସ୍ୱର୍ଣ୍ଣ ଜିତିଛନ୍ତି। ମଙ୍ଗଳବାର ଅନ୍ୟତମ ଭାରତୀୟ ଶୁଟର ୧୬ ବର୍ଷୀୟ ସୌରଭ ଚୌଧୁରୀ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ତେବେ ମୋଟ ଉପରେ ଦେଖିବାକୁ ଗଲେ ରାହି ଷଷ୍ଠ ଭାରତୀୟ ଭାବେ ଏହି କ୍ରୀଡ଼ା ମହାକୁମ୍ଭରେ ଶୁଟିଂରେ ସ୍ୱର୍ଣ୍ଣ ଜିତିଛନ୍ତି। ଏହା ପୂର୍ବରୁ ଚୌଧୁରୀ, ଜସପାଲ ରାଣା, ରନ୍ଧୀର ସିଂ, ଜିତୁ ରାଏ ଓ ରଞ୍ଜନ ସୋଧୀ ଶୁଟିଂରେ ଏସିଆଡ ସ୍ୱର୍ଣ୍ଣ ଜିତିବାକୁ ସକ୍ଷମ ହୋଇଛନ୍ତି। ଫାଇନାଲରେ ରାହି ୩୪ ସ୍କୋର କରିଥିଲେ ଓ ଏହା ଏସିଆନ୍ ଗେମ୍ସରେ ଯୁଗ୍ମ ରେକର୍ଡ ସାବ୍ୟସ୍ତ ହୋଇଛି।

ତେବେ ୧୬ ବର୍ଷୀୟା ପ୍ରତିଭା ସମ୍ପନ୍ନ ମନୁ ଭାକର ଚାପର ସମ୍ମୁଖୀନ ହୋଇ ନ ପାରି ଫାଇନାଲ୍ସରେ ଷଷ୍ଠ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ଯୋଗ୍ୟତା ପର୍ଯ୍ୟାୟରେ ମନୁ ୫୯୩ ଶଟ କରି ଏସିଆଡ ରେକର୍ଡ ସମକକ୍ଷ ହେବା ସହ ଫାଇନାଲ୍ସକୁ ଉଠିଥିଲେ। ଅପରପକ୍ଷରେ ଯୋଗ୍ୟତାପର୍ଯ୍ୟାୟରେ ରହି ୫୮୦ ସ୍କୋର କରି ସପ୍ତମ ସ୍ଥାନରେ ରହିବା ସହ ଫାଇନାଲକୁ ଉଠିଥିଲେ।

ପୂର୍ବରୁ ରାହି ପ୍ରଥମ ଭାରତୀୟ ପିସ୍ତଲ ଶୁଟର ଭାବେ ୨୦୧୩ରେ ବିଶ୍ୱକପ୍ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିବାର ପରେ ରାହି କୌଣସି ମେଜର ମେଡାଲ ହାସଲ କରି ନ ଥିଲେ। ଏଲ୍ବୋ ଇଞ୍ଜୁରି କାରଣରୁ ସେ ପାଖାପାଖି ଦୁଇ ବର୍ଷ ଶୁଟିଂରୁ ଦୂରେଇ ରହିଥିଲେ। ଟେକ୍ନିକ୍ରେ ସୁଧାର ଆଣିବା ପାଇଁ ରାହି ଦୁଇଥର ବିଶ୍ୱ ଚାମ୍ପିୟନ ଓ ଅଲିମ୍ପିକ୍ ମେଡାଲିଷ୍ଟ ଜର୍ମାନୀର ମୁଙ୍ଖବାୟାର ଡୋର୍ଜସୁରେନଙ୍କଠାରୁ ପ୍ରଶିକ୍ଷଣ ନେଇଥିଲେ। ରାହି ମଧ୍ୟ ପୂର୍ବରୁ ୨୦୧୦ ଦିଲ୍ଲୀ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେ ଦିଲ୍ଲୀ ଏସିଆଡରେ ୨୫ ମିଟର ପିସ୍ତଲ ପେୟାର୍ସ ଓ ୨୫ ମିଟର ପିସ୍ତଲରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ୨୦୧୪ ଇଞ୍ଚିଅନ୍ ଏସିଆନ ଗେମ୍ସରେ ମଧ୍ୟ ସେ ୨୫ ମିଟର ପିସ୍ତଲ ପେୟାର୍ସ ଇଭେଣ୍ଟରେ ବ୍ରୋଞ୍ଜ୍ ଜିତିଥିଲେ।

ଅନ୍ୟପଟେ ଫାଇନାଲ୍ସରେ ବିଫଳ ହୋଇଥିବା ଭାକର ଏବେ କେବଳ ଗୋଟିଏ ଇଭେଣ୍ଟରେ ଅଂଶଗ୍ରହଣ କରିବେ। ସେ ତାଙ୍କ ଫେଭରାଇଟ୍ ୧୦ ମିଟର ପିସ୍ତଲ ଇଭେଣ୍ଟରେ ପଦକ ଜିତିବା ଆଶା କରାଯାଉଛି। ମହିଳା ରାଇଫଲ ୩ ପୋଜିଶନ ଇଭେଣ୍ଟରେ ଭାରତର ଅଞ୍ଜୁମ୍ ମୋଡଗିଲ ଓ ଗାୟତ୍ରୀ ନିତ୍ୟନନ୍ଦମ ଫାଇନାଲ ପାଇଁ କ୍ୱାଲିଫାଏ କରିବାରେ ବିଫଳ ହୋଇଛନ୍ତି।



୨୫ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିବା ରାହି ସର୍ନୋବତ୍ ।

## ସଂକ୍ଷେପରେ

### ଉଶୁରେ ଭାରତକୁ ୪ ପଦକ

**ଜାକର୍ତ୍ତା,୨୨।୮(ପି.ଟି.):** ଏସିଆନ୍ ଗେମ୍ସରେ ଭାରତ ଉଶୁରେ ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ କରି ୪ଟି ପଦକ ହାସଲ କରିଛି। ଭାରତର ୪ଜଣ ଖେଳାଳି ସେମିଫାଇନାଲରେ ପ୍ରବେଶ କରି ପରାସ୍ତ ହୋଇଥିଲେ ମଧ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ନାଓରେମ ରୋଶିବିନି ଦେବୀ, ସନ୍ତୋଷ କୁମାର, ସୂର୍ଯ୍ୟ ଭାନୁ ପ୍ରତାପ ସିଂ ଓ ନରେନ୍ଦର ଗ୍ରିୱାଲ ସାଣ୍ଡା ଇଭେଣ୍ଟ ସେମିଫାଇନାଲ ବାଉଟ୍ରେ ପରାସ୍ତ ହୋଇ ବ୍ରୋଞ୍ଜରେ ସନ୍ତୁଷ୍ଟ ହୋଇଛନ୍ତି। ଏହାପୂର୍ବରୁ ଭାରତ ୨୦୦୬, ୨୦୧୦ ଓ ୨୦୧୪ ଏସିଆନ ଗେମ୍ସରେ ଅଂଶଗ୍ରହଣ କରିଥିଲେ ମଧ ୪ଟି ପଦକ ହାସଲ କରି ନ ଥିଲା। ୨୦୧୪ ଇଞ୍ଚିଅନ ଏସିଆନ ଗେମ୍ସରେ ଭାରତ ଦୁଇଟି ବ୍ରୋଞ୍ଜ୍ ଜିତିଥିଲା। ସେତେବେଳେ ଗ୍ରିୱାଲ ପୁରୁଷ ସାଣ୍ଡା ୬୦ କେ.ଜି.ରେ ବ୍ରୋଞ୍ଜ୍ ଜିତିଥିଲେ। ଏଥିସହ ଗ୍ରିୱାଲ ଏସିଆନ ଗେମ୍ସରେ ତାଙ୍କର ଦ୍ୱିତୀୟ ପଦକ ହାସଲ କରିଛନ୍ତି। ୨୦୦୬ ଓ ୨୦୧୦ ଏସିଆନ ଗେମ୍ସରେ ଭାରତ ଯଥାକ୍ରମେ ଗୋଟିଏ ବ୍ରୋଞ୍ଜ୍ ଓ ଦୁଇଟି ପଦକ (ଗୋଟିଏ ରୌପ୍ୟ, ଗୋଟିଏ ବ୍ରୋଞ୍ଜ୍) ଜିତିଥିଲା। ରୋଶିବିନି ଦେବୀ ମହିଳା ସାଣ୍ଡା ୬୦ କେ.ଜି ସେମିଫାଇନାଲ୍ସରେ ଚାଇନାର କାଇ ୟିଙ୍ଗ୍ୟିଙ୍ଗ୍ଙ୍କଠାରୁ ୦-୧ରେ ପରାସ୍ତ ହୋଇଥିଲେ। ସେହିପରି ସନ୍ତୋଷ କୁମାର ପୁରୁଷ ସାଣ୍ଡା ୫୯ କେ.ଜି. ବର୍ଗରେ ଭିଏତନାମର ଟ୍ରୁଙ୍ଗ୍ ଜିଆଙ୍ଗ୍ ବୁଇଙ୍କଠାରୁ ୦-୨ରେ ସେମିଫାଇନାଲ ବାଉଟ୍ରେ ହାରିଥିଲେ। ଏହାପରେ ପର୍ଦ୍ଦୀପ ସିଂ ପୁରୁଷ ସାଣ୍ଡା ୬୦ କେ.ଜି.ରେ ଓ ଗ୍ରିୱାଲ ୬୫ କେ.ଜି. ବର୍ଗରେ ସେମିଫାଇନାଲ ବାଉଟ୍ ହାରିଥିଲେ। ପର୍ଦ୍ଦୀପ ଇର୍ଫାନ ଆହାଙ୍ଗାରିଆନଙ୍କଠାରୁ ୦-୨ ଓ ଗ୍ରିୱାଲ ଉଜବେକିସ୍ତାନର ଆକମଲ ରାଖିମୋଭଙ୍କଠାରୁ ସମାନ ବ୍ୟବଧାନରେ ପରାସ୍ତ ହୋଇଥିଲେ।

### ଜିମ୍ନାଷ୍ଟିକ୍: ଟିମ୍ ଇଭେଣ୍ଟରେ ଭାରତ ସପ୍ତମ

**ଜାକର୍ତ୍ତା,୨୨।୮(ପି.ଟି.):** ଏସିଆନ ଗେମ୍ସ ଜିମ୍ନାଷ୍ଟିକ ପ୍ରତିଯୋଗିତାରେ ଭାରତ ନୈରାଶ୍ୟଜନକ ପ୍ରଦର୍ଶନ କରିଛି। ବୁଧବାର ଏସିଆନ୍ ଗେମ୍ସ ଟିମ୍ ଇଭେଣ୍ଟ ଫାଇନାଲରେ ଭାରତୀୟ ମହିଳା ଦଳ ସପ୍ତମ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଦୀପା କର୍ମକାରଙ୍କ ଅନୁପସ୍ଥିତିରେ ଭାରତୀୟ ଦଳ ପ୍ରଭାବହୀନ ପ୍ରଦର୍ଶନ କରିଥିଲା। ଆଣ୍ଠୁରେ ଆଘାତ ସମସ୍ୟା କାରଣରୁ ଦୀପା ଟିମ ଇଭେଣ୍ଟ ଫାଇନାଲରୁ ଓହରିବାକୁ ବାଧ ହୋଇଥିଲେ ଓ ଏହାର ପ୍ରଭାବ ପ୍ରଦର୍ଶନରେ ପଡିଥିଲା। ଫାଇନାଲରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଭାରତ ୧୩୮.୦୫୦ ସ୍କୋର କରି ଆୟୋଜକ ଇଣ୍ଡୋନେସିଆ ଉପରକୁ ରହି ସପ୍ତମ ସ୍ଥାନରେ ରହିଥିଲା। ପ୍ରତ୍ୟେକ ଦଳରେ ୩ଜଣ ଜିମ୍ନାଷ୍ଟ ସାମିଲ ଥିଲେ ଓ ୪ଟି ଆପାରଟସ୍ ଯଥା ଭଲ୍ଟ, ଅନଇଭିନ୍ ବାର୍ସ, ବାଲାନ୍ସ ବିମ ଓ ଫ୍ଲୋର୍ସରେ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥାନ୍ତି। ଭାରତ ପାଇଁ ଅରୁଣା ବୁଦ୍ଧା ରେଡ୍ଡୀ ଓ ପ୍ରଣତି ଦାସ ୪ଟି ଯାକ ଆପାରଟସ୍ରେ ଅଂଶଗ୍ରହଣ କରିଥିବାବେଳେ ପ୍ରଣତି ନାୟକ ୩ଟି ରେ ଭାଗ ନେଇଥିଲେ। ମନ୍ଦିରା ଚୌଧୁରୀ ବାଲାନ୍ସ ବିମ୍ରେ ଅଂଶଗ୍ରହଣ କରିଥିଲେ। ଗୁରୁବାର ପ୍ରଣତି ନାୟକ ଓ ଅରୁଣା ବୁଦ୍ଧା ଭଲ୍ଟ ବ୍ୟକ୍ତିଗତ ଫାଇନାଲରେ ଅବତୀର୍ଣ୍ଣ ହେବେ। ସେହିପରି ଦୀପା ୨୪ ତାରିଖରେ ବାଲାନ୍ସ ବିମ୍ ବ୍ୟକ୍ତିଗତ ଫାଇନାଲରେ ଅଂଶଗ୍ରହଣ କରିବା ଆଶା କରାଯାଉଛି। ଦୀପା ପୂର୍ବରୁ ପେଟ୍ ଭଲ୍ଟ ଇଭେଣ୍ଟ ଫାଇନାଲରେ କ୍ୱାଲିଫାଏ କରିବାରେ ବିଫଳ ହୋଇଥିଲେ।

### ପୁରୁଷ ଭଲିବଲ: କାତାରଠାରୁ ହାରିଲା ଭାରତ

ଜାକର୍ତ୍ତା, ୨୨।୮(ପି.ଟି.): ଏସିଆନ୍ ଗେମ୍ସ ପୁରୁଷ ଭଲିବଲ ପ୍ରତିଯୋଗିତାରେ ଭାରତ କାତାରଠାରୁ ପରାସ୍ତ ହୋଇଛି। ବୁଧବାର ଅନୁଷ୍ଠିତ ପୁଲ ଏଫ୍' ମ୍ୟାଚରେ ଭାରତ ୧୫- ୨୫, ୨୦- ୨୫, ୨୦- ୨୫ରେ କାତାରଠାରୁ ମାତ୍ର ୭୭ ମିନିଟରେ ହାରିଛି। ତେବେ ଏହାପୂର୍ବରୁ ପ୍ରଥମ ପୁଲ ମ୍ୟାଚରେ ହଂକଂ ଚାଇନାକୁ ୩-୦ (୨୭- ୨୫, ୨୫- ୨୨, ୨୫- ୧୯)ରେ ହରାଇଥିଲା। ଭାରତ ତା'ର ପରବର୍ତ୍ତୀ ତଥା ଅନ୍ତିମ ପୁଲ ମ୍ୟାଚ୍ରେ ମାଲଦ୍ୱୀପକୁ ଭେଟିବ।

## ରେସଲିଂ: ଭାରତ ୩ ପଦକରେ ସନ୍ତୁଷ୍ଟ

ଜାକର୍ତ୍ତା, ୨୨।୮(ପି.ଟି.)

ଏସିଆନ୍ ଗେମ୍ସ ରେସଲିଂ ଇଭେଣ୍ଟରେ ଭାରତ ଅନ୍ତିମ ଦିବସରେ ନୈରାଶ୍ୟଜନକ ପ୍ରଦର୍ଶନ କରିଛି ଓ ଗୋଟିଏ ହେଲେ ବି ପଦକ ହାସଲ କରିପାରି ନାହିଁ। ଫ୍ରିଷ୍ଟାଇଲ ପ୍ରତିଯୋଗିତାରେ ଭାରତ ଦୁଇଟି ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ୍ ପଦକ ପାଇଥିଲା। ତେବେ ଏହା ପରେ ଭାରତୀୟ ଖେଳାଳିମାନେ ପଦକ ହାସଲ କରିବାରେ ବିଫଳ ହୋଇଛନ୍ତି। ବୁଧବାର ଗ୍ରିକୋ-ରୋମାନ ଗ୍ରାପଲର ହାରପ୍ରୀତ୍ ସିଂ ବ୍ରୋଞ୍ଜ୍ ପଦକ ବାଉଟ୍ରେ ପରାସ୍ତ ହୋଇଛନ୍ତି।

୮୭ କେ.ଜି. ବର୍ଗରେ ହରପ୍ରୀତ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଥିଲେ। ତେବେ ସେ କାଜାଖସ୍ତାନର ଅଜମାଟ କୁସ୍ତୁବାୟେଭଙ୍କଠାରୁ ୩-୬ରେ ପରାସ୍ତ ହୋଇ ବ୍ରୋଞ୍ଜ୍ ପଦକ ହାସଲରୁ ବଞ୍ଚିତ ହୋଇଛନ୍ତି। ଏହା ପୂର୍ବରୁ ନବୀନ ୧୩୦ କେ.ଜି. ଓ ହରଦୀପ ୯୭ କେ.ଜି.ରେ ପଦକ ରାଉଣ୍ଡକୁ ଉଠିବାରେ ବିଫଳ ହୋଇଥିଲେ। ଗତ ସଂସ୍କରଣରେ ଭାରତ ରେସଲିଂରେ ଗୋଟିଏ ସ୍ୱର୍ଣ୍ଣ ଜିତିଥିଲା। କିନ୍ତୁ ଏଥର ଭାରତ ୨ଟି ସ୍ୱର୍ଣ୍ଣ ଜିତିଛି। ପୂର୍ବରୁ ବଜରଙ୍ଗ ପୁନିଆ ଓ ମହିଳା ରେସଲର ଭିନେଶ ଫୋଗତ ସେମାନଙ୍କ ବିଭାଗରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିପରି ଦିବ୍ୟା କକ୍ରାନ ୬୮ କେ.ଜି. ବର୍ଗରେ ମଙ୍ଗଳବାର ବ୍ରୋଞ୍ଜ୍ ଜିତିଥିଲେ।

## ବୋପାନ୍ନା- ଶରନ, ଅଙ୍କିତା ପଦକ ନିଶ୍ଚିତ କଲେ

ପାଲେମବାଙ୍ଗ,୨୨।୮(ପି.ଟି.)

ଟେନିସ୍ରେ ଭାରତକୁ ଅତିକମ୍ରେ ଦୁଇଟି ପଦକ ମିଳିବା ନିଶ୍ଚିତ ହୋଇଛି। ଅଙ୍କିତା ରାଇନା ଓ ଟପ୍ ସିଡ୍ ମାନ୍ୟତା ପାଇଥିବା ପୁରୁଷ ଡବଲ୍ସ ଯୋଡି ରୋହନ୍ ବୋପାନ୍ନା ଓ ଦିଭିଜ ଶରଣ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଫଳରେ ଭାରତକୁ ଅତିକମ୍ରେ ଦୁଇଟି ବ୍ରୋଞ୍ଜ୍ ମିଳିବା ପକ୍କା ହୋଇଛି।

ବିଶ୍ୱର ୧୮୯ ନମ୍ବର ମହିଳା ଖେଳାଳି ଅଙ୍କିତା ମହିଳା ସିଙ୍ଗଲ୍ସ ଇଭେଣ୍ଟରେ ତାଙ୍କଠାରୁ ୪୦୦ଟି ସ୍ଥାନ ତଳେ ଥିବା ହଂକଂର ଇୟୁଡାଇସ୍ ଚୋଙ୍ଗଙ୍କୁ ୬-୪,୬-୧ ସେଟରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସବୁ ୫ଟି ଯାକ ଇଭେଣ୍ଟରେ ସେମିଫାଇନାଲରେ ପରାସ୍ତ ହେବାକୁ ଥିବା ଖେଳାଳିଙ୍କୁ ବ୍ରୋଞ୍ଜ ପଦକ ପ୍ରଦାନ କରାଯାଇଥାଏ। ଏହାପୂର୍ବରୁ ଭାରତର ସାନିଆ ମିର୍ଜା ୨୦୦୬ ଓ ୨୦୧୦ ଏସିଆନ ଗେମ୍ସରେ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ୍ ଜିତିଥିଲେ।

ପୁରୁଷ ଡବଲ୍ସରେ ଅଭିଜ୍ଞ ଭାରତୀୟ ଯୋଡି ବୋପାନ୍ନା ଓ ଶରଣ ବୁଧବାର କ୍ୱାର୍ଟର ଫାଇନାଲରେ ଚାଇନିଜ ତାଇପେ ଯୋଡି ସିଏ ଚେଙ୍ଗପେଙ୍ଗ୍ ଓ ୟାଙ୍ଗ୍ ସୁଙ୍ଗ ହୁଆଙ୍କୁ ୬-୩,୫-୭,୧୦-୧ ସେଟରେ ହରାଇ ସେମିକୁ ଉଠିଛନ୍ତି। ସେମିରେ ଏହି ଭାରତୀୟ ଯୋଡି ଜାପାନର କେ. ଉଇସୁଗି ଓ ଏସ. ଶିମାବୁକୁରୋଙ୍କୁ ଭେଟିବେ।



କ୍ୱାର୍ଟର ଫାଇନାଲ ମ୍ୟାଚ ଅବସରରେ ରୋହନ୍ ବୋପନ୍ନା ଓ ଦିଭିଜ ଶରନ ।

## ଟାଏକୋଣ୍ଡୋ: ପ୍ରି- କ୍ୱାର୍ଟରରେ ହାରିଲେ ମାନ୍

ଜାକର୍ତ୍ତା, ୨୨।୮(ପି.ଟି.)

ଏସିଆନ ଗେମ୍ସ ଟାଏକୋଣ୍ଡୋରେ ଭାରତୀୟ ଅଭିଯାନ ଶେଷ ହୋଇଛି। ୮୦ କେ.ଜି. ଟାଏକୋଣ୍ଡୋ ଇଭେଣ୍ଟର ପ୍ରି- କ୍ୱାର୍ଟର ଫାଇନାଲ ମ୍ୟାଚ୍ରେ ଭାରତର ନଭଜିତ୍ ମାନ୍ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ୨୪ ବର୍ଷୀୟ ମାନ ଚାଇନାର ଲିଙ୍ଗଲଙ୍ଗ ଚେନ୍ଙ୍କଠାରୁ ୬-୨୦ରେ ପରାସ୍ତ ହୋଇଛନ୍ତି। ପ୍ରଥମ ରାଉଣ୍ଡରେ ମାନ ୦-୬ରେ ପଛରେ ପଡିଥିଲେ। ତେବେ ଦ୍ୱିତୀୟ ରାଉଣ୍ଡରେ ମାନ ଖାତା ଖୋଲିଥିଲେ। ଏହା ପରେ ଚେନ୍ ଦୃଢ ପ୍ରତ୍ୟାବର୍ତ୍ତନ କରି ୮ ପଏଣ୍ଟ ସ୍କୋର କରି ୧୫- ୫ରେ ଓଭରଅଲ ଲିଡ୍ ନେଇଥିଲେ। ଏହା ପରେ ତୃତୀୟ ରାଉଣ୍ଡରେ ମାନ୍ ୫-୧ରେ ବିଜୟୀ ହୋଇଥିଲେ। ମାନ ପୂର୍ବରୁ ପ୍ରଥମ ମ୍ୟାଚରେ ଲାଓସ୍ର ସୋମସାନୌକ ଫୋମ୍ମାଭାନ୍ହଙ୍କୁ ୩୨- ୧୮ରେ ହରାଇ ପ୍ରି- କ୍ୱାର୍ଟରକୁ ଉଠିଥିଲେ।

## ୩ ରୋଇଂ ଇଭେଣ୍ଟ ଫାଇନାଲରେ ଭାରତୀୟ

ପାଲେମବାଙ୍ଗ, ୨୨।୮(ପି.ଟି.)

ଏସିଆନ ଗେମ୍ସରେ ଭାରତୀୟ ରୋୟରମାନେ ବେଶ୍ ଦମ୍ଦାର ପ୍ରଦର୍ଶନ କରି ୩ଟି ଇଭେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ବୁଧବାର ରୋହିତ କୁମାର ଓ ଭଗୱାନ ସିଂ ପୁରୁଷ ଲାଇଟ୍ୱେଟ୍ ଡବଲ ସ୍କଲ୍ସ ରିପ୍ଚେଜ୍ ରାଉଣ୍ଡରେ ୭:୧୪.୨୩ ସେକେଣ୍ଡ ସମୟ ନେଇ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ଶୁକ୍ରବାର ଫାଇନାଲ ଖେଳାଯିବ। ସେହିପରି ମହିଳା ଫୋର ରିପିଚେଜ୍ ରାଉଣ୍ଡରେ ସଞ୍ଜିତା ଡଙ୍ଗ ଡଙ୍ଗ, ଅନ୍ନୁ,ନଭନୀତ କୌର ଓ ୟାମିନି ସିଂଙ୍କୁ ନେଇ ଗଠିତ ଭାରତୀୟ ଦଳ ୭: ୫୩.୨୯ ସେକେଣ୍ଡ ସମୟ ନେଇ ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ତେବେ ଏହା ସତ୍ତ୍ୱେ ଏହି ଭାରତୀୟ ଦଳ ଶୁକ୍ରବାର ଖେଳାଯିବାକୁ ଥିବା ଫାଇନାଲ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ସେହିପରି ପୁରୁଷ ଲାଇଟ୍ୱେଟ ୮ ଟିମ୍ ଶେଷରେ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଥିଲେ। ଏଥିରେ ମଧ୍ୟ ଭାରତୀୟ ଦଳ ୬:୧୫.୬୨ ସେକେଣ୍ଡ ସମୟ ନେଇ ଫାଇନାଲକୁ ଉଠିଛନ୍ତି। ଏହାର ଫାଇନାଲ ମୁକାବିଲା ମଧ୍ୟ ଶୁକ୍ରବାର ଆୟୋଜନ ହେବ। ମଙ୍ଗଳବାର ଦତ୍ତୁ ବାବନ ଭୋକାନାଲ ପୁରୁଷ ସିଙ୍ଗଲ ସ୍କଲ୍ସ ଫାଇନାଲ ରାଉଣ୍ଡ ପାଇଁ ଯୋଗ୍ୟତା ହାସଲ କରିଥିଲେ। ସେହିପରି ପୁରୁଷ ଲାଇଟ୍ୱେଟ୍ ଫୋର ଟିମ୍ ମଧ ଟାଇଟଲ ରେସ୍କୁ ଉତୀର୍ଣ୍ଣ ହୋଇଥଲା। ମହିଳା ପେୟାର ଇଭେଣ୍ଟରେ ସଞ୍ଜୁକ୍ତା ଡଙ୍ଗ ଡଙ୍ଗ୍ ମଧ ଫାଇନାଲ ରାଉଣ୍ଡକୁ କ୍ୱାଲିଫାଏ କରିଥିଲେ।

## ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୩୮ | ୩୦ | ୧୫ | ୮୩ |
| ଜାପାନ | ୨୦ | ୨୩ | ୨୫ | ୬୮ |
| କୋରିଆ | ୧୧ | ୧୫ | ୨୩ | ୪୯ |
| ଇରାନ | ୭ | ୩ | ୬ | ୧୬ |
| ଇଣ୍ଡୋନେସିଆ | ୬ | ୪ | ୭ | ୧୭ |
| ଉତ୍ତର କୋରିଆ | ୫ | ୨ | ୩ | ୧୦ |
| ଭାରତ | ୪ | ୩ | ୮ | ୧୫ |
| ଥାଇଲାଣ୍ଡ | ୪ | ୨ | ୧୦ | ୧୬ |
| ଉଜବେକିସ୍ତାନ | ୩ | ୫ | ୬ | ୧୪ |
| ଚାଇନିଜ୍ ତାଇପେ | ୩ | ୩ | ୮ | ୧୪ |

## ଗୁରୁବାର ଭାରତର କାର୍ଯ୍ୟସୂଚୀ

**ଆର୍ଚେରୀ:** ପୁରୁଷ ବ୍ୟକ୍ତିଗତ ରିକର୍ଭ ଓ ମହିଳା ବ୍ୟକ୍ତିଗତ ରିକର୍ଭ(ସକାଳ ୮ଟା ୩୦)।
**ଜିମ୍ନାଷ୍ଟ:** ମହିଳା ଭଲ୍ଟ ଇଭେଣ୍ଟ, ଅପରାହ୍ନ ୩ଟା।
**ବ୍ୟାଡ୍ମିଣ୍ଟନ:** ମହିଳା ସିଙ୍ଗଲ୍ସ, ମହିଳା ଡବଲ୍ସ, ମିକ୍ସଡ ଡବଲ୍ସ, ପୁରୁଷ ଡବଲ୍ସ (୧୦ଟା ୩୦ରୁ ଆରମ୍ଭ)।
**ବାସ୍କେଟବଲ:** ମହିଳା ୫ ଗୁଣା ୫, ଭାରତ ବନାମ ଇଣ୍ଡୋନେସିଆ(ସନ୍ଧ୍ୟା ୫ଟା)।
**କାନୋଇଂ/କାୟାକିଂ ସ୍ଲାଲୋମ:** ମହିଳା ସିଙ୍ଗଲ୍ସ ସେମିଫାଇନାଲ (ସକାଳ ୮ଟା)।
**ଗଲ୍ଫ:** ପୁରୁଷ ବ୍ୟକ୍ତିଗତ, ମହିଳା ବ୍ୟକ୍ତିଗତ (ଭୋର ୪ଟା ୩୦)।
**ରୋଇଂ:** ପୁରୁଷ ସିଙ୍ଗଲ୍ସ ସ୍କଲ୍ସ ଫାଇନାଲ, ପୁରୁଷ ଡବଲ୍ସ ସ୍କଲ୍ସ ଫାଇନାଲ, ମହିଳା ପେୟାର ଫାଇନାଲ୍, ମହିଳା ଡବଲ୍ସ ସ୍କଲ୍ସ ଫାଇନାଲ, ପୁରୁଷ ପେୟାର ଫାଇନାଲ, ପୁରୁଷ ଲାଇଟ୍ୱେଟ୍ ଫୋର୍ ଫାଇନାଲ (ସକାଳ ୭ଟା ୩୦ରୁ)।
**ଶୁଟିଂ:** ପୁରୁଷ ଡବଲ୍ସ ଟ୍ରାପ୍ ଯୋଗ୍ୟତା ପର୍ଯ୍ୟାୟ, ମହିଳା ଡବଲ୍ସ ଟ୍ରାପ୍ ଫାଇନାଲ୍ସ (ସକାଳ ୯ଟା ୧୫ରୁ)।
**ସ୍କ୍ୱାଶ:** ପୁରୁଷ ସିଙ୍ଗଲ୍ସ ରାଉଣ୍ଡ-୩୨, ମହିଳା ସିଙ୍ଗଲ୍ସ ରାଉଣ୍ଡ-୧୬ (ସକାଳ ୮ଟା ୩୦ରୁ)।
**ସୁଇମିଂ:** ପୁରୁଷ ୫୦ ମି. ବଟରଫ୍ଲାଏ ହିଟ୍ସ (ସକାଳ ୭ଟା ୩୦), ପୁରୁଷ ୧୦୦ମି. ଫ୍ରିଷ୍ଟାଇଲ ହିଟ୍ସ (ସକାଳ ୭ଟା ୫୦), ପୁରୁଷ ୨୦୦ମି. ବ୍ୟାକଷ୍ଟୋକ୍ ହିଟ୍ସ (ସକାଳ ୮ଟା)।
**ଟେନିସ:** ମହିଳା ସିଙ୍ଗଲ୍ସ ସେମିଫାଇନାଲ, ମିକ୍ସଡ ଡବଲ୍ସ କ୍ୱାର୍ଟର ଫାଇନାଲ, ପୁରୁଷ ଡବଲ୍ସ ସେମିଫାଇନାଲ, ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ (ସକାଳ ୮ଟା ୩୦ରୁ)।
**ଭଲିବଲ:** ଭାରତ ବନାମ କାଜାକସ୍ତାନ, ମହିଳା ପୁଲ-ବି ମ୍ୟାଚ୍ (ସକାଳ ୮ଟା ୩୦)।
**ଭାରୋତ୍ତୋଳନ:** ପୁରୁଷ ୭୭ କିଗ୍ରା (ସକାଳ ୯ଟା ୩୦ରୁ)।




ବୁଧବାର: ପୋଡ଼ିୟମରେ ପଦକ ହାସଲ ଅବସରରେ ଭାରତୀୟ ସିପକ୍‌ଟାକ୍ର ଦଳ ।



“ ଇଂଲଣ୍ଡ ପରିବେଶରେ କିପରି ଖେଳିବାକୁ ହୁଏ ବିରାଟ କୋହଲି ତା’ର ଉପାୟ ପାଇ ଯାଇଛନ୍ତି। ତାଙ୍କୁ ରୋକିବାକୁ ଆମ ବୋଲରମାନେ ବାଟ ବାହାର କରିପାରିବେ।

–ଜୋ ରୁଟ୍, ଇଂଲଣ୍ଡ ଅଧିନାୟକ



“ ଇଂଲଣ୍ଡ ବିପକ୍ଷ ଟେଷ୍ଟ ବିଜୟକୁ ଆମେ କେରଳ ବନ୍ୟା ପ୍ରପୀଡ଼ିତ ଲୋକଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରୁଛୁ ।

–ବିରାଟ କୋହଲି, ଟିମ୍ ଇଣ୍ଡିଆ ଅଧିନାୟକ

## ସଂକ୍ଷେପରେ

### ଜାତୀୟ ସିନିୟର ଆକ୍ୱାଟିକ୍ସ

## ଓଡ଼ିଶାରୁ ଭାଗନେବେ ୫ ପ୍ରତିଯୋଗୀ

ଭୁବନେଶ୍ୱର, ୨୨।୮(କ୍ରୀଡ଼ା ପ୍ରତିନିଧି): ତ୍ରିଭେନ୍ଦ୍ରମର ପିରାପାନ୍‌କୋଡେସ୍ଥିତ ଡ.ବି.ଆର. ଆମ୍ବେଦକର ଇଣ୍ଟରନ୍ୟାଶନାଲ ଆକ୍ୱାଟିକ୍ କମ୍ପ୍ଲେକ୍ସରେ ୭୨ତମ ଗ୍ଲେନ୍‌ମାର୍କ ଜାତୀୟ ସିନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍ ସେପ୍ଟେମ୍ବର ୧୯ରୁ ୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କେରଳ ଆକ୍ୱାଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଯାଉଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୩ ମହିଳାଙ୍କ ସମେତ ମୋଟ ୫ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏଥିରେ ଭାଗ ନେବାକୁ ଯାଉଥିବା ମହିଳା ପ୍ରତିଯୋଗୀମାନେ ହେଲେ ଭୁବନେଶ୍ୱରର ପ୍ରତ୍ୟାଶା ରୟ, ସୋନିଆ ପଟେଲ ଓ ତୁଳସୀ କିଶାନ। ପୁରୁଷ ବିଭାଗରେ ସମ୍ବଲପୁର କ୍ରୀଡ଼ା ଛାତ୍ରାବାସର ବିକାଶ ହରିପାଲ ଓ ଭୁବନେଶ୍ୱରର ଯଦୁ ବିଡେକ ଅଂଶଗ୍ରହଣ କରିବେ। ଗତ ମେ’ରେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ସୁଇମିଂ ପୁଲ୍ କମ୍ପ୍ଲେକ୍ସରେ ଅନୁଷ୍ଠିତ ରାଜ୍ୟ ସନ୍ତରଣ ପ୍ରତିଯୋଗିତାରେ ପ୍ରଦର୍ଶନ ଭିତ୍ତିରେ ପ୍ରତିଯୋଗୀଙ୍କୁ ଜାତୀୟ ପ୍ରତିଯୋଗିତା ପାଇଁ ମନୋନୀତ କରାଯାଇଛି। ଭୁବନେଶ୍ୱର ସନ୍ତରଣକାରୀମାନେ କୋଚ୍ ସୁରେନ୍ଦ୍ର ନାଏକ ଓ ସମ୍ବଲପୁର ସନ୍ତରଣକାରୀମାନେ ଆଶୁତୋଷ ନାଏକଙ୍କଠାରୁ ପ୍ରଶିକ୍ଷଣପ୍ରାପ୍ତ। ଏନଆଇଏସ ସନ୍ତରଣ କୋଚ୍ ତଥା ଓଡ଼ିଶା ରାଜ୍ୟ ସୁଇମିଂ ଆସୋସିଏଶନ ସାଧାରଣ ସମ୍ପାଦକ ଦିଲାୱର ହୋସେନ, ଜୟ କ୍ରିଷ୍ଣ ପଟେଲ ଓ ଗଙ୍ଗାଧର ଓରାମଙ୍କୁ ନେଇ ଗଠିତ ଚୟନ କମିଟି ଓଡ଼ିଶା ଖେଳାଳିଙ୍କୁ ମନୋନୀତ କରିଥିଲେ।

## ବିଶ୍ୱ ଯୁଥ୍ ବକ୍ସିଂ ୨ୟ ରାଉଣ୍ଡରେ ଦୁଇ ଭାରତୀୟ

ବୁଦାପେଷ୍ଟ, ୨୨।୮(ପି.ଟି.): ଏସିଆନ ବ୍ରୋଞ୍ଜ ପଦକ ବିଜୟୀ ଭବେଶ କାଟ୍ଟିମାନି (୫୨ କିଗ୍ରା) ଏଠାରେ ଚାଲିଥିବା ବିଶ୍ୱ ଯୁଥ୍ ବକ୍ସିଂ ଚାମ୍ପିୟନଶିପ୍‌ର ୨ୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପ୍ରଥମ ରାଉଣ୍ଡରେ ଭବେଶ ୟୁକ୍ରେନର ୟୁରି ଡୋମିଉକଙ୍କୁ ୫-୦ରେ ପରାସ୍ତ କରିଥିଲେ। ପରବର୍ତ୍ତୀ ରାଉଣ୍ଡରେ ଭବେଶଙ୍କ ମୁକାବିଲା ଇରାନର ମୋବିନ ଅଲାଇଙ୍କ ସହ ହେବ। ସେହିଭଳି ମହିଳା ୬୯ କିଗ୍ରା ବର୍ଗରେ ଥାଇଲାଣ୍ଡର ବୈଶନ ମାନିକନ ଅନୁପସ୍ଥିତ ରହିବାରୁ ଲଳିତାଙ୍କୁ ୱାକଓଭର ମିଳିଛି। ପୂର୍ବରୁ ଭାରତର ଦୁଇ ମହିଳା ବକ୍ସର ସାକ୍ଷୀ ଗୈଧାନି (୮୧ କିଗ୍ରା) ଓ ନେହା ଯାଦବ (+୮୧ କିଗ୍ରା) ବିନା କୌଣସି ଲଢ଼େଇରେ ସେମିଫାଇନାଲରେ ପ୍ରବେଶ କରିବା ସହିତ ଦେଶ ପାଇଁ ପଦକ ନିଶ୍ଚିତ କରିଛନ୍ତି।

## ଗ୍ରାଣ୍ଟ ଇଲିଅଟଙ୍କ ଅବସର



**ଅକ୍‌ଲାଣ୍ଡ,୨୨।୮:** ନ୍ୟୁଜିଲାଣ୍ଡ ଦଳ ଲାଗି ୨୦୧୫ ବିଶ୍ୱକପ୍‌ରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଗ୍ରାଣ୍ଟ ଇଲିଅଟ କ୍ରିକେଟରୁ ଅବସର ନେଇଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ସେମିଫାଇନାଲରେ ତାଙ୍କ ଦୁର୍ଦ୍ଧର୍ଷ ୮୪ ରନ୍‌ର ଇନିଂସ୍ ସର୍ବଦା ମନେରହିବେ। ତାଙ୍କ ଯୋଗୁ ନ୍ୟୁଜିଲାଣ୍ଡ ଦଳ ପ୍ରଥମ ଥର ଲାଗି ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଥିଲା। ଦ. ଆଫ୍ରିକାର ଜୋହାନ୍ସବର୍ଗରେ ଜନ୍ମିତ ଏହି କ୍ରିକେଟର ୧୯୯୭ରେ ପ୍ରଥମ ଶ୍ରେଣୀ କ୍ୟାରିୟର ଆରମ୍ଭ କରିଥିଲେ। ୨୦୦୨ରେ ପୂର୍ବତନ ନ୍ୟୁଜିଲାଣ୍ଡ ଅଧିନାୟକ କେନ ରଥରଫୋର୍ଡଙ୍କ ପରାମର୍ଶ କ୍ରମେ ଇଲିଅଟ୍ ନ୍ୟୁଜିଲାଣ୍ଡ ଯାଇଥିଲେ। କାରଣ ଦ. ଆଫ୍ରିକାରେ ପ୍ରଚଳିତ କୋଟା ସିଷ୍ଟମ ଯୋଗୁ ଇଲିଅଟ ଜାତୀୟ ଦଳରେ ସ୍ଥାନ ପାଉ ନ ଥିଲେ। ନ୍ୟୁଜିଲାଣ୍ଡ ନାଗରିକତ୍ୱ ଗ୍ରହଣ କରିବାର ୬ ବର୍ଷ ମଧ୍ୟରେ ଟେଷ୍ଟ ଫର୍ମାଟରେ ପଦାର୍ପଣ କରିଥିଲେ। ଏହାପରେ ସେ ଆଉ ମାତ୍ର ୪ ଟେଷ୍ଟ ଖେଳିବାକୁ ସୁଯୋଗ ପାଇଥିଲେ। ଏଥିସହିତ ସେ ଜାତୀୟ ଦଳ ପକ୍ଷରୁ ୮୩ ଦିନିକିଆ ଓ ୧୭ ଟି୨୦ ଖେଳିଥିଲେ। ଇଂଲଣ୍ଡ ଟି୨୦ ପ୍ରତିଯୋଗିତାର ବର୍ମିଂହାମ ଦଳ ପକ୍ଷରୁ ସେ ଅନ୍ତିମ ମ୍ୟାଚ୍ ଖେଳିଥିଲେ। ‘‘ଜୋହାନ୍ସବର୍ଗରୁ ଆରମ୍ଭ ହୋଇଥିବା ଯାତ୍ରା ବର୍ମିଂହାମରେ ଶେଷ ହେଲା। ଅନ୍ତର୍ଜାତୀୟ କ୍ରିକେଟ ଓ ବିଶ୍ୱକପ୍ ଖେଳିବା ଲାଗି ଯେଉଁ ଲକ୍ଷ୍ୟ ରଖିଥିଲି, ସେ ପୂରା ହୋଇ ସାରିଛି। ମୋ କ୍ୟାରିୟରରେ ମୋତେ ସମର୍ଥନ କରିଥିବା ଦଳୀୟ ସଦସ୍ୟ, ପରିବାରବର୍ଗଙ୍କୁ ଧନ୍ୟବାଦ’’ ବୋଲି ୩୯ ବର୍ଷୀୟ ଇଲିଅଟ କହିଛନ୍ତି।

# ଭାରତ ୨୦୩ ରନରେ ବିଜୟୀ




ରବିଚନ୍ଦ୍ରନ ଅଶ୍ୱିନଙ୍କ ବୋଲିଂରେ ବୁଧବାର ଜେମ୍ସ ଆଣ୍ଡରସନ୍‌ଙ୍କ କ୍ୟାଚ ନେଉଛନ୍ତି ଅଜିଙ୍କ୍ୟ ରାହାନେ।

### ତୃତୀୟ ଟେଷ୍ଟ

ନଟିଂହାମ, ୨୨।୮(ପି.ଟି.)

ଅଲରାଉଣ୍ଡ ପ୍ରଦର୍ଶନ ସହ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ କ୍ରିକେଟ ଦଳ ଇଂଲଣ୍ଡ ମାଟିରେ ଟେଷ୍ଟ ବିଜୟର ସ୍ୱାଦ ଚାଖିଛି। ବ୍ୟାଟିଂ, ବୋଲିଂ ଓ ଫିଲ୍ଡିଂରେ ଆକର୍ଷଣୀୟ ପ୍ରଦର୍ଶନ କରି ଟିମ୍ ଇଣ୍ଡିଆ ଏଠାରେ ଅନୁଷ୍ଠିତ ତୃତୀୟ କ୍ରିକେଟ ଟେଷ୍ଟରେ ଇଂଲଣ୍ଡକୁ ୨୦୩ ରନରେ ପରାସ୍ତ କରିଛି। କୋହଲି ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଛନ୍ତି। ଇଂଲଣ୍ଡ ପ୍ରଥମ ଦୁଇ ଟେଷ୍ଟ ଜିତିଥିବାବେଳେ ଭାରତ ଏବେ ୫ ମ୍ୟାଚ ବିଶିଷ୍ଟ ସିରିଜକୁ ୧-୨ରେ ପହଞ୍ଚାଇବାରେ ସକ୍ଷମ ହୋଇଛି। ମ୍ୟାଚ ଜିତିବା ପାଇଁ ଭାରତୀୟ ଦଳ ବୁଧବାର ଅନ୍ତିମ ଦିବସରେ ଗୋଟିଏ ଉଇକେଟ ଆବଶ୍ୟକ କରୁଥିଲା। ସକାଳେ ମାତ୍ର ୧୭ଟି ବୋଲିଂ କରି ଭାରତ ଏହି ସଫଳତା ପାଇଥିଲା। ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ଏକ ଲେଗ୍‌ବ୍ରେକ୍‌କୁ ବୁଝି ନ ପାରି ଜେମ୍ସ ଆଣ୍ଡରସନ ସ୍ଲିପ୍ ଉପରେ ଶଟ୍ ମାରିବାକୁ ଯାଇ ପ୍ରଥମ ସ୍ଲିପ୍‌ର ଟିକେ ପଛରେ ଥିବା ଅଜିଙ୍କ୍ୟ ରାହାନେଙ୍କୁ ସହଜ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଆଣ୍ଡରସନ ୧୧ ରନ କରି ଆଉଟ ହୋଇଥିବାବେଳେ ଆଡିଲ ରଶିଦ ୩୩ ରନରେ ଅପରାଜିତ ରହିଥିଲେ। ୫୨୧ ରନ ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଇଂଲଣ୍ଡର ଦ୍ୱିତୀୟ ଇନିଂସ ୩୧୭ ରନରେ ଶେଷ ହୋଇ ଯାଇଥିଲା। ଏହି ଟେଷ୍ଟରେ ଦୁଇ ଓପନର ଲୋକେଶ ରାହୁଲ ଓ ଶିଖର ଧାୱନ ନୂଆ ବଲ ନେଇ ଆସିଥିବା ବୋଲରଙ୍କୁ ସଫଳ ମୁକାବିଲା କରିଥିବାବେଳେ ଇଶାନ୍ତ ଶର୍ମା(୨/୩୨, ୨/୭୦), ଯଶପ୍ରୀତ ବୁମ୍‌ରା(୨/୩୭, ୫/୮୫) ଓ ମହମ୍ମଦ ସାମି(୧/୫୬, ୧/୭୮)ଙ୍କ ବୋଲିଂ ବେଶ୍ ଶାଣିତ ରହିଥିଲା। ଉପଅଧିନାୟକ ଅଜିଙ୍କ୍ୟ ରାହାନେ ପ୍ରଥମ ଇନିଂସରେ ୮୧ ରନ କରିଥିବାବେଳେ ଚେତେଶ୍ୱର ପୂଜାରା ଦ୍ୱିତୀୟ ଇନିଂସରେ ୭୨ ରନର ଉପଯୋଗୀ ଇନିଂସ ଖେଳିଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ୫ ଉଇକେଟ ସଫଳତା ସହ ଅର୍ଦ୍ଧଶତକ ହାସଲ କରି ଦଳରେ ନିଜ ଚୟନର ଯଥାର୍ଥତା ପ୍ରତିପାଦନ କରିଥିଲେ। ସମସ୍ତଙ୍କଠାରୁ ଆଗରେ ରହିଥିଲେ ଅଧିନାୟକ ବିରାଟ। ସେ ୨ଟି ଇନିଂସରେ ଯଥାକ୍ରମେ ୯୭ ଓ ୧୦୩ ରନ ସ୍କୋର କରି ଚଳିତ ସିରିଜରେ ନିଜର ମୋଟ ରନ ସଂଖ୍ୟାକୁ ୪୪୦ରେ ପହଞ୍ଚାଇଛନ୍ତି। ସେ ପ୍ରଥମ ଓ ତୃତୀୟ ଟେଷ୍ଟରେ ୨୦୦ରୁ ଅଧିକ ରନ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ୨ଟି ଶତକ ଓ ୨ଟି ଅର୍ଦ୍ଧଶତକ ସାମିଲ। କୋହଲି ଏବେ ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡରେ ଟେଷ୍ଟ ଶତକ ହାସଲ କରି ନିଜ ଦକ୍ଷତାର ପରିଚୟ ଦେଇଛନ୍ତି। ଏଠାରେ ସ୍ଲିପ୍ କ୍ୟାଚିଂରେ ମଧ୍ୟ ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନ ବଢ଼ିଆ ରହିଥିଲା। ଏକା ଲୋକେଶ ରାହୁଲ ୭ଟି କ୍ୟାଚ ନେଇ ଅନ୍ୟମାନଙ୍କଠାରୁ ଆଗରେ ରହିଥିଲେ।

### ବ୍ରଡ ଦଣ୍ଡିତ

ଇଂଲଣ୍ଡର ଦ୍ରୁତ ବୋଲର ଷ୍ଟୁଆର୍ଟ ବ୍ରଡ ଦଣ୍ଡିତ ହୋଇଛନ୍ତି। ଏଠାରେ ଚାଲିଥିବା ଭାରତ ବିପକ୍ଷ ୩ୟ ତଥା ଟ୍ରେଣ୍ଟ ବ୍ରିଜ ଟେଷ୍ଟର ଦ୍ୱିତୀୟ ଦିନରେ ଖେଳାଳିଙ୍କ ଲାଗି ଉଦ୍ଦିଷ୍ଟ ନିୟମ ସେ ଭଙ୍ଗ କରିଛନ୍ତି। ଏଣୁ ତାଙ୍କ ମ୍ୟାଚ୍ ଫି’ର ୧୫ ପ୍ରତିଶତ କାଟ କରାଯିବ। ଭାରତୀୟ ଦଳର ପ୍ରଥମ ଇନିଂସ୍ ବ୍ୟାଟିଂ ବେଳେ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଶବ ପନ୍ତଙ୍କୁ ଆଉଟ୍ କରିବା ପରେ ବ୍ରଡ ତାଙ୍କ ନିକଟକୁ ଯାଇ ଖରାପ ବ୍ୟବହାର କରିଥିଲେ। ଏହି ଦୋଷକୁ ବ୍ରଡ ସ୍ୱୀକାର କରି ନେଇଛନ୍ତି। ଏଣୁ ଏହି ଘଟଣାରେ କୌଣସି ଶୁଣାଣି ହେବ ନାହିଁ। ତାଙ୍କ ମ୍ୟାଚ୍ ଫି’ କାଟ କରାଯିବା ସହ ଏକ ଡିମେରିଟ ପଏଣ୍ଟ ମଧ୍ୟ ପ୍ରଦାନ କରାଯାଇଛି।

### ସଂକ୍ଷିପ୍ତ ସ୍କୋର

- ଭାରତ ପ୍ରଥମ ଇନିଂସ: ୩୨୯/ଅଲଆଉଟ ।
- ଇଂଲଣ୍ଡ ପ୍ରଥମ ଇନିଂସ: ୧୬୧/ଅଲଆଉଟ ।
- ଭାରତ ଦ୍ୱିତୀୟ ଇନିଂସ: ୩୫୨/୭(ଘୋଷଣା) ।
- ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୩୧୭/ଅଲଆଉଟ(ଜୋସ ବଟଲର-୧୦୬), ବେନ୍ ଷ୍ଟୋକ୍ସ-୬୨, ଆଡିଲ ରଶିଦ-୩୩*, ବୁମ୍‌ରା-୫/୮୫, ଇଶାନ୍ତ-୨/୭୦, ଅଶ୍ୱିନ-୧/୪୪, ସାମି-୧/୭୮, ପାଣ୍ଡ୍ୟା-୧/୨୨) ।

### ଅଧିନାୟକ ଭାବେ ୩୮ଟି ଟେଷ୍ଟରେ ସର୍ବାଧିକ ବିଜୟ

ରିକି ପଣ୍ଟିଂ– ୩୦ ମ୍ୟାଚ୍
ଷ୍ଟିଭ୍ ୱ– ୨୭ ମ୍ୟାଚ୍
ମାଇକେଲ ଭନ୍/ବିରାଟ କୋହଲି–୨୨
ଭିଭିଆନ୍ ରିଚାର୍ଡ୍ସ/ମାର୍କ ଟେଲର– ୨୧
ଆଣ୍ଡ୍ରଉ ଷ୍ଟ୍ରସ– ୨୦

### ଭାରତୀୟ ଅଧିନାୟକ ଭାବେ ସର୍ବାଧିକ ଟେଷ୍ଟ ବିଜୟ

୨୭– ମହେନ୍ଦ୍ର ସିଂ ଧୋନି (୬୦ ମ୍ୟାଚ୍)
୨୨– ବିରାଟ କୋହଲି (୩୮ ମ୍ୟାଚ୍)
୨୧– ସୌରଭ ଗାଙ୍ଗୁଲି (୪୯ ଟେଷ୍ଟ)
୧୪– ମହମ୍ମଦ ଆଝାରୁଦ୍ଦିନ (୪୭ ଟେଷ୍ଟ)

### ଗୋଟିଏ ବର୍ଷରେ ଏସିଆ ବାହାରେ ଭାରତର ଦୁଇ ବା ତତୋଽଧିକ ବିଜୟ

୧୯୬୮ରେ ୩ଟି ବନାମ ନ୍ୟୁଜିଲାଣ୍ଡ
୨ଟି ଲେଖାଏ– ୧୯୭୧(ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ), ୧୯୭୬ (ନ୍ୟୁଜିଲାଣ୍ଡ ଓ ୱେଷ୍ଟଇଣ୍ଡିଜ), ୧୯୮୬ (ଇଂଲଣ୍ଡ), ୨୦୦୨ (ୱେଷ୍ଟଇଣ୍ଡିଜ ଓ ଇଂଲଣ୍ଡ), ୨୦୦୫ (ଜିମ୍ବାୱେ), ୨୦୦୬ (ୱେଷ୍ଟଇଣ୍ଡିଜ ଓ ଦ.ଆଫ୍ରିକା), ୨୦୧୬ (ୱେଷ୍ଟଇଣ୍ଡିଜ), ୨୦୧୮ (ଦ.ଆଫ୍ରିକା ଓ ଇଂଲଣ୍ଡ)।

### ଇଂଲଣ୍ଡ ବିପକ୍ଷରେ ଭାରତର ବୃହତ ବିଜୟ (ରନ ବ୍ୟବଧାନ)

୨୭୯ ଲିଡ୍ସ, ୧୯୮୬
୨୪୬ ଭାଇଜାଗ, ୨୦୧୬
୨୦୩ ଟ୍ରେଣ୍ଟବ୍ରିଜ, ୨୦୧୮
୧୮୭ କୋଲକାତା, ୧୯୬୧–୬୨

## ଜାତୀୟ ଗ୍ରାପ୍ଲିଂରେ ଓଡ଼ିଶାକୁ ୫ ସ୍ୱର୍ଣ୍ଣ ସହ ୧୧ ପଦକ

ଭୁବନେଶ୍ୱର, ୨୨।୮ (କ୍ରୀଡ଼ା ପ୍ରତିନିଧି)

ହରିୟାଣାର ଏମ.ଡି. ବିଶ୍ୱବିଦ୍ୟାଳୟ ଷ୍ଟାଡିୟମରେ ଗତ ୧୮ରୁ ୨୦ ପର୍ଯ୍ୟନ୍ତ ୧୧ତମ ଜାତୀୟ ସିନିୟର ଗ୍ରାପ୍ଲିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ଗ୍ରାପ୍‌ଲରମାନେ ୫ ସ୍ୱର୍ଣ୍ଣ, ୪ ରୌପ୍ୟ, ୨ ବ୍ରୋଞ୍ଜ ସହ ମୋଟ ୧୧ଟି ପଦକ ହାସଲ କରିଛନ୍ତି। ମମତା ସାହୁ ୪୨ କେଜି ମହିଳା ବିଭାଗ ଗି’ରେ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ନୋ-ଗି’ରେ ରୌପ୍ୟ ପଦକ ହାସଲ କରିଛନ୍ତି। ସୋନମ ସାହୁ ୫୭ କେଜି ଗି’ ବିଭାଗରେ ସ୍ୱର୍ଣ୍ଣ ଓ ନୋ-ଗି’ରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି।

ପୁରୁଷ ବିଭାଗରେ ୱାଲ୍ଟର ଡାନି ୮୨ କେଜି ବର୍ଗର ଗି’ ବିଭାଗରେ ରୌପ୍ୟ, ଅଭିଷେକ ମିଶ୍ର ୮୦ କେଜି ନୋ-ଗି’ରେ ବ୍ରୋଞ୍ଜ, ଶୈଳଶ୍ରୀ ମହାନ୍ତି ୬୭ କେଜି ବିଭାଗ ଗି’ରେ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ଶ୍ରୀକାନ୍ତ ଶେଖର ୭୭ କେଜି ଗି’ରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସଫଳ ପ୍ରତିଯୋଗୀଙ୍କୁ ଓଡ଼ିଶା ଗ୍ରାପ୍ଲିଂ ଆସୋସିଏଶନ ସମ୍ପାଦକ ଡ.ହରିପ୍ରସାଦ ପଟ୍ଟନାୟକ ଓ ସମସ୍ତ କର୍ମକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି।

## ଉତ୍କଳ ସ୍ପୋର୍ଟ୍ସ ମିଟ୍ ଆରମ୍ଭ

ଭୁବନେଶ୍ୱର, ୨୨।୮(କ୍ରୀଡ଼ା ପ୍ରତିନିଧି)

ଆସନ୍ତା ୨୯ ତାରିଖରେ ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠା ଦିବସ ଉପଲକ୍ଷେ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ଉତ୍କଳ ସ୍ପୋର୍ଟ୍ସ ମିଟ୍ ଆରମ୍ଭ ହୋଇଛି। ଏହାର ଅଂଶବିଶେଷ ସ୍ୱରୂପ ପ୍ରଥମ ପର୍ଯ୍ୟାୟରେ ଅନୁଷ୍ଠିତ ଫିଟ୍‌ନେସ ପରୀକ୍ଷାରେ ବହୁ ଛାତ୍ରୀଛାତ୍ର ଭାଗନେଇ ନିଜ ଦକ୍ଷତା ଦେଖାଇଥିଲେ। ଏଥିରେ ଷ୍ଟ୍ରେନ୍ଥ, ଷ୍ଟାମିନା, ଏଣ୍ଡୁରାନ୍ସ, ସ୍ପିଡ୍, କୋ-ଅର୍ଡିନେଶନ ପ୍ରଭୃତିକୁ ମାନଦଣ୍ଡ କରାଯାଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ୨୯ ତାରିଖରେ ପୁରସ୍କୃତ କରାଯିବ। ଉତ୍କଳ ସ୍ପୋର୍ଟ୍ସ ମିଟ୍ ପର୍ଯ୍ୟାୟରେ ଆଗକୁ ଷ୍ଟ୍ରଙ୍ଗ ମ୍ୟାନ ଓ ଷ୍ଟ୍ରଙ୍ଗ ଓମେନ ପ୍ରତିଯୋଗିତା ହେବ ବୋଲି ଉତ୍କଳ କରାଟେ ସ୍କୁଲ ମୁଖ୍ୟ ହରିପ୍ରସାଦ ପଟ୍ଟନାୟକ ପ୍ରକାଶ କରିଛନ୍ତି।



ଉତ୍କଳ ସ୍ପୋର୍ଟ୍ସ ମିଟ୍‌ର ପ୍ରଥମ ଦିବସରେ ଅଂଶଗ୍ରହଣକାରୀ ପ୍ରତିଯୋଗୀ ।



ଜାତୀୟ ସିନିୟର ଗ୍ରାପ୍ଲିଂରେ ପଦକ ଜିତିଥିବା ଓଡ଼ିଶା ପ୍ରତିଯୋଗୀ ।

## ଯାଦବ, ରାୟୁଡୁଙ୍କୁ ସୁଯୋଗ

ନୂଆଦିଲ୍ଲୀ, ୨୨।୮(ପି.ଟି.)

ୟୋ ୟୋ ଟେଷ୍ଟରେ ଉତ୍ତୀର୍ଣ୍ଣ ହୋଇଥିବା କେଦାର ଯାଦବ ଓ ଅମ୍ବାତି ରାୟୁଡୁ ଆଗାମୀ ଚତୁଃରାଷ୍ଟ୍ରୀୟ ଦିନିକିଆ ସିରିଜ ଲାଗି ଯଥାକ୍ରମେ ଇଣ୍ଡିଆ ‘ଏ’ ଓ ଇଣ୍ଡିଆ ‘ବି’ ଦଳରେ ସାମିଲ ହୋଇଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ବୁଧବାର ପ୍ରକାଶିକ ଏକ ବିଜ୍ଞପ୍ତିରେ କୁହାଯାଇଛି। ଇଣ୍ଡିଆ ‘ଏ’ ଦଳରୁ ସିଦ୍ଧାର୍ଥ ଲାଡ୍‌ଙ୍କୁ ବାହାର କରାଯାଇ ତାଙ୍କ ସ୍ଥାନରେ କେଦାରଙ୍କୁ ନିଆଯାଇଛି। ସେହିଭଳି ରିକି ଭୁଇଙ୍କ ସ୍ଥାନରେ ରାୟୁଡୁ ଇଣ୍ଡିଆ ‘ବି’ ଦଳରେ ସାମିଲ ହୋଇଛନ୍ତି। ଚଳିତ ଦୁଲୀପ୍ ଟ୍ରଫିରେ ଲାଡ୍ ଓ ଭୁଇଙ୍କୁ ଯଥାକ୍ରମେ ଇଣ୍ଡିଆ ରେଡ୍ ଓ ଇଣ୍ଡିଆ ବ୍ଲୁ ଦଳରେ ଖେଳିବା ପାଇଁ ରିଲିଜ୍ କରାଯାଇଛି। ଇଣ୍ଡିଆ ‘ଏ’ ଓ ‘ବି’ ଦଳ ବ୍ୟତୀତ ଅଷ୍ଟ୍ରେଲିଆ ‘ଏ’ ଓ ଦକ୍ଷିଣ ଆଫ୍ରିକା ‘ଏ’ ଚତୁଃରାଷ୍ଟ୍ରୀୟ ସିରିଜରେ ଅଂଶଗ୍ରହଣ କରୁଛନ୍ତି। ଗୁରୁବାରଠାରୁ ଏହା ଆଲୁରରେ ଆରମ୍ଭ ହେବ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

DSPL - 132



"After the successful organisation of Make in Odisha Conclave 2016, our focus has been on converting intents into investments through our mantra of 3Ts – Transparency, Technology and Teamwork."

# Grounding New Opportunities for Broad-based Industrial Growth

**Following up on the 2nd phase ground-breaking/inauguration of 19 Industrial units on May 28 2018, Invest Odisha is pleased to announce ...**

## 3rd Phase of Ground-breaking/ Inauguration of 15 New Industrial Projects* Spanning 10 Sectors

*by*

**Hon'ble Chief Minister**

## Shri Naveen Patnaik

**at 12:30 pm on August 23, 2018**

**INAUGURATION**

• Grasim Industries, Ganjam • Jyoti Solar Solutions, Bolangir

**GROUND-BREAKING**

• OCL India, Rajganagpur • IFFCO, Paradip • Jajpur Cement, Kalinga Nagar
• Indo Nissin Foods, Khurdha • Shree Malani Foams, Khurdha • Suguna Foods, Balasore
• MK Plast, Ramdaspur • SAIZAR Enterprise, Kalinga Nagar • Aradhana Plastics, Paradip
• Tidal Trading, Paradip • Weaverbird Engineering & Technology, Infocity
• Utkal Speciality, Khurdha • Hindustan Urban Infrastructure, Khurdha

***Investment of Rs. 2,901 crore with potential employment for 3,091***

Govt. of Odisha

MAKE IN ODISHA Conclave
BHUBANESWAR, 11-15 NOVEMBER, 2018

**Register your participation in the "Make in Odisha Conclave" at http://mio.investodisha.gov.in/**

14005/13/0022/1819

Download our mobile app **"Make in Odisha"** from

Follow us on @investInOdisha /investOdisha



ଥରେ ମିଛ କହିବାର ବିପଦ ହେଉଛି ଆଉଥରେ ସତ କହିଲେ ମଧ ଅନ୍ୟମାନେ ତାହାକୁ ବିଶ୍ୱାସ କରିବେ ନାହିଁ।

-ଆରିଷ୍ଟଟଲ

## ସଂକ୍ଷେପରେ

### ଦଉଡି ଦେଇ ବୃଦ୍ଧଙ୍କ ଆତ୍ମହତ୍ୟା

**ବିଜେପୁର, ୨୨।୮ (ଡି.ଏନ.ଏ):** ବିଜେପୁର ଥାନା ଅନ୍ତର୍ଗତ ସାଇପାଲି ଗ୍ରାମରେ ନିଜ ଘରେ ଦଉଡି ଦେଇ ଜଣେ ଲୋକ ମଙ୍ଗଳବାର ରାତିରେ ଆତ୍ମହତ୍ୟା କରିଥିବା ଜଣାପଡିଛି । ମୃତକ ହେଲେ ବିଜେପୁରର ମୂଳବାସିନ୍ଦା ତଥା ସାଇପାଲିରେ ରହୁଥିବା ବିନୋଦ ମେହେର (୫୪) । ବିନୋଦ ଡ୍ରାଇଭର ଭାବେ କାମ କରି ଗୁଜୁରାଣ ମେଣ୍ଟାଉଥିଲେ । କିଛି ଦିନ ହେଲା ତାଙ୍କ ସ୍ତ୍ରୀ ଓ ପୁତ୍ର ବରଗଡରେ ନିଜ ସମ୍ପର୍କୀୟ ଘରକୁ ଯାଇଥିଲେ । ବିନୋଦ ସାଇପାଲିରେ ଏକାକୀ ରହୁଥିଲେ । ମଙ୍ଗଳବାର ରାତିରେ ସେ ଖାଇସାରି ଶୋଇବାକୁ ଯାଇଥିଲେ । ବୁଧବାର ସକାଳେ ତାଙ୍କ ଘର କବାଟ ଖୋଲା ହୋଇ ନ ଥିଲା । ପଡୋଶୀ ଘର କବାଟକୁ ଠେଲି ଦେବାରୁ ତାଙ୍କ ଝୁଲନ୍ତା ମୃତଦେହ ଘର ଭିତରେ ଦେଖିଥିଲେ । ଖବ ପାଇ ପୋଲିସ ଘଟଣାସ୍ଥଳକୁ ପହଞ୍ଚି ଶବର ପଞ୍ଚନାମା କରିବା ସହ ବରଗଡରେ ବ୍ୟବଚ୍ଛେଦ କରାଇଛି । ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ. ୮/୧୮) ରୁଜୁ କରି ପୋଲିସ ଅଧିକ ତଦନ୍ତ କରୁଛି ।

### ମୃତ ମହିଳାଙ୍କ ପରିଚୟ ମିଳିଲା

**ପାଇକମାଲ,୨୨।୮(ଡି.ଏନ.ଏ):** ପାଇକମାଳ ବ୍ଲକ ଗନ୍ଧମାର୍ଦ୍ଦନ ପର୍ବତ ଶିଖର ଭୀମ ମଣ୍ଡୁଆରୁ ସୋମବାର ଉଦ୍ଧାର ହୋଇଥିବା ଜଣେ ଅଜଣା ମହିଳା ବୋଲବମ ଭକ୍ତଙ୍କ ମୃତଦେହର ପରିଚୟ ମିଳିଛି। ସେ ହେଲେ ଛତିଶଗଡ ରାଜ୍ୟ ରାୟଗଡ ଜିଲା ସେମେରା ଗ୍ରାମର ନୀଳାବତୀ ଦଣ୍ଡସନା (୫୪)। ଗତ ରବିବାର ନୀଳାବତୀ ସେହି ଗ୍ରାମର କିଛି ବୋଲବମ୍ ଭକ୍ତଙ୍କ ସହ ନୃସିଂହନାଥ ଆସିଥିଲେ । ସେମାନେ ସୋମବାର ସକାଳ ୮ଟାରେ ପାପ ହାରିଣୀ ଝରଣାରେ ବୁଡ ପକାଇ ଜଳ ଧରି ପାହାଡ ରାସ୍ତାରେ ହରିଶଙ୍କର ଯାଇଥିଲେ । ଦିନ ପ୍ରାୟ ୨ଟା ସମୟରେ ନୀଳାବତୀ ପାହାଡ ଶିଖରରେ ଥିବା ଭୀମ ମଣ୍ଡୁଆ ପାଖରେ ପଡିଯାଇଥିଲେ। ଅନ୍ୟମାନେ ଆଗରେ ଚାଲିଯାଇଥିଲେ ଏବଂ ହରିଶଙ୍କରରେ ନୀଳାବତୀଙ୍କୁ ନ ପାଇବାରୁ ତାଙ୍କ ଘରକୁ ଫୋନ କରି ଜଣାଇଥିଲେ । ପରିବାର ଲୋକେ ଆସି ନୃସିଂହନାଥ ଅଞ୍ଚଳରେ ଖୋଜା ଖୋଜି କରୁଥିବା ବେଳେ ଖବର କାଗଜରୁ ଜାଣି ପାଇକମାଳ ଥାନାକୁ ଖବର ଦେଇଥିଲେ ।



### କଂକ୍ରିଟ ରାସ୍ତା ଉପରେ ଆଣ୍ଠୁଏ କାଦୁଅ

**ଅତାବିରା,୨୨।୮(ଡି.ଏନ.ଏ.):** ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତସ୍ଥିତ ଦେଶଭଟିଲି, ଦେଶପର୍ଥଲା ଗ୍ରାମ ଦାଣ୍ଡରେ ନିର୍ମାଣ ହୋଇଥିବା କଂକ୍ରିଟ ରାସ୍ତା ଉପରେ କାଦୁଅ ଜମି ରହିଥିବାରୁ ସ୍କୁଲ, କଲେଜକୁ ପାଠ ପଢ଼ି ଯାଉଥିବା ଛାତ୍ରୀଛାତ୍ର, ବାଟୋଇମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

### ମୃତଙ୍କ ପରିବାରକୁ ବୀମାରାଶି ମିଳିଲା

**ପାଇକମାଲ,୨୨।୮(ଡି.ଏନ.ଏ):** ପାଇକମାଳର ନୃସିଂହନାଥ ପୀଠରେ ବୈଶାଖ ମେଳା ସମୟରେ ଗଛ ପଡିଯିବାରୁ ମୃତ୍ୟୁବରଣ କରିଥିବା କଲରାମାଲ ଗ୍ରାମର ଭଜ ଭୁଏ (୧୮)ଙ୍କ ପରିବାର ଲୋକଙ୍କୁ ୨,୩୭୫୦୦ ଟଙ୍କା ବୀମାରାଶି ମିଳିଛି । ବୁଧବାର କଲରାମାଲ ଗ୍ରାମରେ ଏ ନେଇ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନଙ୍କ ପୌରୋହିତ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ମୃତକଙ୍କ ବାପା ନନ୍ଦଲାଲ ଭଏଙ୍କୁ ବୀମାରାଶି ପ୍ରଦାନ କରିଥିଲେ । କୈଳାସ ଦିଶ୍ରୀ, ଲୋଚନ ପ୍ରଧାନ, ବଡ ସତପଥୀ, ସତ୍ୟ ବେହେରା, ସରଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

■ ବରଗଡ଼ ସହରକୁ କବ୍‌ଜା କରିଛି ଠକ ସଂସ୍ଥା

# ଉଜୁଡ଼ିଯାଉଛି ପିଲାଙ୍କ ଭବିଷ୍ୟତ

**ବରଗଡ଼**
- ସହର ଗଳିକନ୍ଦି ଭଡ଼ାଘରେ ଚାଲିଛି କାରବାର
- ଜିଲା ତଥା ରାଜ୍ୟ ବାହାରକୁ ଲମ୍ବିଛି ଚେର
- ଫସିଛନ୍ତି ଶତାଧିକ ଯୁବତୀ ଯୁବକ

**ବରଗଡ଼ ଅଫିସ୍,୨୨।୮**

ବରଗଡ଼ ସହରରେ ସଦର ଓ ଟାଉନ ଥାନା ଭଳି ଦୁଇଟି ପୋଲିସ ଷ୍ଟେଶନଠାରୁ ଆରମ୍ଭ କରି ଜିଲା ପୋଲିସ ମୁଖ୍ୟାଳୟ, ଜିଲାପାଳଙ୍କ କାର୍ଯ୍ୟାଳୟ, ଗୋଇନ୍ଦା ବିଭାଗ ଆଦି ପ୍ରମୁଖ ସରକାରୀ ଦପ୍ତର ଗୁଡ଼ିକ ରହିଛି । ମାତ୍ର ପୋଲିସ, ପ୍ରଶାସନକୁ ବେଖାତିର କରି ଏଠାରେ ଅବାଧରେ ଗୋଟିଏ ପରେ ଗୋଟିଏ ଠକସଂସ୍ଥା ଗଢ଼ି ଉଠୁଛି । ଏଭଳି ଠକସଂସ୍ଥା ଜାଲରେ ପଡ଼ି ଶହ ଶହ ପିଲାଙ୍କ ଭବିଷ୍ୟତ ଉଜୁଡ଼ି ଯାଉଛି । ବର୍ଷ ବର୍ଷ ଧରି ଠକସଂସ୍ଥା ଗୁଡ଼ିକ ଏଠାରେ କାୟା ବିସ୍ତାର କରିବାରେ ସଫଳ ହୋଇଛନ୍ତି । ଗତ ୬ଦିନ ମଧ୍ୟରେ ସହରରେ ଚାଲିଥିବା ଏଭଳି ଠକେଇ ନେଇ ୨ଟି ଏତଲା ହେବା ପରେ ପୋଲିସ ତତ୍ପର ହୋଇ ପଡ଼ିଛି । ଠକସଂସ୍ଥା ଗୁଡ଼ିକୁ ଚିହ୍ନଟ କରିବା ପାଇଁ ପୋଲିସ ଛାନଭିନ ଆରମ୍ଭ କରିଛି । ପୂର୍ବରୁ ମଧ୍ୟ ଏଭଳି ଠକସଂସ୍ଥା ଧରାପଡ଼ି ସାରିଛି । ମାତ୍ର ମୁଖ୍ୟ ଅଭିଯୁକ୍ତ ଧରାପଡ଼ୁ ନ ଥିବାରୁ କିଛିଦିନ ବ୍ୟବଧାନ ପରେ ପୁଣି ଠକେଇ ଆରମ୍ଭ ହେବା ପୋଲିସ ପାଇଁ ଚ୍ୟାଲେଞ୍ଜ ହୋଇ ପଡ଼ିଛି । ଏ ନେଇ ବରଗଡ଼ ଏସଡ଼ିପିଓ ସୁରେଶ କୁମାର ନାଏକଙ୍କୁ ପଚାରିବାରୁ ସେ କହିଥିଲେ, ଠକସଂସ୍ଥା ଗୁଡ଼ିକ ପ୍ରତି ପୋଲିସ ନଜର ରଖିଛି । ସେଗୁଡ଼ିକୁ ଚିହ୍ନଟ କରିବା ପାଇଁ ଉଦ୍ୟମ ଚାଲିଛି । ପ୍ରମାଣ ମିଳିଲେ ସମ୍ପୃକ୍ତ ଠକସଂସ୍ଥା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ।

ବରଗଡ଼ ସହରର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ନୁହେଁ, ସହର ମଧ୍ୟରେ ୭/୮ଟି ସ୍ଥାନରେ ଏଭଳି ଠକସଂସ୍ଥା ଭଡ଼ାଘରେ ଚାଲିଛି । ବେକାର ଯୁବତୀ ଯୁବକଙ୍କୁ ଲୁଟୁଥିବା ଠକସଂସ୍ଥା ବଡ ବଡ ଭଡାଘର ନେଇ ମାସିକ ୨୦ରୁ ୩୦ ହଜାର ଟଙ୍କା କେବଳ ଭଡ଼ା ଦେଉଥିବା ଖବର ମିଳିଛି । ସହରର ଭଟଲି ଛକ, ଗୁରୁଦ୍ୱାରା ଛକ, ଘରୋଇ ବସଷ୍ଟାଣ୍ଡ, ରେଳ ଷ୍ଟେଶନ ରାସ୍ତା, ବରହମଚାରୀ, ବାନ୍ଧୁଟିକ୍ରା ଛକ, ରକ୍ମିଣୀ ଟକିଜ ନିକଟ ଆଦି ସ୍ଥାନରେ ସେହି ସଂସ୍ଥା ଗୁଡ଼ିକ ରହିଛି। କେଉଁଠି ବେକାର ଯୁବତୀ ଯୁବକଙ୍କୁ ଚାକିରି ଦେବା ତ ଆଉ କେଉଁଠାରେ ଛୋଟପିଲାଙ୍କୁ ବିଭିନ୍ନ କ୍ଷେତ୍ରରେ ଉନ୍ନତ ତାଲିମ ଦେବା ଆଳରେ ଏଭଳି ଠକେଇ ଚାଲିଛି । ଏହି ଠକସଂସ୍ଥା ଗୁଡ଼ିକରେ କେବଳ ବରଗଡ଼ ଜିଲାର ନୁହେଁ, ଜିଲା ତଥା ରାଜ୍ୟ ବାହାରଆଦି ଅଞ୍ଚଳର ୧୨/୧୪ବର୍ଷର ନାବାଳିକା ନାବାଳକଙ୍କଠାରୁ ଆରମ୍ଭ କରି ବେକାର ଯୁବତୀ ଯୁବକଙ୍କୁ ରଖାଯାଇଛି। ସେମାନଙ୍କ ମଧ୍ୟରେ ମଣିପୁର ରାଜ୍ୟ ସମେତ ଗଞ୍ଜାମ, ଭଦ୍ରକ ଆଦି ଅଞ୍ଚଳର ଶତାଧିକ ଯୁବତୀ ଯୁବକ ରହିଛନ୍ତି। ତାଲିମ ଓ ଚାକିରି ଆଳରେ ବିଭିନ୍ନ ସ୍ଥାନରେ ହଷ୍ଟେଲ, ଚ୍ୟାମ୍ବର ଭଳି ବଡ଼ ବଡ଼ କୋଠାଘରେ ସେମାନଙ୍କୁ ରଖାଯାଇଛି । ସମ୍ପୃକ୍ତ ଠକସଂସ୍ଥା ସେମାନଙ୍କୁ ମାଗଣାରେ ତାଲିମ କିମ୍ବା ଚାକିରି ଯୋଗାଇ ଦେଉନାହିଁ ବରଂ ଜଣ ପ୍ରତି ୬ରୁ ୧୨ହଜାର ଟଙ୍କା ଆଗୁଆ ଅସୁଲି କରୁଥିବା ସୂଚନା ମିଳିଛି । ସବୁଠାରୁ ଗୁରୁତର କଥା ହେଲା, ଠକେଇ ଜାଲରେ ପଡ଼ି ସେଠାକୁ ଆସୁଥିବା ପିଲାମାନଙ୍କୁ ଠକସଂସ୍ଥା ସହଜରେ ବାହାରକୁ ଛାଡୁନାହିଁ । ମୁଖ୍ୟ ଫାଟକରେ ତାଲା ପକାଇ ସେମାନଙ୍କୁ ରଖାଯାଉଛି ।



ଦସ୍ତଖତ ଅଭିଯାନରେ ଜଣେ ଦିବ୍ୟାଙ୍ଗ ଦସ୍ତଖତ ଦେଉଛନ୍ତି ।

## ଦସ୍ତଖତ ଅଭିଯାନରେ ଦିବ୍ୟାଙ୍ଗ

**ବରଗଡ଼ ଅଫିସ୍,୨୨।୮**

ବରଗଡ଼ ଜିଲାରେ କ୍ୟାନସର ହସପିଟାଲ ପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି ହେଉଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସନ୍ଧ୍ୟା ୫ଟାରୁ ରାତ୍ରି ୯ଟା ପର୍ଯ୍ୟନ୍ତ ବରଗଡ଼ ତଳିପଡ଼ାସ୍ଥିତ ସମଲେଶ୍ୱରୀ ମନ୍ଦିର ପରିଚାଳନା ସମିତି ପକ୍ଷରୁ ଦସ୍ତଖତ ସଂଗ୍ରହ ଅଭିଯାନ ଚାଲିଥିଲା। ଏହି ଅଭିଯାନରେ ଶତାଧିକ ଲୋକ ସାମିଲ ହୋଇ ଦସ୍ତଖତ ଦେଇଥିଲେ। ତେବେ ଭଟଲି ବ୍ଲକ ଅନ୍ତର୍ଗତ ବିଛୁଆଁ ଗ୍ରାମର ଜଣେ ଦିବ୍ୟାଙ୍ଗ ଦୁଃଖୁ ପାଇକ ଏକ ଟ୍ରାଇସାଇକେଲରେ ପହଞ୍ଚି ଦସ୍ତଖତ ଦେବା ସମସ୍ତଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା ।



ପୂଜା କମିଟିର କର୍ମକର୍ତ୍ତା ଲୋଗୋ ଉନ୍ମୋଚନ କରୁଛନ୍ତି ।

## ଲୋଗୋ ଉନ୍ମୋଚନ, ରାବଣ ବରଣ କାର୍ଯ୍ୟକ୍ରମ

**ସୋହେଲା,୨୨।୮(ଡି.ଏନ.ଏ.)**

ସୋହେଲା ଦୁର୍ଗାପୂଜାର ୭୫ବର୍ଷ ଅବସରରେ ପ୍ଲାଟିନମ ଜୁବୁଲିର ଲୋଗୋକୁ ସ୍ଥାନୀୟ ଦୁର୍ଗାମଣ୍ଡପରେ ଉନ୍ମୋଚନ କରାଯାଇଛି । ଏହାକୁ ପୂଜା କମିଟି ସଭାପତି ପ୍ରକାଶ ଚନ୍ଦ୍ର ଦେବତା, କାର୍ଯ୍ୟକାରୀ ସଭାପତି ଶ୍ରମ ଓ ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂ ମିଳିତ ଭାବେ ଉନ୍ମୋଚନ କରିଥିଲେ । ସେହିପରି ଚଳିତବର୍ଷ ରାବ ଦରବାର ସଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ରାବଣ ଭୂମିକାରେ ମଞ୍ଚ କଳାକାର ଜଗଦାନନ୍ଦ ମିଶ୍ରଙ୍କୁ ପୂଜା କମିଟି ସଭାପତି ଦେବତା ଶ୍ରୀଫଳ ଏବଂ ମନ୍ତ୍ରୀ ସିଂ ଉପଢ଼ୌକନ ଦେଇ ବରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ରାମ ନିବାସ ଅଗ୍ରୱାଲ, କୋଷାଧ୍ୟକ୍ଷ ଲଳିତ କୁମାର ଅଗ୍ରୱାଲ, ପୂର୍ବତନ ବିଧାୟକ ମହମ୍ମଦ ରଫିକ, ନଥୁରାମ ଅଗ୍ରୱାଲ, ପ୍ରମୋଦ ଚନ୍ଦ୍ର ଦେବତା, ତହସିଲଦାର ବିଶ୍ୱରଞ୍ଜନ କର, ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା, ଜିଲା ପରିଷଦ ସଭ୍ୟ ସୁବ୍ରତ ବେହେରା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ ପଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ସୋହେଲା ଦୁର୍ଗାପୂଜା ପାଇଁ ବୈଠକ

**ସୋହେଲା,୨୨।୮(ଡି.ଏନ.ଏ.)**

ସୋହେଲା ସାର୍ବଜନୀନ ଦୁର୍ଗାପୂଜା କାର୍ଯ୍ୟକାରୀ କମିଟିର ଏକ ବୈଠକ ଗାଡି ମାଲିକ ସଂଘ ଅଫିସ୍‌ଠାରେ ସଭାପତି ପ୍ରକାଶ ଚନ୍ଦ୍ର ଦେବତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ଦୁର୍ଗାପୂଜାର ୭୫ ବର୍ଷ ପୂର୍ତ୍ତି ପାଳନ କରିବାକୁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା । ଏହି ଉପଲକ୍ଷେ ଏକ ସ୍ମରଣିକା ପ୍ରକାଶ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଦୁର୍ଗାପୂଜା ଓ ଦୁର୍ଗା ମନ୍ଦିର ଟ୍ରଷ୍ଟ ଗଠନ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା । ଟ୍ରଷ୍ଟର ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ଦେବତା, ସମ୍ପାଦକ ଲଳିତ କୁମାର ଅଗ୍ରୱାଲ ରହିଛନ୍ତି । କୃଷ୍ଣଚନ୍ଦ୍ର ବେହେରା, ଗୋବିନ୍ଦ ସାହୁ, ସଞ୍ଜୀବ ଝାଙ୍କର, ପ୍ରମୋଦ ସାହୁ, ତୁଷାରକାନ୍ତ ସାହୁ, ଅଗସ୍ତି ଭୋଇ, ବୁଲୁ ପରୁଆ ପ୍ରମୁଖ ଉପସ୍ଥିତ ଥିଲେ । ପୂଜା କମିଟି ସମ୍ପାଦକ ରାମ ନିବାସ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ଲକସ୍ତରୀୟ ସଂସ୍କୃତ ସପ୍ତାହ ପାଳିତ୍

**ଭଟଲି,୨୨।୮(ଡି.ଏନ.ଏ)**

ସଂସ୍କୃତ ହେଉଛେ ଦେବ୍‌ଭାଷା। ଇ ଭାଷାରେ ସବୁବେଳେ କଥାବାର୍‌ତା ହେଲେ ଆମ୍‌କୁ ମାନ୍‌ସିକ୍ ଶିଆଁତି ମିଲ୍‌ବାର ସଂଗେ ମନେ ଆଧିଆତ୍‌ମିକ୍ ଭାବ୍‌ନା ଜାଗ୍‌ସି। ଯେନ୍‌ଥିର୍‌ଲାଗି ମୁନୁଷ୍ ଅହଁକାରିଆ ପର୍‌ବୃର୍‌ତିରୁ ଦୂରେଇ ରହିପାର୍‌ବା। ଇ ବିଷେଟା ବିଦ୍ୟାଲୟ ସ୍ତର୍‌ରୁ ସଂସ୍କୃତ ଭାଷାର ବଡ଼ଭାରି ପର୍‌ଚଲନ୍‌ର ଦର୍‌କାର ଅଛେ ବଲି ଭଟଲି ଦଧିବାମନ କଲେଜରେ ବୁଧୁବାର ଅନୁଷ୍‌ଠିତ୍ ହେଇଥିବାର ସଂସ୍କୃତ ସପ୍‌ତାହ ପାଲନ୍ ଅବ୍‌ଛର୍‌ରେ ମତ୍‌ପର୍‌କାଶ ପାଇଛେ। ଭଟଲି ବ୍ଲକ୍ ସଂସ୍କୃତ ଭାରତୀର ସଭାପତି କ୍ଷେତ୍ରରାଜ ତନସନାଙ୍କର ସଭାପତିତ୍ୱନେ ଅନୁଷ୍‌ଠିତ୍ ଉଦ୍‌ଯାପନୀ ସଭାରେ ଜୁନିୟର ମହାବିଦ୍ୟାଳୟର ଅଧାପକ ନାଟିଅକାର ଚୂଡ଼ାମଣି ରଥ ମୁଖିଆ କୁନୁଆଁ, ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସଂସ୍କୃତ ଅଧାପକ ଧର୍ମରାଜ ବାଗ ମୁଖିଆ ବକ୍‌ତା, ବିଧାୟକ ପର୍‌ତିନିଧି ହେମନ୍ତ କୁମାର ପଣ୍ଡା ସନ୍‌ମାନୀତ ଅତିଥି ଭାବେଁ ଯୋଗ୍ ଦେଇଥିଲେ। ଇ ଅବ୍‌ଛର୍‌ରେ ହପ୍‌ତେ ତକ୍ ବ୍ଲକ୍‌ର ଭିନେ ଭିନେ ବିଦ୍ୟାଲୟକେ କଲେଜର ଛାତ୍ରୀଛାତ୍ରମାନେ ଯାଇ ସେଠାନେ ସଂସ୍କୃତ ଭାଷାର ଦର୍‌କାର, ପାଠ୍‌ପଢ଼ାର ଅନୁଭୂତି ଆର୍ ଭାଷାର ସରଲ୍‌ତା ବାବ୍‌ଦେ ଆଲୋଚନା କରିଥିଲେ। ବୁଧୁବାର ଉଦ୍‌ଯାପନୀ ଅବ୍‌ଛର୍‌ରେ ଛାତ୍ରୀଛାତ୍ରଙ୍କର ଭିତ୍‌ରେ ଚିତ୍ରାଙ୍କନ, ଶ୍ଳୋକାବୃତ୍ତି ଆର୍ ବାଗ୍ମିତା ପର୍‌ତିଯୋଗିତା ଅନୁଷ୍‌ଠିତ୍ ହେଇଥିଲା। ପଛେ କୁର୍‌ତି ପର୍‌ତିଯୋଗିଙ୍କୁ ପୁରସ୍‌କୁରୁତ୍ କରାଯାଇଥିଲା। ଆୟୁଷ୍ମନ୍ତ ଷଡ଼ଙ୍ଗୀ, ରାଜୀବ ସାହୁ, ପଦ୍ମାସିନୀ ପଧାନ ପର୍‌ମୁଖ୍ କାଯ୍‌କରମ୍ ପରିଚାଲ୍‌ନା କରିଥିଲା ବେଲେ ଶେଷେ କିଶୋରୀ ପଧାନ ଧଏନ୍‌ବାଦ୍ ଦେଇଥିଲେ।

## ମଣ୍ଡଳସ୍ତରୀୟ ବୈଠକ

**ପାଇକମାଲ,୨୨।୮(ଡି.ଏନ.ଏ)**

ନୃସିଂହନାଥ ମନ୍ଦିର ପରିସରରେ ଭାଜପାର ପଦ୍ମପୁର ନିର୍ବାଚନ ମଣ୍ଡଳୀ ପ୍ରଭାରୀ ସପନ ବେହେରାଙ୍କ ଅଧକ୍ଷତାରେ ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଛି । ବୈଠକରେ ବୁଥ କମିଟି ପ୍ରସଙ୍ଗ, ବୁଥ ସ୍ତରରେ ସଂରଚନା ବିଷୟରେ ଆଲୋଚନା କରାଯାଇଥିଲା। ଜିଲା ସାଧାରଣ ସମ୍ପାଦକ ଗୋବର୍ଦ୍ଧନ ଅଗ୍ରୱାଲ, ସମ୍ପାଦକ ଶ୍ରୀକାନ୍ତ ପାଣିଗ୍ରାହୀ, ବରିଷ୍ଠ ନେତା ହେମସାଗର ସାହୁ, ସରୋଜ ପାଣିଗ୍ରାହୀ, ସୁବାସ ରଣାଙ୍କ ସମେତ ସମସ୍ତ ମଣ୍ଡଳ ସଭାପତି ଉପସ୍ଥିତ ଥିଲେ । ସରୋଜ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ଚାଷୀ ପରିଦର୍ଶନ କଲେ ନୂତନ ଚାଷ ବ୍ୟବସ୍ଥା




ପାଇକମାଳ ଅଞ୍ଚଳର ଚାଷୀମାନେ ପଦ୍ମପୁରରେ ନୂତନ ଚାଷ ପଦ୍ଧତି ବୁଲି ଦେଖୁଛନ୍ତି ।

**ପାଇକମାଲ,୨୨।୮(ଡି.ଏନ.ଏ)**

ପାଇକମାଳ ବ୍ଲକର ଖରାମାଲ, ବ୍ରାହ୍ମଣଟାଲ, ଆଦିବାସୀ କଲୋନିପଡା, ବିଜାପଡା, ମର୍ଯାଦାପାଲି, ନୂଆଗାଁର ୧୫ଜଣ ଚାଷୀ ପଦ୍ମପୁର ବ୍ଲକ ଅଧୀନ ଜାମଖେର ଗ୍ରାମର ଚାଷୀ କମ୍ଭୁ ବିଶ୍ୱାଳଙ୍କ ଫାର୍ମ ବୁଧବାର ପରିଦର୍ଶନ କରିଥିଲେ । ଏହି ସମୟରେ ସେମାନେ ନୂତନ ଚାଷ କୌଶଳ ବ୍ୟବସ୍ଥା ବିଷୟରେ ପଚାରି ବୁଝିଥିଲେ। ପଦ୍ମପୁର ବ୍ଲକର ଗ୍ରୀନ ଇଣ୍ଡିଆର ମୁଖ୍ୟ ମିନକେତନ ସାହୁଙ୍କ ପରିଚାଳନାରେ ଏହି ଫାର୍ମରେ ପଲିଥିନ ମାଧ୍ୟମରେ ଚାଷ, ଜୈବିକ ଖତ ସାର ବ୍ୟବହାର, ଡ୍ରିପ୍ ମାଧ୍ୟମରେ ଜଳସେଚନ ବ୍ୟବସ୍ଥା, ଧାଡିରେ ପରିବା ଚାଷ, କମ୍ ଖର୍ଚ୍ଚରେ କୋଡା ଖୋସା କୌଶଳ, ସମନ୍ୱିତ ଚାଷ, ଚାରା ଉତ୍ପାଦନ ଉପାୟ, ମଞ୍ଜା ତିଆରି ପ୍ରଣାଳୀ,ବିଭିନ୍ନ ଫଳ ବଗିଚା ଓ ଚାଷ ହୋଇଛି । ମାସ୍ ସଂସ୍ଥାର ଆଦିକନ୍ଦ ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ବିଶ୍ୱକର୍ମା ପୂଜା ପାଇଁ ପ୍ରସ୍ତୁତି ବୈଠକ

**ପାଇକମାଲ,୨୨।୮(ଡି.ଏନ.ଏ)**

ବରଗଡ଼ ଜିଲା ପାଇକମାଳ ବ୍ଲକ ଅନ୍ତର୍ଗତ ମାଣ୍ଡୋସିଲ ଜୟ ବୁଢାରଜା ଡ୍ରାଇଭର ସଂଘ ଗୃହରେ ବୁଧବାର ଆସନ୍ତା ବିଶ୍ୱକର୍ମା ପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ସଂଘ ସଭାପତି ରବି ସାହୁଙ୍କ ସଭାପତିତ୍ୱରେ ସଂଘର ସମ୍ପାଦକ ଦିଲୀପ କୁମାର ତନସନା ଗତବର୍ଷ ପୂଜାର ଆୟବ୍ୟୟ ଓ ଅନ୍ୟାନ୍ୟ ଖର୍ଚ୍ଚ ବିବରଣୀ ଉପସ୍ଥାପନ କରିଥିଲେ । ଚଳିତ ବର୍ଷ ପୂଜା ପାଇଁ ଏକ ଦଶଜଣିଆ ଉପଦେଷ୍ଟା କମିଟି ଗଠନ କରାଯାଇଥିଲା ।



ଇଦ୍ ଉଲ୍ ଜୁହା ଅବସରରେ ଅତାବିରା ବ୍ଲକ ଜାମଟିକ୍ରାରେ ମୁସଲିମ ସମ୍ପ୍ରଦାୟର ଲୋକେ ନମାଜ ପାଠ କରୁଛନ୍ତି ।

## ଇଦ୍ ଉଲ୍ ଜୁହାରେ ଏକାକାର

**ବରଗଡ଼ ଅଫିସ୍,୨୨।୮**

ବରଗଡ଼ ମୁସଲିମ ସମ୍ପ୍ରଦାୟ ପକ୍ଷରୁ ବୁଧବାର ତ୍ୟାଗ ଓ ବଳିଦାନର ପର୍ବ ଇଦ୍ ଉଲ୍ ଜୁହା ସମାରୋହରେ ପାଳିତ ହୋଇଛି । ଏହି ଅବସରରେ ସ୍ଥାନୀୟ ଡ୍ୟାମ କଲୋନୀସ୍ଥିତ ଇଦ୍‌ଗାହ ପଡ଼ିଆରେ ଜାମା ମସଜିଦ୍‌ର ମୌଲାନା ନିଜାମୁଦ୍ଦିନ ମିସବାହୀଙ୍କ ଅଧ୍ୟକ୍ଷତାରେ ସାମୂହିକ ନମାଜ ପାଠ କରାଯାଇଥିଲା। ସେହିପରି ନୁରୀ ମସ୍‌ଜିଦ୍ ଇମାମ୍ ମୌଲାନା ମହମ୍ମଦ ରମଜାନ ଉକ୍ତ ପର୍ବର ମହନୀୟତା ଉପରେ ଆଲୋକପାତ କରିଥିଲେ । ବିଶ୍ୱଶାନ୍ତି ଏବଂ କେରଳ ବନ୍ୟା ପ୍ରପୀଡ଼ିତଙ୍କ ପାଇଁ ପ୍ରାର୍ଥନା କରାଯାଇଥିବା ବେଳେ ଉପସ୍ଥିତ ସମସ୍ତ ଜନତା ପରସ୍ପର ଆଲିଙ୍ଗନ କରି ଏକାକାର ହୋଇଥିଲେ ।

**ଜାମଟିକ୍ରା, (ଡି.ଏନ.ଏ):** ଜାମଟିକ୍ରାରେ ମୁସଲିମ ସମ୍ପ୍ରଦାୟର ପର୍ବ ଇଦ୍-ଉଲ୍-ଜୁହା ବୁଧବାର ପାଳିତ ହୋଇଛି। ଏହି ଅବସରରେ ମସଜିଦ୍ ପକ୍ଷରୁ ସକାଳ ୯ଟାରେ ସାମୂହିକ ନମାଜ୍ ପାଠ କରାଯାଇଥିଲା । ନମାଜ ସରିବା ପରେ ସମସ୍ତେ ପରସ୍ପରକୁ ଆଲିଙ୍ଗନ କରି ଇଦ୍ ଶୁଭେଚ୍ଛା ଜଣାଇଥିଲେ । ଏହାପରେ ଆଲ୍ଲାଙ୍କ ଉଦ୍ଦେଶ୍ୟରେ ବକରା ବଳି ଦିଆଯାଇଥିଲା । ନିଜ ବନ୍ଧୁ ବାନ୍ଧବମାନଙ୍କୁ ସ୍ୱତନ୍ତ୍ର ନିମନ୍ତ୍ରଣ ଦେଇ ଇଦ୍ ପାଳନ କରାଯାଇଥିଲା ।

## ବିଜ୍ଞାନ ମେଳାରେ ୨୭୧ ପ୍ରକଳ୍ପ ପ୍ରଦର୍ଶିତ

**ବରଗଡ଼ ଅଫିସ୍,୨୨।୮**

ବରଗଡ଼ କେଶବନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର (ଓଡ଼ିଆ ବିଭାଗ)ରେ ମଙ୍ଗଳବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଛି । ପ୍ରଧାନଆଚାର୍ଯ୍ୟ ସନ୍ତୋଷ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ମେଳାରେ ତିଲପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସଂଘମିତ୍ରା ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ତେଜସ୍ୱୀ ଦିଶ୍ରୀ ଏବଂ କୋଷାଧ୍ୟକ୍ଷ ଶିବଶଙ୍କର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମେଳାର ଅରୁଣ ବର୍ଗରେ ୬୧, ଉଦୟ ବର୍ଗରେ ୭୭, ବାଳବର୍ଗରେ ୫୭, କିଶୋର ବର୍ଗରେ ୧୮ଜଣ ଅର୍ଥାତ ସମୁଦାୟ ୨୭୧ଜଣ ଛାତ୍ରୀଛାତ୍ର ଭାଗ ନେଇ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ । ୧୮ଜଣ ବିଚାରକ ପ୍ରକଳ୍ପର ମୂଲ୍ୟାୟନ କରିଥିଲେ । ଉଦ୍‌ଯାପନୀ ସମାରୋହରେ ଭାଜପା ରାଜ୍ୟ ଉପସଭାପତି ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟଅତିଥି ଓ ଅବନୀକାନ୍ତ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଗୁରୁଜୀ ତେଜରାଜ ଦାଶ ବିଜ୍ଞାନ ବିବରଣୀ ପାଠ କରିଥିଲେ । ଆସନ୍ତା ୨୫ତାରିଖରେ ବରପାଲିରେ ହେବାକୁ ଥିବା ସଙ୍କୁଳସ୍ତରୀୟ ବିଜ୍ଞାନମେଳାରେ ଭାଗନେବା ପାଇଁ ୫୫ଜଣ ଛାତ୍ରୀଛାତ୍ରଙ୍କୁ ମନୋନୀତ କରାଯାଇଥିଲା । ପୁରସ୍କାର ବିତରଣରେ ଗୁରୁଜୀ ରୂପେଶ କୁମାର ଶତପଥୀ, ପ୍ରଭାକର ପାତ୍ର ଏବଂ ଦେବେନ୍ଦ୍ର କୁମାର ଭୋଇ ସହଯୋଗ କରିଥିଲେ । ଗୁରୁମା ପ୍ରତତୀ ପଣ୍ଡା ଓ ତନୁଜ ପାଢ଼ୀ କାର୍ଯ୍ୟକ୍ରମ ସଂଯୋଜନା ଏବଂ ମୀନକେତନ ଦାଶ, ସଞ୍ଜୀବ ସରକାର ପରିଚାଳନା କରିଥିଲେ ।



ମୁଖ୍ୟଅତିଥି ବିଜ୍ଞାନମେଳାରେ ପ୍ରକଳ୍ପ ପରିଦର୍ଶନ କରୁଛନ୍ତି ।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୨୩ ଅଗଷ୍ଟ, ୨୦୧୮



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ସଂକ୍ଷେପରେ

### ଦୁର୍ବୃତ୍ତ କାଟିଲେ ୧୫୦ ଆମ୍ବ ଗଛ

ଜହ୍ନାପଙ୍କ, ୨୨।୮(ଡି.ଏନ.ଏ.): ବୌଦ୍ଧ ବ୍ଲକ ପଦ୍ମନପୁର ପଞ୍ଚାୟତର ବାସିନ୍ଦା ବିଜୟ ବିଶ୍ୱାଳଙ୍କ ଆମ୍ବ ବଗିଚାରେ ଦୁର୍ବୃତ୍ତମାନେ ପଶି ପ୍ରାୟ ୧୫୦ଟି ଗଛ କାଟି ଦେଇଥିବା ଅଭିଯୋଗ ହୋଇଛି । ସେ ୨୦୧୨-୧୩ ମସିହାରେ ବୌଦ୍ଧ ଉଦ୍ୟାନ ବିଭାଗରୁ ଏମଜିଏନଆରଜିଏ ଯୋଜନାରେ ୨୫୦ଟି ଆମ୍ବଗଛ ଲଗାଇଥିଲେ । ଏଥିରୁ ହେଉଥିବା ଆୟରେ ତାଙ୍କ ପରିବାର ପ୍ରତିପୋଷଣ କରୁଥିଲେ । ବର୍ତ୍ତମାନ ଏତେଗୁଡିଏ ଆମ୍ବଗଛ କଟାଯାଇଥିବାରୁ ସେ ଚିନ୍ତାରେ ପଡିଛନ୍ତି । ଗାଁର କିଛି ଅସାମାଜିକ ବ୍ୟକ୍ତି ଏହି କାଣ୍ଡ ଘଟାଇଥିବା ସନ୍ଦେହ କରାଯାଉଛି ।

# ଜିଲାପାଳଙ୍କ ଅଚାନକ ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ

ବୌଦ୍ଧ,୨୨।୮(ସ୍ୱ.ପ୍ର)

ବୌଦ୍ଧର ନୂତନ ଜିଲାପାଳ ସୀତାଂଶୁ କୁମାର ରାଉତ ବୁଧବାର ଅଚାନକ ସକାଳ ୯ଟା ବେଳେ ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଥିଲେ । ସେ ମୁଖ୍ୟ ଚିକିତ୍ସାଳୟ ପରିସର ବୁଲିବା ସହ ବିଭିନ୍ନ ୱାର୍ଡ, ରକ୍ତଭଣ୍ଡାର ବୁଲି ଦେଖିଥିଲେ । ଏହି ସମୟରେ ଜିଲାପାଳ ମେଡିକାଲ ପରିସରରେ ଥିବା ମଇଳା ଦେଖି ପରିବେଶ ଠିକ୍ ରଖିବାକୁ କହିବା ସହ ରୋଗୀସେବା ଉପରେ ଗୁରୁତ୍ୱ ଦେବାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ । ଜିଲାରେ ବର୍ତ୍ତମାନ ନିଶ୍ଚେତକ ଡାକ୍ତର ନ ଥିବା କିଛି ଗଣମାଧ୍ୟମ ପ୍ରତିନିଧି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ । ସେଠାରୁ ସେ ଜିଲା ମୁଖ୍ୟ



ଜିଲାପାଳ ମୁଖ୍ୟ ଡାକ୍ତରଖାନାର ସୁବିଧା ଅସୁବିଧା ପଚାରି ବୁଝୁଛନ୍ତି ।

### ପରିବେଶ, ରୋଗୀ ସେବାକୁ ଗୁରୁତ୍ୱ

ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ, ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟାଳୟ ଓ ତାଲିମ କେନ୍ଦ୍ର ବୁଲି ଦେଖିଥିଲେ । । ଜିଲାପାଳଙ୍କ ପରିଦର୍ଶନ ସମୟରେ ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସାଅଧିକାରୀ ମାନଭଞ୍ଜନ ପାତ୍ର ଓ ଏଡିଏମଓ ଗୌର ପ୍ରସାଦ ମିଶ୍ର ଉପସ୍ଥିତ ଥିଲେ । ସେହିପରି ଜିଲାପାଳ ରାଉତ ଗତ ମଙ୍ଗଳବାର ହରଭଙ୍ଗା ବ୍ଲକ ଆଡେଣୀଗଡ ଠାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବୁଲିବା ସହ ସୁବିଧା ଅସୁବିଧା ନେଇ ପଚାରି ବୁଝିଥିଲେ ।

### ସ୍କୁଲରେ ତାଲା ପକାଇବା ଘଟଣା

# ପ୍ରତିଶ୍ରୁତି ପରେ ଗ୍ରାମବାସୀଙ୍କ ଧାରଣା ପ୍ରତ୍ୟାହୃତ

ତଳଗାଁ,୨୨।୮(ଡି.ଏନ.ଏ.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ତଳଗାଁ ପଞ୍ଚାୟତର ଖଳିସାହି ପ୍ରକଳ୍ପ ପ୍ରାଥମିକ ସ୍କୁଲର ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ପ୍ରଧାନଙ୍କୁ ନିଲମ୍ବିତ କରାଯିବା ପ୍ରତିବାଦରେ ଗ୍ରାମବାସୀ ଗତ ୨୦ ତାରିଖରୁ ସ୍କୁଲରେ ତାଲା ପକାଇ ଧାରଣା ଦେଇଥିଲେ । ଏ ନେଇ ମଙ୍ଗଳବାର ହରଭଙ୍ଗା ବିଇଓ ସନାତନ ଗାହାଣ, ସିଆରସିସି କୃଷ୍ଣଚନ୍ଦ୍ର ସାହୁ ଖଳିସାହି ସ୍କୁଲକୁ ଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରି ସାତ ଦିନ ଭିତରେ ନିଲମ୍ବିତ ପ୍ରଧାନଶିକ୍ଷକଙ୍କୁ ପୁନଃ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ଗ୍ରାମବାସୀ ଧାରଣାରୁ ଓହରିବା ସହ ସ୍କୁଲରୁ ତାଲା ଖୋଲିଥିଲେ । ଏ ନେଇ ସ୍କୁଲ କମିଟି ସଭାପତି ପ୍ରଫୁଲ୍ଲ କହଁରଙ୍କୁ ପଚାରିବାରୁ ବିଇଓ ସାତ ଦିନ ଭିତରେ ନିଲମ୍ବିତ ପ୍ରଧାନଶିକ୍ଷକଙ୍କୁ ପୁନଃ ନିଯୁକ୍ତି ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଏହା ନ ହେଲେ ପୁଣି ସ୍କୁଲରେ ତାଲା ପଡିବ ବୋଲି ସେ ପ୍ରକାଶ କରିଛନ୍ତି ।

# ସବୁଜ ମହାନଦୀ ମିଶନରେ ଆମ୍ବ ଚାରାରୋପଣ

ଜହ୍ନାପଙ୍କ, ୨୨।୮(ଡି.ଏନ.ଏ.)

ବୌଦ୍ଧ ମୃତ୍ତିକା ସଂରକ୍ଷଣ ବିଭାଗ ଆନୁକୂଲ୍ୟରେ ଲକ୍ଷ୍ମୀ ପ୍ରସାଦ ପଞ୍ଚାୟତ ଜଗତୀ ମହାନଦୀ କୂଳରେ ଥିବା ୩ ହେକ୍ଟର ଜମିରେ ଏମ୍‌ଜିଏନଆରଇଜିଏ ଯୋଜନାରେ ଆମ୍ବଚାରା ରୋପଣ କରାଯାଇଛି । କାର୍ଯ୍ୟକ୍ରମରେ ଲକ୍ଷ୍ମୀ ପ୍ରସାଦ ସରପଞ୍ଚ ରାଜେନ୍ଦ୍ର ମେହେର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାରା ରୋପଣ କରିଥିଲେ। ସମ୍ମାନୀତ ଅତିଥି ଭାବେ ୱାର୍ଡ ସଭ୍ୟ ଶେଷଦେବ ପଣ୍ଡା ଯୋଗ ଦେଇଥିଲେ। ଏହାପରେ ସାମୂହିକ ବୃକ୍ଷରୋପଣ କରାଯାଇଥିଲା । ମୃତ୍ତିକା ସଂରକ୍ଷଣ ବିଭାଗ କର୍ମଚାରୀ ରଞ୍ଜିତ ପ୍ରଧାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



ମୁଖ୍ୟ ଅତିଥିଙ୍କ ଦ୍ୱାରା ଆମ୍ବ ଚାରାରୋପଣ ।

# ଭୈରବୀ ଡିଗ୍ରୀ ମହାବିଦ୍ୟାଳୟରେ ସ୍ୱାଗତ ଉତ୍ସବ

ପୁରୁଣାକଟକ,୨୨।୮(ଡି.ଏନ.ଏ.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପୁରୁଣାକଟକ ସ୍ଥିତ ଭୈରବୀ ଡିଗ୍ରୀ କଲେଜରେ ଅଧକ୍ଷ ଲଳିତ କୁମାର ମେହେରଙ୍କ ଅଧ୍ୟତାରେ ପ୍ରଥମ ବର୍ଷର ନବାଗତ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି । ଏହି ଅବସରରେ ହରଭଙ୍ଗା ବ୍ଲକ ଅଧକ୍ଷ ବିଶ୍ୱଜିତ ମିଶ୍ର ମୁଖ୍ୟଅତିଥି, ଶିକ୍ଷାବିତ୍ ମୃତ୍ୟୁଞ୍ଜୟ ପଣ୍ଡା ମୁଖ୍ୟବକ୍ତା, ବୌଦ୍ଧ ଜିଲା ପରିଷଦ ଉପାଧକ୍ଷ ଅକ୍ରୁର ସେଠୀ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଆଜିର ଛାତ୍ର ସମାଜ ସେବାରେ ନିଜକୁ ନିୟୋଜିତ କରିବା ଆବଶ୍ୟକ ବୋଲି ବକ୍ତବ୍ୟ ଦେଇଥିଲେ। ରାଜନୀତି ବିଭାଗର ଅଧ୍ୟାପକ ରମେଶ ଚନ୍ଦ୍ର ତାରେଣିଆ, ଇଂଲିଶ ବିଭାଗର ଅଧାପକ ଡଃ ପ୍ରମୋଦ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସୁଧୀର ଦୀପଙ୍କ ଉପସ୍ଥାପନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ମନମୁଣ୍ଡାରେ ଇଦ୍ ଉଲ ଜୁହା

ମନମୁଣ୍ଡା, ୨୨।୮ (ଡି.ଏନ.ଏ.)

ବୌଦ୍ଧ ଜିଲା ମନମୁଣ୍ଡାରେ ମୁସଲମାନ ସମ୍ପ୍ରଦାୟର ଲୋକେ ଇଦ-ଉଲ-ଜୁହା ପର୍ବ ହର୍ଷ ଉଲ୍ଲାସ ସହ ପାଳନ କରିଛନ୍ତି। ଏହି ଅବସରରେ ସମସ୍ତେ ଧାର୍ମିକ ପୋଷାକ, ଟୋପି ପରିଧାନ କରି ସ୍ଥାନୀୟ ଖେଳ ପଡିଆରେ ସାମୂହିକ ନମାଜ ପାଠ କରିଥିଲେ। ମୌଲାବୀ ଅଲିମୁଲ ଇସଲାମ ଓ ମୌଲବୀ ହାଫିଜ ଜାଭେଦ ନମାଜ ପାଠ କରାଇଥିଲେ ଏବଂ ଏହି ପର୍ବର ମହତ୍ତ୍ୱ, ଗାରିମା ସମ୍ପର୍କରେ ପ୍ରବଚନ ଦେଇଥିଲେ । ପରେ ସେମାନେ ଗରିବ, ଦୁଃଖି, ହରିଦ୍ରମାନଙ୍କୁ ମିଠା, ସୁସ୍ୱାଦୁ ଭୋଜନ, ଦାନ ଦକ୍ଷିଣା, ବସ୍ତ୍ର ଇତ୍ୟାଦି ପ୍ରଦାନ ପୂର୍ବକ ସପରିବାର ଏକତ୍ରିତ ବସି ଭୋଜନ କରି ଖୁସି ମନାଇଥିଲେ ।



ମନମୁଣ୍ଡାରେ ମୁସଲମାନ ସମ୍ପ୍ରଦାୟର ଲୋକେ ଇଦ-ଉଲ-ଜୁହା ପର୍ବ ପାଳନ କରୁଛନ୍ତି।

# ତେଲନଦୀରେ ଭାସିଯାଉଥିବା ବୃଦ୍ଧା ଉଦ୍ଧାର

ମନମୁଣ୍ଡା, ୨୨।୮(ଡି.ଏନ.ଏ.)

ଜଣେ ବୃଦ୍ଧା ମନମୁଣ୍ଡା ତେଲନଦୀ ପୋଲ ଉପରୁ ଖସିପଡି ପ୍ରଖର ଜଳରେ ଭାସି ଯାଉଥିବାବେଳେ ତାଙ୍କୁ ଉଦ୍ଧାର କରାଯାଇଛି । ଉଦ୍ଧାର ହୋଇଥିବା ବୃଦ୍ଧା କଣ୍ଢାମାଳ ଥାନା ବଡକୁସୁମର ଦୁଲା ସୁନା (୬୫) ବୋଲି ନିଜର ପରିଚୟ ଦେଇଛନ୍ତି । ସେ ବୁଧବାର ସନ୍ଧ୍ୟାରେ ମନମୁଣ୍ଡାରୁ ସୋନପୁର ଯାଉଥିବାବେଳେ କୌଣସି ପ୍ରକାରେ ତେଲ ନଦୀ ପୋଲ ଉପରୁ ପ୍ରାୟ ୪୦ଫୁଟ ତଳେ ଥିବା ପ୍ରଖର ଜଳସ୍ରୋତରେ ପଡିଯାଇଥିଲେ । ସ୍ଥାନୀୟ ବାସିନ୍ଦା ଗୁନ ମଲିକ ଶୌଚ ପାଇଁ ନଦୀକୁ ଯାଇଥିବାବେଳେ ବୃଦ୍ଧା ନଈ ମଝିରେ ଭାସି ଯାଉଥିବା ଦେଖି ତାଙ୍କୁ ଉଦ୍ଧାର କରିଥିଲେ । ଉଦ୍ଧାର ପରେ ବୃଦ୍ଧାଙ୍କୁ ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି ।

# କେରଳ ବନ୍ୟା ବିପନ୍ନଙ୍କୁ ବ୍ୟବସାୟୀଙ୍କ ସାହାଯ୍ୟ

ବୌଦ୍ଧ,୨୨।୮(ସ୍ୱ.ପ୍ର)

କେରଳ ବନ୍ୟା କ୍ଷତିଗ୍ରସ୍ତଙ୍କୁ ସାହାଯ୍ୟ ପାଇଁ ବୌଦ୍ଧର ମା’ ଭୈରବୀ ରାଇସ ଇଣ୍ଡଷ୍ଟ୍ରିର ମାଲିକ ତଥା ସାମାଜିକ କର୍ମୀ ସଞ୍ଜୀବ କୁମାର ଅଗ୍ରୱାଲା କେରଳ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ୨୫ ହଜାର ଟଙ୍କା ଦେଇଛନ୍ତି । କେରଳରେ ଯେଉଁଭଳି ପରିସ୍ଥିତି ସୃଷ୍ଟି ହୋଇଛି ତାହା ନିଶ୍ଚିତ ଭାବେ ହୃଦୟ ବିଦାରକ । କେରଳବାସୀଙ୍କ ଏହି ଦୁର୍ଦ୍ଦିନ ସମୟରେ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡକୁ ସମସ୍ତ ସକ୍ଷମ ବ୍ୟକ୍ତି କିଛି କିଛି ସହଯୋଗ କରିବାର ଆବଶ୍ୟକତା ଅଛି ବୋଲି ଅଗ୍ରୱାଲା ପ୍ରକାଶ କରିଛନ୍ତି ।


## ଓଡ଼ିଶା ସରକାର

904/29.6.2018

# କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଅଧିସୂଚନା

LA Case No-

File No. 23/2017 Dated..........

**No.V-38:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲାର ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପର କେନାଲ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା-ବୁଢ଼ାବଣ, ଥାନା-ପାଟଣା ନଂ-୨୦୭, ତହସିଲ-ସାହାରପଡ଼ା, ଜିଲ୍ଲା-କେନ୍ଦୁଝରରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୧୨.୬୬ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩( RFCTLAR & R ACT, 2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧ (୧)ର ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ--ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପର ନିର୍ମାଣ ନିମନ୍ତେ।
୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ନିର୍ବାହୀ ଯନ୍ତ୍ରୀ, ଦେଓ କେନାଲ ଡିଭିଜନ।
୩- କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ-......./ ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସନଙ୍କ ବିବରଣୀ-ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନର୍ବସତି ଅଧିକାରୀ, ମୟୂରଭଞ୍ଜ, କରଞ୍ଜିଆ।
୬- ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| କେନ୍ଦୁଝର | ସାହାରପଡା | ବୁଢାବଣ | | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୪୬.୨୮ | ଏ.୧୨.୬୬ | ଏଥିସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ........ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।
ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନର୍ବସତି ଅଧିକାରୀ, ମୟୂରଭଞ୍ଜ, କରଞ୍ଜିଆଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ

### LAND SCHEDULE FOR PERMANENT ACQUISTION OF LAND

ମୌଜା-ବୁଢାବଣ, ଥାନା-ପାଟଣା, ନମ୍ବର-୨୦୭, ତହସିଲ-ସାହାରପଡା, ଜିଲ୍ଲା-କେନ୍ଦୁଝର

| କ୍ରମିକ ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅଧିଗୃହୀତ ରକବା | କିସମ | ପ୍ରଜାଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧. | ୪ | ୬୨୩ | ୦.୭୧ | ୦.୩୦ | ବାଜେଫ ସଲ ଦୁଇ | ଅର୍ଜୁନ ନାଏକ, ରୂପା ନାଏକ, ପି: ଜୟଦେବ ନାଏକ, ଜା: ଗଣ୍ଡ, ବା: ନିଜଗାଁ | |
| | | ୬୨୨/ ୮୦୭ | ୦.୨୫ | ୦.୦୭ | ଘରବାରୀ | | |
| ୨. | ୮ | ୫୯୬ | ୦.୨୦ | ୦.୦୧ | ବାଜେଫ ସଲ ଦୁଇ | ଅହିରାମ ମହାନ୍ତ, ପି: ଦୁବରାଜ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| | | ୬୧୯ | ୦.୫୯ | ୦.୦୫ | ଶାରଦ ତିନି | | |
| | | ୬୫୦ | ୦.୬୮ | ୦.୨୩ | ବାଜେଫ ସଲ ଦୁଇ | | |
| | | ୬୬୧ | ୦.୩୯ | ୦.୦୨ | ଶାରଦ ତିନି | | |
| | | ୬୬୫ | ୦.୭୧ | ୦.୧୭ | ବାଜେଫ ସଲ ଦୁଇ | | |
| | | ୬୮୪ | ୦.୨୧ | ୦.୦୧ | ଶାରଦ ତିନି | | |
| | | ୬୯୧ | ୦.୭୮ | ୦.୪୯ | ବାଜେଫ ସଲ ଦୁଇ | | |
| ୩. | ୯ | ୨୩୪ | ୦.୩୦ | ୦.୦୧ | ଶାରଦ ଦୁଇ | ଆନନ୍ଦ ମହାନ୍ତ, ପି: ସୀତାରାମ ମହାନ୍ତ, ଯାତ୍ରୀ ମହାନ୍ତ, ସ୍ୱା: ସୀତାରାମ୍ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୪. | ୧୦ | ୫୧୯ | ୦.୨୭ | ୦.୦୮ | ଶାରଦ ତିନି | ଓକିଲ ପାତ୍ର, ପି: ବଲ ପାତ୍ର, ଜା: ପାଣ, ବା: ସଙ୍ଖୁଆ | |
| | | ୫୧୮/ ୮୮୯ | ୦.୧୫ | ୦.୦୩ | ଶାରଦ ତିନି | | |
| ୫. | ୧୧ | ୫୦୪ | ୦.୨୪ | ୦.୦୧ | ତଲଲା ଏକ | କଣ୍ଡ ପାତ୍ର, ପି-ଜଗନ୍ନାଥ ପାତ୍ର, ତିର ପାତ୍ର, ପି: ପୁରନ୍ଦର ପାତ୍ର, ଜା: ପାଣ, ବା: ନିଜଗାଁ | |
| | | ୫୧୮ | ୩.୨୫ | ୦.୨୦ | ଶାରଦ ତିନି | | |
| ୬. | ୩୨ | ୬୪୯ | ୦.୮୪ | ୦.୩୫ | ବାଜେଫ ସଲ ଦୁଇ | ଦଲ ଗଞ୍ଜନ ମହାନ୍ତ, ପି: ଦୁବରାଜ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| | | ୬୭୯ | ୦.୩୫ | ୦.୦୧ | ଶାରଦ ତିନି | | |
| | | ୬୮୫ | ୦.୨୨ | ୦.୧୬ | ଶାରଦ ତିନି | | |
| | | ୬୩୫/ ୭୪୨ | ୦.୧୭ | ୦.୧୪ | ବାଜେଫ ସଲ ଦୁଇ | | |
| ୭. | ୩୦ | ୨୩୨ | ୦.୪୦ | ୦.୨୧ | ଶାରଦ ଦୁଇ | ଜାଉରା ମୁଣ୍ଡା, ମାଧ ମୁଣ୍ଡା, ବୁଟି ମୁଣ୍ଡା, ଘନ ମୁଣ୍ଡା, ପି: ରାଇଁସିଂ ମୁଣ୍ଡା, ବିରିସିଂ ମୁଣ୍ଡା, ମଧୁ ମୁଣ୍ଡା, ପି: କାଉଁରା ମୁଣ୍ଡା, ଜା: କୋହ୍ଲ, ବା: ନିଜଗାଁ | |
| | | ୩୧୩ | ୦.୨୦ | ୦.୦୧ | ଶାରଦ ଦୁଇ | | |
| | | ୩୧୪ | ୦.୩୩ | ୦.୧୯ | ଶାରଦ ତିନି | | |
| ୮. | ୩୪ | ୬୭୭ | ୧.୦୨ | ୦.୭୯ | ବାଜେ ଫସଲ ଦୁଇ | ଦୀର୍ଘା ମାଝୀ, ଲଛୁ ମାଝୀ, ପି: ଗୋରା ମାଝୀ, ମଙ୍ଗଲା ମାଝୀ, ମାତାଲ ମାଝୀ, ପି: କାନ୍ଦ୍ରା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| | | ୬୭୮ | ୦.୮୨ | ୦.୫୭ | ଶାରଦ ତିନି | | |
| | | ୬୯୨ | ୧.୩୫ | ୦.୭୭ | ବାଜେ ଫସଲ ଦୁଇ | | |
| ୯. | ୪୧ | ୬୩୫ | ୧.୮୫ | ୦.୫୦ | ବାଜେ ଫସଲ ଦୁଇ | ଧନୁ ମହାନ୍ତ, ପି: ଆଶାରାମ ମହନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୧୦. | ୪୬ | ୩୨୬ | ୦.୫୧ | ୦.୦୬ | ଶାରଦ ଦୁଇ | ବଣ୍ଣୁ କୋହ୍ଲ, ପି: ତୁରୀ କୋହ୍ଲ, ଜା: କୋହ୍ଲ, ବା: ନିଜଗାଁ | |
| ୧୧. | ୪୭ | ୩୨୪ | ୦.୬୧ | ୦.୧୨ | ଶାରଦ ଦୁଇ | ବୁଣ୍ଣୁ କୋହ୍ଲ, ରାଇସିଂ କୋହ୍ଲ, ବସେନ କୋହ୍ଲ, ପି: ମରା ରାମ କୋହ୍ଲ, ଲାଲଦୁ କୋହ୍ଲ, ପି: ମାଙ୍ଗତା କୋହ୍ଲ, ଜା: କୋହ୍ଲ, ବା: ନିଜଗାଁ | |
| ୧୨. | ୪୯ | ୬୨୬ | ୧.୦୦ | ୦.୨୩ | ବାଜେ ଫସଲ ଦୁଇ | ବହ୍ନି ମାଝୀ, ପି: ଲକ୍ଷ୍ମଣ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| | | ୬୨୬/ ୮୧୦ | ୨.୧୮ | ୦.୪୨ | ବାଜେ ଫସଲ ଦୁଇ | | |
| ୧୩ | ୫୧ | ୬୩୬ | ୧.୫୯ | ୦.୫୨ | ବାଜେ ଫସଲ ଦୁଇ | ବାଉଦି ମହାରଣା, ପି: ଚନ୍ଦରୁ ମହାରଣା, ଜା: ମହାରଣା, ବା: ନିଜଗାଁ | |
| | | ୬୭୦ | ୧.୩୯ | ୦.୫୦ | ବାଜେ ଫସଲ ଦୁଇ | | |
| ୧୪. | ୫୨ | ୫୧୮/ ୮୭୮ | ୦.୨୮ | ୦.୦୮ | ଶାରଦ ତିନି | ବାସୁଦେବ ପାତ୍ର, ବିଦ୍ୟାଧର ପାତ୍ର, ବାମଦେବ ପାତ୍ର, ଦିନବନ୍ଧୁ ପାତ୍ର, ମଧୁସୂଦନ ପାତ୍ର, ପି : ବିଶ୍ୱନୁ ପାତ୍ର, ଜା: ପାଣ, ବା: ନିଜଗାଁ | |
| ୧୫. | ୫୬ | ୨୩୩ | ୦.୪୫ | ୦.୧୮ | ଶାରଦ ଦୁଇ | ବାହାଦୁଲା ମହାନ୍ତ, ଜିତୁ ମହାନ୍ତ, ପି: ଶାମ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୧୬ | ୫୮ | ୫୯୧ | ୦.୭୨ | ୦.୨୧ | ଘରବାରି | ବିଭୀଷଣ ନାଏକ, ପି: ଅଙ୍କୁର ନାଏକ, ଶଙ୍କର ନାଏକ, ଗୁରୁଚରଣ ନାଏକ, ପି: ନେତ୍ରା ନାଏକ, ଜା: ଗଣ୍ଡ, ବା: ନିଜଗାଁ | |
| | | ୬୨୧ | ୦.୩୪ | ୦.୦୮ | ଶାରଦ ତିନି | | |
| ୧୭ | ୬୪ | ୫୯୫ | ୦.୨୬ | ୦.୦୨ | ବାଜେ ଫସଲ ଦୁଇ | ଭାରତ ଚନ୍ଦ୍ର ମହାନ୍ତ, ପି: ଦୁବରାଜ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| | | ୬୪୮ | ୦.୨୦ | ୦.୧୦ | ବାଜେ ଫସଲ ଦୁଇ | | |
| | | ୬୬୩ | ୦.୯୬ | ୦.୪୦ | ବାଜେ ଫସଲ ଦୁଇ | | |
| | | ୬୭୧ | ୦.୭୧ | ୦.୦୧ | ବାଜେ ଫସଲ ଦୁଇ | | |
| | | ୬୮୬ | ୧.୦୦ | ୦.୩୯ | ବାଜେ ଫସଲ ଦୁଇ | | |
| | | ୬୮୦ | ୦.୯୨ | ୦.୦୧ | ଜଳଶୟ ଦୁଇ | | |
| ୧୮ | ୫୯ | ୫୯୦ | ୨.୩୨ | ୦.୩୬ | ଦିଆଳି | ବିଭୀଷଣ ନାଏକ, ପି: ଅଙ୍କୁର ନାଏକ, ଶଙ୍କର ନାଏକ, ଗୁରୁଚରଣ ନାଏକ, ପି: ନେତ୍ରା ନାଏକ, ଫକିରା ନାଏକ, ଦିବାକର ନାଏକ, ଗୋବରା ନାଏକ, ପି: ପଦୁ ଚରଣ ନାଏକ, ଗୁରୁ ଚରଣ ନାଏକ, ପି: ବନମାଳୀ ନାଏକ, ମହେଶ୍ୱର ନାଏକ, ଗଦାଧର ନାଏକ, ପି: ବଳି ନାଏକ, ମହେନ୍ଦ୍ର ନାଏକ, ଅନାଦୀ ନାଏକ, ପି: ଶୁକେବ ନାଏକ, ଗଦା ନାଏକ, ପି: ଫଗୁ ନାଏକ, ଜା: ବାଥୁଡି, ବା: ନିଜଗାଁ | |
| | | ୬୨୦ | ୨.୭୦ | ୦.୪୬ | ବାଜେ ଫସଲ ଦୁଇ | | |
| ୧୯. | ୬୬ | ୩୨୧ | ୦.୮୦ | ୦.୨୦ | ବାଜେ ଫସଲ ଦୁଇ | ଭୀମ ନାଏକ, ପି: ପବିତ୍ର ନାଏକ, ଜା: ଗଣ୍ଡ, ବା: ନିଜଗାଁ | |
| ୨୦. | ୬୭ | ୨୩୦ | ୦.୧୪ | ୦.୧୦ | ଶାରଦ ଦୁଇ | ଭୁଟୁ ମହାନ୍ତ, ରଜ ମହାନ୍ତ, ଚମ୍ପା ମହାନ୍ତ, ପି: ରଥୁ ମହାନ୍ତ, ଅଲତା ମହାନ୍ତ, ସ୍ୱା: ରଥୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୨୧. | ୭୫ | ୬୨୪ | ୧.୪୫ | ୦.୧୦ | ଘରବାରି | ମକୁରୁ ମହାନ୍ତ, ଶଙ୍କୁରୁ ମହାନ୍ତ, କାଞ୍ଚନ ମହାନ୍ତ, ପି: ହୀରା ମହାନ୍ତ, ସନୁ ମହାନ୍ତ, ଉପେନ୍ଦ୍ର ମହାନ୍ତ, ପି: ବନ୍ଧୁଆ ମହାନ୍ତ, ଦୟା ମହାନ୍ତ, ମୁଟୁ ମହାନ୍ତ, ଚେମୁଟୁ ମହାନ୍ତ, ପି: ଚନ୍ଦ୍ର ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୨୨. | ୭୭ | ୬୭୬ | ୦.୮୬ | ୦.୨୪ | ବିଆଳି | ମଙ୍ଗଲା ମାଝୀ, ମାତାଲ ମାଝୀ, ପି- କାନ୍ଦ୍ରା ମାଝୀ, ଜା- ସାନ୍ତାଳ, ବା- ନିଜଗାଁ | |
| | | ୬୯୩ | ୧.୧୮ | ୦.୫୧ | ଘରବାରୀ | | |
| | | ୬୯୪ | ୦.୦୮ | ୦.୦୮ | ବାଜେ ଫସଲ ଦୁଇ | | |
| ୨୩. | ୮୦ | ୭୦୮ | ୦.୨୭ | ୦.୦୧ | ରାସ୍ତା | ମଧୁ ମହାନ୍ତ, ପି- ଘାସିଆ ମହାନ୍ତ, ବାହାଦୁଲା ମହାନ୍ତ, ଜିତୁ ମହାନ୍ତ, ପି- ଶିବ ମହାନ୍ତ, ରଜନୀ ମହାନ୍ତ, ସ୍ୱା- ଶାମ ମହାନ୍ତ, ଆନନ୍ଦ ମହାନ୍ତ, ପି- ସୀତାରାମ ମହାନ୍ତ, ଯାତ୍ରୀ ମହାନ୍ତ, ସ୍ୱା- ସୀତାରାମ ମହାନ୍ତ, ଜା- କୁଡୁମି, ବା- ନିଜଗାଁ | |
| ୨୪. | ୮୪ | ୩୦୯ | ୧.୨୨ | ୦.୧୬ | ଶାରଦ ଦୁଇ | ମହେଶ୍ୱର ମହାନ୍ତ, ପି- ଶିବ ମହାନ୍ତ, ଲେମ୍ବୁ ମହାନ୍ତ, ପି- ପରମେଶ୍ୱର ମହାନ୍ତ, ଦେବେନ୍ଦ୍ର ମହାନ୍ତ, ପି- ବିଶ୍ୱମ୍ବର ମହାନ୍ତ, ଜା- କୁଡୁମି, ବା- ନିଜଗାଁ | |
| ୨୫. | ୮୬ | ୬୩୩ | ୦.୫୩ | ୦.୦୫ | ବାଜେ ଫସଲ ଦୁଇ | ମହେଶ୍ୱର ଦଣ୍ଡପାଟ, ପି- କୃପାସିନ୍ଧୁ ଦଣ୍ଡପାଟ, ଜା- ସାଉନ୍ତି, ବା- ନିଜଗାଁ | |
| ୨୬. | ୮୯ | ୬୬୪ | ୦.୫୦ | ୦.୦୭ | ବାଜେ ଫସଲ ଦୁଇ | ମାନୁଧର ବରଡୁହା, ବୈଶାଖୁ ବରଡୁହା, ପି- ଗୁରୁ ଚରଣ ବରଡୁହା, ଜା- ସାଉଁନ୍ତି, ବା- ନିଜଗାଁ | |
| ୨୭. | ୯୦ | ୩୧୬ | ୦.୭୦ | ୦.୧୬ | ଘରବାରୀ | ମେଞ୍ଚ କୋହ୍ଲ, ପି- ଜେନା କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| ୨୮. | ୯୨ | ୩୦୯/ ୭୭୮ | ୦.୩୨ | ୦.୦୫ | ଶାରଦ ଦୁଇ | ରଣଜିତ ମହାନ୍ତ, ପି- କର୍ମୁ ମହାନ୍ତ, ଜା- କୁଡୁମି, ବା- ମଣ୍ଟୁଆ, ଜି- ମୟୂରଭଞ୍ଜ | |
| ୨୯. | ୧୦୦ | ୬୨୫ | ୦.୨୭ | ୦.୧୦ | ଘରବାରୀ | ଲକ୍ଷ୍ମୀଧର ବରଡୁହା, ଉପେନ୍ଦ୍ର ବରଡୁହା, ପି- ବୁଧିଆ ବରଡୁହା, ଜା- ସାଉଁନ୍ତି, ବା- ନିଜଗାଁ | |
| ୩୦. | ୧୦୨ | ୬୨୬/ ୮୦୯ | ୧.୩୨ | ୦.୨୪ | ବାଜେ ଫସଲ ଦୁଇ | ଲାଲ ମୋହନ ନାଏକ, ପି- ଭଗବାନ ନାଏକ, ଜା- ବାଥୁଡି, ବା- ଗୋରାଣ୍ଡିଯୋଡି | |
| ୩୧. | ୧୦୭ | ୨୩୧ | ୦.୧୪ | ୦.୧୪ | ଶାରଦ ଦୁଇ | ସଭା ମହାନ୍ତ, ପି- ରେଙ୍ଗୁ ମହାନ୍ତ, ଜା- କୁଡୁମି, ବା- ନିଜଗାଁ | |
| ୩୨. | ୭୯ | ୬୯୮ | ୦.୪୪ | ୦.୧୩ | ବାଜେ ଫସଲ ଦୁଇ | ମଧୁ ମହାନ୍ତ, ପି- ଘାସିଆ ମହାନ୍ତ, ଜା- କୁଡୁମି, ବା- ନିଜଗାଁ | |
| ୩୩. | ୧୨୪/ ୧୬ | ୫୧୮/ ୯୨୩ | ୦.୭୪ | ୦.୦୯ | ଶାରଦ ତିନି | ବାମଦେବ ପାତ୍ର, ପି- ବିଶ୍ୱନୁ ପାତ୍ର, ଜା- ପାଣ, ବା- ସଙ୍ଖୁଆ | |
| ୩୪. | ୧୨୪/ ୨୨ | ୩୨୪/ ୯୨୦ | ୦.୨୦ | ୦.୧୬ | ଶାରଦ ଦୁଇ | ନାରାୟଣ ଗଡସରା, ପି- ମରା କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| ୩୫. | ୧୨୪/ ୧୯ | ୮୦୯ / ୯୦୯ | ୦.୪୦ | ୦.୨୪ | ବାଜେ ଫସଲ ଦୁଇ | ଦେବେନ୍ଦ୍ର ମହାନ୍ତ, ପି- ବିଶମ୍ବର ମହାନ୍ତ, ଜା- କୁଡୁମି, ବା- ନିଜଗାଁ | |
| ୩୬. | ୧୨୪/ ୧୦ | ୫୧୮/ ୯୦୦ | ୦.୬୦ | ୦.୧୫ | ଶାରଦ ତିନି | ବାମଦେବ ପାତ୍ର, ପି- ବିଶ୍ୱନୁ ପାତ୍ର, ଜା- ପାଣ, ବା- ନିଜଗାଁ | |
| ୩୭. | ୧୨୪/ ୨୧ | ୫୧୮/ ୯୧୧ | ୦.୬୦ | ୦.୧୦ | ଶାରଦ ତିନି | ପରମେଶ୍ୱର ପାତ୍ର, ପି- ଦାରୋଗା ପାତ୍ର, ଜା- ପାଣ, ବା- ନିଜଗାଁ | |
| | ମୋଟ | ୬୪ | ୪୬.୨୮ | ୧୨.୬୬ | | | |

24045/14/0031/1819



ମୃତ୍ୟୁ ସମୟରେ ଯଦି ଆମର ମନ ଇଷ୍ଟ ବା ଗୁରୁଙ୍କଠାରେ ଯୋଗ ହୋଇଥାଏ ତେବେ ମୁକ୍ତି ମିଳିଥାଏ।
- ଶିରିଡ଼ି ସାଇବାବା



## ସଂକ୍ଷେପରେ

### ମାଷ୍ଟରପଡ଼ା ଗଣେଶ ପୂଜା କମିଟି ଗଠିତ

ଦେଓଗାଁ,୨୨।୮(ଡି.ଏନ୍.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଦେଓଗାଁ ମାଷ୍ଟରପଡ଼ାରେ ଗଣେଶ ପୂଜା କମିଟି ବୁଧବାର ଗଠିତ ହୋଇଯାଇଛି। ପୂଜା କମିଟିର ସଭ୍ୟ କାର୍ତ୍ତିକ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଚଳିତ ବର୍ଷ ପୂଜା ପରିଚାଳନା ପାଇଁ ସର୍ବ ସମ୍ମତିକ୍ରମେ କମିଟି ସଭାପତି ଭାବେ ମଣ୍ଟୁ ଚନ୍ଦନ, ସମ୍ପାଦକ ପିଣ୍ଟୁ ବେହେରା, ଗଜାନ୍ଦ୍ର ସା କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। ବୈଠକରେ ସଭ୍ୟ ଦୀପକ ବାରିକ, ରଞ୍ଜନ ମଲ୍ଲିକ, ସନ୍ୟାସି ବେହେରା, ସୁମିତ ଚନ୍ଦନ, ରାହୁଲ ମଲ୍ଲୀକ, ବୁଲୁ ଘିଭେଲା, ସହଦେବ ବେହେରା, ହେମନ୍ତ ମହାକୁର, ଶଙ୍କର ଅଗ୍ରୱାଲ, ରାଜୀବ କର୍ତ୍ତି, ଆର୍ତ୍ତ ମଲ୍ଲିକ, ରୋହିତ ବାଗ, ବୁଲୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘର ବୈଠକ

ବଲାଙ୍ଗୀର ଅଫିସ, ୨୨।୮



ଚୁକ୍ତିଭିତ୍ତିକ ଶିକ୍ଷକ ସଂଘର ବୈଠକରେ ଉପସ୍ଥିତ ଶିକ୍ଷକ।

ସ୍ଥାନୀୟ ଆର୍ଯ୍ୟ ମନ୍ଦିର ପରିସରରେ ସରକାରୀ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘର ସାଧାରଣ ବୈଠକ ସଂଘ ସଭାପତି ହେମନ୍ତ ନାରାୟଣ ସିଂଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସଭା ପ୍ରାରମ୍ଭରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳବିହାରୀ ବାଜପେୟୀଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରଦ୍ଧାଞ୍ଜଳି ପୂର୍ବକ ନୀରବ ପ୍ରାର୍ଥନା କରାଯାଇଥିଲା। ଅନୁଷ୍ଠିତ ବୈଠକରେ ଶିକ୍ଷକମାନଙ୍କ ବିଭିନ୍ନ ଦାବିପୂରଣ ଦିଗରେ ସରକାରୀ ଉଦାସୀନତାକୁ ନିନ୍ଦା କରାଯାଇଥିଲା। ସରକାର ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କ ଦାବି ଚଳିତ ମାସ ୩୧ ତାରିଖ ସୁଦ୍ଧା ପୂରଣ ନ କରନ୍ତି ତା'ହେଲେ ଆଗାମୀ ବିଧାନସଭା ମୌସୁମୀ ଅଧିବେଶନରେ ତୀବ୍ର ଆନ୍ଦୋଳନ କରାଯିବ ବୋଲି ବୈଠକରେ ପ୍ରସ୍ତାବ ପାରିତ କରାଯାଇଥିଲା। ସଭାରେ ଶିକ୍ଷକମାନଙ୍କ ବିଭିନ୍ନ ଦାବି ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କର ୪୦ ପ୍ରତିଶତ ବକେୟା ପ୍ରଦାନ, ୧୦ ପ୍ରତିଶତ ବାର୍ଷିକ ଦରମା ବୃଦ୍ଧି, ବଦଳି ସୁବିଧା, ସମସ୍ତ ଶିକ୍ଷକଙ୍କ କ୍ଷେତ୍ରରେ ପାନ୍ ନମ୍ବର ଓ ଏନ୍‌ପିଏସ୍ ଲାଗୁ କରିବା, ଏନ୍‌ପିଏସ୍ ବଦଳରେ ପୁରୁଣା ପେନ୍‌ସନ ଯୋଜନା ଲାଗୁ କରିବା, ୧୫ଟି ସିଏଲ୍ ଛୁଟି ପ୍ରଦାନ କରିବା ଦାବି ଉପରେ ଆଲୋଚନା କରାଯାଇଥିଲା। ଆଲୋଚନାରେ ସଂଘ ଉପଦେଷ୍ଟା କମିଟି ସଭ୍ୟ ଦ୍ୱିତିରଞ୍ଜନ ମହାଲିଙ୍ଗ, ବୀର କିଶୋର ସୁନା, ରାମ ନାରାୟଣ ଦାସ, ସନାତନ ପୁରୋହିତ, ଅଶ୍ୱିନୀ ଷଡଙ୍ଗୀ, ରଞ୍ଜିତ ମିଶ୍ର ପ୍ରସ୍ତାବ ଦେଇଥିଲେ। ସଂଘ ସମ୍ପାଦକ ବିନୋଦ ମିଶ୍ର ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ ସବିଶେଷ କାର୍ଯ୍ୟ ଓ ଭବିଷ୍ୟତ କାର୍ଯ୍ୟ ପନ୍ଥା ବିଷୟରେ ବିବୃତି ଦେଇଥିଲେ। ସଭାରେ ରାୟଗୁପ୍ତା ବିଶ୍ୱାଳ, ଉପସଭାପତି ଯଦୁମଣି ବଗର୍ତ୍ତୀ, ପ୍ରଭାକର ଛାନ୍ଦ, ମାଧବ ପ୍ରଧାନ, ଗଣନାଥ ସାହୁ, ତ୍ରିବିକ୍ରମ ସାହୁ, ବିମ୍ବରାଜ ବାରିକ, କ୍ଷିତେଶ୍ୱର ବିଶ୍ୱାଳ, ସୁଶାନ୍ତ ନାଏକ, ଗୋପାଳ ବାଗ, ଶ୍ୟାମ ସୁନ୍ଦର ପୋଢ, ଉତ୍ତମ ସାହୁ, ସୁରେନ୍ଦ୍ର ମଲ୍ଲିକ ତଥା ଜିଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶିକ୍ଷକ ଯୋଗ ଦେଇଥିଲେ। କୋଷାଧ୍ୟକ୍ଷ ଅରବିନ୍ଦ କୁମ୍ଭାର ଧନ୍ୟବାଦ ଦେଇଥିଲେ।

### ଟ୍ରେନ ଲାଇନରୁ ଶିକ୍ଷକଙ୍କ ମୃତଦେହ ଉଦ୍ଧାର

ରେଢ଼ାଖୋଲ,୨୨।୮(ଡି.ଏନ.ଏ.)

ଚାରମାଳ ପୋଲିସ ବୁଧବାର ଅପରାହ୍ନ ୪ଟାରେ ତାଳଚେର–ସମ୍ବଲପୁର ରେଳପଥର ମୋଚିବାହାଳ ନିକଟ ରେଳଧାରଣାରୁ ଜଣେ ଶିକ୍ଷକଙ୍କ ମୃତଦେହ ଉଦ୍ଧାର କରିଛି। ମୃତ ଶିକ୍ଷକଜଣକ ହେଲେ ମୋଚିବାହାଳ ଗ୍ରାମର ଖଗେଶ୍ୱର ବିଞ୍ଝାଲ(୩୫)। ସେ ଚାରମାଳ ନିକଟ ବଡ଼ମୁଗପାଳ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ପୋଲିସ ସୂଚନାନୁଯାୟୀ, ବୁଧବାର ଅପରାହ୍ନରେ ରେଳଲାଇନକୁ ଚାଲିଯାଇଥିବା ତାଙ୍କ ବଳଦକୁ ଘଉଡ଼ାଇବାକୁ ଯାଇଥିଲେ। ଏହି ସମୟରେ ଆସୁଥିବା ଏକ ଟ୍ରେନ ତାଙ୍କୁ ଧକ୍କା ଦେଇଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

■ ପ୍ରସ୍ତାବିତ ଲୋଇସିଂହା ଏନ୍‌ଏସ୍‌ସି ଗଠନ

# ଆଜି ଜନପ୍ରତିନିଧିଙ୍କ ସହ ଉପଜିଲାପାଳଙ୍କ ଆଲୋଚନା

ଲୋଇସିଂହା,୨୨।୮(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ପ୍ରସ୍ତାବିତ ନୂତନ ଏନ୍‌ଏସ୍‌ସି ଗଠନ ନେଇ ଉପଜିଲାପାଳଙ୍କ ପ୍ରକୋଷ୍ଠରେ ଗୁରୁବାର ଏକ ଆଲୋଚନା ବୈଠକ ସ୍ଥିର ହୋଇଛି। ବୈଠକରେ ବ୍ଲକ ଅଧ୍ୟକ୍ଷା, ଜିଲାପରିଷଦ ସଭ୍ୟ, ବୁର୍ଡା ଏବଂ ହୀରାପୁର ସରପଞ୍ଚ, ସମିତି ସଭ୍ୟାସଭ୍ୟଙ୍କୁ ଉପଜିଲାପାଳପତ୍ର ସଂଖ୍ୟା ୪୧୫୮, ତା: ୧୮।୦୮।୧୮ରେ ଜଣାଇ ଉପସ୍ଥିତ ରହିବାକୁ କୁହାଯାଇଛି। ଲୋଇସିଂହାକୁ ଏନ୍‌ଏସ୍‌ସି ଘୋଷଣା ପାଇଁ ଅଞ୍ଚଳବାସୀ ଦୀର୍ଘଦିନରୁ ଦାବି କରି ଆସୁଛନ୍ତି। ଏହା ରାଜ୍ୟ ସରକାରଙ୍କ ବିଚାରାଧୀନ ମଧ୍ୟ ରହିଥିଲା। ନୂତନ ଏନ୍‌ଏସି ଗଠନ ସଂକ୍ରାନ୍ତରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ଉପଜିଲାପାଳ ଭୈରବସିଂ ପଟେଲଙ୍କ ପ୍ରକୋଷ୍ଠରେ ଏକ ବୈଠକ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ବ୍ଲକ ଅଧ୍ୟକ୍ଷା କାନ୍ତ ସେଠ, ଜିଲାପରିଷଦ ସଭ୍ୟ ସାଇଶଙ୍କର ସାହୁ, ଲୋଇସିଂହା, ବୁର୍ଡା ଏବଂ ହୀରାପୁର ସରପଞ୍ଚ, ସମିତି ସଭ୍ୟାସଭ୍ୟ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ପ୍ରସ୍ତାବିତ ବିଷୟରେ ଉପାଦେୟ ତଥ୍ୟ ପ୍ରଦାନ କରିବାକୁ ଅନୁରୋଧ କରାଯାଇଛି। ବୈଠକରେ ଲୋଇସିଂହା ବିଡିଓ, ତହସିଲଦାର ଉପସ୍ଥିତ ସ୍କେଚମ୍ୟାପ ଏବଂ ଆବଶ୍ୟକ କାଗଜାତ ଦାଖଲ କରିବେ।

■ ବଲାଙ୍ଗୀରରେ ବଢୁଛି ଦାଦାଗିରି

# ଘର ଭିତରକୁ ପଶି ମାରପିଟ୍ ଅଭିଯୋଗ, ୨ ଗିରଫ

ବଲାଙ୍ଗୀର ଅଫିସ, ୨୨।୮

ବଲାଙ୍ଗୀର ମାଳପଡାରେ ଜଣେ ଯୁବକଙ୍କ ଘରକୁ ପଶି ମାରପିଟ୍ ଅଭିଯୋଗରେ ଟାଉନ୍ ଥାନା ପୋଲିସ କଂସାରୀପଡ଼ାର ଦୁଇଜଣ ଯୁବକଙ୍କୁ ବୁଧବାର ଗିରଫ କରିଛି। ସେମାନେ ହେଲେ ଚିଣ୍ଟୁ ଓରଫ ସତ୍ୟ ନାରାୟଣ ବିଶ୍ୱାଳ ଓ ବୈଦ୍ୟନାଥ ବେହେରା। ବୁଧବାର ଅପରାହ୍ନ ପ୍ରାୟ ୨ଟା ବେଳେ ୫ରୁ ୬ ଜଣ ଯୁବକ ମାରଣଶାସ୍ତ୍ର ଧରି ଅନ୍ୟ ଜଣେ ଯୁବକଙ୍କୁ ଆକ୍ରମଣ କରିବାକୁ ଗୋଡାଉଥିଲେ। ଭୟରେ ସମ୍ପୃକ୍ତ ଯୁବକ ଜଣକ ମାଳପଡ଼ାର ଅମରଜିତ୍ ବେହେରାଙ୍କ ଘର ଭିତରକୁ ପଶି ଯାଇଥିଲେ। ପରେ ଆକ୍ରମଣ ଉଦ୍ଦେଶ୍ୟରେ ଦୌଡାଉଥିବା ଯୁବକମାନେ ସେହି ଘରକୁ ପଶି ଯାଇଥିଲେ। ଏତିକିବେଳେ ଅମରଜିତ୍‌ଙ୍କ ଭଉଣୀ ଏକାକୀ ଥିଲେ। ଅତର୍କିତ ଭାବେ ୫ରୁ ୬ଜଣ ଯୁବକ ଘର ଭିତରକୁ ପଶି ଆସିବା ପରେ ସେ ଭୟଭୀତ ହୋଇପଡିଥିଲେ। ସେତିକିବେଳେ ଅମରଜିତ୍ ଘରକୁ ଆସି କ'ଣ ଚାଲିଛି ବୋଲି ଯୁବକମାନଙ୍କୁ ପଚାରିବାରୁ ତାଙ୍କ ଘରେ ଜଣେ ଯୁବକ ଲୁଚିଛନ୍ତି। ତାଙ୍କୁ ବାହାର କରିବାକୁ କହିଥିଲେ। ହେଲେ ଅମରଜିତଥ ସେମାନଙ୍କୁ ଘରୁ ବାହାରିଯିବାକୁ କହିଥିଲେ। ଏଥିରେ ଯୁବକମାନେ ଉତ୍କ୍ଷିପ୍ତ ହୋଇ ଅମରଜିତ୍‌ଙ୍କୁ ଆକ୍ରମଣ କରିଥିଲେ। ଏନେଇ ଅମରଜିତ୍ ପୋଲିସ ପିସିଆରକୁ ଫୋନ୍ କରିଥିଲେ। ପୋଲିସ ପହଞ୍ଚି ସେଠାରୁ ୨ଜଣ ଅଭିଯୁକ୍ତ ଚିଣ୍ଟୁ ଓରଫ ସତ୍ୟ ନାରାୟଣ ବିଶ୍ୱାଳ ଓ ବୈଦ୍ୟନାଥ ବେହେରାଙ୍କୁ ଗିରଫ କରିଥିଲା। ଅନ୍ୟ ୪ ଜଣ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଟାଉନ୍ ଥାନାରେ ଏନେଇ ଏକ ମାମଲା (ନଂ.୩୫୮/୨୦୧୮) ରୁଜୁ ହୋଇଛି। ଅନ୍ୟ ଅଭିଯୁକ୍ତଙ୍କୁ ଖୋଜା ଚାଲିଛି ବୋଲି ଟାଉନ୍ ଥାନା ଆଇଆଇସି ଗୋକୁଳାନନ୍ଦ ସାହୁ କହିଛନ୍ତି। ବିଭିନ୍ନପଡାରେ ଦିନକୁ ଦିନ ରାସ୍ତା ଉପରେ ଦାଦାଗିରି ବୃଦ୍ଧି ପାଉଥିବାରୁ ଉଦ୍‌ବେଗ ପ୍ରକାଶ ପାଇଛି।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

HDB Government Financial Services
କରୁଛି ଏବେ ଗାଁ/ସହରରେ ବଡ଼ ଋଣ 50,000 – 25,00,000 ପର୍ଯ୍ୟନ୍ତ, ଶିକ୍ଷା, ପ୍ରପର୍ଟି, କାର୍ଡ ଏବଂ ସମସ୍ତ ଋଣ 2% ସୁଧ 40% ରିହାତି। ମହିଳା (ସମୂହ) ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ।
Helpline Numbers
9983302166
9983302146

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FIRST FINANCE LIMITED
Regd No.- U6519TNI98PLC008555
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଏବଂ ସବୁ ପ୍ରକାରର ଋଣ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ। 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number:
7689937202

SMS JOB
Send SMS, Earn MONEY
ଘରେବସି SMS JOB କରି Part/Full Time ଶିକ୍ଷିତ ବେରୋଜଗାର ମାସକୁ ୨୫୦୦୦/- ରୁ ୬୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ।
WORK From Home
କମ୍ପାନୀ ଦ୍ୱାରା Mobile+Laptop+ Bike + SIM + ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9667693638
9667693639

BANAJ FINANCE GROUP LTD.
ନୋ ଫାଇଲ୍ ଚାର୍ଜ, ନୋ ଗ୍ୟାରେଣ୍ଟର ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ପ୍ରକାର ଋଣ ୨୪ ଘଣ୍ଟାରେ ପାଆନ୍ତୁ। ଗ୍ରୁପ୍ ଋଣ, ଆଧାର କାର୍ଡ ଋଣ, ଗୃହ ଋଣ, ଗାଡ଼ି ଋଣ, କୃଷି ଋଣ, ବ୍ୟବସାୟ ଋଣ, ପ୍ରପର୍ଟି ଋଣ, ଏବଂ ଅନ୍ୟାନ୍ୟ ଋଣ ୧% ସୁଧ, ୩୫% ସବ୍‌ସିଡି। କଲ୍ କରନ୍ତୁ SAMIR MONAL
07363008993
07363008928

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

ADMISSION OPEN FOR 2018-20
B.Ed
CT(D.EL.Ed) & M.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Form fillup Fees, Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145



9911436726, 8750311430

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍–୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେସନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

Kuber Finance
(ଭାରତ ସରକାର) ରେଜିଷ୍ଟର୍ଡ କମ୍ପାନୀ 1980ରୁ ଆପଣଙ୍କ ସେବାରେ।
Regd. No. - ODI49/3468
କରୁଛି ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାର ଋଣ ମାତ୍ର 12 ଘଣ୍ଟାରେ। 1% ସୁଧ, 50% ଛାଡ଼। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ –
7496011718
7496016879

Odisha Finance
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number:
7302107165
odishafinance55@gmail.com

GET INSTANT CASH AGAINST GOLD
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସରକାରୀ ରେଜିଷ୍ଟରଭୁକ୍ତ କମ୍ପାନୀ Bansal Group ର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 20,000,00/- ପାଆନ୍ତୁ ଓ ମାସକୁ ଭଡା 20,000/- ଟଙ୍କା ପାଆନ୍ତୁ + ଜଣକୁ ଚାକିରି ମିଳିବ + Bike
Registration Charges 1250/-
8557970913
7629090472

B.N. FINANCE
ସମସ୍ତ ଜିଲ୍ଲା ପାଇଁ Personal, Business, Property, Certificate, କୃଷି ଓ ପଶୁପାଳନ ପାଇଁ ସମସ୍ତ ପ୍ରକାର ଲୋନ୍ ୫ ଦିନ ମଧ୍ୟରେ ମିଳିବ। 2% ସୁଧ।
M: 8337957615
7064797490

SMS JOB
Send SMS, Earn MONEY
AIRTEL - GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାତ୍ର ୧୦୦ କରି SMS ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike SIM + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
07367075431
07367075342

FINANCE
PEHEL ଫାଇନାନ୍ସ କମ୍ପାନୀ
ସରକାରୀ ଦ୍ୱାରା ମାନ୍ୟତାପ୍ରାପ୍ତ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୫୦%ଛାଡ। ଘରେ ବସି ପାଆନ୍ତୁ। ଏଜେଣ୍ଟ ଆମନ୍ତ୍ରିତ
ଅଧିକ ବିବରଣୀ ପାଇଁ ସଂମ୍ପର୍କ କରନ୍ତୁ
7347695603
8941029381

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ
ଆଗେ କାମ, ପରେ ଦାମ୍। ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଗାଡ଼ି, ବ୍ୟବସାୟ, ସମସ୍ତ ଋଣ 2% ସୁଧ 40% ରିହାତି ଘରେ ବସି ପାଆନ୍ତୁ।
OM FINANCE
9557124359
7895699233

FINANCE
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି। ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ। ୩୦% ସବସିଡି ସହିତ।
7787922501
7787907927
pmjansamridhi@gmail.com

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580
95578-79781

SRI RAM FINANCE LTD.
Regd No. 12AP2K3697 (I.S.O.)
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ ଏବଂ ସବୁ ପ୍ରକାରର ଋଣ ପାଆନ୍ତୁ ୨ ରୁ ୩ ଦିନରେ। ସୁଦ୍ଧ ୨% ରିହାତି ୩୦% ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ରିହାତି।
Help Line No.
8658665629
7894259095
finance0102018@gmail.com

LOAN
ଶିକ୍ଷିତ ଓ ବେରୋଜଗାରି ମାନେ ନିଜର ବ୍ୟବସାୟିକ, ବ୍ୟକ୍ତିଗତ, ଗୃହ, ପ୍ରପର୍ଟି, ସାର୍ଟିଫିକେଟ୍ ଓ ଶିକ୍ଷାର ସହାୟତାରେ କମ୍ପାନୀଠାରୁ ସାହାଯ୍ୟ ନିଅନ୍ତୁ।
7682891639
8018022748

MONEY WIZZ FINANCE
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉପଲବ୍ଧ। (ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691
07750048332
moneywizz27@gmail.com

TARIFF
MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

ଖର୍ଚ୍ଚ ଋଣରୁ କଟିବ
ଜନଧନ୍ ଫାଇନାନ୍ସ
(Govt. Regd.)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଓ ସମସ୍ତ ଋଣ ୨% ସୁଧ, ୪୦% ରିହାତି
Contact No.:
94115-02501
92055-71505
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ।

ଫାଇନାନ୍ସ
ଧନଜନ ଯୋଜନା
ଶ୍ରୀ ହରି ଫାଇନାନ୍ସ LTD
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହଋଣ, କୃଷି। 2% ସୁଧ, 50% ରିହାତି
(ଠକମାନଙ୍କ ପ୍ରତି ସାବଧାନ)
9634736108
9634734514

FINANCE
MG Financial Solution
୨ଦିନ ମଧ୍ୟରେ ଦେଉଛି ସମସ୍ତ ପ୍ରକାର ଋଣ ବର୍ଷକୁ ୩ % ସୁଦ୍ଧରେ। ସରକାରୀ ଗ୍ୟାରେଣ୍ଟର୍ ଆବଶ୍ୟକ ନାହିଁ। (ସ୍ୱତନ୍ତ୍ର ସର୍ତ୍ତମୂଳକ ରିହାତି ୩୦%) ଏଜେଣ୍ଟ ଆମନ୍ତ୍ରିତ। କମିଶନ ଏବଂ ସ୍ଥାୟୀ ଦରମା
09674882781
08826582043
09674882851
mgfinance99@gmail.com

JAGANNATH FINANCE COMPNAY
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ। 1% ସୁଧ 50% ଛାଡ। ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
8860754025
8860754032


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ



### ଗଞ୍ଜେଇ ଜବତ, ଯୁବକ ଗିରଫ

ଗୁଡଭେଲା,୨୨।୮(ଡି.ଏନ୍.ଏ.): ତୁଷୁରା ପୋଲିସ ପକ୍ଷରୁ ଏକ ମୋଟର ସାଇକେଲରେ ଚୋରା ଚାଲାଣ ହେଉଥିବା ୯କେଜି ଗଞ୍ଜେଇ ଜବତ କରିବା ସହ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ପଦ୍ମପୁର ଥାନା ଅଧୀନ ଇଛାପାଲି ଗ୍ରାମର ପ୍ରମୋଦ ବାଗ (୨୮)। ମିଳିଥିବା ସୂଚନା ମୁତାବକ, ତୁଷୁରା ଥାନା ଅଧିକାରୀ ପଞ୍ଚାନନ ନାୟକଙ୍କ ତତ୍ତ୍ୱାବଧାନରେ ବୁଧବାର ସକାଳ ଏକ ପୋଲିସ ଟିମ୍ ପାଟ୍ରୋଲିଂ କରୁଥିଲା। ସେତିକିବେଳେ ପୋଲିସ ଅଧିକାରୀମାନେ ସନ୍ଦେହ କରି ଏକ ନମ୍ବର ବିହିନ ବାଇକ୍‌କୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚବେଳେ ପୋଲିସ ଅଧିକାରୀମାନେ ୨ଟି ବ୍ୟାଗରେ ଥିବା ଗଞ୍ଜେଇ ଜବତ କରିଥିଲେ। ପରେ ପ୍ରମୋଦଙ୍କୁ ଗିରଫ କରି ଥାନାକୁ ଆଣିଥିଲେ। ମାଜିଷ୍ଟ୍ରେଟ ଭାବେ ତୁଷୁରା ତହସିଲଦାର ଚନ୍ଦ୍ରମଣି ନାଗଙ୍କ କେଉପସ୍ଥିତରେ ଗଞ୍ଜେଇ ଓଜନ କରାଯାଇଥିଲା। ଗଞ୍ଜେଇର ଓଜନ ୯କେଜି ଥିବା ଜଣାପଡିଥିଲା। ତୁଷୁରା ଥାନା ପୋଲିସ ଏକ ମାମଲା(ନଂ.୨୦୬/୧୮) ରୁଜୁ କରି ପ୍ରମୋଦଙ୍କୁ କୋର୍ଟ ଚାଲାଣ କରିଛି। ପାଟ୍ରୋଲିଂରେ ତୁଷୁରା ଥାନା ଏସ୍ଆଇ ଜଗଜୀବନ ସା, ଯୁବରାଜ କୁମ୍ଭାର, ଜୟଦେବ ସାହୁ, କିର୍ତ୍ତି ଚନ୍ଦ୍ର ମଲ୍ଲିକ ସାମିଲ ଥିଲେ।

### ସଚେତନ ନାଗରିକ ମଞ୍ଚର ସାଧାରଣ ସଭା

ଟିକ୍ରାପଡ଼ା,୨୨।୮(ଡି.ଏନ୍.ଏ.): ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡ଼ାସ୍ଥିତ କଳା ଓ ସଂସ୍କୃତି ପରିଷଦ ପ୍ରାଙ୍ଗଣରେ ସଚେତନ ନାଗରିକ ମଞ୍ଚର ସାଧାରଣ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଶିକ୍ଷାବିତ୍ ଚନ୍ଦ୍ରମଣି ସିଂ ଦେଓ ଅଧ୍ୟକ୍ଷତା କରିଥିଲେ। ନାରାୟଣ ପଣ୍ଡା ସଭା ସଂଯୋଜନା କରିଥିଲେ। କିଶୋର ବେହେରା, ଅବସରପ୍ରାପ୍ତ ଶିକ୍ଷକ ଜୟଶଙ୍କର ସାହୁ, ଅରବିନ୍ଦ ସୁପକାର, ଆଡଭୋକେଟ ଗୌରଚନ୍ଦ୍ର ରାଜପଲିଆ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳବିହାରି ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଯୁବବର୍ଗଙ୍କୁ ଉଚିତ ମାର୍ଗ ପ୍ରଦର୍ଶନ କରି ଗ୍ରାମର ସାମୂହିକ ଉନ୍ନତି ପାଇଁ ଯୋଜନା କରାଯିବାକୁ ମତ ପ୍ରକାଶ ପାଇଥିଲା। ରମାକାନ୍ତ ରାଜପଲିଆ ଧନ୍ୟବାଦ ଅର୍ପଣ କରିଥିଲେ।

### ଆତ୍ମା ଭଗବାନଙ୍କ ଜୟନ୍ତୀ ପାଳିତ

ଟିକ୍ରାପଡ଼ା,୨୨।୮(ଡି.ଏନ୍.ଏ.): ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡ଼ାଠାରେ ଆତ୍ମା ଭଗବାନଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଉର୍ମିଳା ରାଜପଲିଆ, ଭାମା ରାଜପଲିଆ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଅବସରରେ ସତସଙ୍ଗ, ମହିମା ପଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତପସ୍ୱିନୀ, ପ୍ରେମଶିଳା, ସୁକେଶି, ଯମୁନା, ଅଜନ୍ତା, ସୁମିତ୍ରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବହୁ ସଂଖ୍ୟାରେ ମହିଳା ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

### ସାହିତ୍ୟିକ ଲକ୍ଷ୍ମଣ ତାଣ୍ଡିଙ୍କ ପରଲୋକ

ଟିଟିଲାଗଡ଼,୨୨।୮(ଡି.ଏନ୍.ଏ.): ଟିଟିଲାଗଡ଼ ସହରର ବିଶିଷ୍ଟ ସାହିତ୍ୟିକ, କବି ତଥା ନାଟ୍ୟକାର ଲକ୍ଷ୍ମଣ ତାଣ୍ଡିଙ୍କ ମଙ୍ଗଳବାର ସତୀଘାଟ ବାସଭବନରେ ପରଲୋକ ହୋଇଯାଇଛି। ସେ ଏବିଡିଓ ପଦବୀରୁ ଅବସର ପରେ ରାଜନୀତି ଜୀବନ ଆରମ୍ଭ କରିଥିଲେ। ସେ ସତିଘାଟ ପଞ୍ଚାୟତର ସରପଞ୍ଚ ଭାବେ ସୁଚାରୁ ଭାବେ କାର୍ଯ୍ୟ ତୁଲାଇଥିଲେ। ତାଙ୍କ ଦ୍ୱାରା ରଚିତ ଅମୃତତ୍ୱ, ଶ୍ରୀରାଧା, ପୀୟୂଷ ସଫଳ କାବ୍ୟକୃତି। ତାଙ୍କ ମୃତ୍ୟୁରେ ଟିଟିଲାଗଡ଼ ଘଣ୍ଟାଶୁଣି ସାହିତ୍ୟ ସଂସଦ ସଭାପତି ଯୁଗଲ କିଶୋର ଷଡଙ୍ଗୀଙ୍କ ସହ ଶତାଧିକ ବୁଦ୍ଧିଜୀବୀ, କବି ଶେଷ ଦର୍ଶନ କରି ଶୋକ ପ୍ରକାଶ କରିଥିଲେ। ବଡ ପୁଅ ପଞ୍ଚାନନ ତାଣ୍ଡି ମୁଖାଗ୍ନି ଦେଇଥିଲେ।

ଦୁଇ ଗରିବ୍ ହିତାଧିକାରୀ ମୁଡେ ପର୍‌ଶାସନିକ୍ ଚଡକ୍

# ଘର୍ ତିଆରି ବଂଦ୍ କଲେ ତହସିଲ୍‌ଦାର

ଲାଠୋର,୨୨।୮ (ଡି.ଏନ.ଏ)

କେନ୍ଦ୍ର ଆର୍ ରାଏଜ୍ ସରକାର ଗାଁ ଗଁଲିରୁ ସହର ତକ୍ ସବୁନେ ଗରିବ୍‌ମାନ୍‌କୁ ପକା ଘର୍ ଯୁଗେଇ ଦେବାର ଲାଗି ଇନ୍ଦିରା ଆବାସ, ପ୍ରଧାନ ମନ୍ତ୍ରୀ ଆବାସ, ମୋ କୁଡିଆ, ବିଜୁ ପକ୍କାଘର ଲେଖେନ୍ ଯୋଜ୍‌ନାମାନ୍ କାଯ୍‌କାରୀ କରୁଛନ୍। ହେଲେ ପର୍‌ଶାସନିକ୍ ଅଧିକାରୀ ଖାମ୍‌ଖିଆଲି ମନ୍‌ଭାବ୍ ଲାଗି ଖଟିଖିଆ ଗରିବ୍‌ମାନେ ହଏରାନ୍ ହର୍‌କତ୍ ହେଉଛନ୍। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଳିଛେ ଖପ୍ରାଖୋଲ ବ୍ଲକ୍ ଟଙ୍କପାଣି ପଁନ୍‌ଚେତ୍‌ର ସୁନାମୁଦି ହଂସ ପଡାରେ। ସୂଚ୍‌ନା ଅନ୍‌ସାରେ ଇ ପଡ଼ାରେ କେନ୍‌କାଲୁ ସୁଦନ ହଂସ ଆର୍ ଚଞ୍ଚଳା ହଂସ ନିଜର ନିଜର ପରିବାରକେ ନେଇ ରହିଆସୁଛନ୍। ଦୁଇଝନ ଗରିବ୍ ହେଇଥିଲା ବେଲେ ପ୍ରଧାନମନ୍ତ୍ରୀ ଆବାସ ଯୋଜ୍‌ନାରେ ଘର୍ ତିଆରିବାର ଲାଗି ଚଲ୍‌ତି ବଛର୍ କାର୍ଯ୍ୟାଦେଶ ପାଇଥିଲେ। କାର୍ଯ୍ୟାଦେଶ ପାଏଲା ଉତାରୁ ଘର୍ ତିଆରି କଲେ, ପହେଲା ଆର୍ ଦୁତିଅ କିସ୍‌ତି ବାବ୍‌ଦେ ୫୫ ହଜାର ଟଁକା ଲେଖେନ୍ ବି ପାଏଲେ। ଘର୍ ଛାତ୍ ପାଖାପାଖି ହେଲା ସମିଆରେ ପଁନ୍‌ଚେତ୍ କତୁର୍‌ପକ୍ଷ ଦୁଇଝନ୍‌କୁ ତମେ ସରକାରୀ ଜାଗାରେ ଘର୍ ତିଆରି କରୁଛ, ଇ କାମ୍ ବଂଦ୍ କର ବଲି କହିଥିଲେ। ଯେନ୍‌ଥିର୍‌ଲାଗି ଦୁଇ ଗରିବ୍ ପରିବାର ଉପେ ଶୂଇନ୍ ହେଇ ନିଜର ନିଜର ଭଂଗା ଦଦ୍‌ରା ମାଏଟ୍ ଘରମାନ୍‌କେ ରହୁଛନ୍। ଇ ବାବ୍‌ଦେ ଖପ୍ରାଖୋଲ ବିଡିଓ ଦାଇତିଅରେ ଥିବାର ଏବିଡିଓ ପଞ୍ଚାନନ ଖମାରୀଙ୍କୁଁ ପଚ୍‌ରାବାରେ ସେମାନେ ସରକାରୀ ଜାଗାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜ୍‌ନାରେ ଘର୍ ତିଆରୁଥିଲେ ସେଥିର୍‌ଲାଗି ଖପ୍ରାଖୋଲ ତହସିଲଦାର କାମ୍ ବଂଦ୍ କରିଛନ୍ ବଲି କହିଥିଲେ। ସେନ୍‌ତା ଖପ୍ରାଖୋଲ ତହସିଲଦାର ମୋତିଲାଲ ସୁଲିଆଙ୍କୁଁ ପଚ୍‌ରାଲାରୁ ମୁଇଁ ସୁନାମୁଦି ପରିଦର୍‌ଶନ୍‌ରେ ଯାଇଥିଲି। ସେମାନେ ସରକାରୀ ଜାଗାଥି ଆବାସ ଯୋଜ୍‌ନାରେ ଘର୍ ତିଆରୁଥିବାର ଖବର ପାଇ ସରପଁଚ୍ ଆର୍ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁଁ କହି କାମ୍ ବଂଦ୍ କରେଇଛେଁ ବଲି କହିଥିଲେ। ଇ ବାବ୍‌ଦେ ଖପ୍ରାଖୋଲ ବ୍ଲକ୍ ସହକାରୀ ଯନ୍ତ୍ରୀ ସୌମ୍ୟ କୁମାର ଜୟପୁରିଆଙ୍କୁଁ ପଚ୍‌ରାଲାରୁ ହିତାଧିକାରୀକଁର ଜମି ଚିନ୍‌ହଁଟ୍ ହେଲା ଉତାରୁ ଲେଆଉଟ୍ ଦେବାର ନିଅମ୍ ରହିଛେ। ହେଲେ ବହୁତ୍ ଜାଗାରେ ଜିଓଟେଗ୍‌କେ ଆଧାର କରି ବି ଲେଆଉଟ୍ ଦେଉଛୁଁ ବଲି କହିଥିଲେ। ହେଲେ ଇଠାନେ ଗୁଟେ କଥା ତ ନିହାତି ସତ୍ ଆଏ ଯେ ହିତାଧିକାରୀକଁର ଜମିବାଡିର କାଗଜ୍‌ପତର ଯାଁଚ୍ ହେଲା ଉତାରୁ ସେମାନେ କାର୍ଯ୍ୟାଦେଶ ପାଇଥିବେ। ସେନ୍‌ତା ବ୍ଲକ୍ ପର୍‌ଶାସନ୍ ଲେଆଉଟ୍ ଦେଲାବେଲେ ନିହାତି ଭାବେ ଜମି ଚିନ୍‌ହଁଟ୍ କରି କରିଥିବେ। ଯଦି ହିତାଧିକାରୀକଁର ଜମି ଚିନ୍‌ହଁଟ୍ କରି ବ୍ଲକ୍ ପର୍‌ଶାସନ୍ ଲେଆଉଟ୍ ଦେଇଥିଲେ ତ ହିତାଧିକାରୀ ସରକାରୀ ଜମିରେ କେନ୍‌ଥେଇ ଘର୍‌ବନାଲେ। ଯଦି ବି ହିତାଧିକାରୀ ମପା ହେଇଥିବାର ଜମିରୁ ଅଲଗ୍ ଜାଗାରେ ଘର୍‌ବନାଲେ, ଘର୍ ତିଆରି ବେଲେ ବ୍ଲକ୍ କତୁର୍‌ପକ୍ଷ, ଜେଇ ପରିଦର୍‌ଶନ୍‌ରେ ଯାଇଥିଲେ କି ନାଇଁ। ଯଦି ଯାଇଥିଲେ ତାହେଲେ ହିତାଧିକାରୀ ଦୁଇ କିସ୍‌ତି ଟଁକା ପାଏବାରତକ୍ ଆର୍ ଘର୍ ଛାତ୍ ଲେବୁଲ୍ ତକ୍ ଯିବାର ତକ୍ କେନ୍‌ଥେଇ ଜାନି ନାଇଁପାର୍‌ଲେ। ଏନ୍‌ତା ସରକାରୀ ଅଧିକାରୀମାନ୍‌କର ଖାମ୍‌ଖିଆଲି ମନ୍‌ବୁର୍‌ତିର ଲାଗି ସରକାରୀ ଯୋଜ୍‌ନାମାନ୍ ଫସର୍ ଫାଟୁଛେ, ଗରିବ୍ ଲୋକ୍ ଯୋଜ୍‌ନାର ସୁଫଲ୍ ପାଏବାର ଜାଗାରେ ହଏରାନ୍ ହର୍‌କତ୍ ହେଉଛନ୍। ସରକାରକଁର ମହତ୍ ଉଦେଶ୍ ସାଧିତ୍ ହେବାର ଜାଗାରେ ଏନ୍‌ତା କିଛି ଅଧିକାରୀ ଆର୍ କରମ୍‌ଚାରୀକର ଲାଗି କୋଟି କୋଟି ଟଁକା ପାଏନ୍‌ରେ ପଡୁଛେ। ଇ ଘଟ୍‌ନା ଉପ୍‌ରେ ଜିଲାପାଲ ତଦଁତ୍ କରି ଦୁଇ ଗରିବ୍ ହିତାଧିକାରୀଙ୍କୁଁ ନିଏ ଦେବାକେ ଦାବି ହେଉଛେ।



ଦର୍‌ଖଁଡିଆ ହେଇ ପଡିଥିବାର ଦୁଇ ହିତାଧିକାରୀକଁର ପ୍ରଧାନମନ୍ତ୍ରୀ ଆବାସ ଘର୍।

## ଓଭରବ୍ରିଜ୍ ନିର୍ମାଣ ଦାବିରେ ବିଧାୟକଙ୍କୁ ଦାବିପତ୍ର

ଲୋଇସିଂହା,୨୨।୮(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ପ୍ରବେଶ ଦ୍ୱାରରେ ଥିବା ୨ଟି ରେଳ ଫାଟକରେ ଇଣ୍ଟରଲକିଂ ବ୍ୟବସ୍ଥା ପରେ ଲୋଇସିଂହାବାସୀ ଯାତାୟାତ ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ସମାଧାନ ପାଇଁ ରେଳ ବିଭାଗ ପକ୍ଷରୁ ଭୂତଳ ପୋଲ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାକୁ ସ୍ଥାନୀୟ ସିନିୟର ସିଟିଜନ ଏସ୍ଏମ୍ବ୍ଲି ସଦସ୍ୟ ବିରୋଧ କରିଛନ୍ତି। ଭୂତଳ ବଦଳରେ ଓଭରବ୍ରିଜ ନିର୍ମାଣ ଦାବିରେ କରିଛନ୍ତି। ଏ ସମ୍ପର୍କିତ ଏକ ଦାବିପତ୍ର ଲୋଇସିଂହା ବିଧାୟକ ଯୋଗେନ୍ଦ୍ର ବେହେରାଙ୍କୁ ପ୍ରଦାନ କରି ପଦକ୍ଷେପ ଗ୍ରହଣ କରିବାକୁ ଜଣାଇଛନ୍ତି। ସୂଚନା ଯୋଗ୍ୟ, ଲୋଇସିଂହା ଦେଇ ସମ୍ବଲପୁର ଟିଟିଲାଗଡ଼ ରେଳ ଲାଇନ ଯାଇଛି। ସମ୍ବଲପୁରରୁ ଆସିଲାବେଳେ ବାମ ପାର୍ଶ୍ୱରେ ଲୋଇସିଂହା ରହିଥିବା ବେଳେ ଡାହାଣ ପାର୍ଶ୍ୱରେ ୨୬ ନମ୍ବର ଜାତୀୟ ରାଜପଥ, ବସଷ୍ଟାଣ୍ଡ, ବ୍ଲକ, ତହସିଲ କାର୍ଯ୍ୟାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମେତ ବିଭିନ୍ନ ସରକାରୀ ବେସରକାରୀ ଅନୁଷ୍ଠାନ, ସ୍କୁଲ, କଲେଜ ଅବସ୍ଥିତ। ଲୋଇସିଂହା ଷ୍ଟେଶନ ପୂର୍ବରୁ ୨୮୦ ମିଟର ମଧ୍ୟରେ ଥିବା ଦୁଇଟି ଫାଟକ ଦେଇ ସ୍କୁଲ, କଲେଜ ଛାତ୍ରୀଛାତ୍ର, ରୋଗୀ ଦୈନନ୍ଦିନ ଯାତାୟତ କରୁଛନ୍ତି। ଏହି ରୁଟରେ ପୂର୍ବରୁ ସେଭଳି ଏକ୍ସପ୍ରେସ, ପାସେଞ୍ଜର ଏବଂ ମାଲବାହୀଟ୍ରେନ ଯାତାୟାତ କରୁ ନ ଥିଲା। ଫଳରେ ଲୋକେ ସ୍ୱାଚ୍ଛନ୍ଦରେ ଯାତାୟାତ କରୁଥିଲେ। ଉକ୍ତରୁଟରେ ବିଗତ କିଛି ବର୍ଷ ହେଲା ଟ୍ରେନ ଯାତାୟାତ ସଂଖ୍ୟା ବୃଦ୍ଧି ଯୋଗୁ ଯାତ୍ରୀଙ୍କ ସୁରକ୍ଷା ପାଇଁ ଉଭୟ ଫାଟକରେ ଇଣ୍ଟରଲକିଂ ବ୍ୟବସ୍ଥା କରାଯାଇଛି। ଏହି ବ୍ୟବସ୍ଥା ସିଧାସଳଖ ଲୋଇସିଂହା ଷ୍ଟେଶନରୁ ନିୟନ୍ତ୍ରିତ ହେଉଛି। ଫଳରେ ଟ୍ରେନର ଅପ ଏବଂ ଡାଇନ ଯାତାୟାତ ବେଳେ ୧୫ ମିନିଟରୁ ଅଧିକ ସମୟ ଯାତ୍ରୀଙ୍କୁ ଅପେକ୍ଷା କରିବାକୁ ପଡୁଛି। ଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉଭୟ ଫାଟକ ନିକଟରେ ରେଳ ବିଭାଗ ପକ୍ଷରୁ ଭୂତଳ ପୋଲ ନିର୍ମାଣ କାମ ସର୍ଭେ ଶେଷ ହୋଇଛି। ଭୂତଳ ପୋଲ ମଧ୍ୟ ଲୋଇସିଂହାବାସୀଙ୍କ ପାଇଁ ଅସୁବିଧା ସୃଷ୍ଟି କରିବ। ତେଣୁ ଭୂତଳପୋଲ ବଦଳରେ ଓଭର ବ୍ରିଜ ନିର୍ମାଣ ସକାଶେ ସିନିୟର ସିଟିଜନ ଏସ୍ଏମ୍ବ୍ଲିର ସଦସ୍ୟ ବ୍ରଜବନ୍ଧୁ ମିଶ୍ର, ବିଭୂତିଭୂଷଣ ସାହଣୀ, ଅଶୋକ କୁମାର ସାହୁ, ଗଜାନନ ଅଗ୍ରୱାଲ, ରାମଚନ୍ଦ୍ର ପଟେଲେ ପ୍ରମୁଖ ଏକ ପ୍ରତିନିଧି ମଣ୍ଡଳୀ ବିଧାୟକଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରି ସମସ୍ୟାର ସମାଧାନ ସଂକ୍ରାନ୍ତରେ ଜଣାଇଥିଲେ।

## ଶିକ୍ଷକ ଦେବରାଜ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧନା

ଖପ୍ରାଖୋଲ ୨୨।୮ (ଡି.ଏନ୍.ଏ)

ଖପ୍ରାଖୋଲ ବ୍ଲକ ବାଘମୁଣ୍ଡା ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା କବି ଦେବରାଜ ପାଣିଗ୍ରାହୀଙ୍କୁ ବଲାଙ୍ଗୀରଠାରେ ଆୟୋଜିତ ପାର୍ବତି ଗିରି ଶ୍ରାଦ୍ଧୋତ୍ସବ ଅବସରରେ ସମ୍ବର୍ଦ୍ଧିତ କରାଯାଇଛି। ଲିଟେଲାରୀ ଏଣ୍ଡ ସୋସିଆଲ କ୍ଲବଠାରେ ପୁଜ୍ୟ ପୁଜା ସେବା ସଂଗଠନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମାନପତ୍ର ଏବଂ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପଦ୍ମଶ୍ରୀ କୈଳାସ ମେହେର, ଜିଲା ସଂସ୍କୃତି ଅଧିକାରୀ ବିଜୟ କୁମାର ଶତପଥୀ, ଯୁବନେତା ଅର୍କେଶ ନାରାୟଣ ସିଂ ଦେଓ, ମଦନମୋହନ ରଥ, ଅଶୋକ କୁମାର ସେଠୀ ଅତିଥି ଉପସ୍ଥିତ ରହିଥିଲେ।



ଅତିଥିମାନେ ଶିକ୍ଷକ ଦେବରାଜ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ଗାନ୍ଧିଜୀ କ୍ଲବର ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

ବଲାଙ୍ଗୀର ଅଫିସ, ୨୨।୮

ଆସନ୍ତା ଅକ୍ଟୋବର ୧୬ ତାରିଖଠାରୁ ଆରମ୍ଭ ହେବାକୁ ଥିବା ସାର୍ବଜନୀନ ଦୁର୍ଗାପୂଜା ସକାଶେ ବଲାଙ୍ଗୀର ଗାନ୍ଧୀନଗରପଡ଼ା ଗାନ୍ଧୀଜୀ କ୍ଲବ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। କ୍ଲବ ସଭାପତି ଶିବ ପ୍ରସାଦ ଦତ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଗାମୀ ପୂଜା ପରିଚାଳନା ପାଇଁ ସଭାପତି ଭାବେ ଅଭିନାଶ ଦାନୀ, ସମ୍ପାଦକ ଭାବେ ଶୁଭେନ୍ଦୁ ସାହୁ ଓ କୋଷାଧ୍ୟକ୍ଷ ଭାବେ ସୂର୍ଯ୍ୟ ମେହେରଙ୍କୁ ମନୋନୀତ କରାଯାଇଥିଲା। ରାଜକିଶୋର ଚୋପଦାର, ଗିରିଧାରୀ ସାହୁ, ଦାରା ଘିଭେଲା, ପ୍ରକାଶ ବରଗ୍ଭି, ତରୁଣ ବରଗ୍ଭି, କୈଳାସ ଚନ୍ଦ୍ର ସ୍ୱାଇଁ ଏବଂ ବାବୁ ସାହୁଙ୍କୁ କମିଟି ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଚଳିତବର୍ଷ ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ ଉପସ୍ଥିତ ସମସ୍ତ ସଭ୍ୟ, କର୍ମକର୍ତ୍ତା ଓ ପଡାବାସୀ ମତପ୍ରକାଶ କରିଥିଲେ। ରାବଣ ପୋଡି ମହୋତ୍ସବ ସଫଳ କରିବା ପାଇଁ ସନ୍ତୋଷ ପୁରୋହିତଙ୍କୁ ଦାୟିତ୍ୱ ଦିଆଯାଇଥିଲା। କ୍ଲବ ସମ୍ପାଦକ ଉମାକାନ୍ତ ସାହୁ ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

**ଆଜି କ'ଣ କେଉଁଠି ସ୍ତମ୍ଭରେ**
ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଜଳବାୟୁ ପରିବର୍ତ୍ତନ ସାକ୍ଷରତା ଅଭିଯାନ କାର୍ଯ୍ୟକ୍ରମ

ଖପ୍ରାଖୋଲ ୨୨।୮(ଡି.ଏନ୍.ଏ.)

ଖପ୍ରାଖୋଲ ବ୍ଲକ ମାଟିଆଭଟା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜଳବାୟୁ ପରିବର୍ତ୍ତନ ସାକ୍ଷରତା ଅଭିଯାନ କାର୍ଯ୍ୟକ୍ରମ ଭୋଜରାଜ ବରିହାଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଆଇସିଡିଏସ୍ ସୁପର ଭାଇଜର ତପସ୍ୱିନୀ ତାଣ୍ଡି, ସମ୍ମାନିତ ଅତିଥି ଭାବେ ଓ୍ୱାସିଡିଏ ସଂଯୋଜକ ହେମବତୀ ନନ୍ଦନ ବେହେରା, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ହେମସାଗର ଧରୁଆ ପ୍ରମୁଖ ଯୋଗଦେଇ ବିଶ୍ୱରେ ଜଳବାୟୁ ପରିବର୍ତ୍ତନ ଯୋଗୁ ଜନଜୀବନ ବିପଦରେ, ଅବାଧ ଜଙ୍ଗଲକ୍ଷୟ ଯୋଗୁ ଜଳବାୟୁ ପରିବର୍ତ୍ତନ ହେଉଥିବାରୁ ଜନସଚେତନତା ସୃଷ୍ଟି ସହ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ ଦେବାକୁ ଅତିଥିମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ ନନ୍ଦ, ଉମେଶ ଗୁପ୍ତା, ସଦାନନ୍ଦ ବାଗ, ସୁରେନ୍ଦ୍ର କୁମାର ସାହୁ, ସୁମନ୍ତ ଜାଲ, ଜୟଶ୍ରୀ ବରିହା, ସିନାମୟୀ ନନ୍ଦଙ୍କ ସମେତ ସ୍ୱୟଂସହାୟିକା ଗୋଷ୍ଠୀ ସଦସ୍ୟା ଏବଂ ଜନସାଧାରଣ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ସ୍କୁଲ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମକୁ ମାଖନୁ ଷାଣ୍ଡ ପରିଚାଳନା କରିଥିଲେ। ସେହିପରି ରେଙ୍ଗାଲି ପଞ୍ଚାୟତ ଲହଡୁଙ୍ଗୁରୀ ଗ୍ରାମରେ ମଧ୍ୟ ବିକଳ୍ପ କଣ୍ଟାବାଞ୍ଜି ଓ ନାବାର୍ଡର ମିଳିତ ଉଦ୍ୟମରେ ଜଳବାୟୁ ପରିବର୍ତ୍ତନ ସାକ୍ଷରତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସୁରେଶ ବେହେରା, ମହିନାଥ ସୁନା, ସନ୍ତୋଷ ଠାକୁର, ପୁରନ୍ଦର ବନଛୋର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କୃଷକ କ୍ଲବ ଓ ସ୍ୱୟଂସହାୟକ ଦଳର ସଦସ୍ୟା ଉପସ୍ଥିତ ଥିଲେ।




ସ୍କୁଲ ପରିସରରେ ଚାରାରୋପଣ କରାଯାଉଛି।

## ଫୁଟବଲ ଟୁର୍ନାମେଣ୍ଟ: ଖର୍ସେଲବାଞ୍ଜି ଚାମ୍ପିୟନ

ଟିକ୍ରାପଡ଼ା,୨୨।୮(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ସଇଁନ୍ତଲା ବ୍ଲକ ଯୁରାବନ୍ଧ ପଞ୍ଚାୟତ ଅଧୀନ ଖର୍ସେଲବାଞ୍ଜିଠାରେ ଆଦର୍ଶ ଯୁବକ ସଂଘ ଆନୁକୂଲ୍ୟରେ ଏହ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଟି ଦଳ ଅଂଶ ଗ୍ରହଣ କରିଥିଲେ । ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଝିଙ୍କିଡୁଙ୍ଗୁରୀକୁ ୧-୦ ଗୋଲରେ ହରାଇ ଖର୍ସେଲବାଞ୍ଜି ଚାମ୍ପିୟନ ହୋଇଥିଲା। ନରଦୀପ ମାହାର, ରବିନାରାୟଣ ମହାକୁର, ମେଘାମ୍ବର ରାଜପଲିଆ ଖେଳ ପରିଚାଳନା କରିଥିଲେ। ନିମାନନ୍ଦ ଖମାରୀ ଧାରାବିବରଣୀ ପ୍ରଦାନ କରିଥିଲେ। ସଭାପତି ଜୟରାମ ମାଝିଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ହରିଶ୍ଚନ୍ଦ୍ର ବାଗଙ୍କ ସଂଯୋଜନାରେ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା । ସାମାଜିକ କର୍ମୀ ପବିତ୍ର ଅମାତ, ସମିତି ସଭ୍ୟ ଗଙ୍ଗାଧର ବାରିକ, ଗୌନ୍ତିଆ ଟିକେନ୍ଦ୍ର ମାଝି, ଘାସିରାମ ଖମାରୀ, ବନବିହାରୀ ମିର୍ଦ୍ଧା ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ। ସତ୍ୟନାରାୟଣ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ। ହେମନ୍ତ, କୃଷ୍ଣ, ରନ, ବୁଲୁ, ରାଧେ, ପରମେ, ଅଶୋକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଶିରାବାହାଲ ନୂତନ ପ୍ରାଥମିକ ବିଦ୍ୟାଳୟ

## ଅର୍ଦ୍ଧ ନିର୍ମିତ ପଡ଼ିରହିଛି ୨ ଶୌଚାଳୟ

ଗୁଡଭେଲା,୨୨।୮(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ ଶିରାବାହାଲ ନୂତନ ପ୍ରାଥମିକ ବିଦ୍ୟାଳୟରେ ବାଳିକା ଓ ବାଳକଙ୍କ ପାଇଁ ୨ଟି ଶୌଚାଳୟ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡିରହିଛି। ନିର୍ମାଣ କାର୍ଯ୍ୟ ୪ ବର୍ଷ ବିତି ଯାଇଥିଲେ ମଧ୍ୟ ଏହାକୁ ସମ୍ପୂର୍ଣ୍ଣ କରିବା ଦିଗରେ ବିଭାଗୀୟ ଅଧିକାରୀ କୌଣସି ପଦକ୍ଷେପ ନେଉ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କୋଲ ଇଣ୍ଡିଆ ଲିମିଟେଡ ପକ୍ଷରୁ ସର୍ବଶିକ୍ଷା ଅଭିଯାନ ମାଧ୍ୟମରେ ୧ ଲକ୍ଷ ୫୮ ହଜାର ଟଙ୍କା ଅନୁଦାନରେ ବାଳିକା ଏବଂ ସର୍ବଶିକ୍ଷା ଅଭିଯାନ ପକ୍ଷରୁ ୭୨ହଜାର ଟଙ୍କା ବ୍ୟୟରେ ବାଳକଙ୍କ ପାଇଁ ଶୌଚାଳୟ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ବର୍ତ୍ତମାନ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡିରହିଛି। ଏ ନେଇ ଗ୍ରାମବାସୀ ଓ ଅଭିଭାବକ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ମଧ୍ୟ କୌଣସି ପଦକ୍ଷେପ ନିକକଆଯାଇ ନାହିଁ। ଫଳରେ ଛାତ୍ରୀଛାତ୍ରମାନେ ଶୌଚ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୭୩ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ୪ ଜଣ ଶିକ୍ଷୟିତ୍ରୀ ଶିକ୍ଷାଦାନ କରୁଥିବା ବେଳେ ୫ଟି ଶ୍ରେଣୀ ଗୃହ ରହିଛି। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଝାଙ୍କର କହିଛନ୍ତି ଯେ, ଅନୁଦାନ ଯାହା ଆସିଥିଲା ସେତିକି କାମ କରାଯାଇଛି, ଅନୁଦାନ ପୁଣି ଆସିଲେ ନିର୍ମାଣ କାର୍ଯ୍ୟ କରାଯିବ ବୋଲି କହିଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ଅଖିଳ ଦୀପଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏଥି ପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେଇ ତୁରନ୍ତ ବିହିତ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶପାଇଛି।



ଅଧାପନ୍ତରିଆ ହୋଇ ପଡିରହିଥିବା ୨ଟି ଶୌଚାଳୟ।

ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଉଦ୍‌ଘାଟିତ

## ବିଜ୍ଞାନ ଭିତ୍ତିକ ଦୃଷ୍ଟିଭଙ୍ଗୀ ସମାଜକୁ ପ୍ରଗତିଶୀଳ କରିବ

ବଲାଙ୍ଗୀର ଅଫିସ/ପୁଇଁତଲା, ୨୨।୮ (ଡି.ଏନ୍.ଏ.)

ପୁଇଁତଲା ବ୍ଲକ ଅଧୀନ ମହୀମୁଣ୍ଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବୁଧବାର ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଉଦ୍‌ଘାଟିତ ହୋଇଯାଇଛି । ବିଦ୍ୟାଳୟ ସଭାପତି ରାମଚନ୍ଦ୍ର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସଚ୍ଚିଦାନନ୍ଦ ବିଶ୍ୱାଳ ଯୋଗଦେଇ ବକ୍ତବ୍ୟରେ ବିଜ୍ଞାନ ଦ୍ୱାରା ହିଁ ପ୍ରଗତିର ପଥ ପରିଷ୍କାର ହୋଇଛି। ବିଜ୍ଞାନଭିତ୍ତିକ ଦୃଷ୍ଟିଭଙ୍ଗୀ ହିଁ ସମାଜକୁ ପ୍ରଗତିଶୀଳ କରିବ ବୋଲି କହିଥିଲେ। ସଙ୍କୁଳ ସଂଯୋଜକ ଆଲୋକ ଭୋଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ପଞ୍ଚାନନ ତ୍ରିପାଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ କରିଥିଲେ। ଜ୍ଞାନ ବିଜ୍ଞାନ ମେଳାର ପ୍ରଥମ ଦିବସରେ ଶିଶୁ ବର୍ଗ, ବାଳ ବର୍ଗ ଓ କିଶୋର ବର୍ଗର ଛାତ୍ରୀଛାତ୍ରମାନଙ୍କୁ ନେଇ ସଂସ୍କୃତି ବିଜ୍ଞାନ, ଗଣିତ ଓ ବିଜ୍ଞାନ ପ୍ରଶ୍ନମଞ୍ଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ବିନାୟକ ଷଡଙ୍ଗୀ, ଜୟ ନାରାୟଣ ଚାନ୍ଦ, ମୀନା ସରାଫ, ଜଗତ ବିହାରୀ ପଟେଲ, ଶର୍ମିଷ୍ଠା ପଣ୍ଡା, ରଶ୍ମିତା ଋତୁପର୍ଣ୍ଣା ହୋତା, ସୁନୀଲ ହୋତା, ହେମନ୍ତ ହୋତା, ଧବଳେଶ୍ୱର ସା, ଗୀତାଞ୍ଜଳି ପ୍ରଧାନ, ରାଜେନ୍ଦ୍ର ବିଶ୍ୱାଳ, ଜିତେନ୍ଦ୍ର ମାଲ, ନିରୋଜ ଥାଟି, ସୂର୍ଯ୍ୟକାନ୍ତୀ ଛତ୍ରିଆ ଓ ରଞ୍ଜିତା ନାଏକ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ସଙ୍କୁଳ ପ୍ରମୁଖ ରମାକାନ୍ତ ରାଉତ୍ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସମ୍ପାଦକ ଗଗନ ବିହାରୀ ପ୍ରଧାନ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନା ସମିତିର ଅନ୍ତର୍ଯ୍ୟାମୀ ବିଶ୍ୱାଳ, ସ୍ୱାଧୀନ ସାହୁ, ନଳିନୀକାନ୍ତ ପ୍ରଧାନ ଓ ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମା ସହଯୋଗ କରିଥିଲେ।




ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।



ଉପାସନା ସେତିକିବେଳେ ସଫଳ ହୁଏ, ଯେତେବେଳେ ଜଣେ ଅହିଂସା ଉପରେ ସିଦ୍ଧିଲାଭ କରେ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ଜମ୍ମୁ କଶ୍ମୀର ଶ୍ରମିକ ଚାଲାଣ ପ୍ରସଙ୍ଗ: ମାନବ ଚାଲାଣରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ ଦାବି

**ରାଉରକେଲା ଅଫିସ,୨୨।୮**-ଉଚ୍ଚ ଦରମା ଲୋଭରେ ପଡି ଦଲାଲ ପ୍ରରୋଚନାରେ ଜମ୍ମୁ କଶ୍ମୀର ଯାଇଥିବା ଚାନ୍ଦିପୋଷ ଅଞ୍ଚଳର ୨୩ ଶ୍ରମିକ ଉଦ୍ଧାର ପାଇଥିଲେ ହେଁ ଘଟଣାରେ ସମ୍ପୃକ୍ତ ଦୁଇ ଭାଇ ଖୋଲାରେ ବୁଲୁଛନ୍ତି। ଏମାନଙ୍କୁ ପୋଲିସ ଗିରଫ କରୁ ନ ଥିବାରୁ ସାମାଜିକ କର୍ମୀ ଚାନ୍ଦମଣି ସାଣ୍ଡିଲ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏନେଇ ସେ ବୁଧବାର ଉଦିତନଗର ସୁବାସ ପାର୍କ ଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କହିଥିଲେ ଯେ, ଜମ୍ମୁ କଶ୍ମୀର ଅଞ୍ଚଳରେ ଗତ ଜାନୁୟାରୀରୁ ଫସି ରହିଥିବା ଶ୍ରମିକ ଉଦ୍ଧାର ପାଇଥିଲେ ହେଁ ଚାଲାଣକାରୀ ସେମାନଙ୍କ ପାଉଣା ନ ଦେଇ ଏଣେ ତେଣେ ଘୁରି ବୁଲୁଛନ୍ତି। ଫଳରେ କାମ କରିଥିବା ଶ୍ରମିକଙ୍କ ବକେୟା ବାବଦକୁ ୬ଲକ୍ଷ ୨୬ ହଜାର ଏବେ ବୁଡିବାକୁ ଯାଉଛି। ଯେଉଁ ଦଲାଲ ସୁନ୍ଦରଗଡ ଜିଲାର ବିଭିନ୍ନ ଗ୍ରାମାଞ୍ଚଳରୁ ନିରୀହ ଆଦିବାସୀଙ୍କୁ କାମଧନ୍ଦା ଲୋଭ ଦେଖାଇ ରାଜ୍ୟ ବାହାରକୁ ନେଉଛନ୍ତି ସେମାନଙ୍କ ପ୍ରତି କୋହଳ ମନୋଭାବ ପୋଷଣ ସମ୍ପୂର୍ଣ୍ଣ ଅନୁଚିତ। ଏହା ଦ୍ୱାରା ଜିଲାରେ ମାନବ ଚାଲାଣ ବୃଦ୍ଧି ପାଇବ ବୋଲି ଚାନ୍ଦମଣି ଆଶଙ୍କା ବ୍ୟକ୍ତ କରିଥିଲେ। ଏଣୁ ଘଟଣାରେ ସମ୍ପୃକ୍ତ ୨ଭାଇଙ୍କୁ ତୁରନ୍ତ ଗିରଫ କରାଯିବା ସହ ନିରୀହ ଶ୍ରମିକଙ୍କ ପାଉଣା ଫେରାଯିବା ନେଇ ଜିଲା ପ୍ରଶାସନ ବ୍ୟବସ୍ଥା କରୁ ବୋଲି ଚାନ୍ଦମଣି ଦାବି କରିଛନ୍ତି।

# ଖୁବ୍‌ଶୀଘ୍ର ଖୋଲିବ ଡାଏଲିସିସ୍ ସେଣ୍ଟର: ଜୁଏଲ

**ସୁନ୍ଦରଗଡ,୨୨।୮(ଡି.ଏନ୍.ଏ.)**

ଭାରତ ସରକାରଙ୍କ ସହାୟତାରେ ଓଡ଼ିଶାର ସମସ୍ତ ଜିଲାର ମୁଖ୍ୟ ଚିକିତ୍ସାଳୟରେ ଖୁବ୍‌ଶୀଘ୍ର ନିଶୁଳ୍କ ଡାଏଲିସିସ ସେବା ଯୋଗାଇ ଦିଆଯିବ। କେନ୍ଦ୍ର ସରକାରଙ୍କ ଏଭଳି ଯୋଜନା ରହିଥିବା ବେଳେ ଜୁଏଲ ଓରାମଙ୍କ ନେତୃତ୍ୱରେ ସୁନ୍ଦରଗଡ ମୁଖ୍ୟ ଚିକିତ୍ସାଳୟ ଠାରେ ଜନସାଧାରଣ କିଭଳି ଉପକୃତ ହୋଇପାରିବେ ସେଥିପାଇଁ ପ୍ରଥମ ପର୍ଯ୍ୟାୟରେ ଖୋଲାଯିବାକୁ ନିଷ୍ପତ୍ତି ନିଆଯାଇଥିବା ସୂଚନା ଦେଇଛନ୍ତି। ଏହା ଦ୍ୱାରା ଜନସାଧାରଣ ଆର୍ଥିକ ଓ ମାନସିକ ଚାପରୁ ମୁକ୍ତ ହୋଇ ଏହି ଚିକିତ୍ସା ସୁବିଧା ପାଇପାରିବେ ବୋଲି କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ପ୍ରକାଶ କରିଛନ୍ତି। ଏଭଳି ଚିକିତ୍ସା ପାଇଁ ସୁନ୍ଦରଗଡର ଜନସାଧାରଣଙ୍କୁ ବୁର୍ଲା, କଟକ, ଭୁବନେଶ୍ୱର ଯିବାକୁ ପଡୁଥିଲା। ଜିଲାର ରାଉରକେଲା ସରକାରୀ ହସ୍ପିଟାଲଠାରେ ଡାଏଲିସିସ୍ ସେଣ୍ଟର ଖୋଲାଯିବାକୁ କେନ୍ଦ୍ରମନ୍ତ୍ରୀ ଓରାମ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କଠାରେ ଦାବି ଜଣାଇଛନ୍ତି। କେନ୍ଦ୍ରମନ୍ତ୍ରୀ ଓରାମଙ୍କ ଏଭଳି ପ୍ରଚେଷ୍ଟାକୁ ସୁନ୍ଦରଗଡ ଜନସାଧାରଣ ଏବଂ ଭାରତୀୟ ଜନତା ପାର୍ଟି ପକ୍ଷରୁ ଜିଲା ସଭାପତି ବଟକିଶୋର ମିଶ୍ର, ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ, ରାଜଗାଙ୍ଗପୁର ନିର୍ବାଚନମଣ୍ଡଳୀ ପ୍ରଭାରୀ ଗିରିଶ ଚନ୍ଦ୍ର ସାହୁ, ତଳସରା ନିର୍ବାଚନ ମଣ୍ଡଳୀ ପ୍ରଭାରୀ ପ୍ରଦ୍ୟୁତ ନାଏକ, ସୁନ୍ଦରଗଡ ସଦର ନିର୍ବାଚନମଣ୍ଡଳୀ ପ୍ରଭାରୀ ଅଜୟ ପଟେଲ, ବରିଷ୍ଠ ନେତା ସହଦେବ ଖାଖା, ସୁନ୍ଦରଗଡ ନଗରମଣ୍ଡଳ ସଭାପତି ଯଶୋବନ୍ତ ନାଏକ, ଗଣେଶ ମହାଲିଙ୍ଗ, ପ୍ରେମ ସାଗର ଓରାମ, ବିକାଶ ନାଏକ ପ୍ରମୁଖ ମନ୍ତ୍ରୀଙ୍କ ପ୍ରଚେଷ୍ଟାକୁ ସ୍ୱାଗତ କରିଛନ୍ତି।

# ହୋଟେଲରେ ଜୁଆ ଖେଳ: ୬ ଗିରଫ ସହ ୧,୨୭,୯୫୫ ଟଙ୍କା, ୬ ମୋବାଇଲ ଜବତ

**ରାଉରକେଲା ଅଫିସ,୨୨।୮**

ଷ୍ଟିଲ ସିଟିର ଏକ ହୋଟେଲରେ ଜୁଆଖେଳ ବେଳେ ପୋଲିସ ଚଢାଉ କରି ୬ଜଣ ଯୁବକଙ୍କୁ ଗିରଫ କରିଛି। ସମସ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ସହରର ବିଭିନ୍ନ ହୋଟେଲରେ ଲୁଚା ଛପାରେ ଜୁଆ ଆଡ୍ଡା ଚାଲିଥିବା ପୋଲିସକୁ ସୂଚନା ମିଳିଥିଲା। ଏହି ଖବର ମିଳିବା ପରେ ମଙ୍ଗଳବାର ରାତିରେ ରଘୁନାଥପାଲ୍ଲୀ ପୋଲିସ ପକ୍ଷରୁ ପାନପୋଷ ହକି ଛକଠାରେ ଥିବା ଏକ ହୋଟେଲ ଉପରେ ଚଢାଉ କରାଯାଇଥିଲା। ଏକ ନିର୍ଦ୍ଦିଷ୍ଟ କୋଠରୀରେ ଜୁଆ ଖେଳ ଚାଲିଥିବାବେଳେ ପୋଲିସ ୬ଜଣଙ୍କୁ ଘଟଣାସ୍ଥଳରୁ ଗିରଫ କରିଥିଲା। ସେମାନଙ୍କଠାରୁ ନଗଦ ୧ଲକ୍ଷ ୨୭ ହଜାର ୯୫୫ ଟଙ୍କା ସହ ୬ଟି ମୋବାଇଲ ଫୋନ ଜବତ କରାଯାଇଛି।

# ଉତ୍କୋଚ ଦାବି ନେଇ ମହିଳା ଖବରଦାତାଙ୍କ ନାମରେ ମାମଲା

**ରାଉରକେଲା ଅଫିସ,୨୨।୮**

ଖବର ସଂଗ୍ରହ କରିବାକୁ ଯାଇ ଉତ୍କୋଚ ଦାବି କରିବା ଅଭିଯୋଗରେ ବୁଧବାର ଝିରପାଣି ଥାନା ପକ୍ଷରୁ ଜଣେ ମହିଳା ଖବରଦାତାଙ୍କ ନାମରେ ମାମଲା ରୁଜୁ କରାଯାଇଛି। ସମାନ ଅଭିଯୋଗରେ ମହିଳା ଖବରଦାତା ଜଣଙ୍କୁ ଦୁର୍ବ୍ୟବହାର ନେଇ ସମ୍ପୃକ୍ତ କମ୍ପାନୀ କର୍ତ୍ତୃପକ୍ଷଙ୍କ ନାମରେ ଏକ ପାଲଟା ମାମଲା ରୁଜୁ କରାଯାଇଥିବା ପୋଲିସ ସୂଚନା ଦେଇଛି। ଏନେଇ ଅଧିକ ତଦନ୍ତ କରାଯାଉଥିବା କୁହାଯାଇଛି। ପଞ୍ଚାମୁଣ୍ଡାଇ ଅଞ୍ଚଳର କେତେକ ଯୁବତୀଙ୍କୁ ମୋଟା ଅଙ୍କର ଦରମା ଲୋଭ ଦେଖାଇ ଏକ କମ୍ପାନୀ ସେମାନଙ୍କଠାରୁ ଆଗୁଆ କିଛି ଅମାନତ ରାଶି ନେଇଥିଲା। ତେବେ ପରବର୍ତ୍ତୀ ସମୟରେ ଏମାନଙ୍କୁ ପ୍ରତାରଣାର ଶିକାର ହେବାକୁ ପଡିଥିଲା। ଏହି ଘଟଣାକୁ ନେଇ ଏକ ଦୈନିକ ଖବର କାଗଜର ଜଣେ ମହିଳା ଖବରଦାତା ଖବର ସଂଗ୍ରହ କରିବାକୁ ସମ୍ପୃକ୍ତ କମ୍ପାନୀ କାର୍ଯ୍ୟାଳୟକୁ ଯାଇଥିଲେ। ତେବେ ଏହି ଅବସରରେ ସେ କୁଆଡେ ମୋଟା ଅଙ୍କର ଉତ୍କୋଚ ଦାବି କରିଥିଲେ ବୋଲି ଥାନାରେ ଅଭିଯୋଗ ହୋଇଛି। ଅପରପକ୍ଷେ ମହିଳା ଖବରଦାତାଙ୍କୁ କମ୍ପାନୀ କର୍ମଚାରୀ ଦୁର୍ବ୍ୟବହାର କରିଥିବା ପାଲଟା ଅଭିଯୋଗ ହୋଇଛି। ଉଭୟ ଏତଲାକୁ ଭିତ୍ତିକରି ପୋଲିସ ଦୁଇଟି ଭିନ୍ନ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା କହିଛି।

# ଇଦ୍ ଉଲ୍ ଜୁହା: ଇଦ୍‌ଗା ପଡ଼ିଆରେ ନମାଜ ପାଠ

**ରାଉରକେଲା ଅଫିସ,୨୨।୮**



ଇଦ୍‌ଗା ପଡ଼ିଆରେ ସାମୂହିକ ନମାଜ ପାଠ କରାଯାଉଛି।

ବଳିଦାନର ମହାନ ପର୍ବ ଇଦ୍ ଉଲ୍ ଜୁହା ବୁଧବାର ଷ୍ଟିଲ ସିଟିର ବିଭିନ୍ନ ସ୍ଥାନରେ ହର୍ଷ ଉଦ୍ଦୀପନାର ସହ ଶେଷ ହୋଇଛି। ଏହି ଅବସରରେ ଇଦ୍‌ଗା ପଡିଆ ସମେତ ସହର ତଳି ଅନେକ ମସ୍‌ଜିଦରେ ସାମୂହିକ ନମାଜ ପାଠ କରାଯାଇଥିଲା। ଏଥିରେ ଉପସ୍ଥିତ ମୁସଲମାନ ସମ୍ପ୍ରଦାୟର ଶ୍ରଦ୍ଧାଳୁ ପରସ୍ପରକୁ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ବିଭିନ୍ନ ରାଜନୈତିକ ଦଳର ନେତୃମଣ୍ଡଳୀ ପହଞ୍ଚି ଇଦ୍ ମୁବାରକ ଜଣାଇବା ସହ ସାମାଜିକ, ସାଂସ୍କୃତିକ ଓ ଐତିହ୍ୟର ଏହି ମହାନ ପର୍ବ ସମସ୍ତଙ୍କ ପାଇଁ ସୁଖଶାନ୍ତି ଆଣିଦେଉ ବୋଲି କାମନା କରିଥିଲେ। ରାଉରକେଲା ବିଧାୟକ ଦିଲ୍ଲୀପ ରାୟଙ୍କ ପ୍ରତିନିଧି ରମେଶ ବଳ, ରଞ୍ଜିତ ନାୟକ, ରସିଦ ଆସଲମ, ଇରସାଦ ଖାଁ ଅବଦୁଲ ରବ ଓ ବିଜୟ ସୋନକାର ପ୍ରମୁଖ ଇଦଗା ପଡିଆରେ ପହଞ୍ଚି ସମସ୍ତଙ୍କୁ ଅଭିନନ୍ଦନ ଜ୍ଞାପନ କରିବା ସହ ସୁଖ ସମୃଦ୍ଧି କାମନା କରିଥିଲେ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

**HDB Government Financial Services**
କରୁଛି ଏବେ ଗାଁ/ସହରରେ ବଡ଼ ଋଣ 50,000 - 25,00,000 ପର୍ଯ୍ୟନ୍ତ, ଶିକ୍ଷା, ପ୍ରପର୍ଟି, କାର୍ଡ ଏବଂ ସମସ୍ତ ଋଣ 2% ସୁଧ 40% ରିହାତି। ମହିଳା (ସମୂହ) ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ।
Helpline Numbers
9983302166
9983302146

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
**CAPITAL FIRST FINANCE LIMITED**
Regd No.- U6519TNI98PLC008555
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଏବଂ ସବୁ ପ୍ରକାରର ଋଣ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ। 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number:
7689937202

**SMS JOB**
Send SMS, Earn MONEY
ଘରେବସି SMS JOB କରି Part/Full Time ଶିକ୍ଷିତ ବେରୋଜଗାର ମାସକୁ ୨୫୦୦୦/- ରୁ ୬୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ।
WORK From Home
କମ୍ପାନୀ ଦ୍ୱାରା Mobile+Laptop+Bike + SIM + ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9667693638
9667693639

**BANAJ FINANCE GROUP LTD.**
ନୋ ଫାଇଲ୍ ଚାର୍ଜ, ନୋ ଗ୍ୟାରେଣ୍ଟର ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ପ୍ରକାର ଋଣ ୨୪ ଘଣ୍ଟାରେ ପାଆନ୍ତୁ ! ଗ୍ରୁପ୍ ଋଣ, ଆଧାର କାର୍ଡ ଋଣ, ଗୃହ ଋଣ, ଗାଡ଼ି ଋଣ, କୃଷି ଋଣ, ବ୍ୟବସାୟ ଋଣ, ପ୍ରପର୍ଟି ଋଣ, ଏବଂ ଅନ୍ୟାନ୍ୟ ଋଣ ୧% ସୁଧ, ୩୫% ସବ୍‌ସିଡି ! କଲ୍ କରନ୍ତୁ SAMIR MONAL
07363008993
07363008928

**Get Instant Cash Against Gold**
**Gold Cash**
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

ADMISSION OPEN FOR 2018-20
**B.Ed**
**CT(D.EL.Ed) & M.Ed**
Acharya Nagarjuna University
UGC & NCTE Approved
Equivalent to Utkal University
FREE Form fillup Fees, Weekend Class & Study Material
SINCE 2001 **NIDT**
B.J.B. Nagar, Lewis Road, Bhubaneswar
9338229373, 9438286091
9776587145



9911436726, 8750311430

**କେମିତି ମଦ ଛାଡ଼ିବେ**
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ଣ ୧୦ ଘଟିକାରୁ ଅପରାହ୍ଣ ୨ ଘଟିକା
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ। **ଭଦ୍ରକ:** ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। **ଯାଜପୁର:** ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। **କଟକ:** ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। **ଭୁବନେଶ୍ୱର:** ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। **ପୁରୀ:** ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। **ବାରିପଦା:** ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। **ସମ୍ବଲପୁର:** ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। **ରାଉରକେଲା:** ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେସନ ନିକଟ। **ପାରାଦୀପ:** ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। **କେନ୍ଦୁଝର:** ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। **ଝାରସୁଗୁଡ଼ା:** ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। **ଅନୁଗୋଳ:** ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। **ବ୍ରହ୍ମପୁର:** ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। **ଭବାନୀପାଟଣା:** ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। **ଫୁଲବାଣୀ:** ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। **ପୂଜା ହେଲ୍‌ଥ ସେଣ୍ଟର**
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

**LOAN**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

**Kuber Finance**
(ଭାରତ ସରକାର) ରେଜିଷ୍ଟର୍ଡ କମ୍ପାନୀ 1980ରୁ ଆପଣଙ୍କ ସେବାରେ।
Regd. No. - ODI49/3468
କରୁଛି ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାର ଋଣ ମାତ୍ର 12 ଘଣ୍ଟାରେ। 1% ସୁଧ, 50% ଛାଡ଼। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ -
7496011718
7496016879

**Odisha Finance**
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number:
7302107165
odishafinance55@gmail.com

**GET INSTANT CASH AGAINST GOLD**
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ସରକାରୀ ରେଜିଷ୍ଟରଭୁକ୍ତ କମ୍ପାନୀ Bansal Group ର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 20,000,00/- ପାଆନ୍ତୁ ଓ ମାସକୁ ଭଡା 20,000/- ଟଙ୍କା ପାଆନ୍ତୁ + ଜଣକୁ ଚାକିରି ମିଳିବ + Bike
Registration Charges 1250/-
8557970913
7629090472

**B.N. FINANCE**
ସମସ୍ତ ଜିଲ୍ଲା ପାଇଁ Personal, Business, Property, Certificate, କୃଷି ଓ ପଶୁପାଳନ ପାଇଁ ସମସ୍ତ ପ୍ରକାର ଲୋନ୍ ୫ ଦିନ ମଧ୍ୟରେ ମିଳିବ। 2% ସୁଧ।
M: 8337957615
7064797490

**SMS JOB**
Send SMS, Earn MONEY
AIRTEL - GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାତ୍ର ୧୦୦ କରି SMS ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike SIM + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
07367075431
07367075342

**FINANCE**
PEHEL ଫାଇନାନ୍ସ କମ୍ପାନୀ
ସରକାରୀ ଦ୍ୱାରା ମାନ୍ୟତାପ୍ରାପ୍ତ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୫୦%ଛାଡ। ଘରେ ବସି ପାଆନ୍ତୁ। ଏଜେଣ୍ଟ ଆମନ୍ତ୍ରିତ
ଅଧିକ ବିବରଣୀ ପାଇଁ ସଂମ୍ପର୍କ କରନ୍ତୁ
7347695603
8941029381

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ
ଆଗେ କାମ, ପରେ ଦାମ୍। ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଗାଡ଼ି, ବ୍ୟବସାୟ, ସମସ୍ତ ଋଣ 2% ସୁଧ 40% ରିହାତି ଘରେ ବସି ପାଆନ୍ତୁ।
**OM FINANCE**
9557124359
7895699233

**FINANCE**
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି। ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ। ୩୦% ସବସିଡି ସହିତ।
7787922501
7787907927
pmjansamridhi@gmail.com

**BUSINESS**
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580
95578-79781

**SRI RAM FINANCE LTD.**
Regd No. 12AP2K3697 (I.S.O.)
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ ଏବଂ ସବୁ ପ୍ରକାରର ଋଣ ପାଆନ୍ତୁ ୨ ରୁ ୩ ଦିନରେ। ସୁଦ୍ଧ ୨% ରିହାତି ୩୦% ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ରିହାତି।
Help Line No.
8658665629
7894259095
finance0102018@gmail.com

**LOAN**
ଶିକ୍ଷିତ ଓ ବେରୋଜଗାରି ମାନେ ନିଜର ବ୍ୟବସାୟିକ, ବ୍ୟକ୍ତିଗତ, ଗୃହ, ପ୍ରପର୍ଟି, ସାର୍ଟିଫିକେଟ୍ ଓ ଶିକ୍ଷାର ସହାୟତାରେ କମ୍ପାନୀଠାରୁ ସାହାଯ୍ୟ ନିଅନ୍ତୁ।
7682891639
8018022748

**MONEY WIZZ FINANCE**
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉପଲବ୍ଧ। (ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691
07750048332
moneywizz27@gmail.com

**TARIFF**

MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

ଖର୍ଚ୍ଚ ଋଣରୁ କଟିବ
**ଜନଧନ୍ ଫାଇନାନ୍ସ**
(Govt. Regd.)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଓ ସମସ୍ତ ଋଣ ୨% ସୁଧ, ୪୦% ରିହାତି
Contact No.:
94115-02501
92055-71505
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ।

**ଫାଇନାନ୍ସ**
ଧନଜନ ଯୋଜନା
ଶ୍ରୀ ହରି ଫାଇନାନ୍ସ LTD
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହଋଣ, କୃଷି। 2% ସୁଧ, 50% ରିହାତି (ଠକମାନଙ୍କ ପ୍ରତି ସାବଧାନ)
9634736108
9634734514

**FINANCE**
MG Financial Solution
୨ଦିନ ମଧ୍ୟରେ ଦେଉଛି ସମସ୍ତ ପ୍ରକାର ଋଣ ବର୍ଷକୁ ୩ % ସୁଦ୍ଧରେ। ସରକାରୀ ଗ୍ୟାରେଣ୍ଟର୍ ଆବଶ୍ୟକ ନାହିଁ। (ସ୍ୱତନ୍ତ୍ର ସର୍ତ୍ତମୂଳକ ରିହାତି ୩୦% ) ଏଜେଣ୍ଟ ଆମନ୍ତ୍ରିତ। କମିଶନ ଏବଂ ସ୍ଥାୟୀ ଦରମା
09674882781
08826582043
09674882851
mgfinance99@gmail.com

**JAGANNATH FINANCE COMPNAY**
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ। 1% ସୁଧ 50% ଛାଡ। ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
8860754025
8860754032


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଲେ ବିଷୟବାସନା ମନୁଷ୍ୟଠାରୁ ଛାଡ଼ି ପଳାଏ।
- ଶ୍ରୀଚୈତନ୍ୟ ଦେବ



## ସଂକ୍ଷେପରେ

### ନାବାଳକଙ୍କୁ ଅପହରଣ ଅଭିଯୋଗ, ୧ କୋର୍ଟ ଚାଲାଣ

କୁଆଁରମୁଣ୍ଡା,୨୨।୮(ଡି.ଏନ.ଏ.)- ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଡୁମେରଯୋର ଗ୍ରାମର ଅର୍ଜୁନ ଟପ୍ପୋ(୨୮) ନାମକ ଜଣେ ଯୁବକ ଗତ ଏପ୍ରିଲ ୬ ତାରିଖରେ ସେହି ଗ୍ରାମର କାହ୍ନୁ ଟପ୍ପୋଙ୍କ ଘରେ ରହୁଥିବା ତାଙ୍କ ଭଣଜା ବିଶାଲ ବାର୍ଲା(୧୩)ଙ୍କୁ ପ୍ରଲୋଭିତ କରି ଅପହରଣ କରି ନେଇଥିଲେ। ଏ ନେଇ ବିଶାଲଙ୍କ ମାମୁଁ କାହ୍ନୁ କୁଆଁରମୁଣ୍ଡା ଫାଣ୍ଡିରେ ଏକ ମାମଲା ରୁଜୁ କରିଥିଲେ । ଦୀର୍ଘ ୪ମାସ ପରେ ବିଶାଲ କୌଶଳକ୍ରମେ ସେଠାରୁ ଖସି ଆସି ଡୁମେରଯୋରସ୍ଥିତ ମାମୁଁ ଘରେ ପହଞ୍ଚି ସବୁ କଥା ଜଣାଇଥିଲେ। ପୋଲିସ ନାବାଳକ ବିଶାଲଙ୍କ ଠାରୁ ସବୁ କଥା ଜାଣିବା ପରେ ଲାଠିକଟାରେ ଚଢାଉ କରି ଅଭିଯୁକ୍ତ ଅର୍ଜୁନ ଟପ୍ପୋଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଅଭିଯୁକ୍ତ ଅର୍ଜୁନ ନାବାଳକ ବିଶାଲଙ୍କୁ ଡୁମେରଯୋରରୁ ଅପହରଣ କରି ଲାଠିକଟାରେ ଜଣଙ୍କ ଘରେ ରଖି ମଜୁରିଆଭାବେ ଖଟାଇ ନିର୍ଯାତନା ଦେଉଥିଲେ ।

# ବିରୋଧ ସତ୍ତ୍ୱେ ଜିନ୍ଦଲର ପାଚେରି ନିର୍ମାଣ

କୁତ୍ରା,୨୨।୮(ଡି.ଏନ.ଏ.)

**ପାଚେରି ନିର୍ମାଣ ପ୍ରସଙ୍ଗ**
- ୧୪୪ ଧାରା ଜାରି, ୬ ପ୍ଲାଟୁନ ଫୋର୍ସ ମୁତୟନ
- ରାଜ୍ୟପାଳଙ୍କୁ ଦେଲେ ସ୍ମାରକପତ୍ର
- କମ୍ପାନୀକୁ ଅସହଯୋଗ ପାଇଁ ନିଷ୍ପତ୍ତି

ସୁନ୍ଦରଗଡ ଜିଲା କୁତ୍ରା ଥାନା ଅଧୀନ କନ୍ଦେଇମୁଣ୍ଡା ଗ୍ରାମପଞ୍ଚାୟତର ଗ୍ରାମବାସୀଙ୍କ ବିରୋଧ ସତ୍ତ୍ୱେ ବିବାଦୀୟ ଜମିରେ ଜିନ୍ଦଲ କମ୍ପାନୀ ପକ୍ଷରୁ ପାଚେରି ନିର୍ମାଣ କାର୍ଯ୍ୟ ବୁଧବାର ଶେଷ ହୋଇଛି। ପାଚେରୀ ନିର୍ମାଣକୁ ନେଇ କିଛି ଦିନ ହେବ ବିବାଦ ଲାଗି ରହିଥିବାବେଳେ ପ୍ରଶାସନ ପକ୍ଷରୁ ୧୪୪ଧାରା ଜାରି କରାଯାଇ ନିର୍ମାଣ କାର୍ଯ୍ୟ ସରିଛି। ସେହିପରି ୬ ପ୍ଲାଟୁନ ପୋଲିସ୍ ଫୋର୍ସ ମୁତୟନ କରାଯାଇଛି।

ପ୍ରକାଶ ଯେ, କନ୍ଦେଇମୁଣ୍ଡା ଗ୍ରାମପଞ୍ଚାୟତର କନ୍ଦେଇମୁଣ୍ଡା ଓ ତେଲିଘଣାସୀମାରେ ରହିଛି ଶିବା ସିମେଣ୍ଟ କାରଖାନା । ବର୍ଷେରୁ ଊର୍ଦ୍ଧ୍ୱ ହେବ ଶିବା ସିମେଣ୍ଟ କାରଖାନା ମାଲିକ ଉକ୍ତ ସିମେଣ୍ଟ କାରଖାନାକୁ ଜିନ୍ଦଲ କମ୍ପାନୀକୁ ବିକ୍ରି କରି ଦେଇଛନ୍ତି। ଶିବା ସିମେଣ୍ଟ କାରଖାନାର ପଛ ପଟେ ରହିଛି ୨୫ଏକର ସରକାରୀ ଜମି । ଉକ୍ତ ଜମିକୁ ୧୯୮୫ରୁ ଶିବା ସିମେଣ୍ଟ କାରଖାନା ପକ୍ଷରୁ ସରକାରଙ୍କଠାରୁ ଲିଜରେ ନେଇଥିବା କହୁଛନ୍ତି। ହେଲେ ଉକ୍ତ ଜମିଟି ପଡିଆ ଥିବାରୁ ଗ୍ରାମବାସୀମାନେ ତାହାକୁ ଚାରଣ ଭୂମି ଭାବେ ବ୍ୟବହାର କରି ଆସୁଥିଲେ। ସେହିପରି ଉକ୍ତ ଜମିର କିଛି ଭାଗରେ ରାସ୍ତା ତିଆରି କରାଯାଇଥିବାବେଳେ ଉକ୍ତ ଜମିକୁ ଲାଗି କନ୍ଦେଇମୁଣ୍ଡା ଗ୍ରାମପଞ୍ଚାୟତର କାର୍ଯ୍ୟାଳୟ ନିର୍ମାଣ କରାଯାଇଛି । ତେବେ ଶିବା ସିମେଣ୍ଟ କାରଖାନାର ମାଲିକ କାରଖାନାକୁ ଜିନ୍ଦଲକମ୍ପାନୀକୁ ବିକ୍ରି କରିବା ପରେ ଲିଜ ନେଇଥିବା ୨୫ ଏକର ଜମିରେ କିଛି ଗ୍ରାମବାସୀଙ୍କୁ ନେଇ ପାଚେରି ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ କରିଥିଲେ। ହେଲେ ପାଚେରୀ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ଦେଖି କନ୍ଦେଇମୁଣ୍ଡା, ତେଲିଘଣା, କୁରୁଙ୍ଗ ଆଦି ଗ୍ରାମର ଗ୍ରାମବାସୀ ଏକତ୍ରିତ ହୋଇ ଏହି ନିର୍ମାଣ କାର୍ଯ୍ୟକୁ ବନ୍ଦ କରି ଦେଇଥିଲେ। ଉକ୍ତ ଜମିକୁ ଶିବା ସିମେଣ୍ଟ କେବେ ଓ



କମ୍ପାନୀ ପକ୍ଷରୁ ବିବାଦୀୟ ଜମି ଉପରେ ପାଚେରି ନିର୍ମାଣ କରାଯାଉଛି।

କେଉଁ ହିସାବରେ ବିନା ଗ୍ରାମସଭାରେ ଲିଜ ନେଲା ତାହା ଗ୍ରାମବାସୀମାନେ ଜାଣିଥିବା ପ୍ରକାଶ କରିଛନ୍ତି। କମ୍ପାନୀର କିଛି ଲୋକଙ୍କୁ ନେଇ ବାରମ୍ବାର ପାଚେରୀ ନିର୍ମାଣ ପାଇଁ ପ୍ରୟାସ କରୁଥିଲେ । ଉକ୍ତ ଅଞ୍ଚଳରେ କମ୍ପାନୀ ସପକ୍ଷ ଓ ବିପକ୍ଷ ଦୁଇଗୋଷ୍ଠୀ ହୋଇଯିବାରୁ ଉତ୍ତେଜନା ଲାଗି ରହିଥିଲା। ଜିନ୍ଦଲ କମ୍ପାନୀ ପାଚେରୀ ନିର୍ମାଣ ସାଙ୍ଗକୁ ତେଲିଘଣା ଗରପୋଷଠାରେ ଆଉ ଜଣେ କାରଖାନା ମାଲିକ ପାଚେରି ନିର୍ମାଣ ପାଇଁ ପ୍ରୟାସ କରୁଥିବାରୁ ସପକ୍ଷ ଓ ବିପକ୍ଷଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା । ଉଭୟଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଥିବାବେଳେ ପ୍ରଶାସନ ହସ୍ତକ୍ଷେପ କରି ଉକ୍ତ ଅଞ୍ଚଳରେ ୧୪୪ଧାରା ଜାରି କରିଛି। ସେହିପରି ଉକ୍ତ ଅଞ୍ଚଳରେ ୬ ପ୍ଲାଟୁନ ପୋଲିସ୍ ଫୋର୍ସ ମୁତୟନ କରାଯାଇ ଜିନ୍ଦଲ କମ୍ପାନୀର ପାଚେରି ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ପର୍ବରୁ ଏ ନେଇ କନ୍ଦେଇମୁଣ୍ଡା ସରପଞ୍ଚଙ୍କ ସମେତ ଶହଶହ ଗ୍ରାମବାସୀ ୨୦ତାରିଖରେ ସୁନ୍ଦରଗଡଠାରେ ଏକ ଶୋଭାଯାତ୍ରା କରିଥିଲେ। ପରେ ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ନିକଟକୁ ଏକ ଏକ ସ୍ମାରକପତ୍ର ଦେଇଥିଲେ। କିନ୍ତୁ ଜିନ୍ଦଲ କମ୍ପାନୀ ଗ୍ରାମବାସୀଙ୍କୁ ଅଣଦେଖା କରି କିଛି ଦଲାଲ ଶ୍ରେଣୀର ଲୋକଙ୍କୁ ନେଇ ମନୋମୁଖୀ କାର୍ଯ୍ୟ କରୁଥିବାରୁ ଆଗାମୀ ଦିନରେ ଗ୍ରାମବାସୀମାନେ କମ୍ପାନୀର ସମ୍ପ୍ରସାରଣକୁ ବିରୋଧ କରିବେ ବୋଲି ପ୍ରକାଶ କରିଛନ୍ତି ।

### ନୁଡୁଲ୍ସ ଉତ୍ପାଦନ କେନ୍ଦ୍ର ଉଦ୍‌ଘାଟିତ: ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସ୍ୱାବଲମ୍ବୀ ଲକ୍ଷ୍ୟ

କୁଆଁରମୁଣ୍ଡା,୨୨।୮(ଡି.ଏନ.ଏ.)

କୁଆଁରମୁଣ୍ଡା ବ୍ଲକ ରାଏବୋଗା ପଞ୍ଚାୟତର ଝମନକେରା ଗ୍ରାମରେ ବୁଧବାର ଏକ ଚାଓମିନ୍ ନୁଡୁଲ୍ସ ଉତ୍ପାଦନ କେନ୍ଦ୍ରକୁ ଜିଲାପାଳ ସୁରେନ୍ଦ୍ର ମୀନା ଉଦ୍‌ଘାଟନ କରିଛନ୍ତି । ଜିଲାପାଳ ମୀନା ମହିଳାମାନଙ୍କର ଅଭିନବ ପ୍ରୟାସକୁ ପ୍ରଶଂସା କରିବା ସହ ଉକ୍ତ କେନ୍ଦ୍ରର ବିକାଶ ପାଇଁ ନିଜ ହାତରୁ ୨୦ ହଜାର ଟଙ୍କା ପ୍ରଦାନ କରିଛନ୍ତି । ଆର୍ଥିକ ଅଭାବକୁ ଦୂରେଇ ମହିଳମାନଙ୍କୁ ସ୍ୱାବଲମ୍ବୀ କରାଇଲେ ପ୍ରତ୍ୟେକ ପରିବାରରେ ହସଖୁସିର ଏକ ସୁସ୍ଥ ପରିବେଶ ସୃଷ୍ଟି ହୋଇପାରିବ ବୋଲି ଜିଲାପାଳ କହିଥିଲେ। କୁଆଁରମୁଣ୍ଡା ବିଡିଓ ପିୟୁଷ ଲୋହାରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୁଆଁରମୁଣ୍ଡା ପଞ୍ଚାୟତ ସମିତି ଉପାଧକ୍ଷ ଶ୍ୟାମସୁନ୍ଦର ସାହୁ, ଏବିଡିଓ ଭବାନୀଶଙ୍କର ପାଢୀ, ବ୍ଲକ ସହକାରୀ ନିର୍ବାହୀ ଅଧିକାରୀ ମନୋଜ ବଡାଇକ, ପଦମପୁର ପିଇଓ ଦେବବ୍ରତ ଦାସ, ଓଏଲଏମ୍‌ର ଡିପିଏମ୍ ସୌରଭମୟ କର, ରାଏବୋଗା ସରପଞ୍ଚ ବି. ଲାକ୍ରାଙ୍କ ସମେତ ପଞ୍ଚାୟତ ମହିଳା ମହାସଂଘର ସଭାନେତ୍ରୀ, ସମ୍ପାଦିକାମାନେ ଉପସ୍ଥିତ ଥିଲେ ।ଏଥିରେ କୁଆଁରମୁଣ୍ଡା ବ୍ଲକ ଜୀବିକା ମିଶନ ପ୍ରବନ୍ଧକ ପ୍ରସନ୍ନ ମୋଦି ଓ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ଇଟାଭାଟି ମାଲିକଙ୍କ ଠାରୁ ଟଙ୍କା ଲୁଟ୍ ଘଟଣା
## ୭ ମାସ ପରେ ଅଭିଯୁକ୍ତ ଗିରଫ

କୁଆଁରମୁଣ୍ଡା,୨୨।୮(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଖୁଖୁଣ୍ଡୁବାହାଲ ଗ୍ରାମରୁ ଜଣେ ଫେରାର ଅଭିଯୁକ୍ତଙ୍କୁ ପୋଲିସ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲେ ଖୁଖୁଣ୍ଡୁବାହାଲ ଗ୍ରାମ କୁମ୍ଭାରବସ୍ତିର କ୍ରିଷ୍ଣା ମାହାତୋ(୨୫) । ଫେରାର କ୍ରିଷ୍ଣାଙ୍କ ନାରେ ୬୬ହଜାର ଟଙ୍କା ଲୁଟ୍ ନେଇ ଗତ ଜାନୁୟାରୀ ମାସ ୧୩ତାରିଖରେ ଜନୈକ ଇଟାଭାଟି ମାଲିକ କୁଆଁରମୁଣ୍ଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ । ପରେ ଏ ନେଇ ଏକ ମାମଲା ରୁଜୁ ହୋଇଥିଲା। ପ୍ରକାଶ ଯେ, ସମ୍ପୃକ୍ତ ଇଟାଭାଟି ମାଲିକ ଖୁଖୁଣ୍ଡୁବାହାଲ ଗ୍ରାମରେ ଥିବା ତାଙ୍କ ଇଟାଭାଟିକୁ ଶ୍ରମିକମାନଙ୍କୁ ମଜୁରି ଦେବା ପାଇଁ ଟଙ୍କା ଧରି ଯାଉଥିଲେ । ଅଭିଯୁକ୍ତମାନେ ବାଟରେ ତାଙ୍କୁ ଅଟକାଇ ବନ୍ଧୁକ ଦେଖାଇ ଡରାଇବା ସହ ଟଙ୍କା ଲୁଟ୍ କରି ଫେରାର ହୋଇଯାଇଥିଲେ।

# ଯୁବକଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

ଲହୁଣିପଡା,୨୨।୮(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ଲହୁଣିପଡା ଥାନା ଅନ୍ତର୍ଗତ ଶଂଖପୋଷ ପଞ୍ଚାୟତ ଆମରଡି ନାଳ କଡରୁ ବୁଧବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକ ହେଲେ ଭାଲିଆଡିହି ଗ୍ରାମର ଜେମ୍ସ ମୁଣ୍ଡା(୩୦) କାଠମିସ୍ତ୍ରୀ ଭାବେ କରନ୍ତି । ପ୍ରକାଶ ଯେ, ସୋମବାର ଅର୍ଜୁନ ମୁଣ୍ଡାରୀ ଭାଲିଆଡିହି ଗ୍ରାମକୁ କାମ କରିବାକୁ ଯାଇଥିବାବେଳେ ତାଙ୍କ ଚପଲ ହଜି ଯାଇଥିଲା । ପରେ ତାଙ୍କ ଚପଲକୁ ଜେମ୍ସମୁଣ୍ଡା ଚୋରି କରିଛନ୍ତି ବୋଲି ଦାୟି କରିଥିଲେ। ଏହି ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ କିଛି ସମୟ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଅର୍ଜୁନ ଜେମ୍ସଙ୍କୁ ଜୀବନରୁ ମାରି ଦେବା ପାଇଁ ଧମକ ଦେଇଥିଲେ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି । ମଙ୍ଗଳବାର ଅପରାହ୍ନ ପ୍ରାୟ ୬ଟା ସମୟରେ ଅର୍ଜୁନଙ୍କ ପୁଅ କୁଆଁର ଭାଲିଆଡିହି ଗ୍ରାମକୁ ଆସି ବାମିଆ ମୁଣ୍ଡା ଓ ଜେମ୍ସଙ୍କୁ ନେଇ ନାଳକୁ ମାଛ ମରିବା ପାଇଁ ଯାଇଥିଲେ। ନାଳରୁ ମାଛ ଧରି ଜେମ୍ସଙ୍କ ରାନ୍ଧିବା ପରେ ବାମିଆଙ୍କ ଘରେ ଖାଇଥିଲେ। ଏହି ସମୟରେ ଜେମ୍ସ ଓ କୁଆଁରଙ୍କ ମଧ୍ୟରେ ବଚସା ହୋଇଥିବା ସୂଚନା ମିଳିଛି। ପରେ କୁଆଁର ବିଳମ୍ବିତ ରାତିରେ ଜେମ୍ସଙ୍କ ଘରକୁ ଯାଇ କହିଥିଲେ ଯେ, ଜେମ୍ସ ମଦ ପିଇ ନାଳରେ ପଡିଛନ୍ତି। ଖବରପାଇ ପରିବାର ଲୋକେ ଯାଇ ଦେଖିଥିଲେ ଜେମ୍ସଙ୍କ ମୃତଦେହ ନାଳରେ ଭାସୁଛୁ ବୁଧବାର ସକାଳେ ଲହୁଣିପଡ଼ା ପୋଲିସକୁ ଖବର ଦେବାରୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲା । ଜେମ୍ସଙ୍କର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିବା ଓ କାନରୁ ରକ୍ତ ବାହାରୁଥିବା ଦେଖାଯାଇଥିଲା। ପ୍ରାଥମିକ ତଦନ୍ତରୁ ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ଅନୁମାନ କରୁଛି । ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଲହୁଣିପଡା ଡାକ୍ତରଖାନାକୁ ପଠାଇବା ସହିତ ସନ୍ଦେହରେ ତିନି ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଥିବା ସୂଚନା ମିଳୁଛି। କିନ୍ତୁ ଜେମ୍ସଙ୍କୁ ଯୋଜନା ବଦ୍ଧ ଭାବେ ହତ୍ୟା କରାଯାଇ ନାଳରେ ଫିଙ୍ଗି ଦିଆଯାଇଛି ବୋଲି ଜେମ୍ସଙ୍କ ଭାଇ ଲହୁଣିପଡା ଥାନାରେ ଅଭିଯୋଗ କରିଛନ୍ତି।

# ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା

ଲହୁଣିପଡା,୨୨।୮(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ଲହୁଣିପଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏହାକୁ ଲହୁଣିପଡା ଡାକ୍ତରଖାନାର ଡା. ଶୁଧାଂଶୁଶେଖର ସାହୁ ଉଦ୍‌ଘାଟନ କରିଥିଲେ । ଏହି ଜ୍ଞାନ ବିଜ୍ଞାନ ମେଳାରେ କିଶୋର ବର୍ଗ, ବାଲ ବର୍ଗ, ଶିଶୁ ବର୍ଗ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବର୍ଗର ମୋଟ ୮୨ଟି ପ୍ରକଳ୍ପ ଅଂଶ ଗ୍ରହଣ କରିଥିଲେ । ଏଥିରେ ବିଚାରକ ଭାବେ ମନୋରମା ମାହାନ୍ତ, ସ୍ନିଗ୍ଧାରାଣୀ ମାହାନ୍ତ ଯୋଗଦେଇଥିଲେ । ପ୍ରତ୍ୟେକ ବର୍ଗରେ ପ୍ରଥମ ସ୍ଥାନ ଗ୍ରହଣ କରିଥିବା ପ୍ରକଳ୍ପକୁ ଆସନ୍ତା ୨୪,୨୫ରେ ହେବାକୁ ଥିବା ସଂକୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳାରେ ଅଂଶ ଗ୍ରହଣ କରିବେ ବୋଲି ସୂଚନା ମିଳିଛି । ଏହି ଜ୍ଞାନବିଜ୍ଞାନ ମେଳାଟି ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ନିରୋଦ ଚନ୍ଦ୍ର ଦିକ୍ଷିତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା ।



ଜଣେ ଛାତ୍ରୀ ତାଙ୍କର ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

# ଚପଲ ଉଦ୍ୟୋଗ ଉଦ୍‌ଘାଟନ କଲେ ଜିଲାପାଳ

ବଡଗାଁ, ୨୨।୮ (ଡି.ଏନ.ଏ.)

ରାଜ୍ୟ ସରକାର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ସହଯୋଗ ଯୋଗାଇ ଦେଉଛନ୍ତି । ଏହାଦ୍ୱାରା ଗ୍ରାମୀଣ ମହିଳାମାନେ କିପରି ସ୍ୱବଳମ୍ବୀ ହୋଇପାରୁଛନ୍ତି ତାର ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅନ୍ତର୍ଗତ ସାହାଜବାହାଲ ଗ୍ରାମର ଓମ୍ ସାଇ ରାମ ଉତ୍ପାଦକ ଗୋଷ୍ଠି ମହିଳା। ୨୦୧୪ରେ କେତେ ଜଣ ମହିଳାଙ୍କୁ ନେଇ ଆରମ୍ଭ ହୋଇଥିଲା ସ୍ୱୟଂ ସହାୟକ ଗୋଷ୍ଠି । ଏହି ଗୋଷ୍ଠିର ମହିଳାମାନେ ସଞ୍ଚିତ ଅର୍ଥରେ ପ୍ରଥମେ ଆରମ୍ଭ କରିଥିଲେ ଖଲିଦନା ତିଆରି କୁଟିର ଶିଳ୍ପ। ମହିଳାମାନଙ୍କ ଆଗ୍ରହ ଓ ପରିଶ୍ରମ ଯୋଗୁ ସେମାନେ ବୁଧବାର ଉତ୍ପାଦକ ଗୋଷ୍ଠି ଗଠନ କରି ଚପଲ ଉଦ୍ୟୋଗ ସ୍ଥାପନ କରିପାରିଛନ୍ତି । ବୁଧବାର ପୂର୍ବାହ୍ନରେ ସୁନ୍ଦରଗଡ ଜିଲାପାଳ ସୁରେନ୍ଦ୍ର ମୀନା ଏହାକୁ ଉଦ୍‌ଘାଟନ କରିଛନ୍ତି । ୯୦ ହଜାର ଟଙ୍କା ବ୍ୟୟରେ ସ୍ଥାପିତ ଏହି ଉଦ୍ୟୋଗ ପରିଚାଳନା କରିବା ପାଇଁ ଓରମାସ ପକ୍ଷରୁ ଦକ୍ଷତା ବିକାଶ ତାଲିମ



ଜଣେ ମହିଳା ଚପଲ ତିଆରି କରିବାର କୌଶଳ ଜିଲାପାଳଙ୍କୁ ଦେଖାଉଛନ୍ତି।

ଦିଆଯାଇଛି । ମହିଳାମାନେ କଳାହାଣ୍ଡି ଯାଇ ଚପଲ ତିଆରି ସମ୍ବନ୍ଧୀୟ ଜ୍ଞାନ ଆହରଣ କଲା ପରେ ଡିଆରଡିଏ ଏବଂ ଓରମାସ ସହଯୋଗରେ ଉଦ୍ୟୋଗ ସ୍ଥାପନ କରାଯାଇଛି । ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଡିଓ ସୁଶାନ୍ତ ସିଂ, ଓରମାସର ସହକାରୀ ନିର୍ଦ୍ଦେଶକ ସୌରଭମୟ ଦାସ, ବିପିଏମ ଜେମ୍ସ ତିର୍କୀ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନ କଲାପରେ ଜିଲାପାଳ ଉଦ୍ୟୋଗ ପରିଚାଳନା ପାଇଁ ୱାର୍କିଂ କେପିଟାଲ ବାବଦରେ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଦେବାକୁ ଘୋଷଣା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏଲଏସପି ପଦ୍ମଲୋଚନ ନାଏକଙ୍କ ସହିତ ଗୋଷ୍ଠି ମହିଳାମାନେ ଉପସ୍ଥିତ ଥିଲେ ।

**ଏମାନେ ଯାହା କହନ୍ତି...**



“ଆମେ କେତେକ ମହିଳା ପ୍ରଥମେ ଏସଏଚଜି ଗଠନ କରି ଆର୍ଥିକ ସ୍ଥିତି ସାମାନ୍ୟ ଦୃଢ଼ ହେଲାପରେ ଖଲିଦନା ତିଆରି କଲୁ । ଏହାପରେ ଆମର ଅଧିକ କିଛି କରିବାକୁ ଆଗ୍ରହ ବଢ଼ିଲା । ସମସ୍ତେ ମିଶି ଚପଲ ଉଦ୍ୟୋଗ ନିର୍ମାଣ ପାଇଁ ନିଷ୍ପତ୍ତି ନେଲୁ । ବିଭାଗୀୟ ଜିଲା ଅଧିକାରୀ (ଡିପିଏମ) ଦାସ ବାବୁ ଓ ବିପିଏମ ତିର୍କୀ ବାବୁ ବହୁତ ସହଯୋଗ କରିଛନ୍ତି ଓ ମାର୍ଗ ଦର୍ଶନ ଦେଇଛନ୍ତି ।

- ପ୍ରମୋଦିନୀ ପଟେଲ, ଉତ୍ପାଦକ ଗୋଷ୍ଠୀ ସଭାନେତ୍ରୀ



“ବିଭାଗୀୟ ଅଧିକାରୀମାନଙ୍କ ସହଯୋଗ ଯୋଗୁ ଆମେ ଆଜି ଏହି ସ୍ତରରେ ପହଞ୍ଚି ପାରିଛୁ। ପିଡି ଡିଆରଡିଏଙ୍କୁ ଡିପିଏମ ଦାସ ସାର ଡାକି ଆଣି ଦେଖାଇବା ସହ ଅଧିକାରୀମାନେ ଚପଲ ଉଦ୍ୟୋଗ କରିବାକୁ ଆଗ୍ରହୀ ହେଲେ । ଜିଲାପାଳ ୱାର୍କିଂ କେପିଟାଲ ବାବଦରେ ୧୦ ହଜାର ଘୋଷଣା କରିଥିବାରୁ ଆମେ ବହୁତ ଖୁସି ।

- କମଳିନୀ ନାଏକ, ସମ୍ପାଦିକା



“ଆମେ ୪ଟି ଏସଏଚଜିକୁ ନେଇ ଗୋଷ୍ଠି ଗଠନ କରିଥିଲୁ। ୨୦୧୪ରେ ଓରମାସ ଏବଂ ଓ ଏଲଏମର ତତ୍ତ୍ୱାବଧାନରେ ଆରମ୍ଭ କଲା ପରେ ସଞ୍ଚିତ ୫୦ହଜାର ଟଙ୍କାରେ ଖଲି ଦନା ତିଆରି ଆରମ୍ଭ କରିଥିଲୁ । ଏହାପରେ ସରକାରୀ ଅଧିକାରୀମାନେ ଆମକୁ ଗାଇଡ କଲେ, ପ୍ରଶିକ୍ଷଣ, ତାଲିମ ଦେଲେ ଓ ସମସ୍ତ ପ୍ରକାର ସହଯୋଗ ଦେବାରୁ ଏବଂ ଆମ ଗୋଷ୍ଠି ମହିଳାଙ୍କ ଉଦ୍ୟମ, ପରିଶ୍ରମ ଯୋଗୁ ଉଦ୍ୟୋଗ ଟିଏ କରିପାରିଛୁ ।

- ପ୍ରମିଳା ବାରିକ, ସଭ୍ୟା



“ଆମେ ୪ଟି ଏସଏଚଜିକୁ ନେଇ ଗୋଷ୍ଠୀ ଗଠନ କରିଥିଲୁ। ୨୦୧୪ରେ ଓରମାସ ଏବଂ ଓ ଏଲଏମର ତତ୍ତ୍ୱାବଧାନରେ ଆରମ୍ଭ କଲା ପରେ ସଞ୍ଚିତ ୫୦ହଜାର ଟଙ୍କାରେ ଖଲି ଦନା ତିଆରି ଆରମ୍ଭ କରିଥିଲୁ । ଏହାପରେ ସରକାରୀ ଅଧିକାରୀମାନେ ଆମକୁ ଗାଇଡ କଲେ, ପ୍ରଶିକ୍ଷଣ, ତାଲିମ ଦେଲେ ଓ ସମସ୍ତ ପ୍ରକାର ସହଯୋଗ ଦେବାରୁ ଏବଂ ଆମ ଗୋଷ୍ଠି ମହିଳାଙ୍କ ଉଦ୍ୟମ, ପରିଶ୍ରମ ଯୋଗୁ ଉଦ୍ୟୋଗ ଟିଏ କରିପାରିଛୁ ।

- ମୀନାରାଣୀ ନାଏକ, କୋଷାଧକ୍ଷା

# ୨ଟି ଚୋରି ଘଟଣା: ୬ ନାବାଳକ ସହ ୮ ଗିରଫ

ସୁନ୍ଦରଗଡ,୨୨।୮(ଡି.ଏନ୍.ଏ.)

ଲୁହୁରାଢିପା ଅଞ୍ଚଳରେ ଘଟିଥିବା ୨ଟି ଚୋରୀ ଘଟଣାରେ ଟାଉନଥାନା ପୋଲିସ ବୁଧବାର ୬ନାବାଳକଙ୍କ ସମେତ ୮ଜଣଙ୍କୁ ଗିରଫ କରିଛି । ଗିରଫ ପରେ ଏମାନଙ୍କ ଠାରୁ ପୋଲିସ ଚୋରୀ ହୋଇଥିବା ସାମଗ୍ରୀ ଉଦ୍ଧାର କରିଛି । ପୋଲିସ ସୂଚନା ମୁତାବକ ସୋମବାର ରାତିରେ ଲୁହୁରାଢିପାସ୍ଥିତ ଶଙ୍କର ତିର୍କୀଙ୍କ ତେଜରାତି ଦୋକାନରୁ ୫ହଜାର ଟଙ୍କା ଚୋରୀ ହୋଇଥିବା ସମ୍ପର୍କରେ ଟାଉନଥାନାରେ ମଙ୍ଗଳବାର ରାତିରେ ଅଭିଯୋଗ ହୋଇଥିଲା । ଅଭିଯୋଗକୁ ଭିତ୍ତି କରି ପୋଲିସ କେସ ନଂ୧୬୪/୧୮ରେ ଏକ ଚୋରୀ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ପରେ ଏହି ଘଟଣାରେ ଲୁହୁରାଢିପାର ୧୦ରୁ ୧୭ବର୍ଷ ମଧ୍ୟରେ ୬ଜଣ ନାବାଳକ ସମ୍ପୃକ୍ତ ଥିବା ଜଣାପଡିବା ପରେ ପୋଲିସ ସେମାନଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ପରେ ଏମାନେ ଏହି ଅଞ୍ଚଳର ତ୍ରିଲୋକ୍ୟ ପରିଡାଙ୍କ ଘରୁ ଚୋରୀ ଘଟଣାରେ ମଧ୍ୟ ସମ୍ପୃକ୍ତ ଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ। ଶଙ୍କର ତିର୍କୀଙ୍କ ଦୋକାନରୁ ଚୋରୀ କରିଥିବା ୨ଟି ପ୍ଲାଷ୍ଟିକ ଡବାରେ ଥିବା ୫ହଜାର ଟଙ୍କାର କଏନ୍ ଏବଂ ତ୍ରିଲୋକ୍ୟ ପରିଡାଙ୍କ ଘରୁ ଚୋରୀ ହୋଇଥିବା ଓାସିଂ ମେସିନ୍, ଗ୍ୟାସ ସିଲିଣ୍ଡର ଓ ଅନ୍ୟାନ୍ୟ ଘରକରଣା ସାମଗ୍ରୀକୁ ସେହି ପଡାର ବିଶ୍ୱଜିତ୍ ପାଣ୍ଡେ ଓ ବସନ୍ତ ରୋହିଦାସଙ୍କ ନିକଟରୁ ପୋଲିସ ଉଦ୍ଧାର କରିଛି । ଏହି ୬ଜଣ ନାବାଳକ ଚୋରୀ ସାମଗ୍ରୀ ସବୁ ବିଶ୍ୱଜିତ ଓ ବସନ୍ତଙ୍କ ନିକଟରେ ବିକ୍ରି କରିଦେଇଥିଲେ । ପୋଲିସ ଏହି ୬ଜଣ ନାବାଳକଙ୍କ ସମେତ ଚୋରୀ ସାମଗ୍ରୀ କିଣିଥିବା ବସନ୍ତ ଓ ବିଶ୍ୱଜିତଙ୍କୁ କୋର୍ଟଚାଲାଣ କରିଛି ।



ପ୍ରଥମେ ବିହନ ଫୋପାଡ଼ି ଦେଇ ପରେ ଶସ୍ୟ ସଂଗ୍ରହ କଲାପରି,
ପ୍ରଥମେ ପରର ଉପକାର କରିଗଲେ ଶେଷରେ ନିଜର ଉପକାର ହୁଏ।
- ସେନେକା



## ସଂକ୍ଷେପରେ

### ବ୍ରାହ୍ମଣ ସମାଜ ପକ୍ଷରୁ ପାର୍ବଣତିଥି ନିର୍ଣ୍ଣୟ

ବଡଗାଁ,୨୨।୮(ଡି.ଏନ.ଏ.)-ବଡଗାଁ ଅନୁଶିଳନୀ ବ୍ରହ୍ମପୁରା ବ୍ରହ୍ମଣ ସମାଜ ପକ୍ଷରୁ ବୁଧବାର ପର୍ବ ପର୍ବାଣୀର ତିଥି, ଲଗ୍ନ ନିର୍ଣ୍ଣୟ କରାଯାଇଛି । ପଣ୍ଡିତ ବଡଗାଁର ସ୍ୱପ୍ନେଶ୍ୱର ନାୟକ, ବରପାଲି ଗ୍ରାମର ପଣ୍ଡିତ ନରୁତ୍ତମ ବିଶି, ସୁରେନ୍ଦ୍ର ପୁରୋହିତ ଓ ସାଲବିରା ଗ୍ରାମର ପଣ୍ଡିତ ପ୍ରଫୁଲ୍ଲ ମାଝି ତିଥି ଲଗ୍ନ ନିର୍ଣ୍ଣୟ କରିଥିଲେ । ବ୍ରାହ୍ମଣ ସମାଜର ସଭାପତି ଉପାଧ୍ୟାୟ ପାଣିଗ୍ରାହୀ, ସମ୍ପାଦକ ନିରଞ୍ଜନ ପାଣିଗ୍ରାହୀଙ୍କ ଉପସ୍ଥିତିରେ ଗୋଟିଆ ପ୍ରକାଶ ପାଣିଗ୍ରାହୀ ତିଥି ଲଗ୍ନ ଘୋଷଣା କରିଥିଲେ । ଏଥିରେ ସମାଜର କର୍ମକର୍ତ୍ତା ଓ ସଭ୍ୟମାନେ ଯୋଗ ଦେଇଥିଲେ ।

# ବୀରମିତ୍ରପୁର ନିର୍ବାଚନମଣ୍ଡଳୀ ଅବହେଳିତ

ରାଉରକେଲା ଅଫିସ, ୨୨।୮

- ଯୁବ କଂଗ୍ରେସ ସଭାପତିଙ୍କ ଅଭିଯୋଗ
- ଚୂନପଥର ଖଣି ହତଶିରୀ ଅବସ୍ଥାରେ ପହଞ୍ଚିଛି
- ଚାଷୀ ଅନେକ ସମସ୍ୟା ଦେଇ ଗତି କରୁଛନ୍ତି
- ଯମୁନାନାକି ଶୀତଳ ଭଣ୍ଡାର କେବେଠୁ ଅଚଳ

ସୁନ୍ଦରଗଡ଼ ଜିଲାର ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀ ଅବହେଳିତ ଅବସ୍ଥାରେ ରହିଛି। ଗତ ୧୯୯୫ରୁ ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇ ଆସୁଛନ୍ତି ଜର୍ଜ ତିର୍କୀ। କିନ୍ତୁ କେବେ ନିଜ ନିର୍ବାଚନ ମଣ୍ଡଳୀ ସମସ୍ୟା ନେଇ ବିଧାନସଭାରେ ମୁହଁ ଖୋଲୁ ନାହାଁନ୍ତି ବୋଲି ବୀରମିତ୍ରପୁର ଯୁବ କଂଗ୍ରେସ ସଭାପତି ରାଜେଶ କେର୍କେଟା ଅଭିଯୋଗ କରିଛନ୍ତି। ସେ ଏକ ବିବୃତିରେ କହିଛନ୍ତି ଯେ, ଓଡ଼ିଶା ମାନଚିତ୍ରରେ ଯେଉଁ ଚୁନପଥର ଖଣିକୁ ନେଇ ବୀରମିତ୍ରପୁରବାସୀ ଗର୍ବ ଅନୁଭବ କରୁଥିଲେ ତାହା ଆଜି ହତଶିରୀ ଅବସ୍ଥାରେ ପହଞ୍ଚି ସାରିଛି। ଆଉ କିଛି ଦିନ ପରେ ଏହା ଇତିହାସ ପାଲଟିଯିବ ବୋଲି କେର୍କେଟା କହିଛନ୍ତି। କୁଆଁରମୁଣ୍ଡା ଅଞ୍ଚଳରେ ଏକାଧିକ ସ୍ପଞ୍ଜ ଆଇରନ କାରଖାନା ପ୍ରତିଷ୍ଠା କରାଯାଇଥିବାବେଳେ ସ୍ଥାନୀୟ ବେକାରଙ୍କୁ ନିଯୁକ୍ତି ମିଳୁ ନାହିଁ। ଏଥିପାଇଁ ବିଧାୟକ ତିର୍କୀ ଉଦ୍ୟମ କରୁନାହାନ୍ତି। ଏନେଇ ସ୍ଥାନୀୟ ବେକାରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଲାଗି ରହିଛି। ଏହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଭୁକ୍ତ ନୂଆଗାଁ ବ୍ଲକ ଜିଲାର ବିଭିନ୍ନ ଅଞ୍ଚଳକୁ ପନିପରିବା ଯୋଗାଇବାରେ ସୁନାମ ଅର୍ଜନ କରିଛି। ତେବେ ଏଠାକାର ଚାଷୀ ଅନେକ ସମସ୍ୟା ଦେଇ ଗତି କରୁଥିବାବେଳେ ବାରମ୍ବାର ଅଭାବୀ ବିକ୍ରିର ସମ୍ମୁଖୀନ ହୋଇଆସୁଛନ୍ତି। ଏନେଇ ବିଧାୟକ ତିର୍କୀ କେବେ ଚିନ୍ତା କରିବା ଶୁଣାଯାଇ ନାହିଁ। କୁଆଁରମୁଣ୍ଡା ଯମୁନାନାକି ଠାରେ ଥିବା ଶୀତଳ ଭଣ୍ଡାର କେବେଠୁ ଅଚଳ ପଡିଛି। ଏହାକୁ ଚାଲୁ କରିବା ନେଇ ମଧ୍ୟ ଉଦ୍ୟମ ହେଉନାହିଁ ବୋଲି ଯୁବ ନେତା କେର୍କେଟା ଅଭିଯୋଗ କରିଛନ୍ତି। ନିର୍ବାଚନ ପାଖେଇ ଆସୁଥିବାରୁ ତିର୍କୀ ଏବେ ନିଜ ରାଜନୈତିକ ଲକ୍ଷ୍ୟ ହାସଲ ପାଇଁ ନିରୀହ ଆଦିବାସୀଙ୍କୁ ମତାଇ ଜଳ, ଜମି ଓ ଜଙ୍ଗଲ ସବୁ ଆଦିବାସୀଙ୍କର ବୋଲି ସ୍ଲୋଗାନ ଦେବା ଆରମ୍ଭ କରି ଦେଇଛନ୍ତି। ଏଥିରେ ପୁଞ୍ଜିପତିଙ୍କର ଅଧିକାର ନାହିଁ ବୋଲି ଘୋଷି ହେଉଛନ୍ତି ତିର୍କୀ। ଆଦିବାସୀଙ୍କୁ ଶିଳ୍ପପତିଙ୍କ ବିରୋଧରେ ଉସକାଉଛନ୍ତି। ଯାହା ଭବିଷ୍ୟତରେ ନିର୍ବାଚନମଣ୍ଡଳୀ ଓ ଜିଲା ବିକାଶରେ ଏକ ବଡ ବାଧକ ହେବ। ଏଣୁ କଂଗ୍ରେସ ଦଳ ପକ୍ଷରୁ ଏହାର ତୀବ୍ର ବିରୋଧ କରାଯାଉଛି ବୋଲି ଯୁବ ସଭାପତି କେର୍କେଟା କହିଛନ୍ତି।

# ଅନ୍ୟ ସଙ୍ଗଠନ ଛାଡି ବିଏମ୍ଏସ୍‌ରେ ଯୋଗଦାନ

ରାଉରକେଲା ଅଫିସ, ୨୨।୮

ଅନ୍ୟ ଶ୍ରମିକ ସଙ୍ଗଠନ ଛାଡି ମଙ୍ଗଳବାର ଆର୍ଏସ୍‌ପିର କେତେକ ଶ୍ରମିକ ବିଏମ୍ଏସ୍ (ଭାରତୀୟ ମଜଦୁର ସଂଘ)ରେ ଯୋଗଦାନ କରିଛନ୍ତି। ଏନେଇ ସେକ୍ଟର-୪ ବିଶ୍ୱକର୍ମା ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଏମ୍ଏସ୍ ନେତା ହିମାଂଶୁ ବଳଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଏମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଆର୍ଏସ୍‌ପି ପିପିସି ବିଭାଗର ଉପରୋକ୍ତ ଶ୍ରମିକମାନେ ହେଲେ ସୁଶାନ୍ତ ପାତ୍ର, କୃପାଶଙ୍କର ପାତ୍ର, ଦେବରାଜ ଲାକ୍ରା, ଇଶାକ ଡାଙ୍ଗ, ଜଗନ୍ନାଥ ଗାରିଆ, ବିଷ୍ଣୁପ୍ରସାଦ ପଣ୍ଡା ଓ ଏନ.କେ. ଦୀପ ପ୍ରମୁଖ। ଏହି ଅବସରରେ କର୍ମଚାରୀ ସଙ୍ଗଠନର ସାଧାରଣ ସମ୍ପାଦକ ହିମାଂଶୁ ବଳ କହିଥିଲେ, ବିଏମଏସ୍ ହେଉଛି ଏକ ଶୃଙ୍ଖଳିତ ଶ୍ରମିକ ସଙ୍ଗଠନ। ନୀତି ଆଦର୍ଶରେ ବିଶ୍ୱାସ ରଖୁଥିବା ଏହି ସଙ୍ଗଠନ ସର୍ବଦା କର୍ମଚାରୀ କଲ୍ୟାଣ ନେଇ ନିଜ ଆଭିମୁଖ୍ୟ ସ୍ପଷ୍ଟ ରଖି ଆସିଛି। ଏପରି ଅବସ୍ଥାରେ ଯେଉଁ କର୍ମଚାରୀ ବିଏମ୍ଏସ୍ ପ୍ରତି ଆସ୍ଥା ପ୍ରକଟ କରି ଏଥିରେ ସାମିଲ ହୋଇଛନ୍ତି ସେମାନଙ୍କୁ ସଙ୍ଗଠନ ସ୍ୱାଗତ କରୁଛି ବୋଲି ବଳ କହିଥିଲେ। ଏମାନଙ୍କ ଯୋଗଦାନ ଫଳରେ ସଙ୍ଗଠନ ଆହୁରି ଅଧିକ ସୁଦୃଢ ହେବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ। ଏଥିରେ ରାଜେନ୍ଦ୍ର ନାଥ ମହାନ୍ତି, ବିକାଶ ହାଲଦାର, ଲଳିତ ସୁନ୍ଦର ଜେନା, କାର୍ତ୍ତିକ ବେହେରା, ପଞ୍ଚାନନ ନନ୍ଦ ଓ ଜ୍ଞାନେଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ସୁନ୍ଦରୀ ପ୍ରତିଯୋଗିତା ସମ୍ପର୍କରେ କର୍ମକର୍ତ୍ତା ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

# ପଶ୍ଚିମ ଓଡ଼ିଶା ସୁନ୍ଦରୀ ପ୍ରତିଯୋଗିତା

ରାଉରକେଲା ଅଫିସ,୨୨।୮

ସାମାଜିକ ଅନୁଷ୍ଠାନ ହାପି ମୁଂମେଟ ପକ୍ଷରୁ ଆୟୋଜନ କରାଯାଇଥିବା ପଶ୍ଚିମ ଓଡିଶା ସୁନ୍ଦରୀ ପ୍ରତିଯୋଗିତାର ଫାଇନାଲ ଆସନ୍ତା ୨୬ରେ ଭଞ୍ଜଭବନ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହେବ। ଏନେଇ ବୁଧବାର ଅନୁଷ୍ଠାନର କର୍ମକର୍ତ୍ତା ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି। ଅନାଥଶ୍ରମ ଅନ୍ତେବାସୀଙ୍କ ସାହାଯ୍ୟାର୍ଥେ ଉଦ୍ଦିଷ୍ଟ ଏହି ପ୍ରତିଯୋଗିତା ସମ୍ପର୍କରେ ଅନୁଷ୍ଠାନର ଅଧ୍ୟକ୍ଷ ରାଜେନ୍ଦ୍ର ପଣ୍ଡା କହିଥିଲେ ଯେ, ଏଥିରେ ସମଗ୍ର ପଶ୍ଚିମ ଓଡ଼ିଶାର ୮ଟି ଜିଲା ସୁନ୍ଦରଗଡ, ସମ୍ବଲପୁର, ଝାରସୁଗୁଡା, ଦେବଗଡ, ବରଗଡ, ବଲାଙ୍ଗୀର, କଳାହାଣ୍ଡି ଓ ସୋନପୁର ଅଞ୍ଚଳର ପ୍ରତିଯୋଗୀ ଯୋଗଦେବେ। ଜଣେ ବିବାହିତା ମହିଳାଙ୍କ ସୌନ୍ଦର୍ଯ୍ୟବୋଧ, ସ୍ୱାସ୍ଥ୍ୟ, ବାକପଟୁତା ଆଦିକୁ ଏଥିରେ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ ଅନୁଷ୍ଠାନର ସମ୍ପାଦିକା ରଶ୍ମିତା ପଣ୍ଡା। ପୂର୍ବ ଅଡିଶନ ଆଧାରରେ ୩୦ ଅନ୍ତିମ ପ୍ରତିଯୋଗୀଙ୍କୁ ନେଇ ଆସନ୍ତା ୨୬ରେ ଫାଇନାଲ ଫଳ ଘୋଷଣା କରାଯିବ। ସଫଳ ପ୍ରତିଯୋଗୀଙ୍କୁ ଅନୁଷ୍ଠାନ ପକ୍ଷରୁ ପ୍ରତିଶୃତି ଅନୁସାରେ ପୁରସ୍କାର ପ୍ରଦାନ କରାଯିବ ବୋଲି କୁହାଯାଇଛି।

## କବି ସଚ୍ଚି ରାଉତରାୟଙ୍କ ସ୍ମୃତି ସଭା

ରାଉରକେଲା ଅଫିସ,୨୨।୮

ତୁମକେଲା ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟରେ କବି ସଚ୍ଚି ରାଉତରାୟଙ୍କ ସ୍ମୃତି ସଭା ଓ ବିଶ୍ୱ କବିତା ଦିବସ ପାଳିତ ହୋଇଯାଇଛି। ଓଡ଼ିଆ ଭାଷା ବିକାଶ ମଞ୍ଚ ଓ ବିଦ୍ୟାଳୟ ମିଳିତ ଅନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ପ୍ରବୀର ଦୁବେ ଅଧ୍ୟକ୍ଷତା କରିଥିଲେ। ଏଥିରେ କବି କୁଞ୍ଜବିହାରୀ ରାଉତ ଓ ଆର୍ତ୍ତତ୍ରାଣ ମହାପାତ୍ର ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ମଞ୍ଚାସୀନ ଅତିଥି କହିଥିଲେ ଯେ, କବି ସଚ୍ଚି ରାଉତରାୟ ଏକାଧାରାରେ ସମାଲୋଚକ, ଗାଳ୍ପିକ ଓ ପ୍ରଗତିଶୀଳ ଲେଖକ ଭାବେ ବହୁ ସୁନାମ ଅର୍ଜନ କରିଥିଲେ। ତାଙ୍କ ରଚିତ କାବ୍ୟ କବିତା, ଉପନ୍ୟାସ ଆମ ଓଡିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛି। ବିଶ୍ୱ କବିତା ଦିବସ ପାଳନ ସମ୍ପର୍କରେ ମଧ୍ୟ ମଞ୍ଚାସୀନ ଅତିଥି ସମ୍ୟକ ଦୃଷ୍ଟିପାତ କରିଥିଲେ। ଏଥିରେ ଶିକ୍ଷୟିତ୍ରୀ ସୀମାଶ୍ରୀ ମିଶ୍ର ଓ ସରସ୍ୱତୀ ପଟେଲ କବିଙ୍କ ଜୀବନୀ ଉପରେ ସଂକ୍ଷିପ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷୟିତ୍ରୀ ପ୍ରେମଲତା ଧଳ ଉପସ୍ଥିତ ଥିଲେ।

# କେରଳ ବନ୍ୟା ଦୁର୍ଗତଙ୍କ ପାଇଁ ଏସ୍‌ୟୁସିଆଇ ପକ୍ଷରୁ ରିଲିଫ୍ ସଂଗ୍ରହ

ରାଉରକେଲା ଅଫିସ, ୨୨।୮

କେରଳରେ ଦେଖା ଦେଇଥିବା ଭୟଙ୍କର ବନ୍ୟା ବିପ୍ରାତ ନାହିଁ ନ ଥିବା କ୍ଷୟକ୍ଷତି ଘଟାଇଛି। ଏପରି ଅବସ୍ଥାରେ ବନ୍ୟା ଦୁର୍ଗତଙ୍କ ପାଇଁ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ବୁଧବାର ସହରର ବିଭିନ୍ନ ସ୍ଥାନ ବୁଲି ରିଲଫ ସହାୟତା ନେଇ ଅଭିଯାନ ଆରମ୍ଭ କରାଯାଇଛି। ସଙ୍ଗଠନର ରାଜ୍ୟ କମିଟି ସଦସ୍ୟା ଛବି ମହାନ୍ତି, ଜିଲା କମିଟି ସମ୍ପାଦକ ଅଜିତ ନାୟକଙ୍କ ନେତୃତ୍ୱରେ ଅଜୟ ମହାନ୍ତି, ଜିଏନ ତ୍ରିପାଠୀ, ଶ୍ରୀନିବାସ ସେଠୀ, ବିଷ୍ଣୁ ପଣ୍ଡା, ବିଦ୍ୟୁତ୍ ମହନ୍ତ, ଲିଲି ମହାନ୍ତି, କବିତା ମହାନ୍ତି, ଶଙ୍କର ପାତ୍ର, ସନ୍ତୋଷୀ ମହନ୍ତ ଓ ଆଲେକ୍ସ ହରୋ ପ୍ରମୁଖ ଏହି ରିଲିଫ ସଂଗ୍ରହ ଅଭିଯାନରେ ସାମିଲ ହୋଇଛନ୍ତି। ସଂଗୃହୀତ ଅର୍ଥ ରାଶିକୁ କେନ୍ଦ୍ରୀୟ କମିଟି ସହଯୋଗରେ କେରଳ ପଠାଯିବ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି।




ଏସ୍‌ୟୁସିଆଇ ପକ୍ଷରୁ ରିଲିଫ୍ ସହାୟତା ନେଇ ଅଭିଯାନ ଚାଲିଛି।


ଓଡ଼ିଶା ସରକାର

904/29.6.2018

# କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଅଧିସୂଚନା

LA Case No-

FIle No. 23/2017 Dated..........

**No.V-38:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲାର ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପର କେନାଲ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା-ବୁଢ଼ାବଣ, ଥାନା-ପାଟଣା ନଂ-୨୦୭, ତହସିଲ-ସାହାରପଡ଼ା, ଜିଲ୍ଲା-କେନ୍ଦୁଝରରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୧୨.୬୬ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩( RFCTLAR & R ACT, 2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧ (୧)ର ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ--ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପର ନିର୍ମାଣ ନିମନ୍ତେ।
୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ନିର୍ବାହୀ ଯନ୍ତ୍ରୀ, ଦେଓ କେନାଲ ଡିଭିଜନ।
୩- କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ-......./ ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସନଙ୍କ ବିବରଣୀ-ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନର୍ବସତି ଅଧିକାରୀ, ମୟୂରଭଞ୍ଜ, କରଞ୍ଜିଆ।
୬- ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| କେନ୍ଦୁଝର | ସାହାରପଡା | ବୁଢାବଣ | | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୪୬.୨୮ | ଏ.୧୨.୬୬ | ଏଥିସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ........ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।
ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନର୍ବସତି ଅଧିକାରୀ, ମୟୂରଭଞ୍ଜ, କରଞ୍ଜିଆଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଜିଲ୍ଲାପାଳ**

**LAND SCHEDULE FOR PERMANENT ACQUISTION OF LAND**
ମୌଜା-ବୁଢାବଣ, ଥାନା-ପାଟଣା, ନମ୍ବର-୨୦୭, ତହସିଲ-ସାହାରପଡା, ଜିଲ୍ଲା-କେନ୍ଦୁଝର

| କ୍ରମିକ ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅଧିଗୃହୀତ ରକବା | କିସମ | ପ୍ରଜାଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧. | ୪ | ୬୨୩ | ୦.୭୧ | ୦.୩୦ | ବାଜେଫ ସଲ ଦୁଇ | ଅର୍ଜୁନ ନାଏକ, ରୂପା ନାଏକ, ପି: ଜୟଦେବ ନାଏକ, ଜା: ଗଣ୍ଡ, ବା: ନିଜଗାଁ | |
| | | ୬୨୨/୮୦୭ | ୦.୨୫ | ୦.୦୭ | ଘରବାରୀ | | |
| ୨. | ୮ | ୫୯୬ | ୦.୨୦ | ୦.୦୧ | ବାଜେଫ ସଲ ଦୁଇ | ଅହିରାମ ମହାନ୍ତ, ପି: ଦୁବରାଜ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| | | ୬୧୯ | ୦.୫୯ | ୦.୦୫ | ଶାରଦ ତିନି | | |
| | | ୬୫୦ | ୦.୬୮ | ୦.୨୩ | ବାଜେଫ ସଲ ଦୁଇ | | |
| | | ୬୬୧ | ୦.୩୯ | ୦.୦୨ | ଶାରଦ ତିନି | | |
| | | ୬୬୫ | ୦.୭୧ | ୦.୧୭ | ବାଜେଫ ସଲ ଦୁଇ | | |
| | | ୬୮୪ | ୦.୨୧ | ୦.୦୧ | ଶାରଦ ତିନି | | |
| | | ୬୯୧ | ୦.୭୮ | ୦.୪୯ | ବାଜେଫ ସଲ ଦୁଇ | | |
| ୩. | ୯ | ୨୩୪ | ୦.୩୦ | ୦.୦୧ | ଶାରଦ ଦୁଇ | ଆନନ୍ଦ ମହାନ୍ତ, ପି: ସୀତାରାମ ମହାନ୍ତ, ଯାତ୍ରୀ ମହାନ୍ତ, ସ୍ୱା: ସୀତାରାମ୍ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୪. | ୧୦ | ୫୧୯ | ୦.୨୭ | ୦.୦୮ | ଶାରଦ ତିନି | ଓକିଲ ପାତ୍ର, ପି: ବଳ ପାତ୍ର, ଜା: ପାଣ, ବା: ସଙ୍ଖୁଆ | |
| | | ୫୧୮/୮୮୯ | ୦.୧୫ | ୦.୦୩ | ଶାରଦ ତିନି | | |
| ୫. | ୧୧ | ୫୦୪ | ୦.୨୪ | ୦.୦୧ | ତଲଳା ଏକ | କଣ୍ଟ ପାତ୍ର, ପି-ଜଗନ୍ନାଥ ପାତ୍ର, ତିର ପାତ୍ର, ପି: ପୁରନ୍ଦର ପାତ୍ର, ଜା: ପାଣ, ବା: ନିଜଗାଁ | |
| | | ୫୧୮ | ୩.୨୫ | ୦.୨୦ | ଶାରଦ ତିନି | | |
| ୬. | ୩୨ | ୬୪୯ | ୦.୮୪ | ୦.୩୫ | ବାଜେଫ ସଲ ଦୁଇ | ଦଲ ଗଞ୍ଜନ ମହାନ୍ତ, ପି: ଦୁବରାଜ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| | | ୬୭୯ | ୦.୩୫ | ୦.୦୧ | ଶାରଦ ତିନି | | |
| | | ୬୮୫ | ୦.୨୨ | ୦.୧୬ | ଶାରଦ ତିନି | | |
| | | ୬୩୫/୭୪୨ | ୦.୧୭ | ୦.୧୪ | ବାଜେଫ ସଲ ଦୁଇ | | |
| ୭. | ୩୦ | ୨୩୨ | ୦.୪୦ | ୦.୨୧ | ଶାରଦ ଦୁଇ | ଜାଉରା ମୁଣ୍ଡା, ମାଧ ମୁଣ୍ଡା, ବୁଟି ମୁଣ୍ଡା, ଘନ ମୁଣ୍ଡା, ପି: ରାଇଁସିଂ ମୁଣ୍ଡା, ବିରିସିଂ ମୁଣ୍ଡା, ମଧୁ ମୁଣ୍ଡା, ପି: କାଉଁରା ମୁଣ୍ଡା, ଜା: କୋହ୍ଲ, ବା: ନିଜଗାଁ | |
| | | ୩୧୩ | ୦.୨୦ | ୦.୦୧ | ଶାରଦ ଦୁଇ | | |
| | | ୩୧୪ | ୦.୩୩ | ୦.୧୯ | ଶାରଦ ତିନି | | |
| ୮. | ୩୪ | ୬୭୭ | ୧.୦୨ | ୦.୭୯ | ବାଜେ ଫସଲ ଦୁଇ | ଦୀର୍ଘା ମାଝୀ, ଲଛୁ ମାଝୀ, ପି: ଗୋରା ମାଝୀ, ମଙ୍ଗଲା ମାଝୀ, ମାତାଲ ମାଝୀ, ପି: କାନ୍ଦ୍ରା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| | | ୬୭୮ | ୦.୮୨ | ୦.୫୭ | ଶାରଦ ତିନି | | |
| | | ୬୯୨ | ୧.୩୫ | ୦.୭୭ | ବାଜେ ଫସଲ ଦୁଇ | | |
| ୯. | ୪୧ | ୬୩୫ | ୧.୮୫ | ୦.୫୦ | ବାଜେ ଫସଲ ଦୁଇ | ଧନୁ ମହାନ୍ତ, ପି: ଆଶାରାମ ମହନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୧୦. | ୪୬ | ୩୨୬ | ୦.୫୧ | ୦.୦୬ | ଶାରଦ ଦୁଇ | ବଣ୍ଣୁ କୋହ୍ଲ, ପି: ତୁରୀ କୋହ୍ଲ, ଜା: କୋହ୍ଲ, ବା: ନିଜଗାଁ | |
| ୧୧. | ୪୭ | ୩୨୪ | ୦.୬୧ | ୦.୧୨ | ଶାରଦ ଦୁଇ | ବୁଣ୍ଡୁ କୋହ୍ଲ, ରାଇସିଂ କୋହ୍ଲ, ବସେନ କୋହ୍ଲ, ପି: ମରା ରାମ କୋହ୍ଲ, ଲାଲଦୁ କୋହ୍ଲ, ପି: ମାଙ୍ଗତା କୋହ୍ଲ, ଜା: କୋହ୍ଲ, ବା: ନିଜଗାଁ | |
| ୧୨. | ୪୯ | ୬୨୬ | ୧.୦୦ | ୦.୨୩ | ବାଜେ ଫସଲ ଦୁଇ | ବହ୍ଲି ମାଝୀ, ପି: ଲକ୍ଷ୍ମଣ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| | | ୬୨୬/୮୧୦ | ୨.୧୮ | ୦.୪୨ | ବାଜେ ଫସଲ ଦୁଇ | | |
| ୧୩ | ୫୧ | ୬୩୬ | ୧.୫୯ | ୦.୫୨ | ବାଜେ ଫସଲ ଦୁଇ | ବାଉଦି ମହାରଣା, ପି: ଚନ୍ଦରୁ ମହାରଣା, ଜା: ମହାରଣା, ବା: ନିଜଗାଁ | |
| | | ୬୭୦ | ୧.୩୯ | ୦.୫୦ | ବାଜେ ଫସଲ ଦୁଇ | | |
| ୧୪. | ୫୨ | ୫୧୮/୮୭୮ | ୦.୨୮ | ୦.୦୮ | ଶାରଦ ତିନି | ବାସୁଦେବ ପାତ୍ର, ବିଦ୍ୟାଧର ପାତ୍ର, ବାମଦେବ ପାତ୍ର, ଦିନବନ୍ଧୁ ପାତ୍ର, ମଧୁସୂଦନ ପାତ୍ର, ପି : ବିଶୁନୁ ପାତ୍ର, ଜା: ପାଣ, ବା: ନିଜଗାଁ | |
| ୧୫. | ୫୬ | ୨୩୩ | ୦.୪୫ | ୦.୧୮ | ଶାରଦ ଦୁଇ | ବାହାଦୁଲା ମହାନ୍ତ, ଜିତୁ ମହାନ୍ତ, ପି: ଶାମ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୧୬ | ୫୮ | ୫୯୧ | ୦.୭୨ | ୦.୨୧ | ଘରବାରି | ବିଭୀଷଣ ନାଏକ, ପି: ଅଙ୍କୁର ନାଏକ, ଶଙ୍କର ନାଏକ, ଗୁରୁଚରଣ ନାଏକ, ପି: ନେତ୍ରା ନାଏକ, ଜା: ଗଣ୍ଡ, ବା: ନିଜଗାଁ | |
| | | ୬୨୧ | ୦.୩୪ | ୦.୦୮ | ଶାରଦ ତିନି | | |
| ୧୭ | ୬୪ | ୫୯୫ | ୦.୨୬ | ୦.୦୨ | ବାଜେ ଫସଲ ଦୁଇ | ଭାରତ ଚନ୍ଦ୍ର ମହାନ୍ତ, ପି: ଦୁବରାଜ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| | | ୬୪୮ | ୦.୨୦ | ୦.୧୦ | ବାଜେ ଫସଲ ଦୁଇ | | |
| | | ୬୬୩ | ୦.୯୬ | ୦.୪୦ | ବାଜେ ଫସଲ ଦୁଇ | | |
| | | ୬୭୧ | ୦.୭୧ | ୦.୦୧ | ବାଜେ ଫସଲ ଦୁଇ | | |
| | | ୬୮୬ | ୧.୦୦ | ୦.୩୯ | ବାଜେ ଫସଲ ଦୁଇ | | |
| | | ୬୮୦ | ୦.୯୨ | ୦.୦୧ | ଜଳଶୟ ଦୁଇ | | |
| ୧୮ | ୫୯ | ୫୯୦ | ୨.୩୨ | ୦.୩୬ | ଦିଆଳି | ବିଭୀଷଣ ନାଏକ, ପି: ଅଙ୍କୁର ନାଏକ, ଶଙ୍କର ନାଏକ, ଗୁରୁଚରଣ ନାଏକ, ପି: ନେତ୍ରା ନାଏକ, ଫକିରା ନାଏକ, ଦିବାକର ନାଏକ, ଗୋବରା ନାଏକ, ପି: ପଦୁ ଚରଣ ନାଏକ, ଗୁରୁ ଚରଣ ନାଏକ, ପି: ବନମାଳୀ ନାଏକ, ମହେଶ୍ୱର ନାଏକ, ଗଦାଧର ନାଏକ, ପି: ବଳି ନାଏକ, ମହେନ୍ଦ୍ର ନାଏକ, ଅନାଦୀ ନାଏକ, ପି: ଶୁକେବ ନାଏକ, ଗଦା ନାଏକ, ପି: ଫଗୁ ନାଏକ, ଜା: ବାଥୁଡି, ବା: ନିଜଗାଁ | |
| | | ୬୨୦ | ୨.୭୦ | ୦.୪୬ | ବାଜେ ଫସଲ ଦୁଇ | | |
| ୧୯. | ୬୬ | ୩୨୧ | ୦.୮୦ | ୦.୨୦ | ବାଜେ ଫସଲ ଦୁଇ | ଭୀମ ନାଏକ, ପି: ପବିତ୍ର ନାଏକ, ଜା: ଗଣ୍ଡ, ବା: ନିଜଗାଁ | |
| ୨୦. | ୬୭ | ୨୩୦ | ୦.୧୪ | ୦.୧୦ | ଶାରଦ ଦୁଇ | ଭୁଟୁ ମହାନ୍ତ, ରଜ ମହାନ୍ତ, ଚମ୍ପା ମହାନ୍ତ, ପି: ରଥୁ ମହାନ୍ତ, ଅଲତା ମହାନ୍ତ, ସ୍ୱା: ରଥୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୨୧. | ୭୫ | ୬୨୪ | ୧.୪୫ | ୦.୧୦ | ଘରବାରି | ମକୁରୁ ମହାନ୍ତ, ଶଙ୍କୁରୁ ମହାନ୍ତ, କାଞ୍ଚନ ମହାନ୍ତ, ପି: ହୀରା ମହାନ୍ତ, ସନୁ ମହାନ୍ତ, ଉପେନ୍ଦ୍ର ମହାନ୍ତ, ପି: ବନ୍ଧୁଆ ମହାନ୍ତ, ଦୟା ମହାନ୍ତ, ମୁଟୁ ମହାନ୍ତ, ଚେମୁଟୁ ମହାନ୍ତ, ପି: ଚନ୍ଦ୍ର ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୨୨. | ୭୭ | ୬୭୬ | ୦.୮୬ | ୦.୨୪ | ବିଆଳି | ମଙ୍ଗଲା ମାଝୀ, ମାତାଲ ମାଝୀ, ପି- କାନ୍ଦ୍ରା ମାଝୀ, ଜା- ସାନ୍ତାଳ, ବା- ନିଜଗାଁ | |
| | | ୬୯୩ | ୧.୧୮ | ୦.୫୧ | ଘରବାରୀ | | |
| | | ୬୯୪ | ୦.୦୮ | ୦.୦୮ | ବାଜେ ଫସଲ ଦୁଇ | | |
| ୨୩. | ୮୦ | ୭୦୮ | ୦.୨୭ | ୦.୦୧ | ରାସ୍ତା | ମଧୁ ମହାନ୍ତ, ପି- ଘାସିଆ ମହାନ୍ତ, ବାହାଦୁଲା ମହାନ୍ତ, ଜିତୁ ମହାନ୍ତ, ପି- ଶିବ ମହାନ୍ତ, ରଜନୀ ମହାନ୍ତ, ସ୍ୱା- ଶାମ ମହାନ୍ତ, ଆନନ୍ଦ ମହାନ୍ତ, ପି- ସୀତାରାମ ମହାନ୍ତ, ଯାତ୍ରୀ ମହାନ୍ତ, ସ୍ୱା- ସୀତାରାମ ମହାନ୍ତ, ଜା- କୁଡୁମି, ବା- ନିଜଗାଁ | |
| ୨୪. | ୮୪ | ୩୦୯ | ୧.୨୨ | ୦.୧୬ | ଶାରଦ ଦୁଇ | ମହେଶ୍ୱର ମହାନ୍ତ, ପି- ଶିବ ମହାନ୍ତ, ଲେମ୍ବୁ ମହାନ୍ତ, ପି- ପରମେଶ୍ୱର ମହାନ୍ତ, ଦେବେନ୍ଦ୍ର ମହାନ୍ତ, ପି- ବିଶ୍ୱମ୍ବର ମହାନ୍ତ, ଜା- କୁଡୁମି, ବା- ନିଜଗାଁ | |
| ୨୫. | ୮୬ | ୬୩୩ | ୦.୫୩ | ୦.୦୫ | ବାଜେ ଫସଲ ଦୁଇ | ମହେଶ୍ୱର ଦଣ୍ଡପାଟ, ପି- କୃପାସିନ୍ଧୁ ଦଣ୍ଡପାଟ, ଜା- ସାଉନ୍ତି, ବା- ନିଜଗାଁ | |
| ୨୬. | ୮୯ | ୬୬୪ | ୦.୫୦ | ୦.୦୭ | ବାଜେ ଫସଲ ଦୁଇ | ମାନୁଧର ବରଡୁହା, ବୈଶାଖୁ ବରଡୁହା, ପି- ଗୁରୁ ଚରଣ ବରଡୁହା, ଜା- ସାଉଁନ୍ତି, ବା- ନିଜଗାଁ | |
| ୨୭. | ୯୦ | ୩୧୬ | ୦.୭୦ | ୦.୧୬ | ଘରବାରୀ | ମେଞ୍ଜ କୋହ୍ଲ, ପି- ଜେନା କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| ୨୮. | ୯୨ | ୩୦୯/୭୭୮ | ୦.୩୨ | ୦.୦୫ | ଶାରଦ ଦୁଇ | ରଣଜିତ ମହାନ୍ତ, ପି- କର୍ମୁ ମହାନ୍ତ, ଜା- କୁଡୁମି, ବା- ମଣ୍ଡୁଆ, ଜି- ମୟୂରଭଞ୍ଜ | |
| ୨୯. | ୧୦୦ | ୬୨୫ | ୦.୨୭ | ୦.୧୦ | ଘରବାରୀ | ଲକ୍ଷ୍ମୀଧର ବରଡୁହା, ଉପେନ୍ଦ୍ର ବରଡୁହା, ପି- ବୁଧିଆ ବରଡୁହା, ଜା- ସାଉଁନ୍ତି, ବା- ନିଜଗାଁ | |
| ୩୦. | ୧୦୨ | ୬୨୬/୮୦୯ | ୧.୩୨ | ୦.୨୪ | ବାଜେ ଫସଲ ଦୁଇ | ଲାଲ ମୋହନ ନାଏକ, ପି- ଭଗବାନ ନାଏକ, ଜା- ବାଥୁଡି, ବା- ଗୋରାଣ୍ଡିଯୋଡି | |
| ୩୧. | ୧୦୭ | ୨୩୧ | ୦.୧୪ | ୦.୧୪ | ଶାରଦ ଦୁଇ | ସଭା ମହାନ୍ତ, ପି- ରେଙ୍ଗୁ ମହାନ୍ତ, ଜା- କୁଡୁମି, ବା- ନିଜଗାଁ | |
| ୩୨. | ୭୯ | ୬୯୮ | ୦.୪୪ | ୦.୧୩ | ବାଜେ ଫସଲ ଦୁଇ | ମଧୁ ମହାନ୍ତ, ପି- ଘାସିଆ ମହାନ୍ତ, ଜା- କୁଡୁମି, ବା- ନିଜଗାଁ | |
| ୩୩. | ୧୨୪/୧୬ | ୫୧୮/୯୨୩ | ୦.୭୪ | ୦.୦୯ | ଶାରଦ ତିନି | ବାମଦେବ ପାତ୍ର, ପି- ବିଶୁନୁ ପାତ୍ର, ଜା- ପାଣ, ବା- ସଙ୍ଖୁଆ | |
| ୩୪. | ୧୨୪/୨୨ | ୩୨୪/୯୨୦ | ୦.୨୦ | ୦.୧୬ | ଶାରଦ ଦୁଇ | ନାରାୟଣ ଗଡସରା, ପି- ମରା କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| ୩୫. | ୧୨୪/୧୯ | ୮୦୯/୯୦୯ | ୦.୪୦ | ୦.୨୪ | ବାଜେ ଫସଲ ଦୁଇ | ଦେବେନ୍ଦ୍ର ମହାନ୍ତ, ପି- ବିଶମ୍ବର ମହାନ୍ତ, ଜା- କୁଡୁମି, ବା- ନିଜଗାଁ | |
| ୩୬. | ୧୨୪/୧୦ | ୫୧୮/୯୦୦ | ୦.୬୦ | ୦.୧୫ | ଶାରଦ ତିନି | ବାମଦେବ ପାତ୍ର, ପି- ବିଶୁନୁ ପାତ୍ର, ଜା- ପାଣ, ବା- ନିଜଗାଁ | |
| ୩୭. | ୧୨୪/୨୧ | ୫୧୮/୯୧୧ | ୦.୬୦ | ୦.୧୦ | ଶାରଦ ତିନି | ପରମେଶ୍ୱର ପାତ୍ର, ପି- ଦାରୋଗା ପାତ୍ର, ଜା- ପାଣ, ବା- ନିଜଗାଁ | |
| | ମୋଟ | ୬୪ | ୪୬.୨୮ | ୧୨.୬୬ | | | |

24045/14/0031/1819



"ଚାଷୀ ମୂଲିଆଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରିବା ଅର୍ଥ ସାମ୍ରାଜ୍ୟବାଦ ବିରୋଧରେ ଲଢ଼େଇ କରିବା ସଙ୍ଗେ ସମାନ।
- ଭଗବତୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ



### ବାଜପେୟୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି

ପଲମ,୨୨।୮(ଡି.ଏନ.ଏ.)
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ଥାନା ଅନ୍ତର୍ଗତ ଯୋରାଡବରା ପଞ୍ଚାୟତସ୍ଥିତ କୁଶୁର୍ଲା ଅମର ଯୁକ୍ତ ୩ କଲେଜରେ ବୁଧବାର ବନବାସୀ କଲ୍ୟାଣ ଆଶ୍ରମସ୍ତରୀୟରୁ ବାଜପେୟୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମ.ରାମପୁର ଶ୍ରୀକାନ୍ତ ହୋତା, ମୁଖ୍ୟବକ୍ତା ପଦ୍ମଲୋଚନ ମିଶ୍ର, ସମ୍ମାନିତ ଅତିଥି ତୁଣ୍ଡଲାର ସରୋଜ କୁମାର ସେଠ, ଯୋରାଡବରାର ରାଜେନ୍ଦ୍ର ବେହେରା, ଜୟଚନ୍ଦ୍ର ମାଝି ପ୍ରମୁଖ ଯୋଗଦେଇ ବାଜପେୟୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ଲୋକନାଥ ଭୋଇ, ମେଦିନୀ ଜାନୀ, ରମାଦେବୀ ଜାନୀ, କୃଷ୍ଣଚନ୍ଦ୍ର ଭାଟି, ମନୋରନ ସାହୁ, ଭାଗିରଥି ଚୌଧୁରୀ, ଶକ୍ତିଧର ମାଝି, ରତନ ଭୋଇ ପ୍ରମୁଖ ବାଜପେୟୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ମାଧବ ଭୋଇ ମଞ୍ଚ ପରିଚାଳନା କରିଥିଲେ । କୃଷ୍ଣଚନ୍ଦ୍ର ଭାଟି ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଜ୍ଞାନ ମେଳା: ୫୯୩ ପ୍ରକଳ୍ପ ପ୍ରଦର୍ଶିତ





ଭବାନୀପାଟଣା ବାଲାଜୀ ବିହାର ଓ ଜୁନାଗଡ଼ ସରସ୍ୱତୀ ଶିଶୁ ମନ୍ଦିରରେ ଆୟୋଜିତ ବିଜ୍ଞାନ ମେଳାରେ ପ୍ରଦର୍ଶିତ ପ୍ରକଳ୍ପ।

ଭବାନୀପାଟଣା,୨୨।୮(ଡି.ଏନ.ଏ.)

ସ୍ଥାନୀୟ ବାଲାଜୀ ବିହାରର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରଜତ ଜୟନ୍ତୀ ବିଜ୍ଞାନ ମେଳା ବୁଧବାର ଆୟୋଜିତ ହୋଇଯାଇଛି। ମାଣିକେଶ୍ୱରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବ୍ରଜେନ୍ଦ୍ର ପ୍ରସାଦ ବଡେଇ ମେଳାକୁ ଉଦଘାଟନ କରିଥିଲେ। ଏହି ଅବସରରେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ବିଜ୍ଞାନ ବିଷୟରେ ଅଧିକ ରୁଚି ରଖିବା ସହ ଆମର ଦୈନନ୍ଦିନ ଜୀବନରେ ବିଜ୍ଞାନର ଉପକାରିତା ବିଷୟରେ ବଡେଇ ଉଦାହରଣ ଦେଇ ବୁଝାଇଥିଲେ। ବିଜ୍ଞାନର ସାକାରାତ୍ମକ ଏବଂ ନାକାରତ୍ମକ ବ୍ୟବହାର ଅଛି, କିନ୍ତୁ ଏହାର ସାକାରାତ୍ମକ ବ୍ୟବହାର କରି ଜୀବଜଗତର ମଙ୍ଗଳ ପାଇଁ ବ୍ୟବହାର କରିବା ଉପରେ ବଡେଇ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ପ୍ରାରମ୍ଭରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରମାନେ ୩୧୦ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ପ୍ରଦର୍ଶିତ ପ୍ରକଳ୍ପକୁ ବିଜ୍ଞାନ ଶିକ୍ଷକ ବିଜୟ ଚରଣ ବେହେରା, ଗାୟତ୍ରୀ ମହାରଣା, ନମିତା ପଟ୍ଟଯୋଷୀ, ଏସ.ଭି.ଲକ୍ଷ୍ମୀ, ବସନ୍ତ ଜଗତ ପ୍ରମୁଖ ମୂଲ୍ୟାଙ୍କନ କରିଥିଲେ। ବିଦ୍ୟାଳୟ ବିଜ୍ଞାନ ବିଷୟ ପ୍ରମୁଖ ସୁନୀତା ପରିଡା ଓ ପ୍ରଧାନ ଆଚାର୍ଯ୍ୟ ବୁଦ୍ଧ ନାଏକଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ଭାଗ ନେବା ସହିତ ବିଦ୍ୟାଳୟର ଅନ୍ୟ ସମସ୍ତ ପିଲାମାନେ ଆଗ୍ରହର ସହିତ ପ୍ରକଳ୍ପ ବୁଲି ଦେଖିଥିଲେ। ବିଜ୍ଞାନ ମେଳାରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ହୋଇଥିବା କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରିଚାଳନା ସମିତି ଉପସଭାପତି ପ୍ରମୋଦ କୁମାର ପଣ୍ଡା, ସାଧାରଣ ସମ୍ପାଦକ ରଘୁରାଜ ପଟ୍ଟନାୟକ, ସହସମ୍ପାଦକ ଅଶୋକ ସିଂ, ବାଲାଜୀ ବିହାର ସମସ୍ତ ଗୁରୁମାଗୁରୁଜୀ ବିଜ୍ଞାନ ମେଳାରେ ଉପସ୍ଥିତ ଥିଲେ।

ଜୁନାଗଡ,୨୨।୮(ସ୍ୱ.ପ୍ର.)
ଜୁନାଗଡ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଜ୍ଞାନ ପଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୨ଟି ଶ୍ରେଣୀର ୨୮୩ ଛାତ୍ରୀଛାତ୍ର ନିଜ ପ୍ରକଳ୍ପ ବିଜ୍ଞାନ ମେଳାରେ ପଦର୍ଶନ କରିଛନ୍ତି। ଏଥିରେ ଶିଶୁ ବାଟିକାର ୯୪ ପ୍ରକଳ୍ପ ଥିବା ବେଳେ ପ୍ରଥମରୁ ତୃତୀୟ ୮୩, ଚତୁର୍ଥ ଓ ପଞ୍ଚମ ଶିଶୁବର୍ଗରେ ୪୨, ଷଷ୍ଠରୁ ଅଷ୍ଟମ ବାଳ ବର୍ଗରେ ୧୫, ନବମ ଓ ଦଶମ କିଶୋର ବର୍ଗରେ ଦୁଇ ଗୋଟି ପ୍ରକଳ୍ପ ପ୍ରଦର୍ଶନ ହୋଇଥିଲା। ସେହିଭଳି ପତ୍ର ବାଚନ ଓ ପ୍ରୟୋଗରେ ୨୦ ଏବଂ ପ୍ରଶ୍ନ ମଞ୍ଚରେ ୨୭ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଏହି ପଦର୍ଶନୀକୁ ଗୌଡ ଛେଣ୍ଡିଆ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଚନ୍ଦ୍ର ଶେଖର ସିଂ ଉଦ୍‌ଘାଟନ କରବା ବେଳେ ଉଦ୍‌ଯାପନୀ ଉତ୍ସବରେ ଚମରୁଲାଲ ପାଢୀ ମୁଖ୍ୟଅତିଥି ଭାବରେ ଉପସ୍ଥିତ ଥିଲେ। ଏଥିରେ ୧୨ଟି ସ୍କୁଲର ବିଜ୍ଞାନ ଶିକ୍ଷକ ଉପସ୍ଥିତ ରହି ବିଚାର କରି ଛାତ୍ରୀଛାତ୍ରଙ୍କୁ ଆଗାମୀ ଦିନ ପାଇଁ ଚୟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଶିବରାଜ ମିଶ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ ଗୁରୁଜୀଗୁରୁମା ସହଯୋଗ କରିଥିଲେ।

## ପହଞ୍ଚିଲା ମୃତଦେହ, ଗାଁରେ ଶୋକାକୁଳ ପରିବେଶ

**ଦାଦନ ଶ୍ରମିକଙ୍କ ମୃତ୍ୟୁ**

କର୍ଲାମୁଣ୍ଡା,୨୨।୮(ଡି.ଏନ.ଏ.)

ଏଠାରେ କାମଧନ୍ଦା ନ ପାଇ ଅର୍ଥ ରୋଜଗାର ଆଶାରେ ଗୁଜୁରାଟର ରାଜକୋଟକୁ ଯାଇ କିଏ ଗୋଡ ହରାଉଛି ତ, କିଏ ମୃତ୍ୟୁମୁଖରେ ପଡୁଛି। ଏପରି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରାଜପୁର ପଞ୍ଚାୟତର ଶିଆଳପଲା ଗାଁ ପ୍ରସନ୍ନ ରଣାଙ୍କ ପରିବାରରେ। ଗାଁର ପ୍ରସନ୍ନଙ୍କ ବଡ ପୁଅ ସୁରେନ୍ଦ୍ର ରଣା (୨୫) ଗାଁର ଅନ୍ୟ ଯୁବକଙ୍କ ସହିତ ଅର୍ଥ ରୋଜଗାର ଆଶାରେ ରାଜକୋଟ ସହରକୁ ଗତ ଜୁନରେ ଯାଇଥିଲା। ସେଠାରେ ସୁରେନ୍ଦ୍ର ଏକ କମ୍ପାନୀ ପକ୍ଷରୁ ଘର ଛାତ ପକା କାମ ବେଳେ ମିକ୍ସର ମେଶିନରେ ବିଦ୍ୟୁତ ସଂସ୍ପର୍ଶରେ ଆସି ତାଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ତାଙ୍କ ଗାଁର ଅନ୍ୟ ଜଣେ ଯୁବକ ପ୍ରେମରାଜ ରଣା ଗୁରୁତର ଆହତ ହୋଇଥିଲେ। ତେବେ ପ୍ରେମରାଜଙ୍କ ଚିକିତ୍ସା କମ୍ପାନୀ ପକ୍ଷରୁ ରାଜକୋଟରେ ଚାଲିଛି। ବୁଧବାର ସୁରେନ୍ଦ୍ରଙ୍କ ମୃତଦେହ କମ୍ପାନୀ କର୍ତ୍ତୃପକ୍ଷ ଗାଁରେ ପହଞ୍ଚାଇ ଦେବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ପରେ ପରିବାର ପକ୍ଷରୁ ଶବ ସତ୍କାର କରାଯାଇଛି।

## ଧୁମ୍‌ଧାମ୍‌ରେ ଇଦ୍‌-ଉଲ- ଜୁହା ପାଳିତ

ଭବାନୀପାଟଣା,୨୨।୮(ଡି.ଏନ.ଏ.)

ତ୍ୟାଗ ଓ ବଳିଦାନର ପର୍ବ ଇଦ୍‌-ଉଲ-ଜୁହା ବୁଧବାର ଭବାନୀପାଟଣା ଜାମା ମସ୍‌ଜିଦଠାରେ ଧୁମ୍‌ଧାମରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ମୁସଲିମ ଦମାତ ତରଫରୁ ଇଦ୍‌-ଉଲ- ଜୁହା ଶାନ୍ତିପୂର୍ଣ୍ଣ ଭାବେ ମୌଲାନା ନଜାଉଲ ମୁସ୍ତାଫା ନମାଜ ପାଠ ସମ୍ପୂର୍ଣ୍ଣ କରାଇଥିଲେ । ଉକ୍ତ ପର୍ବରେ ମୁସଲିମ ଜମାତର ସଭାପତି ହାଜି ସହାଦତ୍ ଖାନ୍, ସମ୍ପାଦକ ସେଖ୍ ସଲିମ, କୋଷାଧ୍ୟକ୍ଷ ମହମ୍ମଦ ଗୋଲାମ୍ ଗୋଶ, ଆକବର ଖାଁ, ଅମିର ଅଲ୍ଲୀଖାଁ, ମହମ୍ମଦ୍ କୁତବୁଦ୍ଦିନ୍, ମହମ୍ମଦ୍ ଅଲ୍ଲୀଖାଁ, ଜାକିର ଖାଁ, ସାବାନ ଖାଁ, ସମିମ୍ ଅହମ୍ମଦ ଖାଁ ପ୍ରମୁଖ ଉପସ୍ଥିତ ଥିଲେ । ଇମାମ ସାହବ ଏବଂ ମୁସଲିମ୍ ଦମାତ ତରଫରୁ କେରଳ ବନ୍ୟା ପୀଡିତଙ୍କ ପାଇଁ ପାଣ୍ଠି ସଂଗ୍ରହ କରାଯିବା ସହ ତାଙ୍କ ସତ୍‌କାମନା ପାଇଁ ପ୍ରାର୍ଥନା କରାଯାଇଥିଲା।



ଭବାନୀପାଟଣା ଜାମା ମସ୍‌ଜିଦ୍‌ଠାରେ ଅନୁଷ୍ଠିତ ଇଦ୍‌-ଉଲ-ଜୁହା ପର୍ବ ପାଳିତ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

HDB Government Financial Services
କରୁଛି ଏବେ ଗାଁ/ସହରରେ ବଡ଼ ଋଣ 50,000 – 95,00,000 ପର୍ଯ୍ୟନ୍ତ, ଶିକ୍ଷା, ପ୍ରପର୍ଟି, କାର୍ଡ ଏବଂ ସମସ୍ତ ଋଣ 2% ସୁଧ 40% ରିହାତି। ମହିଳା (ସମୂହ) ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ।
Helpline Numbers
9983302166
9983302146

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FIRST FINANCE LIMITED
Regd No.- U6519TNI98PLC008555
ମାର୍କିଶିଟ୍, ପ୍ରପର୍ଟି, ପର୍ସନାଲ ଏବଂ ସବୁ ପ୍ରକାରର ଋଣ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ। 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number:
7689937202

SMS JOB
Send SMS, Earn MONEY
ଘରେବସି SMS JOB କରି Part/Full Time ଶିକ୍ଷିତ ବେରୋଜଗାର ମାସକୁ ୨୫୦୦୦/- ରୁ ୬୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
WORK From Home
କମ୍ପାନୀ ଦ୍ୱାରା Mobile+Laptop+ Bike + SIM + ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9667693638
9667693639

BANAJ FINANCE GROUP LTD.
ନୋ ଫାଇଲ୍ ଚାର୍ଜ, ନୋ ଗ୍ୟାରେଣ୍ଟର ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ପ୍ରକାର ଋଣ ୨୪ ଘଣ୍ଟାରେ ପାଆନ୍ତୁ । ଗ୍ରୁପ୍ ଋଣ, ଆଧାର କାର୍ଡ ଋଣ, ଗୃହ ଋଣ, ଗାଡ଼ି ଋଣ, କୃଷି ଋଣ, ବ୍ୟବସାୟ ଋଣ, ପ୍ରପର୍ଟି ଋଣ, ଏବଂ ଅନ୍ୟାନ୍ୟ ଋଣ ୧% ସୁଧ, ୩୫% ସବ୍‌ସିଡି । କଲ୍ କରନ୍ତୁ SAMIR MONAL
07363008993
07363008928

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

ADMISSION OPEN FOR 2018-20
B.Ed
CT(D.EL.Ed) & M.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Form fillup Fees, Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

9911436726, 8750311430

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ଼। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

Kuber Finance
(ଭାରତ ସରକାର) ରେଜିଷ୍ଟର୍ଡ କମ୍ପାନୀ 1980ରୁ ଆପଣଙ୍କ ସେବାରେ।
Regd. No. - ODI49/3468
କରୁଛି ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାର ଋଣ ମାତ୍ର 12 ଘଣ୍ଟାରେ। 1% ସୁଧ, 50% ଛାଡ଼। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ -
7496011718
7496016879

Odisha Finance
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number:
7302107165
odishafinance55@gmail.com

GET INSTANT CASH AGAINST GOLD
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସରକାରୀ ରେଜିଷ୍ଟରଭୁକ୍ତ କମ୍ପାନୀ Bansal Group ର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡ଼ା 90,000/- ଟଙ୍କା ପାଆନ୍ତୁ + ଜଣକୁ ଚାକିରି ମିଳିବ + Bike
Registration Charges 1250/-
8557970913
7629090472

B.N. FINANCE
ସମସ୍ତ ଜିଲ୍ଲା ପାଇଁ Personal, Business, Property, Certificate, କୃଷି ଓ ପଶୁପାଳନ ପାଇଁ ସମସ୍ତ ପ୍ରକାର ଲୋନ୍ ୫ ଦିନ ମଧ୍ୟରେ ମିଳିବ। 2% ସୁଧ।
M: 8337957615
7064797490

SMS JOB
Send SMS, Earn MONEY
AIRTEL - GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାତ୍ର ୧୦୦ କରି SMS ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike SIM + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
07367075431
07367075342

FINANCE
PEHEL ଫାଇନାନ୍ସ କମ୍ପାନୀ
ସରକାରୀ ଦ୍ୱାରା ମାନ୍ୟତାପ୍ରାପ୍ତ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୫୦%ଛାଡ । ଘରେ ବସି ପାଆନ୍ତୁ ।ଏଜେଣ୍ଟ ଆମନ୍ତ୍ରିତ
ଅଧିକ ବିବରଣୀ ପାଇଁ ସଂପର୍କ କରନ୍ତୁ
7347695603
8941029381

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ
ଆଗେ କାମ, ପରେ ଦାମ୍। ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଗାଡ଼ି, ବ୍ୟବସାୟ, ସମସ୍ତ ଋଣ 2% ସୁଧ 40% ରିହାତି ଘରେ ବସି ପାଆନ୍ତୁ।
OM FINANCE
9557124359
7895699233

FINANCE
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡି ସହିତ ।
7787922501
7787907927
pmjansamridhi@gmail.com

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580
95578-79781

SRI RAM FINANCE LTD.
Regd No. 12AP2K3697 (I.S.O.)
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ ଏବଂ ସବୁ ପ୍ରକାରର ଋଣ ପାଆନ୍ତୁ ୨ ରୁ ୩ ଦିନରେ । ସୁଦ୍ଧ ୨% ରିହାତି ୩୦% ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ରିହାତି ।
Help Line No.
8658665629
7894259095
finance0102018@gmail.com

LOAN
ଶିକ୍ଷିତ ଓ ବେରୋଜଗାରି ମାନେ ନିଜର ବ୍ୟବସାୟିକ, ବ୍ୟକ୍ତିଗତ, ଗୃହ, ପ୍ରପର୍ଟି, ସାର୍ଟିଫିକେଟ୍ ଓ ଶିକ୍ଷାର ସହାୟତାରେ କମ୍ପାନୀଠାରୁ ସାହାଯ୍ୟ ନିଅନ୍ତୁ।
7682891639
8018022748

MONEY WIZZ FINANCE
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉପଲବ୍ଧ ।(ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691
07750048332
moneywizz27@gmail.com

| TARIFF | MORE SPACE • SAME PRICE | | | | | | | |
|---|---|---|---|---|---|---|---|---|
| | For Single Day | | For 7 Days | | For 15 Days | | For 30Days | |
| | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

ଖର୍ଚ୍ଚ ଋଣରୁ କଟିବ
ଜନଧନ୍ ଫାଇନାନ୍ସ
(Govt. Regd.)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଓ ସମସ୍ତ ଋଣ ୨% ସୁଧ, ୪୦% ରିହାତି
Contact No.:
94115-02501
92055-71505
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ।

ଫାଇନାନ୍ସ
ଧନଜନ ଯୋଜନା
ଶ୍ରୀ ହରି ଫାଇନାନ୍ସ LTD
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହଋଣ, କୃଷି ।
2% ସୁଧ, 50% ରିହାତି
(ଠକମାନଙ୍କ ପ୍ରତି ସାବଧାନ)
9634736108
9634734514

FINANCE
MG Financial Solution
୨ଦିନ ମଧ୍ୟରେ ଦେଉଛି ସମସ୍ତ ପ୍ରକାର ଋଣ ବର୍ଷକୁ ୩ % ସୁଦ୍ଧରେ । ସରକାରୀ ଗ୍ୟାରେଣ୍ଟର୍ ଆବଶ୍ୟକ ନାହିଁ । (ସ୍ୱତନ୍ତ୍ର ସର୍ତ୍ତମୂଳକ ରିହାତି ୩୦% ) ଏଜେଣ୍ଟ ଆମନ୍ତ୍ରିତ । କମିଶନ ଏବଂ ସ୍ଥାୟୀ ଦରମା
09674882781
08826582043
09674882851
mgfinance99@gmail.com

JAGANNATH FINANCE COMPNAY
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 1% ସୁଧ 50% ଛାଡ । ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
8860754025
8860754032


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୧୧୫ରେ ପହଞ୍ଚିଲା**
କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁରେ ଦେଖାଦେଇଥିବା ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ରବିବାର ୧୧୧ ରହିଥିବା ବେଳେ ବୁଧବାର ୧୧୫ରେ ପହଞ୍ଚିଛି ।

## ସଂକ୍ଷେପରେ

### ନର୍ଲା ଏସଡିଓ ଅଫିସ ଘେରାଉ ୨୭ରେ

ମୋହନଗିରି,୨୨।୮(ଡି.ଏନ.ଏ.)
କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ମୋହନଗିରି, ମାଣିକେରା, ସିଂହପୁର ଅଞ୍ଚଳକୁ ନିରବଚ୍ଛିନ୍ନ ବିଜୁଳି ସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ଆସନ୍ତା ୨୭ ତାରିଖରେ ନର୍ଲାସ୍ଥିତ ବିଜୁଳି ବିଭାଗ ଏସଡିଓ ଅଫିସ ଘେରାଉ କରାଯିବ । ମୋହନଗିରି, ମାଣିକେରା ଓ ସିଂହପୁରର ଜନସାଧାରଣ ଏହି ନିଷ୍ପତ୍ତି ନେଇଥିବା ଜଣାପଡିଛି । ୧୯୮୪ରୁ ଏହି ଅଞ୍ଚଳକୁ ମଦନପୁର ଗ୍ରୀଡଠାରୁ ବିଜୁଳି ସେବା ଯୋଗାଇ ଦିଆଯାଉଛି । କିନ୍ତୁ ଉକ୍ତ ଗ୍ରୀଡ୍ ମୋହନଗିରିଠାରୁ ୩୫ କି.ମି. ଦୂର ହେଉଥିବା ବେଳେ ଘଞ୍ଚ ଜଙ୍ଗଲ ଦେଇ ତାର ଟଣାଯାଇଛି । ସମାନ୍ୟ ବର୍ଷା କିମ୍ବା ପବନ ହେଲେ ବିଜୁଳି ଯୋଗାଣ ବ୍ୟଘାତ ହେଉଛି । ଏହି ସମସ୍ୟା ସମାଧାନ ପାଇଁ ମୋହନଗିରିଠାରୁ ୧୨ କି.ମି. ଦୂର ବାଞ୍ଛାମୁଣ୍ଡାଠାରେ ଏକ ୩୩ କେ.ଭି. ଗ୍ରୀଡ ପ୍ରତିଷ୍ଠା କରାଯାଇଛି । ଏହି ଗ୍ରୀଡର ସମସ୍ତ କାମ ଶେଷ ହୋଇ ୨ ବର୍ଷ ହେବ ଉଦ୍‌ଘାଟିତ ମଧ ହୋଇଯାଇଛି । କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁ ଏହା ଏଯାଏଁ କାର୍ଯ୍ୟକ୍ଷମ ହୋଇନାହିଁ । ଏହାକୁ ନେଇ ୩ଟି ପଞ୍ଚାୟତର ରୋହିତ ବିଶ୍ୱାଳ, ସାମାଜିକ କର୍ମୀ ଶୁକଦେବ ସାହୁ, ଲକ୍ଷ୍ମୀକାନ୍ତ ବେହେରା, ମକରଧ୍ୱଜ ସାହୁ, ରାଧାମୋହନ ବେହେରା, ନିରଞ୍ଜନ ଗୌଡ, ସୁଦାମ ସେଠ, ଦିବାକର ସାହୁ, ସିଂହପୁର ସରପଞ୍ଚ ବିଦ୍ୟାଧର ପାତ୍ର, ପ୍ରେମାନନ୍ଦ ଦେହେରୀ ପ୍ରମୁଖଙ୍କ ନେତୃତ୍ୱରେ ଆସନ୍ତା ସୋମବାର ନର୍ଲାସ୍ଥିତ ଏସଡିଓ ଅଫିସ ଘେରାଉ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି ।



### ପିଚୁ ରାସ୍ତା ତଳେ ଘାଇ, ବିପଦସଙ୍କୁଳ ଆର୍‌ଡି ରାସ୍ତା

ଲାଞ୍ଜିଗଡ,୨୨।୮(ଡି.ଏନ.ଏ.)
ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଲାଞ୍ଜିଗଡ ବ୍ଲକରେ ଅନେକ ରାସ୍ତା ନିର୍ମାଣ ଚାଲିଥିବା ବେଳେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ଲାଭଖୋର ନିତୀ ଯୋଗୁ ରାସ୍ତାଗୁଡିକର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କେଉଁ ଯାଗାରେ ପୋଲ ହେବ ଓ କେଉଁ ଯାଗାରେ ଗାର୍ଡୱାଲ ତାହା ମଧ ଜାଣି ଯନ୍ତ୍ରୀ ପାରୁ ନାହାନ୍ତି । ଲାଞ୍ଜିଗଡରୁ ବିଜେପୁରକୁ ସଂଯୋଗ କରୁଥିବା ଆର୍‌ଡି ରାସ୍ତାର ଜଗନ୍ନାଥପୁର ନିକଟରେ ଥିବା ବଂଶଧାରା ନଦୀ ପାଖରେ ଥିବା ରାସ୍ତା ଭିତରେ ବନ୍ୟା ପାଣି ଆସି ଆସି ଘାଇ ସୃଷ୍ଟି ହୋଇଛି । ଉପରେ ରାସ୍ତା ଚିକ୍କଣ ଦିଶୁଥିବା ବେଳେ ରାସ୍ତା ପାର୍ଶ୍ୱରେ ଏକ ଛୋଟ ଘାଇ ସୃଷ୍ଟି ହୋଇଥିଲା । ଗତ ୬ ଦିନର ଲଗାଣ ବର୍ଷାରେ ଉପର ମୁଣ୍ଡର ବର୍ଷା ପାଣି ଆସି ସେହି ଛୋଟିଆ ଘାଇ ବଡଧରଣର ଗର୍ତ୍ତ ସୃଷ୍ଟି କରି ପିଚୁ ରାସ୍ତା ତଳୁ ସମ୍ପୂର୍ଣ୍ଣ ଫମ୍ପା କରିଛି । ଏହି ରାସ୍ତା ଦେଇ ଭାରିଯାନ ଗାଡି, ସ୍କୁଲ ବସ୍ ଚଳାଚଳ କରୁଥିବା ବେଳେ କେଉଁ ମୁହୂର୍ତ୍ତରେ ଦୁର୍ଘଟଣା ଘଟିବ କହି ହେବନାହିଁ । ମଙ୍ଗଳବାର ଲାଞ୍ଜିଗଡର କିଛି ଲୋକେ ବଂଶଧାରା ନଦୀକୁ ଗୋଧାଇବା ପାଇଁ ଆସିଥିବା ବେଳେ ଏହି ଗର୍ତ୍ତକୁ ଦେଖିଥିଲେ ଓ ବିଭାଗୀୟ ଅଧିକାରୀଙ୍କୁ ସେମାନେ ଫୋନ କରିଥିଲେ ସୁଦ୍ଧା ଫୋନ ସଂଯୋଗ ହୋଇପାରି ନ ଥିଲା । ବିଭାଗୀୟ କର୍ତ୍ତୃପକ୍ଷ ଏହି ରାସ୍ତାକୁ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହୋଇଛି ।

ସଙ୍କଟରେ ଆଖୁ ଚାଷୀ

# ଖର୍ଚ୍ଚ ତୁଳନାରେ ମିଳୁନି ପାଉଣା

- ବଜାର ସୁବିଧା ନ ଥିବାରୁ ଚାଷ କମୁଛି
- ଆଖୁଚାଷ ପାଇଁ କୌଣସି ବୀମା ବ୍ୟବସ୍ଥା ନାହିଁ

ଭବାନୀପାଟଣା,୨୨।୮(ଡି.ଏନ.ଏ.)



କଳାହାଣ୍ଡି ଜିଲାର ଆଖୁ ଚାଷୀ ଏବେ ସଙ୍କଟରେ ପଡ଼ିଛନ୍ତି । ଜିଲାର ମଥୁରାଠାରେ ପ୍ରତିଷ୍ଠା ହୋଇଥିବା ୱେଷ୍ଟର୍ଣ୍ଣ ସୁଗର ମିଲ ଏବଂ ବଲାଙ୍ଗୀର ଜିଲା ଦେଓଗାଁଠାରେ ଥିବା ପୋନି ସୁଗର୍ସ ମିଲ ବନ୍ଦ ହୋଇଯିବା ପରେ ରାଜ୍ୟ ସରକାରଙ୍କ ଉଦ୍ୟମରେ ବିଜୟାନନ୍ଦ ଚିନି କଳ ନାମରେ ନାମିତ ହୋଇଥିଲା । ଏହି ଦୁଇଟି ଜିଲାର ଚିନି କାରଖାନା ବନ୍ଦ ହୋଇଯିବା ପରେ ଚାଷୀଙ୍କ ଏଭଳି ଅବସ୍ଥା ସୃଷ୍ଟି ହୋଇଛି । ପୂର୍ବରୁ ଆଖୁଚାଷ ପାଇଁ ଚାଷୀମାନେ ଉତ୍ସାହର ସହ ଆଗଭର ହେଉଥିଲେ । ହେଲେ ବର୍ତ୍ତମାନ ଜିଲାର ଆଖୁ ଚାଷୀଙ୍କ ମହଲରେ ଉତ୍ସାହ କମି ଯାଇଛି । ତଥାପି ଜିଲାରେ ଥିବା କିଛି ଚାଷୀ ଆଖୁଚାଷ କରୁଛନ୍ତି । ହେଲେ ସେମାନେ ଖର୍ଚ୍ଚ ତୁଳନାରେ ପାଉଣା ପାଇପାରୁନାହାନ୍ତି । କଳାହାଣ୍ଡି ଜିଲାରେ ଆଖୁଚାଷ ପ୍ରତି ଧୀରେ ଧୀରେ ଲୋକଙ୍କ ଆଗ୍ରହ କମିବାରେ ଲାଗିଛି । କିଛି ବର୍ଷ ତଳେ ଜିଲାରେ ଶହ ଶହ ହେକ୍ଟର ଜମିରେ ଆଖୁଚାଷ ହେଉଥିବା ବେଳେ ଏବେ ମାତ୍ର କିଛି ହେକ୍ଟର ଜମିରେ ଚାଷ ସୀମିତ ରହିଛି । ଗୋଟାଏ ପଟେ ଆଖୁ ଫସଲ ଖର୍ଚ୍ଚ ବହୁଳ ହୋଇଥିବା ବେଳେ ଅନ୍ୟପଟେ ଚାଷୀଙ୍କ ପାଇଁ ବଜାର ସୁବିଧା ନାହିଁ । ଫଳରେ ଚାଷ ପ୍ରତି ଚାଷୀଙ୍କ ଆଗ୍ରହ କମିବାରେ ଲାଗିଛି । ଆଖୁଚାଷ କଲେ ଏବେ ଆଉ ଲାଭ ମିଳୁନାହିଁ । ଫଳରେ ଚାଷୀ ବିମୁଖ ହେଲେଣି । ଦିନକୁ ଦିନ ସାର, ଔଷଧ, ବିହନ ଓ ମଜୁରୀ ଦର ବଢିବାରେ ଲାଗିଛି । ହେଲେ ସେହି ଅନୁପାତରେ ଆଖୁର ମୂଲ୍ୟ ବୃଦ୍ଧି ପାଉନାହିଁ। ଅପରପଟେ ଜିଲାରେ ଚିନିକଳ ନ ଥିବାରୁ ଚାଷୀ ଆଉ ଆଖୁଚାଷ ପ୍ରତି ମନବଳାଉ ନାହାନ୍ତି । ଯେଉଁ ଚାଷୀ ପୂର୍ବରୁ ୧୫ ରୁ ୨୦ ଏକର ଜମିରେ ଆଖୁଚାଷ କରୁଥିଲେ ସେମାନେ ଏବେ ଗୋଟିଏ ଏକର କରିବା କଷ୍ଟକର ହେଉଛି । ବାହାରେ ଗୁଡ ଅଧିକ ଦରରେ ବିକ୍ରି କରାଯାଉଥିବାବେଳେ ଚାଷୀଙ୍କ ହାତ ତିଆରି ଗୁଡ ଦର ବଜାର ଦରଠାରୁ ଖୁବ୍ କମ୍ ମୂଲ୍ୟ ରହିଛି । ଯାହା ଚାଷୀଙ୍କୁ ଲାଭ ମିଳୁନାହିଁ ବୋଲି ବହୁ ଚାଷୀ କହିଛନ୍ତି । ଜିଲାର ହାତୀନଦୀ, ତେଲନଦୀ, ରାହୁଲ ନଦୀ, ଉତେଇ ନଦୀ, ଓ ସାନ୍ଦୁଲ ନଦୀର ଅବବାହିକାରେ ଚାଷ ହେଉଥିବା ଆଖୁର ପୂର୍ବରୁ ବେଶ ଚାହିଦା ଥିଲା । ପୂର୍ବରୁ ଜୁନାଗଡର ମଥୁରାରେ ଥିବା ଚିନିକଳ ଚାଷୀଙ୍କଠାରୁ ଆଖୁ ନେଉଥିବାବେଳେ ପଡୋଶୀ ବଲାଙ୍ଗୀର ଜିଲା ଏବଂ ଛତିଶଗଡକୁ ମଧ ଆଖୁ ରପ୍ତାନୀ ହେଉଥିଲା। ସେହିପରି ବଲାଙ୍ଗୀର ବିଜୟାନନ୍ଦ ଚିନି କଳର ଅବସ୍ଥା ମଧ ଦେବାଳିଆ ହୋଇପଡିଛି । କେତେକ ଚାଷୀ ପରମ୍ପରାକୁ ବଜାଇ ରଖିବା ନିମନ୍ତେ ୧ କିମ୍ବା ୨ ଏକର ଆଖୁଚାଷ କରୁଛନ୍ତି । ଜିଲା କୃଷି ବିଭାଗ ତରଫରୁ ୧ ହଜାର ୬ ଶହ ୭୬ ହେକ୍ଟର ଜମିରେ ଆଖୁଚାଷ ପାଇଁ ଲକ୍ଷ୍ୟ ରଖାଯାଇଛି । ହେଲେ ବଜାର ସୁବିଧା ନ ଥିବାରୁ ଏବେ ତାହା କମି ମାତ୍ର ୩୮ ହେକ୍ଟର ଜମିରେ ଚାଷ କରାଯାଉଛି । ଉପକୃଷି ନିର୍ଦ୍ଦେଶକ ପ୍ରହଲ୍ଲାଦ ସାହୁଙ୍କୁ ପଚାରିବାରୁ ବଜାର ସୁବିଧା ନ ଥିବାରୁ ଏହି ଖର୍ଚ୍ଚ ବହୁଳ ଚାଷ କରିବାକୁ ଚାଷୀ ମୁହଁ ଫେରାଉଛନ୍ତି । ତେବେ ଜିଲାର ଆଖୁଚାଷୀଙ୍କ ପାଇଁ ସରକାର ଆଖିବୁଜି ଦେଇଥିବାବେଳେ ଜିଲାର ଚାଷୀଙ୍କୁ କୌଣସି ସୁବିଧା ମିଳିପାରୁ ନାହିଁ । ସରକାର ଧାନ ଚାଷ ପାଇଁ କୃଷିବୀମାର ସୁବିଧା କରିଥିବା ବେଳେ ଆଖୁଚାଷ ପାଇଁ କୌଣସି ବ୍ୟବସ୍ଥା କରାଯାଇନାହିଁ । ଫଳରେ କିଛି ଚାଷୀ ଆଖୁଚାଷ କରି ପ୍ରତିବର୍ଷ କ୍ଷତି ସହିବାକୁ ପଡୁଛି । ତଥାପି ଘରୋଇ ବ୍ୟବହାର ଏବଂ ବିଭିନ୍ନ ପର୍ବପର୍ବାଣୀ ପାଇଁ ଗୁଡ ଦରକାର ହେଉଥିବା ଯୋଗୁ ଚାଷୀ ବାଧ ହୋଇ କିଛି ଜମିରେ ଆଖୁଚାଷ କରୁଛନ୍ତି । ଯଦି ସରକାର ଜିଲାରେ ଗୋଟିଏ ଚିନି କଳ ପ୍ରତିଷ୍ଠା କରନ୍ତେ କିମ୍ବା ବଲାଙ୍ଗୀର ଜିଲା ଦେଓଗାଁରେ ଥିବା ବିଜୟାନନ୍ଦ ଚିନି କଳର ପୁନରୁଦ୍ଧାର କଲେ ଆଖୁ ଚାଷ କରିବା ପାଇଁ ଚାଷୀଙ୍କ ଆଗ୍ରହ ବଢ଼ିଥାନ୍ତା । ସରକାର ଆଖୁଚାଷୀଙ୍କୁ ପ୍ରୋତ୍ସାହନ ଯୋଗାଇଦେଲେ ଚାଷୀ ଆଖୁଚାଷ ସୁବିଧାରେ କରି ପାରିଥାନ୍ତେ ।

ଜାମୁ ଗଉଡଙ୍କୁ ମାଓବାଦୀ ସହଯୋଗୀ ଅଭିଯୋଗରେ ନିର୍ଯାତନା ଦେବା ଘଟଣା

# ଯାଦବ ମହାସଭାର ନିନ୍ଦା

ଭବାନୀପାଟଣା,୨୨।୮(ଡି.ଏନ.ଏ.)
ଗତ ଶନିବାର ବଜାର ଯିବା ବାଟରୁ ତାଡିଖୋଲା ଗ୍ରାମର ଜାମୁ ଗଉଡଙ୍କୁ ମାଓବାଦୀଙ୍କ ସମର୍ଥକ ସନ୍ଦେହରେ ରାୟଗଡାର ସାଧା ପୋଷାକଧାରୀ ପୋଲିସ ଉଠାଇନେବା ଏବଂ ନିର୍ଯାତନା ଦେବା ଘଟଣାକୁ ଯାଦବ ମହାସଭା ନିନ୍ଦା କରିଛି । ଏବେ ଗୁରୁତର ଅବସ୍ଥାରେ ଜାମୁ ଲାଞ୍ଜିଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିହୋଇ ମୁମୂର୍ଷୁ ଅବସ୍ଥାରେ ଚିକିତ୍ସିତ ହେଉଥିବା ତଥା ମୃତ୍ୟୁ ସହ ସଂଗ୍ରାମ କରୁଥିବା ଘଟଣା ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ମଙ୍ଗଳବାର ଏକ ବିବୃତ୍ତିରେ ଏହି ଘଟଣାକୁ ଉତ୍କଳ ଯାଦବ ମହାସଭା ସାଧାରଣ ସମ୍ପାଦକ ତଥା ଆଇନଜୀବୀ କିର୍ତ୍ତି ନାଏକ ଦୃଢନିନ୍ଦା କରିବା ସହ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସକାଶେ ପୋଲିସ ପ୍ରଶାସନକୁ ଅନୁରୋଧ କରିଛନ୍ତି । ଆଗାମୀ ୨୮ ତାରିଖରେ ଭବାନୀପାଟଣାଠାରେ ଅନୁଷ୍ଠିତ ହେବାକୁ ଥିବା ଯାଦବ ସ୍ୱାଭିମାନ ସମାବେଶରେ ଏହି ଘଟଣାକୁ ଉପସ୍ଥାପନା କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯିବ । ରାଜ୍ୟବ୍ୟାପୀ ଏହି ଘଟଣାକୁ ନେଇ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ନାଏକ ଜଣାଇଛନ୍ତି । ସୂଚନାଯୋଗ୍ୟ ଯେ, ଘଟଣା ଦିନ ଜାମୁ ଗଉଡ ଓ ତାଡିଖୋଲା ଗ୍ରାମର ଗଜିନ୍ଦ୍ର ଗଉଡ ଦୁହେଁ ମିଶି ଲାଞ୍ଜିଗଡ ସାପ୍ତାହିକ ବଜାରକୁ ଆସି ନିଜଗାଁକୁ ଫେରୁଥିବା ସମୟରେ ଏକ ଧଳା ବୋଲେରୋରେ ରାୟଗଡା ପୋଲିସ ଆସି ରାସ୍ତାରୁ ଜାମୁଙ୍କୁ ମାଓବାଦୀ ସମର୍ଥକ ଭାବି ରାୟଗଡାକୁ ଉଠାଇ ନେଇଥିଲା । ସେଠାରେ ତାଙ୍କୁ ନିର୍ଯାତନା ଦେଇ ପଚରାଉଚୁରା କରିଥିଲା । ପରେ ଜାମୁ ନୀରିହ ଏବଂ ମାଓବାଦୀଙ୍କ ସହ କୌଣସି ସମ୍ପର୍କ ନ ଥିବା ଜାଣି ପୋଲିସ ଗୁରୁତର ଅବସ୍ଥାରେ ବିଳମ୍ବିତ ରାତିରେ ତାଡିଖୋଲା ଗ୍ରାମକୁ ଆଣି ଛାଡିଦେଇଥିଲା । ପରିବାର ଲୋକେ ଜାମୁଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାକୁ ଆଣି ଭର୍ତ୍ତି କରିଛନ୍ତି । ଏବେ ଏହି ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି ଏବଂ ଯାଦବ ସମାଜ ଉତ୍କଳ ଯାଦବ ମହାସଭା ଜରିଆରେ ପୋଲିସ ବିରୋଧରେ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ଜଣାପଡ଼ିଛି ।


ଡେଙ୍ଗୁ ସଚେତନତା ବୈଠକରେ ଉପସ୍ଥିତ ଅଧିକାରୀ ବୃନ୍ଦ ।

# ଡେଙ୍ଗୁ ସଚେତନତା ବୈଠକ

ଜୁନାଗଡ,୨୨।୮(ଡି.ଏନ.ଏ.)
କଳାହାଣ୍ଡି ଜିଲା ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମିଳନୀ କକ୍ଷଠାରେ ବୁଧବାର ଡେଙ୍ଗୁ ସଚେତନତା ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଆଶାକର୍ମୀ, ସ୍ୱାସ୍ଥ୍ୟ କର୍ମୀ, କାଉନସିଲର ଓ ବୁଦ୍ଧିଜୀବୀମାନେ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ଭଗବାନ ପଣ୍ଡା ଯୋଗଦେଇ ଡେଙ୍ଗୁର ଲକ୍ଷଣ ଓ ଏହାର ପ୍ରତିକାର ଉପରେ ସଚେତନତା କରାଇଥିଲେ। ଆଗାମୀ ଦିନରେ ସହରର ସମସ୍ତ ୱାର୍ଡ ଓ ଗ୍ରାମାଞ୍ଚଳରେ ଡେଙ୍ଗୁ ନ ବ୍ୟାପିବା ପାଇଁ ତାହା ଉପରେ ସଚେତନତା କରାଯିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଈଶ୍ୱର ପୂଜାରୀ, ଜୁନାଗଡ ଗୋଷ୍ଠୀ କାର୍ଯ୍ୟକ୍ରମ ପ୍ରବନ୍ଧକ ସୁମେଶ୍ୱର ନାଏକ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଭାରତ୍ରୀ ବ୍ରହ୍ମା, ଏମ୍‌ପି ପ୍ରତିନିଧି ଜତିନ୍ଦ୍ର କର, ମ୍ୟାଲେରିଆ ଟେକ୍ନିସିଆନ ସଙ୍ଗୀତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଭିବିଡିଟିଏସ୍ ନୀଳାଞ୍ଚଳ ପ୍ରଧାନ ପରିଚାଳନା କରିଥିଲେ।

# ସମ୍ବିଧାନ ଜଳାଇଥିବା ବ୍ୟକ୍ତିଙ୍କ ବିରୋଧରେ ଏତଲା ଦେଲା ଭାରତ ମୁକ୍ତି ମୋର୍ଚ୍ଚା

କୋକସରା,୨୨।୮(ଡି.ଏନ.ଏ.)
ଦିଲ୍ଲୀ ଯନ୍ତରମନ୍ତରଠାରେ ଗତ ୯ ତାରିଖ ଭାରତୀୟ ସମ୍ବିଧାନକୁ ଜଳାଇ ଡା. ବି.ଆର. ଆମ୍ବେଡ଼କରଙ୍କ ବିରୋଧରେ ନାରାବାଜି ଦେବା ଘଟଣା ବର୍ତ୍ତମାନ ଭାରତରେ ଆଲୋଡନର ବିଷୟ ହୋଇଛି। ସମ୍ବିଧାନ ଜଳାଇଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଭାରତରେ ପ୍ରତିକ୍ରିୟା ସୃଷ୍ଟି ହୋଇଛି। ବାବାସାହେବ ଆମ୍ବେଡ଼କର ଲିଖିତ ସମ୍ବିଧାନ ଦ୍ୱାରା ଭାରତ ପରିଚାଳନା ହେଉଛି। ଏହି ସମ୍ବିଧାନରେ ଭାରତରେ ବାସ କରୁଥିବା ସବୁ ସମ୍ପ୍ରଦାୟ ଓ ଜାତିର ବିକାଶ ଉପରେ ଅଧାରିତ ରହିଛି। ବର୍ତ୍ତମାନ ଭାରତର ସମ୍ବିଧାନ ବାହାର ଦେଶରେ ଆଦୃତ ଲାଭ କରିଛି। ହେଲେ କିଛି ଅସାମାଜିକ ବ୍ୟକ୍ତି ମିଳିତ ଭାବେ ଯୋଜନା କରି ଆମର ସମ୍ବିଧାନକୁ ନିଆଁରେ ପୋଡି ଅପମାନିତ କରିଛନ୍ତି। ସେହି ଘଟଣାକୁ ରାଜ୍ୟ ଓ ଦେଶ ସାରା ବିରୋଧ କରୁଥିବା ବେଳେ ଭାରତ ମୁକ୍ତି ମୋର୍ଚ୍ଚା କଳାହାଣ୍ଡି ଶାଖା ମଧ୍ୟ ବିରୋଧ କରିଛି। ଏହି ଅବସରରେ ଭାରତ ମୁକ୍ତି ମୋର୍ଚ୍ଚା ତରଫରୁ କଳାହାଣ୍ଡି ଜିଲାର ବିଭିନ୍ନ ଥାନାରେ ଲିଖିତ ଏତଲା ଦେଇଥିବା ବେଳେ କୋକସରା ଥାନାରେ ମଧ୍ୟ ଲିଖିତ ଏତଲା ଦେଇଥିବା ଜଣାପଡିଛି। ଏତଲାରେ ଅଭିଯୁକ୍ତମାନଙ୍କୁ ଗିରଫ କରି ଆଜିବନ କାରାଦଣ୍ଡ ଦିଆଯାଉ ବୋଲି ଦାବି କରାଯାଇଛି ବୋଲି ଭାରତ ମୁକ୍ତି ମୋର୍ଚ୍ଚାର କର୍ମକର୍ତ୍ତା କହିଛନ୍ତି। ଏତଲାରେ ଦର୍ଶାଯାଇଛି ଯେ, ସମ୍ବିଧାନ ଜଳାଇଥିବା ବ୍ୟକ୍ତି ସଞ୍ଜୟ ଶର୍ମା, ଅନ୍ନୁ ଦୁବେ, କ୍ରଷ୍ଣା ମୋହନ ରାଜ, ରୋହିତ ଗୁପ୍ତା, ଆଶୁତୋଷ ଝା, ସନ୍ତୋଷ ଶୁକ୍ଲା, ପରଭେଶ ସାହାନୀ, କାମିନି ଝା, ଶ୍ରୀନିବାସ ପାଣ୍ଡେ ପ୍ରମୁଖଙ୍କ ନାମ ରହିଛି। ସମ୍ପୃକ୍ତ ବ୍ୟକ୍ତିମାନେ ଦେଶ ବିରୋଧି କାମ କରିବା ସହ ହଜାର ହଜାର ସମ୍ବିଧାନ ପ୍ରେମୀଙ୍କୁ ଆଘାତ ଜନ୍ମାଇ ଥିବାରୁ ତୁରନ୍ତ ଗିରଫ କରି ଜେଲ ପଠାଯାଉ ବୋଲି ଭାରତ ମୁକ୍ତି ମୋର୍ଚ୍ଚା କୋକସରା ଶାଖା ସଭାପତି ଦୁର୍ଯ୍ୟୋଧନ ଜାଲ, ଚନ୍ଦ୍ର ଗୋପାଳ, ରାଜ କିଶୋର ଦଳପତି, ଜଗଦିଶ ତାଦବ, ତୁଳାମଣି ନାଗ, ଋଷିଚନ୍ଦ୍ର ଛତ୍ରୀଆ, ଗୌରେଖ ନାଏକ, କ୍ଷୀରସିନ୍ଧୁ ବୋଡକିଆ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ କୋକସରା ଥାନାଧିକାରୀ ଉତ୍ତମ କୁମାର ସାହୁଙ୍କୁ ପଚାରିବାରୁ ଭାରତ ମୁକ୍ତି ମୋର୍ଚ୍ଚା ତରଫରୁ ଦିଆଯାଇ ଥିବା ଏତଲାକୁ ଗ୍ରହଣ କରାଯାଛି। ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଥାନାଧିକାରୀ ସାହୁ କହିଥିଲେ।

# ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୧୧୫ରେ ପହଞ୍ଚିଲା

କୋକସରା,୨୨।୮(ଡି.ଏନ.ଏ.)
କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁରେ ଦେଖାଦେଇଥିବା ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ରବିବାର ୧୧୧ ରହିଥିବା ବେଳେ ବୁଧବାର ୧୧୫ରେ ପହଞ୍ଚିଛି । ବୁଧବାର ଆକ୍ରାନ୍ତ ତାଲିକାରେ ମୁଦ୍ରାବାହାଲି ଗାଁ ସାମିଲ ହୋଇଛି। ଡେଙ୍ଗୁ ପରିସ୍ଥିତିକୁ ଦେଖି ସ୍ୱାସ୍ଥ୍ୟ ବିଭାଗ ମଧ୍ୟ ରକ୍ତ ନମୁନା ସଂଗ୍ରହ କାର୍ଯ୍ୟକ୍ରମ ଜାରି ରଖିଛି । ଇତିମଧ୍ୟରେ ୧୦ରୁ ୧୫ ଲୋକ ଚିକିତ୍ସା ପରେ ସୁସ୍ଥ ହୋଇ ଘରକୁ ଫେରିଲେଣି । ପରିସ୍ଥିତି ପ୍ରତି ସ୍ୱାସ୍ଥ୍ୟ ବିଭାଗ ତୀକ୍ଷ୍ଣ ନଜର ରଖିଥିବା ସତ୍ତ୍ୱେ ଡେଙ୍ଗୁ ନିୟନ୍ତ୍ରଣ ହେବା ପରିବର୍ତ୍ତେ ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି । ଯାହା ସ୍ୱାସ୍ଥ୍ୟ ବିଭାଗ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି । ଏପରିସ୍ଥଳେ ପ୍ରଶାସନ ପକ୍ଷରୁ ଫଗିଂ କାର୍ଯ୍ୟକ୍ରମ ବନ୍ଦ କରିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଡେଙ୍ଗୁ ନିୟନ୍ତ୍ରଣ ହେବା ପର୍ଯ୍ୟନ୍ତ ଫଗିଂ ଜାରି ରହୁ ବୋଲି ଲଡୁଗାଁବାସୀ ଦାବି କରିଛନ୍ତି। ଅନ୍ୟପଟେ ଲଡୁଗାଁର ଜଣେ ସାମାଜିକ କର୍ମୀ ଡେଙ୍ଗୁ ଆକ୍ରାନ୍ତ ରୋଗୀମାନଙ୍କୁ ମାଗଣାରେ ଭବାନୀପାଟଣା ନେଇ ଚିକିତ୍ସା କରାଉଥିବା ଜଣାପଡିଛି।

ଜିଲା ସଡକ ସୁରକ୍ଷା ବୈଠକ

# ଟ୍ରାଫିକ ସମସ୍ୟା ଦୂର ଉପରେ ଗୁରୁତ୍ୱ

**କଳାହାଣ୍ଡି ଜିଲା**
- ଦୁର୍ଘଟଣା ଘଟୁଥିବା ୧୩ଟି ସ୍ଥାନ ବ୍ଲାକସ୍ପଟ ଚିହ୍ନଟ
- ଟ୍ରାଫିକ ସମସ୍ୟା ଦୂର ଲାଗି ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କୁ ସଚେତନ
- ଦୁର୍ଘଟଣା ରୋକିବାକୁ ବିଭିନ୍ନ ପଦକ୍ଷେପ ଗ୍ରହଣ

ଭବାନୀପାଟଣା,୨୨।୮(ଡି.ଏନ.ଏ.)
କଳାହଣ୍ଡି ଜିଲା ସଡକ ସୁରକ୍ଷା କମିଟି ବୈଠକ ମଙ୍ଗଳବାର ଜିଲାପାଳ ଗାଭିଲ୍ ପରାଗ ହର୍ଷଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆରମ୍ଭରେ ଜିଲା ସଡକ ପରିବହନ ଅଧିକାରୀ (ଆରଟିଓ) ଦୀନବନ୍ଧୁ ଶୁଣ୍ଠି ୨୦୧୭-୧୮ ବର୍ଷରେ ଘଟିଥିବା ଦୁର୍ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ । ପୋଲିସ ଓ ଅବକାରୀ ବିଭାଗର ମିଳିତ ସହଯୋଗରେ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥ କଡରେ ବେଆଇନ ଭାବରେ ଥିବା ମଦ କୋଠି ଚଢାଉ କରାଯାଇଥିବା, ମଦ୍ୟପ ଯାନବାହନ ଚାଳକଙ୍କୁ ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଇ ସେମାନଙ୍କୁ ଲାଇସେନ୍ସ ରଦ୍ଦ, ହେଲମେଟ ଚେକିଂ, ଲାଇସେନ୍ସ ନ ଥାଇ ଗାଡି ଚଳାଉଥିବା ବ୍ୟକ୍ତିଙ୍କୁ ଧରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ଓଭର ଲୋଡିଂ ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଆରଟିଓ ଦୀନବନ୍ଧୁ ସୂଚନା ଦେଇଥିଲେ। ଜିଲାରେ ବାରମ୍ବାର ଦୁର୍ଘଟଣା ଘଟୁଥିବା ସ୍ଥାନକୁ ବ୍ଲାକସ୍ପଟ ଭାବରେ ଚିହ୍ନଟ, ଜାତୀୟ ରାଜପଥ ବିଭାଗ ଓ ପୂର୍ତ୍ତ ବିଭାଗ ଜରିଆରେ ସୂଚନା ଫଳକ ଲଗାଯିବା ସହ କେତେକ ସ୍ଥାନରେ ସ୍ପିଡ ବ୍ରେକର ଲଗାଯାଇଥିବା ପ୍ରକାଶ କରିଥିଲେ ।
ବ୍ଲାକସ୍ପଟଗୁଡିକ ମଧ୍ୟରେ କେସିଙ୍ଗାର ଜୋଲକୋ ଅମାଠ, ପାଷ୍ଟିକୁଡି ଛକ, ନର୍ଲାର ଛତିକୁଡା, ଭବାନୀପାଟଣା ଅଞ୍ଚଳର କର୍ଲାଗୁଡାରୁ ଖଇରମାଲ, ବାଦଲି କୁତ୍ରଖମାର ଓ କନ୍ଧବାନ୍ଧୋପଲା, ମଦନପୁରରାମପୁର କେନ୍ଦୁଘାଟି, ଜୁନାଗଡର ଜାରିଙ୍ଗ, ବଲଦିଆମାଲ, ବନମାଲିପୁର, କୋକସରାର ମୋଟେର, ଜୟପାଟଣାର ବାନେର ଆଦି ୧୩ଟି ସ୍ଥାନକୁ ଦୁର୍ଘଟଣା ପ୍ରବଣ ସ୍ଥାନ ଭାବରେ ଚିହ୍ନଟ କରାଯାଇଥିବା ଆରଟିଓ ଶୁଣ୍ଠି ପ୍ରକାଶ କରିଥିଲେ।
ପକଳାହାଣ୍ଡି ଜିଲାରେ ୨୦୧୭ ଜାନୁୟାରୀରୁ ଜୁନ ମଧ୍ୟରେ ୧୬୩ଟି ଦୁର୍ଘଟଣା ଘଟି ୬୨ ଜଣ ମୃତ୍ୟୁ ଏବଂ ୧୪୬ ଜଣ ଆହତ ହୋଇଥିବା ବେଳେ ୨୦୧୮ ଜାନୁୟାରୀରୁ ଜୁନ ମଧ୍ୟରେ ୧୭୧ଟି ଦୁର୍ଘଟଣା ଘଟି ୬୧ ଜଣଙ୍କ ମୃତ୍ୟୁ ଏବଂ ୧୭୨ ଜଣ ଆହତ ହୋଇଥିବା ବିଷୟ ବୈଠକରେ ସୂଚନା ପ୍ରଦାନ କରାଯାଇଥିଲା। ଜିଲାରେ ୨୦୧୬-୧୭ରେ ୩୦୯ଟି ଓ ୩୩୯ଜଣ ଆହତ ହୋଇଥିବା ବେଳେ ୨୦୧୭-୧୮ରେ ୩୨୩ଟି ଦୁର୍ଘଟଣାରେ ୧୨୮ ଜଣଙ୍କ ମୃତ୍ୟୁ ଏବଂ ୩୧୪ ଜଣ ଆହତ ହୋଇଥିବା ଜଣାପଡିଛି। ଜିଲା ମଧ୍ୟରେ ଆରଟିଓ, ପୋଲିସ ଓ ଅବକାରୀ ବିଭାଗ ମିଳିତ ଯାଞ୍ଚ ସମୟରେ ୨୦୧୭ରେ ୧୮୫ ଜଣ ମଦ୍ୟପ ଡ୍ରାଇଭରଙ୍କୁ ଧରାଯାଇ ମେଡିକାଲ ଯାଞ୍ଚ ପରେ ୧୦୨ ଜଣଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି । ୨୦୧୮ ଜାନୁୟାରୀଠାରୁ ଜୁଲାଇ ମଧ୍ୟରେ ୩୦ ଜଣ ମଦ୍ୟପ ଡ୍ରାଇଭରଙ୍କୁ ଧରାଯାଇ ଯାଞ୍ଚ ପରେ ୮ ଜଣଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି। ୨୦୧୭ରେ ଦୃତଗତିରେ ଗାଡିଚାଳନା ଯୋଗୁ ୨୧୨ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଥିବା ବେଳେ ୨୦୧୮ରେ ଜୁଲାଇ ପର୍ଯ୍ୟନ୍ତ ୧୬ ଜଣଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି। ସେହିଭଳି ୨୦୧୮ ଜୁଲାଇ ପର୍ଯ୍ୟନ୍ତ ମାଲ ପରିବହନ ଯାନରେ ଲୋକ ବୁହାହେବା ୧୬ଟି କେସ, ହେଲମେଟ ଚେକିଂ, ଗାଡିଚାଳନା ସମୟରେ ମୋବାଇଲ ଫୋନ ବ୍ୟବହାର ଓ ବେପରୁଆ ଗାଡିଚାଳନା କରୁଥିବା ବ୍ୟକ୍ତି ୧୦୦୪ ଜଣଙ୍କୁ ଧରାଯାଇ ୧୨୦ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଥିବା ବୈଠକରେ ସୂଚନା ଦିଆଯାଇଛି। ଜିଲାପାଳ କଳାହାଣ୍ଡି ହର୍ଷଦ ସଡକ ସୁରକ୍ଷା ଏବଂ ଟ୍ରାଫିକ ସମସ୍ୟା ଦୂର ଉପରେ ଗୁରୁତ୍ୱ ଦେଇଥିଲେ । ଟ୍ରାଫିକ ସମସ୍ୟା ଦୂର କରିବା ଲାଗି ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯିବା, ବାରମ୍ବାର ଦୁର୍ଘଟଣା ଘଟୁଥିବା ସ୍ଥାନରେ ଅତ୍ୟାଧୁନିକ ସଙ୍କେତ ଫଳକ ଲଗାଯିବା, ପୋଲିସ, ଅବକାରୀ ବିଭାଗ ମିଳିତ ଭାବେ ରାସ୍ତାକଡରେ ଥିବା ବେଆଇନ ମଦକୋଠି ଉପରେ ଚଢାଉ କରାଯିବା ସହ ସହର ମଧ୍ୟରେ ରାସ୍ତା ଉପରେ ଶୋଇ ରହୁଥିବା ଗାଈଗୋରୁଙ୍କୁ ସୁଚିନ୍ତିତ ଉପାୟରେ ହଟାଯିବା ବ୍ୟବସ୍ଥା କରାଯିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଅତିରିକ୍ତ ଏସ୍.ପି ଗୋପୀନାଥ ମଣିପାତ୍ର, ସିଡିଏମଓ ସରୋଜ କୁମାର ତିଆଡି, ପୂର୍ତ୍ତ ବିଭାଗ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଅଜିତ କୁମାର ବାବୁ, ଜାତୀୟ ରାଜପଥ ବିଭାଗ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ସାମନ୍ତରା, ଅବକାରୀ ସୁପରିଟେଣ୍ଡେଣ୍ଟ ବିଶ୍ୱନାଥ ଶତପଥୀ, ସିନିୟର ଏମଭିଆଇ ସମ୍ବିତ କୁମାରଙ୍କ ସମେତ ସଡକ ସୁରକ୍ଷା କମିଟି ସଦସ୍ୟ ଏବଂ ଭବାନୀପାଟଣା, କେସିଙ୍ଗା ଓ ଜୁନାଗଡ ଟ୍ରକ ଆସୋସିଏଶନର କର୍ମକର୍ତ୍ତାମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।


ସଡକ ସୁରକ୍ଷା ନେଇ ବୈଠକରେ ଆଲୋଚନା ହେଉଛି ।

କେରଳ ବନ୍ୟାରେ ଫସିଛନ୍ତି ଶତାଧିକ ଦାଦନ ଶ୍ରମିକ

# ଫେରିବା ବାଟକୁ ଚାହିଁ ରହିଛନ୍ତି ପରିବାରର ଲୋକେ

ଭବାନୀପାଟଣା,୨୨।୮(ଡି.ଏନ.ଏ.)
ପରିବାର ପୋଶିବାକୁ କାମ କରିବାକୁ ଯାଇ କେରଳ ବନ୍ୟାରେ କଳାହାଣ୍ଡିର ଶତାଧିକ ଦାଦନ ଶ୍ରମିକ ଭୋକ ଉପାସରେ ଫସିରହିଛନ୍ତି। ସେମାନଙ୍କ ସହ ଯୋଗାଯୋଗ ହୋଇ ପାରୁ ନ ଥିବାରୁ ସେମାନଙ୍କ ପରିବାରକୁ ସୂଚନା ମିଳିପାରୁ ନାହିଁ। ଏହାକୁ ଅନେକ ଶ୍ରମିକଙ୍କ ପରିବାର ଏବେ ଆଶଙ୍କାରେ ଅଛନ୍ତି।
କଳାହାଣ୍ଡି ଜିଲା ଶ୍ରମ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ମଦନପୁର ରାମପୁର ବ୍ଲକର ୨୨ଜଣ, ଭବାନୀପାଟଣାର ୧୩, କୋକସରା ୭, ଧର୍ମଗଡର ୨ ଏବଂ ଜୟପାଟଣା ବ୍ଲକର ଜଣେ ଦାଦନ ଶ୍ରମିକ ସମେତ ୪୫ ଜଣ ଦାଦନ ଶ୍ରମିକ କେରଳରେ ଫସି ରହିଛନ୍ତି। କିନ୍ତୁ ଜିଲାର ୧୩ଟି ବ୍ଲକରୁ ୫ ଶହରୁ ଅଧିକ ଦାଦନ ଶ୍ରମିକ କେରଳକୁ ଦାଦନ ଖଟିବାକୁ ଯାଇ ଫସି ରହିଛନ୍ତି ବୋଲି ବିଭିନ୍ନ ଶ୍ରମିଶ ସଙ୍ଗଠନ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଶ୍ରମିକ ନେତା ବିରଞ୍ଚି ପଣା ପ୍ରକାଶ କରିଛନ୍ତି ଯେ, ଶ୍ରମିକମାନଙ୍କ ଏହି ଦୁର୍ଦ୍ଦଶାରେ ଶ୍ରମ ବିଭାଗର ନିଷ୍କ୍ରିୟତା ପରିତାପର ବିଷୟ। ଯଥାଶୀଘ୍ର ଗ୍ରାମାଞ୍ଚଳରୁ କେରଳ ଯାଉଥିବା ଶ୍ରମିକଙ୍କ ତଥ୍ୟ ସଂଗ୍ରହ କରାଯାଇ ସେମାନଙ୍କ ଉଦ୍ଧାର ପାଇଁ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି। ଜିଲା ଶ୍ରମ ଧିକାରୀ ମହେଶ୍ୱର ନାଏକ କହିଛନ୍ତି ଯେ, ତଦନ୍ତ ଚାଲିଛି ଯେଉଁମାନେ କେରଳରେ ଫସିଛନ୍ତି ସେମାନଙ୍କୁ ଆଣିବାକୁ ଚେଷ୍ଟା କରାଯାଉଛି। ୩ଟି ସ୍ୱତନ୍ତ୍ର ଟ୍ରେନ୍‌ରେ କେରଳର ବିଭିନ୍ନ ସ୍ଥାନରେ ଅଟକି ରହିଥିବା ଓଡିଆ ଶ୍ରମିକମାନଙ୍କୁ ଆଣିବାର ବ୍ୟବସ୍ଥା କରାଯାଉଛି ବୋଲି ରାଜ୍ୟ ଶ୍ରମ କମିଶନର ଅଞ୍ଜନ କୁମାର ମାଣିକ କହିଛନ୍ତି। ବହୁ କ୍ଷେତ୍ରରେ ରାଜ୍ୟ ବାହାରକୁ ଯାଉଥିବା ଶ୍ରମିକମାନେ ଶ୍ରମ ବିଭାଗରେ ସେମାନଙ୍କ ନାମ ପଞ୍ଜୀକରଣ କରୁ ନ ଥିବାରୁ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରିବାରେ ଅସୁବିଧା ସୃଷ୍ଟି ହେଉଛି ବୋଲି କହିଛନ୍ତି।
ସୂଚନାଯୋଗ୍ୟ ଯେ, ଧର୍ମଗଡ ଉପଖଣ୍ଡ ଦଣ୍ଡପାଟ ଅଞ୍ଚଳ ଭାବେ ପରିଚିତ ପର୍ଲା, ବେହେରା, ଜୟନ୍ତପୁର, ଧଅଁରପୁର, ତେଣ୍ଡାପାଲି, ଖୁଣ୍ଟିଆ, ଡହଗାଁ, ଡାଲଗୁମା, ଗତୋମୁଣ୍ଡା, ପୋଡାଗୁଡା ଆଦି ଅଞ୍ଚଳ ଏକ ମରୁଡି ପ୍ରପିଡିତ ଅଞ୍ଚଳ। ଏହି ଅଞ୍ଚଳରୁ ବହୁ ସଂଖ୍ୟାରେ ଲୋକେ ରାଜ୍ୟ ବାହାରକୁ କାମ କରିବାକୁ ଯାଇଥାନ୍ତି। ସୂଚନା ଅନୁଯାୟୀ ଧର୍ମଗଡ ଉପଖଣ୍ଡ ଅନ୍ତର୍ଗତ ଭାଲୁଚୁଆ ଗ୍ରାମର ଭକ୍ତରାମ ସୁନାନୀ, ସୁଶୀଳ ସୁନା, କୋକସରା ବ୍ଲକ ଅନ୍ତର୍ଗତ ଆମପାଣି ପଞ୍ଚାୟତର ଭାଲିଆଯୋର ଗ୍ରାମର ଲିଙ୍ଗରାଜ ମଙ୍ଗରାଜ, ଡୁଡକେଠେଙ୍ଗାର ଅମରସିଙ୍ଗ ନାଗ, ତନୁ ନାଗ, ଜଳନ୍ଧର ସାଗର, ପ୍ରଶାନ୍ତ ବେମାଲ ଦୟାନିଧି ନିଆଲ ପ୍ରମୁଖ ସେଠାରେ ଫସି ରହିଛନ୍ତି। ଏମାନେ ସମସ୍ତେ ବନଜ୍ୟାଳ ପ୍ରଭାବିତ କେରଳର ମାଲାପୁରମ୍, ପରପାନଗଡି, ମୁଣିଆଗାଁ ଆଦି ଅଞ୍ଚଳରେ କାମ କରୁଥିଲେ। ଏହାସହ ବିନା ରେଜିଷ୍ଟ୍ରେଶନରେ ସେଠାରେ ଆଉ କେତେକ ଦାଦନ ରହିଥାଇ ପାରନ୍ତି ବୋଲି ଆଶଙ୍କା କରାଯାଉଛି। ପ୍ରଶାସନ ଏ ଦିଗରେ ପଦକ୍ଷେପ ନେଇ ଏହି ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିବାକୁ ଦାବି ହୋଇଛି।

**ଧୁମ୍ଧାମରେ ଇଦ-ଉଲ-ଜୁହା ପାଳିତ**
ନୂଆପଡା ଜିଲାର ବିଭିନ୍ନ ସ୍ଥାନରେ ମୁସଲମାନମାନଙ୍କ ଏକ ମୁଖ୍ୟ ପର୍ବ ଇଦ-ଉଲ-ଜୁହା ଧୁମଧାମରେ ବୁଧବାର ପାଳିତ ହୋଇଯାଇଛି ।



**ସଂକ୍ଷେପରେ**

## ପିଜୁଳି ତୋଳିବା ବେଳେ କୂଅରେ ପଡି ଶିଶୁ ମୃତ

ଖଡିଆଳ,୨୨।୮(ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ଥାନା ପଦମପୁର ଗାଁରେ ବୁଧବାର ସକାଳେ ଏକ ଦୁଃଖଦ ଘଟଣା ଘଟିଛି । ମା' ଗୋଧାଇବା ସମୟରେ ସାଢ଼େ ୪ବର୍ଷ ଶିଶୁ କୂଅକୁ ଲାଗି ଥିବା ଏକ ପିଜୁଳି ଗଛରୁ ପିଜୁଳି ତୋଳୁଥିବା ବେଳେ କୂଅରେ ପଡି ମୃତ୍ୟୁ ବରଣ କରିଥିବା ଜଣାପଡିଛି । ମୃତ ଶିଶୁର ନାମ ପ୍ରଶାନ୍ତି ପଟେଲ । ଗତ ଜୁନ ୩୦ ତାରିଖରେ ନିଜ କକାଖୁଡି ଘର ଭିତରେ ଶୋଇଥିବା ସମୟରେ ବାହାର ପଟୁ କବାଟ ବନ୍ଦ କରି ନିଆଁ ଲଗାଇ ଦେଇଥିବା ବେଳେ ଏଥିରେ ଖୁଡି ମୃତ୍ୟୁବରଣ କରିଥିବା ଘଟଣାର ପୁତୁରା ଚୈତନ୍ୟ ପଟେଲଙ୍କ ସାଢ଼େ ୪ବର୍ଷର ଝିଅ ବୋଲି ଜଣାପଡିଛି । ମିଳିଥିବା ସୂଚନା ଅନୁସାରେ ବୁଧବାର ସକାଳ ପ୍ରାୟ ୭ଟାରେ ପ୍ରଶାନ୍ତିଙ୍କ ମା' ଘର କିଛି ଦୂରରେ ଥିବା କୂଅଁକୁ ଗୋଧାଇବା ପାଇଁ ଯାଇଥିଲେ । ମା' ଗୋଧଉଥିବା ବେଳେ ପ୍ରଶାନ୍ତି କୂଅକୁ ଲାଗି ଥିବା ଏକ ପିଜୁଳି ଗଛ ଚଢ଼ି ପିଜୁଳି ତୋଳୁଥିବା ବେଳେ ଖସି କୂଅ ଭିତରେ ପଡି ଯାଇଥିଲେ । ପ୍ରଶାନ୍ତିଙ୍କ ମା'ତଥା ପରିବାର ଲୋକେ ବଞ୍ଚାଇବା ପାଇଁ ଉଦ୍ୟମ କରିଥିଲେ ହେଲେ କୂଅରେ ପାଣି ଭର୍ତ୍ତି ଥିବାରୁ ସମ୍ଭବ ହୋଇ ପାରି ନ ଥିଲା । ଦମକଳ ବାହିନୀକୁ ଖବର ଦେବା ପରେ ଦମକଳ ବାହିନୀ ଆସି ମୃତ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇଥିଲା । ଖବର ପାଇ ଖଡିଆଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଜାରି ରଖିଛି ।

ସହରୀ ସୌନ୍ଦର୍ଯ୍ୟକରଣ ନେଇ କାଦୁଅ ଫିଙ୍ଗାଫିଙ୍ଗି

# ୫ ବର୍ଷ ପରେ ବି ସହରବାସୀଙ୍କ ସ୍ୱପ୍ନ ଅଧୁରା

ନୂଆପଡା ଅଫିସ,୨୨।୮

ରାଜ୍ୟର ଗୋଟିଏ ମାତ୍ର ଜିଲା ସଦର ମହକୁମା ଯାହା ଗୋଟିଏ ଗ୍ରାମପଞ୍ଚାୟତ ଭାବେ ରହି ଆସିଥିଲା । ଆଜକୁ ୫ ବର୍ଷ ତଳେ ସରକାରଙ୍କ ହସ୍ତକ୍ଷେପ ପରେ ଏନଏସିର ମାନ୍ୟତା ପାଇଲା । ସହରବାସୀଙ୍କ ବହୁ ଆଶା ଆକାଂକ୍ଷା ଥିଲା ଯେ ସହରର ବିବିଧ କ୍ଷେତ୍ରରେ ଉନ୍ନତି ଘଟିବ । ସହରବାସୀ ପାନୀୟ ଜଳ, ବିଜୁଳୀ ଭଳି ମୌଳିକ ସୁବିଧା ପାଇବେ ବୋଲି ସ୍ୱପ୍ନ ଦେଖୁଥିଲେ । ହେଲେ ୫ ବର୍ଷ ପରେ ବି ସେହି ସ୍ୱପ୍ନ ଅଧୁରା ହୋଇପଡିଛି । ବର୍ତ୍ତମାନର ସହର ମଝିରେ କୋଟି କୋଟି ଟଙ୍କା ବ୍ୟୟରେ ଜାତୀୟ ରାଜପଥ ପ୍ରଶସ୍ତିକରଣ ସହ ରାସ୍ତା ଦୋହରୀକରଣ କାର୍ଯ୍ୟ ଚାଲିଛି । ଏହି ପରିପ୍ରେକ୍ଷୀରେ ସହରବାସୀ ଦାବି ଉଠାଉଛନ୍ତି । ହେଲେ ଜାତୀୟ ରାଜପଥ ଏବଂ ଏନଏସି ବିଭାଗ ଉଭୟ ଉଭୟଙ୍କୁ ଠେଲା ଠେଲି ହୋଇ ଦାୟିତ୍ୱ ଛିଣ୍ଡାଇ ଦେବାକୁ ଚେଷ୍ଟା କରୁଥିବା ଚର୍ଚ୍ଚାର ବିଷୟ ହୋଇଛି ।

ସହର ମଧ୍ୟରେ ନିର୍ମାଣାଧୀନ ଜାତୀୟ ରାଜପଥ ପ୍ରଶସ୍ତୀକରଣ ନାଁରେ ରାସ୍ତାକଡରେ ଥିବା ଶତାଧିକ ଦୋକାନ ଗୃହକୁ ଏନଏସି ତରଫରୁ ଭାଙ୍ଗି ଦିଆଗଲା । ଜାତୀୟ ରାଜପଥ ପ୍ରାଧିକରଣ ଦ୍ୱାରା ସହରର ୨ କି.ମି. ରାସ୍ତା ଦୋହରୀକରଣ ସକାଶେ ଅନ୍ୟୁନ ୩୨ କୋଟି ଟଙ୍କା ଖର୍ଚ୍ଚରେ ଦୋହରୀକରଣ କାମ ହାତକୁ ନିଆଯାଇଛି । ଏହାକୁ ଆର୍କନ ଏବଂ ଡିଡିବିଲଡର୍ସ ନାମକ ଦୁଇଟି କମ୍ପାନୀ ଠିକାରେ ନେଇ କରୁଛନ୍ତି । ଏହି କାମ ଶେଷ ହେବା ଉପରେ। ଏଥିରେ ରାସ୍ତା ମଝିରେ ଏକ ଡିଭାଇଡର ନିର୍ମାଣ କରାଯାଇଛି । ହେଲେ ଏଥିରେ ମାଷ୍ଟ ଲାଇଟ ସକାଶେ କୌଣସି ବିଜୁଳୀ ଖମ୍ବର ବ୍ୟବସ୍ଥା କରାଯାଇ ନ ଥିବାରୁ ଲୋକେ ଏହା କେବେ କରାଯିବ ବୋଲି ପ୍ରଶ୍ନ କରିଛନ୍ତି । ଏହା ଉପରେ ନୂଆପଡା ନାଗରିକ କମିଟି ତରଫରୁ ଡ.କମଳ କିଶୋର ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ ବାରମ୍ବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବା ପରେ ଜିଲାପାଳ ଜାତୀୟ ରାଜପଥ ନିର୍ମାଣ ବିଭାଗକୁ ପତ୍ରାଙ୍କ ସଂଖ୍ୟା ୩୫୯/୨୩.୪.୧୮ରେ ଜଣାଇଥିଲେ । ଏହା ଉପରେ ଜାତୀୟ ରାଜପଥ ବିଭାଗ ପତ୍ରାଙ୍କ ସଂଖ୍ୟା ୧୪୩/୧୮ରେ ଉତ୍ତର ରଖିଥିଲେ ଯେ ସହରର ରାସ୍ତା ଏନଏସି ଦାୟୀତ୍ୱରେ ରହିଥିବା ବେଳେ ଦୋହରୀକରଣ କାମର ଅଟକଳରେ ବିଜୁଳୀ ସହ ସୌନ୍ଦର୍ଯ୍ୟକରଣ ପାଇଁ ବ୍ୟବସ୍ଥା ନ ଥିବାରୁ ଏହା କରିପାରିବେ ନାହିଁ ବୋଲି ମନା କରିଦେଇଛି । ଅନ୍ୟପକ୍ଷେ ଏନଏସି ତରଫରୁ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗକୁ ଏଥିପାଇଁ ପତ୍ର ଲେଖି ନିବେଦନ କରାଯାଇଥିଲା । ହେଲେ ଏଥିରେ ରାଜ୍ୟ ସରକାର ମଧ୍ୟ ମୁହଁ ମୋଡି ଦେଲେ । ପତ୍ରାଙ୍କ ସଂଖ୍ୟା ୧୮୧୪୪/୧୮ଜରିଆରେ ଜଣାଇଦେଲେ ଯେ ରାସ୍ତା ମଝିରେ ନିର୍ମାଣ କରାଯାଇଥିବା ଡିଭାଇଡର ଜାତୀୟ ରାଜପଥ ପ୍ରାଧିକରଣ ଦାୟୀତ୍ୱରେ ରହିଛି । ଏହାକୁ ଜାତୀୟ ରାଜପଥ ନିର୍ମାଣ କରିପାରିବ ବୋଲି କହିଛନ୍ତି । ଏହା ମଧରେ ସହରବାସୀଙ୍କ ସୌନ୍ଦର୍ଯ୍ୟକରଣ ଆଶା ମଉଳିଯାଇଛି । ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ରାଜପଥ ନିର୍ମାଣ ବିଭାଗ ଟଣାଓଟରା ମଧ୍ୟରେ ସହରବାସୀଙ୍କୁ ମୌଳିକ ସୁବିଧା ମିଳିପାରିବନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି । ଏହା ଉପରେ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝିଙ୍କୁ ପଚାରିବାରେ ଏହା ଉପରେ ପୁଣି ଜିଲା ପ୍ରଶାସନ ସହ ଆଲୋଚନା କରାଯାଇଛି । ଅନ୍ୟ କୌଣସି ପାଣ୍ଠି ବ୍ୟବସ୍ଥା କରି ଖୁବଶୀଘ୍ର ରାସ୍ତା ମଝିରେ ମାଷ୍ଟ ଲାଇଟ ଖଞ୍ଜିବାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ସେ ଯାହେଉ ନୂତନ ଭାବେ ଗଢି ଉଠୁଥିବା ସହର ସୌନ୍ଦର୍ଯ୍ୟକରଣ ପାଇଁ ଜିଲା ପ୍ରଶାସନ ଏବଂ ରାଜ୍ୟ ସରକାର ଚିନ୍ତା କରିବା ଜରୁରୀ ବୋଲି ମତ ପ୍ରକାଶ ପାଇଛି ।


ଏନଏଚ ବିଭାଗ ତରଫରୁ ନିର୍ମାଣ କାମ ଚାଲିଥିବା ନୂଆପଡା ସହରର ଏହି ଦୃଶ୍ୟ ।

## ନୂଆପଡାରେ ଇଦ୍-ଉଲ-ଜୁହା

ନୂଆପଡା ଅଫିସ,୨୨।୮

ନୂଆପଡା ଜିଲାର ବିଭିନ୍ନ ସ୍ଥାନରେ ମୁସଲମାନମାନଙ୍କ ଏକ ମୁଖ୍ୟ ପର୍ବ ଇଦ-ଉଲ-ଜୁହା ଧୁମଧାମରେ ବୁଧବାର ପାଳିତ ହୋଇଯାଇଛି । ଏହି କ୍ରମରେ କୋମନା ବ୍ଲକ ଅନ୍ତର୍ଗତ କାଣ୍ଡେତରା ସୁନ୍ନି ମୁସଲିମ ଜମାତ ଆନୁକୂଲ୍ୟରେ ପର୍ବ ପାଳିତ ହୋଇଯାଇଛି । ଏଥିରେ ସଭାପତି ଶେଖ ମଜିଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାଣ୍ଡେତରା ସମେତ ଉଦ୍ୟାନବନ୍ଧ, ସିମେଲପାଲି ଗାଁରୁ ଶତାଧିକ ମୁସଲିମ ମହିଳାପୁରୁଷ ପରିବାର ଲୋକ ଯୋଗଦେଇଥିଲେ । ଏହି ଅବସରରେ ସମସ୍ତଙ୍କ ମଧ୍ୟରେ ସାମୁହିକ ନବାଜ ପାଠ ହୋଇଥିଲା । କାର୍ଯ୍ୟକ୍ରମ ଶେଷରେ ପରସ୍ପର ପରସ୍ପରଙ୍କୁ କାନ୍ଧ ମିଳାଇ ଭେଟଘାଟ ହୋଇଥିଲେ । ସମାଜର ସମ୍ପାଦକ ମୁସ୍ତାକ ବେଗ, କୋଷାଧ୍ୟକ୍ଷ ଆୟୁବ ଖାନ, ଅଜିଜ ଖାନ, ରାଜା ବେଗ, ଲତିଫ ଖାନ, ସୈଫ ଖାନ, ନୱାବ ଖାନ, ଜମିର ଖାନ, ବିଲାଲ ଖାନ, ଇନତାଜ ବେଗ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ସମସ୍ତ ପରିବାରରେ ଭୋଜିଭାତର ଆୟୋଜନ କରାଯାଇଥିଲା । ସେହିଭଳି ନୂଆପଡା ସହର, ଖରିଆରରୋଡ, କୋମନା ଏବଂ ଖଡିଆଳ ଆଦି ମସଜିଦରେ ଏହି ପର୍ବ ପାଳିତ ହୋଇଛି ।


କାଣ୍ଡେତରାରେ ଇଦ୍-ଉଲ-ଜୁହା ଅବସରରେ ମୁସଲିମ କର୍ମକର୍ତ୍ତା ।

## ବାଜପେୟୀଙ୍କ ସ୍ମୃତିରେ କବିତା ଆସର

ସିନାପାଲି ,୨୨।୮(ଡି.ଏନ.ଏ.)

ନୂଆପଡ଼ା ଜିଲା ସିନାପାଲିର ସାହିତ୍ୟ ଅନୁଷ୍ଠାନ ଗଙ୍ଗାଧର ସାରସ୍ୱତ ସମିତି ଆନୁକୂଲ୍ୟରେ ବୁଧବାର ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିରେ ଏକ କବିତା ଆସର ଅନୁଷ୍ଠିତ ହୋଇଯାଇଛି । ସମିତି ସଭାପତି ବୈଷ୍ଣବ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାହିତ୍ୟ ଆସରରେ ପୂର୍ବତନ ଜିଲା ପରିଷଦ ସଦସ୍ୟ ସୁବ୍ରତ କୁମାର ଠାକୁର ଓ ସାମାଜିକ କର୍ମୀ ଜଗଦୀଶ ଗର୍ଗ ଅତିଥି ଭାବେ ଯୋଗଦେଇଥିଲେ । ପ୍ରାରମ୍ଭରେ ଶିକ୍ଷକ ଲଳିତ କୁମାର ସୁନାରୀ ସ୍ୱାଗତ କରିଥିବା ବେଳେ ଚୂଡ଼ାମଣୀ ମେହେର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ଏହି ଅବସରରେ ବାଜପେୟୀଜିଙ୍କ ଫଟୋରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ ପରେ ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା । ଲଳିତ ସୁନାରୀଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ ସମିତି ବରିଷ୍ଠ ସଦସ୍ୟ ବିଜୟ କୁମାର ଯୋଷୀ, ଧ୍ରୁବଚରଣ ପଧାନ, ମନୋରନ ମେହେର, ପରେଶନାଥ ପାଣିଗ୍ରାହୀ,ଲୋଚନ ମେହେର, ବୈକୁଣ୍ଠ ମେହେର, ମୋହନ ଚରଣ ଦାଶ, ଚୂଡ଼ାମଣୀ ମେହେର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ରାଜେଶ ଅଗ୍ରୱାଲ, ଶୀବ ପ୍ରସାଦ ମେହେର, ଜିତେନ୍ଦ୍ର ମେହେର, ଦିବ୍ୟରଞ୍ଜନ ନାଏକ, କିଶନଲାଲ ମେହେର, ସୀବ ଭକ୍ତ, ନୌକାନ୍ତ ମେହେର ପ୍ରମୁଖ ଉପସ୍ଥିତ ଥିଲେ । ସମିତି ସମ୍ପାଦକ ତରୁଣ କୁମାର ମେହେର ଧନ୍ୟବାଦ ଦେଇଥିଲେ ।


ନୂଆପଡ଼ା ଜିଲା ସିନାପାଲିର ସାହିତ୍ୟ ଅନୁଷ୍ଠାନ ଗଙ୍ଗାଧର ସାରସ୍ୱତ ସମିତି ଆନୁକୂଲ୍ୟରେ ବୁଧବାର ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିରେ ଆୟୋଜିତ କବିତା ଆସର।

## କାର ସହ ଗଞ୍ଜେଇ ଜବତ, ୪ ଗିରଫ

ନୂଆପଡା ଅଫିସ,୨୨।୮



ନୂଆପଡାରୁ ରାୟପୁର ଅଭିମୁଖେ ଯାଉଥିବା ଏକ କାର ଗଞ୍ଜେଇ ଭର୍ତ୍ତି କରି ଚାଲାଣ କରୁଥିବାବେଳେ ନୂଆପଡା ପୋଲିସ ହାତରେ ଧରା ପଡିଛି । ଏହି ଅଭିଯୋଗରେ କାର ସହ ମୋଟ ୨୧ କିଗ୍ରା ଗଞ୍ଜେଇ ଜବତ କରାଯାଇଥିବାବେଳେ ୪ଜଣଙ୍କୁ ଗିରଫ କରାଯାଇଛି । ଏମାନଙ୍କ ମଧ୍ୟରୁ ୨ଜଣ ସ୍ଥାନୀୟ ଖରିଆରରୋଡର ହୋଇଥିବାବେଳେ ଅନ୍ୟ ୨ଜଣ ଦିଲ୍ଲୀର ବୋଲି ଜଣାପଡିଛି । ଏଥିରେ ପୋଲିସ ବିଶେଷ ତଦନ୍ତ ଚଳାଇଛି । ଅଭିଯୁକ୍ତମାନଙ୍କୁ ସନ୍ଧ୍ୟାରେ କୋର୍ଟକୁ ଚାଲାଣ କରାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ ।


**ଓଡ଼ିଶା ସରକାର** 904/29.6.2018

# କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଅଧିସୂଚନା

LA Case No-

File No. 23/2017 Dated..........

**No.V-38:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲାର ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପର କେନାଲ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା-ବୁଢ଼ାବଣ, ଥାନା-ପାଟଣା ନଂ-୨୦୭, ତହସିଲ-ସାହାରପଡ଼ା, ଜିଲ୍ଲା-କେନ୍ଦୁଝରରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୧୨.୬୬ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩( RFCTLAR & R ACT, 2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧ (୧)ର ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ--ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପର ନିର୍ମାଣ ନିମନ୍ତେ।
୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ନିର୍ବାହୀ ଯନ୍ତ୍ରୀ, ଦେଓ କେନାଲ ଡିଭିଜନ।
୩- କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ-......./ ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସନଙ୍କ ବିବରଣୀ-ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନର୍ବସତି ଅଧିକାରୀ, ମୟୂରଭଞ୍ଜ, କରଞ୍ଜିଆ।
୬- ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| କେନ୍ଦୁଝର | ସାହାରପଡା | ବୁଢାବଣ | | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୪୬.୨୮ | ଏ.୧୨.୬୬ | ଏଥିସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ........ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।
ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନର୍ବସତି ଅଧିକାରୀ, ମୟୂରଭଞ୍ଜ, କରଞ୍ଜିଆଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ

**LAND SCHEDULE FOR PERMANENT ACQUISTION OF LAND**
ମୌଜା-ବୁଢାବଣ, ଥାନା-ପାଟଣା, ନମ୍ବର-୨୦୭, ତହସିଲ-ସାହାରପଡା, ଜିଲ୍ଲା-କେନ୍ଦୁଝର

| କ୍ରମିକ ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅଧିଗୃହୀତ ରକବା | କିସମ | ପ୍ରଜାଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧. | ୪ | ୬୨୩ | ୦.୭୧ | ୦.୩୦ | ବାଜେଫ ସଲ ଦୁଇ | ଅର୍ଜୁନ ନାଏକ, ରୂପା ନାଏକ, ପି: ଜୟଦେବ ନାଏକ, ଜା: ଗଣ୍ଡ, ବା: ନିଜଗାଁ | |
| | | ୬୨୨/୮୦୭ | ୦.୨୫ | ୦.୦୭ | ଘରବାରୀ | | |
| ୨. | ୮ | ୫୯୬ | ୦.୨୦ | ୦.୦୧ | ବାଜେଫ ସଲ ଦୁଇ | ଅହିରାମ ମହାନ୍ତ, ପି: ଦୁବରାଜ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| | | ୬୧୯ | ୦.୫୯ | ୦.୦୫ | ଶାରଦ ତିନି | | |
| | | ୬୫୦ | ୦.୬୮ | ୦.୨୩ | ବାଜେଫ ସଲ ଦୁଇ | | |
| | | ୬୬୧ | ୦.୩୯ | ୦.୦୨ | ଶାରଦ ତିନି | | |
| | | ୬୬୫ | ୦.୭୧ | ୦.୧୭ | ବାଜେଫ ସଲ ଦୁଇ | | |
| | | ୬୮୪ | ୦.୨୧ | ୦.୦୧ | ଶାରଦ ତିନି | | |
| | | ୬୯୧ | ୦.୭୮ | ୦.୪୯ | ବାଜେଫ ସଲ ଦୁଇ | | |
| ୩. | ୯ | ୨୩୪ | ୦.୩୦ | ୦.୦୧ | ଶାରଦ ଦୁଇ | ଆନନ୍ଦ ମହାନ୍ତ, ପି: ସୀତାରାମ ମହାନ୍ତ, ଯାତ୍ରୀ ମହାନ୍ତ, ସ୍ୱା: ସୀତାରାମ୍ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୪. | ୧୦ | ୫୧୯ | ୦.୨୭ | ୦.୦୮ | ଶାରଦ ତିନି | ଓକିଲ ପାତ୍ର, ପି: ବଳ ପାତ୍ର, ଜା: ପାଣ, ବା: ସଙ୍ଖୁଆ | |
| | | ୫୧୮/୮୮୯ | ୦.୧୫ | ୦.୦୩ | ଶାରଦ ତିନି | | |
| ୫. | ୧୧ | ୫୦୪ | ୦.୨୪ | ୦.୦୧ | ତଲଲା ଏକ | କଣ୍ଡ ପାତ୍ର, ପି-ଜଗନ୍ନାଥ ପାତ୍ର, ତିର ପାତ୍ର, ପି: ପୁରନ୍ଦର ପାତ୍ର, ଜା: ପାଣ, ବା: ନିଜଗାଁ | |
| | | ୫୧୮ | ୩.୨୫ | ୦.୨୦ | ଶାରଦ ତିନି | | |
| ୬. | ୩୨ | ୬୪୯ | ୦.୮୪ | ୦.୩୫ | ବାଜେଫ ସଲ ଦୁଇ | ଦଲ ଗଞ୍ଜନ ମହାନ୍ତ, ପି: ଦୁବରାଜ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| | | ୬୭୯ | ୦.୩୫ | ୦.୦୧ | ଶାରଦ ତିନି | | |
| | | ୬୮୫ | ୦.୨୨ | ୦.୧୬ | ଶାରଦ ତିନି | | |
| | | ୭୩୫/୭୪୨ | ୦.୧୭ | ୦.୧୪ | ବାଜେଫ ସଲ ଦୁଇ | | |
| ୭. | ୩୦ | ୨୩୨ | ୦.୪୦ | ୦.୨୧ | ଶାରଦ ଦୁଇ | ଜାଉରା ମୁଣ୍ଡା, ମାଧ ମୁଣ୍ଡା, ବୁଟି ମୁଣ୍ଡା, ଘନ ମୁଣ୍ଡା, ପି: ରାଇଁସିଂ ମୁଣ୍ଡା, ବିରିସିଂ ମୁଣ୍ଡା, ମଧୁ ମୁଣ୍ଡା, ପି: କାଉଁରା ମୁଣ୍ଡା, ଜା: କୋହ୍ଲ, ବା: ନିଜଗାଁ | |
| | | ୩୧୩ | ୦.୨୦ | ୦.୦୧ | ଶାରଦ ଦୁଇ | | |
| | | ୩୧୪ | ୦.୩୩ | ୦.୧୯ | ଶାରଦ ତିନି | | |
| ୮. | ୩୪ | ୬୭୭ | ୧.୦୨ | ୦.୭୯ | ବାଜେ ଫସଲ ଦୁଇ | ଦୀର୍ଘା ମାଝୀ, ଲଛୁ ମାଝୀ, ପି: ଗୋରା ମାଝୀ, ମଙ୍ଗଲା ମାଝୀ, ମାତାଲ ମାଝୀ, ପି: କାନ୍ଦ୍ରା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| | | ୬୭୮ | ୦.୮୨ | ୦.୫୭ | ଶାରଦ ତିନି | | |
| | | ୬୯୨ | ୧.୩୫ | ୦.୭୭ | ବାଜେ ଫସଲ ଦୁଇ | | |
| ୯. | ୪୧ | ୬୩୫ | ୧.୮୫ | ୦.୫୦ | ବାଜେ ଫସଲ ଦୁଇ | ଧନୁ ମହାନ୍ତ, ପି: ଆଶାରାମ ମହନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୧୦. | ୪୬ | ୩୨୬ | ୦.୫୧ | ୦.୦୬ | ଶାରଦ ଦୁଇ | ବଣୁ କୋହ୍ଲ, ପି: ତୁରୀ କୋହ୍ଲ, ଜା: କୋହ୍ଲ, ବା: ନିଜଗାଁ | |
| ୧୧. | ୪୭ | ୩୨୪ | ୦.୬୧ | ୦.୧୨ | ଶାରଦ ଦୁଇ | ବୁଣୁ କୋହ୍ଲ, ରାଇସିଂ କୋହ୍ଲ, ବସେନ କୋହ୍ଲ, ପି: ମରା ରାମ କୋହ୍ଲ, ଲାଲଦୁ କୋହ୍ଲ, ପି: ମାଙ୍ଗତା କୋହ୍ଲ, ଜା: କୋହ୍ଲ, ବା: ନିଜଗାଁ | |
| ୧୨. | ୪୯ | ୬୨୬ | ୧.୦୦ | ୦.୨୩ | ବାଜେ ଫସଲ ଦୁଇ | ବହ୍ଲି ମାଝୀ, ପି: ଲକ୍ଷ୍ମଣ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| | | ୬୨୬/୮୧୦ | ୨.୧୮ | ୦.୪୨ | ବାଜେ ଫସଲ ଦୁଇ | | |
| ୧୩ | ୫୧ | ୬୩୬ | ୧.୫୯ | ୦.୫୨ | ବାଜେ ଫସଲ ଦୁଇ | ବାଉଦି ମହାରଣା, ପି: ଚନ୍ଦରୁ ମହାରଣା, ଜା: ମହାରଣା, ବା: ନିଜଗାଁ | |
| | | ୬୭୦ | ୧.୩୯ | ୦.୫୦ | ବାଜେ ଫସଲ ଦୁଇ | | |
| ୧୪. | ୫୨ | ୫୧୮/୮୭୮ | ୦.୨୮ | ୦.୦୮ | ଶାରଦ ତିନି | ବାସୁଦେବ ପାତ୍ର, ବିଦ୍ୟାଧର ପାତ୍ର, ବାମଦେବ ପାତ୍ର, ଦିନବନ୍ଧୁ ପାତ୍ର, ମଧୁସୂଦନ ପାତ୍ର, ପି : ବିଶୁନୁ ପାତ୍ର, ଜା: ପାଣ, ବା: ନିଜଗାଁ | |
| ୧୫. | ୫୬ | ୨୩୩ | ୦.୪୫ | ୦.୧୮ | ଶାରଦ ଦୁଇ | ବାହାଦୁଲା ମହାନ୍ତ, ଜିତୁ ମହାନ୍ତ, ପି: ଶାମ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୧୬ | ୫୮ | ୫୯୧ | ୦.୭୨ | ୦.୨୧ | ଘରବାରି | ବିଭୀଷଣ ନାଏକ, ପି: ଅଙ୍କୁର ନାଏକ, ଶଙ୍କର ନାଏକ, ଗୁରୁଚରଣ ନାଏକ, ପି: ନେତ୍ରା ନାଏକ, ଜା: ଗଣ୍ଡ, ବା: ନିଜଗାଁ | |
| | | ୬୨୧ | ୦.୩୪ | ୦.୦୮ | ଶାରଦ ତିନି | | |
| ୧୭ | ୬୪ | ୫୯୫ | ୦.୨୬ | ୦.୦୨ | ବାଜେ ଫସଲ ଦୁଇ | ଭାରତ ଚନ୍ଦ୍ର ମହାନ୍ତ, ପି: ଦୁବରାଜ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| | | ୬୪୮ | ୦.୨୦ | ୦.୧୦ | ବାଜେ ଫସଲ ଦୁଇ | | |
| | | ୬୬୩ | ୦.୯୬ | ୦.୪୦ | ବାଜେ ଫସଲ ଦୁଇ | | |
| | | ୬୭୧ | ୦.୭୧ | ୦.୦୧ | ବାଜେ ଫସଲ ଦୁଇ | | |
| | | ୬୮୬ | ୧.୦୦ | ୦.୩୯ | ବାଜେ ଫସଲ ଦୁଇ | | |
| | | ୬୮୦ | ୦.୯୨ | ୦.୦୧ | ଜଳଶୟ ଦୁଇ | | |
| ୧୮ | ୫୯ | ୫୯୦ | ୨.୩୨ | ୦.୩୬ | ଦିଆଲି | ବିଭୀଷଣ ନାଏକ, ପି: ଅଙ୍କୁର ନାଏକ, ଶଙ୍କର ନାଏକ, ଗୁରୁଚରଣ ନାଏକ, ପି: ନେତ୍ରା ନାଏକ, ଫକିରା ନାଏକ, ଦିବାକର ନାଏକ, ଗୋବରା ନାଏକ, ପି: ପଦୁ ଚରଣ ନାଏକ, ଗୁରୁ ଚରଣ ନାଏକ, ପି: ବନମାଳୀ ନାଏକ, ମହେଶ୍ୱର ନାଏକ, ଗଦାଧର ନାଏକ, ପି: ବଳି ନାଏକ, ମହେନ୍ଦ୍ର ନାଏକ, ଅନାଦୀ ନାଏକ, ପି: ଶୁକେବ ନାଏକ, ଗଦା ନାଏକ, ପି: ଫଗୁ ନାଏକ, ଜା: ବାଥୁଡି, ବା: ନିଜଗାଁ | |
| | | ୬୨୦ | ୨.୭୦ | ୦.୪୬ | ବାଜେ ଫସଲ ଦୁଇ | | |
| ୧୯. | ୬୬ | ୩୨୧ | ୦.୮୦ | ୦.୨୦ | ବାଜେ ଫସଲ ଦୁଇ | ଭୀମ ନାଏକ, ପି: ପବିତ୍ର ନାଏକ, ଜା: ଗଣ୍ଡ, ବା: ନିଜଗାଁ | |
| ୨୦. | ୬୭ | ୨୩୦ | ୦.୧୪ | ୦.୧୦ | ଶାରଦ ଦୁଇ | ଭୁଟୁ ମହାନ୍ତ, ରଜ ମହାନ୍ତ, ଚମ୍ପା ମହାନ୍ତ, ପି: ରଥୁ ମହାନ୍ତ, ଅଲତା ମହାନ୍ତ, ସ୍ୱା: ରଥୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୨୧. | ୭୫ | ୬୨୪ | ୧.୪୫ | ୦.୧୦ | ଘରବାରି | ମକୁରୁ ମହାନ୍ତ, ଶଙ୍କୁରୁ ମହାନ୍ତ, କାଞ୍ଚନ ମହାନ୍ତ, ପି: ହୀରା ମହାନ୍ତ, ସନୁ ମହାନ୍ତ, ଉପେନ୍ଦ୍ର ମହାନ୍ତ, ପି: ବନ୍ଧୁଆ ମହାନ୍ତ, ଦୟା ମହାନ୍ତ, ମୁଟୁ ମହାନ୍ତ, ଚେମୁଟୁ ମହାନ୍ତ, ପି: ଚନ୍ଦ୍ର ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୨୨. | ୭୭ | ୬୬୬ | ୦.୮୬ | ୦.୨୪ | ବିଆଲି | ମଙ୍ଗଲା ମାଝୀ, ମାତାଲ ମାଝୀ, ପି- କାନ୍ଦ୍ରା ମାଝୀ, ଜା- ସାନ୍ତାଳ, ବା- ନିଜଗାଁ | |
| | | ୬୯୩ | ୧.୧୮ | ୦.୫୧ | ଘରବାରୀ | | |
| | | ୬୯୪ | ୦.୦୮ | ୦.୦୮ | ବାଜେ ଫସଲ ଦୁଇ | | |
| ୨୩. | ୮୦ | ୭୦୮ | ୦.୨୭ | ୦.୦୧ | ରାସ୍ତା | ମଧୁ ମହାନ୍ତ, ପି- ଘାସିଆ ମହାନ୍ତ, ବାହାଦୁଲା ମହାନ୍ତ, ଜିତୁ ମହାନ୍ତ, ପି- ଶିବ ମହାନ୍ତ, ରଜନୀ ମହାନ୍ତ, ସ୍ୱା- ଶାମ ମହାନ୍ତ, ଆନନ୍ଦ ମହାନ୍ତ, ପି- ସୀତାରାମ ମହାନ୍ତ, ଯାତ୍ରୀ ମହାନ୍ତ, ସ୍ୱା- ସୀତାରାମ ମହାନ୍ତ, ଜା- କୁଡୁମି, ବା- ନିଜଗାଁ | |
| ୨୪. | ୮୪ | ୩୦୯ | ୧.୨୨ | ୦.୧୬ | ଶାରଦ ଦୁଇ | ମହେଶ୍ୱର ମହାନ୍ତ, ପି- ଶିବ ମହାନ୍ତ, ଲେମ୍ବୁ ମହାନ୍ତ, ପି- ପରମେଶ୍ୱର ମହାନ୍ତ, ଦେବେନ୍ଦ୍ର ମହାନ୍ତ, ପି- ବିଶ୍ୱମ୍ବର ମହାନ୍ତ, ଜା- କୁଡୁମି, ବା- ନିଜଗାଁ | |
| ୨୫. | ୮୬ | ୬୩୩ | ୦.୫୩ | ୦.୦୫ | ବାଜେ ଫସଲ ଦୁଇ | ମହେଶ୍ୱର ଦଣ୍ଡପାଟ, ପି- କୃପାସିନ୍ଧୁ ଦଣ୍ଡପାଟ, ଜା- ସାଉନ୍ତି, ବା- ନିଜଗାଁ | |
| ୨୬. | ୮୯ | ୬୬୪ | ୦.୫୦ | ୦.୦୭ | ବାଜେ ଫସଲ ଦୁଇ | ମାନୁଧର ବରଡୁହା, ବୈଶାଖୁ ବରଡୁହା, ପି- ଗୁରୁ ଚରଣ ବରଡୁହା, ଜା- ସାଉଁନ୍ତି, ବା- ନିଜଗାଁ | |
| ୨୭. | ୯୦ | ୩୧୬ | ୦.୭୦ | ୦.୧୬ | ଘରବାରୀ | ମେଞ୍ଚ କୋହ୍ଲ, ପି- ଜେନା କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| ୨୮. | ୯୨ | ୩୦୯/୭୭୮ | ୦.୩୨ | ୦.୦୫ | ଶାରଦ ଦୁଇ | ରଣଜିତ ମହାନ୍ତ, ପି- କର୍ମୁ ମହାନ୍ତ, ଜା- କୁଡୁମି, ବା- ମଣ୍ଡୁଆ, ଜି- ମୟୂରଭଞ୍ଜ | |
| ୨୯. | ୧୦୦ | ୬୨୫ | ୦.୨୭ | ୦.୧୦ | ଘରବାରୀ | ଲକ୍ଷ୍ମୀଧର ବରଡୁହା, ଉପେନ୍ଦ୍ର ବରଡୁହା, ପି- ବୁଧିଆ ବରଡୁହା, ଜା- ସାଉଁନ୍ତି, ବା- ନିଜଗାଁ | |
| ୩୦. | ୧୦୨ | ୬୨୬/୮୦୯ | ୧.୩୨ | ୦.୨୪ | ବାଜେ ଫସଲ ଦୁଇ | ଲାଲ ମୋହନ ନାଏକ, ପି- ଭଗବାନ ନାଏକ, ଜା- ବାଥୁଡି, ବା- ଗୋରାଣ୍ଡିଯୋଡି | |
| ୩୧. | ୧୦୭ | ୨୩୧ | ୦.୧୪ | ୦.୧୪ | ଶାରଦ ଦୁଇ | ସଭା ମହାନ୍ତ, ପି- ରେଙ୍ଗୁ ମହାନ୍ତ, ଜା- କୁଡୁମି, ବା- ନିଜଗାଁ | |
| ୩୨. | ୭୯ | ୬୯୮ | ୦.୪୪ | ୦.୧୩ | ବାଜେ ଫସଲ ଦୁଇ | ମଧୁ ମହାନ୍ତ, ପି- ଘାସିଆ ମହାନ୍ତ, ଜା- କୁଡୁମି, ବା- ନିଜଗାଁ | |
| ୩୩. | ୧୨୪/୧୬ | ୫୧୮/୯୨୩ | ୦.୭୪ | ୦.୦୯ | ଶାରଦ ତିନି | ବାମଦେବ ପାତ୍ର, ପି- ବିଶୁନୁ ପାତ୍ର, ଜା- ପାଣ, ବା- ସଙ୍ଖୁଆ | |
| ୩୪. | ୧୨୪/୨୨ | ୩୨୪/୯୨୦ | ୦.୨୦ | ୦.୧୬ | ଶାରଦ ଦୁଇ | ନାରାୟଣ ଗଡସରା, ପି- ମରା କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ | |
| ୩୫. | ୧୨୪/୧୯ | ୮୦୯/୯୦୯ | ୦.୪୦ | ୦.୨୪ | ବାଜେ ଫସଲ ଦୁଇ | ଦେବେନ୍ଦ୍ର ମହାନ୍ତ, ପି- ବିଶମ୍ବର ମହାନ୍ତ, ଜା- କୁଡୁମି, ବା- ନିଜଗାଁ | |
| ୩୬. | ୧୨୪/୧୦ | ୫୧୮/୯୦୦ | ୦.୬୦ | ୦.୧୫ | ଶାରଦ ତିନି | ବାମଦେବ ପାତ୍ର, ପି- ବିଶୁନୁ ପାତ୍ର, ଜା- ପାଣ, ବା- ନିଜଗାଁ | |
| ୩୭. | ୧୨୪/୨୧ | ୫୧୮/୯୧୧ | ୦.୬୦ | ୦.୧୦ | ଶାରଦ ତିନି | ପରମେଶ୍ୱର ପାତ୍ର, ପି- ଦାରୋଗା ପାତ୍ର, ଜା- ପାଣ, ବା- ନିଜଗାଁ | |
| | ମୋଟ | ୬୪ | ୪୬.୨୮ | ୧୨.୬୬ | | | |

24045/14/0031/1819

# ବିରୋଧ ସତ୍ତ୍ୱେ ଜିନ୍ଦଲର ପାଚେରି ନିର୍ମାଣ

**କୁତ୍ରା,୨୨।୮(ଡି.ଏନ.ଏ.)**

**ପାଚେରି ନିର୍ମାଣ ପ୍ରସଙ୍ଗ**
- ୧୪୪ ଧାରା ଜାରି, ୬ ପ୍ଲାଟୁନ ଫୋର୍ସ ମୁତୟନ
- ରାଜ୍ୟପାଳଙ୍କୁ ଦେଲେ ସ୍ମାରକପତ୍ର
- କମ୍ପାନୀକୁ ଅସହଯୋଗ ପାଇଁ ନିଷ୍ପତ୍ତି

ସୁନ୍ଦରଗଡ ଜିଲା କୁତ୍ରା ଥାନା ଅଧୀନ କନ୍ଦେଇମୁଣ୍ଡା ଗ୍ରାମପଞ୍ଚାୟତର ଗ୍ରାମବାସୀଙ୍କ ବିରୋଧ ସତ୍ତ୍ୱେ ବିବାଦୀୟ ଜମିରେ ଜିନ୍ଦଲ କମ୍ପାନୀ ପକ୍ଷରୁ ପାଚେରି ନିର୍ମାଣ କାର୍ଯ୍ୟ ବୁଧବାର ଶେଷ ହୋଇଛି। ପାଚେରୀ ନିର୍ମାଣକୁ ନେଇ କିଛି ଦିନ ହେବ ବିବାଦ ଲାଗି ରହିଥିବାବେଳେ ପ୍ରଶାସନ ପକ୍ଷରୁ ୧୪୪ଧାରା ଜାରି କରାଯାଇ ନିର୍ମାଣ କାର୍ଯ୍ୟ ସରିଛି। ସେହିପରି ୬ ପ୍ଲାଟୁନ ପୋଲିସ୍ ଫୋର୍ସ ମୁତୟନ କରାଯାଇଛି।

ପ୍ରକାଶ ଯେ, କନ୍ଦେଇମୁଣ୍ଡା ଗ୍ରାମପଞ୍ଚାୟତର କନ୍ଦେଇମୁଣ୍ଡା ଓ ତେଲିଘଣାସୀମାରେ ରହିଛି ଶିବା ସିମେଣ୍ଟ କାରଖାନା । ବର୍ଷେରୁ ଉର୍ଦ୍ଧ୍ୱ ହେବ ଶିବା ସିମେଣ୍ଟ କାରଖାନା ମାଲିକ ଉକ୍ତ ସିମେଣ୍ଟ କାରଖାନାକୁ ଜିନ୍ଦଲ କମ୍ପାନୀକୁ ବିକ୍ରି କରିଦେଇଛନ୍ତି। ଶିବା ସିମେଣ୍ଟ କାରଖାନାର ପଛ ପଟେ ରହିଛି ୨୫ଏକର ସରକାରୀ ଜମି । ଉକ୍ତ ଜମିକୁ ୧୯୮୫ରୁ ଶିବା ସିମେଣ୍ଟ କାରଖାନା ପକ୍ଷରୁ ସରକାରଙ୍କଠାରୁ ଲିଜରେ ନେଇଥିବା କହୁଛନ୍ତି। ହେଲେ ଉକ୍ତ ଜମିଟି ପଡିଆ ଥିବାରୁ ଗ୍ରାମବାସୀମାନେ ତାହାକୁ ଚାରଣ ଭୂମି ଭାବେ ବ୍ୟବହାର କରି ଆସୁଥିଲେ। ସେହିପରି ଉକ୍ତ ଜମିର କିଛି ଭାଗରେ ରାସ୍ତା ତିଆରି କରାଯାଇଥିବାବେଳେ ଉକ୍ତ ଜମିକୁ ଲାଗି କନ୍ଦେଇମୁଣ୍ଡା ଗ୍ରାମପଞ୍ଚାୟତର କାର୍ଯ୍ୟାଳୟ ନିର୍ମାଣ କରାଯାଇଛି । ତେବେ ଶିବା ସିମେଣ୍ଟ କାରଖାନାର ମାଲିକ କାରଖାନାକୁ ଜିନ୍ଦଲକମ୍ପାନୀକୁ ବିକ୍ରି କରିବା ପରେ ଲିଜ ନେଇଥିବା ୨୫ ଏକର ଜମିରେ କିଛି ଗ୍ରାମବାସୀଙ୍କୁ ନେଇ ପାଚେରି ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ କରିଥିଲେ। ହେଲେ ପାଚେରୀ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ଦେଖି କନ୍ଦେଇମୁଣ୍ଡା, ତେଲିଘଣା, କୁରୁଙ୍ଗ ଆଦି ଗ୍ରାମର ଗ୍ରାମବାସୀ ଏକତ୍ରିତ ହୋଇ ଏହି ନିର୍ମାଣ କାର୍ଯ୍ୟକୁ ବନ୍ଦ କରି ଦେଇଥିଲେ। ଉକ୍ତ ଜମିକୁ ଶିବା ସିମେଣ୍ଟ କେବେ ଓ କେଉଁ ହିସାବରେ ବିନା ଗ୍ରାମସଭାରେ ଲିଜ ନେଲା ତାହା ଗ୍ରାମବାସୀମାନେ ଜାଣିଥିବା ପ୍ରକାଶ କରିଛନ୍ତି। କମ୍ପାନୀର କିଛି ଲୋକଙ୍କୁ ନେଇ ବାରମ୍ବାର ପାଚେରୀ ନିର୍ମାଣ ପାଇଁ ପ୍ରୟାସ କରୁଥିଲେ । ଉକ୍ତ ଅଞ୍ଚଳରେ କମ୍ପାନୀ ସପକ୍ଷ ଓ ବିପକ୍ଷ ଦୁଇଗୋଷ୍ଠୀ ହୋଇଯିବାରୁ ଉତ୍ତେଜନା ଲାଗି ରହିଥିଲା। ଜିନ୍ଦଲ କମ୍ପାନୀ ପାଚେରୀ ନିର୍ମାଣ ସାଙ୍ଗକୁ ତେଲିଘଣା ଗରପୋଷଠାରେ ଆଉ ଜଣେ କାରଖାନା ମାଲିକ ପାଚେରି ନିର୍ମାଣ ପାଇଁ ପ୍ରୟାସ କରୁଥିବାରୁ ସପକ୍ଷ ଓ ବିପକ୍ଷଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା । ଉଭୟଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଥିବାବେଳେ ପ୍ରଶାସନ ହସ୍ତକ୍ଷେପ କରି ଉକ୍ତ ଅଞ୍ଚଳରେ ୧୪୪ଧାରା ଜାରି କରିଛି। ସେହିପରି ଉକ୍ତ ଅଞ୍ଚଳରେ ୬ ପ୍ଲାଟୁନ ପୋଲିସ୍ ଫୋର୍ସ ମୁତୟନ କରାଯାଇ ଜିନ୍ଦଲ କମ୍ପାନୀର ପାଚେରି ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ପର୍ବରୁ ଏ ନେଇ କନ୍ଦେଇମୁଣ୍ଡା ସରପଞ୍ଚଙ୍କ ସମେତ ଶହଶହ ଗ୍ରାମବାସୀ ୨୦ତାରିଖରେ ସୁନ୍ଦରଗଡଠାରେ ଏକ ଶୋଭାଯାତ୍ରା କରିଥିଲେ। ପରେ ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ନିକଟକୁ ଏକ ଏକ ସ୍ମାରକପତ୍ର ଦେଇଥିଲେ। କିନ୍ତୁ ଜିନ୍ଦଲ କମ୍ପାନୀ ଗ୍ରାମବାସୀଙ୍କୁ ଅଣଦେଖା କରି କିଛି ଦଲାଲ ଶ୍ରେଣୀର ଲୋକଙ୍କୁ ନେଇ ମନୋମୁଖୀ କାର୍ଯ୍ୟ କରୁଥିବାରୁ ଆଗାମୀ ଦିନରେ ଗ୍ରାମବାସୀମାନେ କମ୍ପାନୀର ସମ୍ପ୍ରସାରଣକୁ ବିରୋଧ କରିବେ ବୋଲି ପ୍ରକାଶ କରିଛନ୍ତି ।



କମ୍ପାନୀ ପକ୍ଷରୁ ବିବାଦୀୟ ଜମି ଉପରେ ପାଚେରି ନିର୍ମାଣ କରାଯାଉଛି।

## ସଂକ୍ଷେପରେ

### ନାବାଳକଙ୍କୁ ଅପହରଣ ଅଭିଯୋଗ, ୧ କୋର୍ଟ ଚାଲାଣ

**କୁଆଁରମୁଣ୍ଡା,୨୨।୮(ଡି.ଏନ.ଏ.)-** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଡୁମେରଯୋର ଗ୍ରାମର ଅର୍ଜୁନ ଟପ୍ପୋ(୨୮) ନାମକ ଜଣେ ଯୁବକ ଗତ ଏପ୍ରିଲ ୬ ତାରିଖରେ ସେହି ଗ୍ରାମର କାହ୍ନୁ ଟପ୍ପୋଙ୍କ ଘରେ ରହୁଥିବା ତାଙ୍କ ଭଣଜା ବିଶାଲ ବାର୍ଲା(୧୩)ଙ୍କୁ ପ୍ରଲୋଭିତ କରି ଅପହରଣ କରି ନେଇଥିଲେ। ଏ ନେଇ ବିଶାଲଙ୍କ ମାମୁଁ କାହ୍ନୁ କୁଆଁରମୁଣ୍ଡା ଫାଣ୍ଡିରେ ଏକ ମାମଲା ରୁଜୁ କରିଥିଲେ । ଦୀର୍ଘ ୪ମାସ ପରେ ବିଶାଲ କୌଶଳକ୍ରମେ ସେଠାରୁ ଖସି ଆସି ଡୁମେରଯୋରସ୍ଥିତ ମାମୁଁ ଘରେ ପହଞ୍ଚି ସବୁ କଥା ଜଣାଇଥିଲେ। ପୋଲିସ ନାବାଳକ ବିଶାଲଙ୍କ ଠାରୁ ସବୁ କଥା ଜାଣିବା ପରେ ଲାଠିକଟାରେ ଚଢାଉ କରି ଅଭିଯୁକ୍ତ ଅର୍ଜୁନ ଟପ୍ପୋଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଅଭିଯୁକ୍ତ ଅର୍ଜୁନ ନାବାଳକ ବିଶାଲଙ୍କୁ ଡୁମେରଯୋରରୁ ଅପହରଣ କରି ଲାଠିକଟାରେ ଜଣଙ୍କ ଘରେ ରଖି ମଜୁରିଆଭାବେ ଖଟାଇ ନିର୍ଯାତନା ଦେଉଥିଲେ ।

### ନୁଡୁଲ୍ସ ଉତ୍ପାଦନ କେନ୍ଦ୍ର ଉଦ୍‌ଘାଟିତ: ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସ୍ୱାବଲମ୍ବୀ ଲକ୍ଷ୍ୟ

**କୁଆଁରମୁଣ୍ଡା,୨୨।୮(ଡି.ଏନ.ଏ.)**

କୁଆଁରମୁଣ୍ଡା ବ୍ଲକ ରାଏବୋଗା ପଞ୍ଚାୟତର ଝମନକେରା ଗ୍ରାମରେ ବୁଧବାର ଏକ ଚାଓମିନ୍ ନୁଡୁଲ୍ସ ଉତ୍ପାଦନ କେନ୍ଦ୍ରକୁ ଜିଲାପାଳ ସୁରେନ୍ଦ୍ର ମୀନା ଉଦ୍‌ଘାଟନ କରିଛନ୍ତି । ଜିଲାପାଳ ମୀନା ମହିଳାମାନଙ୍କର ଅଭିନବ ପ୍ରୟାସକୁ ପ୍ରଶଂସା କରିବା ସହ ଉକ୍ତ କେନ୍ଦ୍ରର ବିକାଶ ପାଇଁ ନିଜ ହାତରୁ ୨୦ ହଜାର ଟଙ୍କା ପ୍ରଦାନ କରିଛନ୍ତି । ଆର୍ଥିକ ଅଭାବକୁ ଦୂରେଇ ମହିଳମାନଙ୍କୁ ସ୍ୱାବଲମ୍ବୀ କରାଇଲେ ପ୍ରତ୍ୟେକ ପରିବାରରେ ହସଖୁସିର ଏକ ସୁସ୍ଥ ପରିବେଶ ସୃଷ୍ଟି ହୋଇପାରିବ ବୋଲି ଜିଲାପାଳ କହିଥିଲେ। କୁଆଁରମୁଣ୍ଡା ବିଡିଓ ପିୟୁଷ ଲୋହାରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୁଆଁରମୁଣ୍ଡା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଶ୍ୟାମସୁନ୍ଦର ସାହୁ, ଏବିଡିଓ ଭବାନୀଶଙ୍କର ପାଢୀ, ବ୍ଲକ ସହକାରୀ ନିର୍ବାହୀ ଅଧିକାରୀ ମନୋଜ ବଡାଇକ, ପଦମପୁର ପିଇଓ ଦେବବ୍ରତ ଦାସ, ଓଏଲଏମ୍‌ର ଡିପିଏମ୍ ସୌରଭମୟ କର, ରାଏବୋଗା ସରପଞ୍ଚ ବି. ଲାକ୍ରାଙ୍କ ସମେତ ପଞ୍ଚାୟତ ମହିଳା ମହାସଂଘର ସଭାନେତ୍ରୀ, ସମ୍ପାଦିକାମାନେ ଉପସ୍ଥିତ ଥିଲେ ।ଏଥିରେ କୁଆଁରମୁଣ୍ଡା ବ୍ଲକ ଜୀବିକା ମିଶନ ପ୍ରବନ୍ଧକ ପ୍ରସନ୍ନ ମୋଦି ଓ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ଇଟାଭାଟି ମାଲିକଙ୍କ ଠାରୁ ଟଙ୍କା ଲୁଟ୍ ଘଟଣା

## ୭ ମାସ ପରେ ଅଭିଯୁକ୍ତ ଗିରଫ

**କୁଆଁରମୁଣ୍ଡା,୨୨।୮(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଖୁଖୁଣ୍ଡୁବାହାଲ ଗ୍ରାମରୁ ଜଣେ ଫେରାର ଅଭିଯୁକ୍ତଙ୍କୁ ପୋଲିସ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲେ ଖୁଖୁଣ୍ଡୁବାହାଲ ଗ୍ରାମ କୁମ୍ଭାରବସ୍ତିର କ୍ରିଷ୍ଣା ମାହାତୋ(୨୫) । ଫେରାର କ୍ରିଷ୍ଣାଙ୍କ ନାରେ ୬୬ହଜାର ଟଙ୍କା ଲୁଟ୍ ନେଇ ଗତ ଜାନୁୟାରୀ ମାସ ୧୩ତାରିଖରେ ଜନୈକ ଇଟାଭାଟି ମାଲିକ କୁଆଁରମୁଣ୍ଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ । ପରେ ଏ ନେଇ ଏକ ମାମଲା ରୁଜୁ ହୋଇଥିଲା। ପ୍ରକାଶ ଯେ, ସମ୍ପୃକ୍ତ ଇଟାଭାଟି ମାଲିକ ଖୁଖୁଣ୍ଡୁବାହାଲ ଗ୍ରାମରେ ଥିବା ତାଙ୍କ ଇଟାଭାଟିକୁ ଶ୍ରମିକମାନଙ୍କୁ ମଜୁରି ଦେବା ପାଇଁ ଟଙ୍କା ଧରି ଯାଉଥିଲେ । ଅଭିଯୁକ୍ତମାନେ ବାଟରେ ତାଙ୍କୁ ଅଟକାଇ ବନ୍ଧୁକ ଦେଖାଇ ଡରାଇବା ସହ ଟଙ୍କା ଲୁଟ୍ କରି ଫେରାର ହୋଇଯାଇଥିଲେ।

# ଯୁବକଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

**ଲହୁଣିପଡା,୨୨।୮(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ଲହୁଣିପଡା ଥାନା ଅନ୍ତର୍ଗତ ଶଂଖପୋଷ ପଞ୍ଚାୟତ ଆମରଢି ନାଳ କଡରୁ ବୁଧବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକ ହେଲେ ଭାଲିଆଡିହି ଗ୍ରାମର ଜେମ୍ସ ମୁଣ୍ଡା(୩୦) କାଠମିସ୍ତ୍ରୀ ଭାବେ କରନ୍ତି । ପ୍ରକାଶ ଯେ, ସୋମବାର ଅର୍ଜୁନ ମୁଣ୍ଡାରୀ ଭାଲିଆଡିହି ଗ୍ରାମକୁ କାମ କରିବାକୁ ଯାଇଥିବାବେଳେ ତାଙ୍କ ଚପଲ ହଜି ଯାଇଥିଲା । ପରେ ତାଙ୍କ ଚପଲକୁ ଜେମ୍ସମୁଣ୍ଡା ଚୋରି କରିଛନ୍ତି ବୋଲି ଦାୟି କରିଥିଲେ। ଏହି ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ କିଛି ସମୟ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଅର୍ଜୁନ ଜେମ୍ସଙ୍କୁ ଜୀବନରୁ ମାରି ଦେବା ପାଇଁ ଧମକ ଦେଇଥିଲେ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି । ମଙ୍ଗଳବାର ଅପରାହ୍ନ ପ୍ରାୟ ୬ଟା ସମୟରେ ଅର୍ଜୁନଙ୍କ ପୁଅ କୁଅଁର ଭାଲିଆଡିହି ଗ୍ରାମକୁ ଆସି ବାମିଆ ମୁଣ୍ଡା ଓ ଜେମ୍ସଙ୍କୁ ନେଇ ନାଳକୁ ମାଛ ମରିବା ପାଇଁ ଯାଇଥିଲେ। ନାଳରୁ ମାଛ ଧରି ଜେମ୍ସଙ୍କ ରାନ୍ଧିବା ପରେ ବାମିଆଙ୍କ ଘରେ ଖାଇଥିଲେ। ଏହି ସମୟରେ ଜେମ୍ସ ଓ କୁଅଁରଙ୍କ ମଧ୍ୟରେ ବଚସା ହୋଇଥିବା ସୂଚନା ମିଳିଛି। ପରେ କୁଅଁର ବିଳମ୍ବିତ ରାତିରେ ଜେମ୍ସଙ୍କ ଘରକୁ ଯାଇ କହିଥିଲେ ଯେ, ଜେମ୍ସ ମଦ ପିଇ ନାଳରେ ପଡିଛନ୍ତି। ଖବରପାଇ ପରିବାର ଲୋକେ ଯାଇ ଦେଖିଥିଲେ ଜେମ୍ସଙ୍କ ମୃତଦେହ ନାଳରେ ଭାସୁଛୁ ବୁଧବାର ସକାଳେ ଲହୁଣିପଡ଼ା ପୋଲିସକୁ ଖବର ଦେବାରୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲା । ଜେମ୍ସଙ୍କର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିବା ଓ କାନରୁ ରକ୍ତ ବାହାରୁଥିବା ଦେଖାଯାଇଥିଲା। ପ୍ରାଥମିକ ତଦନ୍ତରୁ ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ଅନୁମାନ କରୁଛି । ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଲହୁଣିପଡା ଡାକ୍ତରଖାନାକୁ ପଠାଇବା ସହିତ ସନ୍ଦେହରେ ତିନି ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଥିବା ସୂଚନା ମିଳୁଛି। କିନ୍ତୁ ଜେମ୍ସଙ୍କୁ ଯୋଜନା ବଦ୍ଧ ଭାବେ ହତ୍ୟା କରାଯାଇ ନାଳରେ ଫିଙ୍ଗି ଦିଆଯାଇଛି ବୋଲି ଜେମ୍ସଙ୍କ ଭାଇ ଲହୁଣିପଡା ଥାନାରେ ଅଭିଯୋଗ କରିଛନ୍ତି।

# ଗାଧୁଆ ତୁଠରେ ଛିଣ୍ଡି ପଡ଼ିଲା ବିଦ୍ୟୁତ୍ ତାର

- ୮ ମହିଳା ଆହତ, ୨ ଗୁରୁତର

**ଆସିକା,୨୨।୮(ଡି.ଏନ୍.ଏ.)**

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଗୁଡ଼ିଆଳି ଗ୍ରାମରେ ବୁଧବାର ସକାଳେ ଏକ ଦୁର୍ଘଟଣା ଘଟିଛି। ଖଦାଳ ସାହି ନିକଟ ଝୋଲାବନ୍ଧ ତୁଠ ଉପର ଦେଇ ଯାଇଥିବା ବିଦ୍ୟୁତ ତାର ଛିଣ୍ଡି ପଡ଼ିବାରୁ ଗାଧୋଉଥିବା ୧୦ ମହିଳା ଆହତ ହୋଇଛନ୍ତି। ସେମାନେ ହେଲେ ଉକ୍ତ ଗ୍ରାମର ଗ୍ରାମର ବୁଦ୍ଧି ନାଇକ, ଅପି ଦାସ, ମାୟା ଦାସ, ସୁଷମା ଦାସ, ଅର୍ପିତା ନାହାକ, ଅହଲ୍ୟା ଦାସ, ଛବି ଦାସ, ପ୍ରତିମା ଦାସ, ରୀନା ଦାସ ଓ ଶାନ୍ତି ଦାସ। ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ କବିସୂର୍ଯ୍ୟନଗର ଡାକ୍ତରଖାନାକୁ ନିଆଯାଇଥିଲା। ବୁଦ୍ଧି, ମାୟା ଓ ଅପିଙ୍କୁ ଅଧିକ ଚିକିତ୍ସା ପାଇଁ ଆସିକା ଡାକ୍ତରଖାନାକୁ ଅଣାଯାଇଥିଲା । ବୁଦ୍ଧି ଓ ମାୟାଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣା ପରେ ଗ୍ରାମରେ ବିଦ୍ୟୁତ ବିଭାଗ ପକ୍ଷରୁ ତୁରନ୍ତ ଖୋଲା ତାରକୁ ବଦଳାଯାଇ କେବୁଲ ଲାଇନ ଲଗାଯାଇଛି। ଗୁଡ଼ିଆଳି ଗ୍ରାମରେ ବହୁବାର ବିଦ୍ୟୁତ୍ ତାର ଛିଣ୍ଡୁଥିବା ନେଇ ପୂର୍ବରୁ ଅଭିଯୋଗ ହୋଇ ଆସୁଥିଲା। ଖୋଲାତାର ବଦଳରେ କେବୁଲ ଲାଇନ ପକାଇବା ନିମନ୍ତେ ଗ୍ରାମବାସୀ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିଲେ। ହେଲେ ବିଦ୍ୟୁତ ବିଭାଗ ଏଥିପ୍ରତି ଧ୍ୟାନ ନ ଦେଇ ନ ଥିଲା। ଯାହାଫଳରେ ଏପରି ଦୁର୍ଘଟଣା ଘଟିଥିବା ଆହତମାନଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଏ ନେଇ କବିସୂର୍ଯ୍ୟନଗର ବିଦ୍ୟୁତ ବିଭାଗ ଏସଡିଓ ରାଜକିଶୋର ବଲ୍ଲଭ କହିଛନ୍ତି, ପୋଖରୀଠାରୁ ଅଳ୍ପ ଦୂରରେ ଥିବା ଏକ ଟ୍ରାନ୍ସଫର୍ମରରୁ ଏଲଟି ଲାଇନ ସଂଯୋଗ ହୋଇଥିଲା । ମାଙ୍କଡ ଡେଇଁବାରୁ ତାର ଛିଣ୍ଡି ପଡିଥିଲା। ତୁରନ୍ତ ଉକ୍ତ ତାରକୁ ବଦଳାଇ ଦିଆଯାଇଛି।

# ଚପଲ ଉଦ୍ୟୋଗ ଉଦ୍‌ଘାଟନ କଲେ ଜିଲାପାଳ

**ବଡଗାଁ, ୨୨।୮ (ଡି.ଏନ.ଏ.)**

ରାଜ୍ୟ ସରକାର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ସହଯୋଗ ଯୋଗାଇ ଦେଉଛନ୍ତି । ଏହାଦ୍ୱାରା ଗ୍ରାମୀଣ ମହିଳାମାନେ କିପରି ସ୍ୱବଲମ୍ବୀ ହୋଇପାରୁଛନ୍ତି ତାର ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅନ୍ତର୍ଗତ ସାହାଜବାହାଲ ଗ୍ରାମର ଓମ୍ ସାଇ ରାମ ଉତ୍ପାଦକ ଗୋଷ୍ଠି ମହିଳା। ୨୦୧୪ରେ କେତେ ଜଣ ମହିଳାଙ୍କୁ ନେଇ ଆରମ୍ଭ ହୋଇଥିଲା ସ୍ୱୟଂ ସହାୟକ ଗୋଷ୍ଠି । ଏହି ଗୋଷ୍ଠିର ମହିଳାମାନେ ସଞ୍ଚିତ ଅର୍ଥରେ ପ୍ରଥମେ ଆରମ୍ଭ କରିଥିଲେ ଖଲିଦନା ତିଆରି କୁଟିର ଶିଳ୍ପ। ମହିଳାମାନଙ୍କ ଆଗ୍ରହ ଓ ପରିଶ୍ରମ ଯୋଗୁ ସେମାନେ ବୁଧବାର ଉତ୍ପାଦକ ଗୋଷ୍ଠି ଗଠନ କରି ଚପଲ ଉଦ୍ୟୋଗ ସ୍ଥାପନ କରିପାରିଛନ୍ତି । ବୁଧବାର ପୂର୍ବାହ୍ନରେ ସୁନ୍ଦରଗଡ ଜିଲାପାଳ ସୁରେନ୍ଦ୍ର ମୀନା ଏହାକୁ ଉଦ୍‌ଘାଟନ କରିଛନ୍ତି । ୯୦ ହଜାର ଟଙ୍କା ବ୍ୟୟରେ ସ୍ଥାପିତ ଏହି ଉଦ୍ୟୋଗ ପରିଚାଳନା କରିବା ପାଇଁ ଓରମାସ ପକ୍ଷରୁ ଦକ୍ଷତା ବିକାଶ ତାଲିମ ଦିଆଯାଇଛି । ମହିଳାମାନେ କଳାହାଣ୍ଡି ଯାଇ ଚପଲ ତିଆରି ସମ୍ବନ୍ଧୀୟ ଜ୍ଞାନ ଆହରଣ କଲା ପରେ ଡିଆରଡିଏ ଏବଂ ଓରମାସ ସହଯୋଗରେ ଉଦ୍ୟୋଗ ସ୍ଥାପନ କରାଯାଇଛି । ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଡିଓ ସୁଶାନ୍ତ ସିଂ, ଓରମାସର ସହକାରୀ ନିର୍ଦ୍ଦେଶକ ସୌରଭମୟ ଦାସ, ବିପିଏମ ଜେମ୍ସ ତିର୍କୀ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନ କଲାପରେ ଜିଲାପାଳ ଉଦ୍ୟୋଗ ପରିଚାଳନା ପାଇଁ ୱାର୍କିଂ କେପିଟାଲ ବାବଦରେ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଦେବାକୁ ଘୋଷଣା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏଲଏସପି ପଦ୍ମଲୋଚନ ନାଏକଙ୍କ ସହିତ ଗୋଷ୍ଠି ମହିଳାମାନେ ଉପସ୍ଥିତ ଥିଲେ ।



ଜଣେ ମହିଳା ଚପଲ ତିଆରି କରିବାର କୌଶଳ ଜିଲାପାଳଙ୍କୁ ଦେଖାଉଛନ୍ତି।

### ଏମାନେ ଯାହା କହନ୍ତି...



ଆମେ କେତେକ ମହିଳା ପ୍ରଥମେ ଏସଏଚଜି ଗଠନ କରି ଆର୍ଥିକ ସ୍ଥିତି ସାମାନ୍ୟ ଦୃଢ଼ ହେଲାପରେ ଖଲିଦନା ତିଆରି କଲୁ । ଏହାପରେ ଆମର ଅଧିକ କିଛି କରିବାକୁ ଆଗ୍ରହ ବଢ଼ିଲା । ସମସ୍ତେ ମିଶି ଚପଲ ଉଦ୍ୟୋଗ ନିର୍ମାଣ ପାଇଁ ନିଷ୍ପତ୍ତି ନେଲୁ । ବିଭାଗୀୟ ଜିଲା ଅଧିକାରୀ (ଡିପିଏମ) ଦାସ ବାବୁ ଓ ବିପିଏମ ତିର୍କୀ ବାବୁ ବହୁତ ସହଯୋଗ କରିଛନ୍ତି ଓ ମାର୍ଗ ଦର୍ଶନ ଦେଇଛନ୍ତି ।

**- ପ୍ରମୋଦିନୀ ପଟେଲ, ଉତ୍ପାଦକ ଗୋଷ୍ଠୀ ସଭାନେତ୍ରୀ**



ବିଭାଗୀୟ ଅଧିକାରୀମାନଙ୍କ ସହଯୋଗ ଯୋଗୁ ଆମେ ଆଜି ଏହି ସ୍ତରରେ ପହଞ୍ଚି ପାରିଛୁ। ପିଡି ଡିଆରଡିଏଙ୍କୁ ଡିପିଏମ ଦାସ ସାର ଡାକି ଆଣି ଦେଖାଇବା ସହ ଅଧିକାରୀମାନେ ଚପଲ ଉଦ୍ୟୋଗ କରିବାକୁ ଆଗ୍ରହୀ ହେଲେ । ଜିଲାପାଳ ୱାର୍କିଂ କେପିଟାଲ ବାବଦରେ ୧୦ ହଜାର ଘୋଷଣା କରିଥିବାରୁ ଆମେ ବହୁତ ଖୁସି ।

**- କମଳିନୀ ନାଏକ, ସମ୍ପାଦିକା**



ଆମେ ୪ଟି ଏସଏଚଜିକୁ ନେଇ ଗୋଷ୍ଠି ଗଠନ କରିଥିଲୁ। ୨୦୧୪ରେ ଓରମାସ ଏବଂ ଓ ଏଲଏମର ତତ୍ତ୍ୱାବଧାନରେ ଆରମ୍ଭ କଲା ପରେ ସଞ୍ଚିତ ୫୦ହଜାର ଟଙ୍କାରେ ଖଲି ଦନା ତିଆରି ଆରମ୍ଭ କରିଥିଲୁ । ଏହାପରେ ସରକାରୀ ଅଧିକାରୀମାନେ ଆମକୁ ଗାଇଡ କଲେ, ପ୍ରଶିକ୍ଷଣ, ତାଲିମ ଦେଲେ ଓ ସମସ୍ତ ପ୍ରକାର ସହଯୋଗ ଦେବାରୁ ଏବଂ ଆମ ଗୋଷ୍ଠି ମହିଳାଙ୍କ ଉଦ୍ୟମ, ପରିଶ୍ରମ ଯୋଗୁ ଉଦ୍ୟୋଗ ଟିଏ କରିପାରିଛୁ ।

**- ପ୍ରମିଳା ବାରିକ, ସଭ୍ୟା**



ଆମେ ୪ଟି ଏସଏଚଜିକୁ ନେଇ ଗୋଷ୍ଠୀ ଗଠନ କରିଥିଲୁ। ୨୦୧୪ରେ ଓରମାସ ଏବଂ ଓ ଏଲଏମର ତତ୍ତ୍ୱାବଧାନରେ ଆରମ୍ଭ କଲା ପରେ ସଞ୍ଚିତ ୫୦ହଜାର ଟଙ୍କାରେ ଖଲି ଦନା ତିଆରି ଆରମ୍ଭ କରିଥିଲୁ । ଏହାପରେ ସରକାରୀ ଅଧିକାରୀମାନେ ଆମକୁ ଗାଇଡ କଲେ, ପ୍ରଶିକ୍ଷଣ, ତାଲିମ ଦେଲେ ଓ ସମସ୍ତ ପ୍ରକାର ସହଯୋଗ ଦେବାରୁ ଏବଂ ଆମ ଗୋଷ୍ଠି ମହିଳାଙ୍କ ଉଦ୍ୟମ, ପରିଶ୍ରମ ଯୋଗୁ ଉଦ୍ୟୋଗ ଟିଏ କରିପାରିଛୁ ।

**- ମୀନାରାଣୀ ନାଏକ, କୋଷାଧ୍ୟକ୍ଷା**

# ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା



ଜଣେ ଛାତ୍ରୀ ତାଙ୍କର ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

**ଲହୁଣିପଡା,୨୨।୮(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ଲହୁଣିପଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏହାକୁ ଲହୁଣିପଡା ଡାକ୍ତରଖାନାର ଡା. ଶୁଧାଂଶୁଶେଖର ସାହୁ ଉଦ୍‌ଘାଟନ କରିଥିଲେ । ଏହି ଜ୍ଞାନ ବିଜ୍ଞାନ ମେଳାରେ କିଶୋର ବର୍ଗ, ବାଲ ବର୍ଗ, ଶିଶୁ ବର୍ଗ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବର୍ଗର ମୋଟ ୮୨ଟି ପ୍ରକଳ୍ପ ଅଂଶ ଗ୍ରହଣ କରିଥିଲେ । ଏଥିରେ ବିଚାରକ ଭାବେ ମନୋରମା ମାହାନ୍ତ, ସ୍ନିଗ୍ଧାରାଣୀ ମାହାନ୍ତ ଯୋଗଦେଇଥିଲେ । ପ୍ରତ୍ୟେକ ବର୍ଗରେ ପ୍ରଥମ ସ୍ଥାନ ଗ୍ରହଣ କରିଥିବା ପ୍ରକଳ୍ପକୁ ଆସନ୍ତା ୨୪,୨୫ରେ ହେବାକୁ ଥିବା ସଂକୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳାରେ ଅଂଶ ଗ୍ରହଣ କରିବେ ବୋଲି ସୂଚନା ମିଳିଛି। ଏହି ଜ୍ଞାନବିଜ୍ଞାନ ମେଳାଟି ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ନିରୋଦ ଚନ୍ଦ୍ର ଦିକ୍ଷିତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା ।

# ଅଞ୍ଚଳରେ ବ୍ୟାପୁଛି ଫାଟୁଆ ରୋଗ

**କୋଲାବିରା,୨୨।୮ (ଡି.ଏନ.ଏ)**

ପରିବେଶ ସନ୍ତୁଳନ ତଥା ବିଭିନ୍ନ ଦିଗରେ ସହାୟକ ହେବା ପାଇଁ ପ୍ରାଣୀ ସମ୍ପଦର ଯଥେଷ୍ଟ ଆବଶ୍ୟକତାକୁ ନେଇ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ମାତ୍ର ଏହାର ସୁବିନିଯୋଗ ଏବଂ ଅନିୟମିତତା କାରଣରୁ ଏହା ପ୍ରହସନରେ ପରିଣତ ହୋଇଛି। ଏଭଳି ସ୍ଥିତିରେ ରହିଛି ଝାରସୁଗୁଡା ଜିଲା କୋଲାବିରା ବ୍ଲକର ପ୍ରାଣୀଧନ ଚିକିତ୍ସା ବିଭାଗ। ଏବେ ଗାଇ ଗୋରୁ ଫାଟୁଆ ରୋଗରେ ଆକ୍ରାନ୍ତ ହେଉଥିବା ଦେଖିବାକୁ ମିଳୁଛି। ତେବେ ପ୍ରାଣୀ ବିଭାଗ ପକ୍ଷରୁ ସେତେଟା ତତ୍ପରତା ପ୍ରକାଶ ପାଉ ନ ଥିବା ଅଭିଯୋଗ ହେଉଛି। ଝାରସୁଗୁଡା ଜିଲା କୋଲାବିରା ଅଞ୍ଚଳରେ ଫାଟୁଆ ରୋଗ ବ୍ୟାପିବାରେ ଲାଗିଛି। ଦୁଧିଆଳି ଗାଇ ଏଥିରେ ଆକ୍ରାନ୍ତ ହୋଇଛନ୍ତି। ଏନେଇ ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ରୋଗକୁ ପ୍ରତିହତ କରିବା ପାଇଁ ପ୍ରତିଷେଧକ ଟୀକା ଦିଆଯାଇଥିଲେ ମଧ୍ୟ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧିପାଇ ଚାଲିଥିବାରୁ ଦୁଗ୍ଧ ଚାଷୀମାନେ ଭାଲେଣିରେ ପଡିଛନ୍ତି। କୋଲାବିରା ବ୍ଲକ ସନ୍ୟାସୀପାଲି, ପଟ୍ଟାପଡା, ସାହ୍ଲେପାଲି ଆଦି ଅଞ୍ଚଳରେ ଫାଟୁଆ ରୋଗର ପ୍ରାର୍ଦୁଭାବ ଦେଖାଦେଇଛି। ପୂର୍ବରୁ ପାଇକପଡା, ସିଂହିବାହାଲ, ଝିଲ୍ଲାପାଲି ଅଞ୍ଚଳରେ ଅଜଣା ରୋଗରେ ଗୋରୁଗାଇଙ୍କ ମୃତ୍ୟୁପରେ ଗାଁଗାଁ ବୁଲି ପ୍ରାଣୀ ଚିକିତ୍ସା ଅଧିକାରୀ, ପ୍ରାଣୀ ନିରୀକ୍ଷକମାନେ ପ୍ରତିଷେଧକ ଟୀକା ଯୋଗାଇ ଦେଇଥିଲେ। ଅସୁସ୍ଥ ଗାଇଗୋରୁଙ୍କ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷାଗାରକୁ ପଠାଯାଇଥିଲା। ଚିକିତ୍ସା ଓ ପ୍ରତିଷେଧକ ଟୀକା ଦେବା ପରେ ରୋଗ ନିୟନ୍ତ୍ରଣାଧିନ ରହିଥିଲା। ବର୍ତ୍ତମାନ ଗାଇଗୋରୁଙ୍କୁ ଫାଟୁଆ ରୋଗ ଧରିଛି। ଏଦିଗରେ ପ୍ରାଣୀ ବିଭାଗ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି।